# ଧରିତ୍ରୀ
DHARITRI

ସମ୍ବଲପୁର, ଶନିବାର, ମାର୍ଚ୍ଚ ୯/୨୦୧୯ (୨୦ ପୃଷ୍ଠା + ପିଲାଙ୍କ ଧରିତ୍ରୀ) Sambalpur, Saturday, March 9 / 2019 ★★

୧୫ଶ ଭାଗ ୮୩ ସଂଖ୍ୟା www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada ମୂଲ୍ୟ ₹ ୪/-



ଓଡ଼ିଶା ସରକାର

DSPL-493

## କାଳିଆ
କୃଷି କଲେ ଉନ୍ନତ ସକଳ ଉନ୍ନତି

## ଚାଷୀ ମହାସମାବେଶ
**କନ୍ଧମାଳ**
୯ ମାର୍ଚ୍ଚ ୨୦୧୯ ଶନିବାର

**ମାର୍ଚ୍ଚ ୨୦** ପର୍ଯ୍ୟନ୍ତ ପ୍ରତି ଗ୍ରାମ ପଞ୍ଚାୟତରେ ପ୍ରଦର୍ଶିତ ହେବ **ତୃତୀୟ ପର୍ଯ୍ୟାୟ** ହିତାଧିକାରୀ ତାଲିକା

ସମସ୍ତ ଯୋଗ୍ୟ ହିତାଧିକାରୀଙ୍କୁ ମିଳିବ **ଏପ୍ରିଲ ୧ରୁ କାଳିଆ** ସହାୟତା



"ଜଣେ ବି ଯୋଗ୍ୟ ଚାଷୀ ଯେପରି କାଳିଆ ଯୋଜନାରୁ ବଞ୍ଚିତ ନହେବ ତା ଉପରେ ମୁଁ ନଜର ରଖୁଛି ।"

ନବୀନ ପଟ୍ଟନାୟକ

କାଳିଆ ଛାତ୍ରବୃତ୍ତି
ପିଲାଙ୍କ ଉନ୍ନତ ଭବିଷ୍ୟତ

## କାଳିଆ ଛାତ୍ରବୃତ୍ତି

ଯୋଗ୍ୟ ଶିକ୍ଷାର୍ଥୀ ଆବେଦନ କରନ୍ତୁ
kalia.co.in/scholarship

39001/13/0033/1819




# ବିକାଶ ହସ୍ପିଟାଲ ଅଞ୍ଚଳବାସୀଙ୍କ ପାଇଁ ବରଦାନ ହେଉ: ରାଜ୍ୟପାଳ



ବିକାଶ ହସ୍ପିଟାଲର ଉଦଘାଟନୀ ସମାରୋହ ଅବସରରେ ରାଜ୍ୟପାଳଙ୍କୁ ସ୍ମାରକପତ୍ର ପ୍ରଦାନ କରାଯାଉଛି।

**ବରଗଡ଼ ଅଫିସ୍,୮।୩**

ବରଗଡ଼ ସହର ଉପକଣ୍ଠ ବରାହଗୋଡ଼ାସ୍ଥିତ ବିକାଶ ମଲ୍ଟି ସ୍ପେଶିଆଲିଟି ହସ୍ପିଟାଲ ଶୁକ୍ରବାର ଉଦ୍‌ଘାଟିତ ହୋଇଯାଇଛି । ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ ଏହାକୁ ଉଦ୍‌ଘାଟନ କରିବା ସହିତ ଏହି ହସ୍ପିଟାଲ ଆଗାମୀ ଦିନରେ ଅଞ୍ଚଳବାସୀଙ୍କ ପାଇଁ ବରଦାନ ହେଉ ବୋଲି ମତବ୍ୟକ୍ତ କରିଥିଲେ । ସେହିପରି ପ୍ରଗାଢ଼ ଇଚ୍ଛାଶକ୍ତି, ମନୋବଳ ଏବଂ ଉତ୍ତମ ସମ୍ପର୍କ ସହିତ ସମାଜ କଲ୍ୟାଣ କରିବାର ଆଗ୍ରହ ପାଇଁ ରାଜ୍ୟପାଳ ବିକାଶ କର୍ତ୍ତୃପକ୍ଷଙ୍କୁ ସାଧୁବାଦ ଜଣାଇଥିଲେ । ଆନ୍ତର୍ଜାତିକ ମହିଳା ଦିବସ ଅବସରରେ ରାଜ୍ୟପାଳ ତାଙ୍କ ଅଭିଭାଷଣରେ ଉପସ୍ଥିତ ସମସ୍ତ ମହିଳା, ଶିକ୍ଷୟିତ୍ରୀ, ଛାତ୍ରୀଛାତ୍ରଙ୍କୁ ରାଜ୍ୟପାଳ ଶୁଭେଚ୍ଛା ଦେବା ସହିତ ସମାଜରେ ନାରୀର ଭୂମିକା, ଶକ୍ତି, ସାମର୍ଥ୍ୟ ଓ କର୍ତ୍ତବ୍ୟବୋଧକୁ ମଧ୍ୟ ଉଚ୍ଚ ପ୍ରଶଂସା କରିଥିଲେ ।

ହସ୍ପିଟାଲର ନିର୍ଦ୍ଦେଶକ ହିମାଂଶୁ ଶେଖର ମିଶ୍ର ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ । ଏହି ସମାରୋହରେ ବରଗଡ଼ ବିଧାୟକ ତଥା ଜିଲା ଯୋଜନା କମିଟି ଅଧ୍ୟକ୍ଷ ଦେବେଶ ଆଚାର୍ଯ୍ୟ ସମ୍ମାନିତ ଅତିଥି ଭାବେ ଯୋଗଦେଇ ହସ୍ପିଟାଲର ଉତ୍ତରୋତ୍ତର ଉନ୍ନତି କାମନା କରିଥିଲେ । ଏହା ସହିତ ହସ୍ପିଟାଲରେ ବିଭିନ୍ନ ସରକାରୀ ଯୋଜନା ଗୁଡ଼ିକୁ ଜନସାଧାରଣଙ୍କ ପାଇଁ ଉପଲବ୍ଧ କରିବାକୁ ପରାମର୍ଶ ଦେଇଥିଲେ। ଏହି ଉତ୍ସବକୁ ବିକାଶ ଗ୍ରୁପର ଡାଇରେକ୍ଟର(ଆଡ଼ମିନିଷ୍ଟ୍ରେଶନ) ଡି. ନାଗେଶ୍ୱର ରାଓ ପରିଚାଳନା କରିଥିବାବେଳେ ମ୍ୟାନେଜିଂ ଡାଇରେକ୍ଟର ଜି. ଭାସ୍କର ରାଓ ପରିଚୟ ପ୍ରଦାନ କରିଥିଲେ। ଉତ୍ସବରେ ବିକାଶ ଗ୍ରୁପର ନିର୍ଦ୍ଦେଶକ ଡଃ ସମରେନ୍ଦ୍ରନାଥ ପଣ୍ଡା ହସ୍ପିଟାଲର ଚିଫ୍ ଆଡ଼ମିନିଷ୍ଟ୍ରେଟିଭ୍ ଅଫିସର ଡା. ରବି କୁମାର, ଇନୋଦୟ ହସ୍ପିଟାଲର ଚେୟାରମ୍ୟାନ ଡା. ଜି. ରାମମୋହନ ପ୍ରମୁଖ ମଞ୍ଚାସୀନ ଥିଲେ । ସମସ୍ତଙ୍କର ସହଯୋଗ ଓ ଶୁଭେଚ୍ଛା ଦ୍ୱାରା ଏହି ହସପିଟାଲ ଏକ ଆଦର୍ଶ ହସପିଟାଲ ଭାବେ ଅଞ୍ଚଳବାସୀଙ୍କ ଆବଶ୍ୟକତାକୁ ପରିପୂର୍ଣ୍ଣ କରି ପାରିବ ବୋଲି ବିକାଶ ଗ୍ରୁପର ଚେୟାରମ୍ୟାନ କ୍ରୀଷ୍ଣା ମତବ୍ୟକ୍ତ କରିଥିଲେ । ଭବିଷ୍ୟତରେ ବିକାଶ ଶିକ୍ଷାନୁଷ୍ଠାନକୁ ବିକାଶ ବିଶ୍ୱବିଦ୍ୟାଳୟରେ ପରିଣତ କରିବା ପାଇଁ ଆଶାବାଦୀ ବୋଲି ସେ ପ୍ରକାଶ କରିଥିଲେ ।

ବିକାଶ ଷ୍ଟାଡ଼ିୟମ ହେଲିପ୍ୟାଡ଼ରେ ରାଜ୍ୟପାଳ ପହଞ୍ଚିବା ପରେ ବିକାଶ ପରିଚାଳନା କମିଟି ଚେୟାରମ୍ୟାନ ଡି. ମୁରଲିକ୍ରୀଷ୍ଣାଙ୍କ ସମେତ ଅନ୍ୟ ସଦସ୍ୟବୃନ୍ଦ, ବରଗଡ଼ ଜିଲାପାଳ ଇନ୍ଦ୍ରମଣି ତ୍ରିପାଠୀ, ଏସ୍‌ପି ମୁକେଶ କୁମାର ଭାମୁ ଓ ଅନ୍ୟ ପ୍ରଶାସନିକ ଅଧିକାରୀମାନେ ତାଙ୍କୁ ସ୍ୱାଗତ ଜଣାଇଥିଲେ । ବିକାଶ ପରିସରରେ ଆନ୍ତର୍ଜାତିକ ମହିଳା ଦିବସ ଅବସରରେ ଅନୁଷ୍ଠାନର ସମସ୍ତ ୱିଙ୍ଗ୍‌ର ଛାତ୍ରୀ, ଶିକ୍ଷୟିତ୍ରୀମାନେ ରାଜ୍ୟପାଳଙ୍କୁ ସ୍ୱାଗତ କରିବା ସହିତ ଶୁଭେଚ୍ଛା ଜଣାଇଥିଲେ । ପରେ ବିକାଶ ହସ୍ପିଟାଲର ସମସ୍ତ ଡାକ୍ତର, ଅନ୍ୟ କର୍ମଚାରୀମାନେ ରାଜ୍ୟପାଳଙ୍କୁ ପାଛୋଟି ନେଇଥିଲେ। ଏହାପରେ ରାଜ୍ୟପାଳ ହସ୍ପିଟାଲର ଉଦ୍‌ଘାଟନୀ ଫଳକ ଅନାବରଣ କରିବା ସହିତ ହସ୍ପିଟାଲର ବିଭିନ୍ନ ବିଭାଗ ବୁଲି ଦେଖିଥିଲେ। ବରଗଡ଼ ଅଞ୍ଚଳର ଡାକ୍ତରବୃନ୍ଦ, ବୁଦ୍ଧିଜୀବୀ, ଶୁଭେଚ୍ଛୁ, ବିକାଶ ଶିକ୍ଷାନୁଷ୍ଠାନର ସମସ୍ତ ଅଧ୍ୟକ୍ଷ, ଉପାଧ୍ୟକ୍ଷ, ଅଧ୍ୟାପିକା, ଅଧ୍ୟାପକ, ଅଭିଭାବକମାନେ ଉପସ୍ଥିତ ଥିଲେ। ଉକ୍ତ ଉତ୍ସବରେ କାକିନାଡ଼ାସ୍ଥିତ ଇନୋଦୟ ହସ୍ପିଟାଲର ଚେୟାରମ୍ୟାନ ଡା. ଜି. ରାମମୋହନଙ୍କୁ ହସ୍ପିଟାଲକୁ ବାସ୍ତବ ରୂପ ଦେବାରେ ସାହାଯ୍ୟ କରିଥିବାରୁ ସ୍ମୃତିଫଳକ ଓ ଉପଢ଼ୌକନ ସହିତ ସମ୍ମାନିତ କରାଯାଇଥିଲା। ହସ୍ପିଟାଲ ନିର୍ମାଣରେ ସାହାର୍ଯ୍ୟ କରିଥିବା ବ୍ୟକ୍ତିବିଶେଷଙ୍କୁ ମଧ୍ୟ ସ୍ମୃତିଫଳକ ଦେଇ ସମ୍ମାନିତ କରାଯାଇଥିଲା । ଉକ୍ତ କାର୍ଯ୍ୟକ୍ରମକୁ ସଫଳ କରିବାରେ ବିକାଶ ସ୍କୁଲ ଅଫ ବିଜିନେସ ମ୍ୟାନେଜମେଣ୍ଟର ଅଧ୍ୟକ୍ଷ ଡଃ କ୍ଷୀରୋଦ କୁମାର ପ୍ରଧାନ, ବିକାଶ ଡିଗ୍ରୀ କଲେଜର ଉପାଧ୍ୟକ୍ଷା ପୁଷ୍ପିତା ପଣ୍ଡା, ବିକାଶ ଇନଷ୍ଟିଚ୍ୟୁଟ ଅଫ ଟେକ୍ନୋଲୋଜିର ଆଡ଼ମିନିଷ୍ଟ୍ରେଟର ଇଂ ପୂର୍ଣ୍ଣେନ୍ଦୁ ମିଶ୍ର, ବିକାଶ ସ୍କୁଲ ଅଫ ବିଜିନେସ ମ୍ୟାନେଜମେଣ୍ଟର ଆଡ଼ମିନିଷ୍ଟ୍ରେଟର ଆରଏସଭି କ୍ରୀଷ୍ଣା, ବିକାଶ ଇନଷ୍ଟିଚ୍ୟୁଟ୍ ଫର୍ ସୋସିଆଲ ୱେଲଫେୟାରର ଆଡ଼ମିନିଷ୍ଟ୍ରେଟର ପ୍ରବୀଣ ଦୋରା ପ୍ରମୁଖ ସକ୍ରିୟ ଅଂଶଗ୍ରହଣ କରିଥିଲେ ।



ଧରିତ୍ରୀ
DHARITRI
ସମ୍ବଲପୁର, ଶନିବାର, ମାର୍ଚ୍ଚ ୯/୨୦୧୯ | Sambalpur, Saturday, March 9 / 2019 | ପୃଷ୍ଠା-୧



## ଅଧିନାୟକଭାବେ କୋହଲିଙ୍କ ରେକର୍ଡ

କ୍ୟାରିୟରର ୪୧ତମ ଦିନିକିଆ ଶତକ ସହ ବିରାଟ କୋହଲି ଅଧିନାୟକଭାବେ ଏକଦିବସୀୟ କ୍ରିକେଟରେ ଦ୍ରୁତ ୪୦୦୦ ରନ ପୂରଣ କରି ରେକର୍ଡର ଅଧିକାରୀ ହୋଇଛନ୍ତି । ୧୭

## ‘କଳଙ୍କ’ରେ ଆଲିଆଙ୍କ ନୂଆ ଚାହାଣି

୦୫ ଅନ୍ତର୍ଜାତୀୟ ମହିଳା ଦିବସ ଅବସରରେ ଫିଲ୍ମ ନିର୍ମାତା କରନ୍ ଜୋହର ‘କଳଙ୍କ’ରେ ଅଭିନେତ୍ରୀ ଆଲିଆ ଭଟ୍ଟଙ୍କ ନୂଆ ଚାହାଣି ଅନାବରଣ କରିଛନ୍ତି ।



ଆପଣଙ୍କ ଏହି କପି ସହିତ ପାଇବେ ପିଲାଙ୍କ ଧରିତ୍ରୀ




ହକର ଭାଇଙ୍କଠାରୁ ମାଗି ନିଅନ୍ତୁ

# ପୋଲିସ ହାତରେ ବ୍ରାଉନ୍ ସୁଗାର



ପୋଲିସ ଡ୍ରାଇଭର ମାଡ ଖାଇବା ପରେ ତାଙ୍କୁ ଥାନାକୁ ନିଆଯାଉଛି ।




୩ ବ୍ରାଉନ ସୁଗାର ବେପାରୀଙ୍କୁ ବାନ୍ଧି ମାଡ ମାରୁଛନ୍ତି ବସ୍ତିବାସିନ୍ଦା ।

- ବାରମ୍ବାର ଅଭିଯୋଗ ସତ୍ତ୍ୱେ ଶୁଣିଲାନି ପୋଲିସ
- ଆଇନ ହାତକୁ ନେଲେ ବସ୍ତି ବାସିନ୍ଦା
- ବ୍ରାଉନ୍ ସୁଗାର ବେପାରୀଙ୍କୁ ଖୁଣ୍ଟରେ ବାନ୍ଧି ପିଟିଲେ
- ଥାନା ଡ୍ରାଇଭର ବି ଛେଚା ଖାଇଲେ

ଭୁବନେଶ୍ୱର,୮।୩ (ବ୍ୟୁରୋ)

ଜବତ ଆଳରେ ପୋଲିସ ବ୍ରାଉନ୍ ସୁଗାର ଲୁଚାଇବା ଘଟଣାରେ ଧରାପଡ଼ି ସ୍ଥାନୀୟ ଲୋକଙ୍କଠାରୁ ଛେଚା ଖାଇଛି । ଏଥିସହ ଲୋକେ ବ୍ରାଉନ ସୁଗାର କାରବାର କରୁଥିବା ୩ ଯୁବକଙ୍କୁ ମଧ୍ୟ ଏକ ଖୁଣ୍ଟରେ ବାନ୍ଧି ନିର୍ଘୂମ ପିଟିଛନ୍ତି । ଶୁକ୍ରବାର ଏଭଳି ଘଟଣା ନୟାପଲ୍ଲୀ ଥାନା ଅଧୀନ ସାଲିଆସାହିରେ ଘଟିଛି ।

ସାଲିଆସାହି ଅଞ୍ଚଳରେ ଖୋଲାଖୋଲି ଭାବେ ବ୍ରାଉନ୍ ସୁଗାର କାରବାର ଚାଲିଛି । ଏହାକୁ ବନ୍ଦ କରିବା ପାଇଁ ବସ୍ତି ବାସିନ୍ଦା ବାରମ୍ବାର ଥାନାରେ ଅଭିଯୋଗ କରିଥିଲେ । ପୋଲିସ କୌଣସି କାର୍ଯ୍ୟାନୁଷ୍ଠାନ ନ ନେବାରୁ ଶେଷରେ ବସ୍ତି ବାସିନ୍ଦା ଆଇନ ହାତକୁ ନେଇଛନ୍ତି । ବ୍ରାଉନ୍ ସୁଗାର ବ୍ୟବସାୟ କରୁଥିବା ୩ ଯୁବକଙ୍କୁ ସେମାନେ କାବୁ କରି ଏକ ଖୁଣ୍ଟରେ ବାନ୍ଧି ନିର୍ଘାତ ମାଡ଼ ମାରିଛନ୍ତି । ଥାନାର ଡ୍ରାଇଭର ପ୍ରମୋଦ ରାଉତ ବ୍ରାଉନ ସୁଗାର ଜବତ କରିବା ଆଳରେ ଲୁଚାଇ ରଖିଥିବା ଜଣାପଡ଼ିବା ପରେ ତାଙ୍କୁ ଲୋକେ ଉତ୍ତମ ମଧ୍ୟମ ଦେଇଛନ୍ତି । ଖବର ପାଇ ଥାନା ଅଧିକାରୀ ଅରୁଣ ସ୍ୱାଇଁ ଘଟଣାସ୍ଥଳରେ ପହଞ୍ଚି ୩ ବ୍ରାଉନ୍ ସୁଗାର ବେପାରୀଙ୍କୁ ଥାନାକୁ ଆଣିବା ସହ ପ୍ରମୋଦଙ୍କୁ ଉଦ୍ଧାର କରି ହସ୍ପିଟାଲ ପଠାଇଥିଲେ । ଗିରଫ ଅଭିଯୁକ୍ତମାନେ ହେଲେ ଡମଣାର ଦୀପ୍ତିରଞ୍ଜନ ସାହୁ, ଏକାମ୍ରବିହାରର କେଶବ ଜେନା ଓ ସାଲିଆସାହି ହାତିଆଶୁଣିର ତପନ ନାୟକ । ସେମାନଙ୍କ ନିକଟରୁ ୩.୨ ଗ୍ରାମ ବ୍ରାଉନ ସୁଗାର ପୋଲିସ ଜବତ କରିଛି ।

ସୂଚନା ଅନୁଯାୟୀ, ଗିରଫ ଯୁବକମାନେ ଏକ ଅଟୋରେ ବସି ବ୍ରାଉନ ☞ପୃଷ୍ଠା-୨

## ଜୟପୁର ସମାବେଶରେ ରାହୁଲ ଗାନ୍ଧୀ

# ‘ଅଫିସର ଚଳାଉଛନ୍ତି ସରକାର’

- ରାଫାଲ ପ୍ରସଙ୍ଗ: ହାଲ୍ କଥା ଉଠାଇ ମୋଦିଙ୍କୁ ଟାର୍ଗେଟ୍



ସମାବେଶରେ କଂଗ୍ରେସ ଅଧ୍ୟକ୍ଷ ରାହୁଲ ଗାନ୍ଧୀ ଉଦ୍‌ବୋଧନ ଦେଉଛନ୍ତି ।

### ପ୍ରତିଶ୍ରୁତିର ଲମ୍ବା ତାଲିକା ବାଢ଼ିଲେ

- କ୍ଷମତାକୁ ଆସିଲେ ମହିଳା ସଂରକ୍ଷଣ ବିଲ୍ ପାସ୍ କରିବୁ
- କୃଷିଋଣ ଛାଡ଼, ଧାନ ଏମ୍‌ଏସ୍‌ପି ୨୫୦୦ ଟଙ୍କା
- ଓଡ଼ିଶାରେ ବାଳିକା, ଯୁବତୀଙ୍କୁ ମାଗଣା ଶିକ୍ଷା
- ବିଧବା ଭତ୍ତା ୨ ହଜାର ଟଙ୍କା

ଜୟପୁର,୮।୩(ଡି.ଏନ୍.ଏ./ନି.ପ୍ର.)

ଓଡ଼ିଶାରେ ମୁଖ୍ୟମନ୍ତ୍ରୀ ଶାସନ କରୁନାହାନ୍ତି । ବରଂ ୪ରୁ ୫ ଜଣ ଅଫିସରଙ୍କ ଦ୍ୱାରା ପରିଚାଳିତ ହେଉଛନ୍ତି ରାଜ୍ୟ ସରକାର । ରାଫାଲ ପ୍ରସଙ୍ଗରେ ମୋଦି ସରକାର ସୁନାବେଡ଼ା ସ୍ଥିତ ହାଲ୍ ବଦଳରେ ଅମ୍ବାନୀଙ୍କୁ ଅନୁକମ୍ପା ଦେଖାଇ ସ୍ଥାନୀୟ ଯୁବତୀ ଯୁବକଙ୍କୁ ବେକାର କରିଛନ୍ତି । କଂଗ୍ରେସ ଅଧ୍ୟକ୍ଷ ରାହୁଲ ଗାନ୍ଧୀ କୋରାପୁଟ ଜିଲା ଜୟପୁର ସମାବେଶକୁ ଶୁକ୍ରବାର ସମ୍ବୋଧିତ କରି ଉଭୟ ରାଜ୍ୟ ଓ କେନ୍ଦ୍ର ସରକାରଙ୍କୁ ଏହିଭଳି କହି ଟାର୍ଗେଟ୍ କରିଛନ୍ତି । ଏହାସହ ମହିଳା ଭୋଟରଙ୍କୁ ନିଜ ଫୋକସରେ ରଖି ସେମାନଙ୍କ ପାଇଁ ବିଭିନ୍ନ ପ୍ରତିଶ୍ରୁତି ମଧ୍ୟ ବାଢ଼ିଛନ୍ତି । କ୍ଷମତାକୁ ଆସିଲେ ମହିଳା ସଂରକ୍ଷଣ ବିଲ୍ ସଂସଦରେ ପାରିତ କରିବା, ଓଡ଼ିଶାରେ ଯୁବତୀଙ୍କୁ ମାଗଣା ଉଚ୍ଚଶିକ୍ଷା, ସ୍ୱୟଂ ସହାୟକ ଗୋଷ୍ଠୀଙ୍କୁ ସର୍ବାଧିକ ବ୍ୟାଙ୍କ ଋଣ, କ୍ଷୁଦ୍ର ମହିଳା ଉଦ୍ୟୋଗୀଙ୍କ ପାଇଁ ସ୍ୱତନ୍ତ୍ର ଅର୍ଥ ନିଗମ ଭଳି ପ୍ରତିଶ୍ରୁତି ଦେଇଛନ୍ତି ରାହୁଲ ।

ପୂର୍ବାହ୍ନ ୧୨ଟା ୨୦ରେ ବିଶାଖାପାଟଣାରୁ ହେଲିକପ୍ଟର ଯୋଗେ ଜୟପୁର ଏୟାରଷ୍ଟ୍ରିପରେ ଓହ୍ଲାଇବା ପରେ ସେଠାରୁ ଶିବସାଇ ଫଙ୍କସନ ହଲରେ ପହଞ୍ଚିଥିଲେ ରାହୁଲ ଗାନ୍ଧୀ । ବିଶ୍ୱ ମହିଳା ଦିବସ ଅବସରରେ ‘ସଶକ୍ତ ମହିଳା ସମୃଦ୍ଧ ଓଡ଼ିଶା’ ଶୀର୍ଷକ କାର୍ଯ୍ୟକ୍ରମରେ ପ୍ରାୟ ୬୦୦ ଜଣ ମହିଳାଙ୍କ ସହ ରାହୁଲ ସିଧାସଳଖ ଭାବ ବିନିମୟ କରିଥିଲେ । ଅପରାହ୍ନ ୨ଟାରେ ଜୟପୁରର ଏକମ୍ବା ପଞ୍ଚାୟତ ବାଙ୍କବିଜ ପଡ଼ିଆରେ ଅନୁଷ୍ଠିତ ପରିବର୍ତ୍ତନ ସମାବେଶରେ ଉପସ୍ଥିତ ପ୍ରାୟ ୭୦ ହଜାର ଜନତାଙ୍କୁ ସମ୍ବୋଧିତ କରିଥିଲେ ରାହୁଲ । ନିଜ ଅଭିଭାଷଣରେ ସେ ଦେଶ ସହ ଓଡ଼ିଶା ଓ ସ୍ଥାନୀୟ କୋରାପୁଟର ସମସ୍ୟା ଉପସ୍ଥାପନ କରିଥିଲେ । ☞ପୃଷ୍ଠା-୨

- ରେଳମନ୍ତ୍ରୀଙ୍କୁ ଧର୍ମେନ୍ଦ୍ରଙ୍କ ଚିଠି

## ଓଡ଼ିଶାର ରେଳ ଟିକେଟ ଓଡ଼ିଆରେ ଛପାଯାଉ

ଭୁବନେଶ୍ୱର,୮।୩ (ବ୍ୟୁରୋ): ଓଡ଼ିଶାରେ ରେଳ ଟିକେଟ୍‌କୁ ଆଞ୍ଚଳିକ ଓଡ଼ିଆ ଭାଷାରେ ଛପାଯାଉ । ଏଥିପାଇଁ ରେଳମନ୍ତ୍ରୀ ପୀୟୂଷ ଗୋଏଲଙ୍କୁ ଚିଠି ଲେଖି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଅନୁରୋଧ କରିଛନ୍ତି । ଧର୍ମେନ୍ଦ୍ର ଚିଠିରେ ଆହୁରି ଉଲ୍ଲେଖ କରିଛନ୍ତି ଯେ, ଓଡ଼ିଶାରେ ରେଳଯାତ୍ରୀଙ୍କ ସୁବିଧା ପାଇଁ ଭାରତୀୟ ରେଳ ବିଭାଗ ତରଫରୁ ଅନେକ ବ୍ୟବସ୍ଥା କରାଯାଇଛି । ଯାତ୍ରୀ ସୁବିଧାରେ ଗତ କିଛିବର୍ଷରେ ବହୁ ଉନ୍ନତି ହୋଇଥିବା ମଧ୍ୟ ପରିଲକ୍ଷିତ ହୋଇଛି । ଏହାସହ ରେଳଯାତ୍ରା ସମୟରେ ଲୋକମାନଙ୍କର ଅନୁଭୂତି ସୁଖଦ ହେଉଛି । ଓଡ଼ିଶାରେ ଟିକେଟ୍‌ଗୁଡ଼ିକ ଯଦି ଓଡ଼ିଆରେ ଉପଲବ୍ଧ ହେବ ତେବେ ରାଜ୍ୟର ଲୋକମାନେ ଆହୁରି ଲାଭବାନ ହେବେ ବୋଲି ଧର୍ମେନ୍ଦ୍ର ଚିଠିରେ ଉଲ୍ଲେଖ କରିଛନ୍ତି ।

## କ୍ୟାପିଟାଲ ହସ୍ପିଟାଲରେ ଖୋଲିଲା କର୍କଟ ବିଭାଗ

ଭୁବନେଶ୍ୱର,୮।୩(ବ୍ୟୁରୋ): ରାଜଧାନୀସ୍ଥିତ କ୍ୟାପିଟାଲ ହସ୍ପିଟାଲରେ କର୍କଟ ରୋଗୀଙ୍କ ଚିକିତ୍ସା ପାଇଁ ଶୁକ୍ରବାର ସ୍ୱତନ୍ତ୍ର ବିଭାଗ ଖୋଲାଯାଇଛି । ସ୍ୱାସ୍ଥ୍ୟମନ୍ତ୍ରୀ ପ୍ରତାପ ଜେନା ଏହି ବିଭାଗର ଉଦ୍‌ଘାଟନ କରିଛନ୍ତି । ରାଜ୍ୟରେ ୨୦୧୬ରୁ କମ୍ପ୍ରେହେନସିଭ୍ କ୍ୟାନସର କେୟାର କାର୍ଯ୍ୟକ୍ରମ ଆରମ୍ଭ କରାଯାଇଥିଲା । କ୍ୟାପିଟାଲ ହସ୍ପିଟାଲ ସମେତ ରାଉରକେଲା ସରକାରୀ ହସ୍ପିଟାଲ ଏବଂ ସମସ୍ତ ଜିଲା ମୁଖ୍ୟ ଚିକିତ୍ସାଳୟରେ ମାଗଣା ଚିକିତ୍ସା ସୁବିଧା ଉପଲବ୍ଧ କରାଯାଇଛି । ମାଗଣା ଚିକିତ୍ସା ପରାମର୍ଶ, କେମୋଥେରାପି, ଉପଶମ ଚିକିତ୍ସା ଏବଂ ଚିକିତ୍ସା ପରବର୍ତ୍ତୀ ସେବା ପ୍ରଦାନ ବ୍ୟବସ୍ଥା କରାଯାଇଛି । ଏଣିକି ଡାକ୍ତରଖାନାରେ କେମୋଥେରାପି ଦିଆଯିବାର ବ୍ୟବସ୍ଥା କରାଯାଇଛି । ଏହି ବ୍ୟବସ୍ଥା ଆରମ୍ଭ ହେବା ଦିନଠାରୁ ୧୧,୩୩୦ କର୍କଟରୋଗୀ ବହିର୍ବିଭାଗ ଚିକିତ୍ସା ନିମନ୍ତେ ଆସିଛନ୍ତି ।

**ଆଜିର ସମ୍ପାଦକୀୟ**

ଘଣ୍ଟି ବାନ୍ଧିବ କିଏ

**ଆଜିର ମନ୍ତବ୍ୟ**

“ ଭାଜପାକୁ ପାଣ୍ଠି ଯୋଗାଇବା ପାଇଁ ମୋଦି ସରକାର ଦେଶର ସମ୍ବଳ ଚୋରି କରୁଛନ୍ତି ।
**–ମମତା ବାନାର୍ଜୀ, ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ**

# ମଧ୍ୟସ୍ଥ କମିଟିକୁ ଗଲା ଅଯୋଧ୍ୟା ମାମଲା

ନୂଆଦିଲ୍ଲୀ,୮।୩(ପି.ଟି.)

ସୁପ୍ରିମକୋର୍ଟ ଶୁକ୍ରବାର ରାମ ଜନ୍ମଭୂମି-ବାବ୍ରି ମସ୍‌ଜିଦ୍ ଜମି ବିବାଦ ମାମଲାକୁ ମଧ୍ୟସ୍ଥ କମିଟିକୁ ହସ୍ତାନ୍ତର କରିଛନ୍ତି । ସୁପ୍ରିମକୋର୍ଟର ଅବସରପ୍ରାପ୍ତ ଜଷ୍ଟିସ ଏଫ୍.ଏମ୍.ଆଇ.କାଲିଫୁଲ୍ଲାଙ୍କ ନେତୃତ୍ୱରେ ଗଠିତ ମଧ୍ୟସ୍ଥ କମିଟିରେ ଆଧ୍ୟାତ୍ମିକ ଗୁରୁ ଶ୍ରୀଶ୍ରୀ ରବିଶଙ୍କର ଏବଂ ବରିଷ୍ଠ ଆଇନଜୀବୀ ତଥା ଜଣାଶୁଣା ମଧ୍ୟସ୍ଥ ଶ୍ରୀରାମ ପଞ୍ଚୁ ସଦସ୍ୟ ରହିଛନ୍ତି । ଅଯୋଧ୍ୟା ଜମି ବିବାଦର ଏକ ଶାନ୍ତିପୂର୍ଣ୍ଣ ସମାଧାନ ପନ୍ଥା ବାହାର କରିବାକୁ କମିଟିକୁ କୁହାଯାଇଛି । କମିଟି ୮ ସପ୍ତାହ ମଧ୍ୟରେ ସମସ୍ତ ପକ୍ଷଙ୍କ ସହ ଆଲୋଚନା ଶେଷ କରି ରିପୋର୍ଟ ଦେବା ଲାଗି ପ୍ରଧାନ ବିଚାରପତି ରଞ୍ଜନ ଗୋଗୋଇଙ୍କ ଅଧ୍ୟକ୍ଷତାରେ ଗଠିତ ୫ ଜଣିଆ ସାମ୍ବିଧାନିକ ଖଣ୍ଡପୀଠ ନିର୍ଦ୍ଦେଶ ଦେଇଛନ୍ତି । ଖଣ୍ଡପୀଠରେ ଅନ୍ୟମାନଙ୍କ ମଧ୍ୟରେ ଜଷ୍ଟିସ୍ ଏସ.ଏ. ବୋବ୍‌ଡେ, ଡି.ୱାଇ. ଚନ୍ଦ୍ରଚୂଡ଼, ଅଶୋକ ଭୂଷଣ ଏବଂ ଏସ.ଏ. ନାଜିର ରହିଛନ୍ତି ।

କମିଟି ଚାହିଁଲେ ଅଧିକ ସଦସ୍ୟଙ୍କୁ ନେଇପାରିବ ବୋଲି କୋର୍ଟ କହିଛନ୍ତି । ଉତ୍ତରପ୍ରଦେଶର ☞ପୃଷ୍ଠା-୨



ଏଫ୍.ଏମ୍.ଆଇ.କାଲିଫୁଲ୍ଲା | ଶ୍ରୀରାମ ପଞ୍ଚୁ | ଶ୍ରୀଶ୍ରୀ ରବିଶଙ୍କର

### ୮ ସପ୍ତାହରେ ଶାନ୍ତିପୂର୍ଣ୍ଣ ସମାଧାନ ସୂତ୍ର ବାହାର କରିବାକୁ ନିର୍ଦ୍ଦେଶ

## ଶ୍ରୀଶ୍ରୀଙ୍କୁ ନେଇ ବିବାଦ

ନୂଆଦିଲ୍ଲୀ,୮।୩(ପି.ଟି.)

ଅଯୋଧ୍ୟା ମାମଲାର ଆପୋଷ ସମାଧାନ ଲାଗି ସୁପ୍ରିମକୋର୍ଟ ୩ ଜଣିଆ ମଧ୍ୟସ୍ଥ କମିଟି ଗଢ଼ିଛନ୍ତି । ଆର୍ଟ ଅଫ୍ ଲିଭିଙ୍ଗ୍‌ର ପ୍ରତିଷ୍ଠାତା ଆଧ୍ୟାତ୍ମିକ ଗୁରୁ ଶ୍ରୀଶ୍ରୀ ରବିଶଙ୍କର ଉକ୍ତ କମିଟିରେ ସ୍ଥାନ ପାଇଥିବାରୁ ତାଙ୍କର ନିରପେକ୍ଷତାକୁ ନେଇ ବିରୋଧୀ ପ୍ରଶ୍ନ ଉଠାଇଛନ୍ତି । ପୂର୍ବରୁ ଶ୍ରୀଶ୍ରୀ ଅଯୋଧ୍ୟା ମାମଲାର ସମାଧାନ ଲାଗି ନିଜଆଡୁ ଉଦ୍ୟମ କରିଥିଲେ । ଯଦି ମୁସଲମାନମାନେ ଅଯୋଧ୍ୟା ଦାବିରୁ ଓହରି ନ ଯାଆନ୍ତି ତେବେ ଭାରତ ସିରିଆରେ ପରିଣତ ହେବ ବୋଲି ଏକଦା ଶ୍ରୀଶ୍ରୀ କହିଥିଲେ । ତେଣୁ ତାଙ୍କ ପରିବର୍ତ୍ତେ ମଧ୍ୟସ୍ଥ କମିଟିରେ ଜଣେ ନିରପେକ୍ଷ ବ୍ୟକ୍ତିଙ୍କୁ ନେବା ଭଲ ହେବ ବୋଲି ଏଆଇଏମ୍‌ଆଇଏମ୍ ଅଧ୍ୟକ୍ଷ ଆସାଦୁଦ୍ଦିନ ଓୱାଇସି କହିଛନ୍ତି । ନିର୍ବାଚନ ପୂର୍ବରୁ ଶାସକ ଦଳ ବିଭିନ୍ନ ଧର୍ମାବଲମ୍ବୀଙ୍କ ମଧ୍ୟରେ ବିବାଦ ସୃଷ୍ଟି କରିବା ଦୁର୍ଭାଗ୍ୟଜନକ ବୋଲି ନ୍ୟାଶନାଲ୍ କନ୍‌ଫରେନ୍ସ ଅଧ୍ୟକ୍ଷ ଫାରୁକ ଅବଦୁଲ୍ଲା କହିଛନ୍ତି । ଆମେ ଯାହା କହିବୁ ମଧ୍ୟସ୍ଥ କମିଟି ଆଗରେ କହିବୁ, ଏହା ବାହାରେ ନୁହେଁ ବୋଲି ବାବ୍ରି ମସ୍‌ଜିଦ କ୍ରିୟାନୁଷ୍ଠାନ କମିଟି ଆବାହକ ଜାଫରୟାବ ଜିଲାନି କହିଛନ୍ତି ।

# ଯୁବବାହିନୀ ପାଇଁ ମୋବାଇଲ କିଣା

- ବିଡିଓମାନଙ୍କ ନାଁ ଥାଇ ଭୁଲ୍ ଠିକଣାରେ ଆସିଲା ପାର୍ସଲ

### ସରକାରଙ୍କ ଲୁଚାଣିଆ ଯୋଜନା ନେଇ ଚର୍ଚ୍ଚା

ଭଦ୍ରକ ଅଫିସ, ୮।୩

ବିଜୁ ଯୁବବାହିନୀ ପାଇଁ ଲକ୍ଷାଧିକ ଟଙ୍କାର ମୋବାଇଲ ଲୁଚାଛପାରେ କିଣାଯାଇ ବଣ୍ଟାଯିବା ଘଟଣା ଏଠାରେ ପଦାକୁ ଆସିଛି । ଏଥିଲାଗି କୌଣସି ସରକାରୀ ଯୋଜନା ନ ଥିଲେ ମଧ୍ୟ କର୍ମକର୍ତ୍ତାଙ୍କୁ ସନ୍ତୁଷ୍ଟ କରିବାକୁ ଜିଲାର ସମସ୍ତ ବିଡିଓ ନିଜ ନାଁରେ ଏକ କମ୍ପାନୀଠାରୁ ମୋବାଇଲ କିଣି ବଣ୍ଟନ କରିଥିବା ଚର୍ଚ୍ଚା ହେଉଛି । ଜିଲା ପ୍ରଶାସନର ଜାଣତରେ ଏଭଳି ହୋଇଥିବା ଅଭିଯୋଗ ହେଉଥିଲେ ବି ଜିଲାପାଳ ଏ ସମ୍ପର୍କରେ କିଛି ଜାଣି ନ ଥିବା କହିଛନ୍ତି । ଏ ସମ୍ପର୍କରେ ଭଦ୍ରକ ଜିଲାର ବିଡିଓମାନଙ୍କୁ ପଚରା ଯିବାରୁ ସରକାର ଏସବୁ ମୋବାଇଲ୍ ସେମାନଙ୍କ ନାଁରେ ପଠାଇଛନ୍ତି ବୋଲି ପ୍ରତିକ୍ରିୟା ରଖୁଛନ୍ତି ।

ଏହି ଜିଲାରେ ଥିବା ୭ଟି ବ୍ଲକରେ ମୋଟ ୧୩, ୮୦୭ ଜଣ ବିଜୁ ଯୁବବାହିନୀ କର୍ମକର୍ତ୍ତା ପଞ୍ଜୀକୃତ ହୋଇଛନ୍ତି । ବାସୁଦେବପୁର ପୌରପାଳିକାରେ ୫୪୬, ବାସୁଦେବପୁର ବ୍ଲକରେ ୧୭୧୫, ଭଦ୍ରକ ବ୍ଲକରେ ୧୪୨୭, ଭଦ୍ରକ ପୌରପାଳିକାରେ ୧୦୨୩, ଭଣ୍ଡାରିପୋଖରୀରେ ୧୫୯୩, ବନ୍ତରେ ୧୪୯୩, ☞ପୃଷ୍ଠା-୨

## ଠେଙ୍ଗାରେ ପିଟି ପଡୋଶୀଙ୍କୁ ହତ୍ୟା

ବରପାଲି, ୮।୩ (ଡି.ଏନ.ଏ)

ବରପାଲି ଥାନା ଅନ୍ତର୍ଗତ ଦାଶକଟାପାଲିରେ ଗୁରୁବାର ରାତିରେ ସାମାନ୍ୟ କଳହରୁ ହତ୍ୟାକାଣ୍ଡ ଘଟିଛି । ମୃତକ ହେଲେ ଧନପତି ସାହୁ । ଏ ନେଇ ପୋଲିସ ଏକ ହତ୍ୟା ମାମଲା (ନଂ. ୬୭/୧୯) ରୁଜୁ କରି ଅଭିଯୁକ୍ତ କୁମର ସାହୁ (୫୫)ଙ୍କୁ ଶୁକ୍ରବାର ଗିରଫ କରିଛି । ଶନିବାର ତାଙ୍କୁ କୋର୍ଟ ଚାଲାଣ କରାଯିବ ବୋଲି ପୋଲିସ କହିଛି ।

ସୂଚନାଯୋଗ୍ୟ, କଟାପାଲି ତେଲିପଡାରେ ଧନପତି ଓ ଅଭିଯୁକ୍ତ କୁମର ପଡୋଶୀ ଭାବେ ରହୁଥିଲେ । ହେଲେ କୁମର ପଡାରେ ମଦ ବିକ୍ରି କରୁଥିବା ବେଳେ ଉକ୍ତ ପାଉଚ ଜରି ଗୁଡିକ ଘର ସାମ୍ନାରେ ଜମା ରହୁଥିଲା । ଧନପତି ଜରି ନ ପକାଇବା ପାଇଁ ମନା କରିବାରୁ ଉଭୟଙ୍କ ମଧ୍ୟରେ କଥାକଟା କଟି ହୋଇଥିଲା । ଏହି ସମୟରେ କୁମର ଏକ ଠେଙ୍ଗାରେ ଧନପତିଙ୍କୁ ଆକ୍ରମଣ କରିବାରୁ ସେ ଆହତ ହୋଇଥିଲେ । ପୋଲିସ ଘଟଣାସ୍ଥଳରେ ପହଞ୍ଚି ଆହତ ଧନପତିଙ୍କୁ ଉଦ୍ଧାର କରି ସ୍ଥାନୀୟ ଡାକ୍ତରଖାନାରେ ଭର୍ତ୍ତି କରିଥିଲା । ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଥିଲା । ପୋଲିସ ଶୁକ୍ରବାର ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଛି ।

# କମ୍ପାନୀ ଶୋଷୁଛି ନଦୀଜଳ

- ବୈତରଣୀ ତଳମୁଣ୍ଡରେ ଜଳାଭାବ
- ପାନୀୟ ଜଳ ଓ ସେଚ ପ୍ରକଳ୍ପ ପ୍ରଭାବିତ
- ଗ୍ରାମବାସୀଙ୍କ ଅଭିଯୋଗକୁ ପ୍ରଶାସନର ଅଣଦେଖା



ପୋକଲିନ ମେଶିନ ଲଗାଇ ବୈତରଣୀ ନଦୀବନ୍ଧ ଓ ଶଯ୍ୟାକୁ ନଷ୍ଟ କରି ଦିଆଯାଇଛି ।

ଝୁମ୍ପୁରା, ୮।୩ (ଡି.ଏନ.ଏ.)

ବୈତରଣୀ ନଦର ନଇବୁଗା ଗ୍ରାମ ନିକଟରେ ପମ୍ପହାଉସ ବସାଇ ଏକ କମ୍ପାନୀ ଜଳ ଶୋଷୁଥିବାରୁ ତଳମୁଣ୍ଡରେ ଜଳାଭାବ ସ୍ଥିତି ଦେଖାଦେଇଛି । ଆଗକୁ ଖରାଦିନେ, ସମସ୍ୟା ଜଟିଳ ହେବ ବୋଲି ଆଶଙ୍କା ପ୍ରକାଶ ପାଉଛି । ଏବେଠାରୁ ନଦୀ ତଳମୁଣ୍ଡରେ ଥିବା ପାନୀୟ ଜଳ ଯୋଗାଣ ପ୍ରକଳ୍ପ ଓ ସେଚ ପ୍ରକଳ୍ପ ପ୍ରଭାବିତ ହେଉଥିବା କେନ୍ଦୁଝର ଜିଲା ଝୁମ୍ପୁରା ବ୍ଲକ ଅନ୍ତର୍ଗତ ନଦୀ ପାର୍ଶ୍ୱ ପଟୁଆକୁନ୍ଦର, ଧନୁର୍ଜୟପୁର, ନୟାଗଡ, ନଇବୁଗା ଗ୍ରାମବାସୀ ଅଭିଯୋଗ କରିଛନ୍ତି । ଏ ଦିଗରେ କମ୍ପାନୀ କର୍ତ୍ତୃପକ୍ଷ ଓ ଜଳ ସମ୍ପଦ ବିଭାଗ ନୀରବ ରହୁଥିବାରୁ ଅଞ୍ଚଳବାସୀ ଉଦ୍‌ବେଗ ପ୍ରକାଶ କରିଛନ୍ତି । ସ୍ଥାନୀୟ ଗ୍ରାମବାସୀ ଅଭିଯୋଗ କରିଛନ୍ତି ଯେ, ନଇବୁଗା ନିକଟରେ ପମ୍ପହାଉସ ନିର୍ମାଣ କରି ଏସାର କମ୍ପାନୀ ବୈତରଣୀରୁ ପାଣି ଉଠାଇ ୩ କି.ମି. ଦୂର ଦବୁନାରେ ଥିବା ବେନିଫିକେଶନ ପ୍ଲାଣ୍ଟକୁ ଯୋଗାଉଛି । ପ୍ରତିଦିନ ୧୧ ହଜାର ୭୭୦ କ୍ୟୁସେକ୍ ପାଣି ଶୋଷି ନିଆଯାଉଛି । ଏନେଇ କମ୍ପାନୀ ଏବଂ ଜଳ ସମ୍ପଦ ବିଭାଗ ମଧ୍ୟରେ ୨୦୦୯ରେ ରାଜିନାମା ହୋଇଥିଲା । ସର୍ତ୍ତ ଥିଲା ଯେ, ସରକାରଙ୍କ ଧାର୍ଯ୍ୟଦର ଅନୁଯାୟୀ ଟିକସ ପଇଠ କରି କମ୍ପାନୀ ପାଣି ନେବ । ନଦୀର ଜଳ ପ୍ରବାହ ଯେଭଳି ବ୍ୟାହତ ନ ହେବ ସେଥିପ୍ରତି ଗୁରୁତ୍ୱ ଦିଆଯିବ । ୧୯୫୯ ଏବଂ ୧୯୬୧ରେ ପ୍ରଣୀତ ନଦୀଜଳ ଉତ୍ତୋଳନ ଓ ସେଚ ଅଧିନିୟମକୁ କଡାକଡି ପାଳନ କରାଯିବ । ଏ ସମ୍ପର୍କରେ ପର୍ଯ୍ୟାୟ କ୍ରମେ ଜଳ ସମ୍ପଦ ବିଭାଗକୁ ନିୟମିତ ରିପୋର୍ଟ ପ୍ରଦାନ କରାଯିବ । କିନ୍ତୁ ପରେ ଏଥିରେ ବ୍ୟତିକ୍ରମ ଘଟୁଥିବା ଗ୍ରାମବାସୀ ଦର୍ଶାଇଛନ୍ତି । ବାରମ୍ବାର ଅଭିଯୋଗ ପରେ ଜଳ ସମ୍ପଦ ବିଭାଗ ଅଧିକାରୀ ଏଠାକୁ ଆସି ତଦନ୍ତ କରିଥିଲେ ମଧ୍ୟ ଗ୍ରାମବାସୀଙ୍କ ସହ କେବେ ଆଲୋଚନା କରି ନାହାନ୍ତି ।

ଏଠାକାର ଜଙ୍ଗଲ ଓ ପାହାଡ଼ିଆ ଅଞ୍ଚଳ ଦେଇ ବୈତରଣୀ ପ୍ରବାହିତ ହେଉଥିବାରୁ ନଦୀଶଯ୍ୟା ସଙ୍କୀର୍ଣ୍ଣ ସ୍ଥିତିରେ ରହିଛି । କାରଖାନା ଲାଗି ପମ୍ପହାଉସ ନିର୍ମାଣ ହୋଇଥିବା ସ୍ଥାନରେ ପୋକ୍‌ଲିନ ମେଶିନ ଦ୍ୱାରା ନଦୀମଧ୍ୟକୁ ମାଟି ବନ୍ଧ କରାଯିବା ଏବଂ ସଫେଇ କାର୍ଯ୍ୟ ଆଳରେ ମେଶିନ ଦ୍ୱାରା ପଙ୍କମାଟି ଉଠାଯାଇ ନଦୀଗର୍ଭକୁ ପୋତି ଦିଆଯାଉଥିବା ଦେଖାଯାଉଛି । ଏହାଫଳରେ ନଦୀର ପାଣି ଗୋଳିଆ ରହୁଥିବାରୁ ତଳମୁଣ୍ଡ ଅଞ୍ଚଳବାସୀ ପ୍ରଦୂଷିତ ପାଣି ବ୍ୟବହାର କରିବାକୁ ବାଧ ହେଉଛନ୍ତି । ନଦୀ ପାର୍ଶ୍ୱବର୍ତ୍ତୀ ଗ୍ରାମବାସୀ ଦୈନନ୍ଦିନ ସ୍ନାନାଦି କାର୍ଯ୍ୟରେ ଅସୁବିଧା ଭୋଗକରୁଥିବା ବେଳେ ଅଞ୍ଚଳରେ ବିଭିନ୍ନ ଚର୍ମ ଓ ପେଟ ରୋଗ ଦେଖା ଦେଉଛି । ଏହାର ସ୍ଥାୟୀ ପ୍ରତିକାର କରାଯିବା ସକାଶେ ଗ୍ରାମବାସୀ ଦାବି କରି ଆସୁଥିଲେ ମଧ୍ୟ ଜିଲା ପ୍ରଶାସନ ଜଳ ସମ୍ପଦ ବିଭାଗ ଉପରେ ଦାୟିତ୍ୱ ଠେଲି ଦେଇ ଚୁପଚାପ ବସିଯାଉଛି । ଅନ୍ୟପକ୍ଷେ କମ୍ପାନୀ କର୍ତ୍ତୃପକ୍ଷ ପ୍ରଶାସନକୁ ଭୁଲ୍‌ତଥ୍ୟ ଦେଉଥିବା ଗ୍ରାମବାସୀ କହିଛନ୍ତି । ଗ୍ରାମବାସୀଙ୍କ ଅଭିଯୋଗ ସମ୍ପର୍କରେ ଏସାର କମ୍ପାନୀର ସିନିୟର ମ୍ୟାନେଜର ତଥା ଜନସମ୍ପର୍କ ଅଧିକାରୀ ମିଥିଲେଶ ଠାକୁରଙ୍କୁ ପଚାରିବାରୁ ସେ କହିଲେ, ପମ୍ପ ହାଉସ ସ୍ଥାନରେ ନଦୀପଟେ ପଙ୍କ ଓ ମାଟି ଜମୁଥିବାରୁ ମେଶିନ ଲଗାଇ ଏହାକୁ ସଫା କରାଯାଇଥାଏ । ସେତେବେଳେ ନଦୀରେ ପକାଯାଇଥିବା ମାଟିବନ୍ଧକୁ ପରେ ଭାଙ୍ଗି ଦିଆଯାଇଥାଏ । ଜଳ ସମ୍ପଦ ବିଭାଗ ଆନନ୍ଦପୁର ଶାଳପଡା ସ୍ଥିତ ମୁଖ୍ୟ ନିର୍ମାଣ ଯନ୍ତ୍ରୀ ସୁବ୍ରତ ଦାଶତାଙ୍କ ପ୍ରତିକ୍ରିୟାରେ ନଦୀରେ ମାଟିବନ୍ଧ ତିଆରି ହେବା ଘଟଣାର ତଦନ୍ତ କରି ଆବଶ୍ୟକ ପଦକ୍ଷେପ ନିଆଯିବ ବୋଲି କହିଛନ୍ତି ।

AIMS COLLEGE
SAMBALPUR
FULLY RESIDENTIAL +2 & +3 Sc. COLLEGE
For e-admission : College code - 28085110
FOUNDATION COURSE
STARTING FROM
1ST APRIL 2019
Hurry Up... Limited Seats
(Jharsuguga Highway)
Pardhiapali, Sambalpur
Call No- 7873006705, 7873006725, 7978326206, 7873006711,7381026700
E-mail: aims.sambalpur@gmail.com
website: www.aimscollegesambalpur.com

NECC NATIONAL EGG CO-ORDINATION COMMITTEE 08.03.2019 Vencobb CHICKEN

| Dist | Farm Gate/Kg | With Skin/Kg | Skinless /Kg |
|---|---|---|---|
| BBSR | 78 | 129 | 139 |
| CTC | 79 | 131 | 141 |
| DKL | 79 | 131 | 141 |
| BDK | 80 | 132 | 142 |
| BLS | 80 | 132 | 142 |
| ANG | 79 | 131 | 141 |

*Conditions Apply
Eggs Retail Price- 50/-Dozen
Issued in the Interest of Consumers



ଅନ୍ୟର ନିନ୍ଦା କରିବାରେ ପଟୁତା, ନିଜ କାର୍ଯ୍ୟ ପ୍ରତି ଅବହେଳା ଓ ଭଲ ଲୋକଙ୍କ ସହିତ ଶତ୍ରୁତା-ଏ ତିନୋଟି ଅବସ୍ଥା ମଣିଷର ପତନର କାରଣ।

- ଚାଣକ୍ୟ


## ଜନ୍ମଦିନର ଶୁଭେଚ୍ଛା

ନାମ: ....................................

ବୟସ:...................................

ଜନ୍ମ ତାରିଖ: ..............................



ସ୍ୱୟଂ
ପରିବାରବର୍ଗ



ମିତାଲି
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।

**10th Birthday Wish**



(Swayam)

**Sai Shreeyansh**

Bahadajhola, Nayagarh

ଈଶ୍ୱରଙ୍କ କୃପାରୁ ତୋର ଚଲାପଥ ପୁଷ୍ପିତ ହେଉ ଏବଂ ତୋତେ ଦୀର୍ଘାୟୁ କରନ୍ତୁ।

**ଶୁଭେଚ୍ଛା ସହ**

ଜେଜେବାପା, ଜେଜେମା, ପାପା-ଶେଷଦେବ ସାହୁ, ମାମା, ପ୍ରାଚୀ

D-65387


## classified


real estate

**SALE**

Ready to move 3BHK premium duplex at Gandamunda Square (adjacent to Main road). Contact: 9437309741.D-11181

3storied building for sale near Dhauli, Bhubaneswar, all are 3BHK flat new building. Contact: 9337730923.D-58059

**Duplex & sthitiban plot sale at AIIMS Hospital Bhubaneswar. 8480745797.** D-65372

30' road gharabari residential boundarywall plot at Canal Road (near petrol pump) Hanspal, Bhubaneswar, 7,80,000/-. 9437033320. D-65363

ଭୁବନେଶ୍ୱର ପିତାପଲ୍ଲୀଛକ NH-5 ଠାରୁ 100' ଦୂରତାରେ BDA yellow zone ପ୍ଲଟ ମିଳୁଅଛି: 8338932027. D-65376

Sthitiban plots available at Dashpur, Bhubaneswar near Biotech Park, 30' road adjacent 200' wide road. 9439614880. D-65365

Bhubaneswar GITA Collegeଠାରେ 1200 sqft. 3,99,000/-ରେ demarcated plot ମିଳୁଅଛି। 9937146640. D-65369

**ଭୁବନେଶ୍ୱର KEC ଗୁଡ଼ିଆ ପୋଖରୀ ସାଇ ମନ୍ଦିର ନିକଟରେ ଘରବାରି ପଟ୍ଟା ପ୍ଲଟ 30ft. ରୋଡ୍ ପାଚେରି ସହିତ sqft. 649ରେ ବିକ୍ରିହେବ: 7008748309, 9438616722.** D-11430

Tamando market ପାଖରେ Janla NH-5, ପାଖରେ ଘରବାରି plot ନେଇ ଘର କରନ୍ତୁ: 9438859527. D-11188

**Gharabari plot with 30' road & compoundwall at Brahmanajharilo Cuttack 68,000/- sqft., 11km. from Bhubaneswar, 18 km. from Cuttack best for complex, officers complex, outright sale1.5 crore. No. brokers please. 7809525452.** D-65846

ଭୁବନେଶ୍ୱର KEC, ଗୁଡିଆପୋଖରୀ ଠାରେ 30'road boundarywall electry, gharabari, Temple, sqft. 650/-ରେ ଦିଆଯାଉଅଛି। 7008045582, 9692003948. D-11491

Gharabari plot near Jatnigate Gangapada 30'road, Boundarywall with electricity. 9438400633. D-65377

Conversion demarcation plot sale Brahmanjharilo, ନଖରା ସ୍ଥିତିବାନ ପିଚୁରୋଡ୍ sideରେ ୧୫୦୦ ବର୍ଗଫୁଟକୁ ୮,୨୫,୦୦୦/-. 9437306208. D-65378

Now Matrimonial ads. only on Wednesday & Sunday Book 1 Get 1 FREE

**Omm housing Infra solutions provides (sale & purchase) plots, flats & duplex in all around Odisha & India. (Bhubaneswar, Puri, Cuttack, Puri & Balasore) & (Mumbai, Kolkata, Bangalore, Hydrabad & Delhi). Contact: 9861433014, 9938569014.** D-11514

Personal gharabari boundary plot near Sunderpada (Panchagaon) 60' road. 1500 sqft. at 600000/-. 9439489633, 7377738490. D-77040

**3BHK ready to move premium duplex at DHPL Sahoo Residency near Mancheswar Railway Station. Contact: 9937059891, 9348253463, 8908292617.** D-11556

Booking one lakh simplex 2BHK 1200 sqft. land 20,50,000/- BDA area Tankapani road, Saitemple, gharabariplots, Jharapada, Mahadev Nagar. 7735738102. D-11549

Twincityର middlepoint (Phulnakhara)ରେ ନିର୍ମିତ Grandbazar NH-5ରୁ walkable distanceରେ ଘରବାରି plot କିଣନ୍ତୁ। Abhaya-8144647993. D-65381

**2/3 BHK ready to move flats for sale at DHPL Pride, Ghatikia near DAV Kalinga Nagar, starting at Rs.32 lakhs. Contact: 9937059891, 9348253463, 8908292617.** D-11555

Booking open for 2,3 BHK flats near Patrapada Mall. Contact: 7381003669.D-11080

Xavier University ନିକଟରେ ରାସ୍ତାଥାଇ ପ୍ଲଟ 4,50,000/- ଦିଆଯାଉଅଛି। Sasmita-9853150290. D-65383

ଭୁବନେଶ୍ୱର Tamando Kendriya Vihar Colony ନିକଟରେ yellowzone 30' road plot. 9348767829. D-65384

**ପାଠକଙ୍କ ପାଇଁ ସୂଚନା:** କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

construction

Do you want to construct buildings on your own plot. Contact: Sachi Pattanaik B.Tech (Civil. Eng). 9853916309, 9338401309. D-62164

**Construct your Residential, Commercial and Industrial Civil Construction Projects with 20 years experienced with Expert Technical Team committed to delivering quality, cost effective construction within stipulated time & budgeted cost. SMPL. 9040008777.** D-11557

to-let

Main road side modern building immediate occupation near Jharapada, flyover, Indian oil Petrol pump, Cuttack Road, Bhubaneswar suitable for office, hostel etc. Contact: 9438081042, 9438668573. D-11554

healthcare

Newly ayurvedic fullbody massage ladies, gents: 7609923705, 7438851534. D-38550

## ମନେ ପଡ଼ନ୍ତି

### ଏକାଦଶାହ ଉପଲକ୍ଷେ



**ସ୍ୱର୍ଗତ ସାରଙ୍ଗଧର ନାଏକ**

ଅବସରପ୍ରାପ୍ତ ଫରେଷ୍ଟଗାର୍ଡ
ସାମାଜିକ ପରାମର୍ଶଦାତା
କଳାଙ୍ଗ, ପାଲଟାସିଂହ, ଢେଙ୍କାନାଳ
ଆବିର୍ଭାବ: ୨୨।୦୯।୧୯୪୬
ତିରୋଧାନ: ୨୭।୦୨।୨୦୧୯

ପ୍ରତି ମୁହୂର୍ତ୍ତରେ ଆପଣଙ୍କ ଉପସ୍ଥିତି ଅନୁଭବ କରୁଅଛୁ। ଆପଣଙ୍କ ନୀତି, ଆଦର୍ଶ ଓ ଅନାବିଳ ସ୍ନେହ ଆମ ପାଇଁ ପାଥେୟ ହୋଇରହୁ। ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ଈଶ୍ୱରଙ୍କ ନିକଟରେ ବିନମ୍ର ପ୍ରାର୍ଥନା କରୁଛୁ। ଶୋକସନ୍ତପ୍ତ: ସହଧର୍ମିଣୀ-ସାବିତ୍ରୀ ନାଏକ, ପୁତ୍ର, କୁଞ୍ଜ, ରଥିଆ, ଦଣ୍ଡଧର, ବିଜୟ, ପୁତ୍ରବଧୂ-ସବିତା ଓ ରୁନୁ, ଶଳା-ପ୍ରଭାକର, ନାତିନାତୁଣୀ-ଶୁଭ, ମାମାଲି, ନକ୍ଷତ୍ର, ସାଇ ଓ ଶିବାନୀ, ପରିବାରବର୍ଗ ଓ ଆତ୍ମୀୟସ୍ୱଜନ। ଧ-୬୨୦୮୪

### ଦ୍ୱିତୀୟ ବାର୍ଷିକୀ ଶ୍ରଦ୍ଧାଞ୍ଜଳି



**ସ୍ୱର୍ଗତ ଇଂ ନରେନ୍ଦ୍ର କୁମାର ସ୍ୱାଇଁ**

ପୂର୍ବତନ ଅଧକ୍ଷ ବିଶ୍ୱକର୍ମା ଆ.ଟି.ଆଇ ଖୋର୍ଦ୍ଧା
ଆବିର୍ଭାବ: ୦୧।୦୩।୧୯୬୬
ତିରୋଧାନ: ୦୧।୦୩।୨୦୧୭

ସପନେ ହଜିଲା ଦୁଃଖ ସାଗରରେ ସୁଖ, ଶାନ୍ତି ଗଲା ସରି, ଦୁଇ ବରଷତ ଚାହିଁ ଚାହିଁ ଗଲା ଆସିଲନି ଦିନେ ଫେରି, ଆଖି ଲୁହ ସାଥେ ପ୍ରଣତୀ ଜଣାଇ ଦୁଃଖରେ ପ୍ରଦୀପ ଜାଳି, ଯହିଁ ଥାଅ ତୁମେ ଶାନ୍ତିରେ ରହିଥା ଆଶିଷ ଅସରା ଢାଳି। ଶୋକସନ୍ତପ୍ତ: ପତ୍ନୀ-ଜ୍ୟୋତ୍ସ୍ନା, ଝିଅ-ଦିପାଲିସା (ପୂଜା), ବନ୍ଧୁ ଓ ପରିବାରବର୍ଗ। ଧ-୧୧୫୭୨


### କିଛି ତଥ୍ୟ

୨୦୧୮-୧୯ ବର୍ଷରେ କପା ଉତ୍ପାଦନ ୧୧% ହ୍ରାସ ଘଟି ୩୨୮ ଲକ୍ଷ ବେଲ୍‌ସ ରହିଛି।

**– ଭାରତୀୟ କପା ସଂଘ**

## ବିଜେଡିରେ ସାମିଲ ହେଲେ ପୂର୍ବତନ ପୂର୍ତ୍ତ ସଚିବ ନଳିନୀକାନ୍ତ

ଭୁବନେଶ୍ୱର,୮।୩(ବ୍ୟୁରୋ)- ସାଧାରଣ ନିର୍ବାଚନ ପାଖେଇ ଆସିଲାଣି। ନିଜ ନିଜ ଦଳର ଭାବମୂର୍ତ୍ତି ସଜାଡିବା ପାଇଁ ସବୁ ପ୍ରମୁଖ ଦଳ ଅଣ୍ଟା ଭିଡିଲେଣି। କିଏ ଅନ୍ୟ ଦଳର ପ୍ରଭାବଶାଳୀ ନେତାଙ୍କୁ ଦଳରେ ମିଶାଇଲାଣି ତ କିଏ ସରକାରୀ ଚାକିରିରୁ ଅବସର ଗ୍ରହଣ କରିଥିବା ଅଫିସରଙ୍କୁ। ସେହିକ୍ରମରେ ରାଜ୍ୟସ୍ତରରେ ସର୍ବାଗ୍ରେ ରହିଛି ବିଜେଡି। ଦଳର ସଭାପତି ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଉପସ୍ଥିତିରେ ପୂର୍ବତନ ପୂର୍ତ୍ତ ସଚିବ ଇଂ ନଳିନୀକାନ୍ତ ପ୍ରଧାନ ଶୁକ୍ରବାର ବିଜେଡିରେ ସାମିଲ ହୋଇଛନ୍ତି। ତାଙ୍କ ସହିତ କଟକ ମହାନଗର ନିଗମର ପ୍ରାକ୍ତନ କମିଶନର ରମେଶ ଚନ୍ଦ୍ର ସାଏ, ପୂର୍ବତନ ମୁଖ୍ୟଯନ୍ତ୍ରୀ ଜୟପାଲ ନାୟକ, ଛେଣ୍ଡିପଦା ଭାଜପା ନେତ୍ରୀ ସୁପ୍ରଭା ସାହୁ ମଧ ବିଜୁ ଜନତା ଦଳରେ ସାମିଲ ହୋଇଛନ୍ତି।

## ମଧ୍ୟସ୍ଥ କମିଟିକୁ ଗଲା ....

ଫୈଜାବାଦଠାରେ ମଧସ୍ଥ କମିଟି ପକ୍ଷମାନଙ୍କର ମତାମତ ଶୁଣାଣି କରିବ। ଏଥିପାଇଁ ରାଜ୍ୟ ସରକାର ଆବଶ୍ୟକ ବ୍ୟବସ୍ଥା କରିବାକୁ ଖଣ୍ଡପୀଠ ନିର୍ଦ୍ଦେଶ ଦେଇଛନ୍ତି। ସମ୍ଭାବ୍ୟ ସମାଧାନରେ ପହଞ୍ଚିବା ଲାଗି ମାମଲାକୁ ମଧସ୍ଥତା ପାଇଁ ପଠାଇବାରେ କୌଣସି ପ୍ରତିବନ୍ଧକ ନାହିଁ ବୋଲି ଖଣ୍ଡପୀଠ କହିଥିଲେ। ସପ୍ତାହକ ମଧରେ ମଧସ୍ଥତା ପ୍ରକ୍ରିୟା ଆରମ୍ଭ ହେବ ଏବଂ ପକ୍ଷମାନଙ୍କ ଶୁଣାଣି କ୍ୟାମେରା ସମ୍ମୁଖରେ କରାଯିବ। ଏହି ଶୁଣାଣି ସମ୍ପର୍କିତ ରିପୋର୍ଟ ଗଣମାଧମରେ ପ୍ରକାଶ ପାଇବ ନାହିଁ। ମଧସ୍ଥତାର ସଫଳତା ପାଇଁ ଶୁଣାଣି ପ୍ରକ୍ରିୟାକୁ ସମ୍ପୂର୍ଣ୍ଣ ଗୋପନ ରଖିବାକୁ ହେବ ବୋଲି ଖଣ୍ଡପୀଠ କହିଛନ୍ତି। ୪ ସପ୍ତାହ ମଧରେ ଅନ୍ତରୀଣ ରିପୋର୍ଟ ଦାଖଲ କରିବାକୁ କୁହାଯାଇଥିବା ବେଳେ ୮ ସପ୍ତାହରେ ପ୍ରକ୍ରିୟା ଶେଷ କରିବାକୁ କମିଟିକୁ ନିର୍ଦ୍ଦେଶ ଦିଆଯାଇଛି। କୌଣସି ସମସ୍ୟା ହେଲେ କମିଟି ଅଧକ୍ଷ ସୁପ୍ରିମକୋର୍ଟଙ୍କ ରେଜିଷ୍ଟ୍ରାରଙ୍କୁ ଅବଗତ କରାଇବେ। ନିର୍ମୋହୀ ଆଖଡ଼ା ବ୍ୟତୀତ ଅନ୍ୟ ହିନ୍ଦୁ ସଂଗଠନ ମଧସ୍ଥତା ନିଷ୍ପତ୍ତିକୁ ବିରୋଧ କରୁଥିଲାବେଳେ ଇସ୍‌ଲାମିକ୍ ସଂଗଠନ ସମର୍ଥନ ଜଣାଇଛି। ତେବେ ଉଭୟ ପକ୍ଷ ମଧସ୍ଥ ଲାଗି ସମ୍ଭାବ୍ୟ ନାମ ତାଲିକା ଦେଇଥିଲେ। ପୂର୍ବରୁ ମଧସ୍ଥ ଜରିଆରେ ସମାଧାନ ଉଦ୍ୟମ ବିଫଳ ହୋଇଥିବା ହିନ୍ଦୁ ସଂଗଠନ ଯୁକ୍ତି ଦର୍ଶାଇଥିଲେ।

ଅଯୋଧା ଭଗବାନ ରାମଙ୍କ ଜନ୍ମସ୍ଥାନ। ସେଠାରେ ପୂର୍ବରୁ ଶ୍ରୀରାମଙ୍କ ମନ୍ଦିର ରହିଥିଲାବେଳେ ମୋଗଲ ସମ୍ରାଟ ବାବର ସେଠାରେ ମସ୍‌ଜିଦ୍ ନିର୍ମାଣ କରିଥିଲେ ବୋଲି ହିନ୍ଦୁ ସଂଗଠନଗୁଡିକ ଅଭିଯୋଗ କରିଆସୁଛନ୍ତି। ୧୯୯୨ ଡିସେମ୍ବର ୬ରେ ହିନ୍ଦୁ କରସେବକମାନେ ଉକ୍ତ ମସ୍‌ଜିଦକୁ ଭାଙ୍ଗିଦେଇଥିଲେ। ଅଯୋଧାର ବିବାଦୀୟ ୨.୭୭ ଏକର ଜମିକୁ ତିନିପକ୍ଷ ସୁନ୍ନି ୱାକଫ୍ ବୋର୍ଡ, ନିର୍ମୋହୀ ଆଖଡ଼ା ଏବଂ ରାମଲାଲାଙ୍କ ମଧରେ ସମାନ ଭାବେ ବାଣ୍ଟିଦେବା ଲାଗି ୨୦୧୦ରେ ଆଲ୍ଲାହାବାଦ ହାଇକୋର୍ଟ ରାୟ ଦେଇଥିଲେ। ଏହାକୁ ବିରୋଧ କରି ସୁପ୍ରିମକୋର୍ଟରେ ୧୪ଟି ପିଟିଶନ୍ ଦାଏର ହୋଇଥିଲା। ବିବାଦର ଆପୋସ ସମାଧାନ ଲାଗି କମିଟି ସମସ୍ତ ଉଦ୍ୟମ କରିବ ବୋଲି ଜଷ୍ଟିସ୍ କାଲିଫୁଲ୍ଲା କହିଛନ୍ତି। ରବିଶଙ୍କର ମଧ ସମାନ କଥା କହିଛନ୍ତି। ସମାଜରେ ସୌହାର୍ଦ୍ଦ୍ୟପୂର୍ଣ୍ଣ ବାତାବରଣ ବଜାୟ ରଖିବା ସହ ଦୀର୍ଘଦିନର ଏହି ବିବାଦର ସମାଧାନ ପାଇଁ ସମସ୍ତ ଉଦ୍ୟମ ହେବ। ସମସ୍ତଙ୍କୁ ସମ୍ମାନ ଦେଇ ସ୍ୱପ୍ନକୁ ବାସ୍ତବରେ ପରିଣତ କରାଯିବ ବୋଲି ରବିଶଙ୍କର କହିଛନ୍ତି। ଅଯୋଧା ବିବାଦର ମଧସ୍ଥ ଜରିଆରେ ସମାଧାନ ଉଦ୍ୟମ ଏହା ନୂଆ ନୁହେଁ। ପ୍ରଥମେ ୯୦ ଦଶକରେ ଏହାର ସମାଧାନ ଲାଗି ବିଶ୍ୱ ହିନ୍ଦୁ ପରିଷଦ ଏବଂ ବାବ୍ରି ମସ୍‌ଜିଦ୍ କ୍ରିୟାନୁଷ୍ଠାନ କମିଟି ମଧରେ ଆଲୋଚନା ବିଫଳ ହୋଇଥିଲା। ଏହାପରେ ୨୦୦୩ରେ କାଞ୍ଚି ଶଙ୍କରାଚାର୍ଯ୍ୟ ଆପୋସ ସମାଧାନ ଉଦ୍ୟମ କରି ବିଫଳ ହୋଇଥିଲେ। ତୃତୀୟ ଆପୋସ ସମାଧାନ ଉଦ୍ୟମ ପାଇଁ ୨୦୧୭ ମାର୍ଚ୍ଚରେ ତତ୍‌କାଳୀନ ପ୍ରଧାନ ବିଚାରପତି ଜେ.ଏସ୍. ଖେହର ପ୍ରସ୍ତାବ ଦେଇଥିଲେ। ସେହିବର୍ଷ ଦ୍ୱିତୀୟ ଭାଗରେ ଶ୍ରୀଶ୍ରୀ ରବିଶଙ୍କର ଏବଂ ଶିଆ ୱାକଫ୍ ବୋର୍ଡ ଅଧକ୍ଷ ୱାସିମ ରିଜ୍‌ଭି ମଧ ଆଲୋଚନା ମାଧମରେ ଅଯୋଧା ମାମଲାର ସମାଧାନ ଉଦ୍ୟମ କରି ବିଫଳ ହୋଇଥିଲେ।

## 'ଅଫିସର ଚଳାଉଛନ୍ତି ...

ରାଫାଲ ପ୍ରସଙ୍ଗ ଉଠାଇ ସେ କହିଲେ ଯେ, ୭୦ ବର୍ଷର ହିନ୍ଦୁସ୍ଥାନ ଏରୋନଟିକ୍ସ ଲିମିଟେଡ୍ (ହାଲ୍) ଭଳି ରାଷ୍ଟ୍ରାୟତ୍ତ ସଂସ୍ଥା ବଦଳରେ ଅମ୍ବାନୀଙ୍କୁ ଅନୁକମ୍ପା ଦେଖାଇ ଅବିଭକ୍ତ କୋରାପୁଟର ଯୁବତୀ ଯୁବକଙ୍କୁ ବେକାର କରିବାରେ ପ୍ରମୁଖ ଭୂମିକା ନେଇଛନ୍ତି ମୋଦି ସରକାର। ଜମି ଅଧିଗ୍ରହଣ ନୀତିକୁ କୋହଳ କରି ଉଭୟ କେନ୍ଦ୍ର ଓ ରାଜ୍ୟ ସରକାର ଆଦିବାସୀ ଓ ଚାଷୀଙ୍କ ଜମିକୁ ଶିଳ୍ପପତିଙ୍କ ହାତକୁ ଟେକିଦେଇଛନ୍ତି।

କାର୍ଯ୍ୟକ୍ରମରେ ଓଡ଼ିଶା ପ୍ରଭାରୀ ଜିତେନ୍ଦ୍ର ସିଂ, ଛତିଶଗଡ଼ ସ୍ୱାସ୍ଥ୍ୟମନ୍ତ୍ରୀ ତ୍ରିଭୁବନ ସିଂ ଦେଓ, କେନ୍ଦ୍ର ମହିଳା କଂଗ୍ରେସ ସଭାନେତ୍ରୀ ସୁସ୍ମିତା ଦେବ, ଦକ୍ଷିଣ ଓଡ଼ିଶା ପ୍ରଭାରୀ ଅନିଲ ଚୌଧୁରୀ, ପିସିସି ସଭାପତି ନିରଞ୍ଜନ ପଟ୍ଟନାୟକ, ବିରୋଧୀ ଦଳ ନେତା ନରସିଂହ ମିଶ୍ର, ପ୍ରଦୀପ ମାଝି, ଭକ୍ତଚରଣ ଦାସ, ଜଗନ୍ନାଥ ପଟ୍ଟନାୟକ, ରାମଚନ୍ଦ୍ର ଖୁଣ୍ଟିଆ, ଜୟଦେବ ଜେନା, ପ୍ରସାଦ ହରିଚନ୍ଦନ, ବିଧାୟକ ଚନ୍ଦ୍ରଶେଖର ମାଝି, କୈଳାସ କୁଲେସିକା, ସେବାଦଳ ମୁଖ୍ୟ ବୀରେନ ପଟ୍ଟନାୟକ ଉପସ୍ଥିତ ଥିଲେ। ଜିଲା ସଭାନେତ୍ରୀ ମୀନାକ୍ଷୀ ବାହିନୀପତିଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି ସମାବେଶରେ ବିଧାୟକ ତାରାପ୍ରସାଦ ବାହିନୀପତି ପ୍ରାରମ୍ଭିକ ସୂଚନା ଦେଇଥିବା ବେଳେ ଡାବୁଗାଁ ବିଧାୟକ ଭୁଜବଳ ମାଝି ସଭା ପରିଚାଳନା କରିଥିଲେ।

### ରାହୁଲଙ୍କ ଫୋକସରେ ମହିଳା ଭୋଟର

ସମାବେଶରେ କେନ୍ଦ୍ର ଓ ରାଜ୍ୟ ସରକାରଙ୍କୁ ଟାର୍ଗେଟ୍ କରି ଅଭିଭାଷଣ ରଖିବା ପରେ ଆଗାମୀ ନିର୍ବାଚନ ପୂର୍ବରୁ ଜନତାଙ୍କ ପାଇଁ କଂଗ୍ରେସର କି ପ୍ରକାର ଆଭିମୁଖ୍ୟ ଓ ପ୍ରତିଶ୍ରୁତି ରହିଛି, ତାହା ଉପସ୍ଥାପନ କରିଥିଲେ ରାହୁଲ ଗାନ୍ଧୀ। ବିଜେଡିର ମହିଳା ଭୋଟ୍‌ବ୍ୟାଙ୍କକୁ ଦୃଷ୍ଟିରେ ରଖି ରାହୁଲ ମଧ ମହିଳା କାର୍ଡ଼ ଖେଳାଇ ସେହିମାନଙ୍କ ସ୍ୱାର୍ଥକୁ ନିଜ ପ୍ରତିଶ୍ରୁତିରେ ପ୍ରାଥମିକତା ଦେଇଥିଲେ। କ୍ଷମତାକୁ ଆସିଲେ ମହିଳା ସଂରକ୍ଷଣ ବିଲ୍ ସଂସଦରେ ପାରିତ କରିବ କଂଗ୍ରେସ। ଛତିଶଗଡ଼ ଭଳି ଓଡ଼ିଶାରେ କଂଗ୍ରେସ ସରକାର ଗଠନ କଲେ ୧୦ ଦିନ ମଧରେ ସମସ୍ତ ଚାଷୀଙ୍କ ଋଣ ଛାଡ଼ କରାଯିବ। ସେହିପରି ଧାନ କୁଇଣ୍ଟାଲ ପିଛା ସର୍ବନିମ୍ନ ସହାୟକ ମୂଲ୍ୟ ୨ହଜାର ୫ ଶହ ଟଙ୍କା ଦିଆଯିବ। ଯୁବତୀଙ୍କୁ ମାଗଣା ଉଚ୍ଚଶିକ୍ଷା, ବିଧବାଙ୍କୁ ୨ ହଜାର ଟଙ୍କାର ଭତ୍ତା, ସ୍ୱୟଂ ସହାୟକ ଗୋଷ୍ଠୀଙ୍କ ସର୍ବାଧିକ ବ୍ୟାଙ୍କ ଋଣ, ଗରିବ ଶ୍ରେଣୀର ଯୁବତୀଙ୍କ ବିବାହ ପାଇଁ ଆର୍ଥିକ ସହାୟତା, କ୍ଷୁଦ୍ର ମହିଳା ଉଦ୍ୟୋଗୀଙ୍କ ପାଇଁ ସ୍ପେଶାଲ ଫାଇନାନ୍ସିଆଲ କର୍ପୋରେଶନ ବା ସ୍ୱତନ୍ତ୍ର ଅର୍ଥ

ପ୍ରଥମ ପୃଷ୍ଠାରୁ...

ନିଗମ, ଆର୍ଥିକ ଅସ୍ୱଚ୍ଛଳ ପରିବାରକୁ ବ୍ୟାଙ୍କ ଖାତା ଜରିଆରେ ସର୍ବନିମ୍ନ ମାସିକ ଆୟ ପ୍ରଦାନ, ନାରୀ ନିର୍ଯାତନା ରୋକିବା ପାଇଁ ପଞ୍ଚାୟତ ସ୍ତରରେ ସ୍ୱତନ୍ତ୍ର ମହିଳା ଅଫିସର ନିଯୁକ୍ତି ପାଇଁ ପ୍ରତିଶ୍ରୁତିର ଲମ୍ବା ତାଲିକା ବାଢ଼ିଛନ୍ତି ରାହୁଲ।

## ସମାଲୋଚନାର ଜବାବ ରଖିଲେ ବିଜେଡି, ଭାଜପା

ଭୁବନେଶ୍ୱର,୮।୩ (ବ୍ୟୁରୋ): କଂଗ୍ରେସ ଅଧକ୍ଷ ରାହୁଲ ଗାନ୍ଧୀ ଶୁକ୍ରବାର ଓଡ଼ିଶା ଗସ୍ତରେ ଆସି ଉଭୟ ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ଉପରେ ବର୍ଷିଛନ୍ତି। ରାହୁଲଙ୍କ ସମାଲୋଚନା ପରେ ଉଭୟ ଦଳ ପକ୍ଷରୁ ପାଲଟା ଆକ୍ରମଣ କରାଯାଇଛି। ରାହୁଲ ଜଣେ କୁହାଳିଆ ନେତା ବୋଲି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କହିଛନ୍ତି। ଫମ୍ପା ମାଠିଆର ଶବ୍ଦ ବେଶି ବୋଲି କହି ରାହୁଲ କଟାକ୍ଷ କରିଛନ୍ତି। ଧର୍ମେନ୍ଦ୍ର କହିଛନ୍ତି, ରାହୁଲଙ୍କ ପରିବାର ଚାରି ପିଢି ପର୍ଯ୍ୟନ୍ତ ଦେଶକୁ ଶାସନ କରିବାର ସୌଭାଗ୍ୟ ପାଇଥିଲେ । କଂଗ୍ରେସ ଶାସିତ କେଉଁ ରାଜ୍ୟରେ ସେମାନେ କ'ଣ କରିଛନ୍ତି ତାହାର ହିସାବ ଦିଅନ୍ତୁ । ରାହୁଲ ଏବେ କହୁଥିବା କଥା ସେ ସମୟରେ କାହିଁକି କହିପାରିଲେ ନାହିଁ ବୋଲି ଧର୍ମେନ୍ଦ୍ର ପ୍ରଶ୍ନ କରିଛନ୍ତି । ଆମେଠି ଓ ରାଏବରେଲୀରେ ମହିଳାମାନଙ୍କ ଅବସ୍ଥା କ'ଣ ଅଛି ରାହୁଲ କୁହନ୍ତୁ। ଯିଏ କାମ କରେନାହିଁ, ସିଏ ସବୁବେଳେ ବଡ଼ କଥା କହେ ବୋଲି ରାହୁଲଙ୍କୁ ସମାଲୋଚନା କରି ଧର୍ମେନ୍ଦ୍ର ଏହା କହିଛନ୍ତି । ବିଜେଡି ମୁଖପାତ୍ର ସସ୍ମିତ ପାତ୍ର କହିଛନ୍ତି ଯେ, ରାହୁଲ ଓଡ଼ିଶାକୁ ପର୍ଯ୍ୟଟନ ଭ୍ରମଣରେ ଆସିବା ବେଳେ ରାଜ୍ୟ ସରକାରଙ୍କ କାର୍ଯ୍ୟକ୍ରମ ସମ୍ପର୍କରେ ତଥ୍ୟ ବୁଝିକି ଆସନ୍ତୁ। ସାଢେ ୩ବର୍ଷ କାଳ ଦେଖା ନ ଥିବା ରାହୁଲଙ୍କୁ ଏବେ ଓଡ଼ିଶା କଥା ମନେପଡିଛି। ରାଜ୍ୟ ସରକାରଙ୍କ ମହିଳା ସଶକ୍ତୀକରଣ କାର୍ଯ୍ୟକ୍ରମ ସମ୍ପର୍କରେ ତାଙ୍କୁ ଜଣାନାହିଁ। ସ୍ୱର୍ଗତ ବିଜୁ ପଟ୍ଟନାୟକ ପଞ୍ଚାୟତିରାଜ ବ୍ୟବସ୍ଥାରେ ପ୍ରଥମ ଥର ମହିଳାଙ୍କ ପାଇଁ ୩୩ ପ୍ରତିଶତ ସଂରକ୍ଷଣ ବ୍ୟବସ୍ଥା କରିଥିଲେ। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ତାକୁ ୫୦ପ୍ରତିଶତକୁ ବୃଦ୍ଧି କରିଥିଲେ। ୩୩ପ୍ରତିଶତ ସ୍ଥାନ ସଂରକ୍ଷଣ ପାଇଁ ମୁଖ୍ୟମନ୍ତ୍ରୀ ୨୨ରାଜ୍ୟର ମୁଖ୍ୟମନ୍ତ୍ରୀଙ୍କୁ ଚିଠି ଲେଖିଥିଲେ। ଏହି ପଦକ୍ଷେପକୁ କଂଗ୍ରେସ ଦଳର ନେତାମାନେ ଭୂୟସୀ ପ୍ରଶଂସା କରିଛନ୍ତି। ଓଡ଼ିଶାରେ ମିଶନ୍ ଶକ୍ତି କାର୍ଯ୍ୟକ୍ରମରେ ୭୦ଲକ୍ଷ ମହିଳା ସଶକ୍ତ ହୋଇଛନ୍ତି। ଆସନ୍ତା ଥର ରାହୁଲ ଓଡ଼ିଶା ଆସିଲେ ସବୁ ତଥ୍ୟ ଜାଣିକି ଆସିବେ ଭାବୁଛୁ।

## ପୋଲିସ ହାତରେ....

ସୁଗାର ବେପାର କରୁଥିବା ବସ୍ତି ଲୋକେ ଜାଣିବାକୁ ପାଇଥିଲେ। ସେମାନଙ୍କୁ ଧରିବା ପାଇଁ ଜଗି ରହିଥିଲେ। ଶୁକ୍ରବାର ଅପରାହ୍ନ ୧.୩୦ ସମୟରେ ଉକ୍ତ ଯୁବକମାନେ ଅଟୋରେ ବସି ବ୍ରାଉନ ସୁଗାର ବେପାର କରିବା ବେଳେ ସ୍ଥାନୀୟ ବାସିନ୍ଦା ସେମାନଙ୍କୁ କାବୁ କରି ପିଟିଥିଲେ। ଖବର ପାଇ ଥାନାର ଦୁଇଟି ବିଟ୍ ପାଟ୍ରୋଲିଂ ଗାଡି ପହଞ୍ଚିଥିଲା। ହେଲେ ସେମାନେ ଉତ୍ତ୍ୟକ୍ତ ଲୋକଙ୍କୁ ନିୟନ୍ତ୍ରଣ କରିପାରି ନ ଥିଲେ। କିଛି ସମୟରେ ପରେ ଥାନାର ଏକ ଭ୍ୟାନ୍ ସେଠାରେ ପହଞ୍ଚିଥିଲା। ଭ୍ୟାନରେ ଥିବା ପୋଲିସ ଲୋକଙ୍କୁ ବୁଝାଇବା ପାଇଁ ଚେଷ୍ଟା କରି ବିଫଳ ହୋଇଥିଲା। ଏହି ସମୟରେ ଭ୍ୟାନ ଡ୍ରାଇଭର ପ୍ରମୋଦ ଲୋକଙ୍କ ଦୃଷ୍ଟିଆଢୁଆଳରେ ବ୍ରାଉନ ସୁଗାର ଲୁଚାଇ ରଖିଥିଲେ। ମାତ୍ର ଉତ୍ତ୍ୟକ୍ତ ଲୋକେ ଖୋଜିବାରୁ ସେ ପକେଟରୁ ବ୍ରାଉନ ସୁଗାର ବାହାର କରି ତଳେ ପକାଇବା ବେଳେ ଲୋକଙ୍କ ନଜରରେ ପଡ଼ିଥିଲେ। ଥାନା ଅଧିକାରୀ ସ୍ୱାଇଁ କହିଛନ୍ତି, ଏନେଇ ନଂ. ୧୨୨/୧୯ରେ ଏକ ମାମଲା ରୁଜୁ କରାଯାଇଛି। ଅନ୍ୟପକ୍ଷରେ ମାଡ଼ ଖାଇଥିବା ଭ୍ୟାନ ଡ୍ରାଇଭର ଅଭିଯୋଗ କଲେ ଏହାର ମଧ ତଦନ୍ତ କରାଯିବ। ଏଠାରେ ପ୍ରଶ୍ନ ଉଠୁଛି ପ୍ରମୋଦଙ୍କର ନିଶା ବେପାରୀଙ୍କ ସହ ସମ୍ପର୍କ ଅଛି ନା ଅନ୍ୟ କେଉଁ କାରଣ ପାଇଁ ସେ ବ୍ରାଉନ ସୁଗାର ଲୁଚାଇ ଦେଉଥିଲେ। ଏହାର ତଦନ୍ତ କରାଗଲେ ପୋଲିସ ଓ ନିଶା ବେପାରୀଙ୍କ ସମ୍ପର୍କର ପର୍ଦ୍ଦାଫାଶ ହୋଇପାରିବ ବୋଲି ସାଧାରଣରେ ଆଲୋଚନା ହେଉଛି।

## ଯୁବବାହିନୀ ପାଇଁ ...

ଚାନ୍ଦବାଲିରେ ୧୭୯୯, ଚାନ୍ଦବାଲି ଏନ୍‌ଏସିରେ ୪୪୯, ଧାମନଗରରେ ୨୨୬୦, ଧାମନଗର ଏନ୍‌ଏସିରେ ୩୬୩,

ତିହିଡିରେ ୧୧୩୯ ବିଜୁ ଯୁବବାହିନୀ କର୍ମକର୍ତ୍ତା ରହିଛନ୍ତି। ଗତ ସପ୍ତାହରେ କେତେକ ପ୍ରମୁଖ କର୍ମକର୍ତ୍ତାଙ୍କୁ ଗୋଟିଏ ଲେଖାଏ ମୋବାଇଲ ବାଣ୍ଟିବା ସକାଶେ ଜିଲାର ବିଭିନ୍ନ ବିଡିଓଙ୍କ ନିକଟକୁ ଜଟଣୀ ଠିକଣାରେ ଭୁବନେଶ୍ୱରରୁ ପାର୍ସଲ ଯୋଗେ ମୋବାଇଲ ଫୋନ ଆସିଥିଲା। ଏଥିରୁ ବନ୍ତ ବ୍ଲକକୁ ମୋଟ ୧୪୯୦ଟି ମୋବାଇଲ ପାର୍ସଲ ଯୋଗେ ଆସିଥିବା କୁହାଯାଉଛି। ତଥ୍ୟ ମୁତାବକ ଉକ୍ତ ପାର୍ସଲରେ ବନ୍ତ ବିଡିଓ ରେବିକା ବିଲୁଙ୍ଗଙ୍କ ନାମ ଓ ଫୋନ ନମ୍ବର ଥିବାବେଳେ ଭୁଲ୍ ଠିକଣା ଯଥା 'ତ୍ରିବେଣୀ ଆର୍ଥ ମୁଭର୍ସ ପ୍ରାଇଭେଟ ଲିମିଟେଡ, ବନ୍ତ, ଜିଲା ଭଦ୍ରକ ଲେଖା ରହିଥିଲା। ତ୍ରିବେଣୀ ଆର୍ଥ ମୁଭର୍ସ ନାମରେ କୌଣସି ସଂସ୍ଥା ବନ୍ତରେ ନ ଥିବା ଜଣାପଡ଼ିଛି। ତେବେ ପାର୍ସଲରେ ଲେଖାଥିବା ମୋବାଇଲ ନମ୍ବର ବିଡିଓଙ୍କର ବୋଲି ସୂଚନା ମିଳିଛି। ଉକ୍ତ ପାର୍ସଲରେ ପ୍ରେରକଙ୍କ ଠିକଣା ସ୍ଥାନରେ ଏକ ବ୍ରାଣ୍ଡେଡ ମୋବାଇଲ କମ୍ପାନୀର ନାଁ ଥିଲେ ମଧ ସେଥିରେ ଏକ ଅଟା କମ୍ପାନୀର ନାମ ଲେଖା ଯାଇଥିଲା। ଅନୁରୂପ ଭାବେ ଅନ୍ୟ ବିଡିଓମାନଙ୍କ ପାଖକୁ ଏଭଳି ଭୁଲ୍ ଠିକଣା ଥିବା ପାର୍ସଲ ମଧ ଆସିଥିଲା। ଏହି ଘଟଣା ପଦାକୁ ଆସିବା ପରେ ଏହାପଛରେ ଅନେକ ରହସ୍ୟ ରହିଥିବା ଏବଂ ସରକାରଙ୍କ ପକ୍ଷରୁ ଯୁବ ଭୋଟରଙ୍କୁ ହାତେଇବା ପାଇଁ ଏଭଳି ଲୁଚାଣିଆ ଯୋଜନା କରାଯାଇଥିବା ଚର୍ଚ୍ଚା ଜୋର ଧରିଛି। ଜିଲାପାଳ ଜ୍ଞାନରଞ୍ଜନ ଦାସଙ୍କୁ ପଚାରିବାରୁ ସେ ଏ ସମ୍ପର୍କରେ ଆଦୌ ଅବଗତ ନ ଥିବା କହିଥିବା ବେଳେ ବିଡିଓମାନେ ଭିନ୍ନମତ ଦେଉଛନ୍ତି। ଭୁବନେଶ୍ୱରରୁ ଫୋନ କରାଯାଇ ଏହି ପାର୍ସଲ ରଖି ଯୁବବାହିନୀଙ୍କୁ ବାଣ୍ଟିବାକୁ କୁହାଯାଇଥିଲା ବୋଲି ବନ୍ତ ବିଡିଓ ବିଲୁଙ୍ଗ ଏଠାରେ ସୂଚନା ଦେଇଛନ୍ତି। ଭାଜପା ଜିଲା ସଭାପତି ବଦ୍ରିନାରାୟଣ ଧଳ ସରକାରଙ୍କର ଏଭଳି ଲୁଚାଣିଆ ଯୋଜନାକୁ ନିନ୍ଦା କରିଛନ୍ତି। ଭୁଲ୍ ଠିକଣାରେ ବିଡିଓମାନଙ୍କ ନିକଟକୁ ପାର୍ସଲ ପଠାଯିବା ଘଟଣାରୁ ଏହା ଲୁଚାଣିଆ ଯୋଜନା ବୋଲି ସ୍ପଷ୍ଟ ହୋଇଥିବା ସେ କହିଛନ୍ତି।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ

**ମେଷ** କାର୍ଯ୍ୟଦକ୍ଷତାରୁ ପ୍ରଶଂସିତ କରାଇବ। ଗୁରୁ କ୍ଷେତ୍ରସ୍ଥ ଦ୍ୱାଦଶ ଚନ୍ଦ୍ର ତୃତୀୟାଧିପ ସଂଯୋଗରୁ ପଡ଼ୋଶୀଙ୍କ ସହଯାତ୍ରୀ ହୋଇପାରନ୍ତି। ପାରିବାରିକ ସ୍ତରରେ ସାଧାରଣ କଥାକୁ ନେଇ ଭାବାନ୍ତର ସୃଷ୍ଟି ହେବାର ଆଶଙ୍କା ରହିଛି। ମହିଳାମାନେ ଯାତ୍ରା, ବ୍ୟବସାୟ,ବନ୍ଧୁ ସମ୍ପର୍କ ତଥା ପ୍ରତିଯୋଗିତାରେ ସଫଳତା ହାସଲ କରିପାରିବେ।

**ବୃଷ** ରବି ଓ ଚନ୍ଦ୍ରଙ୍କ କେନ୍ଦ୍ରକୋଣ ସହ ସମ୍ପର୍କ ଆର୍ଥିକ ଉନ୍ନତି, ଲୋକସମ୍ପର୍କ, ଆନୁଷ୍ଠାନିକ କାମ ଓ ବନ୍ଧୁଙ୍କ ଜରିଆରେ କାମ ହାସଲ କରାଇବ। କିନ୍ତୁ ଶନି ଅଷ୍ଟମସ୍ଥ ହେତୁ କର୍ମକ୍ଷେତ୍ରରେ ଦୁଃସାହସିକ କାମରେ ପ୍ରବେଶ କରି ଶେଷ ପର୍ଯ୍ୟାୟରେ ଅନୁତାପ କରିବାକୁ ପଡ଼ିପାରେ। ଲାଗି ରହିଥିବା ବିବାଦୀୟ ଘଟଣା ପୂର୍ବପରି ଅମୀମାଂସିତ ରହିବ।

**ମିଥୁନ** ଅଷ୍ଟମସ୍ଥ ଶୁକ୍ର ଶିକ୍ଷା, ପରୀକ୍ଷା, ରଚନାତ୍ମକ କାର୍ଯ୍ୟ, କଳା, ସଙ୍ଗୀତାଦି କ୍ଷେତ୍ରରେ ସମସ୍ୟାର କାରଣ ହୋଇପାରେ। କୌଣସି ମହିଳାଙ୍କ ପ୍ରତିବାଦର ସ୍ୱର ଆପଣଙ୍କ କାମକୁ ପ୍ରଭାବିତ କରିବାର ଆଶଙ୍କା ରହିଛି। ଅର୍ଥନୈତିକ ଅଭିବୃଦ୍ଧି ସହ ଗଣ ଯୋଗାଯୋଗ, ଗବେଷଣା, ଅନୁସନ୍ଧାନ, କୃଷି, ବାଣିଜ୍ୟ ଓ ରାଜନୀତିରେ ସଫଳ ହେବେ।

**କର୍କଟ** ତିନୋଟି କେନ୍ଦ୍ରରେ ଗ୍ରହମାନଙ୍କ ସହ ଭାଗ୍ୟସ୍ଥ ତୃତୀୟାଧିପ ଯୁକ୍ତ ରାଶ୍ୟାଧିପତି ଆପଣଙ୍କ ପ୍ରତ୍ୟେକ କାର୍ଯ୍ୟରେ ସୁଫଳ ପ୍ରଦାନ କରିବ। ବନ୍ଧୁଙ୍କ ପରାମର୍ଶ, ଆଲୋଚନାରେ ସମର୍ଥନ, ଆନୁଷ୍ଠାନିକ କାମରେ ସହଯୋଗ ପ୍ରଦାନ କରିବ। କର୍ମକ୍ଷେତ୍ରରେ ଦୀର୍ଘଦିନର ସମସ୍ୟାର ଅନ୍ତ ଘଟାଇ କ୍ରମଶଃ ସ୍ଥିରତା ଫେରିପାଇବେ।

**ସିଂହ** ଆରୋଗ୍ୟଲାଭ, ପଦସ୍ଥବ୍ୟକ୍ତିଙ୍କ ସାନ୍ନିଧ, କାର୍ଯ୍ୟସିଦ୍ଧିର ପ୍ରାକ୍ ସୂଚନା ପୂର୍ଣ୍ଣରୂପରେ ଜ୍ଞାତ ହୋଇଥିଲେ ମଧ ମାନସିକ ଅସ୍ଥିରତାରୁ ମୁକୁଳିପାରିବେ ନାହିଁ। ସମସ୍ୟା ସୁଧୁରିଯିବା କାରଣରୁ ସାମୟିକ ଆନନ୍ଦ ଅନୁଭବ କରିବେ। ଆଜି ଆଗାମୀ ମାଙ୍ଗଳିକ କାର୍ଯ୍ୟ, ନୂତନ ଗୃହ ପ୍ରବେଶ ସକାଶେ ପୂର୍ବାଲୋଚନା କରିପାରନ୍ତି।

**କନ୍ୟା** କର୍ମାଧିପ ଭାଗ୍ୟସ୍ଥାନରେ ରହି ସାମଗ୍ରିକ ସୁବିଧା ସୁଯୋଗ ଯୋଗାଇ ଦେବେ। ଫଳରେ କାର୍ଯ୍ୟସିଦ୍ଧି, ଅର୍ଥଲାଭ, ବିବାଦୀୟ ଘଟଣାର ସମାଧାନ ଅବଶ୍ୟ ଘଟିବ। ଘରେ ସକାଳୁ ସକାଳୁ ଯେଉଁ କାମଟିକୁ ଆରମ୍ଭ କରିବାକୁ ଯାଉଛନ୍ତି ସେଥିରେ ଅବଶ୍ୟ ଶୁଭଫଳ ପାଇବେ। ଅଫିସରେ ଥିବା ସମୟରେ କୌଣସି ବ୍ୟକ୍ତିଙ୍କ ନିକଟରୁ ବିସ୍ମୟଜନକ ଖବର ପାଇବେ।

**ତୁଳା** ରାଶ୍ୟାଧିପ ସାଙ୍ଗକୁ ଧନାଧିପଙ୍କ ଶୁଭସଂସ୍ଥାନ ଏକାଦିକ୍ରମେ ପରିବାର, ବନ୍ଧୁସମ୍ପର୍କ, ନୂତନ କର୍ମାରମ୍ଭ ଓ ଅର୍ଥନୈତିକ ସ୍ଥିତିପାଇଁ ଅନୁକୂଳ ରହିବ। ଶିଳ୍ପ, ବ୍ୟବସାୟ, ପରିବହନ, ପର୍ଯ୍ୟଟନାଦି କ୍ଷେତ୍ରରେ ଉଚ୍ଚ ଫଳ ପ୍ରାପ୍ତି ହୋଇପାରେ। ସାଙ୍ଗସାଥୀଙ୍କ ସହ ଭ୍ରମଣ ସକାଶେ ମନ ବଳାଇପାରନ୍ତି। ଅପପ୍ରଚାର ସମ୍ବନ୍ଧୀୟ ଶୁଣା କଥାକୁ ବିଶ୍ୱାସ କଲେ ଅପଦସ୍ଥ ହେବେ।

**ବିଛା** ଆଜିର ଗ୍ରହସ୍ଥିତି ଆପଣଙ୍କୁ ପ୍ରତ୍ୟୁଷ ଯାତ୍ରା, ବନ୍ଧୁଙ୍କ ସହ ଆଲୋଚନା ପାଇଁ ସୁଯୋଗ ସୃଷ୍ଟି କରିବ। ଶୁଭଚିନ୍ତକଙ୍କ ଦ୍ୱାରା ମୂଲ୍ୟବାନ୍ ଦ୍ରବ୍ୟଲାଭ ଏବଂ ବିଶିଷ୍ଟବ୍ୟକ୍ତିଙ୍କ ସାନ୍ନିଧ ଲାଭର ସୁଯୋଗ ପାଇବେ। ଏହା ସାଙ୍ଗକୁ ଛୋଟ ଛୋଟ କଥାକୁ କେନ୍ଦ୍ରକରି ପାରିବାରିକ ଦୁଶ୍ଚିନ୍ତା ବୃଦ୍ଧି ପାଇବା କାରଣରୁ ସ୍ୱାସ୍ଥ୍ୟରେ ଅବନତି ପରିଲକ୍ଷିତ ହେବାର ଆଶଙ୍କା ରହିଛି।

**ଧନୁ** ଚନ୍ଦ୍ରଙ୍କ କେନ୍ଦ୍ରସ୍ଥ ଶନି ଉଭୟେ ଦୁଃସ୍ଥାନାନଧିପ ହେଲେ ମଧ ଗୁରୁକ୍ଷେତ୍ର ପ୍ରଭାବରୁ କୁଫଳ ପ୍ରଦାନ କରିପାରିବେ ନାହିଁ। ସ୍ଥଗିତକାର୍ଯ୍ୟ, ସଭାସମିତି, ପ୍ରଶାସନିକ କାର୍ଯ୍ୟ, ସାମ୍ବାଦିକତା ଓ ଏଜେନସିପ୍ ପାଇଁ କୌଣସି ଅସୁବିଧା ହେବନାହିଁ। ଶାରୀରିକ ଅବସ୍ଥାରେ ବିଶେଷ ଉନ୍ନତି ଦେଖା ନ ଦେଲେ ମଧ୍ୟ ପରିସ୍ଥିତି ଶାନ୍ତ ରହିବ।

**ମକର** ପାପଗ୍ରହ ମଧସ୍ଥ ଚନ୍ଦ୍ର ଶତ୍ରୁ ବୁଧଙ୍କ ସଙ୍ଗଲାଭ କରି କେନ୍ଦ୍ରସ୍ଥ ହୋଇଥିବାରୁ ବନ୍ଧୁଙ୍କ ସକାଶେ ମନ ବ୍ୟାକୁଳିତ ରହିବ। ପରିବାର ପାଇଁ ଅଥବା କାର୍ଯ୍ୟକ୍ଷେତ୍ରରେ ସଂକଟଜନକ ପରିସ୍ଥିତି ମାନସିକ ଅସ୍ଥିରତାର କାରଣ ହୋଇପାରେ। ଅବଶ୍ୟ ରାଶିରେ ଘର ଲୋକଙ୍କ ଅନୁରୋଧରେ ମନୋରଞ୍ଜନ ଜିନିଷ କ୍ରୟ କରିବେ।

**କୁମ୍ଭ** ରାଶିରେ ରବି ଓ ଦ୍ୱିତୀୟସ୍ଥ ଚନ୍ଦ୍ର ସହ ବୁଧ ସମ୍ପର୍କରୁ ବିବାଦର ସମାଧାନ, ବନ୍ଧୁଙ୍କ ସହାନୁଭୂତି ସହ ସମର୍ଥନ ଲାଭକରିବେ। କର୍ମକ୍ଷେତ୍ରରେ ସଫଳତା ହାସଲ ଦିଗରେ ଜଣେ ବାଲ୍ୟବନ୍ଧୁ ମାର୍ଗଦର୍ଶକ ହୋଇପାରନ୍ତି। ସାମୟିକ ପ୍ରତିବନ୍ଧକ କାରଣରୁ ନିର୍ମାଣାଧୀନ କାର୍ଯ୍ୟ ସ୍ଥଗିତ ରହିଯାଇପାରେ।

**ମୀନ** ଆପଣଙ୍କ ଚିନ୍ତାଧାରା ମନ୍ଦ ନ ହଲେ ମଧ ପ୍ରକାଶଭଙ୍ଗୀର କଠୋରତା ବନ୍ଧୁଙ୍କ ମନଦୁଃଖର କାରଣ ହୋଇପାରେ। ଫଳତଃ ସାହାଯ୍ୟ, ସହଯୋଗର ଆଶା ନୈରାଶ୍ୟଜନକ ନ ହେଲେ ମଧ ପୂର୍ଣ୍ଣମାତ୍ରାରେ ପାଇବା କଷ୍ଟକର ହେବ। ବାହ୍ୟିକ ଦୃଷ୍ଟିକୋଣରୁ ସୁସ୍ଥ ଦେଖାଗଲେ ମଧ ଅନ୍ତର୍ନିହିତ ରୋଗ ପ୍ରତି ସଜାଗ ନ ରହିଲେ ଅସୁବିଧାରେ ପଡ଼ିବେ।

ଆଜି ଫାଲ୍‌ଗୁନ ଶୁକ୍ଳ ତୃତୀୟା ଶନିବାର, ମାର୍ଚ୍ଚ ୯ ତାରିଖ, ରାଶି ନକ୍ଷତ୍ର-ରେବତୀ/ମୀନ, ତୃତୀୟାର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ଅଦ୍ୟ ରେବତୀ ନକ୍ଷତ୍ରେ ବିବାହ ପାଣିଗ୍ରହଣ, ଦିବା ଘ୧୧।୫୭ମି. ଗତେ ଘ୧।୨୬ମି. ମଧ୍ୟେ, ଘ୨।୫୫ମି. ଗତେ ଘ୪।୨୬ମି. ମଧ୍ୟେ ଅମୃତ ବେଳା। ଦିବା ଘ୭।୩୦ମି. ଗତେ ଘ୮।୫୯ମି. ମଧ୍ୟେ ମାହେନ୍ଦ୍ର ବେଳା। ଦିବା ଘ୯।୦୦ମି. ଗତେ ଘ୧୦।୨୯ମି. ମଧ୍ୟେ ରାହୁକାଳ।



ଅଗ୍ନି ଶୁଖିଲା ଘାସକୁ ପୋଡ଼ି ପାଉଁଶ କରିଦେଲା ପରି ଭଗବାନଙ୍କ ନାମ ସ୍ମରଣ ସକଳ ପାପକୁ ନାଶ କରିଦିଏ।
- ସନ୍ଥ ତୁଳସୀ ଦାସ




## ■ ମାଟ୍ରିକ୍ ପ୍ରଶ୍ନପତ୍ର ଭାଇରାଲ
# ସାହିତ୍ୟରୁ ଆରମ୍ଭ ସାମାଜିକ ବିଜ୍ଞାନରେ ଶେଷ

**କଟକ ଅଫିସ, ୮।୩:** ଓଡ଼ିଶା ମାଧ୍ୟମିକ ଶିକ୍ଷା ପରିଷଦ(ବୋର୍ଡ) ଦ୍ୱାରା ପରିଚାଳିତ ଚଳିତବର୍ଷର ମାଟ୍ରିକ ପରୀକ୍ଷା ଭାଇରାଲରୁ ଆରମ୍ଭ ହୋଇ ଭାଇରାଲରେ ଶେଷ ହୋଇଛି। ଗତ ଫେବୃୟାରୀ ୨୨ରେ ପରୀକ୍ଷା ଆରମ୍ଭ ଦିନ ସାହିତ୍ୟ ପ୍ରଶ୍ନପତ୍ର ଭାଇରାଲ ହୋଇଥିଲାବେଳେ ଶୁକ୍ରବାର ପରୀକ୍ଷାର ଶେଷ ଦିବସରେ ଭାଇରାଲ ହୋଇଛି ସାମାଜିକ ବିଜ୍ଞାନ ପ୍ରଶ୍ନପତ୍ର। ସେହିପରି ଗତ ୨ ତାରିଖରେ ଗଣିତ ପ୍ରଶ୍ନପତ୍ର ମଧ୍ୟ ଭାଇରାଲ ହୋଇଥିଲା। ବୋର୍ଡ ସଭାପତି ଡ. ଜାହାଁ ଆରା ବେଗମ୍ ସାମାଜିକ ବିଜ୍ଞାନ ପ୍ରଶ୍ନପତ୍ର ଭାଇରାଲକୁ ସ୍ୱୀକାର କରିଛନ୍ତି। ସେ କହିଛନ୍ତି ଯେ, ପରୀକ୍ଷା ଶେଷ ହେବାର କିଛି ମିନିଟ ପୂର୍ବରୁ ସୋସିଆଲ ମିଡିଆରେ ଦେଖିବାକୁ ମିଳିଥିଲା। ଭାଇରାଲ କରିଥିବା ବ୍ୟକ୍ତିଜଣକ ବହୁ ସତର୍କତାର ସହ ଏହି କାର୍ଯ୍ୟ କରିଛନ୍ତି। ସାମାଜିକ ବିଜ୍ଞାନର ଉଭୟ ସବ୍‌ଜେକ୍ଟିଭ ଓ ଅବ୍‌ଜେକ୍ଟିଭ ପ୍ରଶ୍ନପତ୍ର ଭାଇରାଲ ହୋଇଥିଲା। ଅବ୍‌ଜେକ୍ଟିଭ ପ୍ରଶ୍ନପତ୍ରର ସମ୍ପୂର୍ଣ୍ଣ ଫଟୋ ଭାଇରାଲ ହୋଇଥିବା ବେଳେ ସବଜେକ୍ଟିଭର ୪ଟି ପ୍ରଶ୍ନର ଫଟୋ ଏଥିରେ ଦେଖିବାକୁ ମିଳିଥିଲା। ଫଟୋ ଉଠାଇଥିବା ବ୍ୟକ୍ତିଜଣଙ୍କ ପ୍ରଶ୍ନପତ୍ରର ଉପର ପାର୍ଶ୍ୱରେ ଖବରକାଗଜ ରଖି ସେଥିରେ ଥିବା ବିଭିନ୍ନ କୋଡ୍‌ଗୁଡ଼ିକୁ ଲୁଚାଇ ଦେଇଛନ୍ତି। ଫଳରେ ତାହା କେଉଁ ଜିଲାର ପରୀକ୍ଷାକେନ୍ଦ୍ରରୁ ଭାଇରାଲ ହୋଇଛି ତାହା କହିବା କଷ୍ଟକର। ହେଲେ ଏହା ଅରିଜିନାଲ ପ୍ରଶ୍ନପତ୍ର ସହ ମେଳ ଖାଉଛି। କୌଣସି ଠୋସ୍ ତଥ୍ୟ ନ ଥିବାରୁ ଆମେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିନାହୁଁ ବୋଲି ଡ. ବେଗମ୍ କହିଛନ୍ତି। ଏତଦବ୍ୟତୀତ ଶୁକ୍ରବାର ସାମାଜିକ ବିଜ୍ଞାନ ପରୀକ୍ଷାରେ ୧୩ଜଣ କପି କରି ଧରାପଡ଼ିଛନ୍ତି।

- ■ ୨୫ରୁ ଖାତାଦେଖା
- ■ ୧୨ରେ ପରୀକ୍ଷା କମିଟିର ଗୁରୁତ୍ୱପୂର୍ଣ୍ଣ ବୈଠକ

ଅନ୍ୟପକ୍ଷରେ ଆସନ୍ତା ୨୫ ତାରିଖରୁ ଏପ୍ରିଲ ୫ ଯାଏ ଚାଲିବ ଖାତା ଦେଖା। ଏଥିନିମନ୍ତେ ୬୦ଟି ମୂଲ୍ୟାୟନ କେନ୍ଦ୍ର ସ୍ଥିର କରାଯାଇଛି। ପ୍ରଥମ ୩ଟି ପରୀକ୍ଷାର ଉତ୍ତରଖାତା ନୋଡାଲ ସେଣ୍ଟରରୁ ମୂଲ୍ୟାୟନ କେନ୍ଦ୍ରକୁ ଅଣାସରିଥିବା ବେଳେ ବଳକା ପରୀକ୍ଷାର ଓଏମ୍‌ଆର୍ ଶିଟ ଖୁବ୍‌ଶୀଘ୍ର ଅଣାଯିବ ବୋଲି ବୋର୍ଡ ସଭାପତି ବେଗମ୍ ସୂଚନା ଦେଇଛନ୍ତି। ଏବେ ମୂଲ୍ୟାୟନକାରୀ ଶିକ୍ଷକଙ୍କ ତାଲିକା ପ୍ରସ୍ତୁତି ଚାଲିଛି ବୋଲି ସେ କହିଥିଲେ। ସେହିପରି ଆସନ୍ତା ୧୨ ତାରିଖରେ ବସିବ ବୋର୍ଡର ପରୀକ୍ଷା କମିଟି ବୈଠକ। ଚଳିତ ମାଟ୍ରିକ ପରୀକ୍ଷା ନିମନ୍ତେ ଏହି ବୈଠକ ବହୁ ଗୁରୁତ୍ୱପୂର୍ଣ୍ଣ ରହିଛି। ବୈଠକରେ ଦୁଇଟି ପ୍ରସଙ୍ଗ ଉପରେ ଆଲୋଚନା କରାଯିବ।

ପ୍ରଥମଟି ହେଲା, ପରୀକ୍ଷା ସମୟରେ ଅଭିଭାବକ, ସମ୍ପର୍କୀୟମାନଙ୍କ ଦ୍ୱାରା ବିଶୃଙ୍ଖଳା ଆଚରଣ, କପି ଯୋଗାଇବା ତଥା ଅଧିକ ସଂଖ୍ୟକ ପରୀକ୍ଷାର୍ଥୀ ମାଲପ୍ରାକ୍ଟିସରେ ଧରାପଡ଼ିବା ଯୋଗୁ ୩ଟି କେନ୍ଦ୍ରର ଇଂଲିଶ୍ ପରୀକ୍ଷାକୁ ବାତିଲ କରାଯାଇଥିଲା। ତେଣୁ ଉକ୍ତ ୩ ପରୀକ୍ଷା କେନ୍ଦ୍ରର ୬୭୫ ପରୀକ୍ଷାର୍ଥୀଙ୍କୁ ଶୂନ ମାର୍କ ଦିଆଯିବ ନା ମାଲପ୍ରାକ୍ଟିସ କରାଯିବ ସେ ନେଇ ନିଷ୍ପତ୍ତି ହେବ। ଅନ୍ୟ ଏକ ପ୍ରସଙ୍ଗ ହେଉଛି ମାଲକାନଗିରି ଜିଲା ପଡ଼ିଆସ୍ଥିତ ସରକାରୀ ଉଚ୍ଚ ବିଦ୍ୟାଳୟରୁ ଗଣିତ ଉତ୍ତରଖାତା ଗାଏବ ହେବା। ଏନେଇ ୧୦୮ଜଣ ପରୀକ୍ଷାର୍ଥୀଙ୍କ ଭବିଷ୍ୟତ ଉପରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

# ବ୍ଲକ୍ ଗ୍ରାଣ୍ଟ କଲେଜ ଅଧ୍ୟାପକ, କର୍ମଚାରୀଙ୍କ ୩ ମାସର ବକେୟା ଦରମା ମିଳିବ

**ଭୁବନେଶ୍ୱର, ୮।୩ (ବ୍ୟୁରୋ):** ଦୀର୍ଘଦିନ ପରେ ରାଜ୍ୟ ସରକାର ବ୍ଲକଗ୍ରାଣ୍ଟ କଲେଜ ଅଧ୍ୟାପକ ଓ କର୍ମଚାରୀଙ୍କ ଉପରେ କୃପା କରିଛନ୍ତି। ନିଜର ଦାବି ପୂରଣ ପାଇଁ ଧାରଣାରେ ବସିବା ଯୋଗୁ ୬୬୨ ଓ ୪୮୮ ବର୍ଗ କଲେଜ ଶିକ୍ଷକ ଓ କର୍ମଚାରୀମାନଙ୍କର ବନ୍ଦ ଥିବା ୩ ମାସର ଦରମା ଦେବାକୁ ସରକାର ଶେଷରେ ରାଜି ହୋଇଛନ୍ତି। ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ଉଚ୍ଚଶିକ୍ଷା ନିର୍ଦ୍ଦେଶକଙ୍କୁ ଆସନ୍ତା ମାର୍ଚ୍ଚ ୩୦ ତାରିଖ ପୂର୍ବରୁ ବକେୟା ଦରମା ଦେବାକୁ ନିର୍ଦ୍ଦେଶ ଦିଆଯାଇଛି। ଶୁକ୍ରବାର ଏ ନେଇ ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ କରାଯାଇଛି। ପୂର୍ଣ୍ଣ ଅନୁଦାନ ଦାବି ନେଇ ଉଭୟ ବର୍ଗର କଲେଜ ସଂଘ ପକ୍ଷରୁ ଅଧ୍ୟାପକ ଓ କର୍ମଚାରୀମାନେ ଆନ୍ଦୋଳନ କରିବାରୁ ସେମାନଙ୍କର ୨୦୧୬ ଜୁନ ଏବଂ ୨୦୧୮ର ଅଗଷ୍ଟ ଏବଂ ସେପ୍ଟେମ୍ବର ଦରମାକୁ ବନ୍ଦ କରି ଦିଆଯାଇଥିଲା।

# ୭ କୋଟିରେ ପହଞ୍ଚିଲା ଉଜ୍ଜ୍ୱଳା: ଧର୍ମେନ୍ଦ୍ର

**ଭୁବନେଶ୍ୱର,୮।୩ (ବ୍ୟୁରୋ):** ପ୍ରଧାନମନ୍ତ୍ରୀ ଉଜ୍ଜ୍ୱଳା ଯୋଜନାରେ ଦେଶର ୭କୋଟି ଗରିବ ପରିବାରକୁ ଗ୍ୟାସ ସଂଯୋଗ ଦେଇ ମୋଦି ସରକାର ଅସମ୍ଭବକୁ ସମ୍ଭବ କରିଛନ୍ତି। ୯ହଜାର କୋଟିଟଙ୍କା ବ୍ୟୟରେ ଦୁନିଆର ସବୁଠୁ ବଡ ଗ୍ୟାସ ପାଇପ ଲାଇନ ତିଆରି ସହ ବଟଲିଂ ପ୍ଲାଣ୍ଟ ନିର୍ମାଣ ହୋଇଛି। ବିତରକ ନେଟୱର୍କକୁ ତଳସ୍ତର ଅଞ୍ଚଳରେ ପହଞ୍ଚାଇବା ପାଇଁ କମନ ସର୍ଭିସ ସେଣ୍ଟରର ସହଯୋଗ ନିଆଯାଇଛି। ଫଳରେ ଦେଶରେ ସ୍ୱଚ୍ଛ ଇନ୍ଧନ ପହଞ୍ଚାଇବାର ପ୍ରତିଶ୍ରୁତି ପୂରଣ ହୋଇଛି ବୋଲି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କହିଛନ୍ତି। ନୂଆଦିଲ୍ଲୀଠାରେ ପ୍ରଧାନମନ୍ତ୍ରୀ ଉଜ୍ଜ୍ୱଳା ଯୋଜନାରେ ୭ କୋଟିତମ ହିତାଧିକାରୀଙ୍କୁ ଗ୍ୟାସ ବିତରଣ କରିବା ଅବସରରେ ଧର୍ମେନ୍ଦ୍ର କହିଛନ୍ତି ଯେ, ମୋଦି ୨୦୧୬ ମେ ୧ରେ ଯୋଜନାର ଶୁଭାରମ୍ଭ କରିଥିଲେ। ୫ଲକ୍ଷ ମହିଳାଙ୍କୁ ଉଜ୍ଜ୍ୱଳା ଯୋଜନାରେ ସାମିଲ କରିବାର ଲକ୍ଷ୍ୟ ନେଇ ୮ ନଭେମ୍ବର ୨୦୧୬ରେ ପ୍ରଥମ ୧କୋଟି ସଂଯୋଗ ପୂରଣ ହୋଇଥିଲା। ଆଜି ୭କୋଟି ଏଲ୍‌ପିଜି ଗ୍ୟାସ ସଂଯୋଗ ଲକ୍ଷ୍ୟ ପୂରଣ କରାଯାଇଛି ବୋଲି ଧର୍ମେନ୍ଦ୍ର କହିଛନ୍ତି।

# ନିଯୁକ୍ତ ହେବେ ୧୫୩୮ ଡାକ୍ତର

**ଭୁବନେଶ୍ୱର, ୮।୩(ବ୍ୟୁରୋ):** ସରକାରୀ ଚିକିତ୍ସାଳୟରେ ୧୫୩୮ ଜଣ ଏମବିବିଏସ୍ ଡାକ୍ତରଙ୍କୁ ରାଜ୍ୟ ସରକାର ଖୁବ୍‌ଶୀଘ୍ର ନିଯୁକ୍ତି ଦେବେ। ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟ ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଗୁରୁବାର ୬୦୦ ଏବଂ ଶୁକ୍ରବାର ୯୩୮ ଡାକ୍ତର ପଦବୀକୁ ଅନୁମୋଦନ କରିଥିଲେ। ଦୁଇଟି ପର୍ଯ୍ୟାୟରେ ଏହି ଡାକ୍ତରମାନଙ୍କୁ ନିଯୁକ୍ତି ଦିଆଯିବ। ଏହି ନିଯୁକ୍ତି ଦ୍ୱାରା ଚିକିତ୍ସାଳୟରେ ଡାକ୍ତରମାନଙ୍କର ଅଭାବ କେତେକାଂଶରେ ଦୂର ହେବା ନେଇ ସରକାର ଆଶା କରିଛନ୍ତି।





SIVANANDA CENTENARY BOYS' HIGH SCHOOL
Chidananda Vihar, Khandagiri, Bhubaneswar

Swami Chidananda Vidya Dana Scheme

Applications are invited for grant of scholarship under **"Swami Chidananda Vidya Dana Scheme"** for the economically backward parents seeking admission for their meritorious boys in Stds. VI & VII.

**We at Sivananda Centenary Boys' High School believe in imparting Value-Based education in English Medium (CBSE curriculum) in Modern Gurukul Environment to achieve integrated development of the students' body, mind and soul.**



Application in plain paper containing the vital information namely: **Name, Father's Name, Address, Profession** of the parents, **School and Class** in which the student was studying, **Annual Income of the parents** (Certificate from the Tahsildar to be attached) should reach the school either by post or email or in person on or before **25th March, 2019**

*To ascertain the merit of the students, an entrance test and personal interview will be held on **1st April, 2019***

For Queries, Call: 9124493507 / 8917485130 / 0674 2470287




| ANGUL | BALASORE | BHUBANESWAR | CUTTACK | ROURKELA |
|---|---|---|---|---|
| ODYSSEY MOTORS PVT LTD. | JYOTE MOTORS ( BALASORE) PVT. LTD. | JYOTE MOTORS PVT. LTD. | NARAYANI MOTORS PVTLTD. | ORBIT MOTORS PVT. LTD. |
| Near Cineplex, NH 55, Kandasar, Angul, | Januganj, Remuna, Balasore, | Near Sai Temple, Cuttack Puri By Pass Road, | Nirgundi, Tangi, Cuttack, | Near Pahadi Bar, Besides Bharat Petrol Pump, Vedvyas, |
| Ph: 6370702436 | Ph: 8338033992 | Ph: 8338033990 | Ph: 8338033999 | Ph: 9437007440, 7064491481 |

**Fuel Efficiency as certified by test agency under rule 115 of the CMVR, 1989. *Terms and conditions apply. Pictures used are for creative visualization. Car colour and accessories shown may vary from the actual product.

କର୍ମମାର୍ଗର ଭଲ ଦିଗଟି ହେଲା– ତା'ଭିତରେ ଭଗବାନଙ୍କ ସହିତ ଶତ୍ରୁତା ବି ଯଦି ହୁଏ– ତେବେ ସେହି ଶତ୍ରୁତା ମଧ୍ୟ ମୁକ୍ତିର ଉପାୟ ହୋଇଉଠେ। କେବେ କେବେ ଭଗବାନ ଆମକୁ ତାଙ୍କ ପାଖକୁ ଟାଣି ନିଅନ୍ତି ଓ ଧରିରଖନ୍ତି – ସବୁଠାରୁ କ୍ଷିପ୍ର ଉପାୟଟି ଦ୍ୱାରା। ତା'ହେଲା – ସେ ଯେତେବେଳେ ଆମର ଦୁର୍ଦ୍ଦମ ଦୁର୍ଦ୍ଧର୍ଷ ଐକାନ୍ତିକ ଶତ୍ରୁ ହୋଇଉଠନ୍ତି। –ଶ୍ରୀଅରବିନ୍ଦ



# ଘଣ୍ଟି ବାନ୍ଧିବ କିଏ



## ଦିଲ୍ଲୀକା ବାବୁ

ଦିଲୀପ ଚେରିଏନ୍

ସ୍ଥାବର ସମ୍ପତ୍ତି ରିଟର୍ନ ଦାଖଲ କରିବା ପ୍ରକ୍ରିୟାକୁ ସରକାର ୨୦୧୬ରୁ ସରଳ କରିଦେଇଥିଲେ ମଧ୍ୟ ବାବୁମାନଙ୍କ ମନୋବୃତ୍ତିରେ ପ୍ରାୟ କିଛି ପରିବର୍ତ୍ତନ ଘଟିନାହିଁ। ୨୦୧୮ ବର୍ଷ ପାଇଁ ସ୍ଥାବର ସମ୍ପତ୍ତି ରିଟର୍ନ (ଆଇପିଆର୍) ଦାଖଲର ଶେଷ ସମୟ ପାର ହୋଇଥିଲେ ମଧ୍ୟ ୩୪୦ ଜଣ ଆଇଏଏସ୍ ଅଫିସର ଏଯାଏ ତାହା ଦାଖଲ କରିନାହାନ୍ତି। ୨୦୧୮ ପାଇଁ ଆଇପିଆର୍ ଦାଖଲ କରିବାର ଶେଷ ତାରିଖ ଥିଲା ଜାନୁୟାରୀ ୩୧ ତାରିଖ। ସୂଚନା ଅନୁସାରେ କାର୍ମିକ ଓ ପ୍ରଶିକ୍ଷଣ ମନ୍ତ୍ରଣାଳୟ (ଡିଓପିଟି) ଏଥିପାଇଁ ଅନେକ ସ୍ମାରକ ପଠାଇଛି ଏବଂ ଶେଷ ସ୍ମାରକଟି ୨୦୧୯ ଫେବୃୟାରୀ ୭ରେ ପଠାଇଥିଲା। ସବୁ ରାଜ୍ୟକୁ ପଠାଯାଇଥିବା ଚିଠିରେ ଚେତାବନୀ ଦିଆଯାଇଛି ଯେ, ବାବୁମାନେ ସମ୍ପତ୍ତି ତାଲିକା ପ୍ରଦାନ କରିବାରେ ବିଫଳ ହେଲେ ତା'ର ଭୟଙ୍କର କୁପରିଣାମ ଭୋଗିବାକୁ ପଡ଼ିବ। ଯାହା ଜଣାଯାଏ ଆଇପିଆର୍ ଦାଖଲ ବାଧ୍ୟତାମୂଳକ ହୋଇଥିବା ବେଳେ ତାହା ଦାଖଲ କରିବାରେ ବିଫଳ ହେଲେ ପଦୋନ୍ନତି ଆଦି ପାଇଁ ନାମତାଲିକା ପ୍ରସ୍ତୁତିରେ ଦରକାର ହେଉଥିବା ଭିଜିଲାନ୍ସ କ୍ଲିୟରାନ୍ସ ମିଳିବ ନାହିଁ। ସେହିପରି ସର୍ବଭାରତୀୟ ସେବା (ଏଆଇଏସ୍) କ୍ୟାଡର ନିୟମ ଅନୁଯାୟୀ ଯେକୌଣସି ପ୍ରକାର ଡେପୁଟେଶନ ପାଇଁ, ଗୁରୁତ୍ୱପୂର୍ଣ୍ଣ ପଦପଦବୀରେ ନିଯୁକ୍ତି ପାଇଁ, ତାଲିମ କାର୍ଯ୍ୟକ୍ରମ ପାଇଁ (ବାଧ୍ୟତାମୂଳକ ତାଲିମ ବ୍ୟତୀତ) ଏବଂ ଅବଧି ପୂର୍ବରୁ ନିଜ କ୍ୟାଡରକୁ ପ୍ରତ୍ୟାବର୍ତ୍ତନ ଲାଗି କେନ୍ଦ୍ର ସରକାରଙ୍କ କ୍ଲିୟରାନ୍ସ ମିଳିବ ନାହିଁ। ଅବଶ୍ୟ ଅମାନିଆ ବାବୁମାନେ ଧୀରେ ଧୀରେ ବାଟକୁ ଆସିଯାଇପାରନ୍ତି, କିନ୍ତୁ ଏହା ଏମିତି ଏକ କାର୍ଯ୍ୟ ଯାହା ସେମାନଙ୍କୁ ଅତି ଅନିଚ୍ଛା ସତ୍ତ୍ୱେ କରିବାକୁ ପଡ଼ିବ। ଆଗକୁ ସାଧାରଣ ନିର୍ବାଚନ ଆସୁଥିବାରୁ ଏ ବିରାଡ଼ି ବେକରେ ଘଣ୍ଟି ବାନ୍ଧିବା କାମ କରିବେ ପରବର୍ତ୍ତୀ ସରକାର।

### ସ୍ପଷ୍ଟୀକରଣ ଦିଅ

୧୯୮୪ ବ୍ୟାଚ୍ ଆଇପିଏସ୍ ଅଫିସର ଟି.କେ. ରାଜେନ୍ଦ୍ରନ୍, ଯେ କି ଦୁଇବର୍ଷ ତଳୁ ଅବସର ନେବା କଥା, ସେ ଏଯାଏ କିପରି ପୋଲିସ ମହାନିର୍ଦ୍ଦେଶକ (ଡିଜିପି) ପଦରେ ଅଛନ୍ତି, ସେ ନେଇ ତାମିଲନାଡୁ ମୁଖ୍ୟ ଶାସନ ସଚିବଙ୍କଠାରୁ କେନ୍ଦ୍ର ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ସ୍ପଷ୍ଟୀକରଣ ମାଗିଛି। ଏସ୍‌ପି, ଡିଆଇଜି, ଆଇଜି ଓ ଏଡିଜିପି ପାହ୍ୟାର ଚାରୋଟି ବ୍ୟାଚ୍‌ର ଆଇପିଏସ୍ ଅଫିସରଙ୍କ ପଦୋନ୍ନତି ପ୍ରସ୍ତାବର ଉତ୍ତର ଦେବା ଅବସରରେ ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ କେତେକ ପ୍ରଶ୍ନ ଉତ୍ଥାପନ କରିବା ସହ ଏହାର ସ୍ପଷ୍ଟୀକରଣ ଦେବାକୁ କହିଛି। କିନ୍ତୁ ମନ୍ତ୍ରଣାଳୟର ପ୍ରଶ୍ନରେ ରାଜ୍ୟର ଅଫିସରମାନେ ଆଶ୍ଚର୍ଯ୍ୟ ପ୍ରକଟ କରିଛନ୍ତି। କାରଣ ରାଜେନ୍ଦ୍ରନ୍‌ଙ୍କର ଯେଉଁଦିନ ଅବସର ନେବାର ଥିଲା, ଠିକ୍ ସେହିଦିନ ହିଁ ସେ ଡିଜିପି ପଦରେ ନିଯୁକ୍ତ ହୋଇଥିଲେ। ପ୍ରକାଶ ସିଂ ମାମଲାରେ ସୁପ୍ରିମ୍‌କୋର୍ଟ ଯେଉଁ ରୁଲିଂ ଦେଇଥିଲେ, ସେହି ଅନୁଯାୟୀ ସେ ଦୁଇବର୍ଷିଆ ସ୍ଥାୟୀ କାର୍ଯ୍ୟକାଳର ସୁବିଧା ଭୋଗ କରୁଛନ୍ତି। ଏହି ପ୍ରକ୍ରିୟାରେ କେନ୍ଦ୍ରୀୟ ଲୋକସେବା ଆୟୋଗ (ୟୁପିଏସ୍‌ସି) ମଧ୍ୟ ଏକ ଅଂଶ ଥିଲା। କେନ୍ଦ୍ରର ଅନୁମୋଦନ ବିନା ଆଇପିଏସ୍ ଅଫିସରମାନଙ୍କୁ କିପରି ଏକ୍ସ-କ୍ୟାଡର ପୋଷ୍ଟରେ ରଖାଯାଇଛି ବୋଲି ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ମଧ୍ୟ ପ୍ରଶ୍ନ କରିଛନ୍ତି। ରାଜ୍ୟ ସରକାର ଆଇପିଏସ୍ ଅଫିସରଙ୍କ ପଦୋନ୍ନତି ତଥା କେନ୍ଦ୍ରୀୟ ଡେପୁଟେଶନ ପାଇଁ କରିଥିବା ସୁପାରିସରେ ଦୁଇଜଣ ଅଫିସରଙ୍କ ନାମ ଅଛି– ବି. ବାଲନାଗଦେବୀ ଓ ଡି. ଅଭିନବ କୁମାର। ଏହି ବାବୁମାନେ ତେଲେଙ୍ଗାନା ଓ ବିହାରରେ ଇଣ୍ଟର-କ୍ୟାଡର ଡେପୁଟେଶନରେ ଥିଲେ। ତେଣୁ ଏମାନଙ୍କୁ କେନ୍ଦ୍ରୀୟ ଡେପୁଟେଶନରେ ନିଆଯାଇପାରିବ ନାହିଁ ବୋଲି ସ୍ପଷ୍ଟ କରିଦିଆଯାଇଛି। ଯାହା ଜଣାଯାଏ, କେନ୍ଦ୍ରୀୟ ଅନୁମୋଦନ ବିନା ବହୁ ବାବୁ ଏକ୍ସ-କ୍ୟାଡର ପଦବୀରେ ଦୁଇବର୍ଷରୁ ଅଧିକ କାଳ ହେଲା ରହିଛନ୍ତି। ଏହା କେବଳ ତାମିଲନାଡୁରେ ସୀମିତ ନୁହେଁ ବୋଲି ପ୍ରାପ୍ତ ସୂଚନାରୁ ଜଣାପଡ଼ିଛି।

### ଅବସର ପରେ ସୁଯୋଗ

ଏକ ସରକାରୀ ଚାକିରି ଚାହୁଁଛନ୍ତି କି? କିମ୍ବା କେନ୍ଦ୍ରୀୟ ସେବାରୁ ଅବସର ପରେ ତଥାପି ଆପଣ ନିଜର କାର୍ଯ୍ୟ ଦିବସଗୁଡ଼ିକୁ ଝୁରୁଛନ୍ତି କି? କାର୍ମିକ ଓ ପ୍ରଶିକ୍ଷଣ ବିଭାଗ (ଡିଓପିଟି) ସାମୟିକ ଭାବେ ଏକ ୱିଣ୍ଡୋ ଖୋଲିଛି, ଯାହା ମାଧ୍ୟମରେ କେନ୍ଦ୍ରୀୟ ସେବାରୁ ଅବସରପ୍ରାପ୍ତ ବ୍ୟକ୍ତିଗତ ସହାୟକ (ପିଏ) ଓ ପ୍ରାଇଭେଟ୍ ସେକ୍ରେଟାରୀ (ପିଏସ୍)ମାନେ ଉକ୍ତ ବିଭାଗରେ ଷ୍ଟେନୋଗ୍ରାଫର ଭାବେ ଚାକିରି କରିବାର ସୁଯୋଗ ପାଇପାରିବେ। ପ୍ରାପ୍ତ ସୂଚନା ଅନୁସାରେ, ଉପରୋକ୍ତ ବର୍ଗର ଆଗ୍ରହୀ ପ୍ରାର୍ଥୀମାନଙ୍କୁ ଆବେଦନ କରିବା ପାଇଁ ଡିଓପିଟି ଏକ ସର୍କୁଲାର ଜାରି କରିଛି। ଏହି ନିଯୁକ୍ତି ପ୍ରାରମ୍ଭିକ ଭାବେ ଛଅମାସ ପାଇଁ ଦିଆଯିବ ଏବଂ ସେମାନେ ଅବସର ପୂର୍ବରୁ ମାସିକ ଯେତିକି ବେତନ ପାଉଥିଲେ, ପେନ୍‌ସନକୁ ବାଦ ଦେଇ ସେତିକି ପାଇବେ। ସେମାନଙ୍କୁ ଆଉ କୌଣସି ଭତ୍ତା ମିଳିବ ନାହିଁ। ଉକ୍ତ ସର୍କୁଲାର ଅନୁସାରେ, ଏହି ଅବସରପ୍ରାପ୍ତ କର୍ମଚାରୀମାନଙ୍କର ନିଯୁକ୍ତି ସମ୍ପୂର୍ଣ୍ଣ ଅସ୍ଥାୟୀ ଭିତ୍ତିରେ ହେବ ଏବଂ ସମ୍ପୃକ୍ତ ଗ୍ରେଡ୍‌ରେ ଖାଲିସ୍ଥାନକୁ ଲକ୍ଷ୍ୟ କରି ସେମାନଙ୍କ ଚାକିରି ଅବଧିକୁ ପ୍ରତି ମାସରେ ବୃଦ୍ଧି କରାଯାଇପାରିବ। ଏଥିପାଇଁ ଦରଖାସ୍ତ କଲାବେଳେ ଉକ୍ତ ଅବସରପ୍ରାପ୍ତ ଆଶାୟୀ ପ୍ରାର୍ଥୀମାନଙ୍କୁ ଶେଷ ବେତନ ସାର୍ଟିଫିକେଟ୍ ଓ ବ୍ୟାଙ୍କ ବିବରଣୀ ଦେବାକୁ ହେବ।

Email: dilipcherian@gmail.com

# ମନ ଥିଲେ ସବୁ ହୁଏ



## ମନ-ମାନଚିତ୍ର

ଡ. ନରହରି ବେହେରା

ଓଡ଼ିଆରେ ଗୋଟିଏ ରୋଚକ କଥା ଶୁଣିବାକୁ ମିଳେ– 'ମାଇଁ ଲୋ ମାଇଁ, ତୋ ହାତରେ କାହିଁକି ଶଙ୍ଖା ନାହିଁ?' ମାଇଁ କହେ– 'ତୋ ମାମୁ ଦିଏ ନାହିଁ କି ମୋର ପିନ୍ଧିବାକୁ ମନ ନାହିଁ।' ଏ ପ୍ରବାଦର ବ୍ୟାଖ୍ୟା ଏଇମିତି– ମାଇଁଟି ଭାରି ଆଧୁନିକା। ସେ ପାରମ୍ପରିକ ରୀତିନୀତିରେ ବିଶ୍ୱାସ କରନ୍ତି ନାହିଁ। ତେଣୁ ସେ ହାତରେ ଶଙ୍ଖା ପିନ୍ଧନ୍ତି ନାହିଁ। ମାମୁ ବି ସେହିପରି। ସେଥିପ୍ରତି ଧ୍ୟାନ ନ ଥାଏ। ଏଣେ ଭଣଜାଭାଣିଜୀମାନେ ମାଇଁଙ୍କର ଏପରି ଶଙ୍ଖାବିହୀନ ହାତସମ୍ପର୍କରେ ପ୍ରଶ୍ନ କରନ୍ତି। ଥରେ ଭଣଜାଭାଣିଜୀମାନେ ଜିଗର କରିବାରୁ ମାମୁମାଇଁ ଦି'ଜଣ ଶଙ୍ଖା କିଣିବା ପାଇଁ ବଜାରକୁ ଗଲେ। ମାତ୍ର ଶଙ୍ଖା ନ କିଣି ଫେରି ଆସିଲେ। ତା'ପରେ ଭଣଜାଭାଣିଜୀ ସେହି ପ୍ରଶ୍ନ କରିବାରୁ ମାଇଁ ହସିଦେଇ ଉପରୋକ୍ତ ଉତ୍ତରଟି ଦେଇଥିଲେ। ଏ ପ୍ରସଙ୍ଗର ମୂଳତତ୍ତ୍ୱ ହେଉଛି ମାନସିକତା। ମାମୁମାଇଁଙ୍କର ଶଙ୍ଖା କିଣିବା ପାଇଁ ଅର୍ଥର ଅଭାବ ନ ଥିଲା, ମାତ୍ର ଶଙ୍ଖା କିଣିବା ବା ପିନ୍ଧିବାର ମାନସିକତା ଦୁଇଜଣଙ୍କଠାରେ ନ ଥିଲା। ସବୁ ଥାଇ ମନ ନ ଥିଲେ କିଛି ହୁଏନାହିଁ, ଆଉ ମନଥିଲେ ସବୁ ଅସମ୍ଭବ ସମ୍ଭବରେ ହୋଇଯାଏ।

ଆମ ଓଡ଼ିଆଙ୍କର ଆଉ କିଛି ମାନସିକତା ଥାଉ କି ନ ଥାଉ ଓଡ଼ିଆ ଭାଷାକୁ ପରିହାର କଲେ ହିଁ ଜଣେ କେବଳ ବାବୁ, ହାକିମ କିମ୍ବା ଜଣେ ମାନ୍ୟଗଣ୍ୟ ବ୍ୟକ୍ତି ହୋଇପାରିବ– ଏହି ମାନସିକତା ନିଶ୍ଚୟ ଅଛି। ତେଣୁ ଅନାବଶ୍ୟକ ଭାବେ ଏମାନଙ୍କ ତୁଣ୍ଡରେ ହିଁ ଓଡ଼ିଆ ଅପେକ୍ଷା ଅନ୍ୟ ଭାଷା ଅଧିକ ଶୋଭାବର୍ଦ୍ଧନ କରିଥାଏ। ଏହି ମାନସିକତା ଆମ ଓଡ଼ିଆଙ୍କ ମନପ୍ରାଣକୁ କବଳିତ କରିଛି। ୧୮୬୬ ନଅଙ୍କ ଦୁର୍ଭିକ୍ଷରେ ଓଡ଼ିଶା ଶ୍ରୀହୀନ ହୋଇଯିବାରୁ ଇଂରେଜ ସାହେବମାନେ ତଦନ୍ତ କରି ଓଡ଼ିଆମାନଙ୍କୁ ଶିକ୍ଷିତ କରିବା ପାଇଁ ବିଦ୍ୟାଳୟରେ ଇଂଲିଶ ଏବଂ ଆଧୁନିକ ପ୍ରଣାଳୀରେ ଓଡ଼ିଆ ଶିକ୍ଷା ଦିଆଯିବାର ବ୍ୟବସ୍ଥା କଲେ। ଏହିଠାରୁ ଓଡ଼ିଆ ଭିତରକୁ ଇଂଲିଶ ଭାଷା ପଶିବାକୁ ସୁଯୋଗ ପାଇଲା। ଇଂରେଜ ଶାସକଙ୍କ ନିକଟତର ହେବା ପାଇଁ ଏହି ଭାଷା ହିଁ ଥିଲା ସେତେବେଳର ଶ୍ରେଷ୍ଠ ଯୋଗ୍ୟତା। ତେଣୁ ଅଧିକାଂଶ ଓଡ଼ିଆଙ୍କ ମନରେ ଏହି ଭାଷା ପ୍ରତି ଦୁର୍ବଳତା ସୃଷ୍ଟି ହେବା ସ୍ୱାଭାବିକ। କେବଳ ସେତିକି ନୁହେଁ, ତତ୍କାଳୀନ ଉଚ୍ଚ ପଦବୀରେ ଥିବା ବଙ୍ଗୀୟ ଶାସକଙ୍କ ଚକ୍ରାନ୍ତ ଓଡ଼ିଆ ଭାଷାକୁ ମଧ୍ୟ କିଛିମାତ୍ରାରେ ସଂକୁଚିତ କରିଥିଲା। ମାତ୍ର ଏତେ ପ୍ରତିକୂଳ ପରିସ୍ଥିତି ସତ୍ତ୍ୱେ ତତ୍କାଳୀନ ଓଡ଼ିଆମାନଙ୍କ ଦୃଢ଼ ମାନସିକତା ହିଁ ଓଡ଼ିଆ ଭାଷାକୁ ସୁରକ୍ଷା ଦେଇଥିଲା। ଭାରତବର୍ଷରେ ଭାଷାକୁ ଭିତ୍ତିକରି ସ୍ୱତନ୍ତ୍ର ରାଜ୍ୟର ମାନ୍ୟତା ପାଇବାରେ ଓଡ଼ିଶା ହିଁ ପ୍ରଥମ ସୌଭାଗ୍ୟ ଲାଭ କରିଥିଲା।

ଏବେ ସମୟ ବଦଳିଛି। ଆମେ ସ୍ୱତନ୍ତ୍ର ଏବଂ ଶିକ୍ଷିତ ହୋଇଛୁ। ଯେଉଁ ବାବୁମାନେ ଓଡ଼ିଆ ଭାଷାକୁ ହୀନ ବୋଲି କହି ତାଙ୍କ ଭାଷାକୁ ଆମ ଉପରେ ଲଦିଦେବାକୁ ଚାହୁଁଥିଲେ, ସେମାନଙ୍କୁ ପଛରେ ପକାଇ ଆମ ଭାଷାକୁ ଶାସ୍ତ୍ରୀୟ ମାନ୍ୟତାର ଭାଜନ କରିପାରିଛୁ। ଏହା ସତ୍ତ୍ୱେ ଓଡ଼ିଆ ଭାଷାକୁ ନେଇ ଗର୍ବ କରିବାର ମାନସିକତା ଆମର ସୃଷ୍ଟି ହୋଇନାହିଁ। ଦୂରଦର୍ଶନ, ବେତାର, ସଭା ସମିତି ସବୁଠି ନବ୍ୟ ଶିକ୍ଷିତମାନଙ୍କର ହିନ୍ଦୀ, ଇଂଲିଶ ଓ ଓଡ଼ିଆ ଭାଷାର ଫେଣ୍ଟାଫେଣ୍ଟି ବକ୍ତବ୍ୟ ଶୁଣିଲେ, ଆମେ କେତେପଣ ଓଡ଼ିଆ ତାହା ଜଣାପଡ଼େ। ମନେପଡ଼େ ଫକୀର ମୋହନଙ୍କର କେଇ ପଦ ଗୀତ– ''କେତେ ବାବୁଙ୍କର ଦେଖିଛି ଦୁର୍ଦ୍ଦଶା, ଲାଜ ମାଡ଼େ କହିବାକୁ ନିଜ ମାତୃଭାଷା। ନାଚାର ହାଲତେ ଯେବେ ହୁଏ କହିବାକୁ, ବଡ଼ ହସ ମାଡ଼େ କିନ୍ତୁ ତାହା ଶୁଣିବାକୁ। ଓଡ଼ିଆ ଏଗାର ପଣି ବାକି ଇଙ୍ଗରେଜି, ଅଦ୍ଭୁତ ଖେଚୁଡ଼ି ଏକ ମିଶି ସାଜି।'' ଏହି ମାନସିକତାକୁ ବଦଳାଇବା ପାଇଁ ଏବକୁ ଆମ ସରକାର 'ଓଡ଼ିଶା ସରକାରୀ ଭାଷା ନିୟମାବଳୀ, ୨୦୧୬'ର ସଂଶୋଧନ ପ୍ରସ୍ତାବଟିକୁ କ୍ୟାବିନେଟ୍ ଦ୍ୱାରା ଅନୁମୋଦିତ କରିଛନ୍ତି। ଏହି ସଂଶୋଧନ ନିୟମାବଳୀ ଅନୁଯାୟୀ, ଏଣିକି ସରକାରୀ ଭାଷା ରୂପେ ବ୍ୟାପକ ଭାବେ ଓଡ଼ିଆର ପ୍ରଚଳନ କରାଯିବ। ଯେଉଁ ଅଧିକାରୀ ବା ବିଭାଗ ଏହି ଭାଷାକୁ ବହୁଳ ବ୍ୟବହାର କରିବେ, ତାଙ୍କୁ ପୁରସ୍କୃତ କରାଯିବା ସହିତ ଯେଉଁମାନେ ଏଥିରେ ଖିଲାପ କରିବେ ତାଙ୍କୁ ଦଣ୍ଡ ଦିଆଯିବ।

ଏ ପ୍ରସ୍ତାବଟି ଓଡ଼ିଆ ଭାଷାପ୍ରେମୀଙ୍କୁ ନିଶ୍ଚିତ ଖୁସି କରିଥିବ। ମାତ୍ର ଏହାର ସଫଳ କାର୍ଯ୍ୟକାରିତା ବିଷୟରେ ଭାବିବସିଲେ ହତାଶାବୋଧ ମାଡ଼ିବସେ। କାରଣ ସରକାରୀ ଦପ୍ତରରେ ଓଡ଼ିଆ ଭାଷା ପ୍ରଚଳନର ପ୍ରୟାସ ଆଜି ନୁହେଁ, ଦୀର୍ଘଦିନରୁ ଜାରିରହିଛି। କେତେ ଆଇନ ପ୍ରଣୀତ ହୋଇଛି, କିନ୍ତୁ ଆମ ବାବୁମାନେ ସେସବୁକୁ ଫୁଙ୍କ କରି ଉଡ଼ାଇ ଦେଇଛନ୍ତି। ୧୯୫୪ ମସିହାରେ ତତ୍କାଳୀନ ମୁଖ୍ୟମନ୍ତ୍ରୀ ନବକୃଷ୍ଣ ଚୌଧୁରୀ ରାଜ୍ୟରେ ଓଡ଼ିଆ ଭାଷା ପ୍ରଚଳନ ପାଇଁ ଆଇନ ପ୍ରଣୟନ କରିଥିଲେ। ୧୯୮୫ ମସିହାରେ ଓଡ଼ିଆ ଭାଷାକୁ ସରକାରୀ ଦପ୍ତରରେ ବ୍ୟବହାର କରିବା ପାଇଁ ପୁନଃପ୍ରୟାସ ହୋଇଥିଲା। ଓଡ଼ିଆ ଟାଇପ୍ ରାଇଟର କିଣାହୋଇଥିଲା, ଶାସନ କାର୍ଯ୍ୟରେ ସୁବିଧା ହେବ ବୋଲି ଓଡ଼ିଆରେ 'ପ୍ରଶାସନିକ ଶବ୍ଦକୋଷ' ପ୍ରକାଶ ପାଇଥିଲା। ଓଡ଼ିଆ ଟାଇପ୍ ଓ ଶର୍ଟହ୍ୟାଣ୍ଡ ତାଲିମ ଦିଆଯାଇଥିଲା। ଏହା ସତ୍ତ୍ୱେ ସରକାରୀ ଦପ୍ତରରେ ଓଡ଼ିଆ ଭାଷା ଏକଘରିଆ ହୋଇ ରହିଗଲା।

ଏବେ ଯୁଗ ବଦଳିଛି। ଟାଇପ୍ ରାଇଟର ସ୍ଥାନରେ କମ୍ପ୍ୟୁଟର ସ୍ଥାନ ପାଇଛି। ଓଡ଼ିଆରେ ଲେଖାପଢ଼ା କରିବାରେ କିଛି ଅସୁବିଧା ନାହିଁ। ମାତ୍ର ଆମ ଇଂଲିଶ-ପଢ଼ୁଆ ହାକିମବାବୁ ହୁଅନ୍ତୁ କି କିରାଣି ହୁଅନ୍ତୁ ଏଥିପ୍ରତି କାହାରି ଆଗ୍ରହ ନାହିଁ। ତେଣୁ ଏପରି ସ୍ଥଳେ ପୁରସ୍କାର ଦେବ କିଏ ପୁଣି ପୁରସ୍କାର ନେବ କିଏ? ଏକଦା ଗୁଟ୍‌ଖା ପ୍ରଭୃତି କ୍ୟାନ୍‌ସର ରୋଗ ସୃଷ୍ଟି କରୁଥିବା ତମାଖୁ ଜାତୀୟ ପାନମସଲା ବିକ୍ରି ଉପରେ କଟକଣା ହୋଇଥିଲା। ଯିଏ ଏହାକୁ ବିକ୍ରି କରିବ ଏବଂ ଯିଏ କିଣିବ ସେମାନେ ଦଣ୍ଡିତ ହେବେ ବୋଲି ଆଇନ କରାଯାଇଥିଲା। କିନ୍ତୁ ଫଳ କ'ଣ ହେଲା? ଏବେ ବି ରାସ୍ତାଘାଟର ସବୁ ପାନଦୋକାନରେ ଚିକ୍‌ମିକିଆ ଦେହ ଦେଖାଇ ଏହି ଗୁଟ୍‌ଖାମାନେ ସଦର୍ପ ପବନରେ ଦୋଳି ଖେଳୁଛନ୍ତି। ଏହି ବିଫଳତା ମୂଳରେ ଅଛି ଆମର ସେହି ଉଦାର ମାନସିକତା।

ମାନସିକ ପରିବର୍ତ୍ତନ ବିନା ଆଇନର ସଫଳତା ଆଶା କରିବା ବୃଥା। ତେଣୁ ମୋ ପରି ଜଣେ ଓଡ଼ିଆ ଭାଷାପ୍ରାଣ ମଣିଷର କେତୋଟି ପ୍ରସ୍ତାବକୁ ଦୃଷ୍ଟିଦେଲେ କେବଳ ପ୍ରଶାସନିକ କ୍ଷେତ୍ରରେ ନୁହେଁ, ସମଗ୍ର ଓଡ଼ିଶାରେ ଓଡ଼ିଆ ଭାଷାର ଆଦର ବୃଦ୍ଧି ପାଇପାରନ୍ତା ବୋଲି ବିଶ୍ୱାସ। ସବୁ ଘରୋଇ ବିଦ୍ୟାଳୟରେ ଦଶମ ଶ୍ରେଣୀ ପର୍ଯ୍ୟନ୍ତ ଓଡ଼ିଆ ଭାଷାକୁ ବାଧ୍ୟତାମୂଳକ କରାଯିବା ସହିତ ଓଡ଼ିଆ ଭାଷାରେ ଲିଖିତ ଏବଂ କଥିତ ଭାଷା ଉପରେ ଗୁରୁତ୍ୱ ଦିଆଯାଉ। ସ୍ଥାନୀୟ ପ୍ରଶାସନ ଏହାର ତଦାରଖ କରୁ। ଓଡ଼ିଶାସ୍ତରରେ ଯେତେ ପରୀକ୍ଷା ଅଛି, ସେଥିରେ ଓଡ଼ିଆକୁ ଗୋଟିଏ ବାଧ୍ୟତାମୂଳକ ବିଷୟ ଭାବେ ରଖାଯାଉ। ଓଡ଼ିଆ ଭାଷାରେ ଜିଲାସ୍ତରୀୟ ଓ ରାଜ୍ୟସ୍ତରୀୟ ବିବିଧ ପରୀକ୍ଷା କରାଯାଇ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଉ। ଅଣଓଡ଼ିଆ ଅଧିକାରୀମାନେ ଓଡ଼ିଶାର ବହୁ ଉଚ୍ଚ ପଦପଦବୀରେ ରହୁଥିବାରୁ ସେମାନଙ୍କ ଦ୍ୱାରା ଓଡ଼ିଆ ଭାଷା ଅନେକାଂଶରେ ନିୟନ୍ତ୍ରିତ ହୋଇଥାଏ। ତେଣୁ ସେମାନଙ୍କୁ ବିଧିବଦ୍ଧ ଭାବେ ଓଡ଼ିଆ ଭାଷାରେ ତାଲିମ ଦିଆଯାଉ, ଯାହାଫଳରେ ସେମାନେ ଓଡ଼ିଆ ଭାଷାରେ ସ୍ପଷ୍ଟ କହିବା ଏବଂ ନିର୍ଭୁଲ ଲେଖିବା ପାଇଁ ସମର୍ଥ ହେବେ। କିରାଣି ଏବଂ ଅନ୍ୟାନ୍ୟ କର୍ମଚାରୀଙ୍କ ପାଇଁ ଓଡ଼ିଆ ଭାଷାରେ ଜ୍ଞାନ ଏବଂ ଓଡ଼ିଆରେ ଟାଇପ୍ କରିବାର ଦକ୍ଷତାକୁ ଅନ୍ୟତମ ଯୋଗ୍ୟତା ଭାବେ ବିଚାର କରାଯାଇ ନିଯୁକ୍ତି ଦିଆଯାଉ। ସମସ୍ତଙ୍କୁ ଓଡ଼ିଆରେ ନଥିପତ୍ର ଲେଖିବା, ଡିଟିପି କରିବା ପ୍ରଭୃତି ବିଷୟରେ ତାଲିମ ଦିଆଯାଉ। ଏହିପରି ବିବିଧ ବିଷୟ ପ୍ରତି ଧ୍ୟାନ ଦିଆଯାଇ ପ୍ରଥମେ ତୃଣମୂଳସ୍ତରରେ ପରିବର୍ତ୍ତନ ନ ଆଣିବାଯାଏ ସରକାରୀ ଦପ୍ତରରେ ଓଡ଼ିଆ ଭାଷା ଠିକ୍ ଭାବେ କ୍ରିୟାଶୀଳ ହୋଇପାରିବ ନାହିଁ। କାରଣ ଓଡ଼ିଆରେ ଲେଖିବା ଓ କହିବା ଦିଗରେ ଆମର ଦୁର୍ବଳ ମାନସିକତା ଏବଂ ଅନଭ୍ୟାସ ହିଁ ବାଧକ ସାଜିଛି। ଏହି ଦୁଇଟିକୁ ଦୂର ନ କରିବାଯାଏ ଏ ଭାଷାନୀତି କଦାପି ସଫଳ ହୋଇପାରିବ ନାହିଁ।

ବାସୁଦେବବାସ୍ୟମ୍, ଜଗନ୍ନାଥବିହାର, ବାଇପାସ୍, ଭଦ୍ରକ, ମୋ- ୭୯୭୮୯୦୩୫୦୯

# ମିଳୁନି କନିଆ



ଦ୍ୱିତୀ ଚନ୍ଦ୍ର ସାହୁ

ସକାଳୁଆ ଖରା ଭଳି ଖବରଟା ବ୍ୟାପିଗଲା ଗାଁରୁ ଆର ଗାଁ। ଧୀରେ ଧୀରେ ଲୋକେ ରୁଣ୍ଡ ହେବାକୁ ଲାଗିଲେ। ଆମଭଳି ପିଲାଲୋକ ଗୋଟେ ଉତ୍ସୁକତାର ସହ ଭିଡ଼ ଭିତରେ ଗଳି ଗଳି ଆଗକୁ ଚାଲିଯାଇଥିଲୁ। ଗୋଟେ କନାରେ ଗୁଡ଼ାହୋଇଥିବା ସଦ୍ୟଜାତ ଛୁଆଟି କାନ୍ଦୁଥିଲା ରାହା ଧରି। ସୁନ୍ଦର ପିଲାଟିଏ। ସେଠି କେତେ କ'ଣ ସବୁ ଗପୁଥିଲେ ଲୋକମାନେ। ଅଥଚ କିଏ ତାକୁ କୋଳେଇ ନେଉ ନ ଥିଲେ। ଜାତି, ଧର୍ମକୁ ନେଇ ଗୋଟେ ଚର୍ଚ୍ଚା। ପୁଣି କାହାର ଏ ସନ୍ତାନ ହୋଇଥିବ– ଧରିବ କି ପାଇଁ, ତା'ର ଦାୟିତ୍ୱ ନେବ କିଏ! ଏମିତିରେ ଖାଲି ଦେଖଣାହାରୀ ହୋଇ ଲୋକ ରହିଥିଲେ। ଶେଷରେ ପୁନି ମା' ଆସିଲା। ତାକୁ ଧରିଲା। କପଡା ଟେକି ଲିଙ୍ଗ ଚିହ୍ନଟ କଲା। ଜଣାପଡ଼ିଲା ଝିଅଟେ। ସମସ୍ତଙ୍କ ଆଢୁଆଳରେ ନିଜର ଶୁଖିଲା ଅମୃତର ଉତ୍ସକୁ ପାଟିରେ ଦେଇ ବୋଧ କଲା।

ପୁନି ମା' ଗାଁର ଧାଈ କହିଲେ ଚଳେ। ଗର୍ଭ ଯନ୍ତ୍ରଣା ହେଲେ ତାକୁ ଡକାଯାଏ। ନିଜ ଅନୁଭବରୁ ସେ କହିଦେଇପାରେ ପିଲା କେତେବେଳେ ଜନ୍ମ ହେବ। ସେ ସମୟକୁ ଅପେକ୍ଷା କରେ। ସୁରୁଖୁରୁରେ ସେ ପ୍ରସବ କରାଇଦିଏ ବିନା ଅସ୍ତ୍ରୋପଚାରରେ। ଗର୍ଭଧାରଣ ପରେ ବିଭିନ୍ନ ସମୟରେ ଘରକୁ ଆସି ନବବଧୂ କିମ୍ବା ବିବାହିତ ଝିଅଙ୍କୁ ଦେଖି ପରଖି କହେ ତା'ର ସ୍ଥିତି। ଏମିତିକି ପୁଅ କି ଝିଅ ହେବ ତା' ବି ସେ କହିଦିଏ ଗର୍ଭଧାରଣ କରିଥିବା ମା'ର ଚେହେରା, ଖାଇବା ରୁଚି ଓ ଚାଲିଚଳଣକୁ ଦେଖି। ଅବଶ୍ୟ ଏଥିରେ ଶତପ୍ରତିଶତ ସଫଳ ହୁଏନି, ତଥାପି ଗୋଟେ ଆଶାରେ ଗୁରୁଜନମାନେ ପୁଅ କି ଝିଅ ନିଦାନ ଲାଗି ପ୍ରଶ୍ନ କରନ୍ତି ତାକୁ। ଏଇ କାରଣରୁ ଆଖପାଖ ଗାଁର ଗର୍ଭବତୀ ମହିଳାଙ୍କ ତାଲିକା ଓ ସେମାନଙ୍କ ସ୍ଥିତି ତା' ମୁହେଁ ମୁହେଁ ଥାଏ। ଆମ ପିଲାଙ୍କ ଉପସ୍ଥିତି ଦେଖି କିଛି ଗୁରୁଜନ ଗାଳିଦେଇ ବିଦା କଲେ ସେଠୁ। କିନ୍ତୁ ପରେ ଜାଣିବାକୁ ମିଳିଲା ପୁନି ମା' ପିଲାଟିକୁ ଧରି ସିଧା ଚାଲିଲା ସେ ପାଖ ଗାଁର ଜଣଙ୍କ ଘରକୁ ତା'ର ମାତୃତ୍ୱକୁ ନିଦାନ କରିବା ଲାଗି। ସୌଭାଗ୍ୟବଶତଃ ଅନୁସନ୍ଧାନକାରୀ ସଂସ୍ଥାରେ କାମ କରୁଥିବା ଜଣେ ପୋଖତ କର୍ମଚାରୀ ଭଳି ତା'ର ଅନୁମାନ ଠିକ୍ ହେଲା। ପିଲାଟିକୁ ତା'ର ପ୍ରକୃତ ମା' ହାତରେ ଦେଇଦେଲା। ବହେ ଗାଳି କଲା ମା'କୁ ଓ ତା'ର ପରିବାରର ଗୁରୁଜନଙ୍କୁ।

ଗରିବ ଶ୍ରେଣୀର ଜଣେ ବାପା ପୁଅ ଲୋଭରେ ପିଲା ଜନ୍ମକରି କ୍ରମାଗତ ଭାବେ ତିନୋଟି ଝିଅ ପାଇବା ପରେ ପୁଣି ଝିଅ ହେବାରୁ ନବଜାତ କନ୍ୟା ସନ୍ତାନକୁ ଫିଙ୍ଗିଦେଇଥିଲା କାଳେ। ସନ୍ଦେହ ହଟାଇବା ଲାଗି ରାତାରାତି ଆର ଗାଁରେ ତାକୁ ଫିଙ୍ଗି ଦେଇଥିଲା। ପୁନି ମା' ପଞ୍ଚ ବସାଇ ସମ୍ପୃକ୍ତ ପରିବାର ଲୋକଙ୍କୁ ତାଗିଦ ମଧ୍ୟ କରିଥିବା ଶୁଣିବାକୁ ମିଳିଲା। ଲୋକେ ଛି ଛାକର କଲେ। ଯା ପରେ ଏମିତି ଅନେକ ଘଟଣା ଆମ ନଜରକୁ ଆସିବାରେ ଲାଗିଲା। କେତେବେଳେ ଅବୈଧ ସନ୍ତାନକୁ କିଏ ରାସ୍ତାକଡ଼ରେ ଫିଙ୍ଗିଲା ତ ଆଉ କିଏ କନ୍ୟା ସନ୍ତାନକୁ ରାସ୍ତାରେ ଫୋପାଡ଼ି ଆସିଲା ଘରର ଆବର୍ଜନା ଭଳି। ଏପରିକି କୁକୁର ନବଜାତ ପିଲାକୁ ଝୁଣି ଖାଉଥିବାର ହୃଦୟବିଦାରକ ଦୃଶ୍ୟ ମଧ୍ୟ ଦେଖିବାକୁ ମିଳିଲା। ଉଦ୍ଧାର ହୋଇଥିବା ଅଧିକାଂଶ ପିଲା ଥିଲେ କନ୍ୟାସନ୍ତାନ।

ଆଜି ବି ଘରକୁ ପାଦ ଦେଉଥିବା ନୂଆବୋହୂକୁ ଶାଶୁ ଆଶୀର୍ବାଦ ଦେଲାବେଳେ କହେ– ମା'ଲୋ! କୁଳରକ୍ଷା ପାଇଁ ମୋତେ ନାତିଟୋକାଟେ ଦେବୁ ଯେମିତି! ଆଜିକାଲି ନବ୍ୟ ସଭ୍ୟ ଶିକ୍ଷିତ ଦମ୍ପତିମାନେ ଗୋଟେ ପିଲାରେ ସନ୍ତାନ ସଂଖ୍ୟା ସୀମିତ ରଖିବାକୁ ପସନ୍ଦ କରୁଥିବା ବେଳେ ସେ ପିଲାଟି କେବଳ ପୁଅ ହେଉ ବୋଲି ଆଶା ରଖିବା ଏବେ ଭାରତ ଲାଗି ବିପଦ ସାବ୍ୟସ୍ତ ହୋଇଛି। ସମସ୍ତ କଡ଼ା ନିୟମକାନୁନ ସତ୍ତ୍ୱେ ଅନେକ ସ୍ଥାନରେ ଲିଙ୍ଗ ନିରୂପଣ କରି ଗର୍ଭ ନଷ୍ଟ କରାଯାଉଛି। ପ୍ରସବ ପରେ କନ୍ୟା ସନ୍ତାନ ହୋଇଛି ବୋଲି ଜାଣିବା ମାତ୍ରେ ମାଆବାପା ଓ ପରିବାର ସଦସ୍ୟ ଦୁଃଖ ବ୍ୟକ୍ତ କରୁଛନ୍ତି। ଏମିତିକି ଅନେକ ଘରେ ବୋହୂ ଓ ସେଇ କନ୍ୟା ସନ୍ତାନକୁ ନିତି ଗଞ୍ଜଣା ଦିଆଯାଏ।

ଆଜିକାଲି ଅନେକ କ୍ଷେତ୍ରରେ ଝିଅମାନେ ପୁଅଙ୍କଠୁ ଆଗରେ। ପରିଣତ ବୟସରେ ପୁଅମାନେ ନିଜ ସ୍ତ୍ରୀପିଲାଙ୍କ ସେବାରେ ବୁଡ଼ିରହି ମାଆବାପାଙ୍କୁ ହତାଦର କରୁଥିବାବେଳେ ପରଘରକୁ ଯାଇଥିବା ଝିଅଟି କିନ୍ତୁ ନିଜ ବୃଦ୍ଧ ମାତାପିତାଙ୍କ ପ୍ରତି ସମବେଦନା ପ୍ରକାଶ କରେ ଓ ସୁଯୋଗ ଦେଖି ଯେତିକି ପାରେ ତାଙ୍କ ସେବା କରେ। ଭଲମନ୍ଦରେ, ରୋଗବୈରାଗରେ ସେ ହିଁ ପୁଅ ଭଳି ସେମାନଙ୍କ ପାଖରେ ଠିଆ ହୋଇଥାଏ। ଏ କଥା ଆମ ଆଖି ସାମ୍ନାରେ ଘଟୁଛି ତଥାପି ଆମେ ପୁଅ ପାଇଁ ପାଗଳ। କନ୍ୟା ସନ୍ତାନ ଚାହୁଁନ ଥିବା ମାତାପିତା କିନ୍ତୁ ନିଜ ପୁଅ ଲାଗି ସୁନ୍ଦର ସୁଶୀଳ ଝିଅ ଖୋଜନ୍ତି। କେତେ ଅଜବ ସ୍ଥିତି ଏବେ ଆମ ସମାଜରେ। ସଦ୍ୟ ପରିସଂଖ୍ୟାନ ଅନୁସାରେ ଭାରତରେ କନ୍ୟା ସନ୍ତାନର ସ୍ଥିତି ପ୍ରତି ୧୦୦୦ ପୁଅରେ ୮୦୦-୯୦୦ ମଧ୍ୟରେ। ଦକ୍ଷିଣ ଭାରତରେ ଏହାର ସ୍ଥିତି ଆହୁରି ଗମ୍ଭୀର। ଓଡ଼ିଶାରେ ବି କନ୍ୟା ସନ୍ତାନ ହ୍ରାସର ପ୍ରଭାବ କିଛି କମ୍ ନୁହେଁ। ଯଦି ଏଭଳି ଜାରି ରହେ ତେବେ ତଥାକଥିତ ବର ମାତାପିତାଙ୍କ ବଂଶ ରଖିବାର ଅଭିଳାଷ ସବୁଦିନ ଲାଗି ସ୍ୱପ୍ନ ହୋଇ ରହିବ। ପୂର୍ବେ ଝିଅ ଲାଗି ବରଟେ ଖୋଜା ପଡୁଥିଲା। ବରର ଭାଉ ଅମୂଲମୂଲ ଥିଲା। ସ୍ଥିତି ଏମିତି ହେଲାଣି ଯେ ପୁଅ ଲାଗି ଝିଅ ଅଭାବ ହେତୁ ବର ମାତାପିତା ନିଜ ପଟୁ କନିଆ ଖୋଜି ଖୋଜି ନୟାନ୍ତ ହେଲେଣି। ବର ଦରବୁଢ଼ା ହେଉଛି ପଛେ ବୋହୂଟିଏ ମିଳିବା ସମ୍ଭବ ହୋଇପାରୁନି।

ଆମକୁ ଆଦିବାସୀ ସମାଜ ପକ୍ଷରୁ ଅନେକ ଶିଖିବାର ଅଛି। ଏବେବି ଆଦିବାସୀ ସମ୍ପ୍ରଦାୟରେ କନ୍ୟା ସନ୍ତାନ ହେଲେ ଖୁସି ହୁଅନ୍ତି। କାରଣ ମାତାପିତା ଜାଣନ୍ତି ଝିଅଟି କ'ଣ କରିପାରେ! ପୁଅଠାରୁ ସେ ଅଧିକ ଗୁଣରେ ସକ୍ଷମ। ଝିଅ ପରିଶ୍ରମ କରେ ଡଙ୍ଗର ପାହାଡ଼ରେ। ଅର୍ଜ୍ଜି ଆଣିପାରେ। ବାହାଘରବେଳେ ଝୋଲା ବି ଆଣେ। ପରିବାର ଓ ସମାଜକୁ ସେ ହିଁ ସଜାଡିପାରେ। ସେଥିପାଇଁ ସେମାନଙ୍କ ଲାଗି କନ୍ୟା ବାସ୍ତବରେ ରତ୍ନଟିଏ। ଏ କଥା ବି କୁହାଯାଏ ଯେ ପ୍ରତିଟି ପୁରୁଷର ସଫଳତା ପଛରେ ନାରୀର ପ୍ରଚ୍ଛନ୍ନ ହାତ ଥାଏ! ବେଳ ଆସିଛି ବୁଝିବାକୁ ଓ ବୁଝେଇବାକୁ। କିଛି ନ ହେଲେ ବି ବଂଶରକ୍ଷା ଲାଗି କେବଳ ପୁଅ ନୁହେଁ, ଝିଅ ବା ବୋହୂଟିଏ ତ ଅନ୍ତତଃ ଦରକାର!

ମୋ - ୯୫୫୬୨୮୭୭୭୫,
dwitisahu@gmail.com

### ଏଇ ଭାରତରେ

ମଣିଷ ଦୋଷ କଲେ ଦଣ୍ଡ ମିଳେ। କିନ୍ତୁ ଠାକୁର ଦୋଷ କଲେ ବି ତାଙ୍କୁ ଦଣ୍ଡବିଧାନ କରିବାର ବିଧିବ୍ୟବସ୍ଥା ରହିଛି। ଏମିତି ଏକ ମନ୍ଦିର ରହିଛି ଛତିଶଗଡ଼ ବସ୍ତର ଜିଲା କେଶକାଳ ନଗରରେ। ଏଠାରେ ଥିବା ଭଙ୍ଗାରାମ ଦେବୀ ମନ୍ଦିରରେ ରହିଛି ଏଭଳି ପରମ୍ପରା। ଏଠାରେ ପୂଜାରୀଙ୍କ ଦେହରେ ଦେବୀମାତା ପ୍ରବେଶ କରିଥାଆନ୍ତି ବୋଲି ବିଶ୍ୱାସ ରହିଛି। ତାଙ୍କୁ କାଳିସୀ କୁହାଯାଏ। ଶ୍ରଦ୍ଧାଳୁ ବିଭିନ୍ନ ସମସ୍ୟା ନେଇ କାଳିସୀଙ୍କୁ ପ୍ରଶ୍ନ କରନ୍ତି। କାଳିସୀ ସମାଧାନର ଉପାୟ ବତାଇ ଦିଅନ୍ତି। ବେଳେବେଳେ ଭଙ୍ଗାରାମ ଦେବୀ ମାତାଙ୍କ ପ୍ରତି ଦଣ୍ଡବିଧାନ କରିଥାଆନ୍ତି କାଳିସୀ। ମନ୍ଦିରରୁ ଦେବୀ ମାତାଙ୍କୁ ବିତାଡ଼ନ ଦଣ୍ଡ ମିଳେ। ଶ୍ରଦ୍ଧାଳୁମାନେ ଦେବୀ ମାତାଙ୍କୁ ଗର୍ଭଗୃହରୁ ବାହାରକୁ କିଛି ସମୟ ପାଇଁ ଆଣି ପୁଣି ଆସ୍ଥାନରେ ରଖି ଦିଅନ୍ତି। ଏହା ହେଉଛି ଠାକୁରାଣୀଙ୍କ ପ୍ରତି ଦଣ୍ଡ। ପ୍ରତିବର୍ଷ ଭାଦ୍ରବ ମାସରେ ଏକ ଯାତ୍ରା ଆୟୋଜନ ସମୟରେ ଏହି ନିଆରା ଅଦାଲତ ମନ୍ଦିର ପରିସରରେ ବସିଥାଏ। ବିଭିନ୍ନ ସ୍ଥାନରୁ ଶ୍ରଦ୍ଧାଳୁ ଆସି ଏହି ଉତ୍ସବରେ ଯୋଗ ଦେଇ ନିଜ ସମସ୍ୟା ସମାଧାନ କରିଥାଆନ୍ତି।

### ଚିରନ୍ତନୀ

ସତ୍ୟର ପ୍ରକାଶ ଆଣେ ଯେ କରଇ ପ୍ରାଣାନ୍ତ ସାଧନା,
ମରମେ ବୁଝଇ ସେହୁ ସୃଜନର ନିଗମ ବେଦନା।
ଯେ ବାସନା ବହୁ ଯୁଗୁଁ ପରାଣେ ସଞ୍ଚିତ
କଳ୍ପନାର ଭୂଷଣେ ବ୍ୟଞ୍ଜିତ।

(ସୃଜନ ବ୍ୟଥା)
–କାଳିନ୍ଦୀ ଚରଣ ପାଣିଗ୍ରାହୀ

### ୨୫ ବର୍ଷ ତଳର ଧରିତ୍ରୀ

୯ ମାର୍ଚ୍ଚ ୧୯୯୪

- କଶ୍ମୀରରେ ମାନବାଧିକାର ଉଲ୍ଲଂଘନ ସମ୍ପର୍କରେ ସେଠାକୁ ଏକ ତଥ୍ୟାନୁସନ୍ଧାନକାରୀ ଦଳ ପଠାଇବା ପାଇଁ ପାକିସ୍ତାନ ପକ୍ଷରୁ ଜାତିସଂଘ ମାନବାଧିକାର କମିଶନଙ୍କ ନିକଟରେ ଆଗତ ପ୍ରସ୍ତାବ ଉପରେ ଭୋଟ ଗ୍ରହଣ।
- ଯାଜପୁର ଜିଲାର ଟମକା-ଡୁବୁରି ଏକ୍ସପ୍ରେସ ହାଇୱେ ଉପରେ ଏକ ଟ୍ରକ ଏବଂ ଟ୍ରେକର ଦୁର୍ଘଟଣାରେ ୨୨ ଯାତ୍ରୀଙ୍କ ମୃତ୍ୟୁ।
- ଡରବାନ୍ ବନ୍ଦର ସହରଠାରୁ ୨୦ କିଲୋମିଟର ଦୂର ପାଇନଟାଉନ ନିକଟରେ ଏକ ରେଳଗାଡି ଲାଇନଚ୍ୟୁତ ହେବା ଫଳରେ ୫୩ ଜଣଙ୍କ ମୃତ୍ୟୁ।

### sudoku | ସୁ-ଡୋ-କୁ

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| | | 9 | | | | | | | | | | 7 | | |
| | | | 7 | D | E | | 9 | | | | | | | |
| E | | 8 | | | 1 | | | 3 | | 6 | | 4 | | |
| | 0 | | | | | 1 | | D | | 3 | | | B | |
| | | | | 2 | 8 | B | E | 5 | | 0 | | | | 3 |
| 8 | C | | | | 0 | 4 | | | 3 | | | | | |
| | 7 | | | E | | | | | C | | | 2 | | B |
| 0 | 9 | | 1 | | | C | | A | | | | | | |
| A | B | 4 | 8 | | | | 0 | | 6 | | | 3 | 7 | 5 |
| | | 5 | | | | | | | | B | | 6 | | 8 |
| | | | | A | C | | | 8 | 5 | | | E | 6 | 1 |
| | 4 | C | 2 | | | | B | 1 | D | | | | | 0 |
| D | | | B | | | E | C | | | | | | | |
| | 1 | | 5 | | D | | 3 | 2 | | | | | | |
| | 3 | | | | | 0 | | 6 | | | C | | | A |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୦ରୁ ୯ ପର୍ଯ୍ୟନ୍ତ ଅଙ୍କ ଓ A ରୁ E ପର୍ଯ୍ୟନ୍ତ ଇଂଲିଶ ଲିପି ରହିବ।

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| 3 | D | 0 | C | 9 | 6 | 5 | A | 1 | B | 8 | 2 | 7 | 4 | E |
| 6 | 2 | 1 | D | 0 | E | 7 | 8 | 4 | C | 9 | 5 | B | A | 3 |
| 8 | E | 7 | B | 3 | A | 6 | 9 | 2 | D | 1 | 4 | C | 5 | 0 |
| 9 | 5 | B | 4 | 7 | 1 | 0 | C | 3 | 6 | A | E | 8 | 2 | D |
| 4 | C | A | 5 | 8 | 2 | D | E | B | 0 | 3 | 7 | 9 | 1 | 6 |
| A | 3 | 5 | 8 | 2 | 7 | C | 0 | 9 | 4 | E | B | D | 6 | 1 |
| E | B | 8 | 1 | 4 | C | 3 | 2 | 6 | 7 | D | A | 0 | 9 | 5 |
| 1 | 7 | 4 | 6 | B | 0 | A | D | 5 | 9 | 2 | 3 | E | 8 | C |
| 2 | 0 | 9 | 3 | D | 5 | 8 | 4 | E | 1 | 6 | C | A | 7 | B |
| D | 6 | C | A | E | 9 | B | 1 | 7 | 5 | 0 | 8 | 2 | 3 | 4 |
| 0 | 1 | 3 | 7 | A | D | 4 | B | C | 8 | 5 | 9 | 6 | E | 2 |
| C | 9 | 2 | 0 | 5 | 4 | E | 3 | D | A | 7 | 6 | 1 | B | 8 |
| 5 | 8 | D | 2 | 1 | 3 | 9 | 6 | A | E | B | 0 | 4 | C | 7 |
| B | A | 6 | E | C | 8 | 2 | 7 | 0 | 3 | 4 | 1 | 5 | D | 9 |
| 7 | 4 | E | 9 | 6 | B | 1 | 5 | 8 | 2 | C | D | 3 | 0 | A |

ଗତକାଲିର ଉତ୍ତର

## ପାଠକ ଶ୍ରେଷ୍ଠ ବିଚାରକ

### ଖାଲି ଖାକିବାବୁ ନୁହନ୍ତି

ମହାଶୟ,

ଧରିତ୍ରୀରେ ଖଇଛିଦିନ ତଳେ ପ୍ରକାଶିତ ଏକ ଖବର ଅନୁସାରେ କେତେକ ପୋଲିସ ଅଫିସର ଭୁବନେଶ୍ୱର ଓ କଟକରେ ବହୁଦିନ ଧରି ରହି ବଦଳି ହେଲେ ମଧ୍ୟ ଗାଦି ଛାଡୁନାହାନ୍ତି। ଅବଶ୍ୟ ସରକାରୀ କର୍ମଚାରୀ ଗୋଟିଏ ସ୍ଥାନରେ କିଛିବର୍ଷ ରହିଲେ ସେ ସ୍ଥାନ ପ୍ରତି ମାୟାମୋହ ଲାଗିଯାଏ। ତେବେ 'ଧନକାର୍ପଣ୍ୟ ସେବା ଫଳେ, କିବା ଅସାଧ ମହୀତଳେ' ବାଣୀର ମହତ୍ତ୍ୱ ରହିଛି, ଯାହାକୁ ଏଡ଼ାଇ ହେବନାହିଁ। ଏପରି ନୀତିରେ ମଧ୍ୟ ଅସାଧ ସାଧନ ହୋଇପାରେ। ଅବଶ୍ୟ ପାରିବାରିକ କାରଣରୁ ସେମାନେ ବଦଳିକୁ ଗ୍ରହଣ କରି ନ ପାରି ଧରାଧରି କରି ବାତିଲ କରିଦିଅନ୍ତି। ଏହି ବିଭାଗର ସର୍ବୋଚ୍ଚ କର୍ମକର୍ତ୍ତା ଓ ଏ ସମ୍ବନ୍ଧୀୟ ପ୍ରଶ୍ନକୁ ଚିରାଚରିତ ଢଙ୍ଗରେ ଟାଳି ଦେଇଛନ୍ତି। ଅବଶ୍ୟ ଜନସାଧାରଣଙ୍କର ଏଥିରେ ପ୍ରଭାବିତ ହେବାର କିଛି ନାହିଁ। କର୍ମଚାରୀ ଯେଉଁଠାକୁ ଗଲେ ମଧ୍ୟ ନିଜ କର୍ତ୍ତବ୍ୟ କରିବେ, ତେଣୁ କଥାରେ ଅଛି– 'ଢିଙ୍କି ସ୍ୱର୍ଗକୁ ଗଲେ ଧାନ କୁଟେ'। ଖାଲି ଦୃଷ୍ଟାନ୍ତ ସ୍ୱରୂପ ଏହି ବିଭାଗକୁ ନେଲେ ହେବନାହିଁ ଅନ୍ୟ ସବୁ ବିଭାଗ ପ୍ରତି ଦୃଷ୍ଟି ଦିଆଯାଇପାରେ। ଯେଉଁମାନେ ବଡ଼ବଡ଼ିଆଙ୍କୁ ହାତ କରିଥାନ୍ତି, ବଦଳି ହେଲେ ସେମାନଙ୍କଠି ହାତ ବାଜିବା ସହଜ ନୁହେଁ। ବେଳେବେଳେ କୁଳିନେତାଙ୍କ ଦ୍ୱାରା ମଧ୍ୟ ଅସମ୍ଭବ ସମ୍ଭବ ହୋଇପାରେ। ଅବଶ୍ୟ ପେଇଙ୍ଗ୍ ଷ୍ଟେଶନରେ ବେଶିଦିନ ରହିଲେ ଭିଜିଲାନ୍ସ ଦୃଷ୍ଟିକୁ ଆସିବା ସ୍ୱାଭାବିକ। ଯଦି ଭିଜିଲାନ୍ସ ଜାଲରେ ପଡିଲ ତେବେ ସିଧା ମାମୁଘରକୁ। ଖାଲି ଖାକିବାବୁ ନୁହନ୍ତି, ଏପରି ବହୁ ବ୍ୟକ୍ତି ଅଛନ୍ତି ସେମାନେ ଏସବୁକୁ ଖାତିର ନ କରି ବଦଳିକୁ ବାତିଲ କରାଇଦିଅନ୍ତି। ଏମିତି ତ ପ୍ରଶାସନ ଚାଲିଛି, ଚାଲିଥିବ।

ହରମୋହନ ମହାନ୍ତି, ଦତ୍ତତୋଟା, ପୁରୀ

### ସର୍ବଧର୍ମାନ୍ ପରିତ୍ୟଜ୍ୟ

ଧରିତ୍ରୀରେ ପ୍ରକାଶିତ ଡ. ଛାୟାକାନ୍ତ ଷଡ଼ଙ୍ଗୀଙ୍କ 'ଶିଷ୍ୟତ୍ୱର ପରିଭାଷା' ପଢ଼ିଲି। ସେ 'ସର୍ବଧର୍ମ' ଉପରେ ଯାହା ବ୍ୟାଖ୍ୟା କରିଛନ୍ତି, ତାହା ଠିକ୍। ଧର୍ମ ଅର୍ଥ ଧାରଣ-ପାଳନ ବା ବଞ୍ଚିବା ବଢ଼ିବା। ତାହା ସମସ୍ତଙ୍କ ପାଇଁ ସମାନ। ତେଣୁ ଏଠି ଭଗବାନ୍ ଶ୍ରୀକୃଷ୍ଣ ଯେଉଁ ସର୍ବଧର୍ମ କଥା କହିଛନ୍ତି, ତାହା ହେଉଛି ଆମ ପ୍ରବୃତ୍ତିର ଧର୍ମ, ଖିଆଲଖୁସିର ଧର୍ମ। ସେସବୁ ମନଗଢ଼ା ଧର୍ମକୁ ତ୍ୟାଗ କରି ତାଙ୍କୁ ଅନୁସରଣ କରିବାକୁ ସେ ଉପଦେଶ ଦେଇଛନ୍ତି।

ଅଦ୍ୱୈତ ପ୍ରସାଦ ବେହେରା, ଅରଣା, ଗଡ଼ମା, ଜଗତ୍‌ସିଂହପୁର

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

# ଏସ୍‌ସିବି ପାଥୋଲୋଜି ବିଭାଗରେ ଅଗ୍ନିକାଣ୍ଡ

**କଟକ ଅଫିସ, ୮।୩**

ଏସ୍‌ସିବି ମେଡିକାଲ ପାଥୋଲୋଜି ବିଭାଗର ସାଇଟୋଲୋଜି ୟୁନିଟ୍‌ରେ ଅଗ୍ନିକାଣ୍ଡ ଘଟିଛି। ୟୁନିଟ୍‌ଟି ସମ୍ପୂର୍ଣ୍ଣ ଭାବେ ପୋଡ଼ିଯାଇଛି। ତେବେ ଅଗ୍ନିକାଣ୍ଡ କେଉଁ ସମୟରେ ଓ କେମିତି ଘଟିଲା ତାହା ଜଣାପଡ଼ିନାହିଁ। ଶୁକ୍ରବାର ସକାଳ ୯ଟାରେ ସାଇଟୋଲୋଜି ୟୁନିଟ୍ ଖୋଲିବା ବେଳକୁ ନିଆଁ ଲାଗିଥିବା କର୍ମଚାରୀମାନେ ଦେଖିଥିଲେ। ସେତେବେଳକୁ ଉକ୍ତ ଘରଟି ଧୂଆଁରେ ଭର୍ତ୍ତି ହୋଇଯାଇଥିବା ବେଳେ ୟୁନିଟ୍ ଭିତରେ ଥିବା ଯନ୍ତ୍ରାଂଶ, ଟେବୁଲ, ଚେୟାର ଆଦି ଜଳିଯାଇଛି। କର୍ମଚାରୀମାନେ ତୁରନ୍ତ ଏ ସମ୍ପର୍କରେ ମେଡିକାଲ ପରିସରରେ ଥିବା ଅଗ୍ନିଶମ କାର୍ଯ୍ୟାଳୟକୁ ଫୋନ କରିଥିଲେ। ଅଗ୍ନିଶମ କର୍ମଚାରୀମାନେ ପହଞ୍ଚି ନିଆଁକୁ ଲିଭାଇଥିଲେ। ଶନିବାରଠାରୁ ଅଗ୍ନିକାଣ୍ଡର କାରଣ ଜାଣିବା ପାଇଁ ତଦନ୍ତ କରାଯିବ ବୋଲି ଏସ୍‌ସିବି ଅଗ୍ନିଶମ କେନ୍ଦ୍ରର ଷ୍ଟେଶନ ଅଫିସର ନଟବର ନାୟକ କହିଛନ୍ତି। ଏସିରୁ ଶର୍ଟସର୍କିଟ ଯୋଗୁ ଏହି ଅଗ୍ନିକାଣ୍ଡ ଘଟିଥିବା ଅନୁମାନ କରାଯାଉଥିବା ଜିଇଡି କନିଷ୍ଠ ଯନ୍ତ୍ରୀ ଶିଖା ଦାସ କହିଛନ୍ତି। କାରଣ ଗୁରୁବାର ରାତିସାରା ଉକ୍ତ ୟୁନିଟ୍‌ରେ ଏସି ଚାଲିଥିବାରୁ ଏଭଳି ଘଟଣା ଘଟିଥିବା ଦାସ କହିଛନ୍ତି। ଉକ୍ତ ୟୁନିଟ୍‌ରେ ୫ଟି ସ୍ପ୍ଲିଟ୍ ଓ ଗୋଟିଏ ଉଇଣ୍ଡୋ ଏସି ରହିଛି। ଯେହେତୁ ସମସ୍ତ ଏସିର ଇନ୍‌ଡୋର ୟୁନିଟ୍‌ଗୁଡ଼ିକ ପୋଡ଼ି ପାଉଁଶ ହୋଇଯାଇଛି। ତେଣୁ ଏସିରୁ ଏହି ଅଗ୍ନିକାଣ୍ଡ ଘଟିଥିବା ଅନୁମାନ କରାଯାଉଛି।

ଅଗ୍ନିକାଣ୍ଡ ଯୋଗୁ ବିଦ୍ୟୁତ୍ ବିଭାଗର ଏମ୍‌ସିବି (ମିନିଏଚର ସର୍କିଟ ବ୍ରେକର) ଟ୍ରିପ କରିଯିବାରୁ ବାକି ୟୁନିଟ୍‌ଗୁଡ଼ିକ ଅଗ୍ନିକାଣ୍ଡରୁ ରକ୍ଷା ପାଇଯାଇଛି। ସେହିପରି ସାଇଟୋଲୋଜି ୟୁନିଟ୍ ଭିତରେ ପରୀକ୍ଷା ନିରୀକ୍ଷା ନିମନ୍ତେ ୨୦ ଲିଟର ପାଖାପାଖି ଜ୍ୱଳନ ଲିକ୍ୟୁଡ ଥିବାବେଳେ ଏକ କାଠ ଟେବୁଲ ଉପରେ ଗୋଟିଏ ହିଟର ମଧ୍ୟ ରହିଥିଲା। ସୌଭାଗ୍ୟବଶତଃ ଉକ୍ତ ଜ୍ୱଳନ ଲିକ୍ୟୁଡ ସହିତ ଅଗ୍ନି ସଂଯୋଗ ହୋଇନାହିଁ। ନଚେତ୍ ପରିଣାମ ଅଧିକ ଭୟାବହ ହୋଇଥାନ୍ତା।

ଉକ୍ତ ୟୁନିଟ୍‌ରେ କେତେ ପରିମାଣର ଯନ୍ତ୍ରାଂଶ ଥିଲା ଓ ସେଥିରୁ କେତେ ନଷ୍ଟ ହୋଇଛି ତାହାର କୌଣସି ତଥ୍ୟ ଅଦ୍ୟାବଧି ମିଳି ନ ଥିବା ଏସ୍‌ସିବି ପ୍ରଶାସନିକ ଅଧିକାରୀ କଳ୍ପତରୁ ବେହେରା କହିଛନ୍ତି। ଘଟଣାର ତଦନ୍ତ ନିମନ୍ତେ ମେଡିକାଲ ପକ୍ଷରୁ ଏକ ୭ ଜଣିଆ କମିଟି ଗଠନ କରାଯାଇଛି। ମେଡିକାଲ ଅଧୀକ୍ଷକ ପ୍ରଫେସର ସିବିକେ ମହାନ୍ତିଙ୍କ ଅଧ୍ୟକ୍ଷତାରେ ଗଠିତ ଏହି କମିଟିରେ ପ୍ରଶାସନିକ ଅଧିକାରୀ ବେହେରା, ଅଣୁଜୀବ ବିଜ୍ଞାନର ମୁଖ୍ୟ ପ୍ରଫେସର ନିରୁପମା ଚୟନୀ, ସାମାଜିକ ପ୍ରତିଷେଧକ ଭେଷଜ ବିଭାଗର ମୁଖ୍ୟ ପ୍ରଫେସର ରାମଚନ୍ଦ୍ର ଗିରି, ପାଥୋଲୋଜି ବିଭାଗର ମୁଖ୍ୟ ପ୍ରଫେସର ଅସରନ୍ତି କର, ମେଡିକାଲ ଜରୁରିକାଳୀନ ଅଧିକାରୀ ଭୁବନାନନ୍ଦ ମହାରଣା ଓ ହସ୍ପିଟାଲ ମ୍ୟାନେଜର ବିରଞ୍ଚି ନାରାୟଣ ସାହୁ ପ୍ରମୁଖ ସଦସ୍ୟ ରହିଛନ୍ତି। ୭ ଦିନ ମଧ୍ୟରେ ଉକ୍ତ କମିଟି ଅଗ୍ନିକାଣ୍ଡର କାରଣ ସମ୍ପର୍କରେ ତଦନ୍ତ କରି ରିପୋର୍ଟ ଦେବ ବୋଲି ପ୍ରଶାସନିକ ଅଧିକାରୀ ବେହେରା କହିଛନ୍ତି। ରିପୋର୍ଟକୁ ଆଧାର କରି ପରବର୍ତ୍ତୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।

ଏସ୍‌ସିବିରେ ଅଗ୍ନିକାଣ୍ଡ କିଛି ନୂଆ କଥା ନୁହେଁ। ଏଥିପୂର୍ବରୁ ପ୍ଲାଷ୍ଟିକ୍ ସର୍ଜରି, କାର୍ଡିଓଲୋଜି ବିଭାଗ ସମେତ ସେଣ୍ଟ୍ରାଲ ଆଇସିୟୁରେ ମଧ୍ୟ ଅଗ୍ନିକାଣ୍ଡ ଭଳି ଘଟଣା ଘଟିଛି। ପ୍ରତ୍ୟେକ ଅଗ୍ନିକାଣ୍ଡର କାରଣ ଶର୍ଟସର୍କିଟ ଜନିତ ବୋଲି ପରବର୍ତ୍ତୀ ଅବସ୍ଥାରେ କୁହାଯାଇଥାଏ। ତେବେ ମେଡିକାଲ ଭଳି ଏକ ସମ୍ବେଦନଶୀଳ ଜାଗାରେ ବାରମ୍ବାର ଶର୍ଟସର୍କିଟ ଘଟିବା ଓ ଏଥିପାଇଁ ବହୁ ମୂଲ୍ୟର ସମ୍ପତ୍ତି ନଷ୍ଟ ହେବା ନେଇ କାହାରିକୁ ଦୋଷାରୋପ କରାଯାଉନାହିଁ କିମ୍ବା ସ୍ଥାୟୀ ପ୍ରତିକାର ମଧ୍ୟ କରାଯାଉ ନାହିଁ।

## ସଂକ୍ଷେପରେ

### ଆଜି ବିଜେଡିରେ ମିଶିବେ ହେମାନନ୍ଦଙ୍କ ଝିଅ

**ଭୁବନେଶ୍ୱର,୮।୩ (ବ୍ୟୁରୋ):** ପୂର୍ବତନ ମୁଖ୍ୟମନ୍ତ୍ରୀ ହେମାନନ୍ଦ ବିଶ୍ୱାଳଙ୍କ ଝିଅ ସୁନୀତା ବିଶ୍ୱାଳ ଶନିବାର ବିଜେଡିରେ ଯୋଗଦେବେ ବୋଲି ଜଣାପଡିଛି। ଦଳର ସଭାପତି ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଉପସ୍ଥିତିରେ ନବୀନ ନିବାସରେ ଏହି ମିଶ୍ରଣ ପର୍ବ ଅନୁଷ୍ଠିତ ହେବ। ସୁନୀତାଙ୍କୁ ବିଜେଡିକୁ ଆଣିବାରେ ପୂର୍ବତନ ବିଧାୟକ ତଥା ବିଜେଡି ନେତା ନବ ଦାସ ଗୁରୁତ୍ୱପୂର୍ଣ୍ଣ ଭୂମିକା ନେଉଥିବା ଶୁଣିବାକୁ ମିଳୁଛି। ସୁନିତାଙ୍କୁ ସୁନ୍ଦରଗଡ ଲୋକ ସଭା କିମ୍ବା ବିଧାନସଭାରୁ ପ୍ରାର୍ଥୀ କରାଯିବା ନେଇ ସାଧାରଣରେ ଆଲୋଚନା ହେଉଛି।

### ବିଜେଡି ଛାଡ଼ି ଭାଜପାରେ ମିଶିଲେ କୋରାପୁଟର ଦୁଇ ନେତା

**ଭୁବନେଶ୍ୱର,୮।୩ (ବ୍ୟୁରୋ):** କୋରାପୁଟ ଜିଲା ବିଜେଡି ଉପସଭାପତି ଏବଂ ମ୍ୟୁନିସିପାଲିଟି ଭାଇସ୍ ଚେୟାରମ୍ୟାନ ବିଜେଡି ଛାଡି ଶୁକ୍ରବାର ଭାଜପାରେ ସାମିଲ ହୋଇଛନ୍ତି। କୋରାପୁଟ ଜିଲା ସଭାପତି ବିଜୟ ମିଶ୍ରଙ୍କ ନେତୃତ୍ୱରେ ତ୍ରିପୁରାରୀ ଗରଡା ଏବଂ ସଞ୍ଜୁଲତା ରାଉତ ବିଧିବଦ୍ଧ ଭାବେ ଭାଜପାରେ ସାମିଲ ହୋଇଛନ୍ତି। ବିଧାୟକ ଦଳ ନେତା କେ.ଭି. ସିଂହଦେଓ ଓ ପୂର୍ବତନ ମନ୍ତ୍ରୀ ଜୟରାମ ପାଙ୍ଗୀ ଦୁଇ ନେତାଙ୍କୁ ଉତ୍ତରୀୟ ଏବଂ ଟୋପି ପିନ୍ଧାଇ ସେମାନଙ୍କୁ ଭାଜପାରେ ସାମିଲ କରାଇଛନ୍ତି। କନକ ବର୍ଦ୍ଧନ ସମସ୍ତଙ୍କୁ ସ୍ୱାଗତ କରିବା ସହ ସାଧୁବାଦ ଜଣାଇଛନ୍ତି। ଏହି ମିଶ୍ରଣ ଦ୍ୱାରା ଦଳ ଆହୁରି ମଜଭୁତ୍ ହେବ ବୋଲି ସେ କହିଛନ୍ତି। ଅନ୍ୟପଟେ ବିଜେଡି ଦଳ ପ୍ରତି ଅତିଷ୍ଠ ହୋଇ ଏବଂ ମୋଦିଙ୍କ ସ୍ୱଚ୍ଛ ଶାସନ ଓ ବିକାଶରେ ଅନୁପ୍ରାଣିତ ହୋଇ ସେମାନେ ଭାଜପାରେ ସାମିଲ ହୋଇଛନ୍ତି ବୋଲି ମତ ରଖିଛନ୍ତି। ଏହାସହ ଭାଜପା ଏକମାତ୍ର ବିକଳ୍ପ ବୋଲି ସେମାନେ କହିବା ସହ ବିଜେଡି ଦଳର ନେତାମାନେ ଦୁର୍ନୀତି ଓ ଭ୍ରଷ୍ଟାଚାର ଲିପ୍ତ ବୋଲି ଅଭିଯୋଗ କରିଛନ୍ତି।

## 'କଳଙ୍କ'ରେ ଆଲିଆଙ୍କ ନୂଆ ଚାହାଣି



**ମୁମ୍ବାଇ:** ଶୁକ୍ରବାର ଅନ୍ତର୍ଜାତୀୟ ମହିଳା ଦିବସ ପାଳନ ଅବସରରେ ଫିଲ୍ମ ନିର୍ମାତା କରନ୍ ଜୋହର ଆଗାମୀ ପିରିୟଡ ଡ୍ରାମା 'କଳଙ୍କ'ରେ ଅଭିନେତ୍ରୀ ଆଲିଆ ଭଟ୍ଟଙ୍କ ନୂଆ ଚାହାଣି ଅନାବରଣ କରିଛନ୍ତି। ଏହି ଫିଲ୍ମରେ ଆଲିଆଙ୍କ ଚରିତ୍ର (ରୂପ୍) ଉପରେ ବର୍ଣ୍ଣନା କରି ସହ-ପ୍ରଯୋଜକ କରନ୍ ସୋସିଆଲ ମିଡିଆରେ ଲେଖିଛନ୍ତି, ତାଙ୍କୁ ଭଲ ପାଇବା ଅର୍ଥ ନିଆଁକୁ ଭଲ ପାଇବା। ଏଥିସହିତ ସେ ଏକ ପୋଷ୍ଟର ମଧ୍ୟ ଶେୟାର କରିଛନ୍ତି। ଯେଉଁଥିରେ ଆଲିଆ ନାଲି ଓଢ଼ଣା ତଳେ ବିଭିନ୍ନ ସ୍ୱର୍ଣ୍ଣାଳଙ୍କାର ପିନ୍ଧି ଏକ ରାଜକୀୟ ଠାଣିରେ ପୋଜ୍ ଦେଉଛନ୍ତି। ଏହି ଫିଲ୍ମର ଅନ୍ୟତମ ଅଭିନେତ୍ରୀ ମାଧୁରୀ ଦୀକ୍ଷିତ ନେନେ ଆଲିଆଙ୍କ ଚାହାଣି ଶେୟାର କରିବା ସହିତ ତାଙ୍କ ଚରିତ୍ର ବର୍ଣ୍ଣନା କରିଛନ୍ତି। କେବଳ ମାଧୁରୀ ନୁହନ୍ତି, ଅନ୍ୟ ସହ-ଅଭିନେତ୍ରୀ ସୋନାକ୍ଷୀ ସିହ୍ନା ଏବଂ ଆଦିତ୍ୟ ରଏ କପୁର ଆଲିଆଙ୍କ ଚରିତ୍ର ସମ୍ପର୍କରେ ଚର୍ଚ୍ଚା କରିଛନ୍ତି। ସୋନାକ୍ଷୀ କହନ୍ତି, 'ରୂପ୍ ହେଉଛନ୍ତି ମୁକ୍ତ, କେବଳ ପ୍ରେମରେ ବନ୍ଧା।' ଗୁରୁବାର ଉକ୍ତ ଟିମ୍ ଫିଲ୍ମର ପୁରୁଷ ଅଭିନେତା ବରୁଣ ଧାୱନ (ଜାଫର୍), ଆଦିତ୍ୟ(ଦେବ୍ ଚୌଧୁରୀ) ଏବଂ ସଞ୍ଜୟ ଦତ୍ତ (ବାଲ୍‌ରାଜ ଚୌଧୁରୀ)ଙ୍କ ଚରିତ୍ର ଅନାବରଣ କରିଥିଲା।

ଅଭିଷେକବର୍ମନଙ୍କନିର୍ଦ୍ଦେଶିତ 'କଳଙ୍କ' ଏପ୍ରିଲ ୧୯ରେ ରିଲିଜ ହେବାର ଅଛି।

## ଅବସରପ୍ରାପ୍ତ ଅଧିକାରୀଙ୍କୁ ଥଇଥାନ କରିବାକୁ ସରକାରଙ୍କ ମସୁଧା

**ଭୁବନେଶ୍ୱର,୮।୩(ବ୍ୟୁରୋ):** ଶାସନ ବ୍ୟବସ୍ଥା ସୁଦୃଢ ଏବଂ ସଂଘୀୟ ଢାଞ୍ଚାରେ ପରିଚାଳିତ ହେବା ପାଇଁ କେତେକ ଅନୁଷ୍ଠାନ ସୃଷ୍ଟି କରାଯାଇଥାଏ। ଏହି ଅନୁଷ୍ଠାନ ନିରପେକ୍ଷତା ବଜାୟ ରଖି ସାମାଜିକ ସ୍ୱାର୍ଥକୁ ଗୁରୁତ୍ୱ ଦେବାର ନିୟମ ରହିଛି। ହେଲେ ଏପରି ସଂସ୍ଥାଗୁଡିକର ମୁଖ୍ୟ ପଦବୀ ରାଜନୈତିକ ଉଦ୍ଦେଶ୍ୟ ରଖି ନିଯୁକ୍ତି କରାଯିବାର ଅନେକ ନଜିର ରହିଛି ଯାହା ସାଧାରଣରେ ସରକାରଙ୍କୁ ସମାଲୋଚିତ କରିଥାଏ। କିଛି ବର୍ଷ ଧରି ଲୋକାୟୁକ୍ତ ନିଯୁକ୍ତି ନେଇ ରାଜନୀତି ଜୋର ଧରିଥିଲା। ନିକଟରେ ରାଜ୍ୟ ସରକାର ଏହାକୁ ପୂରଣ କରିଛନ୍ତି। ସେହିପରି ନିକଟରେ ସୂଚନା କମିଶନର ପଦବୀ ପାଇଁ ବିଜ୍ଞପ୍ତି ପ୍ରକାଶ ପାଇଥିଲା। ଏହାର ନିଯୁକ୍ତି ନେଇ ପ୍ରକ୍ରିୟା ଜାରି ରହିଛି। ଏକ ସୂତ୍ରରୁ ମିଳିଥିବା ଖବର ଅନୁଯାୟୀ ସରକାର ଜଣେ ଅବସରପ୍ରାପ୍ତ ପ୍ରଶାସକଙ୍କୁ ଏହି ପଦବୀରେ ଅବସ୍ଥାପିତ କରିବାକୁ ଚାହୁଁଛନ୍ତି। ତେଣୁ ଏହି ପଦବୀ ହାତେଇବା ପାଇଁ ଏକରକମ ଛକାପଞ୍ଝା ଆରମ୍ଭ ହୋଇଯାଇଛି। ସୂଚନା ଅଧିକାର ଆଇନ ମୁତାବକ ସରକାର ୧୦ ଜଣଙ୍କୁ କମିଶନର ଭାବେ ନିଯୁକ୍ତି ଦେଇପାରିବେ। ହେଲେ ଖର୍ଚ୍ଚ କାଟ ଆଳ ଦେଖାଇ ୩ ଜଣରେ କାମ ଚଳାଯାଉଛି। ଏହି ୩ ପଦବୀ ମଧ୍ୟରୁ ଗୋଟିଏ ପଦବୀ ଖାଲି ରହିଛି। ଅପରପକ୍ଷରେ ସୂଚନା କମିଶନ ନିକଟରେ ଦିନକୁ ଦିନ ମାମଲା ବୃଦ୍ଧି ପାଇବାରେ ଲାଗିଛି। ହେଲେ ସେହି ପରିମାଣରେ ନିଯୁକ୍ତି ଏବଂ ତ୍ୱରିତ ପ୍ରକ୍ରିୟା ଦେଖିବାକୁ ମିଳୁନାହିଁ। ଜନୈକ ଅଧିକାରୀଙ୍କ ସୂଚନା ଅନୁଯାୟୀ ଉକ୍ତ ପଦବୀ ପାଇଁ ଆବେଦନକାରୀଙ୍କ ତାଲିକା ମଧ୍ୟରୁ କିଛି ନାମ ବଛାଯାଇ ସାରିଛି। କେତେଜଣଙ୍କୁ ଶେଷ ପର୍ଯ୍ୟାୟରେ ତାଲିକାଭୁକ୍ତ କରାଯାଇଛି। ଏହି ତାଲିକାରେ ୫ଜଣ ଅବସରପ୍ରାପ୍ତ ପ୍ରଶାସକ ରହିଥିବା ଜଣାପଡିଛି।


**National Entrance Screening Test 2019**

**NEST 2019**

Admission to 5-year Integrated MSc Programmes in Biology, Chemistry, Mathematics and Physics at NISER (Bhubaneswar) and UM-DAE CEBS (Mumbai)

(Autonomous Institutions under Department of Atomic Energy, Government of India)

For detailed information on NEST 2019 application procedure and previous years' question papers please visit NEST 2019 website: www.nestexam.in

**Online Application deadline has been EXTENDED for another week !**

**Last Date to Apply Online: 18 March 2019 (midnight)**

Application can be made only through online portal.
To apply ONLINE, visit www.nestexam.in

**Date of Examination: June 01, 2019 (Saturday)**


# ନିର୍ମାଣ ଶ୍ରମିକଙ୍କ ସହାୟତା ରାଶି ବଢ଼ିଲା

**ଭୁବନେଶ୍ୱର,୮।୩(ବ୍ୟୁରୋ)**

**ଫେବୃୟାରୀରୁ ଲାଗୁ**

- ପେନ୍‌ସନ ୩୦୦ରୁ ୫୦୦
- ୮୦ ବର୍ଷରୁ ଉର୍ଦ୍ଧ୍ୱ ହିତାଧିକାରୀଙ୍କୁ ୫୦୦ରୁ ୭୦୦
- ଝିଅ ବାହାଘର ପାଇଁ ୫୦ ହଜାର
- ସ୍ୱାଭାବିକ ମୃତ୍ୟୁ ୨ ଲକ୍ଷ, ଦୁର୍ଘଟଣା ମୃତ୍ୟୁ ପାଇଁ ୪ ଲକ୍ଷ

ଆସନ୍ତା ସାଧାରଣ ନିର୍ବାଚନକୁ ଦୃଷ୍ଟିରେ ରଖି ରାଜ୍ୟ ସରକାର ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ, ଅଙ୍ଗନୱାଡି କର୍ମୀ, ପାଚିକା, ସରକାରୀ କର୍ମଚାରୀ, ଶିକ୍ଷକ, କେନ୍ଦୁପତ୍ର ତୋଳାଳି, ପୌର କର୍ମଚାରୀଙ୍କ ଭଳି ନିର୍ମାଣ ଶ୍ରମିକମାନଙ୍କୁ ଖୁସି କରିବାକୁ ଉଦ୍ୟମ କରିଛନ୍ତି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଅନୁମୋଦନ କ୍ରମେ ଶୁକ୍ରବାର ଶ୍ରମିକମାନଙ୍କ ପାଇଁ ପେନସନ ଓ ବିଭିନ୍ନ ସହାୟତା ରାଶି ବୃଦ୍ଧି କରାଯାଇଛି। ନିର୍ମାଣ ଶ୍ରମିକ ଯୋଜନାରେ ହିତାଧିକାରୀମାନେ ପୂର୍ବରୁ ମାସିକ ୩୦୦ ଟଙ୍କା ପେନସନ ପାଉଥିବା ବେଳେ ଏହାକୁ ୫୦୦ ଟଙ୍କାକୁ ବୃଦ୍ଧି କରାଯାଇଛି। ସେହିପରି ୮୦ ବର୍ଷରୁ ଉର୍ଦ୍ଧ୍ୱ ହିତାଧିକାରୀଙ୍କ ପେନସନ ପରିମାଣ ୫୦୦ ଟଙ୍କାରୁ ୭୦୦ ଟଙ୍କାକୁ ବୃଦ୍ଧି କରାଯାଇଛି। ଏହି ବର୍ଦ୍ଧିତ ପେନସନ ୨୦୧୯ ଫେବୃୟାରୀରୁ ଲାଗୁ ହେବ।

ସେହିପରି ନିର୍ମାଣ ଶ୍ରମିକ କଲ୍ୟାଣ ଯୋଜନାରେ ଶ୍ରମିକମାନଙ୍କ ପାଇଁ ବିବାହ ଓ ମୃତ୍ୟୁ ସହାୟତାରେ ମଧ୍ୟ ବୃଦ୍ଧି କରାଯାଇଛି। ନିର୍ମାଣ ଶ୍ରମିକମାନେ ସେମାନଙ୍କ ଝିଅ ବାହାଘର ପାଇଁ (ସର୍ବାଧିକ ୨ଟି ଝିଅ) ପୂର୍ବରୁ ସହାୟତା ରାଶି ୨୫ ହଜାର ଟଙ୍କା ଥିବା ବେଳେ ଏହି ପରିମାଣକୁ ୫୦ ହଜାର ଟଙ୍କାକୁ ବୃଦ୍ଧି କରାଯାଇଛି। ସେହିପରି ସ୍ୱାଭାବିକ ଭାବେ ମୃତ୍ୟୁ ହେଲେ ସହାୟତା ପରିମାଣକୁ ୧ ଲକ୍ଷ ଟଙ୍କାରୁ ୨ ଲକ୍ଷ ଟଙ୍କା ଏବଂ ଦୁର୍ଘଟଣାଜନିତ ମୃତ୍ୟୁ ହେଲେ ପୂର୍ବରୁ ଦିଆଯାଉଥିବା ସହାୟତା ପରିମାଣ ୨ ଲକ୍ଷରୁ ୪ ଲକ୍ଷ ଟଙ୍କାକୁ ବୃଦ୍ଧି କରାଯାଇଛି। ରାଜ୍ୟରେ କେତେ ନିର୍ମାଣ ଶ୍ରମିକ ଅଛନ୍ତି ତାହାର ତାଲିକା ସରକାରଙ୍କ ପାଖରେ ନାହିଁ। ଶ୍ରମିକମାନଙ୍କର ଗଣନା ମଧ୍ୟ ଏ ପର୍ଯ୍ୟନ୍ତ ହୋଇ ନାହିଁ। ଯେଉଁମାନେ ଜିଲା ଶ୍ରମ ଅଧିକାରୀଙ୍କ ନିକଟରେ ନିଜର ନାମ ପଞ୍ଜୀକୃତ କରିଛନ୍ତି ସେମାନଙ୍କୁ ଏହି ସୁବିଧା ସୁଯୋଗ ମିଳିବ।


**ପୂର୍ବ ତଟ ରେଳପଥ**

**ବେଡ଼ରୋଲ ଲିନେନ୍(Linen) ଗୁଡ଼ିକର ଯନ୍ତ୍ରୀକୃତ(Mechanised) ସଫେଇ**

1) ଟେଣ୍ଡର ବିଜ୍ଞପ୍ତି ସଂ. eT-M-KUR-Grl-MW-PUI-49-19

**କାର୍ଯ୍ୟର ନାମ :** 02 (ଦୁଇ)ବର୍ଷ ଅବଧି ନିମନ୍ତେ ପୁରୀ କୋଚିଙ୍ଗ୍ ଡିପୋ(ପୁରୀ ଗ୍ରୁପ୍-I)ର ଟ୍ରେନ୍ ନଂ.18425/18426 (ପୁରୀ-ଦୁର୍ଗ-ପୁରୀ ଏକ୍ସପ୍ରେସ୍) ଏବଂ 18477/18478 (ଉତ୍କଳ ଏକ୍ସପ୍ରେସ୍)ର ବେଡ୍ ରୋଲ୍ ଲିନେନ୍(Linen) ଗୁଡ଼ିକର ଯନ୍ତ୍ରୀକୃତ ସଫେଇ।

ବିଜ୍ଞାପିତ ମୂଲ୍ୟ(ଟଙ୍କାରେ) : 1,80,97,342.96, EMD (ଟଙ୍କାରେ) : 2,40,500/-, ଟେଣ୍ଡର ନଥିପତ୍ରର ମୂଲ୍ୟ (ଟଙ୍କାରେ) : 5,900/-, କାର୍ଯ୍ୟ ଶେଷ ହେବା ଅବଧି : 24 ମାସ।

ବିଡ୍ ଆରମ୍ଭ ହେବା ତାରିଖ : ତା.12.03.2019ରିଖ, ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ : ତା.26.03.2019ରିଖ 1530 ଘଟିକାରେ।

2) ଟେଣ୍ଡର ବିଜ୍ଞପ୍ତି ସଂ. eT-M-MW-GrIV-PUI-51-2019

**କାର୍ଯ୍ୟର ନାମ :** 02 (ଦୁଇ)ବର୍ଷ ଅବଧି ନିମନ୍ତେ ପୁରୀ କୋଚିଙ୍ଗ୍ ଡିପୋ(ପୁରୀ ଗ୍ରୁପ୍-IV)ର ଟ୍ରେନ୍ ନଂ.12801/12802, 12815/12816, 12875/12876, 20813/20814 ଏବଂ 08403/08404 ର ବେଡ୍ ରୋଲ୍ ଲିନେନ୍ (Linen) ଇତ୍ୟାଦି ଗୁଡ଼ିକର ଯନ୍ତ୍ରୀକୃତ ସଫେଇ।

ବିଜ୍ଞାପିତ ମୂଲ୍ୟ(ଟଙ୍କାରେ) : 2,58,52,580.24, EMD (ଟଙ୍କାରେ) : 2,79,300/-, ଟେଣ୍ଡର ନଥିପତ୍ରର ମୂଲ୍ୟ (ଟଙ୍କାରେ) : 11,800/-, କାର୍ଯ୍ୟ ଶେଷ ହେବା ଅବଧି : 24 ମାସ।

ବିଡ୍ ଆରମ୍ଭ ହେବା ତାରିଖ : ତା.13.03.2019ରିଖ, ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ : ତା.27.03.2019ରିଖ 1515 ଘଟିକାରେ।

ଏହି ଟେଣ୍ଡର ସନ୍ଦର୍ଭରେ ମାନୁଆଲ ଅଫର ଗୁଡ଼ିକୁ ଅନୁମତି ଦିଆଯିବ ନାହିଁ ଏବଂ ସେହିଭଳି ପ୍ରାପ୍ତ ଯେକୌଣସି ମାନୁଆଲ ପ୍ରସ୍ତାବକୁ ଗ୍ରହଣ କରାଯିବ ନାହିଁ।

ଇ-ଟେଣ୍ଡର ନଥିପତ୍ର ସହିତ ସଂପୂର୍ଣ୍ଣ ବିସ୍ତୃତ ବିବରଣୀ ୱେବ୍‌ସାଇଟ୍ http://www.ireps.gov.in ରେ ଉପଲବ୍ଧ ଅଟେ।

ସିନିୟର ଡିଭିଜନାଲ ମେକାନିକାଲ ଇଞ୍ଜିନିୟର/ ଖୋର୍ଦ୍ଧା ରୋଡ୍

PR-527/J/18-19


# ବୈଜୟନ୍ତଙ୍କୁ ଭାଜପାର ରାଷ୍ଟ୍ରୀୟ ଉପସଭାପତି, ମୁଖପାତ୍ର ଦାୟିତ୍ୱ

**ଭୁବନେଶ୍ୱର, ୮।୩ (ବ୍ୟୁରୋ):** କେନ୍ଦ୍ରାପଡ଼ାର ପୂର୍ବତନ ଏମ୍‌ପି ତଥା ବିଜେଡିରୁ ବହିଷ୍କୃତ ନେତା ବୈଜୟନ୍ତ ପଣ୍ଡାଙ୍କୁ ଭାଜପା କେନ୍ଦ୍ରୀୟ ନେତା ଅଧିକ ବିଶ୍ୱାସକୁ ନେଇଛନ୍ତି। ଶୁକ୍ରବାର ବୈଜୟନ୍ତଙ୍କୁ ଭାଜପା ରାଷ୍ଟ୍ରୀୟ ଉପସଭାପତି ଦାୟିତ୍ୱ ସହ ଦଳର ମୁଖପାତ୍ର ଭାବେ ନିଯୁକ୍ତ କରାଯାଇଛି। ଦଳର ରାଷ୍ଟ୍ରୀୟ ଅଧ୍ୟକ୍ଷ ଅମିତ୍ ଶାହ ତାଙ୍କୁ ଏହି ଦାୟିତ୍ୱ ଦେଇଛନ୍ତି। ଗତ ସୋମବାର ଅର୍ଥାତ୍ ମହାଶିବରାତ୍ରି ଦିନ ବୈଜୟନ୍ତ ଦିଲ୍ଲୀଠାରେ ଭାଜପାରେ ଯୋଗଦେଲେ। ଅନ୍ୟପଟେ ଗତ ବୁଧବାର ବୈଜୟନ୍ତ ଭୁବନେଶ୍ୱର ବିମାନବନ୍ଦରଠାରେ ପହଞ୍ଚିବାପରେ ଏକ ବାଇକ ରାଲିରେ ଆସି ଦଳର ରାଜ୍ୟ କାର୍ଯ୍ୟାଳୟଠାରେ ପହଞ୍ଚିଥିଲେ। ସେଠାରେ ତାଙ୍କୁ ସ୍ୱାଗତ କରାଯିବା ସହ ସମ୍ବର୍ଦ୍ଧନା ଜଣାଯାଇଥିଲା। ତେବେ ବୈଜୟନ୍ତ ଓଡ଼ିଶାରେ ପହଞ୍ଚିବାର ଦିନକ ପରେ ତାଙ୍କୁ ଦୁଇଟି ଦାୟିତ୍ୱ ଦିଆଯାଇଛି। ଅନ୍ୟପଟେ କେନ୍ଦ୍ରୀୟ ଦାୟିତ୍ୱ ପାଇବା ପରେ ବୈଜୟନ୍ତ ଟୁଇଟ୍ କରି ଶାହଙ୍କୁ କୃତଜ୍ଞତା ଜଣାଇବା ସହ ସମସ୍ତ ରାଜ୍ୟ ନେତୃବୃନ୍ଦଙ୍କୁ ସହଯୋଗ କରିବେ ବୋଲି କହିଛନ୍ତି। ଏହାସହ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନୂଆ ଭାରତ ଗଠନ ସ୍ୱପ୍ନ ସାକାର କରିବା ପାଇଁ ସମ୍ପୂର୍ଣ୍ଣ ସହଯୋଗ କରିବେ ବୋଲି ଜଣାଇଛନ୍ତି। ବୈଜୟନ୍ତଙ୍କ ଅଭିଜ୍ଞତାକୁ ଦେଖି ତାଙ୍କୁ ଏହି ଦାୟିତ୍ୱ ଦିଆଯାଇଛି। ପ୍ରଧାନମନ୍ତ୍ରୀ ମୋଦି ଏବଂ ଶାହ ଓଡ଼ିଶାକୁ ପ୍ରାଧାନ୍ୟ ଦେବାର ଏହା ଏକ ନିଦର୍ଶନ ବୋଲି ଦଳର ରାଜ୍ୟ ଉପସଭାପତି ସମୀର ମହାନ୍ତି କହିଛନ୍ତି। ଅପରପକ୍ଷରେ ବୈଜୟନ୍ତଙ୍କୁ ମିଳିଥିବା ଦାୟିତ୍ୱ ସମ୍ପର୍କରେ ବିଜେଡି ମୁଖପାତ୍ର ସସ୍ମିତ ପାତ୍ର କଟାକ୍ଷ କରିଛନ୍ତି। ସେ କହିଛନ୍ତି ଯେ, ବୈଜୟନ୍ତ ବାବୁ ବହୁ ପୂର୍ବରୁ ଭାଜପା ମୁଖପାତ୍ର ଥିଲେ, ଏବେ ବିଧିବଦ୍ଧ ଭାବେ ଦାୟିତ୍ୱ ନେଲେ।


**ବିଜ୍ଞପ୍ତି**

ସଂ: ୧୯୩୪ ତା: ୦୭।୦୩।୨୦୧୯

ଏତଦ୍ୱାରା ରାଜ୍ୟର ସରକାରୀ ପ୍ରାଥମିକ, ଉଚ୍ଚ ପ୍ରାଥମିକ ଓ ମାଧ୍ୟମିକ ବିଦ୍ୟାଳୟରେ କାର୍ଯ୍ୟରତ ଶିକ୍ଷକ ଓ ଶିକ୍ଷୟିତ୍ରୀମାନଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଛି ଯେ ଚଳିତ ବର୍ଷ ଶିକ୍ଷକ/ଶିକ୍ଷୟିତ୍ରୀମାନଙ୍କର ବଦଳି ରାଜ୍ୟ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗର ସଂକଳ୍ପ ସଂଖ୍ୟା ୨୨୧୬୭ ତା. ୦୪।୧୦।୨୦୧୮ ଓ ସଂକଳ୍ପ ସଂଖ୍ୟା ୨୧୯୦୮ ତା. ୦୧।୧୦।୨୦୧୮ରେ ଉଲ୍ଲିଖିତ ସର୍ତ୍ତାବଳୀ ଅନୁସାରେ online ପଦ୍ଧତିରେ ହେବ। Online ଦରଖାସ୍ତ ଗ୍ରହଣ ତା. ୦୨।୦୪।୨୦୧୯ରିଖରୁ ଆରମ୍ଭ ହେବ। ଏ ସମ୍ପର୍କିତ ସବିଶେଷ ବିବରଣୀ ଓ calendar ତା. ୦୧।୦୪।୨୦୧୯ ରିଖରୁ http://opepa.odisha.gov.in ରେ ଉପଲବ୍ଧ ହେବ।

**ରାଜ୍ୟ ପ୍ରକଳ୍ପ ନିର୍ଦ୍ଦେଶକ**
**ରାଜ୍ୟ ପ୍ରାଥମିକ ଶିକ୍ଷା ପ୍ରକଳ୍ପ ପ୍ରାଧିକରଣ**



**ଉତ୍କଳ ଗ୍ରାମୀଣ ବ୍ୟାଙ୍କ**

(ଭାରତୀୟ ଷ୍ଟେଟ୍ ବ୍ୟାଙ୍କ ଦ୍ୱାରା ପ୍ରଯୋଜିତ)

ଚାପଗ୍ରସ୍ତ ସମ୍ପତ୍ତି ଆଦାୟ ଶାଖା, ସା./ପୋ.: ଧନୁପାଲୀ, ସମ୍ବଲପୁର

ମୋ.: ୯୪୩୭୧୪୫୮୩୪, ୯୪୩୭୮୩୬୪୨୫

Email Id: sarb00367@gmail.com

**ଇ- ନିଲାମ/ ବିକ୍ରୟ ବିଜ୍ଞପ୍ତି**

ସିକ୍ୟୁରିଟାଇଜେସନ୍ ଆଣ୍ଡ ରିକନ୍‌ଷ୍ଟ୍ରକସନ୍ ଅଫ୍ ଫାଇନାନ୍‌ସିଆଲ୍ ଆସେଟ୍‌ସ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟେରେଷ୍ଟ ଆକ୍ଟ, ୨୦୦୨ ଅନୁଯାୟୀ ବ୍ୟାଙ୍କକୁ ବନ୍ଧକ ଦିଆଯାଇଥିବା ସ୍ଥାବର ସମ୍ପତ୍ତିର ବିକ୍ରୟ

ନିମ୍ନ ସ୍ୱାକ୍ଷରକାରୀ **ଉତ୍କଳ ଗ୍ରାମୀଣ ବ୍ୟାଙ୍କ, ଚାପଗ୍ରସ୍ତ ସମ୍ପତ୍ତି ଆଦାୟ ଶାଖା, ସମ୍ବଲପୁରର, କ୍ଷମତାପ୍ରାପ୍ତ ଅଧିକାରୀ** ସରଫେଶୀ ଆକ୍ଟର ଧାରା ୧୩(୪) ଅନୁସାରେ ନିମ୍ନଲିଖିତ ସମ୍ପତ୍ତିକୁ ଦଖଲ ନେଇଛନ୍ତି। ସର୍ବସାଧାରଣଙ୍କୁ ଏତଦ୍‌ଦ୍ୱାରା ଜଣାଇଦିଆଯାଉଛି କି ବ୍ୟାଙ୍କ ଦେୟ ଆଦାୟକରଣ ନିମନ୍ତେ (ସରଫେଶୀ ଆକ୍ଟ ୨୦୦୨) ନିମ୍ନଲିଖିତ ବନ୍ଧକପ୍ରାପ୍ତ ସମ୍ପତ୍ତିକୁ **''ଯାହା ଯେଉଁଠାରେ ଅଛି ଏବଂ ଯାହା ଯେପରି ଅଛି ଭିତ୍ତିରେ''** ନିମ୍ନରେ ପ୍ରଦତ୍ତ ନିୟମ ଓ ସର୍ତ୍ତାବଳୀ ଅନୁସାରେ ଇ- ନିଲାମ କରାଯିବ।

| କ୍ର. ନଂ | ଋଣଗ୍ରହୀତାଙ୍କ ନାମ ଏବଂ ଠିକଣା | ଜାମିନ୍‌ଦାରମାନଙ୍କ ନାମ ଏବଂ ଠିକଣା | ସମ୍ପତ୍ତି ମାଲିକଙ୍କ ନାମ ଏବଂ ସମ୍ପତ୍ତିର ବିବରଣୀ | ବକେୟା ପରିମାଣ ଯାହାକି ଆଦାୟ ନିମନ୍ତେ ସମ୍ପତ୍ତିର ବିକ୍ରୟ ଏବଂ ଡିମାଣ୍ଡ ନୋଟିସ୍ ତାରିଖ | ସଂରକ୍ଷିତ ମୂଲ୍ୟ ଅମାନତ ଜମା ବିଡ୍ ବୃଦ୍ଧି ପରିମାଣ |
|---|---|---|---|---|---|
| ୧. | ଋଣଗ୍ରହୀତା: ଶ୍ରୀ ରାଜୁ ସାହୁ, ପିତା: ଦଶମୂଳ ସାହୁ, ସା: ଟାଙ୍ଗରପାଲୀ (ରେଲୱେ ବ୍ରିଜ୍ ନିକଟ), ପୋ.: ଅଇଁଣ୍ଠାପାଲୀ, ଜିଲ୍ଲା - ସମ୍ବଲପୁର | ଜାମିନ୍‌ଦାରମାନେ: ଶ୍ରୀ ଭଗବାନ ପର୍ଦ୍ଧିଆ, ପିତା: ସୂର୍ଯ୍ୟ କୁମାର ପର୍ଦ୍ଧିଆ, ସା: ଜେ.ଏମ୍. ମନ୍ଦିର ନିକଟ, ହରିପ୍ରିୟା କମ୍ପ୍ଲେକ୍ସ, ଜିଲ୍ଲା- ସମ୍ବଲପୁର, ୨) ଶ୍ରୀମତୀ ସରୋଜିନୀ ସାହୁ, ସ୍ୱାମୀ: ରାଜୁ ସାହୁ, ସା: ଟାଙ୍ଗରପାଲୀ (ରେଲୱେ ବ୍ରିଜ୍ ନିକଟ), ପୋ.: ଅଇଁଣ୍ଠାପାଲୀ, ଜିଲ୍ଲା - ସମ୍ବଲପୁର | ଶ୍ରୀ ରାଜୁ ସାହୁ, ପିତା: ଦଶମୂଳ ସାହୁଙ୍କ ନାମରେ ଥିବା ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ମୌଜା: ସମ୍ବଲପୁର, ଟାଉନ୍ ୟୁନିଟ୍ ନଂ.: ୧୫, ଥାନା: ସମ୍ବଲପୁର, ତହସିଲ/ଜିଲ୍ଲା - ସମ୍ବଲପୁର, ଖାତା ନଂ.: ୫୫୯/୨୦୪୨, ପ୍ଲଟ୍ ନଂ.: ୨୯୭୭/୩୦୩୧ ଏକଟି ପ୍ଲଟ୍, କ୍ଷେତ୍ର: ଏକର୦.୦୪୦ ଡିସିମିଲି (ଘର ସହିତ), କିସମ: ଘରବାରୀ | ୦୨.୦୩.୨୦୧୯ ସୁଦ୍ଧା ଟ. ୨୧,୯୬,୬୮୪/- + ପରବର୍ତ୍ତୀ ସୁଧ ଏବଂ ସେବାବଦ ଖର୍ଚ୍ଚ / ୨୧.୧୨.୨୦୧୧ | ଟ.୧୬,୯୪,୦୦୦/- / ଟ. ୧,୭୦,୦୦୦/- / ଟ. ୨୦,୦୦୦/- |
| ୨. | ଋଣଗ୍ରହୀତା/ୟୁନିଟ: ମେସର୍ସ ଟ୍ରିନିଟି ଇଞ୍ଜିନିୟରିଂ, ଅଂଶୀଦାରମାନେ.: ୧) ମନୋଜ କୁମାର ସାହୁ, ପିତା: ଶ୍ରୀ ଚର୍ତୁଭୁଜ ସାହୁ, ୨) ଶ୍ରୀମତୀ ସୁନୀତା ସାହୁ, ସ୍ୱାମୀ.: ଶ୍ରୀ ମନୋଜ କୁମାର ସାହୁ, ସା: ଜେ-୫, ଦ୍ୱିତୀୟ ମହଲା, ସିଭିଲ୍ ଟାଉନସିପ, ରାଉରକେଲା, ଜିଲ୍ଲା.: ସୁନ୍ଦରଗଡ, ପିନ୍- ୮୬୯୦୦୪ | ଜାମିନ୍‌ଦାର: ଶ୍ରୀ କୁଶ ପ୍ରଧାନ, ପିତା: ଶ୍ରୀ ବୃନ୍ଦାବନ ପ୍ରଧାନ, ଠିକଣା: ଏଲ୍- ୨/୨୪୦, ସା/ପୋ.: ଛେଣ୍ଡ କଲୋନୀ, ରାଉରକେଲା, ପିନ୍- ୭୬୯୦୧୫, ଜିଲ୍ଲା.: ସୁନ୍ଦରଗଡ | ଶ୍ରୀ ମନୋଜ କୁମାର ସାହୁ ଏବଂ ଶ୍ରୀମତୀ ସୁନୀତା ସାହୁଙ୍କ ନାମରେ ଥିବା ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ମୌଜା: ବଳଣ୍ଡା, ଥାନା: ବ୍ରାହ୍ମଣୀତରଙ୍ଗ, ତହସିଲ: ଲାଠିକଟା, ଜିଲ୍ଲା.: ସୁନ୍ଦରଗଡ, ଖାତା ନଂ.: ୪୬୭/୧୧୩, ପ୍ଲଟ୍ ନଂ.: ୫୫୦ ଗୋଟିଏ ପ୍ଲଟ୍, କ୍ଷେତ୍ର: ଏକର୦.୪୧ ଡିସିମିଲି, କିସମ: ଶିଳ୍ପାଞ୍ଚଳ | ୦୨.୦୩.୨୦୧୯ ସୁଦ୍ଧା ଟ. ୨୬,୭୯,୬୧୭/- + ପରବର୍ତ୍ତୀ ସୁଧ ଏବଂ ସେବାବଦ ଖର୍ଚ୍ଚ / ୨୬.୦୯.୨୦୧୬ | ଟ.୬,୪୩,୦୦୦/- / ଟ. ୬୫,୦୦୦/- / ଟ. ୨୦,୦୦୦/- |
| ୩. | ଋଣଗ୍ରହୀତା/ୟୁନିଟ: ମେସର୍ସ ମାନସୀ, ସ୍ୱତ୍ତ୍ୱାଧିକାରୀ.: ଗୁନିଆ ମହାପାତ୍ର, ସ୍ୱାମୀ: ପ୍ରଦୀପ୍ତ ମହାପାତ୍ର, ସା.: କ୍ୱାଟର ନଂ- ସି-୪୮, ସେକ୍ଟର-୪, ରାଉରକେଲା.: ୭୬୯୦୦୨, ଜିଲ୍ଲା.: ସୁନ୍ଦରଗଡ | ଜାମିନ୍‌ଦାର: ଶ୍ରୀ ପ୍ରଦିପ୍ତ ମହାପାତ୍ର, ପିତା: ଶ୍ରୀ ରାଧାକାନ୍ତ ମହାପାତ୍ର, ସା: ସି-୪୮, ସେକ୍ଟର -୪, ରାଉରକେଲା, ଜିଲ୍ଲା.: ସୁନ୍ଦରଗଡ | ଶ୍ରୀ ପ୍ରଦୀପ୍ତ ମହାପାତ୍ର, ପିତା.: ଶ୍ରୀ ରାଧାକାନ୍ତ ମହାପାତ୍ରଙ୍କ ନାମରେ ଥିବା ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ମୌଜା: ଟୁନାପାହାଡ଼, ଥାନା: ହାତୀବାରୀ, ତହସିଲ ଏବଂ ସବ୍‌ରେଜିଷ୍ଟ୍ରି ଅଫିସ: ବିରମିତ୍ରପୁର, ଜିଲ୍ଲା.: ସୁନ୍ଦରଗଡ, ଖାତା ନଂ.: ୪୨/୪୮, ପ୍ଲଟ୍ ନଂ.: ୧୪୭ ଗୋଟିଏ ପ୍ଲଟ୍, କ୍ଷେତ୍ର: ଏକର୦.୭୮୦ ଡିସିମିଲି, କିସମ: ଘରବାରୀ | ୦୨.୦୩.୨୦୧୯ ସୁଦ୍ଧା ଟ. ୧୧,୨୪,୪୧୨/- + ପରବର୍ତ୍ତୀ ସୁଧ ଏବଂ ସେବାବଦ ଖର୍ଚ୍ଚ / ୨୫.୦୭.୨୦୧୭ | ଟ.୭,୮୦,୦୦୦/- / ଟ. ୭୮,୦୦୦/- / ଟ. ୨୦,୦୦୦/- |

**ଅମାନତ ଜମାର ପ୍ରମାଣ ଏବଂ କେୱାଇସି କାଗଜପତ୍ର, ଅଂଶଗ୍ରହଣ ଆବେଦନ ପତ୍ର ଦାଖଲର ଅନ୍ତିମ ତାରିଖ ଏବଂ ସମୟ: ୧୫.୦୪.୨୦୧୯ ଅପରାହ୍ନ ୪.୦୦ ଘଟିକା**

**ଇ-ନିଲାମ ତାରିଖ ଏବଂ ସମୟ: ୧୮.୦୪.୨୦୧୯ ପୂର୍ବାହ୍ନ ୧୧.୦୦ ଘଟିକାରୁ ଅପରାହ୍ନ ୧.୦୦ ଘଟିକା ମଧ୍ୟରେ (ପ୍ରତିଥର ପାଇଁ ୫ ମିନିଟ୍ ଅସୀମିତ ବର୍ଦ୍ଧିତ ସମୟ ସହିତ)**

**ସମ୍ପତ୍ତିଗୁଡ଼ିକୁ ତନଖି କରିବାର ତାରିଖ ଏବଂ ସମୟ : ୧୩.୦୪.୨୦୧୯ ଅପରାହ୍ନ ୪.୦୦ ଘଟିକା**

**ଇ-ନିଲାମର ନିୟମ ଓ ସର୍ତ୍ତାବଳୀ ନିମ୍ନରେ ପ୍ରଦତ୍ତ:**

୧) ଇ-ନିଲାମ ''ଯେଉଁଠାରେ ଯେପରି ଅଛି'' ଏବଂ ''ଯାହା ଯେପରି ଅଛି'' ଭିତ୍ତିରେ ଓ ''ଅନ୍-ଲାଇନ୍'' ମାଧ୍ୟମରେ ସମ୍ପନ୍ନ ହେବ। ନିଲାମ ବ୍ୟାଙ୍କର ଅନୁମୋଦିତ ସେବାପ୍ରଦାନକାରୀ **(M/s. e-Procurement Technologies Limited, Ahmedabad** ର ୱେବସାଇଟ **(https://sarfaesi.auctiontiger.net)**। ଇ-ନିଲାମ ଟେଣ୍ଡର କାଗଜପତ୍ର ଯଥା: ଅନ୍-ଲାଇନ୍ ଇ-ନିଲାମ ବିଡ୍ ଫର୍ମ, ଘୋଷଣାନାମା, ଅନ୍-ଲାଇନ୍ ଇ-ନିଲାମ ବିକ୍ରୟର ନିୟମ ଏବଂ ସର୍ତ୍ତାବଳୀ ୱେବସାଇଟ୍ ରେ ଉପଲବ୍ଧ।

୨) କ୍ଷମତାପ୍ରାପ୍ତ ଅଧିକାରୀଙ୍କ ସର୍ବୋତ୍ତମ ଜ୍ଞାତସାରରେ ଏବଂ ସୂଚନା ମୁତାବକ ସମ୍ପତ୍ତି ଉପରେ କୌଣସି ଏନ୍‌କମ୍ବ୍ରାନ୍ସ ନାହିଁ। ଇଚ୍ଛୁକ ନିଲାମଧାରୀ ମାନେ ସେମାନଙ୍କର ପ୍ରସ୍ତାବ ଦାଖଲ କରିବା ପୂର୍ବରୁ ନିଜେ ସ୍ୱାଧିନଭାବେ ସମ୍ପତ୍ତିର ଇ.ସି, ସମ୍ପତ୍ତିର ମାଲିକାନା ଏବଂ ସମ୍ପତ୍ତିକୁ ପ୍ରଭାବିତ କରୁଥିବା ଦାବି ଅଧିକାରି ଦେୟ ବିଷୟ ଯାଞ୍ଚ କରିବା ଉଚିତ। ଇ-ନିଲାମ ବିଜ୍ଞପ୍ତିରେ ବ୍ୟାଙ୍କ ପକ୍ଷରୁ କୌଣସି ପ୍ରତିଶ୍ରୁତି କିମ୍ବା ପ୍ରତିନିଧିତ୍ୱ ପ୍ରଦାନ କରାଯାଇନାହିଁ। ବ୍ୟାଙ୍କକୁ ଜ୍ଞାତ ଥାଉ କିମ୍ବା ନ ଥାଉ ସମ୍ପତ୍ତି ବର୍ତ୍ତମାନ ଏବଂ ଭବିଷ୍ୟତକୁ ଥିବା ସମସ୍ତ ଏନ୍‌କମ୍ବ୍ରାନ୍ସ ସହିତ ବିକ୍ରି ହେବ। କ୍ଷମତାପ୍ରାପ୍ତ ଅଧିକାରୀ ସୁରକ୍ଷିତ ଋଣଦାତା କୌଣସି ପ୍ରକାରେ ତୃତୀୟ ପକ୍ଷଙ୍କର ଦାବି ଅଧିକାର ଦେୟ ବିଷୟରେ ଦାୟୀ ରହିବେ ନାହିଁ।

୩) ଇଚ୍ଛୁକ ନିଲାମଧାରୀମାନେ ଅମାନତ ଜମା ରାଶିକୁ **NEFT/RTGS** ମାଧ୍ୟମରେ **ଆକାଉଣ୍ଟ ନଂ.: ୮୪୦୩୪୫୫୭୬୨୬, ଆକାଉଣ୍ଟର ନାମ: Utkal Grameen Bank, Stressed Asset Recovery Branch, Sambalpur, IFSC Code: SBIN0RRUKGB** କିମ୍ବା ଡିମାଣ୍ଡ ଡ୍ରାଫ୍ଟ ଯାହାକି ଯେ କୌଣସି ଜାତୀୟକରଣ ବ୍ୟାଙ୍କରୁ **Utkal Grameen Bank, A/c- Utkal Grameen Bank, Stressed Asset Recovery Branch, Sambalpur"** ଙ୍କ ସପକ୍ଷରେ **ସମ୍ବଲପୁରରେ** ଦେୟ ଦର୍ଶାଇ ପଇଠ କରିପାରିବେ।

୪) ନିଲାମଧାରୀମାନେ ସଠିକ୍ ଅଧିକାରୀଙ୍କ ଠାରୁ ଜାରି ବୈଧ ଇ-ମେଲ ଆଇଡିଧାରୀ ହେବା ଉଚିତ। (ଇଚ୍ଛୁକ ନିଲାମଧାରୀଙ୍କ ଇ-ମେଲ ଆଇଡି ନିତ୍ୟାନ୍ତ ଆବଶ୍ୟକ, ସମସ୍ତ ଗୁରୁତ୍ୱପୂର୍ଣ୍ଣ ସୂଚନା ଏବଂ ଆଇଡି, ପାସୱାର୍ଡ **M/s. e-Procurement Technologies Limited, Ahemadabad** ଙ୍କ ଦ୍ୱାରା ଇ-ମେଲ ମାଧ୍ୟମରେ ପାଇପାରିବେ)। ଯୋଗାଯୋଗ କରନ୍ତୁ: **Rakesh Nayak -9937220319, Rahul Prajapati- 079-68135418/17, E-mail ID: orissa@auctiontiger.net & support@auctiontiger.net**

୫) ଇଚ୍ଛୁକ ନିଲାମଧାରୀ ମାନେ ଅମାନତ ଜମା ଦାଖଲର ପ୍ରମାଣ ପତ୍ର, ଯଥା **UTR** ନମ୍ବର ସହିତ ଇ-ନିଲାମରେ ଅଂଶଗ୍ରହଣ ଅନୁରୋଧ ପତ୍ର ସହିତ ସ୍ୱ-ଦସ୍ତଖତ ଥିବା (କ) ପରିଚୟ ପ୍ରମାଣ ପତ୍ର (**KYC**), ଉଦାହରଣ ସ୍ୱରୂପ ଭୋଟର ପରିଚୟ ପତ୍ର, ଡ୍ରାଇଭିଙ୍ଗ ଲାଇସେନ୍ସ, ପାସପୋର୍ଟ ଇତ୍ୟାଦି, (ଖ) ଯୋଗାଯୋଗ ପାଇଁ ବର୍ତ୍ତମାନ ଠିକଣା ପ୍ରମାଣ ପତ୍ର (ଗ) ନିଲାମଧାରୀଙ୍କ ପାନ୍ କାର୍ଡ ନକଲ (ଘ) ବୈଧ ଇମେଲ୍ ଆଇଡି (ଙ) ଯୋଗାଯୋଗ ପାଇଁ ନିଲାମଧାରୀଙ୍କ ମୋବାଇଲ୍ ଏବଂ ଲ୍ୟାଣ୍ଡ୍ ଲାଇନ୍ ନମ୍ବର ଇତ୍ୟାଦି ନକଲ **କ୍ଷମତାପ୍ରାପ୍ତ ଅଧିକାରୀ, ଉତ୍କଳ ଗ୍ରାମୀଣ ବ୍ୟାଙ୍କ, ଚାପଗ୍ରସ୍ତ ସମ୍ପତ୍ତି ଆଦାୟ ଶାଖା, ପୋ.: ଧନୁପାଲୀ, ସମ୍ବଲପୁର** ଠାରେ **ତା. ୧୫.୦୪.୨୦୧୯ ରିଖ ଅପରାହ୍ନ ୪.୦୦ ଘଟିକା** ସୁଦ୍ଧା ପହଞ୍ଚିବା ଆବଶ୍ୟକ। ମୂଳ ପ୍ରମାଣପତ୍ର ସ୍କାନ୍ ନକଲ କ୍ଷମତାପ୍ରାପ୍ତ ଅଧିକାରୀ ଙ୍କ ଇମେଲ୍ ଆଇଡିରେ ମଧ୍ୟ ପଠାଇବେ।

୬) ଅନ୍‌ଲାଇନ୍ ଇମେଲ୍‌ରେ ଅଂଶଗ୍ରହଣ କରିବାକୁ ଯୋଗ୍ୟ ନିଲାମଧାରୀଙ୍କ ନାମ ପୋର୍ଟାଲ୍ **https://sarfaesi.auctiontiger.net ରେ ଉତ୍କଳ ଗ୍ରାମୀଣ ବ୍ୟାଙ୍କ, ଚାପଗ୍ରସ୍ତ ସମ୍ପତ୍ତି ଆଦାୟ ଶାଖା, ସା./ପୋ: ଧନୁପାଲୀ, ସମ୍ବଲପୁର ଦ୍ୱାରା ଚିହ୍ନଟ କରାଯିବ। M/s. e-Procurement Technologies Limited, Ahmedabad** ଙ୍କ ଦ୍ୱାରା ଯୋଗ୍ୟ ନିଲାମଧାରୀଙ୍କ ପାନ୍ ଯାଞ୍ଚ କଲାପରେ ସେମାନଙ୍କୁ **User ID** ଏବଂ **PASSWORD** ଯୋଗାଇ ଦିଆଯିବ।

୭) ଇଚ୍ଛୁକ ନିଲାମଧାରୀ ମାନେ ପ୍ରସ୍ତାବ ଦାଖଲ ପୂର୍ବରୁ ନିଲାମ ହେବାକୁ ଥିବା ସମ୍ପତ୍ତିକୁ ଯାଞ୍ଚ କରି ସନ୍ତୁଷ୍ଟ ହେବା ଉଚିତ୍।

୮) ସମ୍ପତ୍ତି ଗୁଡ଼ିକର ଇ-ନିଲାମ ଧାର୍ଯ୍ୟ ତାରିଖ ଏବଂ ସମୟରେ ନିଲାମଧାରୀ ମାନଙ୍କ ମଧ୍ୟରେ ନିଲାମ ଡାକ ଦ୍ୱାରା ସମ୍ପନ୍ନ ହେବ। ନିଲାମଧାରୀମାନେ ପ୍ରତ୍ୟେକ ସମ୍ପତ୍ତି ନିମନ୍ତେ ସେମାନଙ୍କ ପ୍ରସ୍ତାବର ମୂଲ୍ୟ ବୃଦ୍ଧି ପାଇଁ ଗୁଣିତକ ଭାବେ ଉପର ଦର୍ଶିତ **ବିଡ୍ ବୃଦ୍ଧି ପରିମାଣ** ଅନୁସାରେ ବୃଦ୍ଧି କରିପାରିବେ। ଇ - ନିଲାମ ବନ୍ଦ ହେବାର ପୂର୍ବ ୫ ମିନିଟ୍ ମଧ୍ୟରେ ପ୍ରସ୍ତାବ ପ୍ରଦାନ କରାଗଲେ ଇ-ନିଲାମ ବନ୍ଦ ସମୟ ସ୍ୱତଃ ୫ ମିନିଟ୍ ବୃଦ୍ଧି ପାଇବ। ଇ-ନିଲାମ ବନ୍ଦ ପ୍ରକ୍ରିୟ ପୂର୍ବରୁ ଯେଉଁ ନିଲାମଧାରୀ ସର୍ବୋଚ୍ଚ ନିଲାମ ରାଶି (ସଂରକ୍ଷିତ ମୂଲ୍ୟରୁ କମ୍ ହୋଇନଥିବ) ପ୍ରଦାନ କରିଥିଲେ ତାଙ୍କୁ ସଫଳ ନିଲାମଧାରୀ ଭାବେ ଘୋଷଣା କରାଯିବ ଏବଂ ଇଲେକ୍ଟ୍ରୋନିକ୍ ମୋଡ୍ ମାଧ୍ୟମରେ ତାଙ୍କୁ ଜଣାଇଦିଆଯିବ ଯାହାକି କ୍ଷମତାପ୍ରାପ୍ତ ଅଧିକାରୁ ସୁରକ୍ଷିତ ଋଣଦାତାଙ୍କ ଅନୁମୋଦନ ସାପେକ୍ଷ।

୯) ସଫଳ ନିଲାମଧାରୀଙ୍କ ଅମାନତ ରାଶି ଜମା ଆଂଶିକ ବିକ୍ରୟ ବିବେଚନା କରାଯିବ ଏବଂ ଅସଫଳ ନିଲାମଧାରୀଙ୍କ ଅମାନତ ରାଶି ଫେରସ୍ତ କରାଯିବ। ଅମାନତ ଜମା ଉପରେ କୌଣସି ସୁଧ ଦିଆଯିବ ନାହିଁ। ସଫଳ ନିଲାମଧାରୀ କ୍ଷମତାପ୍ରାପ୍ତ ଅଧିକାରୀଙ୍କ ଦ୍ୱାରା ନିଲାମ ରାଶି ଗ୍ରହଣୀୟ ହେବା ସଙ୍ଗେ ସଙ୍ଗେ **୪୮ ଘଣ୍ଟା** ମଧ୍ୟରେ ବିକ୍ରୟର ମୂଲ୍ୟର **୨୫%** ଦାଖଲ କରିବେ ଏବଂ ଅବଶିଷ୍ଟ ରାଶି ବିକ୍ରୟର **୧୫ ଦିନ** ମଧ୍ୟରେ କିମ୍ବା କ୍ଷମତାପ୍ରାପ୍ତ ଅଧିକାରୀଙ୍କ ଲିଖିତ ସହମତିରେ ବର୍ଦ୍ଧିତ ସମୟସୀମା ମଧ୍ୟରେ ଦାଖଲ କରିବାକୁ ପଡିବ। ସଫଳ ନିଲାମଧାରୀ ଦେୟ ପ୍ରଦାନ କରିବାରେ ବିଫଳ ହେଲେ ତାଙ୍କ ଦ୍ୱାରା ଜମା କରାଯାଇଥିବା ଅର୍ଥରାଶି ବାଜ୍ୟାପ୍ତି କରାଯାଇ ସମ୍ପତ୍ତିକୁ ପୁନଃ ନିଲାମ କରାଯିବ ଏବଂ ବିଫଳ କ୍ରେତାଙ୍କର ସମ୍ପତ୍ତି ସମ୍ବନ୍ଧୀୟ କୌଣସି ଦାବି ଅଧିକାର ରହିବ ନାହିଁ।

୧୦) ଯୋଗ୍ୟ ନିଲାମଧାରୀମାନେ ଇ-ନିଲାମ ତାରିଖ ପୂର୍ବରୁ **M/s. e-procurement technologies ltd.** ଙ୍କ ଠାରୁ ଇ-ନିଲାମ ସମ୍ପର୍କୀୟ ଅନ୍‌ଲାଇନ୍ ତାଲିମ୍ ପାଇପାରିବେ। ଇ-ନିଲାମ ପ୍ରକ୍ରିୟାରେ କୌଣସି ପ୍ରକାର ଯାନ୍ତ୍ରିକ ତ୍ରୁଟି ଇଣ୍ଟରନେଟ୍ ଅସୁବିଧା, ବିଜୁଳି ଅସୁବିଧା ପାଇଁ ବ୍ୟାଙ୍କ କିମ୍ବା **M/s. e-procurement technologies** ଦାୟୀ ରହିବେ ନାହିଁ। ଏପରି ସ୍ଥଳରେ ଆକସ୍ମିକ ଅସୁବିଧା ପାଇଁ ନିଲାମଧାରୀ ମାନଙ୍କୁ ଅନୁରୋଧ କରାଯାଉଛି କି, ନିଲାମ ସମୟରେ ପାୱାର ବ୍ୟାକ୍ ଅପ୍ ବା ଯାହା ଆବଶ୍ୟକ ସେପରି ବ୍ୟବସ୍ଥା କରି ଅଂଶଗ୍ରହଣ କରନ୍ତୁ। ଯାହାଦ୍ୱାରା ନିଲାମ ପ୍ରକ୍ରିୟାରେ ସକ୍ଷମ ହୋଇପାରିବେ।

୧୧) ଷ୍ଟାମ୍ପ ଡ୍ୟୁଟି/ ଅତିରିକ୍ତ ଷ୍ଟାମ୍ପ ଡ୍ୟୁଟି/ ଟ୍ରାନ୍ସପୋର୍ଟ ଚାର୍ଜ, ଫି ଇତ୍ୟାଦି ଏବଂ ବୈଧାନିକ/ ଅଣ ବୈଧାନିକ ଦେୟ, ଟ୍ୟାକ୍ସ, ଆସେସ୍‌ମେଣ୍ଟ ଦେୟ, ଫି ଇତ୍ୟାଦି କାହାକୁ ଯଦି ଦେବାକୁ ଥାଏ ତାହା କ୍ରେତା ବହନ କରିବେ।

୧୨) କ୍ଷମତାପ୍ରାପ୍ତ ଅଧିକାରୀ ସର୍ବୋଚ୍ଚ ନିଲାମରାଶି କୁ ଗ୍ରହଣ କରିବାକୁ ବାଧ୍ୟ ନୁହଁନ୍ତି ଏବଂ କୌଣସି କାରଣ ନଦର୍ଶାଇ ତାଙ୍କର ସମସ୍ତ/ କୌଣସି ପ୍ରସ୍ତାବ ଗ୍ରହଣ / ବାତିଲ କିମ୍ବା ଇ-ନିଲାମକୁ ସ୍ଥଗିତ/ ବାତିଲ/ ବନ୍ଦ କରିବାର ଅଖଣ୍ଡ କ୍ଷମତା ରହିଛି।

୧୩) ବିକ୍ରୟ ପ୍ରମାଣପତ୍ର/ କ୍ରେତା / ଦରଖାସ୍ତକାରୀଙ୍କ ନାମରେ ପ୍ରଦାନ କରାଯିବ ଏବଂ ଅନ୍ୟ କୌଣସି ବ୍ୟକ୍ତିଙ୍କ ନାମରେ ଦିଆଯିବ ନାହିଁ।

୧୪) **ବିକ୍ରୟ ସିକ୍ୟୁରିଟାଇଜେସନ୍ ଆଣ୍ଡ ରିକନ୍‌ଷ୍ଟ୍ରକସନ ଅଫ୍ ଫାଇନାନ୍‌ସିଆଲ୍ ଆସେଟ୍ସ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟେରେଷ୍ଟ ଆକ୍ଟ ୨୦୦୨ ର ଧାର୍ଯ୍ୟ ନିୟମ ଏବଂ ସର୍ତ୍ତାବଳୀ ଅନୁସାରେ ସମ୍ପନ୍ନ ହେବ।**

ତାରିଖ : ୦୮.୦୩.୨୦୧୯
ସ୍ଥାନ : ସମ୍ବଲପୁର

ସ୍ୱା/- କ୍ଷମତାପ୍ରାପ୍ତ ଅଧିକାରୀ
ଉତ୍କଳ ଗ୍ରାମୀଣ ବ୍ୟାଙ୍କ, ଚାପଗ୍ରସ୍ତ ସମ୍ପତ୍ତି ଆଦାୟ ଶାଖା, ସମ୍ବଲପୁର



ସବୁ ବାଧାବିଘ୍ନ ଅତିକ୍ରମ କରି ଓ କଠିନ ପରିଶ୍ରମ ପରେ ଅନ୍ୟମାନେ ଯେଉଁଠି ପହଞ୍ଚି ପାରନ୍ତି, ସେହି ଚିନ୍ତାରାଜ୍ୟରେ ଯିଏ ବାସ କରନ୍ତି ତାଙ୍କୁ ହିଁ ମୁଁ ବଡ଼ ବୋଲି ମନେ କରେ।

- ଆର. ଡବ୍ଲ୍ୟୁ. ଇମରସନ



## ସଂକ୍ଷେପରେ

### ଗାଡ଼ି ଭଡ଼ା ଟଙ୍କା ମାଗିବାରୁ ମାରିଦେଲେ

**ନାକଟିଦେଉଳ,୮।୩(ଡି.ଏନ.ଏ.)** ନାକଟିଦେଉଳ ଥାନା ଝାରବେଡ଼ା ଗ୍ରାମର ସୁଶାନ୍ତ ବେହେରାଙ୍କୁ ଗୁରୁବାର ସନ୍ଧ୍ୟାରେ ହତ୍ୟା କରାଯାଇଛି। ସେ ଟ୍ରାକ୍ଟର ଚଳାନ୍ତି। ଗାଡି ଭଡ଼ା ଟଙ୍କା ମାଗିବାରୁ ଦୁଇ ଜଣ ବ୍ୟକ୍ତିଙ୍କ ସହ ତାଙ୍କର ବଚସା ହୋଇଥିଲା। ସେମାନେ ହତ୍ୟା କରିଛନ୍ତି ବୋଲି ତାଙ୍କ ସ୍ତ୍ରୀ ତୋଲା ବେହେରା ଥାନାରେ ଅଭିଯୋଗ କରିଛନ୍ତି। ଏ ନେଇ ନାକଟିଦେଉଳ ଥାନାରେ ଏକ ନଂ୨୫/୧୯ ମାମଲା ରୁଜୁ ହୋଇଛି।

### ରାସ୍ତା ଖୋଳି ଦେଇ ଭୁଲିଗଲେ ଠିକାଦାର

**ବାମରା, ୮।୩ (ସ୍ୱ.ପ୍ର.)-** ବାମରା ରେଳ ଫାଟକ (ପଶ୍ଚିମ)ଠାରୁ ସମ୍ବଲପୁର ମୁଖ୍ୟ ମାର୍ଗକୁ ସଂଯୋଗ କରୁଥିବା ପୂର୍ତ୍ତବିଭାଗ ରାସ୍ତାକୁ ସଂପୃକ୍ତ ଠିକାଦାର ବର୍ଷେ ହେଲା ଖୋଳି ଦେଇ କାମ ବନ୍ଦ କରି ଦେବାରୁ ଯାତ୍ରୀ ଅସୁବିଧା ଭୋଗୁଛନ୍ତି । ଏ ନେଇ ବିଭାଗୀୟ ଅଧିକାରୀଙ୍କୁ ବାରମ୍ବାର ଅଭିଯୋଗ ସତ୍ତ୍ୱେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉନି ବୋଲି ଅଭିଯୋଗ ହୋଇଛି । ଅଭିଯୋଗ ଅନୁସାରେ ବାମରା ବିଜୁ ପଟ୍ଟନାୟକ ଛକଠାରୁ ବାମରା ଷ୍ଟେଶନ ବସ୍ତି ଦେଇ ପଶ୍ଚିମ ରେଳ ଫାଟକ ପର୍ଯ୍ୟନ୍ତ ରାସ୍ତା କାମ ପୂର୍ତ୍ତ ବିଭାଗ ଅଧୀନରେ ରହିଥିବା ବେଳେ ବର୍ଷେରୁ ଉର୍ଦ୍ଧ୍ୱ ସମୟ ହେବ ଉକ୍ତ ରାସ୍ତାର ଉନ୍ନତୀକରଣ କାର୍ଯ୍ୟ ସୁନ୍ଦରଗଡର ଯୋଗେନ୍ଦ୍ର ଭୋଇ ନାମକ ଜଣେ ଠିକାଦାରଙ୍କୁ ଦିଆଯାଇଛି । ମାତ୍ର ଠିକାଦାର ଜଣକ ରେଳ ଫାଟକଠାରୁ ଲଇକେରା ଛକ ପର୍ଯ୍ୟନ୍ତ ପ୍ରାୟ ୪୦୦ ମିଟର ରାସ୍ତା ଖେଳି ଛାଡି ଦେଇଥିବାରୁ ବର୍ଷା ଦିନରେ ରାସ୍ତାଟି କାଦୁଅରେ ପରିପୂର୍ଣ୍ଣ ହେବା ସହିତ ଖରା ଦିନରେ ପ୍ରଚୁର ମାତ୍ରାରେ ଧୂଳି ଗୁଣ୍ଡ ଉଡୁଛି । ଉକ୍ତ ରାସ୍ତାଟି ରାଉରକେଲାରୁ ସମ୍ବଲପୁରକୁ ବାମରା ଦେଇ ମୁଖ୍ୟରାସ୍ତା ରହିଛି । ଏହି ବାଟ ଦେଇ ପ୍ରତିଦିନ ହଜାର ହଜାର ଭାରିଯାନ ଚଳାଚଳ କରୁଛି । ଯାହା ଦ୍ୱାରା ପ୍ରଚୁର ପରିମାଣର ଧୂଳି ଗୁଣ୍ଡ ଉଡି ଆଖପାଖ ଘର ଓ ଦୋକାନ ସହିତ ପଦଯାତ୍ରୀ ଓ ସାଇକେଲ ଯାତ୍ରୀଙ୍କ ଜୀବନ ଯାତ୍ରା ପ୍ରଭାବିକ କରୁଛି । ଏନେଇ ଅଞ୍ଚଳବାସୀ ବାରମ୍ବାର ବିଭାଗୀୟ ପ୍ରଶାସନଙ୍କ ଦୃଷ୍ଟି ଆକର୍ଷଣ କରିଲେ ମଧ କେହି କର୍ଣ୍ଣପାତ କରୁନଥିବା ସେମାନେ ଅଭିଯୋଗ କରିଛନ୍ତି । ଏ ବିଷୟକୁ ନେଇ ବାମରା ପୂର୍ତ୍ତ ବିଭାଗ ଜେଇ ନରେନ୍ଦ୍ର ସାହୁଙ୍କୁ ପଚାରିବାରୁ ସଂପୃକ୍ତ ଠିକାଦାରଙ୍କୁ ତାଗିଦ କରାଯାଇଛି । ଉଚ୍ଚ ଅଧିକାରୀଙ୍କୁ ମଧ ଘଟଣା ବିଷୟ ଜଣାଇଛୁ। ଅତି ଶୀଘ୍ର ସମସ୍ୟାର ସମାଧାନ କରାଯିବ ବୋଲି କହିଛନ୍ତି ।

### ଗୋଗୁଆରେ କଂଗ୍ରେସର ବୈଠକ

**ନାକଟିଦେଉଳ,୮।୩(ଡି.ଏନ.ଏ.)** ନାକଟିଦେଉଳ ବ୍ଲକ ଅନ୍ତର୍ଗତ ଗୋଗୁଆ ଗ୍ରାମରେ ଶୁକ୍ରବାର କଂଗ୍ରେସ ପକ୍ଷରୁ ଗୋଗୁଆ ପଞ୍ଚାୟତସ୍ତରୀୟ ସାଂଗଠାନିକ ବୈଠକ ଆୟୋଜିତ ହୋଇଯାଇଛି । ତନ୍ମୟ କୁମାର ସାହୁଙ୍କ ସଭାପତିତ୍ୱରେ ଆୟୋଜିତ ଏହି ବୈଠକରେ ଆଶଫ ଅଲ୍ଲୀ ଖାଁ ଯୋଗ ଦେଇ ତୃଣମୂଳ ସ୍ତରରୁ ଦଳୀୟ ସଂଗଠନକୁ ମଜବୁତ କରିବା ଉପରେ ଗୁରୁତ୍ୱାରୋପ କରିଥିଲେ । ଆଗାମୀ ସାଧାରଣ ନିର୍ବାଚନ ପାଇଁ କର୍ମୀମାନେ ଏବେଠାରୁ କାର୍ଯ୍ୟ କରିବାକୁ ସେ ଆହ୍ୱାନ ଦେଇଥିଲେ। କଂଗ୍ରେସ ସରକାର ଅମଳରେ ହୋଇଥିବା ବିଭିନ୍ନ ଜନକଲ୍ୟାଣକାରୀ ଯୋଜନାଗୁଡ଼ିକର ସଫଳତାର ବାର୍ତ୍ତା ଲୋକଙ୍କ ପାଖରେ ପହଞ୍ଚାଇବାକୁ ଏବଂ ଭାଜପା ଓ ବିଜେଡ଼ି ସରକାରର ବିଫଳତା, ଅପାରଗତା ସମ୍ପର୍କରେ ଲୋକମାନଙ୍କୁ ସଚେତନ କରାଇବାକୁ ପରାମର୍ଶ ଦେଇଥିଲେ। ଚଳିତ ନିର୍ବାଚନରେ ଦଳ ଯେପରି ଭଲ ପ୍ରଦର୍ଶନ କରିବ ସେ ନେଇ ମଧ ଆଲୋଚନା କରିଥିଲେ । ବୈଠକରେ ଗୋଗୁଆ ପଞ୍ଚାୟତର କଂଗ୍ରେସ ସଭାପତି ଭାବେ ମିହିର କୁମାର ସାହୁ, କାର୍ଯ୍ୟକାରୀ ସଭାପତି ଭାବେ ଲିଙ୍ଗରାଜ ଧଳ ଏବଂ ଜିତେନ୍ଦ୍ର ପ୍ରଧାନ, ମହିଳା କଂଗ୍ରେସର ସଭାନେତ୍ରୀ ଭାବେ ସଂଯୁକ୍ତା ସାହୁ, କାର୍ଯ୍ୟକାରୀ ସଭାନେତ୍ରୀ ଭାବେ ମମତା ବିଶ୍ୱାଳ ଓ ମୋନାଲିସା ସାହୁଙ୍କୁ ମନୋନିତ କରାଯାଇଥିଲା । ପ୍ରମୋଦ ପ୍ରଧାନ ଉପସ୍ଥିତ ରହି ଆଲୋଚନା କରିଥିଲେ । ଗୌରୀଶଙ୍କର ପାତ୍ର ଧନ୍ୟବାଦ ଦେଇଥିଲେ।

# ମହିଳାଙ୍କ ସମ୍ମାନରେ ଦିନଟିଏ



ଶୁକ୍ରବାର ତପସ୍ୱିନୀ ପ୍ରେକ୍ଷାଳୟଠାରେ ଆୟୋଜିତ ଅନ୍ତର୍ଜାତୀୟ ମହିଳା ଦିବସରେ ମଞ୍ଚାସୀନ ଅତିଥି।




ଶୁକ୍ରବାର ସମ୍ବଲପୁରରେ ଏବିଭିପି ପକ୍ଷରୁ ସଚେତନତା ରାଲି ବାହାରିଛି।




ସମ୍ବଲପୁରରେ ସଚେତନତା ରାଲିରେ ବାଲିବନ୍ଧା ସ୍କୁଲଛାତ୍ରୀ, ବିଚାରପତି ସାମିଲ ହୋଇଛନ୍ତି।




ଶୁକ୍ରବାର ସମ୍ବଲପୁର ଆଇନସେବା ପ୍ରାଧିକରଣ ଦ୍ୱାରା ସଚେତନତା ରାଲି ପରିକ୍ରମା ପାଇଁ ବାହାରିଛି।




ଶୁକ୍ରବାର ତପସ୍ୱିନୀ ପ୍ରେକ୍ଷାଳୟଠାରେ ସମ୍ବଲପୁର ଜିଲାସ୍ତରୀୟ ବିଶ୍ୱ ମହିଳା ଦିବସ ଉତ୍ସବରେ ମହିଳାମାନେ ନୃତ୍ୟ ପରିବେଷଣ କରୁଛନ୍ତି।




କୁଚିଣ୍ଡା ବ୍ଲକ ବକ୍ସମା ପଞ୍ଚାୟତର ଠାକୁରନିକ୍ତିମାଲ ଗ୍ରାମଠାରେ ମହିଳା ସମାବେଶରେ ଉପସ୍ଥିତ ଅତିଥି।




ରେଢ଼ାଖୋଲ ଭୀମ ଭୋଇ କଲ୍ୟାଣ ମଣ୍ଡପଠାରେ ଜୟ ଜଗନ୍ନାଥ ମହିଳା ସଂଘ ଆନୁକୂଲ୍ୟରେ ମହିଳା ଦିବସ ପାଳନ ଅବସରରେ ଅତିଥିବୃନ୍ଦ।

**ସମ୍ବଲପୁର,୮।୩ (ବ୍ୟୁରୋ)**

ସମ୍ବଲପୁରରେ ଜିଲା ପ୍ରଶାସନ, ବିଚାର ବିଭାଗ ସମେତ ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ଶୁକ୍ରବାର ବିଶ୍ୱ ମହିଳା ଦିସବ ପାଳିତ ହୋଇଯାଇଛି । ଏହି ଅବସରରେ ସଚେତନତା ରାଲି ଓ ସଭା ଅନୁଷ୍ଠିତ ହୋଇଥିଲା । ମହିଳା ମାନେ ସବୁଠି ସମାନ । ସେମାନଙ୍କ ସମାନ ଅଧିକାର ରହିଛି । ସେମାନଙ୍କ ଉପରେ ହେଉଥିବା ଅତ୍ୟାଚରା ବିରୋଧରେ ସ୍ୱର ଉତ୍ତୋଳନ କରାଯାଉ। ମହିଳା ଶିକ୍ଷିତ ହେଲେ କନ୍ୟା ଭୃଣହତ୍ୟା ସଂପୂର୍ଣ୍ଣ ବନ୍ଦ ହୋଇପାରିବ । ମହିଳା ଦିବସ ଅବସରେ ମହିଳାଙ୍କ ଅଧିକାର ଓ ସୁରକ୍ଷା ଦିଗରେ ବିଭିନ୍ନ ସ୍ଥାନରେ ଅତିଥିମାନେ ଏଭଳି ଉଦ୍‌ବୋଧନ ଦେଇଛନ୍ତି ।

**ଜିଲା ପ୍ରଶାସନ–**ତପସ୍ୱିନୀ ପ୍ରେକ୍ଷାଳୟରେ ଜିଲାସ୍ତରୀୟ ମହିଳା ଦିବସ ପାଳିତ ହୋଇଛି । ମୁଖ୍ୟ ଅତିଥିଭାବେ ବିଧାୟିକା ରାସେଶ୍ୱରୀ ପାଣିଗ୍ରାହୀ ଯୋଗ ଦେଇଥିଲେ । ମହିଳା ଶସକ୍ତିକରଣ, ଅଧିକାର ଓ ସୁରକ୍ଷା ଦିଗରେ ସେ ସଚେତନତ କରିଥିଲେ ।

**ଅଖିଳଭାରତୀୟ ବିଦ୍ୟପରିଷଦ–** ଅଖିଳ ଭାରତୀୟ ବିଦ୍ୟାପରିଷଦ ପକ୍ଷରୁ ମହିଳା ଦିବସ ପାଳିତ ହୋଇଯାଇଛି। ଗଙ୍ଗାଧର ମେହେର ବିଶ୍ୱ ବିଦ୍ୟାଳୟ ଓ ମହିଳା କଲେଜରେ ଛାତ୍ରୀଛାତ୍ର ଏକତ୍ରିତ ଥିଲେ । ଏକ ରାଲି ବାହରି ଚର୍ଚ୍ଚ ଛକ, ଶାନ୍ତିନଗର ଦେଇ ପୁଣି ବିଶ୍ୱବିଦ୍ୟାଳୟକୁ ଆସିଥିଲା। ସ୍ଲୋଗାନ ପ୍ରତିଯୋଗିତା କରାଯାଇଥିଲା। ଏଥିରେ ସୁଭଶ୍ରୀ ବେହେରା, କ୍ଷିତିଶ୍ରୀ ସାହୁ, ମୌସୁମି ପଣ୍ଡା ଯଥା କ୍ରମେ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରିଥିଲେ । ଏହି ରାଲିରେ ମାନସ ସାହୁ, ସୌମରଞ୍ଜନ ବଡପଣ୍ଡା, ରାଜା ଦଳପତ, ରାଜନ ବିଶ୍ୱାଳ, ଜିତୁ ଚାନ୍ଦ, ଟେକଧର କର, ଅର୍ଚ୍ଚନା ବାଗ ପ୍ରମୁଖ ଉପସ୍ଥିତ ଥିଲେ ।

**ଲାଇୟନ୍ସ କ୍ଲବ –**ମହମ୍ମଦପୁର ସ୍କୁଲରେ ଲାଇନ୍ସ କ୍ଲବ ପକ୍ଷରୁ ମହିଳା ଦିବସ ପାଳିତ ହୋଇଯାଇଛି । ତପସ୍ୱିନୀ ପ୍ରଧାନ, ନିମଳା ସେଠୀ, ସୁନିତା ମିଶ୍ର, ବନୀତା ଗୌଡ, ଉମାଶଙ୍କର ଗୌଡ, ସୁରେନ୍ଦ୍ର ପ୍ରଧାନ, ରବି ସେଠୀ, ଗଗନ ଦୀପ ସିଂ ପ୍ରମୁଖ ଉପସ୍ଥିତ ଥିଲେ ।

**ରେଢାଖୋଲ, (ଡି.ଏନ.ଏ.)–**ରେଢାଖୋଲ ତାଲୁକ ଆଇନସେବା ପ୍ରାଧିକରଣ ସମିତି ପକ୍ଷରୁ ଶୁକ୍ରବାର ମହିଳା ମହାବିଦ୍ୟାଳୟଠାରେ ଆନ୍ତର୍ଜାତିକ ମହିଳା ଦିବସ ପାଳିତ ହୋଇଛି। ଆଇନସେବା ପ୍ରାଧିକରଣ ସମିତିର ଅଧକ୍ଷ ତଥା ସବଜଜ ବାସୁଦେବ ଆଚାର୍ଯ୍ୟଙ୍କ ଅଧକ୍ଷତାରେ ଅନୁଷ୍ଠିତ ସଭାରେ ବରିଷ୍ଠ ଆଇନଜିବୀ ଶିବ ପ୍ରସାଦ ପ୍ରଧାନ, ହାରୁନ ଖାନ, ଅଧକ୍ଷା ସୁନିତା ମିଶ୍ର, ଅଧାପିକା ପୁଷ୍ପାଞ୍ଜଳି ସାମନ୍ତରାୟ, ମମତା ବିଶ୍ୱାଳ, ଥାନା ଅଧିକାରି ପ୍ରଶାନ୍ତ କୁମାର ସାମଲ ପ୍ରମୁଖ ଯୋଗ ଦେଇଥିଲେ। ସବଜଜ ମହିଳାମାନଙ୍କ ପାଇଁ ଥିବା ବିଭିନ୍ନ ଆଇନ ସେବା ଉପରେ ବକ୍ତବ୍ୟ ରଖିଥିଲେ। ସେହିପରି ଭୀମ ଭୋଇ କଲ୍ୟାଣ ମଣ୍ଡପଠାରେ ଜୟ ଜଗନ୍ନାଥ ମହିଳା ସଂଘ ଆନୁକୂଲ୍ୟରେ ଆନ୍ତର୍ଜାତିକ ମହିଳା ଦିବସ ପାଳିତ ହୋଇଛି। ମହିଳା ସଂଘର ସଭାପତି ନଳିନୀ ଖଡିରତ୍ନଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ବିଧାୟକ ରେହିତ ପୂଜାରୀ ଯୋଗ ଦେଇଥିଲେ। ଉପଜିଲାପାଳ ବିଶିକେସନ ଦେହୁରୀ, ତହସିଲଦାର ରୁବି ବେହେରା, ଏନଏସି ଉପାଧକ୍ଷ ସୁନିଲ କୁମାର ପ୍ରଧାନ, କାଉନସିଲର ଜ୍ଞାନରଞ୍ଜନ ପ୍ରଧାନ ପ୍ରମୁଖ ଯୋଗ ଦେଇଥିଲେ। ମହିଳାମାନଙ୍କୁ ସ୍ୱାବଲମ୍ବୀ କରିବା ସହିତ ସେମାନଙ୍କ ଉନ୍ନତି ପାଇଁ ସରକାର ବିଭିନ୍ନ ଯୋଜନା କରିଥିବା ନେଇ ବିଧାୟକ ସଭାରେ ସୂଚନା ଦେଇଥିଲେ। ମହିଳା ସଂଘର ସମ୍ପାଦିକା ଜୟବୁନ ନିଶା ଧନ୍ୟବାଦ ଦେଇଥିଲେ। ସଭାରେ ସଂଘର ସ୍ନେହଲତା ଦାସ, ସବର୍ଣ୍ଣା ବେଗମ, ଗିରିଜା ଖଡିରତ୍ନଙ୍କ ସମେତ ବହୁ ମହିଳା ସଦସ୍ୟା ଯୋଗ ଦେଇଥିଲେ।

**ନାକଟିଦେଉଳ,(ଡି.ଏନ.ଏ.)–**ନାକଟିଦେଉଳ ବ୍ଲକ ଅନ୍ତର୍ଗତ ମହୁକୁଦ ଗ୍ରାମରେ ଶୁକ୍ରବାର ବିଶ୍ୱ ମହିଳା ଦିବସ ପାଳିତ ହୋଇଯାଇଛି । ଗ୍ରାମ ମଙ୍ଗଳ ମହିଳା କମିଟି ପକ୍ଷରୁ ଏହି ମହିଳା ଦିବସ ପାଳନ କରାଯାଇଛି । ଏହି ଅବସରରେ କମିଟିର ସଭାନେତ୍ରୀ ଶୂନ୍ୟବାସୀ ନାୟକ, ସଂପାଦିକା ପ୍ରତିମା ରାଉଳଙ୍କ ନେତୃତ୍ୱରେ ମହିଳାମାନେ ଏକ ବିରାଟ ଶୋଭାଯାତ୍ରାରେ ମହିଳା ଦିବସ ସଂପର୍କିତ ବିଭିନ୍ନ ସ୍ଲୋଗାନମାନ ଦେଇ ଗ୍ରାମ ପରିକ୍ରମା କରିଥିଲେ । ଏହି ଅବସରରେ ଏକ ଆଲୋଚନାଚକ୍ର ଏବଂ ସଚେତନତା ସଭା ଆୟୋଜିତ ହୋଇଥଲା । ଏଥିରେ ମହିଳାମାନଙ୍କ ନାଯ୍ୟ ଅଧିକାର ଏବଂ ସଶକ୍ତିକରଣ ଉପରେ ଆଲୋଚନା କରାଯାଇ ମହିଳାମାନେ ଘର କୋଣରେ ନ ରହି ବାହାରକୁ ବାହାରି ନିଜର ପରାକାଷ୍ଠା ଦେଖାଇବାକୁ ଆହ୍ୱାନ ଦିଆଯାଇଥିଲା । ସେହି ପରି ଗ୍ରାମର ବରିଷ୍ଠ ମହିଳାମାନଙ୍କୁ ଏହି ଅବସରରେ ସମ୍ବର୍ଦ୍ଧନା ଦିଆଯାଇଥିଲା । ଶେଷରେ ମହିଳା ଦବସ ଉପଲକ୍ଷେ ପଥପ୍ରାନ୍ତ ନାଟକ ମଧ ପଦର୍ଶନ କରାଯାଇଥିଲା । ସୀମା ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ ।




ରେଢ଼ାଖୋଲ ତାଲୁକ ଆଇନସେବା ପ୍ରାଧିକରଣ ସମିତି ପକ୍ଷରୁ ଅନୁଷ୍ଠିତ ମହିଳା ଦିବସ ସଭାରେ ମଞ୍ଚାସୀନ ଅତିଥି।

**କୁଚିଣ୍ଡା,(ଡି.ଏନ.ଏ.)–** ବକ୍ସମା ପଞ୍ଚାୟତର ଠାକୁରନିକ୍ତିମାଲ ଗ୍ରାମଠାରେ ମହିଳା ସମାବେଶ ଆୟୋଜିତ ହୋଇଥିଲା । ବ୍ଲକ ମିଶନଶକ୍ତି ଫେଡେରେସନ୍ ଆନୁକୂଲ୍ୟରେ ଆୟୋଜିତ ଏହି ଉତ୍ସବରେ ଅତିଥି ରୂପେ ଓଡିଶା ଜୀବିକା ମିଶନର ବିପିଏମ ଷ୍ଟିଫେସନ ବେହେରା, ବ୍ଲକ ପିଏ ଗଣେଶରାମ ମାଝି, ନାଏବ ସରପଞ୍ଚ ଲିଲିମା ବାରିକ, ଆଇସିଡିଏସ ସୁପରଭାଇଜର ଲିଲି ମହାନନ୍ଦ ପ୍ରମୁଖ ଉପସ୍ଥିତ ଥିଲେ। ଏମବିକେ ହୁମାସିନୀ ଠାକୁର ଅତିଥି ପରିଚୟ ଏବଂ ସ୍ୱାଗତ ଭାଷଣ ଦେଇଥିଲେ । ମହିଳାମାନଙ୍କୁ ସେମାନଙ୍କର ଅଧିକାର ଏବଂ ସମ୍ମାନ ପ୍ରଦାନ ପାଇଁ ସମାଜରେ ସଚେତନତା ସୃଷ୍ଟି ଲାଗି ଆଜିର ଦିବସ ପାଳନ କରାଯାଉଛି ବୋଲି ଅତିଥିମାନେ କହିଥିଲେ । ସରକାରଙ୍କ ବିଭିନ୍ନ ଯୋଜନାରେ ମହିଳାଙ୍କୁ ପ୍ରାଥମିକତା ଦିଆ ଯାଉଥିବା ସୂଚନା ଦେଇଥିଲେ । ଏହି ଅବସରରେ ବିଭିନ୍ନ ପ୍ରତିଯୋଗିତା ଆୟୋଜନ କରାଯାଇଥିଲା। ଅତିଥିମାନେ ବିଜୟୀ ମହିଳାମାନଙ୍କୁ ପୁରସ୍କାର ପ୍ରଦାନ କରିଥିଲେ । ଶେଷରେ ସିଆରପି ଅନୀତା ମାଝି ଧନ୍ୟବାଦ ଅର୍ପଣ କରିଥିଲେ।

**ରେଙ୍ଗାଲି, (ଡି.ଏନ.ଏ.)–**ରେଙ୍ଗାଲି ବ୍ଲକ ଚଟେନପଡାଠାରେ ରେଙ୍ଗାଲି ସଂଗ୍ରାମ ସମିତ ପକ୍ଷରୁ ବିଶ୍ୱ ମହିଳା ଦିବସ ପାଳନ ହୋଇଛି । ବମାଲୋଇ ସରପଞ୍ଚ ଶେଷଦେବ ପଧାନ ମୁଖ୍ୟଅତିଥି ଭାବରେ ଯୋଗ ଦେଇଥିଲେ। ରଜନୀ ମେହେର, ସୁପତି ପରୁଆ, ପୁଷ୍ପାଞ୍ଜଳି ଧରୁଆ, ମାନତୀ ଭୋଇ, ସୁଚିତ୍ରା ବାଗ, ଅଞ୍ଜଳି ଓରାମ, ଜଗନ୍ନାଥ ମେହେର, ସରୋଜ ମେହେର ପ୍ରମୁଖ ସମ୍ମାନିତ ଅତିଥି ଭାବରେ ଯୋଗ ଦେଇଥିଲେ । ଏହି ସଭାରେ ପରଦେଶୀ ମିର୍ଦ୍ଧା ସଂଯୋଜନା କରିଥିବା ବେଳେ ଅନିରୁଦ୍ଧ ମରେଇ ଧନ୍ୟବାଦ ଅର୍ପଣ କରିଥିଲେ । ସେହିପରି ରେଙ୍ଗାଲି ବ୍ଲକ ଖିଣ୍ଡା ଗ୍ରାମଠାରେ ମହିଳା ଦିବସ ପାଳନ କରାଯାଇଥିଲା । ଦୁର୍ଗା ପ୍ରସାଦ ସାହୁ ଏବଂ ଗୌରୀ ଦାସ ପ୍ରଧାନ ମୁଖ୍ୟଅତିଥି ଭାବରେ ଯୋଗ ଦେଇଥିବା ବେଳେ ଲପଙ୍ଗା ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ପ୍ରଧାନ ଆଚାର୍ଯ୍ୟା ରୀତା ବେହେରା, ବାସନ୍ତୀ ସାହୁ, ଟିଙ୍କିନା ବିଶୋଇ, ତରେଇକେଲା ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ଆଚାର୍ଯ୍ୟା ରଶ୍ମିତା ଶତପଥୀ ସମ୍ମାନୀତ ଅତିଥି ଭାବରେ ଯୋଗ ଦେଇଥିଲେ । ଉକ୍ତ କାର୍ଯ୍ୟକ୍ରମକୁ ପାର୍ବତୀ ପୁରୋହିତ, ସନ୍ତୋଷ ସାହୁ, ଅମିୟ ଶତପଥୀ, ସନ୍ତୋଷ ମେହେର ପ୍ରମୁଖ ପରିଚାଳନା କରିଥିଲେ।

## ଦୁର୍ବୃତ୍ତଙ୍କ ଆକ୍ରମଣରେ ସାଇକେଲ ଆରୋହୀ ମୃତ

**ନାକଟିଦେଉଳ,୮।୩(ଡି.ଏନ.ଏ.)**

ନାକଟିଦେଉଳ ଥାନା ଅଧୀନ କେଉଟବେର୍ଣ୍ଣୀ ଗ୍ରାମର ବନମାଳି ରାଉତଙ୍କୁ ଗୁରୁବାର ସନ୍ଧ୍ୟାରେ କେହି ଆକ୍ରମଣ କରିବାକୁ ତାଙ୍କର ମୃତ୍ୟୁ ଘଟିଛି। ସେ ସାଇକେଲରେ ନିଜ ଘରକୁ ଫେରୁଥିଲେ। ଗାଁ ସ୍କୁଲ ନିକଟ ସାମନା ରାସ୍ତାରେ କେହି ତାଙ୍କ ମୁଣ୍ଡକୁ ଆକ୍ରମଣ କରି ଫେରାର ମାରିଥିଲେ। ମୁଣ୍ଡ ଫାଟି ସେ ପଡ଼ିଯାଇଥିଲେ । ରାସ୍ତାରେ ଯାଉଥିବା କିଛି ଲୋକ ରକ୍ତାକ୍ତ ଭାବେ ଦେଖି ଘର ଲୋକଙ୍କୁ ଖବର ଦେଇଥିଲେ। ଏ ନେଇ ବନମାଳିଙ୍କ ପୁତୁରା ମନୋଜ ରାଉତ ପୋଲିସ ନିକଟରେ ଅଭିଯୋଗ କରିଛନ୍ତି। ପୋଲିସ ଏକ ମାମଲା (ନଂ.୨୪/୧୯) ରୁଜୁ କରିଛି।

## ଦଳୀୟ କର୍ମୀ ଭାଙ୍ଗିଦେଲେ ନବଙ୍କ କାର କାଚ

**ସମ୍ବଲପୁର,୮।୩(ବ୍ୟୁରୋ)**

ସମ୍ବଲପୁର ଗୋଶାଳା ଛକରେ ଶୁକ୍ରବାର ନବ ଦାସଙ୍କ କାର କାଚ କାଚକୁ ଜଣେ ଅସନ୍ତୁଷ୍ଟ ବିଜେଡି କର୍ମୀ ବୋତଲରେ ପିଟି ଭାଙ୍ଗି ଦେବା ସହ ଗାଳିଗୁଲଜ କରିଛନ୍ତି। ହେଲେ ବିଜେଡି ପକ୍ଷରୁ ଏହାକୁ ଖଣ୍ଡନ କରାଯାଇଛି । ଜଣେ ଯୁବକଙ୍କ ହାତ ଗାଡି କାଚରେ ବାଜି ଯିବାରୁ ତାହା ଫାଟି ଯାଇଛି । ଏଣୁ ଅଯଥା ରାଜନୀତି କରାଯାଉଛି ବୋଲି ସଫେଇ ଦେଇ ଘର କଥା ଘରେ ରଖିବାକୁ ଦଳ ଚେଷ୍ଟା କରିଛି। ହେଲେ ଏହା ଲୁଚିବା ବଦଳରେ ବାହାରକୁ ଫୁଟି ବାହାରିଛି। ଘରେ ପ୍ରବେଶ କରୁ କରୁ ଚାଳ ବାଜିଲାଣି। ଏଣୁ ଆଗକୁ ଯେ କେମିତି ନବ ପରିସ୍ଥିତିର ସାମ୍ନା କରିବେ ତାହାକୁ ନେଇ ଚିନ୍ତା ପଡିଛି। ତେବେ ଏ ସମ୍ପର୍କରେ ଜାଣିବାକୁ ନବଙ୍କ ମୋବାଇଲକୁ ବାରମ୍ବାର ଯୋଗଯୋଗ କରାଯାଇଥିଲେ ବି ସମ୍ଭବ ହୋଇ ପାରି ନ ଥିଲା । ଧନକଉଡା ବ୍ଲକ ବିଜେଡି ସଭାପତି ଯତିନ ସାହୁଙ୍କୁ ପଚାରିବାରୁ ସେ ଚାରପାଲି କାର୍ଯ୍ୟକ୍ରମରେ ଥିଲେ। ଗୋଶାଲା ଛକରେ ଏହି ଘଟଣା ଘଟିଛି । ନବଙ୍କ ସପକ୍ଷରେ ନାରା ଦେଉଥିବା ସମୟରେ ଜଣେ ଯୁବକଙ୍କ ହାତ ବାଜିଯାଇ ଗାଡିର କାଚ ଫାଟି ଯାଇଥିବା ସେ ସଫେଇ ଦେଇଥିଲେ। ସୂଚନାଯୋଗ୍ୟ ଯେ ଶୁକ୍ରବାର ରେଙ୍ଗାଲି ନିର୍ବାଚନ ମଣ୍ଡଳୀର ଧନକଉଡା ବ୍ଲକର ଚାରପାଲିଠାରେ ବିଶାଳ କର୍ମୀ ସମ୍ମିଳନୀ କାର୍ଯ୍ୟକ୍ରମ ବ୍ଲକ ବିଜେଡି ପକ୍ଷରୁ ଆୟୋଜନ କରାଯାଇଥିଲା। ଏଥିରେ ନିବଙ୍କ ସମେତ ରେଙ୍ଗାଲି ବିଧାୟକ ରମେଶ ପଟୁଆ, ପର୍ଯ୍ୟବେକ୍ଷକ ରବି ନାରାୟଣ ପାଣି ଯୋଗ ଦେଇଥିଲେ ।ରାଜ୍ୟ ସରକାରଙ୍କ ବିଭିନ୍ନ ଯୋଜନା ଉପରେ ଉପସ୍ଥିତ ଲୋକମାନଙ୍କୁ ସଚେତନ କରାଯାଇଥିଲା। କର୍ମୀମାନଙ୍କୁ ସଂଗଠନ ମଜବୁତ କରି କର ବା ମର ସ୍ଥିତିରେ କାମ କରିବାକୁ ନବ କହିଥିଲେ । ଏହି ଅବସରରେ ଅନ୍ୟଦଳର ଶତାଧିକ କର୍ମୀ ଦଳରେ ଯୋଗ ଦେଇଥିଲେ।

ଧରିତ୍ରୀ
DHARITRI
ସମ୍ବଲପୁର, ଶନିବାର, ୯ ମାର୍ଚ୍ଚ, ୨୦୧୯



ଭବିଷ୍ୟତ ଯେତେ ମନୋହର ହେଲେ ମଧ
ସେଥିରେ ଅଯଥା ଆସ୍ଥା ରଖନାହିଁ।
- ହେନେରୀ ୱ୍ୱର୍ଡ୍ସୱ୍ୱର୍ଥ ଲଙ୍ଗ୍‌ଫେଲୋ।



## ସଂକ୍ଷେପରେ

ଗୁହାଳ ଘରେ ଅଗ୍ନିକାଣ୍ଡ

### ୩ ଗୋରୁ ଜୀବନ୍ତ ଦଗ୍ଧ, ୫ ଆହତ

ରୂପ୍‌ସା, ୮।୩(ଡି.ଏନ.ଏ.): ବାଲେଶ୍ୱର ସଦର ବ୍ଲକ କୁରାଡ଼ିହା ପଞ୍ଚାୟତ ଅନ୍ତର୍ଗତ କୋଇଲିସାହି ଗ୍ରାମରେ ଗୁରୁବାର ରାତିରେ ଅଗ୍ନିକାଣ୍ଡ ଘଟିଛି। ଅଗ୍ନିକାଣ୍ଡରେ ବ୍ରଜମୋହନ ସାହୁଙ୍କ ଗୁହାଳ ଘର ପୋଡ଼ି ପାଉଁଶ ହୋଇଯାଇଛି। ଗୁହାଳରେ ବନ୍ଧା ଯାଇଥିବା ୩ ଗୋରୁ ଜୀବନ୍ତ ଦଗ୍ଧ ହୋଇଯାଇଥିବା ବେଳେ ୫ ଗୋରୁ ଗୁରୁତର ଆହତ ହୋଇଛନ୍ତି। ଆହତ ଗୋରୁଙ୍କୁ ପ୍ରାଣୀ ଚିକିତ୍ସକଙ୍କ ଦ୍ୱାରା ଚିକିତ୍ସା କରାଯାଉଛି। ଗୁହାଳ ଘରେ ଦିଆଯାଇଥିବା ମଶାଧୂଆଁରୁ ଏହି ଅଗ୍ନିକାଣ୍ଡ ଘଟିଥିବା ଜଣାପଡ଼ିଛି। ସେଠାରେ ଥିବା ଘରର ବହୁ ସାମଗ୍ରୀ ମଧ ଜଳି ଛାରଖାର ହୋଇଯାଇଛି। ବସ୍ତା ଦମକଳବାହିନୀ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ଅଗ୍ନିବିପନ୍ନ ପରିବାରଙ୍କୁ ସରକାରୀ ସହାୟତା ଯୋଗାଇ ଦେବା ପାଇଁ ଗ୍ରାମବାସୀ ଦାବି କରିଛନ୍ତି।

# ଠିଆ ଜଳିଗଲା ଯାତ୍ରୀବାହୀ ବସ୍

ବାରିପଦା ଅଫିସ/ ବାଙ୍ଗିରିପୋଷି, ୮।୩ (ଡି.ଏନ୍.ଏ.)

ମୟୂରଭଞ୍ଜ ଜିଲା ବାଙ୍ଗିରିପୋଷି ଘାଟି ଉପରେ ଅଟକିଥିବା ଏକ ଯାତ୍ରୀବାହୀ ବସ୍ ଠିଆ ଠିଆ ଜଳିଯାଇଛି। ବସ୍‌ଟି ଜଳି ପାଉଁଶ ହୋଇଯାଇଛି । ତେବେ ଏଥିରେ ଯାତ୍ରୀ ନ ଥିବାରୁ କେହି ହତାହତ ହୋଇନାହାନ୍ତି।

ଶୁକ୍ରବାର ସକାଳେ ଏକ ଘରୋଇ ବସ୍ (ଓଡି ୦୯ କେ ୧୮୮୭)କରଞ୍ଜିଆ , ସିଙ୍ଗଡ଼ା ଅଞ୍ଚଳରୁ ପ୍ରାୟ ୫୦ ଲୋକଙ୍କୁ ଭଡ଼ାରେ ନେଇ ସଦଖିଆ ଭୋଜି ପାଇଁ ବେତନଟି ଅଞ୍ଚଳକୁ ଆସୁଥିବାବେଳେ ଘାଟିରେ ଅଟକିଥିଲା। ଯାତ୍ରୀମାନେ ଓହ୍ଲାଇ ଦ୍ୱାରଶୁଣି ମନ୍ଦିରଦର୍ଶନ ନିମନ୍ତେ ଯାଇଥିଲେ। ହେଲେ ହଠାତ୍ ବସ୍‌ରେ ନିଆଁ ଲାଗି ହୁ ହୁ ହୋଇ ଜଳିବାକୁ ଲାଗିଥିଲା। ସ୍ଥାନୀୟ ଲୋକେ ଦେଖି ବସ୍ ଜଳିଗଲା ବୋଲି ଡାକ ଛାଡ଼ିଥିଲେ। ପାଣି ପକାଇ ଆୟତ୍ତ କରିବାକୁ ଚେଷ୍ଟା କରିଥିଲେ ମଧ ନିଆଁ ତାପ ଥମି ନ ଥିଲା। ଯାତ୍ରୀମାନେ ବସ୍‌ରେ ନ ଥିବାରୁ କାହାକୁ ଆଘାତ ଲାଗିନାହିଁ। ହେଲେ ଯାତ୍ରୀଙ୍କ ସାମଗ୍ରୀ ପୋଡ଼ିଯାଇଛି। ବାଙ୍ଗିରିପୋଷି ଅଗ୍ନିଶମ ବିଭାଗ ଘଟଣା ସ୍ଥଳରେ ପହଞ୍ଚି ନିଆଁ ଆୟତ୍ତ କରିଛି। ସର୍ଟସର୍କିଟ ଯୋଗୁ ବସ୍‌ରେ ନିଆଁ ଲାଗିଥିବା ପୋଲିସ ପ୍ରାଥମିକ ତଦନ୍ତରୁ ଅନୁମାନ କରୁଥିବା କହିଛି।



ଜଳିଯାଇଥିବା ବସ୍।

ପ୍ରତ୍ୟକ୍ଷଦର୍ଶୀ ରାଜକୁମାର ବେହେରାଙ୍କ କହିବା ଅନୁସାରେ, ଦିନ ପ୍ରାୟ ୧୦.୩୦ ମି. ବେଳକୁ ଏହି ବସ୍ ଆସି ମନ୍ଦିର ନିକଟରେ ଅଟକି ଥିଲା। ଗାଡିରେ କେହି ନ ଥିବାବେଳେ ହଠାତ୍ ସମ୍ମୁଖ ଭାଗରୁ ଧୂଆଁ ବାହାରିବା ଦେଖିବାକୁ ମିଳିଥିଲା। ବସ୍ କର୍ମଚାରୀଙ୍କ ସମେତ ସ୍ଥାନୀୟ ଲୋକେ ବସ୍ ନିକଟରେ ପହଞ୍ଚିବା ବେଳକୁ ନିଆଁ ଅଣାୟତ୍ତ ହୋଇଥିଲା। ତୁରନ୍ତ ପାଣି ପକାଇ ନିଆଁ ଲିଭାଇବାକୁ ଚେଷ୍ଟା କରାଯାଇଥିଲା। ପରେ ଅଗ୍ନିଶମ କର୍ମଚାରୀ ପହଞ୍ଚି ନିଆଁ ଆୟତ୍ତ କରିଥିଲେ। ତଦନ୍ତ ପରେ ଘଟଣାର ପ୍ରକୃତ କାରଣ ଜଣାପଡ଼ିବ ବୋଲି ବାଙ୍ଗିରିପୋଷି ପୋଲିସ କହିଛି।



## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଦୂର ପରବତ ସୁନ୍ଦର**
**ଦୂର ବନ୍ଧୁ ସୁନ୍ଦର ।**

ପର୍ବତ ଦୂରରୁ ଭାରି ଶାଗୁଆ, ଗଛପତ୍ର ଭରି ରହିଥିବା ଭଳି ସୁନ୍ଦର ଦିଶେ । କିନ୍ତୁ ପାଖକୁ ଗଲେ କେତେ ଖାଲ ଖାବୁଡ଼ା, ଟାଙ୍ଗରା ପଥୁରିଆ, ନାନା ଜାତି ହିଂସ୍ର ଜୀବଜନ୍ତୁ ଥିବା ଇତ୍ୟାଦି ଜଣାପଡ଼େ। ସେହିପରି ଦୂରବନ୍ଧୁ କଦବା କ୍ୱଚିତ ଘରକୁ ଆସନ୍ତି। ତାଙ୍କ ଭଲ ମନ୍ଦ ତଥା ତାଙ୍କ ଘରର ଗୁମର ସହଜରେ ଜଣା ପଡ଼ି ନ ଥାଏ। ଦୂରରେ ରହିଥିବା ହେତୁ ଉକ୍ତ ବନ୍ଧୁଙ୍କ ସ୍ୱଭାବ, ବ୍ୟବହାର ବେଶ୍ ସୁନ୍ଦର ବା ଭଲ ଲାଗୁଥିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

**ଦିଆକୁ ଦିଆ**
**ଅଦିଆକୁ ଦୁଆର ଦିଆ ।**

ଦେବା ଲୋକକୁ ସମସ୍ତେ ସ୍ୱାଗତ କରିଥାନ୍ତି। କିଛି ଅସୁବିଧାର ସମ୍ମୁଖୀନ ହେଲେ ଦେଉଥିବା ବ୍ୟକ୍ତି ପ୍ରତି ସମବେଦନା ଜ୍ଞାପନ କରିଥାନ୍ତି। ଭଲରେ ମନ୍ଦରେ ସାହାଯ୍ୟ କରିବାକୁ ଆଗେଇ ଆସିଥାନ୍ତି। କିନ୍ତୁ ଯିଏ କେବେ ଦିଏ ନାହିଁ, ଦେବାକଥା ପଡ଼ିଲେ ମୁହଁ ବୁଲାଇଦିଏ ତାକୁ କେହି କେବେ ପସନ୍ଦ କରି ନ ଥାନ୍ତି। ପରୋପକାରୀ ହୋଇ ନ ଥିବା ହେତୁ ତାଙ୍କ ପ୍ରତି କେହି ସହାନୁଭୂତି ଦେଖାଇବାକୁ ଉଚିତ ମଣୁ ନ ଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ରୂଢ଼ି ପ୍ରୟୋଗ
-ଏ.କେ. ମିଶ୍ର ପବ୍ଲିଶର୍ସ ପ୍ରା.ଲି.

ପାଇଖାନା ବର୍ଜ୍ୟବସ୍ତୁ ପରିଚାଳନା: ଏନ୍‌ଜିଟିଙ୍କ ଉଦ୍‌ବେଗ

# କ’ଣ ପଦକ୍ଷେପ ନେଇଛ ଜଣାଅ

ଭୁବନେଶ୍ୱର,୮।୩(ବ୍ୟୁରୋ)

- ୨୬ରେ ଆକ୍ସନ ଟେକେନ୍ ରିପୋର୍ଟ ଦେବେ ରାଜ୍ୟ ସରକାର
- ୨୬ ସହରାଞ୍ଚଳରେ ନିର୍ମାଣ ହେବ ସେପ୍ଟି ଟ୍ୟାଙ୍କ ଟ୍ରିଟ୍‌ମେଣ୍ଟ ପ୍ଲାଣ୍ଟ
- ବ୍ରହ୍ମପୁର ସହର ସ୍ୱେରେଜ ପାଇଁ ୬୮୦ କୋଟିର ବ୍ୟୟ ବରାଦ

ସହରାଞ୍ଚଳରେ ପାଇଖାନାରୁ ବାହାରୁଥିବା ବର୍ଜ୍ୟବସ୍ତୁକୁ ସିଧା ନଦୀ, ନାଳ କିମ୍ବା ହ୍ରଦକୁ ଖୋଲାରେ ଛାଡ଼ି ଦିଆଯାଉଛି। ଫଳରେ ଜଳାଶୟଗୁଡିକ ଅତିମାତ୍ରାରେ ପ୍ରଦୂଷିତ ହେଉଛି। ଏହାକୁ ନେଇ ଜାତୀୟ ଗ୍ରୀନ୍ ଟ୍ରିବ୍ୟୁନାଲ(ଏନ୍‌ଜିଟି) ଗଭୀର ଉଦ୍‌ବେଗ ପ୍ରକାଶ କରିଛନ୍ତି। ବିଶେଷ କରି ସହରାଞ୍ଚଳରେ ପାଇଖାନା ବର୍ଜ୍ୟବସ୍ତୁ ପରିଚାଳନା ପାଇଁ କ’ଣ ପଦକ୍ଷେପ ନିଆଯାଇଛି ସେ ନେଇ ଆସନ୍ତା ୨୬ ତାରିଖ ସୁଦ୍ଧା ଜଣାଇବାକୁ ରାଜ୍ୟ ସରକାରଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ମିଳିଥିବା ସୂଚନା ଅନୁଯାୟୀ ରାଜ୍ୟ ସରକାରଙ୍କ ତରଫରୁ ମୁଖ୍ୟ ଶାସନ ସଚିବ ଏନ୍‌ଜିଟିରେ ସହରାଞ୍ଚଳ ନଦୀ ଜଳ ପ୍ରଦୂଷଣ ରୋକିବାକୁ ସରକାର ନେଇଥିବା ପଦକ୍ଷେପ ସମ୍ପର୍କରେ ଆକ୍ସନ ଟେକେନ ରିପୋର୍ଟ ଦାଖଲ କରିବେ।

ଏନ୍‌ଜିଟି ନିର୍ଦ୍ଦେଶ ପରେ ରାଜ୍ୟ ସରକାର ତତ୍ପର ହୋଇଉଠିଛନ୍ତି। ସଚିବାଳୟଠାରେ ଶୁକ୍ରବାର ଗୃହନିର୍ମାଣ ଓ ନଗର ଉନ୍ନୟନ ବିଭାଗ, ରାଜ୍ୟ ଜଳ ଯୋଗାଣ ଓ ସ୍ୱେରେଜ ବୋର୍ଡ ଏବଂ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ଅଧିକାରୀଙ୍କୁ ନେଇ ଉଚ୍ଚସ୍ତରୀୟ ବୈଠକ ଅନୁଷ୍ଠିତ ହୋଇଥିଲା। ଏନ୍‌ଜିଟିରେ ହାଜର ହେବା ପୂର୍ବରୁ ପାଇଖାନା ବର୍ଜ୍ୟବସ୍ତୁ ପରିଚାଳନା ନେଇ କ’ଣ ପଦକ୍ଷେପ ନିଆଯାଇଛି ସେ ନେଇ ତର୍ଜମା କରାଯାଇଥିଲା। ବୈଠକରୁ ମିଳିଥିବା ସୂଚନା ଅନୁଯାୟୀ ଅମୃତ ଯୋଜନାରେ କଟକ, ଭୁବନେଶ୍ୱର, ସମ୍ବଲପୁର ଏବଂ ରାଉରକେଲାରେ ସ୍ୱେରେଜ କାର୍ଯ୍ୟ ଚାଲୁରହିଛି। ବ୍ରହ୍ମପୁର ମହାନଗରରେ ସ୍ୱେରେଜ କାର୍ଯ୍ୟ ଆରମ୍ଭ କରିବାକୁ ନିଷ୍ପତ୍ତି ନିଆଯାଇଛି। ସମ୍ପୂର୍ଣ୍ଣ ପ୍ରକଳ୍ପ ରିପୋର୍ଟ ପ୍ରସ୍ତୁତ କରାଯାଇଛି। ଏଥିପାଇଁ ୬୮୦ କୋଟି ଟଙ୍କର ବ୍ୟୟ ବରାଦ କରାଯାଇଛି। ଖୁବ୍‌ଶୀଘ୍ର ଟେଣ୍ଡର ଡକାଯିବ। ଭୁବନେଶ୍ୱରରେ ନିର୍ମାଣାଧୀନ ସ୍ୱେରେଜ କାର୍ଯ୍ୟ ଆସନ୍ତା ୨୦୨୨ ସୁଦ୍ଧା ଶେଷ ହେବ। ଟେଣ୍ଡର ନେଇଥିବା ସଂସ୍ଥାଗୁଡିକ ଅଧାରୁ କାର୍ଯ୍ୟ ଛାଡି ଦେଉଥିବାରୁ ପ୍ରକଳ୍ପ ନିର୍ମାଣରେ ବିଳମ୍ବ ହେଉଛି ବୋଲି ସ୍ୱେରେଜ ବୋର୍ଡର ଜଣେ ଅଧିକାରୀ କହିଛନ୍ତି।

ଅନ୍ୟପକ୍ଷରେ ୫ ମହାନଗର ନିଗମ ବ୍ୟତୀତ ଅନ୍ୟ ସହରରେ ପାଇଖାନା ବର୍ଜ୍ୟଜଳକୁ ପରିଚାଳନା କରି ବ୍ୟବହାର ଉପଯୋଗୀ କରିବାକୁ ରାଜ୍ୟ ସରକାର ନିଷ୍ପତ୍ତି ନେଇଛନ୍ତି। ରାଜ୍ୟର ୨୬ଟି ସହରାଞ୍ଚଳରେ ନିର୍ମାଣ ହେବ ସେପ୍ଟି ଟ୍ୟାଙ୍କ ଟ୍ରିଟ୍‌ମେଣ୍ଟ ପ୍ଲାଣ୍ଟ। ଏଥିପାଇଁ ପ୍ରତ୍ୟେକ ପ୍ଲାଣ୍ଟ ପିଛା ୨ରୁ ୩ କୋଟି ଟଙ୍କା ଖର୍ଚ୍ଚ ହେବ। ରାଜ୍ୟ ସରକାର ସମସ୍ତ ଖର୍ଚ୍ଚ ବହନ କରିବେ। ପର୍ଯ୍ୟାୟ କ୍ରମେ ୧୧୪ଟି ସହରାଞ୍ଚଳରେ ଏହି ଟାଙ୍କି ନିର୍ମାଣ କରାଯିବ ବୋଲି ନଗର ଉନ୍ନୟନ ବିଭାଗର ଜଣେ ବରିଷ୍ଠ ଅଧିକାରୀ କହିଛନ୍ତି।

# ଯାତ୍ରୀଙ୍କ ଉପରେ ମାଡ଼ିଗଲା ଟ୍ରକ, ୩ ମୃତ

ବାହାନଗା, ୮।୩(ଡି.ଏନ.ଏ.)

ବାଲେଶ୍ୱର ଜିଲା ବାହାନଗା ବ୍ଲକ ଖନ୍ତାପଡ଼ାର ୧୬ ନମ୍ବର ଜାତୀୟ ରାଜପଥ ଉପରେ ଗୁରୁବାର ରାତି ପ୍ରାୟ ୧ଟା ବେଳେ ଏକ ମର୍ମନ୍ତୁଦ ଦୁର୍ଘଟଣା ଘଟିଛି। ଭୁବନେଶ୍ୱର ଯାଉଥିବା ବସ୍‌ର ଯାତ୍ରୀମାନେ ରାସ୍ତାକଡ଼ ଦୋକାନରେ ଚା’ ପିଉଥିବା ବେଳେ ଦ୍ରୁତ ଗତିରେ ଆସୁଥିବା ଏକ ମାଲ ବୋଝେଇ ଟ୍ରକ୍ ସେମାନଙ୍କ ଉପରେ ମାଡ଼ିଯାଇଥିଲା। ଫଳରେ ବସ୍ ହେଲପର ସମେତ ୩ ଜଣ ଯାତ୍ରୀଙ୍କର ଘଟଣାସ୍ଥଳରେ ମୃତ୍ୟୁ ହୋଇଛି। ଖନ୍ତାପଡ଼ା ଥାନା ପୋଲିସ ପହଞ୍ଚି ଶବ ଜବତ କରିବା ସହିତ ବ୍ୟବଚ୍ଛେଦ ପାଇଁ ବାଲେଶ୍ୱର ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇଛି। ଦୁର୍ଘଟଣା ଘଟାଇଥିବା ଟ୍ରକ୍‌କୁ ପୋଲିସ ଜବତ କରିଛି । ଏ ନେଇ ଥାନାରେ ଏକ ମାମଲା ରୁଜୁ ହୋଇଛି। ଉଦଳା ଅଞ୍ଚଳରୁ ଭୁବନେଶ୍ୱର ଆଡ଼କୁ ଯାଉଥିବା ଘରୋଇ ବସ୍ (ନଂ.ଓଡ଼ି-୦୧ଏ-୮୮୮୮) ଖନ୍ତାପଡ଼ାସ୍ଥିତ ଜାତୀୟ ରାଜପଥ କଡ଼ରେ ଥିବା ଏକ ଚା’ ଦୋକାନ ସାମ୍ନାରେ ଆସି ଛିଡ଼ା ହୋଇଥିଲା। ବସ୍ ପଛରେ ଏକ ମିନି ଟ୍ରକ୍ ଥିଲା। ଏହି ସମୟରେ ପଛପଟୁ ଏକ ପଥର ବୋଝେଇ ଟ୍ରକ୍ ଆସି ବସ୍ ପଛରେ ଥିବା ମିନିଟ୍ରକ୍‌କୁ ଜୋରରେ ଧକ୍କା ଦେଇଥିଲା। ଫଳରେ ଟ୍ରକ ଆଗକୁ ମାଡିଯାଇଥିଲା। ବସ୍ ପଛରେ ଟାୟାର ଚେକ୍ କରୁଥିବା ହେଲପର ସତ୍ୟଜିତ୍ ପଟ୍ଟନାୟକ, ଚା’ ପିଉଥିବା ଜଣେ ମହିଳା ଯାତ୍ରୀ ଓ ଭୁବନେଶ୍ୱରସ୍ଥିତ ବନ୍ଧୁଘରକୁ ଯାଉଥିବା ଅନ୍ୟ ଜଣେ ବସ୍ ଯାତ୍ରୀ ଚାପି ହୋଇଯାଇଥିଲେ। ମୃତକ ଦୁଇ ଯାତ୍ରୀ ହେଲେ ଉଦଳା ଅଞ୍ଚଳର ବିଷ୍ଣୁପ୍ରିୟା ପୃଷ୍ଟି(୩୮) ଓ ଉତ୍ତରପ୍ରଦେଶର ଲାଲା ଗଞ୍ଜିଆ ଗ୍ରାମର ବିଜେନ୍ଦ୍ର ନିଶାଦ(୪୫)।

## ମର୍ମନ୍ତୁଦ ଦୁର୍ଘଟଣା



ଦୁର୍ଘଟଣାଗ୍ରସ୍ତ ବସ୍, ଟ୍ରକ୍।

# ଧାନ ରଖି ଜାତୀୟ ରାଜପଥ ଅବରୋଧ

ରେମୁଣା, ୮।୩(ଡି.ଏନ.ଏ.)

ସମବାୟ ସମିତି ତରଫରୁ ଧାନକ୍ରୟ ନ ହେବା ପ୍ରତିବାଦରେ ଶୁକ୍ରବାର ରେମୁଣା ବ୍ଲକ ବରୁଣ ସିଂ ସେବା ସମବାୟ ସମିତି ଅଧୀନ କୁଲିଗାଁ, ବରୁଣସିଂ, ଶେରଗଡ଼ ପଞ୍ଚାୟତର ୨ଶହରୁ ଊର୍ଦ୍ଧ୍ୱ ଚାଷୀଙ୍କ ମଧ୍ୟରେ ଅସନ୍ତୋଷ ଆନ୍ଦୋଳନ ରୂପ ନେଇଛି। ଚାଷୀମାନେ ଗାଡିରେ ଧାନ ବୋଝେଇ କରି ଶେରଗଡ଼ଠାରେ ୧୬ ନଂ.ଜାତୀୟ ରାଜପଥକୁ ଶୁକ୍ରବାର ପୂର୍ବାହ୍ନ ୯ଟାରୁ ଅବରୋଧ କରିଥିଲେ। ଖବରପାଇ ସଦର ଏସ୍‌ଡ଼ିପିଓ ପ୍ରଭାସ ଚନ୍ଦ୍ର ପାଲ, ଖନ୍ତାପଡ଼ା ଆଇଆଇସି ଶ୍ରୀବଲ୍ଲଭ ସାହୁ, ସଦର ଆଇଆଇସି ମମତା ସାହୁ, ଶିଳ୍ପାଞ୍ଚଳ ଆଇଆଇସି ଜୟନ୍ତ ବେହେରା, ଚାନ୍ଦିପୁର ଆଇଆଇସି ମୀନତି ବିଶ୍ୱାଳ, ଶେରଗଡ଼ ଫାଣ୍ଡି ଅଧିକାରୀ ଅଭିମନ୍ୟୁ ଦାସ, ବାଲେଶ୍ୱର ସିଏସ୍‌ଓ ରବୀନ୍ଦ୍ର ପୃଷ୍ଟି, ଏସିଏସ୍‌ଓ ଅଜୟ ମଲ୍ଲିକ, ରେମୁଣା ଏମ୍‌ଆଇ ସବ୍ୟସାଚୀ ବସ୍ତିଆ ପହଞ୍ଚି ଚାଷୀମାନଙ୍କୁ ବୁଝାଶୁଝା କରି ତୁରନ୍ତ ୧୫୦୦ ଓ ୧୨୦୦ କୁଇଣ୍ଟାଲ ଧାନ କିଣିବା ଓ ଚାଷୀଙ୍କଠାରେ ଥିବା ଗଚ୍ଛିତ ଧାନକୁ ସରିବା ପର୍ଯ୍ୟନ୍ତ କିଣିବାକୁ ପ୍ରତିଶ୍ରୁତି ଦେବା ପରେ ଚାଷୀମାନେ ଧାରଣାରୁ ଓହରିଥିଲେ।

ଏହି ସମବାୟ ଅଧୀନରେ ୭୧୬ ଚାଷୀ ଥିବାବେଳେ ମାତ୍ର ୩୧୭ଜଣ ଚାଷୀଙ୍କଠାରୁ ୧୧, ୫୮୨ କୁଇଣ୍ଟାଲ ଧାନ କିଣାଯାଇଛି। ସମିତିର ୪୨, ୦୦୦ କୁଇଣ୍ଟାଲ ଧାନ କିଣିବାକୁ ଥିଲା। ମାତ୍ର ପ୍ରଶାସନର ଉଦାସୀନତା ପାଇଁ ଚାଷୀମାନେ ବଳକା ଧାନ ବିକ୍ରି କରି ନ ପାରି ଗତ ଫେବୃୟାରୀ ୧୮ ତାରିଖରେ ଜିଲାପାଳଙ୍କୁ ସମିତିର ଚିଠି ନଂ. ୧୧୧୨ ଅନୁଯାୟୀ ତୁରନ୍ତ ଧାନ କିଣା ନ ଗଲେ ମାର୍ଚ୍ଚ ୮ ତାରିଖରେ ଧାନ ରଖି ଜାତୀୟ ରାଜପଥ ଅବରୋଧ କରିବା ପାଇଁ ଚାଷୀମାନେ ଜଣାଇଥିଲେ। କିନ୍ତୁ ପ୍ରଶାସନ ପକ୍ଷରୁ ଦାବିକୁ ପୂରଣ କରା ନ ଯିବାରୁ ଶୁକ୍ରବାର ଜାତୀୟ ରାଜପଥ ଅବରୋଧ କରାଯାଇଥିଲା।

ଏହି ଧାରଣାରେ ସେବା ସମବାୟ ସମିତି ସଭାପତି ଜୟନ୍ତ କୁମାର ଦାସ, ରେମୁଣା ବିଧାୟକ ଗୋବିନ୍ଦ ଚନ୍ଦ୍ର ଦାସ, କୃଷକ ନେତା ବିପିନ ଦାସ, ପୂର୍ବତନ ସରପଞ୍ଚ ଭାସ୍କର ବେହେରା, କୁଲିଗାଁ ସରପଞ୍ଚ ଜନାର୍ଦ୍ଦନ ଦାସ, ମନ୍ଦାରପୁର ସମିତିସଭ୍ୟ ଜୟନ୍ତ ମଣ୍ଡଳ ପ୍ରମୁଖ ସାମିଲ ଥିଲେ।

# ପ୍ରଶାସନିକ ସ୍ତରରେ ଅଦଳବଦଳ

ଭୁବନେଶ୍ୱର,୮।୩(ବ୍ୟୁରୋ)

ରାଜ୍ୟ ପ୍ରଶାସନରେ କାର୍ଯ୍ୟରତ କେତେଜଣ ଓଏଏସ୍ ଅଧିକାରୀଙ୍କ ବଦଳି କରାଯାଇଛି। ମଧୁମିତା ନାୟକ କୋରାପୁଟ ସ୍ଥିତ ଶହୀଦ ଲକ୍ଷ୍ମଣ ନାୟକ ମେଡିକାଲ କଲେଜର ପ୍ରଶାସନିକ ଅଧିକାରୀ ଭାବେ ଦାୟିତ୍ୱ ନିର୍ବାହ କରିବେ। ସେହିପରି ଅସିତ୍ ପଣ୍ଡା ଓଏଭିଏସ୍‌ର ଯୁଗ୍ମ ନିର୍ଦ୍ଦେଶକ, ଲିପିକା ଦାସ କଟକସ୍ଥିତ ରାଜସ୍ୱ ପର୍ଷଦର ଉପସଚିବ, ଶୈଳେନ୍ଦ୍ର କୁମାର ଜେନା କଟକ ସଦର ଅତିରିକ୍ତ ଉପଜିଲାପାଳ ଭାବେ ନିଯୁକ୍ତି ପାଇଛନ୍ତି। ସେହିପରି ଶୁଭେନ୍ଦୁ କାନୁନଗୋ ପଞ୍ଚାୟତିରାଜ ଓ ପାନୀୟ ଜଳର ସ୍ୱତନ୍ତ୍ର, ସରୋଜ କୁମାର ସେଠୀ ଓଡ଼ିଶା ପାନୀୟ ଜଳ ନିଗମ ଏମ୍‌ଡି ଭାବେ ନିଯୁକ୍ତି ପାଇଛନ୍ତି। ଗୁଜରାଟ କ୍ୟାଡର ଆଇଏଏସ୍ ଅଧିକାରୀ ଅନନ୍ୟା ଦାସ ଆନ୍ତଃରାଜ୍ୟ ବଦଳ କରି ଓଡ଼ିଶା କ୍ୟାଡର ଆସିଛନ୍ତି। ଆଇପିଏସ୍ ଅଧିକାରୀ ସୁଧା ସିଂ ଖୁବ୍‌ଶୀଘ୍ର ନୂଆଦିଲ୍ଲୀସ୍ଥିତ ସିବିଆଇ ଏସ୍‌ପି ଭାବେ ଯୋଗ ଦେଇପାରନ୍ତି ବୋଲି ସୂତ୍ରରୁ ପ୍ରକାଶ।

# ଚିଟ୍‌ଫଣ୍ଡ ଠକେଇ ଅଭିଯୋଗରେ ୩ ଗିରଫ

କେନ୍ଦୁଝର ୮।୩ (ସ୍ୱ.ପ୍ର.)

ଚିଟଫଣ୍ଡ ଠକେଇ ଅଭିଯୋଗରେ କେନ୍ଦୁଝର ଟାଉନ ଥାନା ପୋଲିସ ୩ ଜଣ ବ୍ୟକ୍ତିଙ୍କୁ ଗିରଫ କରିଥିବା ଜଣାପଡିଛି। ଜିଏଚ ମଲ୍‌ଟିଟ୍ରେଡ ପ୍ରାଇଭେଟ ଲିମିଟେଡ ନାମକ ଏକ ସଂସ୍ଥା ଘୁଟୁରୁ ଗ୍ରାମରେ ଅଫିସ ଖୋଲି ଚିଟ୍‌ଫଣ୍ଡ କାରବାର କରୁଥିଲେ। ସଂସ୍ଥାର କର୍ମକର୍ତ୍ତା ଲୋକଙ୍କୁ ଅଧିକ ଲାଭର ପ୍ରଲୋଭନ ଦେଖାଇ କୋଟି କୋଟି ଟଙ୍କା ଜମା ଆକାରରେ ଆଦାୟ କରିଥିଲେ । ପରେ ଏହି ସଂସ୍ଥା ଲୋକଙ୍କୁ ଠକିଥିବା ଜାଣି ଲୋକେ ପୋଲିସରେ ଅଭିଯୋଗ କରିଥିଲେ। ତଦନୁଯାୟୀ ପୋଲିସ ଶୁକ୍ରବାର ଚଢାଉ କରି ସଂସ୍ଥାର ମୁଖ୍ୟ କୁହାଯାଉଥିବା ୩ଜଣଙ୍କୁ ଗିରଫ କରିବା ସହ କେତେକ ଗୁରୁତ୍ୱପୂର୍ଣ୍ଣ କାଗଜପତ୍ର ଜବତ କରିଛି । ଗିରଫ ଅଭିଯୁକ୍ତମାନେ ହେଲେ ଅନ୍ତର୍ଯାମୀ ବେହେରା, ସୁବ୍ରତ ସେଠୀ ଓ ହିମାଂଶୁ ବେହେରା।

ପୋଲିସ ସୂଚନା ଅନୁଯାୟୀ ଓଡିଶା, ଝାଡ଼ଖଣ୍ଡ, ବିହାର ସମେତ ୧୧ ଟି ରାଜ୍ୟରେ ଏହି ସଂସ୍ଥାର କାର୍ଯ୍ୟାଳୟ ରହିଛି । ୨୦୧୮ଫେବୃୟାରୀ ୨୦୧୮ ରୁ ଏହି ସଂସ୍ଥା କାର୍ଯ୍ୟ ଆରମ୍ଭ କରି ବର୍ଷକ ମଧ୍ୟରେ ପାଖାପାଖି ୫୦ରୁ ୬୦ ହଜାର ଜମାକାରୀଙ୍କ ଠାରୁ ପ୍ରାୟ ୨୬ କୋଟି ଟଙ୍କା ଆଦାୟ କରିଥିବା ପ୍ରାଥମିକ ତଦନ୍ତରୁ ଜଣାପଡିଥିବା ଟାଉନ ଥାନା ଆଇଆଇସି ସୋମନାଥ ଜେନା କହିଛନ୍ତି। ସରକାର ଚିଟଫଣ୍ଡ କାରବାର ରୋକିବା ପାଇଁ କଡାକଡି ଆଇନ ପ୍ରଣୟନ କରିଥିଲେ ମଧ ଏଭଳି ଠକ୍ ସଂସ୍ଥା ଦ୍ୱାରା ଲୋକେ ଠକେଇର ଶୀକାର ହେବାଁ ଚନ୍ତାର କାରଣ ହୋଇଛି।

# ଅଙ୍ଗନୱାଡି କର୍ମୀଙ୍କ ମାଡରେ ଛାତ୍ରୀ ଆହତ

ଖଇରା, ୮।୩(ଡି.ଏନ.ଏ.)

ଖଇରା ବ୍ଲକ ମାଖନପୁର ପଞ୍ଚାୟତ ଅଧୀନ ସାଉଁଡିଆ-୧ ଅଙ୍ଗନୱାଡ଼ି କେନ୍ଦ୍ରରେ ଛାତ୍ରୀ ଅର୍ଚ୍ଚିତା ଦାସଙ୍କୁ ମାଡ଼ ମାରି ଆହତ କରିଥିବା ନେଇ ତାଙ୍କ ପିତା ମୁକୁନ୍ଦ ଦାସ ଖଇରା ସିଡିପିଓ ନର୍ମଦା ଦେଓ ଓ ଖଇରା ଥାନା ଆଇଆଇସି ଲୋପାମୁଦ୍ରା ନାୟକଙ୍କଠାରେ ଲିଖିତ ଭାବେ ଅଭିଯୋଗ କରିଛନ୍ତି।

ଅଭିଯୋଗ ଅନୁଯାୟୀ ଗୁରୁବାର ଛାତ୍ରୀଜଣକ ଖେଳୁଥିବା ବେଳେ କୌଣସି କାରଣ ନେଇ କର୍ମୀ ଉତ୍ତ୍ୟକ୍ତ ହୋଇ ତାଙ୍କୁ ଠେଲି ଦେଇଥିଲେ।

# ବନ୍ଦ ଦ୍ୱାରଦେଶରେ ଜିନ୍ଦଲ କାରଖାନା

**ଯାଜପୁର ଅଫିସ,୮।୩:** ଶିଳ୍ପ କାରଖାନା ପ୍ରତିଷ୍ଠା ଯୋଗୁ ଲୋକଙ୍କ ଆର୍ଥିକ ସ୍ଥିତିରେ ସ୍ୱଚ୍ଛଳତା ଆସିଥିବା ସହ ବେକାରି ସମସ୍ୟା ଦୂର ହେଉଥିବା ସରକାର ଦାବି କରୁଛନ୍ତି। କିନ୍ତୁ ବାସ୍ତବରେ କଳିଙ୍ଗନଗର ଶିଳ୍ପ ଏବେ ସଙ୍କଟରେ ଗତି କରୁଛି । ୨୦୧୭ ଅଗଷ୍ଟରେ ଅଧିକ ଖଣି ଉତ୍ତୋଳନ ଅଭିଯୋଗରେ ସୁପ୍ରିମକୋର୍ଟଙ୍କ ଜରିମାନା ଆଦାୟ ନିର୍ଦ୍ଦେଶ ପରେ ଖିଲାପି ଖଣି କମ୍ପାନୀଗୁଡିକ ବନ୍ଦ ହୋଇଯିବାରୁ ଏଭଳି ପରିସ୍ଥିତି ସୃଷ୍ଟି ହୋଇଛି। ଏହିକ୍ରମରେ କଞ୍ଚାମାଲ ଅଭାବରୁ ମେସ୍କୋ ଗ୍ରୁପ ପରିଚାଳିତ ମଇଥାନ ଇସ୍ପାତ ଗତ ୨୦ ଦିନ ହେଲା ବନ୍ଦ ପଡିଥିବାବେଳେ ପୁଣି ଜିନ୍ଦଲ ଷ୍ଟେନ୍‌ଲେସ ଷ୍ଟିଲ ବନ୍ଦ ହେବା ଦ୍ୱାରଦେଶରେ ପହଞ୍ଚିଛି। ଏଥିଯୋଗୁ ହଜାର ହଜାର କର୍ମଚାରୀ ଓ ଶ୍ରମିକଙ୍କ ଜୀବିକାକୁ ନେଇ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି । ନିର୍ବାଚନସମୟରେଏଭଳିପରିସ୍ଥିତିସରକାରଙ୍କୁଅଡୁଆରେପକାଇଛି।

ଖଣି ଦୁର୍ନୀତି ମାମଲାର ଶୁଣାଣି କରି ସୁପ୍ରିମକୋର୍ଟ ଶତପ୍ରତିଶତ ଜରିମାନା ଆଦାୟ କରାଯିବ ବୋଲି ରାୟ ପ୍ରକାଶ କରିଥିଲେ। ଏଥିରେ ଯାଜପୁର ଜିଲାର ୧୩ଟି ଖଣି ଲିଜଧାରୀଙ୍କଠାରୁ ୪, ୭୯୮ କୋଟି୩୬ଲକ୍ଷ ୫ହଜାର ୩୫୮ଟଙ୍କା ଜରିମାନା ଆଦାୟ ହେବ ବୋଲି ଜିଲା ମାଇନିଂ ବିଭାଗରୁ ସୂଚନା ମିଳିଥିଲା। ସେଥିରୁ ଓଏମ୍‌ସିର ସାଉଥ କାଳିଆପାଣି କ୍ରୋମାଇଟ ମାଇନ୍ସ ଉପରେ ସର୍ବାଧିକ ୩,୨୫୬ କୋଟି ୭୪ଲକ୍ଷ ୮୩ହଜାର ୧୩୯ ଟଙ୍କା ଜରିମାନା ରହିଥିଲା। ଏଥିରେ ଜିନ୍ଦଲ ଷ୍ଟେନଲେସ ଷ୍ଟିଲର ୮୯ ହେକ୍ଟର ବିଶିଷ୍ଟ କାଳିଆପାଣି କ୍ରୋମାଇଟ ମାଇନ୍ସ ଉପରେ ୮୫.୪୦ କୋଟି ଟଙ୍କା ଜରିମାନା ହୋଇଥିଲା। ତେବେ ଏନେଇ ଖଣି କମ୍ପାନୀଗୁଡ଼ିକ ସୁପ୍ରିମକୋର୍ଟରେ ରହିତାଦେଶ ଆଣିଥିଲେ। ତେବେ ସମ୍ପୃକ୍ତ ଖିଲାପି ଖଣି କମ୍ପାନୀଗୁଡିକୁ ଭାରତ ସରକାରଙ୍କ ଜଙ୍ଗଲ ଓ ପରିବେଶ ମନ୍ତ୍ରଣାଳୟ ପକ୍ଷରୁ ପରିବେଶଗତ ଅନୁମତି(ଇସି) ଆଉ ମିଳି ନ ଥିଲା । ଫଳରେ ଯେଉଁ କମ୍ପାନୀଗୁଡ଼ିକର ଅବଧି ଶେଷ ହୋଇଯାଇଥିଲା ସେମାନଙ୍କୁ ଆଉ ପରିବେଶ ଅନୁମତି ନ ମିଳିବାରୁ ଖଣି ଉତ୍ତୋଳନ ବନ୍ଦ ରହିଛି। କାଳିଆପାଣିରେ ଥିବା ଜିନ୍ଦଲ ଷ୍ଟେନ୍‌ଲେସ ଷ୍ଟିଲର କାଳିଆପାଣି କ୍ରୋମାଇଟ ମାଇନ୍ସରେ ଗତ ଫେବୃୟାରୀରୁ ଉତ୍ତୋଳନ ହେଉନାହିଁ। ଅନ୍ୟପକ୍ଷେ ସରକାରୀ ଖଣି ସଂସ୍ଥା ଓଏମ୍‌ସି ଚଢାଦରରେ କ୍ରୋମାଇଟ ବିକ୍ରି କରୁଛି। ଓଏମ୍‌ସି ଲଙ୍ଗ୍ ଟର୍ମ ଲିଙ୍କେଜ୍ ସୁବିଧା ଦେଇ ନ ଥିବାରୁ ଜିନ୍ଦଲ କମ୍ପାନୀ ନିଲାମରେ ଚଢାଦରରେ କ୍ରୋମାଇଟ କିଣି କ୍ଷତିଗ୍ରସ୍ତ ହୋଇଛି। ରାଜ୍ୟ ସରକାର ଏଥିପ୍ରତି ଦୃଷ୍ଟି ନ ଦେଲେ ସାରା ଦେଶରେ ଇସ୍ପାତ ରାଜଧାନୀ ଭାବେ ପରିଚିତ କଳିଙ୍ଗନଗର ଇତିହାସ ହୋଇଯିବ ବୋଲି ମତପ୍ରକାଶ ପାଇଲାଣି। ପରିବେଶ ମଞ୍ଜୁରୀ ଆଇନ, ୧୯୮୦ ମସିହା ଜଙ୍ଗଲ ସଂରକ୍ଷଣ ଆଇନ, ୨୧(୫) ମାଇନିଂ ରୁଲ ଏମଏମଡିଆର ଓ ଏମ୍‌ସିଆର ନିୟମର ଉଲ୍ଲଂଘନ କରିଥିବା ଖଣି ଲିଜଧାରୀଙ୍କ ପାଇଁ ଏବେ ମୁଣ୍ଡବ୍ୟଥାର କାରଣ ହୋଇଛି। ଚଢାଦରରେ କ୍ରୋମାଇଟ ଓ ଲୁହାପଥର କିଣିବାକୁ ପଡୁଥିବାରୁ ଲାଭରେ ହ୍ରାସ ଘଟିଛି। ଫଳରେ ଶିଳ୍ପ କମ୍ପାନୀଗୁଡ଼ିକ କର୍ମଚାରୀ ଛଟେଇ କରିବାରେ ଲାଗିଛନ୍ତି। ଜଣାପଡିଛି ଯେ, କଳିଙ୍ଗନଗରର ନିକଟରେ ବନ୍ଦ ପଡିଥିବା ମଇଥାନ କାରଖାନାର କର୍ମଚାରୀ ଓ ଠିକାଶ୍ରମିକଙ୍କୁ ଗତ ୨/୩ ମାସ ହେବ ପାଉଣା ମିଳିନାହିଁ। ସମସ୍ୟା ବଢିଲାଣି, କର୍ମଚାରୀମାନେ ଏହିପରି ବିଦା ହେଲେ ଅର୍ଥନୀତି ରୁଗ୍‌ଣ ହେବ ଏଥିରେ ସନ୍ଦେହ ନାହିଁ। ତେବେ ସରକାର ନୀରବ ରହିଲେ ପରିସ୍ଥିତି ଆହୁରି ଜଟିଳ ହେବ ବୋଲି ମତପ୍ରକାଶ ପାଉଛି । ସରକାର ମେକ୍ ଇନ୍ ଓଡିଶା ମାଧ୍ୟମରେ ଅନେକ ଶିଳ୍ପ ସଂସ୍ଥାକୁ ପୁଞ୍ଜି ବିନିଯୋଗ କରିବାକୁ ଆହ୍ୱାନ ଦେଉଥିଲେ ହେଁ ଏହି କାରଣରୁ ସେମାନେ ପଛଘୁଞ୍ଚା ଦେଉଛନ୍ତି । ଏହାକୁ ନେଇ ଉପରୋକ୍ତ କାରଖାନାଗୁଡିକରେ କାର୍ଯ୍ୟରତ ଶ୍ରମିକଙ୍କୁ ଛଟେଇ କରାଯିବାର ଆଶଙ୍କା ପ୍ରକାଶ ପାଇଛି। ଏ ସଂକ୍ରାନ୍ତରେ ଜଣେ ବରିଷ୍ଠ ଅଧିକାରୀ କହିଛନ୍ତି, ଗତ ୧ ବର୍ଷ ହେଲା ପରିବେଶଗତ ଅନୁମତି ନ ମିଳିବାରୁ ନିଜସ୍ୱ ଖଣିରୁ କଞ୍ଚାମାଲ ଉତ୍ତୋଳନ ବନ୍ଦ ରହିଛି । ତଥାପି ମାନବିକ ଦୃଷ୍ଟିକୋଣରୁ ବିନା କାର୍ଯ୍ୟରେ କର୍ମଚାରୀ ଓ ଶ୍ରମିକଙ୍କୁ ଦରମା ତଥା ଅନ୍ୟାନ୍ୟ ଆନୁଷଙ୍ଗିକ ସୁବିଧା ସୁଯୋଗ ଦିଆଯାଉଛି। ଏବେ କମ୍ପାନୀର ଆର୍ଥିକ ସ୍ଥିତି ଭଲ ନାହିଁ। ତେଣୁ ନିକଟ ଭବିଷ୍ୟତରେ କମ୍ପାନୀକୁ ବନ୍ଦ କରାଯିବା ପାଇଁ ବାଧ ହେଉଛୁ ବୋଲି ସେ କହିଛନ୍ତି।

ରାଜ୍ୟସ୍ତରୀୟ ଆନ୍ତର୍ଜାତିକ ମହିଳା ଦିବସ ସମାରୋହ

# ମିଶନ ଶକ୍ତି ଏକ ନୀରବ ବିପ୍ଳବ

ଭୁବନେଶ୍ୱର,୮।୩(ବ୍ୟୁରୋ)

ମହିଳାମାନଙ୍କ ସଫଳତାର ଜୟଗାନ ସହିତ ସେମାନଙ୍କୁ ନ୍ୟାଯ୍ୟ ଅଧିକାର ଦେବା ଓ ସଶକ୍ତ କରିବା ଆନ୍ତର୍ଜାତିକ ମହିଳା ଦିବସ ପାଳନର ମୁଖ୍ୟ ଉଦ୍ଦେଶ୍ୟ। ମହିଳାମାନେ ନିଜ ଅନ୍ତର୍ନିହିତ ଶକ୍ତିକୁ ଚିହ୍ନି ତା’ର ବିକାଶ କଲେ, ସମାଜର ଅଶେଷ କଲ୍ୟାଣ ସାଧିତ ହୋଇପାରିବ ବୋଲି ମହିଳା ଓ ଶିଶୁ ବିକାଶ ଏବଂ ମିଶନ ଶକ୍ତି ମନ୍ତ୍ରୀ ପ୍ରଫୁଲ୍ଲ କୁମାର ସାମଲ କହିଛନ୍ତି।

ମହିଳା ଓ ଶିଶୁ ବିକାଶ ଏବଂ ମିଶନ ଶକ୍ତି ବିଭାଗ ଆନୁକୂଲ୍ୟରେ ଶୁକ୍ରବାର ସୂଚନା ଭବନଠାରେ ଆୟୋଜିତ ରାଜ୍ୟସ୍ତରୀୟ ଆନ୍ତର୍ଜାତିକ ମହିଳା ଦିବସ ସମାରୋହରେ ମୁଖ୍ୟଅତିଥି ଭାବେ ଯୋଗଦେଇ ମନ୍ତ୍ରୀ ସାମଲ ଏହା କହିଛନ୍ତି। ବିଭାଗୀୟ କମିଶନର ଚିତ୍ରା ଅରୁମୁଗମ୍ ସ୍ୱାଗତ ଭାଷଣ ଦେଇଥିବା ବେଳେ ମିଶନ ଶକ୍ତି କମିଶନର ତଥା ନିର୍ଦ୍ଦେଶିକା ସୁଜାତା ଆର୍. କାର୍ତ୍ତିକେୟନ ଯୋଗଦେଇ କହିଥିଲେ, ଏକ କ୍ଷୁଦ୍ର ଉଦ୍ୟମରୁ ଆରମ୍ଭ ହୋଇଥିବା ମିଶନ ଶକ୍ତି ଆନ୍ଦୋଳନ ଆଜି ୧୮ ବର୍ଷରେ ପଦାର୍ପଣ କରିଛି। ୬ ଲକ୍ଷରୁ ଊର୍ଦ୍ଧ୍ୱ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀର ପ୍ରାୟ ୭୦ ଲକ୍ଷ ମହିଳାଙ୍କ ଯୋଗଦାନ ଦ୍ୱାରା ମିଶନ ଶକ୍ତି ବ୍ୟାପକ ରୂପ ଧାରଣ କରି ଏକ ନିରବ ବିପ୍ଳବରେ ପରିଣତ ହୋଇଛି। ମହିଳା ବିକାଶ ସମବାୟ ନିଗମ ଅଧ୍ୟକ୍ଷା ଶ୍ୱେତାସ୍ନିଗ୍ଧା ମିଶ୍ର, ଶିଶୁ ସୁରକ୍ଷା ଅଧିକାର କମିଶନ ଅଧ୍ୟକ୍ଷା ସନ୍ଧ୍ୟାବତୀ ପ୍ରଧାନ, ଓଡ଼ିଶା ରାଜ୍ୟ ସମାଜ ମଙ୍ଗଳ ବୋର୍ଡ ଅଧ୍ୟକ୍ଷା ଲତିକା ପ୍ରଧାନ ପ୍ରମୁଖ ବକ୍ତବ୍ୟ ରଖିଥିଲେ। ସମନ୍ୱିତ ଶିଶୁ ବିକାଶ ଯୋଜନା ଓ ସମାଜ କଲ୍ୟାଣ ନିର୍ଦ୍ଦେଶକ ରେଘୁ ଜି. ଧନ୍ୟବାଦ ଦେଇଥିଲେ।

ଏହି ଅବସରରେ ସମନ୍ୱିତ ଶିଶୁ ବିକାଶ ଯୋଜନାରେ ଭଲ ପ୍ରଦର୍ଶନ ପାଇଁ ଗଞ୍ଜାମ, ଗଜପତି ଓ ବାଲେଶ୍ୱର ଜିଲାକୁ ଯଥାକ୍ରମେ ପ୍ରଥମ, ଦ୍ୱିତୀୟ ଏବଂ ତୃତୀୟ ପୁରସ୍କାର ପ୍ରଦାନ କରାଯାଇଥିଲା। ଢେଙ୍କାନାଳର ମହର୍ଷି ଦୟାନନ୍ଦ ସର୍ଭିସେସ୍ ମିଶନ, କେନ୍ଦ୍ରାପଡ଼ାର ଲୁଥେରାନ୍ ମହିଳା ସମିତି, କନ୍ଧମାଳର ବନବାସୀ ସେବା ସମିତିକୁ ଯଥାକ୍ରମେ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ପୁରସ୍କାର ଦିଆଯାଇଥିଲା। ସେହିପରି ଶିଶୁଯତ୍ନ ଅନୁଷ୍ଠାନ ବର୍ଗରେ ସମ୍ବଲପୁରର ଧନକଉଡ଼ାସ୍ଥିତ ଶିଶୁ ଗୃହ, ଭୁବନେଶ୍ୱରର ଏସ୍‌ଓଏସ୍ ଚିଲ୍‌ଡ୍ରେନ ଭିଲେଜ୍, ଭଦ୍ରକର ଯୋଗୀରକ୍ଷୀ ଲକ୍ଷ୍ମଣ ଦାସ ଶିଶୁ ଆଶ୍ରମକୁ ପୁରସ୍କୃତ କରାଯାଇଥିଲା। ଶ୍ରେଷ୍ଠ ପ୍ରଦର୍ଶନ ନିମନ୍ତେ ବରଗଡ଼ର ବନ୍ଧପାଲ୍ଲୀସ୍ଥିତ ଜଗଦମ୍ବା ସ୍ୱୟଂ ସହାୟକ ଗୋଷ୍ଠୀ, ଗଞ୍ଜାମର ଯୋଗେନ୍ଦ୍ର ପ୍ରସାଦସ୍ଥିତ ସତ୍ୟସାଇ ସ୍ୱୟଂ ସହାୟକ ଗୋଷ୍ଠୀ ଏବଂ ଭଦ୍ରକର ଗେଲ୍‌ଟୁଆସ୍ଥିତ ଜୟ ମା’ଦୁର୍ଗା ହସ୍ତଶିଳ୍ପ ସ୍ୱୟଂ ସହାୟକ ଗୋଷ୍ଠୀକୁ ୫୦ ହଜାର ଟଙ୍କା ଓ ମାନପତ୍ର ଦିଆଯାଇଥିଲା। ୨୦୧୮-୧୯ ଆର୍ଥିକ ବର୍ଷରେ ମିଶନ ଶକ୍ତି ଋଣ କ୍ଷେତ୍ରରେ ଉଲ୍ଲେଖନୀୟ ପ୍ରଦର୍ଶନ ପାଇଁ ଓଡ଼ିଶା ଗ୍ରାମ୍ୟ ବ୍ୟାଙ୍କ, ଓଡ଼ିଶା ରାଜ୍ୟ ସମବାୟ ବ୍ୟାଙ୍କ ଓ ଇଣ୍ଡିଆନ ଓଭରସିଜ୍ ବ୍ୟାଙ୍କକୁ ସମ୍ବର୍ଦ୍ଧିତ କରାଯାଇଥିଲା।



ରାଜ୍ୟସ୍ତରୀୟ ଆନ୍ତର୍ଜାତିକ ମହିଳା ଦିବସ ସମାରୋହରେ ଜଣେ ମହିଳାଙ୍କୁ ସମ୍ମାନିତ କରାଯାଉଛି।



ସଂସାରରେ ଧର୍ମ ଥାଇ ଯଦି ଲୋକେ ଏତେ ଖରାପ ହୋଇପାରୁଛନ୍ତି, ଧର୍ମ ନ ଥିଲେ କେତେ ବେଶି ଖରାପ ନ ହୁଅନ୍ତେ।

-ଫ୍ରାଙ୍କ୍‌ଲିନ



## ସଂକ୍ଷେପରେ

### କୁଚିଣ୍ଡା ପଞ୍ଚାୟତ ସମିତିର ଅଷ୍ଟମ ବୈଠକ

**କୁଚିଣ୍ଡା, ୮।୩ (ଡି.ଏନ.ଏ):** କୁଚିଣ୍ଡା ପଞ୍ଚାୟତ ସମିତିର ଅଷ୍ଟମ ବୈଠକ ଶୁକ୍ରବାର ପଞ୍ଚାୟତ ସମିତିର ସଭାଗୃହରେ ଅନୁଷ୍ଠିତ ହୋଇଥିଲା । ପଞ୍ଚାୟତ ସମିତି ଅଧକ୍ଷା ତିଳୋତ୍ତମା ନାୟକ ସଭାପତିତ୍ୱ କରିଥିଲେ। ଉପାଧକ୍ଷ ପୂର୍ଣ୍ଣଚନ୍ଦ୍ର କିସାନ, ଏବିଡିଓ ଅଜୟ ବାଗେ, ଜିପିଇଓ ଜିତେନ୍ଦ୍ରୀୟ ମୁଣ୍ଡା, ପିଏ ଗଣେଶରାମ ମାଝି ପ୍ରମୁଖ ଉପସ୍ଥିତ ଥିଲେ। ବୈଠକରେ ସ୍ୱାସ୍ଥ୍ୟ, ଶିକ୍ଷା, ପାନୀୟଜଳ, ବିଦ୍ୟୁତ ଯୋଗାଣ, ଗୋପବନ୍ଧୁ ଗ୍ରାମୀଣ ଯୋଜନା ଏବଂ ଆମଗାଁ, ଆମ ବିକାଶ ଯୋଜନାରେ ଚାଲିଥିବା ଉନ୍ନୟନ କାମ ବାବଦରେ ଆଲୋଚନା ହୋଇଥିଲା ।

### ସରକାରୀ ଶିଳ୍ପ ତାଲିମ କେନ୍ଦ୍ର ପାଇଁ ଶିଳାନ୍ୟାସ

**ରେଢାଖୋଲ,୮।୩(ଡି.ଏନ.ଏ.):** ରେଢାଖୋଲରେ ଏକ ସରକାରୀ ଶିଳ୍ପ ତାଲିମ ପ୍ରତିଷ୍ଠାନ ପ୍ରତିଷ୍ଠା ପାଇଁ ବିଧାୟକ ରୋହିତ ପୂଜାରୀ ଶିଳାନ୍ୟାସ କରିଛନ୍ତି। ସହରର ୭ନଂ ୱାର୍ଡର ଉଦ୍ୟାନ ବିଭାଗ କାର୍ଯ୍ୟାଳୟ ସମ୍ମୁଖରେ ଏହାର ଶିଳାନ୍ୟାସ କରାଯାଇଛି। ତହସିଲଦାର ରୁବି ବେହେରା, ପୂର୍ତ୍ତ ବିଭାଗ ନିର୍ବାହୀ ଯନ୍ତ୍ରୀ ଗୌରାଙ୍ଗ ଚରଣ ସାହୁ, ସହକାରୀ ଯନ୍ତ୍ରୀ ବୀରବର ବେହେରା, ହୀରାକୁଦ ଆଇଟିଆଇର ଅଧକ୍ଷ ଧନଞ୍ଜୟ ଖୁରା,ଏନଏସି ଉପଧକ୍ଷ ସୁନିଲ କୁମାର ପ୍ରଧାନ, କାଉନସିଲର ଆଦିତ୍ୟନାରାୟଣ ପ୍ରଧାନ, ଜ୍ଞାନରଞ୍ଜନ ପ୍ରଧାନ, ଅନାଦି ଚରଣ ସାହୁ ପ୍ରମୁଖ ଏଥିରେ ଯୋଗ ଦେଇଥିଲେ।

### ବିଇଓଙ୍କୁ ନେଇ ଅସନ୍ତୋଷ

**ସମ୍ବଲପୁର,୮।୩ (ବ୍ୟୁରୋ):** ମାନେଶ୍ୱର ବ୍ଲକ ଶିକ୍ଷା ଅଧିକାରୀ ସନାତନ ବିଶ୍ୱାଳଙ୍କ କାର୍ଯ୍ୟକଳାପକୁ ନେଇ ଶିକ୍ଷକ ଶିକ୍ଷୟିତ୍ରୀଙ୍କ ମଧରେ ଅସନ୍ତୋଷ ଦେଖା ଦେଇଛି । ତାଲପାଲି ସ୍କୁଲର ଜଣେ ଶିକ୍ଷକଙ୍କୁ ବଦଳି, ମନୋରଞ୍ଜନ ମହାପାତ୍ର ନାମକ ଜଣେ ବରିଷ୍ଠ ଶିକ୍ଷକଙ୍କୁ ୧ ବର୍ଷରେ ୪ଟି ସ୍କୁଲକୁ ଉଦ୍ଦ୍ୟେଶ ମୂଳକ ଭାବେ ବଦଳି କରିବା, ଗମ୍ଭାରି କଟାଁ ସ୍କୁଲରେ ବିଦାୟ ସମ୍ବର୍ଦ୍ଧନା ଉତ୍ସବରେ ଜରେ ଶିକ୍ଷୟିତ୍ରୀଙ୍କୁ ଦୁର୍ବ୍ୟବ୍ୟବହାର କରିବା ଭଳି ଅନେକ ଘଟଣା ରହିଛି । ଏ ସମ୍ପର୍କରେ ବିଇଓ ସନାତନ ବିଶ୍ୱାଳଙ୍କୁ ଯୋଗଯୋଗ କରିବାରୁ ଅଭିଯୋଗକୁ ଏଡାଇ ଯାଇଥିଲେ। ତେବେ ଜିଲା ଶିକ୍ଷା ଅଧିକାରୀ ସୁବୋଧ ଦାସଙ୍କୁ ପଚାରିବାରୁ ଏ ସମ୍ପର୍କରେ ଅଭିଯୋଗ ଆସିଛି। ତଦନ୍ତ କରାଯିବ ବୋଲି କହିଥିଲେ।

### ଆଦର୍ଶ ବିଦ୍ୟାଳୟ ପ୍ରତିଷ୍ଠା ପାଇଁ ଶିଳାନ୍ୟାସ

**ନାକଟିଦେଉଳ/ରେଢରଖୋଲ,୮।୩ (ଡି.ଏନ.ଏ.):** ନାକଟିଦେଉଳ ବ୍ଲକ ସଦର ନିକଟସ୍ଥ ପେଣ୍ଡବାହାଲ ଗ୍ରାମଠାରେ ଓଡ଼ିଶା ଆଦର୍ଶ ବିଦ୍ୟାଳୟ ସ୍ଥାପନ ପାଇଁ ଶୁକ୍ରବାର ରେଢାଖୋଲ ବିଧାୟକ ରୋଜିତ ପୂଜାରୀ ଶିଳାନ୍ୟାସ କରିଛନ୍ତି। ବ୍ଲକ ଅଧକ୍ଷା ମନ୍ଦାକିନୀ ରଉଳ, ମୁଳିଆ ରାଉଳ, ରାମପ୍ରସାଦ ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ଅନ୍ୟପକ୍ଷେ ରେଢାଖୋଲରେ ମଧ ଏକ ଆଦର୍ଶ ବିଦ୍ୟାଳୟ ସ୍ଥାପନ ପାଇଁ ଶୁକ୍ରବାର ବିଧାୟକ ରେହିତ ପୂଜାରୀ ଶିଳାନ୍ୟାସ କରିଛନ୍ତି। ଏନଏସିର ୱାର୍ଡ ନଂ ୧୦ର ହଳଦୀଘାଟ ପୋଲ ନିକଟରେ ପ୍ରାୟ ୨୦ ଏକର ପରିମିତ ଜମିରେ ଏହା ନିର୍ମିତ ହେବ। ଶିଳାନ୍ୟାସ ଉତ୍ସବରେ ଏନଏସି ଅଧକ୍ଷା ସନ୍ଧ୍ୟାରାଣୀ ଦେହୁରି, ଉପାଧକ୍ଷ ସୁନିଲ କୁମାର ପ୍ରଧାନ, କାଉନସିଲର ଲକ୍ଷ୍ମଣ ପ୍ରଧାନ, ପୂର୍ତ୍ତ ବିଭାଗ ସହକାରୀ ଯନ୍ତ୍ରୀ ବୀରବର ବେହେରା ପ୍ରମୁଖ ଯୋଗ ଦେଇଥିଲେ।

### ଗ୍ୟାସ୍ ଟ୍ୟାଙ୍କର ଦୁର୍ଘଟଣାଗ୍ରସ୍ତ

**ଭଦ୍ରକ ଅଫିସ, ୮।୩ :** ଶୁକ୍ରବାର ସନ୍ଧ୍ୟାରେ ୧୬ ନମ୍ବର ଜାତୀୟ ରାଜପଥର ରାହାଞ୍ଜ ଓ ଅସୁରା ମଧଭାଗ ପେଟ୍ରୋଲ ପମ୍ପ ନିକଟରେ ଏକ ଗ୍ୟାସ୍ ଟ୍ୟାଙ୍କର ଦୁର୍ଘଟଣାଗ୍ରସ୍ତ ହୋଇଛି। ପାରାଦୀପରୁ ବାଲେଶ୍ୱର ଅଭିମୁଖେ ଯାଉଥିବା ଏହି ଟ୍ୟାଙ୍କର ଏକ ଟ୍ରକକୁ ଧକ୍କା ଦେଇଥିଲା। ଫଳରେ ଟ୍ୟାଙ୍କରରୁ ଗ୍ୟାସ୍ ଲିକ୍ ହୋଇଥିଲା। ଖବର ପାଇ ଗ୍ରାମାଞ୍ଚଳ ଥାନା ପୋଲିସ ଓ ଅଗ୍ନିଶମ କର୍ମଚାରୀ ସେଠାରେ ପହଞ୍ଚିଥିଲେ। ଦୁର୍ଘଟଣାଗ୍ରସ୍ତ ଟ୍ୟାଙ୍କରଠାରୁ ପ୍ରାୟ ୫୦୦ ମିଟର ଦୂରରୁ ଉଭୟପାର୍ଶ୍ୱରେ ଗାଡ଼ି ଚଳାଚଳ ବନ୍ଦ କରିଦିଆଯାଇଥିଲା। ୩ଟି ସ୍ଥାନରୁ ଅଗ୍ନିଶମ ଦଳ ପହଞ୍ଚି ଟ୍ୟାଙ୍କର ଉପରେ ପାଣି ସ୍ପ୍ରେ କରିଥିଲେ। ନିକଟସ୍ଥ ଅସୁରା ଓ ରାହାଞ୍ଜ ଗାଁରେ ନିଆଁ ନ ଲଗାଇବାକୁ ସତର୍କ କରାଯାଇଥିଲା। ଘଟଣାସ୍ଥଳରେ ଭଦ୍ରକ ଜିଲାପାଳଙ୍କ ସମେତ ଅନ୍ୟ ପ୍ରଶାସନିକ ଅଧିକାରୀ ପହଞ୍ଚି ପରିସ୍ଥିତି ପ୍ରତି ନଜର ରଖିଥିଲେ। ଆଖପାଖ ୧୦ଟି ଗାଁରେ ବିଦ୍ୟୁତ୍ କାଟ୍ କରିଦିଆଯାଇଥିଲା।

# ରେଢ଼ାଖୋଲକୁ ମହାନଦୀ ପାଣି ଯୋଗାଣ ଲଲିପପ୍

**ରେଢାଖୋଲ/ସମ୍ବଲପୁର, ୮।୩ (ଡି.ଏନ.ଏ./ବ୍ୟୁରୋ)**



ରେଢ଼ାଖୋଲକୁ ମହାନଦୀରୁ ଜଳ ଯୋଗାଣ ପ୍ରକଳ୍ପ ଉଦ୍‌ଘାଟନ ଅବସରରେ ଆୟୋଜିତ ସଭାରେ ମଞ୍ଚାସୀନ ବିଧାୟକ ଓ ଅନ୍ୟମାନେ।

ବହୁ ପ୍ରତୀକ୍ଷିତ ମହାନଦୀରୁ ରେଢାଖୋଲ ସହରକୁ ପାନୀୟ ଜଳ ଯୋଗାଣ ପ୍ରକଳ୍ପକୁ ଗୁରୁବାର ରେଢାଖୋଲ ବିଧାୟକ ରୋହିତ ପୂଜାରୀ ଲୋକାର୍ପିତ କରିଛନ୍ତି। ଏହାକୁ ନେଇ ରାଜନୈତିକ ଛକାପଞ୍ଝା ଦେଖିବାକୁ ମିଳିଛି। ଭାଜପା ନେତା ଗୋବିନ୍ଦ ପ୍ରସାଦ ଅଗ୍ରୱାଲ କହିଛନ୍ତି ଯେ, ରେଢ଼ାଖୋଲବାସୀଙ୍କୁ ମହାନଦୀ ପାଣି ଯୋଗାଇବା ଲଲିପପ୍ । ଏହା ଦ୍ୱାରା ଆସନ୍ତା ସାଧାରଣ ନିର୍ବାଚନୀ ଜିତିବାକୁ ପ୍ରାୟସ କରାଯାଉଛି । ରେଢ଼ାଖୋଲ କଦମ୍ବ ପଡିଆଠାରେ ଜଳ ଯୋଗାଣ ପ୍ରକଳ୍ପର ଉଦଘାଟନୀ ଉତ୍ସବ ନାମକୁ ମାତ୍ର ହୋଇଛି । ୨୦୧୩ ମସିହାରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ମହାନଦୀରୁ ସିଧାସଳଖ ଜଳ ଯୋଗାଣ କରାଯିବ ବୋଲି ଶିଳାନ୍ୟାସ କରିଛନ୍ତି । କିନ୍ତୁ ଏ ପର୍ଯ୍ୟନ୍ତ ତାହା କାର୍ଯ୍ୟକାରୀ ହୋଇନାହିଁ। ଅପରପକ୍ଷେ ପିଏଚଡି ଜଳ ଯୋଗାଣ ପ୍ରକଳ୍ପ ଉଦ୍‌ଘାଟନ କରି ସ୍ଥାନୀୟ ବିଧାୟକ ରେଢ଼ାଖୋଲବାସୀଙ୍କୁ ଭୂଆଁ ବୁଲାଉଛନ୍ତି। ସେହିଭଳି ଭାଜପାର ମାନସରଞ୍ଜନ ବକ୍ସି ମଧ ଉପସ୍ଥିତ ରହି କହିଥିଲେ ଯେ, ଦୀର୍ଘ ବର୍ଷ ହେବ ବିଜେଡି ପ୍ରାର୍ଥୀ ବିଧାୟକ ଭାବେ ବିଜୟୀ ହେବା ସତ୍ତ୍ୱେ ପିଇବା ପାଣି ଯୋଗାଇ ପାରୁନାହାନ୍ତି । ଏହା ହାସ୍ୟସ୍ପଦ। ଅନ୍ୟପକ୍ଷେ ଭାଜପାର ଏହି ଅଭିଯୋଗ ଉପରେ ଜନସ୍ୱାସ୍ଥ୍ୟ ବିଭାଗ ପ୍ରେସ ବିବୃତ୍ତିରେ ସୂଚନା ଦେଇଛି ଯେ, ଅଭିଯୋଗ ଭିତ୍ତିହୀନ। ଉଦ୍‌ଘାଟିତ ହୋଇଥିବା ପ୍ରକଳ୍ପ ଶୁଣ୍ଡିମୁଣ୍ଡା ଗ୍ରାମରେ ପିଏଚଡି ବିଭାଗ ପକ୍ଷରୁ ନିର୍ମାଣ ହୋଇଛି । ରେଢାଖୋଲ ବିଜ୍ଞାପିତ ପରିଷଦ ଅଞ୍ଚଳର ଗଳି କନ୍ଦିରେ ପ୍ରାୟ ୨୮ କିଲୋମିଟର ପାଇପ ଲାଇନ ବିଛା ଯାଇଛି । ମହାନଦୀରୁ ମଧ ପାଣି ଯୋଗାଇ ଦେବା କାମ ସମ୍ପୂର୍ଣ୍ଣ ହୋଇଛି । ପ୍ରତି ପରିବାରକୁ ଶୀଘ୍ର ପାଣି ଯୋଗାଇ ଦିଆଯିବ ବୋଲି ବିଭାଗର ପକ୍ଷରୁ କୁହାଯାଇଛି ।

ରେଢାଖୋଲ ବସଷ୍ଟାଣ୍ଡ ନିକଟସ୍ଥ କଦମ୍ବ ପଡିଆରେ ଗୁରୁବାର ବିଧାୟକ ଏହି ପ୍ରକଳ୍ପର ଉଦ୍‌ଘାଟନ କରିଥିଲେ। ଏନଏସି ଉପାଧକ୍ଷ ସୁନିଲ କୁମାର ପ୍ରଧାନ, ନଗର ଉନ୍ନୟନ ବିଭାଗ ଅଧିକ୍ଷଣ ଯନ୍ତ୍ରୀ ମନୋରଞ୍ଜନ ନନ୍ଦ, ଏନଏସି କାର୍ଯ୍ୟନିର୍ବାହୀ ଅଧିକାରୀ ଚିରଞ୍ଜନ ପାଣିଗ୍ରାହୀ, ସହକାରି ଯନ୍ତ୍ରୀ ଗିରିଜା ଶଙ୍କର ନାହାକ, କନିଷ୍ଠ ଯନ୍ତ୍ରୀ ସନ୍ଦୀପ ପାତ୍ର, ସୁରେନ୍ଦ୍ର ବିଶ୍ୱାଳ, ଅନାଦି ସାହୁ, ବ୍ଲକ ସଭାପତି ଉଦିତ ତ୍ରିପାଠୀ, କାଉନସିଲର ଆଦିତ୍ୟ ନାରାୟଣ ପ୍ରଧାନ, ଲକ୍ଷ୍ମଣ ପ୍ରଧାନ, ଜ୍ଞାନରଞ୍ଜନ ପ୍ରଧାନ, ଗୋପବନ୍ଧୁ ବାହାକ, ନିର୍ମଳା ନାୟକ, ଗୋଲାପି ମୁଖୀ ପ୍ରମୁଖ ଉକ୍ତ କାର୍ଯ୍ୟକ୍ରମରେ ମଞ୍ଚାସୀନ ଥିଲେ। ଏହି ଅବସରରେ ନାରୀ ନେତ୍ରୀ ତଥା ମହିଳା ସ୍ୱୟଂ ସହାୟିକା ଗୋଷ୍ଠିର ସଭାପତି ଅପର୍ଣ୍ଣା ବାଗ ବିଜୁ ଜନତା ଦଳରେ ଯୋଗ ଦେଇଥିଲେ।

୨୦୦୧ ମସିହାରେ ରେଢାଖୋଲ ବିଧାନସଭା ଆସନ ପାଇଁ ଅନୁଷ୍ଠିତ ଉପନିର୍ବାଚନ ବେଳେ ସହରବାସୀଙ୍କ ଦୀର୍ଘଦିନର ଦାବିକୁ ଗୁରୁତ୍ୱ ଦେଇ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ କଦମ୍ବପଡିଆଠାରେ ଏକ ନିର୍ବାଚନୀ ସଭାରେ ରେଢାଖୋଲ ସହରକୁ ମହାନଦୀରୁ ପାନୀୟ ଜଳ ଯୋଗାଇଦେବାକୁ ପ୍ରତିଶ୍ରୁତି ଦେଇଥିଲେ। ୧୩।୧।୨୦୧୩ରେ ତତ୍କାଳୀନ ରେଢାଖୋଲ ବିଧାୟକ ତଥା ଅର୍ଥମନ୍ତ୍ରୀ ପ୍ରସନ୍ନ ଆଚାର୍ଯ୍ୟଙ୍କ ଉପସ୍ଥିତିରେ ୨୩ କୋଟି ୮୯ ଲକ୍ଷ ୬୨ ହଜାର ଟଙ୍କା ବ୍ୟୟ ଅଟକଳରେ ଏହି ପ୍ରକଳ୍ପକୁ ମୁଖ୍ୟମନ୍ତ୍ରୀ ଶିଳାନ୍ୟାସ କରିଥିଲେ। ତେବେ ଏଥର ନିର୍ବାଚନକୁ ଦୃଷ୍ଟିରେ ରଖି ଅସମ୍ପୂର୍ଣ୍ଣ ପ୍ରକଳ୍ପକୁ ତରବରିଆ ଭାବେ ଉଦ୍‌ଘାଟନ କରାଯାଇଛି।

## ଛାତ୍ରନେତାଙ୍କୁ ଆକ୍ରମଣ ଅଭିଯୋଗ

**ଚାନ୍ଦବାଲି, ୮।୩ (ଡି.ଏନ.ଏ.)**

ଚାନ୍ଦବାଲି ବିଧାୟକ ବ୍ୟୋମକେଶ ରାୟ ଶୁକ୍ରବାର ଭୂଇଁବୃତି ପଞ୍ଚାୟତର କେତେକ ପ୍ରକଳ୍ପ ଉଦ୍‌ଘାଟନ ଓ ଶିଳାନ୍ୟାସ କରିବାକୁ ଯାଇଥିଲେ। ତାଙ୍କ ସହିତ ଛାତ୍ର ବିଜେଡିର ରାଜ୍ୟ ସମ୍ପାଦକ ପ୍ରିନ୍ସ ରାକେଶ ନାୟକ ଓ ଅନ୍ୟ ନେତୃବୃନ୍ଦ ଏକ ଶୋଭାଯାତ୍ରାରେ ଯାଇଥିଲେ। ଗରିପୁର ଗାଁର ଏକ ପ୍ରକଳ୍ପ ଶିଳାନ୍ୟାସ କରିବାକୁ ଯିବାବେଳେ ସେହି ଗାଁର ଚନ୍ଦନ ଦାସ ନାମକ ଜଣେ ଯୁବକ ପୂର୍ବଶତ୍ରୁତାକୁ କେନ୍ଦ୍ର କରି ଛାତ୍ରନେତା ନାୟକ ଓ ଅନ୍ୟ ଦୁଇଜଣଙ୍କୁ ଆକ୍ରମଣ କରିଥିବା ଚାନ୍ଦବାଲି ଥାନାରେ ଅଭିଯୋଗ ହୋଇଛି। ଏହି ଘଟଣାରେ ଆକ୍ରମଣର ଶିକାର ହୋଇଥିବା ୩ ଜଣ ଥାନାରେ ପୃଥକ୍ ଲିଖିତ ଅଭିଯୋଗ କରିଛନ୍ତି। ଏ ନେଇ କାଳନ୍ଦୀ ଦାସଙ୍କ ଅଭିଯୋଗ କ୍ରମେ ପୋଲିସ ଏକ ମାମଲା(ନଂ.୬୧/୧୯) ରୁଜୁ କରିଛି। ଆକ୍ରମଣକାରୀଙ୍କୁ ଗିରଫ ଦାବିରେ ଛାତ୍ରନେତା ନାୟକଙ୍କ ସମର୍ଥକମାନେ ଅପରାହ୍ନରେ ଚାନ୍ଦବାଲି ଥାନା ଘେରାଉ କରିଥିଲେ। ପୋଲିସ ଘଟଣାସ୍ଥଳକୁ ଯାଇ ତଦନ୍ତ କରିଛି। ଅଧିକ ତଦନ୍ତ ଜାରି ରହିଥିବା ଥାନାଧିକାରୀ ତାପସ ପ୍ରଧାନ ସୂଚନା ଦେଇଛନ୍ତି।

## ନିଷ୍ଠା, ଉଦ୍ୟମ ଆଣିଦେଇଛି ସଫଳତା

**ଆରଡ଼ି, ୮।୩ (ଡି.ଏନ.ଏ.)**



ନିଜ ଦୋକାନରେ ସୁଜାତା।

ପିଲାଦିନୁ ପୋଲିଓରେ ଆକ୍ରାନ୍ତ ସୁଜାତା। ଡାହାଣ ଗୋଡ଼ ଅଚଳ। ଡାହାଣ ଆଖି ମଧ ନଷ୍ଟ ହୋଇଯାଇଛି। ଝିଅର ଏପରି ଅବସ୍ଥା ଦେଖି ଦୁଃଖରେ ଭାଙ୍ଗି ପଡ଼ିଥିଲେ ମା'ବାପା। ତଥାପି ଝିଅକୁ ପାଠ ପଢ଼ାଇ ମଣିଷ କରିବାକୁ ଲକ୍ଷ୍ୟ ରଖିଥିଲେ। ଭିନ୍ନକ୍ଷମ ହୋଇଥିବାରୁ ସୁଜାତା ଦୂର ସ୍ଥାନକୁ ଯାଇ ପାଠପଢ଼ି ପାରିଲେନି। ଯୁକ୍ତ ୨ ପାସ୍ ପରେ ପାଠପଢ଼ାରେ ଡୋରି ବନ୍ଧା ହୋଇଥିଲା। କିନ୍ତୁ ମା'ବାପାଙ୍କ ଉପରେ ବୋଝ ନ ହୋଇ ମଠଡିହ ବଜାରରେ ଏକ ଲେଡିଜ କର୍ନର ଖୋଲି ଆତ୍ମନିର୍ଭରଶୀଳ ହେବା ସହ ଭିନ୍ନକ୍ଷମଙ୍କ ପାଇଁ ପ୍ରେରଣା ସାଜିଛନ୍ତି। ଆନ୍ତରିକ ଇଚ୍ଛା ଓ ଅକ୍ଳାନ୍ତ ପରିଶ୍ରମ ଆଗକୁ ବାଟ କଢ଼ାଇ ନେଇଥାଏ। ତାଙ୍କର ନିଷ୍ଠା ଓ ଉଦ୍ୟମ ତାଙ୍କୁ ସଫଳତା ଆଣିଦେଇଛି ବୋଲି ସେ କହିଛନ୍ତି।

ଭଦ୍ରକ ଜିଲା ଚାନ୍ଦବାଲି ବ୍ଲକ ଅନ୍ତର୍ଗତ ଓଳଗ ଗାଁରେ ସୁଜାତାଙ୍କ ଘର। ବାପା ଶରତ ନାୟକ ଜଣେ କ୍ଷୁଦ୍ର ବ୍ୟବସାୟୀ। ମା' ଭାରତୀ ଗୃହିଣୀ। ୧୯୯୯ ମସିହାରେ ଯୁକ୍ତ ୨ ପଢ଼ା ଶେଷ ପରେ ଆତ୍ମନିର୍ଭରଶୀଳ ହେବାକୁ ଉଦ୍ୟମ ଆରମ୍ଭ କରିଥିଲେ ସୁଜାତା। ଛୋଟ ପିଲାଙ୍କ ସହ ସମୟ କାଟିବାକୁ ମନସ୍ଥ କରି ଟ୍ୟୁଶନ ଆରମ୍ଭ କଲେ। ସେଥିରୁ ଯାହା ଟଙ୍କା ମିଳୁଥିଲା ନିଜର ଗୁଜୁରାଣ ମେଣ୍ଟାଉଥିଲେ। ସେଥିରୁ କିଛି ଅର୍ଥ ସଞ୍ଚୟ କରି ଭବିଷ୍ୟତ ଜୀବନ ପାଇଁ ବାଟ ଖୋଜୁଥିଲେ। ୬୦ ପ୍ରତିଶତ ଶାରୀରିକ ଅକ୍ଷମ ପ୍ରମାଣପତ୍ର ପାଇଥିଲେ ବି ତାଙ୍କୁ ମିଳୁ ନ ଥିଲା ଭିନ୍ନକ୍ଷମ ଭତ୍ତା। ନିଜେ ଚେଷ୍ଟା କରି ବହୁ ନେତାଙ୍କୁ ଧରାଧରି କରି ଏବେ ସେ ମାସିକ ୭୦୦ଟଙ୍କା ଭତ୍ତା ପାଉଛନ୍ତି। ଏହାବ୍ୟତୀତ ତାଙ୍କୁ ୧୦ କିଲୋ ଚାଉଳ ସରକାରଙ୍କ ତରଫରୁ ମିଳୁଛି। ଏତିକିରେ ସନ୍ତୁଷ୍ଟ ନ ହୋଇ ଆଗକୁ ବଢ଼ିବାର ସ୍ୱପ୍ନ ନେଇ ମଠଡିହ ବଜାର ଉପରେ ଏକ ଲେଡିଜ କର୍ନର ଖୋଲି ବ୍ୟବସାୟ କରୁଛନ୍ତି। ସାମାଜିକ କାର୍ଯ୍ୟକ୍ରମରେ ବି ସେ ବହୁ ଆଗରେ। ଓଳଗ ପ୍ରଗତି ଯୁବକ ସଂଘର ସଭାନେତ୍ରୀ ଭାବେ ସେ ଦାୟିତ୍ୱ ତୁଲାଉଛନ୍ତି। ଅନ୍ୟ ଭିନ୍ନକ୍ଷମମାନଙ୍କୁ ସ୍ୱାବଲମ୍ବୀ କରିବାକୁ ସେ ଗାଁ ଗାଁ ବୁଲି ତଥ୍ୟ ସଂଗ୍ରହ କରି ଚେଷ୍ଟା ଜାରି ରଖିଛନ୍ତି। ନିକଟରେ ସେ ଆରଡ଼ି ପଞ୍ଚାୟତରେ ମାସିକ ୪ ହଜାର ଟଙ୍କା ଦରମାରେ ଏକ କାମ ପାଇଛନ୍ତି। ଆନ୍ତର୍ଜାତିକ ମହିଳା ଦିବସରେ ୩୮ ବର୍ଷୀୟା ସୁଜାତାଙ୍କ ସୁକର୍ମ ପାଇଁ ବିଭିନ୍ନ ସାମାଜିକ ସଂଗଠନ ତାଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।

## ଫଟୋରେ ଖବର



ଶୁକ୍ରବାର ସମ୍ବଲପୁର ଜେସିଆଇ ଦ୍ୱାରା ଆୟୋଜିତ ମିନି ମାରାଥନକୁ ଅତିଥିମାନେ ପତାକା ଦେଖାଇ ଉଦ୍‌ଘାଟନ କରୁଛନ୍ତି ।




ମିନି ମାରାଥାନର ଜରେ କୃତୀ ପ୍ରତିଯୋଗୀଙ୍କୁ ବିଧାୟିକା ରାସେଶ୍ୱରୀ ପାଣିଗ୍ରାହୀ ପୁରସ୍କୃତ କରୁଛନ୍ତି ।




ଶୁକ୍ରବାର ସମ୍ବଲପୁର ଡିଆରଏମ ଅଫିସ ସମ୍ମୁଖରେ ଅଖିଳ ଭାରତୀୟ ତହସିଲ ଜାତି ଓ ଜନଜାତି ରେଳବାଇ କର୍ମଚାରୀ ସଂଘ ପକ୍ଷରୁ ଧାରଣା ଦିଆଯାଇଛି ।




ରେଙ୍ଗାଲି ନିର୍ବାଚନ ମଣ୍ଡଳୀରେ ବିକାଶ ହୋଇ ନ ଥିବା ଗୋଶାଳା ମାର୍କେଟ ୟାର୍ଡଠାରେ ବିଏସ୍‌ପି ଅଭିଯୋଗ କରୁଛି।




ଭାଜପା ପକ୍ଷରୁ ହାତୀ ଉପଦ୍ରବ ଯୋଗୁ କ୍ଷୟକ୍ଷତି ଆକଳନ ଓ କ୍ଷତିପୂରଣ ଦାବିରେ ସମ୍ବଲପୁର ଡିଏଫଓ ଅଫିସ ସମ୍ମୁଖରେ ବିକ୍ଷୋଭ କରାଯାଉଛି ।



ସମ୍ବଲପୁର ଜିଲାପାଳଙ୍କ ଅଫିସ ସମ୍ମୁଖରେ ମହିଳା ଭାଜପା କର୍ମୀ ଓ ନେତାମାନେ ମଦ ବିରୋଧରେ ବିକ୍ଷୋଭ ପ୍ରଦର୍ଶନ କରୁଛନ୍ତି ।

ସୁଖ ସମୟରେ ଭଗବାନଙ୍କୁ ସ୍ମରଣ କଲେ, ଦୁଃଖ କେବେ ମନୁଷ୍ୟ ପାଖକୁ ଆସେ ନାହିଁ। ଯଦିବା ଆସେ ତେବେ ସୁଖ ଦୁଃଖର ତଫାତ୍ ତାକୁ ଜଣାପଡ଼େ ନାହିଁ।
-ସନ୍ଥ କବୀର ଦାସ

ଯୁକ୍ତ୨ ପରୀକ୍ଷା

# ଓଡ଼ିଆରେ କପିକରି ଧରାପଡ଼ିଲେ ୩୦

ଭୁବନେଶ୍ୱର,୮।୩(ବ୍ୟୁରୋ)

ଯୁକ୍ତ୨ ପରୀକ୍ଷାର ଦ୍ୱିତୀୟ ଦିନରେ ୩୦ଜଣ ପରୀକ୍ଷାର୍ଥୀ କପିକରି ଧରାପଡ଼ିଛନ୍ତି। ଶୁକ୍ରବାର ଯୁକ୍ତ୨ କଳାର ମାତୃଭାଷା (ଓଡ଼ିଆ) ପରୀକ୍ଷା ଥିଲା। ଏଥିରେ କପିକରି ଧରାପଡ଼ିଥିବା ୩୦ଜଣଙ୍କୁ ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ(ସିଏଚ୍ଏସ୍ଇ) ପକ୍ଷରୁ ମାଲ୍ପ୍ରାକ୍ଟିସ୍ (ଏମ୍ପି) କରାଯାଇଛି ବୋଲି ପରିଷଦ ଉପାଧ୍ୟକ୍ଷ ପ୍ରବୋଧ କୁମାର ପଣ୍ଡା ସୂଚନା ଦେଇଛନ୍ତି। ତେବେ ଚଳିତବର୍ଷ ପରୀକ୍ଷା ସୁପରିଚାଳନା ପାଇଁ ସୁରକ୍ଷା ବ୍ୟବସ୍ଥାକୁ କଡ଼ାକଡ଼ି କରାଯାଇଛି। ପ୍ରଥମ ଦିନ ପରେ ଦ୍ୱିତୀୟ ଦିନରେ ବି ସିଏଚ୍ଏସ୍ଇ ଅଧ୍ୟକ୍ଷ ଅମରେନ୍ଦ୍ର ପଟ୍ଟନାୟକ ଭୁବନେଶ୍ୱର ଓ ଏହାର ନିକଟବର୍ତ୍ତୀ ପରୀକ୍ଷା କେନ୍ଦ୍ରଗୁଡ଼ିକୁ ବୁଲି ଦେଖିଛନ୍ତି। ଶନିବାର ଯୁକ୍ତ୨ ବିଜ୍ଞାନ ଓ ବାଣିଜ୍ୟର ଇଂଲିଶ ବିଷୟ ପରୀକ୍ଷା ରହିଛି।

# ମହିଳାଙ୍କୁ ରୋଜଗାର ମୋଦି ସରକାରଙ୍କ ପ୍ରାଥମିକତା: ଧର୍ମେନ୍ଦ୍ର

## ସ୍କିଲ୍ ଇଣ୍ଡିଆ ଏବଂ ମହିଳା ଓ ଶିଶୁ ବିକାଶ ମନ୍ତ୍ରଣାଳୟ ମଧ୍ୟରେ ବୁଝାମଣା ପତ୍ର ସ୍ୱାକ୍ଷରିତ

ଭୁବନେଶ୍ୱର,୮।୩ (ବ୍ୟୁରୋ)

ଆନ୍ତର୍ଜାତିକ ମହିଳା ଦିବସ ଅବସରରେ ଭାରତ ସରକାରଙ୍କ ସ୍କିଲ୍ ଇଣ୍ଡିଆ ଓ ମହିଳା ଏବଂ ଶିଶୁ ବିକାଶ ମନ୍ତ୍ରଣାଳୟ ମଧ୍ୟରେ ଏକ ବୁଝାମଣା ପତ୍ର ସ୍ୱାକ୍ଷରିତ ହୋଇଛି। କେନ୍ଦ୍ରମନ୍ତ୍ରୀ ମାନେକା ଗାନ୍ଧୀଙ୍କ ଉପସ୍ଥିତିରେ ଶୁକ୍ରବାର ନୂଆଦିଲ୍ଲୀଠାରେ ଏହା ସ୍ୱାକ୍ଷରିତ ହୋଇଛି। ଉତ୍ତମ କୌଶଳ ବିକାଶ ମାଧ୍ୟମରେ ମହିଳାଙ୍କୁ ରୋଜଗାରକ୍ଷମ କରିବା ଦୃଷ୍ଟିରୁ ଏହି ବୁଝାମଣା ପତ୍ର ସ୍ୱାକ୍ଷରିତ ହୋଇଛି। ମହିଳାଙ୍କୁ ରୋଜଗାର ମୋଦି ସରକାରଙ୍କ ପ୍ରାଥମିକତା ବୋଲି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କହିଛନ୍ତି । ଧର୍ମେନ୍ଦ୍ର କହିଛନ୍ତି ଯେ, ଏହି ବୁଝାମଣା ପତ୍ର ଫଳରେ ରାଷ୍ଟ୍ରୀୟ ମହିଳା କୋଷ (ଆରଏମ୍କେ)



କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଏବଂ ମାନେକା ଗାନ୍ଧୀ ବୁଝାମଣା ପତ୍ର ସ୍ୱାକ୍ଷର ସମୟରେ ଉପସ୍ଥିତ ଅଛନ୍ତି।

ଏବଂ ରାଷ୍ଟ୍ରୀୟ କୌଶଳ ବିକାଶ ନିଗମ (ଏନ୍ଏସ୍ଡିସି) ଆବଶ୍ୟକ କୌଶଳର ଚିହ୍ନଟ କରିବା ପାଇଁ ମିଳିତ ଭାବେ କାର୍ଯ୍ୟ କରିବ। ଏହା ବ୍ୟତୀତ ରାଷ୍ଟ୍ରୀୟ କୌଶଳ ଯୋଗ୍ୟତା ଫ୍ରେମ୍ୱାର୍କ ସହ ଜଡିତ ପାଠ୍ୟକ୍ରମକୁ ବିକଶିତ କରିପାରିବ। କୌଶଳ ପ୍ରଶିକ୍ଷଣ ପ୍ରଦାନ ମଧ୍ୟ କରିବ। ଉଦ୍ୟମିତା କ୍ଷେତ୍ରରେ ଇଚ୍ଛୁକ ଥିବା ଏନ୍ଏସ୍କ୍ୟୁଏଫ୍ ସାର୍ଟିଫିକେଟ୍ ପ୍ରାପ୍ତ ମହିଳାଙ୍କ ପାଇଁ କର୍ମଶାଳା ଆୟୋଜନ କରାଯିବ ଏବଂ ଏହା ସେମାନଙ୍କୁ 'ମହିଳା ଇ-ହାଟ୍ ପ୍ଲାଟଫର୍ମ'ରେ ସାହାଯ୍ୟ କରିବ। ମହିଳାଙ୍କ ଭଲ ଏବଂ ଉଜ୍ଜ୍ୱଳ ଭବିଷ୍ୟତ ପାଇଁ ଆଜି ଉପଯୁକ୍ତ ସମୟ। ମହିଳାମାନେ ନୂଆ ଭାରତ ନିର୍ମାଣ କରିବାରେ ଏକ ମହତ୍ତ୍ୱପୂର୍ଣ୍ଣ ଭୂମିକା ବହନ କରୁଛନ୍ତି ବୋଲି ଧର୍ମେନ୍ଦ୍ର କହିଛନ୍ତି।

ଠିକା ଶିକ୍ଷକ ନିଯୁକ୍ତି ମାମଲା: ସ୍ୟାଟ୍‌ଙ୍କ ଗୁରୁତ୍ୱପୂର୍ଣ୍ଣ ଆଦେଶ

# ଆଶାୟୀଙ୍କୁ ମିଳିଲା ୨ବର୍ଷ ସମୟ

କଟକ ଅଫିସ, ୮।୩

ଠିକା ଶିକ୍ଷକ ନିଯୁକ୍ତି ମାମଲାରେ ସ୍ୟାଟ୍ ଗୁରୁତ୍ୱପୂର୍ଣ୍ଣଆଦେଶ ଦେଇଛନ୍ତି। ଏହିଆଦେଶ ଅନୁଯାୟୀ ୨୦୧୯ ଜାନୁୟାରୀ ପହିଲା ସୁଦ୍ଧା ଯେଉଁ ଆଶାୟୀ ପ୍ରାର୍ଥୀମାନଙ୍କ ବୟସ ୨୧ରୁ ୩୨ ବର୍ଷ ମଧ୍ୟରେ ହୋଇଥିବ ସେମାନେ ଠିକା ଶିକ୍ଷକ ପଦବୀ ପାଇଁ ଆବେଦନ କରିପାରିବେ। ଏମାନଙ୍କ ଆବେଦନପତ୍ରକୁ ରାଜ୍ୟ ସରକାର ଗ୍ରହଣ କରିବା ସହିତ ସେମାନଙ୍କୁ ନିଯୁକ୍ତି ପରୀକ୍ଷା ପାଇଁ ସୁଯୋଗ ଦେବାକୁ ସ୍ୟାଟ୍ ରାଜ୍ୟ ସରକାରଙ୍କୁ ଆଦେଶ ଦେଇଛନ୍ତି। ସରକାରଙ୍କ ଠିକା ଶିକ୍ଷକ ନିଯୁକ୍ତି ବିଜ୍ଞପ୍ତିକୁ ଚ୍ୟାଲେଞ୍ଜ କରି ରୁଜୁ ହୋଇଥିବା ମାମଲାର ଶୁଣାଣି କରି ସ୍ୟାଟ୍ ଶୁକ୍ରବାର ଉପରୋକ୍ତ ଆଦେଶ ଦେବା ସହିତ ରାଜ୍ୟ ସରକାରଙ୍କୁ ଜବାବ ଦାଖଲ ନିମନ୍ତେ ନୋଟିସ ଜାରି କରିଛନ୍ତି। ସୂଚନାଥାଉକି, ରାଜ୍ୟ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ପକ୍ଷରୁ ଠିକା ଶିକ୍ଷକ ନିଯୁକ୍ତି ନିମନ୍ତେ ଗତ ଫେବୃୟାରୀ ୨୩ରେ ବିଜ୍ଞପ୍ତି ପ୍ରକାଶ ପାଇଥିଲା। ଏଥିରେ ୨୦୧୭ ଜାନୁୟାରୀ ପହିଲା ସୁଦ୍ଧା ଯେଉଁମାନଙ୍କ ବୟସ ୨୧ରୁ ୩୨ ବର୍ଷ ମଧ୍ୟରେ ହୋଇଥିବ ସେମାନେ ହିଁ କେବଳ ଆବେଦନ ପାଇଁ ଯୋଗ୍ୟ ପ୍ରାର୍ଥୀ ବୋଲି ବିଜ୍ଞପ୍ତିରେ କୁହାଯାଇଥିଲା। ସରକାରଙ୍କ ଏଭଳି ବିଜ୍ଞପ୍ତି ଯୋଗୁ ଅନେକ ଆଶାୟୀ ଆବେଦନ କରିବାରୁ ବଞ୍ଚିତ ହୋଇଥିଲେ। ଫଳରେ ସେମାନେ ସ୍ୟାଟ୍‌ଙ୍କ ଦ୍ୱାରସ୍ଥ ହୋଇଥିଲେ। ଆବେଦନକାରୀଙ୍କ ପକ୍ଷରୁ ଆଡଭୋକେଟ ସୁଶାନ୍ତ କୁମାର ମିଶ୍ର ମାମଲା ପରିଚାଳନା କରୁଛନ୍ତି।


ଧରିତ୍ରୀ DHARITRI

# CAREER APPOINTMENT

every Wednesday & Saturday

ନିଶୁଳ୍କ ଭର୍ତ୍ତି OMIରେ ପୁଅ/ ଝିଅର ଆବଶ୍ୟକତା
BRANCH MANAGER -30 NOS,
ASSISTANCE MANAGER - 20 NOS
OFFICE EXECUTIVE - 15 NOS
Qualification - 10th to Graduation Free ନିଯୁକ୍ତି Permanent Job . (Age 18-28) ଟ୍ରେନିଂ + ରହିବା (Free)
ଆୟ - 6500-8500 ଟ୍ରେନିଂ ପରେ 25000/- ରୁ 45000/-
OMI MANAGEMENT
Plot no : 551, Samantarapur Chhak, Behind Reliance Fresh, Bhubaneswar
Ph : 7992848615, 9114237051

URGENT REQUIRED
1. Auto Cadd - 05 nos.
2.Site Er - Diploma Civil / Matric to Graduate - 50 nos.
Cont: 7873563668/ 7077415089

WANTED
DTP OPERATOR
High Salary for Page Maker Publication, Bapuji Nagar, BBSR.
Contact:-
9861150770, 6370523254

URGENT REQUIRED
ନିଜ ଜିଲ୍ଲାରେ ରହିବା, ଖାଇବା ସୁବିଧା ଦିଆଯିବ। ଦରମା: 27,000/, ଶିକ୍ଷାଗତ ଯୋଗ୍ୟତା: 8th to 10th & above.
Contact: 8339922964

URGENTLY REQUIRED
ଜିଲ୍ଲା ଓ ବ୍ଲକ୍ ସ୍ତରୀୟ ନିଯୁକ୍ତି
ନିଜ ନିଜ ପଞ୍ଚାୟତସ୍ତରରେ କାମ କରିବାପାଇଁ ODISHA ର ପ୍ରତ୍ୟେକ ଜିଲ୍ଲାରୁ ଆବଶ୍ୟକ
Qual. 7th, 10th, +2, +3 ଓ ITI candidate
Salary : Rs. 8,000 To Rs.45,000
9178134788

ଲଣ୍ଡ୍ରି କମ୍ପାନୀ ନିମନ୍ତେ ଆବଶ୍ୟକ
• ଡ୍ରାଇଭର (ଅଟୋ ଏବଂ ଟାଟା ମ୍ୟାଜିକ୍)
• ଆଇରନ କାରିଗର
8018172594, 9078000108

WANTED
For a photo lamination & framing business core house at Bhubaneswar. (1). For photo framing work-Male/ Female candidate under matric/ matric require for photo framing work (preferable for female candidate) (2). Computer operator-Male/Female candidate having knowledge in photoshop and coral draw (salary negotiable)
Contact No-9337170743
9337170744

WALK IN INTERVIEW
BLOSSOMS SCHOOL
Address: Plot No.5 (GA), Bharatpur, Bhubaneswar
Affiliated to CBSE, New Delhi
Wanted TGT teachers with English medium background for the following subjects:
1. English
2. Social Science
Date of Interview: 11.03.2019 (Monday), Time: 9.30AM to 1.00PM
Contact No. 9937478699
Email: jobsblossoms@gmail.com

ଆବଶ୍ୟକ
ଭୁବନେଶ୍ୱରରେ ରହି ଘରକାମ କରିବା ପାଇଁ ଝିଅ ଆବଶ୍ୟକ। ରହିବା ଓ ଖାଇବା ମାଗଣା।
ଯୋଗାଯୋଗ:-
9776669970

Urgent Required
DTP (High Salary) Operator Required For SK PUBLISHERS BBSR
9040050905, 9778834794

WANTED DRIVER
Experienced DRIVER for Private Car. Free Accommodation available.
59, Forest Park, In front of BJD Office, New Airport Chhak, Bhubaneswar.
Contact:-
7205027232, 9078177308

ସୁବର୍ଣ୍ଣ ଅବସର "ଭୁବନେଶ୍ୱର ଓ କଟକ"
ବାଇକ ଚାଳକ ପାଇଁ ଚାକିରି
(ପାର୍ଟ ଟାଇମ ଆଉ ଫୁଲ୍ ଟାଇମ ଚାକିରି ଉପଲବ୍ଧ)
Rs. 24000/- ପର୍ଯ୍ୟନ୍ତ ପ୍ରତି ମାସ କମାନ୍ତୁ
ଆବଶ୍ୟକ: Bike / Scooter, RC, DL ଆଉ Android ମୋବାଇଲ
Call: 01139585136, 7978604069
RAPIDO BIKE TAXI, C/O SAMIR KUMAR MOHANTY, 3RD FLOOR, NEAR KUSUMDEVI WOMENS COLLEGE, DARKHAPATNA KALYANI NAGAR, P.S. MADHUPATNA, CUTTACK.
(For Bhubaneswar & Cuttack)

Urgently Required
INDIAN COOK: 2Nos., • House Keeper: 1 No., • Waiter: 2 Nos., • Tourist car Driver: 5 Nos. (License with heavy badge).
Walk in Interview on 10.03. & 14.03.2019 (10 AM to 2 PM). At: 24 X 7 Residency, Plot No. 13 West, Ashok Nagar, (Behind Khadi Niketan), BBSR.
Contact: 0674-2533704
(only in office hour)

GOGGLE INTERIOR
Construction Plan & Interior Architecture Designer- 2D, 3D Plan Requirement.
: Only Beautiful - Girls :
Qualification - Any Degree
Job- Salary open
Mob- 9658961167
9437516591,BBSR

PARADIP PORT TRUST
PARADIP PORT-754 142, ODISHA (INDIA)
(An autonomous body under Ministry of Shipping, Govt. of India)
SAGARMALA
No.AD/RSC-I-21/66/2011/753 Dated, the 05th March, 2019
ADVERTISEMENT
Applications are invited from Indian Nationals for filling up following Class-I posts on Direct Recruitment basis in Paradip Port Trust.
1. Dy. C.M.O., Surgery : 1 Post
2. Dy. C.M.O., Obstetrics & Gynecology : 1 Post
3. Dy. C.M.O., Pediatrics : 1 Post
4. Dy. C.M.O., Orthopedic : 1 Post
5. Dy. C.M.O., Pathology : 1 Post
6. Dy. C.M.O., Anesthesiology : 1 Post
7. Dy. C.M.O., Ophthalmology : 1 Post
For further details, refer to our website: www.paradipport.gov.in. Last date is 10.04.2019.
Sr. Dy. Secretary
For Secretary
PPT/PR/676/18-19, DT.08.03.2019

ଭୁବନେଶ୍ୱରରେ ରହିବାର ସୁବିଧା ଥାଇ ଦୋକାନ ପାଇଁ ପିଲା ଆବଶ୍ୟକ। ଶୀଘ୍ର ଯୋଗାଯୋଗ :
9437001718

SECURITY JOB
Giss ଆବଶ୍ୟକ କରୁଛି କଟକ, ଜଗତପୁର, ଟାଙ୍ଗି ଏବଂ ଭୁବନେଶ୍ୱର ପାଇଁ ୩୦ ଜଣ ସିକ୍ୟୁରିଟି ଗାର୍ଡ, ୫ ଜଣ ସୁପରଭାଇଜର ଏବଂ ୨ ଜଣ ୟୁନିଟ୍ ମ୍ୟାନେଜର।
GISS SECURITY SERVICES PVT. LTD., Gopalpur, Cuttack-II
Contact : 8118061091, 9861744455

REQUIRED
St. Francis Xavier's High School, Palasuni, Canal Road (Experienced B.Ed, Teacher), Math: 5 Nos, Hindi B.Ed Teachers : 3 Nos, Science : 3 Nos, Comp : 2 Nos., SST : 3 Nos., NTT: 5 Nos, Care Taker : 5 Nos, Driver/Peon : 5 Nos.
Contact Ph : 06742371191
Mob : 9861124368, 9348317802

WANTED
1. Quality Incharge- (5 Nos.), Qua: Bsc. Graduate, 2. Maintenance Engineer, Qua: B.Tech., Diploma, ITI, 3. Tele Caller (Female 5 Nos.), 4. Sales Executive- (10 Nos.), 5. Labour- (50 Nos.).
7978787142, 7077700103

DOMINOS PIZZA HIRING
Delivery Boy Full Time / Part Time
Salary Rs. 9000/- to 10,000/- per month + Incentive.
Qualification: 10th Pass
Driving License Must.
CALL: 7661887314

ଚେନ୍ନାଇରେ ଚାକିରି + ରୁମ୍। ହିନ୍ଦୀ କହିପାରୁଥିବେ। ଅଭିଜ୍ଞତା ଜରୁରୀ। ଘରୋଇ ରୋଷେୟା । ସେବକ । ବ୍ୟକ୍ତିଗତ ସହାୟକ । ଅଗରୱାଲ, ଏଫ୍ଏଫ୍ଏଫ୍
9884761210

RENAULT Passion for life
RENAULT BHUBANESWAR
Gargson Automobile Pvt.Ltd. professionals for its dealership across Odisha, opportunities exist for the following positions:-
- GM(SALES/SERVICE): Must be graduate/MBA/Diploma or, Degree having 10 to 12 years experience in managing sales and service operation of any 4 wheelers passenger car dealership.
- SALES MANAGER: Graduate or MBA( Marketing ) having 5 to 6 years experience of any 4 wheelers dealership handling of sales.
- CUSTOMER RELATIONSHIP MANAGER (Sales): Any graduate with 3-5 yrs experience of work experience in sales customer care of any automobile dealership.
- CUSTOMER RELATIONSHIP EXECUTIVE (Sales): Any graduate with 1-2 yrs experience of work experience in sales customer care of any automobile dealership.
- TEAM LEADER: Graduate/MBA having 3 to 4 years experience in auto sales and finance in 4 wheelers dealership.
- RESIDENTIAL SALES EXECUTIVE: Graduate having at least 1 year experience in automobile for Balasore, Bhadrak, Baripada, Bargarh, Boudha, Koraput, Jaypore, Berhampur(Ganjam), Sonpur, Raygada, Bhawanipatna, Bolangiri, Puri, Nayagarh, Paradeep, Jajpur, Nimapada & Balugaon.
- SALES CONSULTANTS: Graduate/MBA having at least 1 year experience in automobile of any 2 wheeler or 4 wheeler dealership.
- SERVICE MANAGER: Degree or Diploma in automobile/Mechanical having 7 to 8 years experience in 4 wheelers dealership workshop.
- PARTS MANAGER: Graduate having 5 to 6 years experience in automobile sector of any 4 wheelers dealerships.
- CUSTOMER CARE MANAGER (Service): Any graduate with 1 to 3 yrs. experience of work experience in service customer care of any automobile dealership
- BODYSHOP MANAGER: Degree or Diploma in automobile/accidental having 3 to 5 years of experience in 2/3/4 wheeler dealership bodyshop.
- SERVICE ADVISOR: Diploma in automobile engg. having 1 to 2 years experience with valid driving license of any 4 wheelers dealership.
- FLOOR MANAGER: Degree or Diploma in automobile having 3 to 5 years of experience in 2/3/4 wheeler dealership mechanical shop.
- PARTS PICKER: 10-12th Pass having 2 to 3 years of parts experience in automobile sector of any 4 wheelers dealerships.
- TECHNICIAN: ITI/DIPLOMA in automobile having at least 1year experience in any 4 wheelers dealership/ Garage.
- RECEPTIONIST: Graduate having good looking with pleasant personality, fluent in English having knowledge in customer dealing and computer operation, preference will given to candidates from automobile sector.
- Co-Tech: Must be a technical manager or technical head any 4wheeler automobile dealership.
- E-Tech: Must be a diploma in automobile at least 2 to 4 yr experiences in electronics works of any 4 wheeler automobile dealership.
- PAINTER: Work in a dealership/Garage in body operation, color matching & painting having 1 to 2 years experience.
- DENTOR: Worked in a dealership/Garage in 4 wheelers shop having 1 to 2 years experience in a 4 wheelers denting section.
- WASHING BOY: 7th pass and worked in a dealership or Garage of any automobile for 1 to 2 years.
- CHARTERED ACCOUNTANT: Must be ICWA/FCA having 5-7 years of financial firm handling experience.
- COMPANY SECRETARY: Must be CS having 2-3 years of similar field experience.
- ADMIN MANAGER: Graduate having 5 to 10 years experience in admin from any segment preference will given from automobile sector(PF, ESIC, Labour Law, Liasioning)age must be with in;40-45yrs.
- HR (EXECUTIVE): Must be MBA (HR) having good exposure to EPF, ESI, Bonus. Preference will given the candidate from automobile sector.
- ACCOUNTANT: Well versed in GST, Taxation, TDS & all other statutory norms, having 3-5years experience in any segment.
- DRIVER: 9th pass with valid license having 2 to 3 years experience in 4 wheelers driving. Preference will given from automobile sector.
- PEON: 1-2 yrs experience in similar field.
- GARDNER: 1-2yrs experience in similar field.
- COOK: 10th pass with 2-3yrs.experience in cooking and housekeeping.

Salary will not be a constraint for deserving candidates.
Interested candidates may send their resume to:-
edp.bhubaneswar@renault-india.com or siddharth9909@gmail.com
Contact No.: 0674-6668822/6667709
Renault, Bhubaneswar, Nayapalli, NH-5, Bhubaneswar-751012

ଆବଶ୍ୟକ
ଭୁବନେଶ୍ୱର, କଟକ, ବ୍ରହ୍ମପୁର, ରାଉରକେଲା ଏବଂ ବାଲେଶ୍ୱର ପାଇଁ Office Staff ଆବଶ୍ୟକ। ଯୋଗ୍ୟତା:- 10th/above. Monthly Salary upto Rs.27,000/- (Part Time / Full Time)
Contact-9938676412

OFFICIALLY JOB
ଯୋଗ୍ୟତା:- ଦଶମ ପାସ୍/ଫେଲ୍, ବୟସ:- (18-40) Yrs. ମାସିକ ଦରମା upto Rs.25,000/-
Contact Immediately
Mob-8763257042

WANTED
Receptionist male / female and Service boys for Guest house in Bhubaneswar
CALL-9437016540

BERHAMPUR UNIVERSITY
BHANJABIHAR
BERHAMPUR-760007 (GANJAM)
No. 1732 Admin-II (NT) Date 06.03.19
ADVERTISEMENT
Applications in the prescribed form (5 copies) are invited for the Post of Programme Co-ordinator, N.S.S. (regular), Berhampur University on deputation basis for a period of three years from among the Lecturers in the University or affiliated colleges under Berhampur University with experience as Programme Officer (NSS) for at least three years have undergone NSS Orientation in a TOC/ TORC with not more than 50 years of age as on 01.02.2019. The application complete in all respect should reach in the office of the undersigned on or before 23.03.2019 by 5.00 PM. Applications received after due date shall not be entertained.

| Sl. No. | Name of the Post | Scale of Pay | Nature of appointment | No. of Post |
|---|---|---|---|---|
| 1 | Programme Co-ordinator, NSS | Scale of pay in the parent Post | On Foreign Service terms and conditions | 01 |

The details of qualifications, guidelines, terms & conditions and prescribed application form can be downloaded from the Berhampur University web-site www.buodisha.edu.in. The candidates submitting the application must pay the application fee of Rs. 500/- through SB Collect (SBI online), Berhampur University and the receipt of the deposit must be enclosed along with the filled in applications for confirmation of payment, failing which their applications shall not be considered.
By order of the Vice Chancellor
Sd./- REGISTRAR

We need a SALES GIRL (1 No.), Unmarried, preferably a Locallite for our Shop GINNI JEWELLERS, main Road, Khurda.
Contact No
9337220630
06755-220630

URGENTLY REQUIRED
Physics, Chemistry & Math teachers for an English medium School in Nagaland.
Qualification: B.Sc (Hons) /M.Sc.
Salary : Negotiable
:Send resume to :
zeerahaellis@gmail.com
Whatsapp : 08755653641

Life Punjabi TV/ Vats Media REQUIRES URGENTLY
- Receptionist*(F)
- Business and Marketing Manager*(M/F)
- Business Executive* (M/F)
- Event Manager* (F)
- Anchors* (M/F)
Fresher can apply
Whatsapp ur updated CV to
8837740007

CAPITAL FORD
Requires professionals for its dealership across Odisha, opportunity exists for the following positions:-
- SALES MANAGER: Graduate or MBA (Marketing) having 5 to 6 years experience of any 4 wheelers dealership handling sales.
- CUSTOMER RELATIONSHIP MANAGER: Having experience in similar field in automobile dealership with knowledge of customer handling, complain resolution, managerial ability to lead the team.
- FINANCE MANAGER: Graduates/MBA having 3-5 yrs. exp. in automobile finance or, auto loan finance.
- USED CAR MANAGER: Graduates/MBA having at least 3-5 yrs.exp. in automobile of any 2/3/4 wheeler dealership of used car sales.
- TEAM LEADER (Sales): Graduates/MBA having 3 to 4 years experience in auto sales and finance in 2/3/4 wheelers dealership.
- SALES CONSULTANT: Fresher graduates/MBA having at least 1 year experience in automobile of any 2/3/4 wheeler dealership.
- RESIDENTIAL SALES CONSULTANT: Graduate having at least 2-3 years experience in automobile for Koraput, Jaypore, Bhawanipatna & Baragarh.
- USED CAR CONSULTANT: Fresher Graduates/MBA having at least 1 year experience in automobile of any 2/3/4 wheeler dealership of used car sales.
- DELIVERY CO-ORDINATOR: Graduate having at least 1 year experience in automobile of any 2 wheeler or 4 wheeler dealership, with 4 wheeler driving experience.
- FLOOR MANAGER: Degree or Diploma in automobile / Mechanical having 3 to 5 years experience in 2/3/4 wheeler dealership workshop.
- SERVICE MANAGER: Must be Diploma or Degree in automobile having 8 to 10 years experience in managing a workshop in 4 wheelers dealership.
- PARTS MANAGER: Graduate having 5 to 6 years experience in automobile sector of any 2/3/4 wheeler dealership.
- PARTS PICKER: 10th-12th Pass having 2 to 3 years of parts experience in automobile sector of any 4 wheelers dealerships.
- BODYSHOP MANAGER: Degree or Diploma in automobile / Accidental having 3 to 5 years experience in 2/3/4 wheeler dealership bodyshop.
- FLOOR SUPERVISOR: Automobile Diploma, 1-3 yrs exp. in any automobile dealership handling body shop and floor.
- BODYSHOP ADVISOR: Degree or Diploma in automobile / Accidental having 2 to 3 years experience in 2/3/4 wheeler dealership bodyshop.
- SERVICE ADVISOR: Degree or Diploma in automobile / Mechanical having 2 to 3 years experience in 2/3/4 wheeler dealership mechanical shop.
- QUALITY INSPECTOR: ITI/DIPLOMA in automobile having atleast 2 to 3 years experience in any 4 wheelers dealership/Garage, should be fluent in communication, with 4 wheeler driving experience.
- RECEPTIONIST: Any Graduate having good looking with pleasant personality, fluent in English having knowledge in computer.
- TELE CALLER: Any Graduate or, MBA having atleast 1 year experience in automobile of any 2/3/4 wheeler dealership with tele calling and customer handling skill.
- BILLING EXECUTIVE: Any Graduate or, MBA having atleast 1year experience in automobile of any 2/3/4 wheeler dealership with relevant billing experience.
- PAINTER: Work in a dealership/ Garage in body operation, color matching & painting having 1 to 2 years experience.
- DENTOR: Worked in a dealership/ Garage in 4 wheelers shop having 1 to 2 years experience in a 2/3/4 wheeler denting section.
- ADMIN MANAGER: Graduate having 5 to 10 years experience in admin from any segment preference will given from automobile sector (PF, ESIC, Labour Law, Liasioning) age must be with in; 40-45yrs.
- CHARTARD ACCOUNTANT: Must be ICWA/FCA having 5-7 years of financial firm handling experience.
- COMPANY SECRETARY: Must be CS having 2-3 years of similar field experience.
- ACCOUNTANT: Well versed in GST, Taxation, TDS & all other statutory norms, having 3-5 years experience in any segment.
- COOK: 10th pass with 2-3 yrs. experience in cooking and housekeeping.
- GARDNER: 1-2 yrs. experience in similar field.
- PEON: 1-2 yrs experience in similar field.
- DRIVER: 9th pass with valid license having 2 to 3 years experience in 2/3/4 wheeler driving. Preference will be given from automobile sector.

Salary will not be a constraint for deserving candidates. Interested candidates may send their resume to:
Mail to- admin@capitalford.net, & siddharth9909@gmail.com, Contact No. 0674-6667709/6668822
CAPITAL FORD, SBI CHHAK, MANCHESWAR, BHUBANESWAR

An upcoming saloon requires the following personnel's at Bhubaneswar
1. MARKETING MANAGER: Graduate or MBA (Marketing) having 2 to 4 years experience of any product and concept marketing either from FMCG or, IT sector can also apply.
2. BUSINESS DEVELOPMENT MANAGER: Graduate or MBA (Marketing, Finance) having 2 to 3 years experience in any insurance sales or, loan dimensions.
3. CENTRE MANAGER: Graduate or MBA having 2 to 3 years of centre handling experience from any beauty segment or, has been working as a manager heading any company.
4. COUNSELLOR: 1-2yrs.experience of customer counseling from any industry or, from customer care background.
5. BEAUTICIAN: 1-3yrs. experience in any beauty parlor or, has under gone beauty course.
6. DIETICIAN: 2-3yrs. experience in diet counseling or, a nutritionist or, from home science background fresher's can apply.
7. HAIR DRESSER: 2-3yrs. experience in any beauty parlor.
8. THERAPIST: 2-3yrs. experience in any wellness centre.
9. GYM INSTRUCTOR: 2-3yrs.experience in any gym fitness trainer or, personal trainer in any wellness centre.
10. COOK: 1-2yrs. Experience in similar field.
11. ACCOUNTANT: Well versed in GST, Taxation, TDS & all other statutory norms, having 3-5years experience in any segment.

Salary is best in industry. Interested candidates may email their updated CV with latest PP size photograph.
Contact No.: 9040093804/0674-6668822, Email id: siddharth9909@gmail.com, chitra89@gmail.com, info@newleaf.org.in


ନୋଟିସ୍: ନିଯୁକ୍ତି ଓ କ୍ୟାରିୟର ପୃଷ୍ଠାରେ ଅନେକ ନିଯୁକ୍ତି ସମ୍ବନ୍ଧୀୟ ବିଜ୍ଞାପନ ପ୍ରକାଶ ପାଉଛି। ସମସ୍ତ ବିଜ୍ଞାପନ ବା ବିଜ୍ଞାପନଦାତାଙ୍କ ସତ୍ୟାସତ୍ୟ ଅନୁସନ୍ଧାନ କରିବା ଆମ ପକ୍ଷରେ ସମ୍ଭବପର ନୁହେଁ। ତେଣୁ ଯେଉଁ ବିଜ୍ଞାପନକୁ ଦେଖି ଆପଣ ଆବେଦନ କରୁଛନ୍ତି ବା ପରବର୍ତ୍ତୀ ସମୟରେ କୌଣସି ସମ୍ପର୍କ ସ୍ଥାପନ କରୁଛନ୍ତି ତାହା କରିବା ବେଳେ ନିଜର ବିବେକ, ବୁଦ୍ଧି ଖଟାଇ କରନ୍ତୁ। ବିଜ୍ଞାପନକାରୀ କମ୍ପାନୀ ପକ୍ଷରୁ ଅର୍ଥ ଦାବି କରାଗଲେ ତାହା ଦେବା ପୂର୍ବରୁ ନିଜ ସ୍ତରରେ ଅନୁସନ୍ଧାନ କରନ୍ତୁ। କୌଣସି ଅର୍ଥ ନେଣଦେଣ ପାଇଁ 'ଧରିତ୍ରୀ' ଦାୟୀ ରହିବ ନାହିଁ।

See CAREER APPOINTMENT on every Wednesday & Saturday



"ବାୟୁସେନା ପାଇଲଟମାନେ ପାକିସ୍ତାନର ନିର୍ଦ୍ଦିଷ୍ଟ ଆତଙ୍କବାଦୀ ଶିବିର ଧ୍ୱଂସ ମିଶନରେ ଥିଲେ। ସେମାନେ ପୁଷ୍ପ ବୃଷ୍ଟି କରିବାକୁ ଯାଇ ନ ଥିଲେ।
- ରାଜନାଥ ସିଂ, ସ୍ୱରାଷ୍ଟ୍ରମନ୍ତ୍ରୀ

## ■ ଭାରତ-ପାକିସ୍ତାନ ଉତ୍ତେଜନା: ନ୍ୟୁୟର୍କ ଟାଇମ୍ସର ରିପୋର୍ଟ

# ଆଣବିକ ଯୁଦ୍ଧ ଆଶଙ୍କା

ୱାଶିଂଟନ,୮।୩(ପି.ଟି.)



The New York Times

Opinion

This Is Where a Nuclear Exchange Is Most Likely. (It's Not North Korea.)

Tensions have cooled between India and Pakistan after a terrorist attack, but their nuclear arsenals mean unthinkable consequences are always possible.

By The Editorial Board

The editorial board represents the opinions of the board, its editor and the publisher. It is separate from the newsroom and the Op-Ed section.

March 7, 2019

କଶ୍ମୀର ହେଉଛି ଭାରତ ଓ ପାକିସ୍ତାନ ମଧ୍ୟରେ କଳହର ମଞ୍ଜି। ଏହି ଦୀର୍ଘ ସମସ୍ୟାର ସମାଧାନ ପାଇଁ ଦୁଇ ପଡ଼ୋଶୀ ବିଶେଷ ପ୍ରୟାସ କରୁ ନାହାନ୍ତି। ଫଳରେ ଆଗକୁ କଶ୍ମୀର ପ୍ରସଙ୍ଗକୁ ନେଇ ଭାରତ-ପାକିସ୍ତାନ ମଧ୍ୟରେ ଆଣବିକ ଯୁଦ୍ଧ ହେବାର ଅନେକ ଆଶଙ୍କା ରହିଛି ବୋଲି ଆମେରିକାର 'ନ୍ୟୁୟର୍କ ଟାଇମ୍ସ'ରେ ଏକ ରିପୋର୍ଟ ପ୍ରକାଶ ପାଇଛି।

ଆମେରିକାର ଏହି ଅଗ୍ରଣୀ ଖବରକାଗଜରେ ଗୁରୁବାର ପ୍ରକାଶିତ ନିବନ୍ଧରେ ସମ୍ପାଦକୀୟ ମଣ୍ଡଳୀ ଉଲ୍ଲେଖ କରିଛନ୍ତି ଯେ, ସମ୍ପ୍ରତି ଯଦିଓ ଭାରତ ଓ ପାକିସ୍ତାନ ମଧ୍ୟରେ ସାମୟିକ ଭାବେ ଉତ୍ତେଜନା ପ୍ରଶମିତ ହୋଇଛି, ତଥାପି ଦୁଇଦେଶର ଆଣବିକ ଯୁଦ୍ଧାସ୍ତ୍ର କୌଣସି ସମୟରେ ଅକଳ୍ପନୀୟ ପରିଣତିକୁ ଜନ୍ମ ଦେଇପାରେ। ଦୁଇଦେଶର ଆପେକ୍ଷିକ ନୀରବତା ଏକ ସମାଧାନ ନୁହେଁ। ଏଭଳି ସମୟରେ ନୂଆଦିଲ୍ଲୀ ଓ ଇସ୍‌ଲାମାବାଦ ମଧ୍ୟରେ ଉତ୍ତେଜନା ହ୍ରାସ ପାଇଁ ଆମେରିକା ହସ୍ତକ୍ଷେପ କରିବା ଆବଶ୍ୟକ। ମୂଳ ପ୍ରସଙ୍ଗ 'କଶ୍ମୀର ବିବାଦ'ର ସମାଧାନ ପାଇଁ ଭାରତ ଓ ପାକିସ୍ତାନ ଯେତେଦିନ ମନାକରୁଥିବେ, ଉପତ୍ୟକାର ଭବିଷ୍ୟତକୁ ନେଇ ସେତେଦିନ ଅପ୍ରତ୍ୟାଶିତ ଓ ଭୟଙ୍କର ପରିଣାମ ଭୋଗି ଚାଲିଥିବେ। ଦୁଇ ପଡ଼ୋଶୀ ଆଗକୁ ମୁହାଁମୁହିଁ ହେଲେ ଏତେ ସହଜରେ ସ୍ଥିତି ଶାନ୍ତ ହେବ ନାହିଁ ବୋଲି ନ୍ୟୁୟର୍କ ଟାଇମ୍ସ ଭବିଷ୍ୟବାଣୀ କରିଛି।

ଏହି ରିପୋର୍ଟରେ ଆହୁରି ଉଲ୍ଲେଖ କରାଯାଇଛି ଯେ, ପୁଲୱାମାରେ ଜୈଶ୍-ଇ-ମହମ୍ମଦ(ଜେଇଏମ୍) ଆକ୍ରମଣରେ ୪୯ ସିଆର୍‌ପିଏଫ୍ ଯବାନ ଶହୀଦ ହେବା ପରେ ଦୁଇଦେଶ ମଧ୍ୟରେ ଉତ୍ତେଜନା ବୃଦ୍ଧିପାଇଥିଲା। ପାକିସ୍ତାନକୁ ଏହାର ଜବାବ ଦେବାକୁ ଯାଇ ଭାରତ ବାଲାକୋଟରେ ଥିବା ଜେଇଏମ୍‌ର ସବୁଠୁ ବଡ଼ ତାଲିମ ଶିବିରକୁ ଟାର୍ଗେଟ କରିଥିଲା। ଭାରତୀୟ ବାୟୁସେନା (ଆଇଏଏଫ୍)ର ବୋମାମାଡ଼ ଯୋଗୁ ସ୍ତବ୍ଧ ପାକିସ୍ତାନ ପରଦିନ ବାୟୁସୀମା ଉଲ୍ଲଂଘନ କରି ଭାରତ ଉପରେ ଆକ୍ରମଣ କରିଥିଲା। ପାକିସ୍ତାନୀ ସେନା ଦୀର୍ଘବର୍ଷ ଧରି ଚାଲିଥିବା ଲଢ଼େଇରୁ ଓହରିବା ପାଇଁ ଚାହୁଁ ନ ଥିଲେ ହେଁ ସେଠାକାର ପ୍ରଧାନମନ୍ତ୍ରୀ ଇମ୍ରାନ୍ ଖାନ୍ ଏକ ଭଲ ପଦକ୍ଷେପ ନେଇଛନ୍ତି। ମାର୍ଚ୍ଚ ୧ରେ ସେ ଆଇଏଏଫ୍ ପାଇଲଟ ୱିଙ୍ଗ୍ କମାଣ୍ଡର ଅଭିନନ୍ଦନ ବର୍ଥମାନଙ୍କୁ ଭାରତକୁ ଫେରାଇ ଦେବା ଶାନ୍ତି ଦିଗରେ ଏକ ପଦକ୍ଷେପ ଭାବେ ଦେଖାଯାଉଛି। ପୁଲୱାମା ଆକ୍ରମଣରେ ପାକିସ୍ତାନର ସମ୍ପୃକ୍ତି ନେଇ ଇମ୍ରାନ୍ ତାଙ୍କର ଭାରତୀୟ ପ୍ରତିପକ୍ଷ ନରେନ୍ଦ୍ର ମୋଦିଙ୍କୁ ପ୍ରମାଣ ମାଗିବା ସହ କାର୍ଯ୍ୟାନୁଷ୍ଠାନର ପ୍ରତିଶ୍ରୁତି ଦେଇଥିଲେ। ହେଲେ ଭାରତର ପ୍ରଧାନମନ୍ତ୍ରୀ ମୋଦି ଉତ୍ତେଜନା ବୃଦ୍ଧି ଲାଗି ଏହାକୁ ଏକ ସୁଯୋଗ ଭାବେ ବ୍ୟବହାର କରିଥିଲେ। ଭାରତରେ ଆଗକୁ ସାଧାରଣ ନିର୍ବାଚନ ଥିବାରୁ ମୋଦି ପୁଣିଥରେ କ୍ଷମତାକୁ ଫେରିବା ଲାଗି ପ୍ରଚାର ବେଳେ ପାକିସ୍ତାନ ବିରୋଧୀ ମନ୍ତବ୍ୟ ଦେଇ ହିନ୍ଦୁ ଜାତୀୟତାବାଦକୁ ଇନ୍ଧନ ଯୋଗାଉଛନ୍ତି ବୋଲି ରିପୋର୍ଟରେ ଉଲ୍ଲେଖ କରାଯାଇଛି। ଭାରତର ଆତଙ୍କବାଦ ନିରୋଧୀ ଦକ୍ଷତା ବୃଦ୍ଧିରେ ଆମେରିକା ସହାୟକ ହୋଇପାରିବ। ଆମେରିକାର ସହାୟତାରେ ଭାରତ ଭବିଷ୍ୟତରେ ସମ୍ଭାବ୍ୟ ଆକ୍ରମଣର ମୁକାବିଲା ଲାଗି ପ୍ରସ୍ତୁତ ହୋଇପାରିବ। କଶ୍ମୀରରେ ମାନବାଧିକାର ଉଲ୍ଲଂଘନ ହେଉଛି ବୋଲି ଜାତିସଂଘ ଓ ଅନ୍ୟ କେତେକ ସଙ୍ଗଠନ ପକ୍ଷରୁ ବିଭିନ୍ନ ସମୟରେ ଆପତ୍ତି ଉଠାଯାଉଛି। ଏଭଳି ସମୟରେ ଅନ୍ତର୍ଜାତୀୟ ଚାପ ନ ହେଲେ ଦୀର୍ଘସ୍ଥାୟୀ ସମାଧାନର ପନ୍ଥା ବାହାରିବା ଆଶା କ୍ଷୀଣ ଏବଂ ଆଣବିକ ଯୁଦ୍ଧର ଆଶଙ୍କା ଅଧିକ ରହିଛି।

ଆମେରିକା ଭାରତକୁ କଶ୍ମୀର ପ୍ରସଙ୍ଗରେ ନିଜ ଅଭିମୁଖ୍ୟରେ ପରିବର୍ତ୍ତନ ଲାଗି ପ୍ରୋତ୍ସାହିତ କରିପାରେ। ଭାରତ-ପାକିସ୍ତାନ ବିବାଦରୁ ପଛଘୁଞ୍ଚା ଦେବାକୁ ନିଷ୍ପତ୍ତି ନେଲେ ବିଶ୍ୱର ଦୁଇ ସର୍ବାଧିକ ବିରୋଧୀ ପଡ଼ୋଶୀଙ୍କୁ ସହଯୋଗର ହାତ ବଢ଼ାଇବା ପାଇଁ ଆମେରିକା ଆଗେଇଆସିବା ଉଚିତ। କାରଣ ବିଗତ ୭୦ ବର୍ଷରୁ ଊର୍ଦ୍ଧ୍ୱ ସମୟ ଧରି ଭାରତ ଓ ପାକିସ୍ତାନ ୩ଟି ଯୁଦ୍ଧ ଲଢ଼ିସାରିଛନ୍ତି। ଜମ୍ମୁ-କଶ୍ମୀରରେ ଆକ୍ରମଣ କରୁଥିବା ଆତଙ୍କବାଦୀ ସଙ୍ଗଠନଗୁଡ଼ିକ ଉପରେ ପାକିସ୍ତାନ ଆଖିଦୃଶିଆ କାର୍ଯ୍ୟାନୁଷ୍ଠାନ କେବେ ନେଇ ନ ଥିଲା। ହେଲେ କଶ୍ମୀରର ସ୍ୱାଧୀନତା ପାଇଁ ଲଢ଼େଇ କରୁଛି ବୋଲି କହୁଥିବା ଜୈଶ୍ ମୁଖ୍ୟ ମାସୁଦ୍ ଆଝାରଙ୍କ ଭାଇ ଓ ପୁଅଙ୍କ ସମେତ ୪୪ ଆତଙ୍କବାଦୀଙ୍କୁ ଗିରଫ କରି ଏହି ସଙ୍ଗଠନର କେତେକ ସମ୍ପତ୍ତି ବାଜ୍ୟାପ୍ତ ଯୋଜନା କରିଛି। ତେବେ ପାକିସ୍ତାନ ଏଭଳି ପ୍ରତିଶ୍ରୁତିଗୁଡ଼ିକ ପୂର୍ବରୁ ପାଳନ କରିଥିବା ପ୍ରାୟତଃ ଦେଖିବାକୁ ମିଳିନାହିଁ।

### ବିବାଦର ମଞ୍ଜି କଶ୍ମୀର

- ■ କଶ୍ମୀରର ସ୍ୱାଧୀନତା ପାଇଁ ଲଢ଼େଇ କରୁଛି ଜୈଶ୍
- ■ ଦୁଇଦେଶ ମଧ୍ୟରେ ଉତ୍ତେଜନା ସାମୟିକ ଭାବେ ହ୍ରାସ ପାଇଛି
- ■ ଭାରତ-ପାକିସ୍ତାନ ମୁହାଁମୁହିଁ ହେଲେ ଦେଖାଦେବ ଭୟାବହ ସ୍ଥିତି
- ■ ପାକିସ୍ତାନ ବିରୋଧୀ ମନ୍ତବ୍ୟ ଦେଇ ହିନ୍ଦୁ ଜାତୀୟତାବାଦକୁ ଇନ୍ଧନ ଯୋଗାଉଛନ୍ତି ମୋଦି



"ପୁଲୱାମା ଆକ୍ରମଣ ପରେ ଭାରତ ଓ ପାକିସ୍ତାନ ତୁରନ୍ତ ପୃଷ୍ଠା ଓଲଟାଇ ପରସ୍ପର ସହ ଆଲୋଚନା କରନ୍ତୁ। ଦୁଇ ପଡ଼ୋଶୀ ବର୍ତ୍ତମାନର ସଙ୍କଟକୁ ଦ୍ୱିପାକ୍ଷିକ ସମ୍ପର୍କରେ ମୌଳିକ ଉନ୍ନତି ପାଇଁ ଏକ ସୁଯୋଗରେ ପରିଣତ କରନ୍ତୁ।
-ୱାଙ୍ଗ୍ ୟି, ଚାଇନା, ବହିର୍ବ୍ୟାପାର ମନ୍ତ୍ରୀ



"ପୁଲୱାମା ଆକ୍ରମଣ ପରେ ଭାରତୀୟ ବାୟୁସେନା ବାଲାକୋଟରେ କରିଥିବା ବୋମାମାଡ଼କୁ ନେଇ ପ୍ରଥମେ ପାକିସ୍ତାନ ନିଜେ ଟୁଇଟ୍ କରିଥିଲା। ଆମ କାର୍ଯ୍ୟାନୁଷ୍ଠାନକୁ ନେଇ ଯେଉଁମାନେ ପ୍ରମାଣ ମାଗୁଛନ୍ତି ସେମାନେ ପାକିସ୍ତାନକୁ ସନ୍ତୁଷ୍ଟ କରୁଛନ୍ତି। ୧୩୦ କୋଟି ଭାରତୀୟ ମୋର ପ୍ରମାଣ।
- ନରେନ୍ଦ୍ର ମୋଦି, ପ୍ରଧାନମନ୍ତ୍ରୀ



"ପାକିସ୍ତାନ ଭୂଖଣ୍ଡ ଭିତରେ ସକ୍ରିୟ ଥିବା ଆତଙ୍କବାଦୀ ସଙ୍ଗଠନଗୁଡ଼ିକ ବିରୋଧରେ ଇସ୍‌ଲାମାବାଦ ନିରନ୍ତର ଓ ଅପରିବର୍ତ୍ତନୀୟ କାର୍ଯ୍ୟାନୁଷ୍ଠାନ ନେଉ। ଏହାଦ୍ୱାରା ଭବିଷ୍ୟତରେ ଆକ୍ରମଣକୁ ଏଡାଯାଇ ଆଞ୍ଚଳିକ ନିରାପତ୍ତାକୁ ପ୍ରୋତ୍ସାହିତ କରାଯାଇ ପାରିବ।
-ରବର୍ଟ ପଲ୍ଲାଡିନୋ, ଆମେରିକା ପରରାଷ୍ଟ୍ର ବିଭାଗ ଉପମୁଖପାତ୍ର



ଅନ୍ତର୍ଜାତୀୟ ମହିଳା ଦିବସ ପାଳନ ଅବସରରେ ଶୁକ୍ରବାର ଚେନ୍ନାଇର ଜଣେ କଲେଜ ଛାତ୍ରୀ ନିଜ ମୁହଁରେ ପେଣ୍ଟିଂ କରାଇଛନ୍ତି।

## ■ କଶ୍ମୀରୀଙ୍କ ଉପରେ ଆକ୍ରମଣ

# ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟାନୁଷ୍ଠାନ ନିର୍ଦ୍ଦେଶ

ନୂଆଦିଲ୍ଲୀ,୮।୩

ବିବରଣୀ : ସହାୟକ ମଣ୍ଡଳ ଯନ୍ତ୍ରୀ/ସେଟେଲମେଣ୍ଟ/ମୁଖ୍ୟାଳୟ/ଭୁବନେଶ୍ୱର ପରିସୀମା ଅଧୀନସ୍ଥ ରେଳ ଆୱାସ କଲୋନୀ ଏବଂ ମଞ୍ଚେଶ୍ୱର କଲୋନୀ ଠାରେ ଡ୍ରେନ୍‌ଗୁଡ଼ିକର ମରାମତି ଏବଂ ବିଟୁମିନସ୍ ରୋଡ଼ ଦ୍ୱାରା କ୍ଷତିଗ୍ରସ୍ତ ସଡ଼କଗୁଡ଼ିକର ମରାମତି ।
କାର୍ଯ୍ୟର ଆନୁମାନିକ ମୂଲ୍ୟ (ଟଙ୍କାରେ) : ₹ 86.72 ଲକ୍ଷ, EMD (ଟଙ୍କାରେ) : ₹ 1,73,500/-, ଟେଣ୍ଡର କାଗଜପତ୍ରର ମୂଲ୍ୟ(ଟଙ୍କାରେ) : ₹ 5,900/-, କାର୍ଯ୍ୟ ଶେଷ ହେବା ଅବଧି : 08 (ଆଠ) ମାସ ।

**(2) ଟେଣ୍ଡର ବିଜ୍ଞପ୍ତି ସଂ. e-Tender ESTATE-KUR-373-18, ତା: 05.03.2019**
ବିବରଣୀ : ମଞ୍ଚେଶ୍ୱର-ରେଳ ଡବା ମରାମତି କାରଖାନା/ମଞ୍ଚେଶ୍ୱର ଠାରେ LHB କୋଚ୍‌ଗୁଡ଼ିକର ରକ୍ଷଣାବେକ୍ଷଣ ନିମନ୍ତେ ଭିତ୍ତିଭୂମି ସୁବିଧାର ଉନ୍ନୟନ ।
କାର୍ଯ୍ୟର ଆନୁମାନିକ ମୂଲ୍ୟ (ଟଙ୍କାରେ) : ₹ 536.90 ଲକ୍ଷ, EMD (ଟଙ୍କାରେ) : ₹ 4,18,500/-, ଟେଣ୍ଡର କାଗଜପତ୍ରର ମୂଲ୍ୟ(ଟଙ୍କାରେ) : ₹ 11,800/-, କାର୍ଯ୍ୟ ଶେଷ ହେବା ଅବଧି : 10 (ଦଶ) ମାସ ।

**(3) ଟେଣ୍ଡର ବିଜ୍ଞପ୍ତି ସଂ. e-Tender ESTATE-KUR-374-18, ତା: 05.03.2019**
ବିବରଣୀ : ରେଳ ଡବା ମରାମତି କାରଖାନା/ମଞ୍ଚେଶ୍ୱର ଠାରେ LHB କୋଚ୍‌ଗୁଡ଼ିକର ରକ୍ଷଣାବେକ୍ଷଣ ନିମନ୍ତେ ଗୁରୁତ୍ୱପୂର୍ଣ୍ଣ ଭିତ୍ତିଭୂମିର ଉନ୍ନୟନ (Upgradation) ।
କାର୍ଯ୍ୟର ଆନୁମାନିକ ମୂଲ୍ୟ (ଟଙ୍କାରେ) : ₹ 124.84 ଲକ୍ଷ, EMD (ଟଙ୍କାରେ) : ₹ 2,12,400/-, ଟେଣ୍ଡର କାଗଜପତ୍ରର ମୂଲ୍ୟ(ଟଙ୍କାରେ) : ₹ 5,900/-, କାର୍ଯ୍ୟ ଶେଷ ହେବା ଅବଧି : 10 (ଦଶ) ମାସ ।

**(4) ଟେଣ୍ଡର ବିଜ୍ଞପ୍ତି ସଂ. e-Tender HQ -KUR-378-18, ତା: 05.03.2019**
ବିବରଣୀ : ପୁରୀ ଷ୍ଟେସନ ସ୍ଥିତ ପ୍ଲାଟଫର୍ମ ନଂ.1 ଏବଂ 2 ଠାରେ 10 bays ପ୍ଲାଟଫର୍ମ ସେଲ୍ଟରଗୁଡ଼ିକର ନିର୍ମାଣ ।
କାର୍ଯ୍ୟର ଆନୁମାନିକ ମୂଲ୍ୟ (ଟଙ୍କାରେ) : ₹ 124.85 ଲକ୍ଷ, EMD (ଟଙ୍କାରେ) : ₹ 2,12,400/-, ଟେଣ୍ଡର କାଗଜପତ୍ରର ମୂଲ୍ୟ(ଟଙ୍କାରେ) : ₹ 5,900/-, କାର୍ଯ୍ୟ ଶେଷ ହେବା ଅବଧି : 06 (ଛଅ) ମାସ ।

**(5) ଟେଣ୍ଡର ବିଜ୍ଞପ୍ତି ସଂ. e-Tender HQ -379-18, ତା: 05.03.2019**
ବିବରଣୀ : ପୂର୍ବ ତଟ ରେଳପଥର ମଣ୍ଡଳ ରେଳ ଚିକିତ୍ସାଳୟ/ଖୋର୍ଦ୍ଧା ରୋଡ଼ ର ଇନ୍‌ଡୋର ୱାର୍ଡ଼ଗୁଡ଼ିକରେ ଫଲ୍ସ ସିଲିଙ୍ଗ୍ ଏବଂ ଏୟାର କଣ୍ଡିସନିଙ୍ଗ୍ (AIR CONDITIONING) ର ବ୍ୟବସ୍ଥା ଏବଂ ରୋଗୀ ପରିଚାରକ ଆବାସ ଭାବେ ବ୍ୟବହାର ନିମନ୍ତେ ବର୍ତ୍ତମାନ ଥିବା ଶୟନାଗାରର ନବୀକରଣ ତଥା ଖୋର୍ଦ୍ଧା ରୋଡ଼ ମଣ୍ଡଳର ପୁରୀ ସ୍ଥିତ ସ୍ୱାସ୍ଥ୍ୟ ୟୁନିଟ୍‌ର ନବୀକରଣ ।
କାର୍ଯ୍ୟର ଆନୁମାନିକ ମୂଲ୍ୟ (ଟଙ୍କାରେ) : ₹ 69.94 ଲକ୍ଷ, EMD (ଟଙ୍କାରେ) : ₹ 1,39,900/-, ଟେଣ୍ଡର କାଗଜପତ୍ରର ମୂଲ୍ୟ(ଟଙ୍କାରେ) : ₹ 5,900/-, କାର୍ଯ୍ୟ ଶେଷ ହେବା ଅବଧି : 06 (ଛଅ) ମାସ ।

**(6) ଟେଣ୍ଡର ବିଜ୍ଞପ୍ତି ସଂ. e-Tender HQ -380-18, ତା: 05.03.2019**
ବିବରଣୀ : ବରିଷ୍ଠ ମଣ୍ଡଳ ଯନ୍ତ୍ରୀ/ମୁଖ୍ୟାଳୟ/ଖୋର୍ଦ୍ଧା ରୋଡ଼ ପରିସୀମା ଅଧୀନସ୍ଥ ଟ୍ରାଫିକ କଲୋନୀର କବାଟ ଏବଂ ଝରକାଗୁଡ଼ିକର ପ୍ରସ୍ତାବିତ ମରାମତି ଏବଂ ପୁନଃପ୍ରତିଷ୍ଠା ।
କାର୍ଯ୍ୟର ଆନୁମାନିକ ମୂଲ୍ୟ (ଟଙ୍କାରେ) : ₹ 95.66 ଲକ୍ଷ, EMD (ଟଙ୍କାରେ) : ₹ 1,91,300/-, ଟେଣ୍ଡର କାଗଜପତ୍ରର ମୂଲ୍ୟ(ଟଙ୍କାରେ) : ₹ 5,900/-, କାର୍ଯ୍ୟ ଶେଷ ହେବା ଅବଧି : 08 (ଆଠ) ମାସ ।

ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ (ସମସ୍ତ ଟେଣ୍ଡରଗୁଡ଼ିକ ନିମନ୍ତେ) : ତା.29.03.2019 ରିଖ 1500 ଘଡିକାରେ ।

ଏହି ଇ-ଟେଣ୍ଡର କ୍ଷେତ୍ରରେ ଡାକ/କୋରିଅର/ଫ୍ୟାକ୍ସ ମାଧ୍ୟମରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ପ୍ରକାର ମାନୁଆଲ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ Firm ର ଲେଟରହେଡ୍‌ରେ ଦାଖଲ କରାଯାଇଥିବ ଏବଂ ଯଥା ସମୟରେ ଗ୍ରହଣ କରାଯାଇଥିବ । ଏହିଭଳି ସମସ୍ତ ମାନୁଆଲ ଅଫର ଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧରୂପେ ନାକଚ କରାଯିବ ।

ଦ୍ରଷ୍ଟବ୍ୟ : ଏହି ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ/ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 10 ଦିନ ପୂର୍ବରୁ ୱେବ୍‌ସାଇଟ୍ କୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି ।

ଇ-ଟେଣ୍ଡର କାଗଜପତ୍ର ସହିତ ସଂପୂର୍ଣ୍ଣ ବିବରଣୀ ୱେବ୍‌ସାଇଟ୍ http://www.ireps.gov.in ରେ ଉପଲବ୍ଧ ହେବ ।

ମଣ୍ଡଳ ରେଳ ପ୍ରବନ୍ଧକ(ଇଂଜିନିୟରିଙ୍ଗ), ଖୋର୍ଦ୍ଧା ରୋଡ଼

PR-528/J/18-19



❝ ଗୋକୁଲମ କେରଳ ବିପକ୍ଷ ମ୍ୟାଚରେ ଇଷ୍ଟ ବେଙ୍ଗଲ ମେକ୍ସିକାନ ଫରୱାର୍ଡ ଏନରିକ୍ ଇସ୍କେଡାଙ୍କ ସହାୟତାରେ ବିଜୟ ଲକ୍ଷ୍ୟ ରଖିଛି।

– ଆଲେଜାଣ୍ଡ୍ରୋ ମେଣ୍ଡିଜ୍, ଇଷ୍ଟ ବେଙ୍ଗଲ ମୁଖ୍ୟ କୋଚ୍



❝ କ୍ରିଷ୍ଟିଆନୋ ରୋନାଲ୍ଡୋଙ୍କୁ ଅନୁକରଣ କଲେ ମାର୍କସ ରଶଫୋର୍ଡ ଆମ ଦଳର ପ୍ରମୁଖ ଗୋଲ ସ୍କୋରର ହୋଇପାରିବେ ।

– ଓଲେ ଗନାର ସଲ୍ସକ୍ଜେର୍, ମାଞ୍ଚେଷ୍ଟର ୟୁନାଇଟେଡ୍ ମ୍ୟାନେଜର

## ସଂକ୍ଷେପରେ

### ସାଇନାଙ୍କ ଅଭିଯାନ ଶେଷ

ବର୍ମିଂହାମ୍, ୮।୩ (ପି.ଟି.)-ଏକ ନିୟୁତ ଡଲାର ପୁରସ୍କାର ବିଶିଷ୍ଟ ଅଲ୍ ଇଂଲଣ୍ଡ ବ୍ୟାଡ୍‌ମିଣ୍ଟନ ଟୁର୍ନାମେଣ୍ଟରେ ସାଇନା ନେହ୍ୱାଲଙ୍କ ଅଭିଯାନ ଶେଷ ହୋଇଛି। ଶୁକ୍ରବାର ଅନୁଷ୍ଠିତ ଏକ ମହିଳା ସିଙ୍ଗଲ୍ସ କ୍ୱାର୍ଟର ଫାଇନାଲ ମ୍ୟାଚରେ ସେ ବିଶ୍ୱର ନମ୍ବର ୱାନ ଖେଳାଳି ତଥା ତାଇୱାନର ତାଇ ଜୁ ୟିଙ୍ଗ୍‌ଙ୍କଠାରୁ ୧୫-୨୧, ୧୯-୨୧ରେ ପରାଜିତ ହୋଇଯାଇଛନ୍ତି। ଏହି ମ୍ୟାଚ ମାତ୍ର ୩୭ ମିନିଟ୍‌ରେ ଶେଷ ହୋଇଯାଇଥିଲା। ଭାରତୀୟ ଖେଳାଳି ସାଇନା କହିଛନ୍ତି, ଡାଇରିଆ ଯୋଗୁ ମୁଁ ପାକସ୍ଥଳୀରେ ଯନ୍ତ୍ରଣା ଅନୁଭବ କରୁଥିଲେ। ଗୋଟିଏ ରାତି ଠିକ୍‌ରେ ନିଦ୍ରା ଯାଇ ପାରି ନ ଥିଲି। ଏହା ସତ୍ତ୍ୱେ ଏଠାରେ ଦୁଇଟି ମ୍ୟାଚ ଖେଳିପାରିଥିବାରୁ ମୁଁ ଖୁସି। ସୂଚନାଯୋଗ୍ୟ, ତାଇ ଜୁ ୟିଙ୍ଗ୍‌ଙ୍କ ବିପକ୍ଷରେ ସାଇନାଙ୍କ ବିଜୟ ପରାଜୟ ରେକର୍ଡ ହେଉଛି ୫-୧୫। ତାଇୱାନ ଖେଳାଳିଙ୍କ ବିପକ୍ଷରେ ତାଙ୍କର ଏହା ଥିଲା କ୍ରମାଗତ ୧୩ତମ ପରାଜୟ। ଅର୍ଥାତ୍ ୨୦୧୫ଠାରୁ ସେ ଥରେ ହେଲେ ଏହି ଖେଳାଳିଙ୍କ ବିପକ୍ଷରେ ବିଜୟ ହାସଲ କରିପାରି ନାହାନ୍ତି।

### ଏପ୍ରିଲରେ ପିକେଏଲ-୭ ଖେଳାଳିଙ୍କ ନିଲାମ ପ୍ରକ୍ରିୟା

ମୁମ୍ବାଇ, ୮।୩ (ପି.ଟି.)-ପ୍ରୋ-କବାଡ଼ି ଲିଗ୍ (ପିକେଏଲ) ସିଜନ-୭ ଜୁଲାଇରେ ହେବ। ଏଥିପାଇଁ ଖେଳାଳି ନିଲାମି ଏପ୍ରିଲ ୮ ଓ ୯ ତାରିଖରେ ହେବ। ଲିଗ୍ କମିଶନର ଅନୁପମ ଗୋସ୍ୱାମୀ ଏହି ସୂଚନା ଦେଇଛନ୍ତି। ପିକେଏଲ୍ ସିଜନ-୭ ଜୁଲାଇ ୧୯ରୁ ଖେଳାଯିବ। ଏଥିରେ ୧୨ଟି ଦଳ ଅଂଶଗ୍ରହଣ କରିବେ। ଖେଳସୂଚୀ ପରେ ଘୋଷଣା କରାଯିବ। ଆସନ୍ତା ସିଜନ ପାଇଁ ଖେଳାଳି ରିଟେନଶନ ତାଲିକା ମାର୍ଚ୍ଚ ମଧ୍ୟଭାଗରେ ପ୍ରକାଶ ପାଇବ ବୋଲି ଲିଗ୍ କମିଶନର କହିଛନ୍ତି।

### ଅରବିନ୍ଦ ମେମୋରିଆଲ କ୍ରିକେଟ: ସୁଦର୍ଶନଙ୍କ ବିସ୍ଫୋରକ ଶତକ

# ବୃହତ୍ ବିଜୟ ସହ ପାରାମାଉଣ୍ଟ 'ଏ' ସେମିରେ

**ଭୁବନେଶ୍ୱର, ୮।୩(କ୍ରୀଡ଼ା ପ୍ରତିନିଧି)**

ପାରାମାଉଣ୍ଟ 'ଏ' ପ୍ରଥମ ଦଳଭାବେ ଅରବିନ୍ଦ ମେମୋରିଆଲ ଜୁନିୟର(୧୫ ବର୍ଷରୁ କମ୍) କ୍ରିକେଟ ଟୁର୍ନାମେଣ୍ଟର ସେମିଫାଇନାଲରେ ପ୍ରବେଶ କରିଛି। ଶୁକ୍ରବାର ଅନୁଷ୍ଠିତ ପ୍ରଥମ କ୍ୱାର୍ଟର ଫାଇନାଲରେ ପାରାମାଉଣ୍ଟ 'ଏ' ୨୧୦ ରନରେ ମୁକ୍ତେଶ୍ୱର କ୍ରିକେଟ କ୍ଲବକୁ ହରାଇ ବୃହତ୍ ବିଜୟ ହାସଲ କରିଛି। ପ୍ରଥମେ ବ୍ୟାଟିଂ କରିଥିବା ପାରାମାଉଣ୍ଟ 'ଏ' ଓପନର ସୁଦର୍ଶନ ସ୍ୱାଇଁଙ୍କ ବିସ୍ଫୋରକ ଶତକ ସହାୟତାରେ ୪୦ ଓଭରରେ ୬ ଉଇକେଟ ହରାଇ ୨୮୬ ରନ କରିଥିଲା। ସୁଦର୍ଶନ ୧୧୬ ବଲ୍‌ରୁ ୨୨ ଚୌକା ଓ ୨ ଛକା ସହାୟତାରେ ୧୫୫ ରନରେ ଅପରାଜିତ ଥିବାବେଳେ ବିଦ୍ୟାଧର ବେହେରା ୪୦ ରନ କରିଥିଲେ। ମୁକ୍ତେଶ୍ୱର ବୋଲରମାନେ ଅତିରିକ୍ତଭାବେ ୪୦ ରନ ବ୍ୟୟ କରିଥିଲେ। ଗଗନେଶ ସାହୁ ୨ଟି ଏବଂ କରନ ମହାପାତ୍ର, ଆଦିତ୍ୟ ନାୟକ, ଦିଲୀପ ରେଡ୍ଡୀ ଓ ସିରାଜ ପଟ୍ଟନାୟକ ଗୋଟିଏ ଲେଖାଏ ଉଇକେଟ ନେଇଥିଲେ। ଜବାବରେ ଏମସିସି ୩୩.୪ ଓଭରରେ ୭୬ ରନ କରି ଅଲଆଉଟ ହୋଇଯାଇଥିଲା। ଦଳ ପକ୍ଷରୁ କରନ ମହାପାତ୍ର ସର୍ବାଧିକ ୧୯ ରନ କରିଥିଲେ। ବିଜୟୀ ଦଳର ବିଭୁଦତ୍ତ ଦାସ ୩ଟି ଏବଂ ରିତେଶ ପ୍ରିୟରଞ୍ଜନ ଓ ସ୍ୱୟମ ସାର୍ଥକ ରାଉତରାୟ ୨ଟି ଲେଖାଏ ଉଇକେଟ ନେଇଥିଲେ। ଆୟୋଜକ ପାରାମାଉଣ୍ଟ କ୍ଲବର ପୂର୍ବତନ ଖେଳାଳି ତଥା ପ୍ରଶାସକ ଶାନ୍ତନୁ ମିଶ୍ର ଅତିଥିଭାବେ ଯୋଗଦେଇ ସୁଦର୍ଶନଙ୍କୁ ମ୍ୟାନ ଅଫ ଦି ମ୍ୟାଚ ଓ ଶିବାଶିଷ ମଲିକଙ୍କୁ ଶ୍ରେଷ୍ଠ ଫିଲ୍ଡର ପୁରସ୍କାର ପ୍ରଦାନ କରିଥିଲେ। ଅମ୍ପାୟର ସୁଶାନ୍ତ ଦାସ ଓ ପ୍ରଦୀପ ଜେନା ମ୍ୟାଚ ପରିଚାଳନା କରିଥିବାବେଳେ ସ୍କୋରର ଥିଲେ ଜିତେନ୍ଦ୍ର କୁମାର ସେନାପତି।




ସୁଦର୍ଶନ ସ୍ୱାଇଁଙ୍କୁ ଅତିଥି ମ୍ୟାନ୍ ଅଫ୍ ଦି ମ୍ୟାଚ୍ ପୁରସ୍କାର ପ୍ରଦାନ କରୁଛନ୍ତି।

# ୨୩ ବର୍ଷରୁ କମ୍ ଭାରତୀୟ ଦଳରେ ୧୧ ଆରୋଜ ଖେଳାଳି

**ଭାସ୍କୋ, ୮।୩(ପି.ଟି.)**

ଏଏଫସି ୨୩ ବର୍ଷରୁ କମ୍ ଚାମ୍ପିୟନଶିପ୍ ଯୋଗ୍ୟତା ପର୍ଯ୍ୟାୟ ପୂର୍ବରୁ ଏସିଆନ କପ୍ ଚାମ୍ପିୟନ କାତାର ବିପକ୍ଷ ମ୍ୟାଚ ପାଇଁ ଭାରତୀୟ ଫୁଟବଲ ଦଳ ଘୋଷଣା କରାଯାଇଛି। ଏହି ୨୩ ବର୍ଷରୁ କମ୍ ଫୁଟବଲ ଦଳରେ ୧୧ ଜଣ ଇଣ୍ଡିଆନ ଆରୋଜ ଖେଳାଳି ସ୍ଥାନ ପାଇଛନ୍ତି। ଅଲ୍ ଇଣ୍ଡିଆ ଫୁଟବଲ ଫେଡେରେଶନ(ଏଆଇଏଫଏଫ)ର ଯୁବ ଦଳ ଇଣ୍ଡିଆନ ଆରୋଜ ଆଇ-ଲିଗ୍‌ରେ ଖେଳୁଛି। ନିକଟରେ ଇଣ୍ଡିଆନ ଆରୋଜ କଲିକତାର ଶକ୍ତିଶାଳୀ ଦଳ ମୋହନବାଗାନକୁ ପରାସ୍ତ କରିଥିଲା। ତେଣୁ ୨୩ ବର୍ଷରୁ କମ୍ ଦଳର କୋଚ୍ ଡେରିକ ପେରେରା ଏହି ଆରୋଜ ଦଳରୁ ଅଧିକ ଖେଳାଳି ନେବାକୁ ପସନ୍ଦ କରିଛନ୍ତି। 'ଇଣ୍ଡିଆନ ଆରୋଜ ଦଳର ଖେଳାଳିମାନେ ଆମର ଭବିଷ୍ୟତ। ତେଣୁ କେବଳ କାତାର ବିପକ୍ଷ ମ୍ୟାଚ ପାଇଁ ନୁହେଁ, ଏହି ଖେଳାଳିଙ୍କ ଲାଗି ଦୀର୍ଘକାଳିନ ଭିତ୍ତିରେ ଯୋଜନା ପ୍ରସ୍ତୁତ କରାଯାଇଛି'' ବୋଲି ପେରେରା କହିଛନ୍ତି। ସଂଯୋଗ ବଶତଃ ଭାରତ ଏଏଫସି ୨୩ ବର୍ଷରୁ କମ୍ ଚାମ୍ପିୟନଶିପ୍ ଯୋଗ୍ୟତା ପର୍ଯ୍ୟାୟର ପୂର୍ବ ସଂସ୍କରଣରେ ମଧ୍ୟ କାତାରକୁ ଭେଟିଥିଲା। ୨୦୧୭ ଜୁଲାଇ ୨୧ରେ ଏହି ମ୍ୟାଚ ଦୋହାରେ ଖେଳାଯାଇଥିଲା। ନିକଟରେ ଅନୁଷ୍ଠିତ ଏଏଫସି ଏସିଆନ କପ୍ ସଂସ୍କରଣରେ ସର୍ବାଧିକ ଗୋଲ ଦେଇ ଅଲି ଦାଏଇର ରେକର୍ଡ ଭାଙ୍ଗିଥିବା ଅଲ୍‌ମୋଏଜ୍ ଅଲୀଙ୍କ ଗୋଲ ଯୋଗୁ ଭାରତ ସେତେବେଳେ ପରାସ୍ତ ହୋଇଥିଲା। ଉଜବେକିସ୍ତାନ ଏବେ ୨୩ ବର୍ଷରୁ କମ୍ ଏସିଆନ ଚାମ୍ପିୟନ ଅଛି। ଭାରତ-କାତାର ମ୍ୟାଚ ଚଳିତମାସ ୧୧ ତାରିଖରେ ଖେଳାଯିବ।

# ପ୍ରଜନେଶଙ୍କ କ୍ୟାରିୟରର ବୃହତ୍ ବିଜୟ

**ଇଣ୍ଡିଆନ ୱେଲ୍ସ(ୟୁନାଇଟେଡ୍ ଷ୍ଟେଟ୍ସ),୮।୩(ଏଏଫ୍‌ପି)**

ଯୋଗ୍ୟତା ପର୍ଯ୍ୟାୟରୁ ଉନ୍ନୀତ ହୋଇଥିବା ଭାରତୀୟ ପୁରୁଷ ଟେନିସ ଖେଳାଳି ପ୍ରଜନେଶ ଗୁଣେଶ୍ୱରନ ଏଠାରେ ଚାଲିଥିବା ଇଣ୍ଡିଆନ୍ ୱେଲ୍ସ ଏଟିପି ମାଷ୍ଟର୍ସ ଇଭେଣ୍ଟରେ କ୍ୟାରିୟର ଏକ ବୃହତ୍ ବିଜୟ ହାସଲ କରିଛନ୍ତି। ସେ ବିଶ୍ୱର ୬୯ତମ ର୍‍ୟାଙ୍କଧାରୀ ବେନଏଟ ପାଇରେଙ୍କୁ ହରାଇ ଦେଇଛନ୍ତି। ଏହି ବିଜୟ ସହ ସେ ଟୁର୍ନାମେଣ୍ଟର ଦ୍ୱିତୀୟ ରାଉଣ୍ଡରେ ପ୍ରବେଶ କରିଛନ୍ତି ପ୍ରଜନେଶ। ଏହି ସ୍ତରରେ ପ୍ରଥମ ଥର ପାଇଁ ଖେଳୁଥିବା ବାମହାତୀ ଖେଳାଳି ୭-୬ (୭/୪), ୬-୪ ସେଟ୍‌ରେ ଫ୍ରେଞ୍ଚ ଖେଳାଳିଙ୍କୁ ପରାସ୍ତ କରିଛନ୍ତି। ଏହି ବିଜୟ ପାଇଁ ପ୍ରଜନେଶଙ୍କୁ ଏକ ଘଣ୍ଟା ୨୯ ମିନିଟ୍ ଲାଗିଥିଲା। ଏଥିପୂର୍ବରୁ ସେ ବିଶ୍ୱର ୨୩ ନଂ ଖେଳାଳି ଡେନିସ ଶାପୋଭାଲୋଭଙ୍କୁ ଷ୍ଟଟଗାର୍ଟ ଓପନରେ ହରାଇଥିଲେ, ଯାହାକି ତାଙ୍କ କ୍ୟାରିୟରର ଶ୍ରେଷ୍ଠ ବିଜୟ। ବିଶ୍ୱ ର୍‍ୟାଙ୍କିଙ୍ଗ୍‌ର ୯୭ତମ ସ୍ଥାନରେ ଥିବା ଭାରତୀୟ ଦ୍ୱିତୀୟ ରାଉଣ୍ଡରେ ନିକୋଲୋଜ ବାସିଲାଶଭିଲି(୧୮ତମ)ଙ୍କୁ ଭେଟିବେ। ଉକ୍ତ ବିଜୟ ସହ ପ୍ରଜନେଶ ୪୧ ପଏଣ୍ଟ ହାତେଇଛନ୍ତି। ଏଥିଯୋଗୁ ପରବର୍ତ୍ତୀ ଏଟିପି ର୍‍ୟାଙ୍କିଙ୍ଗ୍‌ରେ ୮୦ ମାନ୍ୟତା ପାଇବା ସ୍ପଷ୍ଟ ହୋଇଛି। ଏହା ମୋ କ୍ୟାରିୟରର ଅନ୍ୟତମ ବୃହତ୍ ବିଜୟ। ୱିମ୍ବେଲଡନ ଓପନର ମୁଖ୍ୟ ପର୍ଯ୍ୟାୟ ଲାଗି ପ୍ରସ୍ତୁତ ହେଉଥିବାବେଳେ ଏହି ବିଜୟ ମୋ ପାଇଁ ବେଶ ଗୁରୁତ୍ୱପୂର୍ଣ୍ଣ। ମୋ ର୍‍ୟାଙ୍କିଙ୍ଗ୍‌ରେ ଉନ୍ନତି ଆସିବା ନିଶ୍ଚିତ। କ୍ୱାଲିଟି ଖେଳାଳିଙ୍କ ବିରୋଧରେ ବିଜୟ ମୋର ଆତ୍ମବିଶ୍ୱାସ ବଢ଼ାଇବ ବୋଲି ବିଜୟ ପରେ ପ୍ରଜନେଶ କହିଛନ୍ତି।

# ପ୍ରଥମ ଦିବସ ଖେଳ ବର୍ଷା ଧୋଇନେଲା

**ୱେଲିଂଟନ, ୮।୩ (ଏଏଫ୍‌ପି)**

ଲଗାଣ ବର୍ଷା ଯୋଗୁ ଶୁକ୍ରବାର ଏଠାରେ ନ୍ୟୁଜିଲାଣ୍ଡ ଓ ବାଂଲାଦେଶ ମଧ୍ୟରେ ଦ୍ୱିତୀୟ କ୍ରିକେଟ ଟେଷ୍ଟର ପ୍ରଥମ ଦିବସ ଖେଳ ସମ୍ଭବ ହୋଇପାରି ନାହିଁ। ସ୍ଥାନୀୟ ପାଣିପାଗ ବିଭାଗର ପୂର୍ବାନୁମାନ ଅନୁସାରେ ଶନିବାର ସକାଳେ ବର୍ଷା ସମ୍ଭାବନା ରହିଛି। ରବିବାର ପାଗରେ ପରିବର୍ତ୍ତନ ଘଟିପାରେ। ହାମିଲଟନଠାରେ ଅନୁଷ୍ଠିତ ପ୍ରଥମ ମ୍ୟାଚକୁ ଏକ ଇନିଂସ ଓ ୫୨ ରନରେ ଜିତି ନ୍ୟୁଜିଲାଣ୍ଡ ୩ ମ୍ୟାଚ ବିଶିଷ୍ଟ ଟେଷ୍ଟ ସିରିଜରେ ଅଗ୍ରଣୀ ରହିଛି।

# ଆସାମକୁ ହରାଇଲା ଓଡ଼ିଶା

**କଟକ ଅଫିସ,୮।୩**

ବମ୍ବେର କାନ୍ଦିଭିଲି ସଚିନ ତେନ୍ଦୁଲକର ଜିମଖାନା ଗ୍ରାଉଣ୍ଡରେ ଶୁକ୍ରବାର ସିନିୟର ମହିଳା ଟି୨୦ ଟୁର୍ନାମେଣ୍ଟ ସୁପରିଲିଗ ପର୍ଯ୍ୟାୟର ଏକ ମ୍ୟାଚ୍‌ରେ ଓଡ଼ିଶା ୫ ଉଇକେଟରେ ଆସାମକୁ ପରାସ୍ତ କରିଛି । ସୁପରିଲିଗ୍ ପର୍ଯ୍ୟାୟରେ ଗ୍ରୁପ-ବିରେ ସ୍ଥାନ ପାଇଥିବା ଓଡ଼ିଶାର ଏହା ପ୍ରଥମ ବିଜୟ । ପ୍ରଥମ ମ୍ୟାଚରେ ଦଳ କର୍ଣ୍ଣାଟକଠାରୁ ପରାସ୍ତ ହୋଇଥିଲା । ଶନିବାର ହିମାଚଳପ୍ରଦେଶ ବିପକ୍ଷରେ ଓଡ଼ିଶା ପରବର୍ତ୍ତୀ ମ୍ୟାଚ୍ ଖେଳିବ। ଶୁକ୍ରବାର ମ୍ୟାଚ୍‌ରେ ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିଥିବା ଆସାମ ୨୦ ଓଭରରେ ୯ ଉଇକେଟ ହରାଇ ମୋଟ ୧୦୩ରନ କରିଥିଲା । ଅନିତା ଲୋଧି ସର୍ବାଧିକ ୩୧ରନ କରିଥିଲେ । ଓଡ଼ିଶା ପକ୍ଷରୁ ପ୍ରିୟଙ୍କା ପ୍ରିୟଦର୍ଶିନୀ ଓ ସୁଶ୍ରୀ ଦିବ୍ୟଦର୍ଶିନୀ ୨ଟି ଲେଖାଏ ଉଇକେଟ ନେଇଥିଲେ। ୨୨ରନରେ ପ୍ରଥମ ୩ଟି ଉଇକେଟ ହରାଇବା ସତ୍ତ୍ୱେ ସରିତା ମେହେରଙ୍କ ୩୦ ଓ ପ୍ରଜ୍ଞା ପରମିତା ମହାନ୍ତିଙ୍କ ୪୫ରନ ବଳରେ ଓଡ଼ିଶା ବିଜୟ ଲକ୍ଷ୍ୟ ହାସଲ କରି ନେଇଥିଲା।



# କୋହଲିଙ୍କ ଶତକ ସତ୍ତ୍ୱେ ଭାରତ ପରାସ୍ତ

**ରାଞ୍ଚି, ୮।୩(ପି.ଟି.)**

ଅଧିନାୟକ ବିରାଟ କୋହଲିଙ୍କ ୧୨୩ ରନର ଶତକୀୟ ପାଳି (୯୫ ବଲ, ୧୬ ଚୌକା, ୧ ଛକା) ସତ୍ତ୍ୱେ ଭାରତ ତୃତୀୟ ଦିନିକିଆ ମ୍ୟାଚ୍‌ରେ ଭ୍ରମଣକାରୀ ଅଷ୍ଟ୍ରେଲିଆଠାରୁ ୩୨ ରନରେ ପରାସ୍ତ ହୋଇଛି। ସ୍ଥାନୀୟ ଜେଏସ୍‌ସିଏ ଆନ୍ତର୍ଜାତିକ ଷ୍ଟାଡିୟମ କମ୍ପ୍ଲେକ୍ସରେ ଶୁକ୍ରବାର ଖେଳାଯାଇଥିବା ଏହି ମୁକାବିଲାରେ ଭାରତ ଟସ୍ ଜିତି ଫିଲ୍ଡିଂ ନିଷ୍ପତ୍ତି ନେଇଥିଲା। ପ୍ରଥମେ ବ୍ୟାଟିଂ କରି ଅଷ୍ଟ୍ରେଲିଆ ଓପନର ଉସ୍‌ମାନ ଖ୍ୱାଜା ଓ ଅଧିନାୟକ ଆରୋନ ଫିଞ୍ଚଙ୍କ ଦମ୍‌ଦାର ବ୍ୟାଟିଂ ପ୍ରଦର୍ଶନ ବଳରେ ୫ ଉଇକେଟ ହରାଇ ୩୧୩ ରନ ସଂଗ୍ରହ କରିଥିଲା। ଜବାବରେ ଭାରତ ୪୮.୨ ଓଭରରେ ୨୮୧ ରନ କରି ଅଲଆଉଟ ହେବା ସହ ପରାସ୍ତ ହୋଇଛି। ପରାଜୟ ସତ୍ତ୍ୱେ ୫ ମ୍ୟାଚ୍ ବିଶିଷ୍ଟ ଏହି ସିରିଜରେ ଭାରତ ୨-୧ରେ ଅଗ୍ରଣୀ ବଜାୟ ରଖିଛି। ୧୦୪ ରନର ଶତକୀୟ ପାଳି ଖେଳିଥିବା ଖ୍ୱାଜା ପ୍ଲେୟାର ଅଫ୍ ଦି ମ୍ୟାଚ୍ ବିବେଚିତ ହୋଇଛନ୍ତି। ଚତୁର୍ଥ ଦିନିକିଆ ରବିବାର ମୋହାଲି ଷ୍ଟାଡିୟମରେ ଖେଳାଯିବ।

୩୧୪ ରନ କଷ୍ଟସାଧ୍ୟ ଟାର୍ଗେଟର ପିଛା କରି ଭାରତ ନିୟମିତ ଅନ୍ତରରେ ଉଇକେଟ ହରାଇଥିଲା। କୋହଲି ଏକା ଲଢିଥିଲେ ମଧ୍ୟ ଅନ୍ୟ ବ୍ୟାଟ୍ସମ୍ୟାନ ତାଙ୍କୁ ସହାୟତା ପ୍ରଦାନ କରି ନ ଥିଲେ। ବିଜୟ ପାଇଁ କୋହଲିଙ୍କ ଶତକୀୟ ଇନିଂସ ଯଥେଷ୍ଟ ହୋଇ ନ ଥିଲା। ଅନ୍ୟମାନଙ୍କ ମଧ୍ୟରେ ଅଲରାଉଣ୍ଡର ବିଜୟ ଶଙ୍କର ୩୨, ମହେନ୍ଦ୍ର ସିଂ ଧୋନୀ ୨୬, କେଦାର ଯାଦବ ୨୬, ରବୀନ୍ଦ୍ର ଜାଡେଜା ୨୪, ରୋହିତ ଶର୍ମା ୧୪, କୁଲଦୀପ ଯାଦବ ୧୦ ରନ କରି ଆଉଟ ହୋଇଥିଲେ। ଦୁଇ ଓପନର ଶିଖର ଧାୱନ ଓ ରୋହିତ ଶର୍ମା ପୁଣି ବିଫଳ ହେବା ସହ ଦୁଇ ଅଙ୍କ ଛୁଇଁ ପାରି ନ ଥିଲେ। ଧାୱନ ୧ ଓ ରୋହିତ ୧୪ ରନ କରି ପ୍ୟାଭିଲିୟନ ଫେରିଥିଲେ। ବୋଲିଂରେ ଅଷ୍ଟ୍ରେଲିଆ ତରଫରୁ ପ୍ୟାଟ କୁମିନ୍ସ, ଝେ ରିଚାର୍ଡ଼ଶନ ଓ ଆଡାମ ଜାମ୍ପା ୩ଟି ଲେଖାଏ, ଅଭିଜ୍ଞ ସ୍ପିନର ନାଥନ ଲିୟନ ଗୋଟିଏ ଉଇକେଟ ହାସଲ କରିଥିଲେ। ପୂର୍ବରୁ ଟସ୍ ହାରି ବ୍ୟାଟିଂ ପାଇଁ ଆମନ୍ତ୍ରଣ ପାଇଥିବା ଅଷ୍ଟ୍ରେଲିଆ ଦମ୍‌ଦାର ଆରମ୍ଭ କରିଥିଲା। ଦୁଇ ଓପନର ଘରୋଇ ବୋଲରଙ୍କୁ ନିରାଶ କରି ଦ୍ରୁତ ଗତିରେ ରନ୍ ସଂଗ୍ରହ କରିଥିଲେ। ଅଧିନାୟକ ଆରୋନ ଫିଞ୍ଚ୍ ଓ ଉସ୍‌ମାନ ଖ୍ୱାଜା ଓପନିଂ ଯୋଡିରେ ୩୩ ଓଭର ପୂର୍ବରୁ ୧୯୩ ରନ ସଂଗ୍ରହ କରିଥିଲେ। ଭଲ ଆରମ୍ଭ ସତ୍ତ୍ୱେ ଅଷ୍ଟ୍ରେଲିଆ ୩୧୩ ରନରେ ସୀମିତ ରହିଥିଲା। ଫିଞ୍ଚ୍ ୯୩ ରନ (୯୯ ବଲ, ୧୦ ଚୌକା, ୩ ଛକା) କରି ଚାଇନାମ୍ୟାନ କୁଲଦୀପ ଯାଦବଙ୍କ ବଲ୍‌ରେ ଏଲବିଡବ୍ଲ୍ୟୁ ହୋଇ ପ୍ୟାଭିଲିୟନ ଫେରିଥିଲେ। ଏହାପରେ ଖ୍ୱାଜା ୧୦୪ ରନ (୧୧୩ ବଲ, ୧୧ ଚୌକା , ୧ ଛକା)ର ଶତକୀୟ ପାଳି ଖେଳି ମହମ୍ମଦ ସାମିଙ୍କ ବଲ୍‌ରେ ଲମ୍ବା ଶଟ୍ ଖେଳିବାକୁ ଯାଇ ଶଟ୍ ମିଡ୍ ଉଇକେଟରେ ଯଶପ୍ରୀତ ବୁମ୍‌ରାଙ୍କ ହାତରେ ଧରା ପଡିଥିଲେ। ଏଥିସହ ଖ୍ୱାଜା ୩୩ ବର୍ଷ ବୟସରେ କ୍ୟାରିୟରର ପ୍ରଥମ ଦିନିକିଆ ଶତକ ହାସଲ କରିଛନ୍ତି। ଅଲରାଉଣ୍ଡର ଗ୍ଲେନ୍ ମ୍ୟାକ୍ସୱେଲ୍ ଚିରାଚରିତ ଢଙ୍ଗରେ ଧୂଆଁଧାର ବ୍ୟାଟିଂ କରି ୩୧ ବଲରୁ ୩ ଚୌକା ଓ ୩ ଛକା ସହ ୪୭ ରନ କରି ଦଳର ସ୍କୋରକୁ ଆଗେଇ ନେଉଥିବା ବେଳେ ରବୀନ୍ଦ୍ର ଜାଡେଜାଙ୍କ ଥ୍ରୋରେ ମହେନ୍ଦ୍ର ସିଂ ଧୋନୀଙ୍କ ଦ୍ୱାରା ଦୁର୍ଭାଗ୍ୟଜନକ ଭାବେ ରନ୍ ଆଉଟ ହୋଇଥିଲେ। ଏହାପରେ ଅଷ୍ଟ୍ରେଲିଆର ରନ୍ ସଂଗ୍ରହ ହାର କମିଥିଲା। ଶନ୍ ମାର୍ଶ ୭ ରନ କରି କୁଲଦୀପଙ୍କ ବଲ୍‌ରେ ବିଜୟ ଶଙ୍କରଙ୍କୁ କ୍ୟାଚ୍ ଦେଇ ପ୍ୟାଭିଲିୟନ ଫେରିଥିଲେ। ସେହିପରି ପିଟର ହ୍ୟାଣ୍ଡସ୍କମ୍ବ ଖାତା ଖୋଲିବା ପୂର୍ବରୁ ଏଲ୍‌ବିଡବ୍ଲ୍ୟୁ ହୋଇ କୁଲଦୀପଙ୍କ ତୃତୀୟ ଶିକାର ହୋଇଥିଲେ। ମାର୍କସ ଷ୍ଟୋଇନିସ୍ ୨୬ ବଲରୁ ୪ ଚୌକା ସହ ୩୧ ଓ ଉଇକେଟକିପର ବ୍ୟାଟ୍ସମ୍ୟାନ ଆଲେକ୍ସ କେରୀ ୧୭ ବଲରୁ ୩ ଚୌକା ସହ ୨୧ ରନ କରି ଅପରାଜିତ ରହିଥିଲେ। ଏହି ଦୁଇ ବ୍ୟାଟ୍ସମ୍ୟାନ ଷଷ୍ଠ ଉଇକେଟ ଯୋଡିରେ ୩୮ ବଲରୁ ଅପରାଜିତ ୫୦ ରନ କରି ଦଳର ସ୍କୋରକୁ ୩୦୦ ରନ ପାର କରାଇଥିଲେ। ଅନ୍ତିମ ୧୦ ଓଭରରେ ଅଷ୍ଟ୍ରେଲିଆ ୬୯ ରନ ସଂଗ୍ରହ କରିଥିଲା। ବୋଲିଂରେ ଭାରତ ତରଫରୁ କୁଲଦୀପ ୩ ଓ ସାମି ଗୋଟିଏ ଉଇକେଟ ଅକ୍ତିଆର କରିଥିଲେ।




ଶତକ ହାସଲ ପରେ ଉସମାନ ଖ୍ୱାଜା ଓ ବିରାଟ କୋହଲି।

## ୪ ହଜାର ରନ କରିବାରେ ଦ୍ରୁତତମ ଅଧିନାୟକ

ଭାରତୀୟ ଅଧିନାୟକ ବିରାଟ କୋହଲି ଆଉ ଏକ ସଫଳତାର ପାହାଚ ଅତିକ୍ରମ କରିଛନ୍ତି। ଚଳିତ ସିରିଜରେ ସେ କ୍ରମାଗତ ଦ୍ୱିତୀୟ ଶତକ ହାସଲ କରିଛନ୍ତି। ଏଥିସହିତ ସେ କ୍ୟାରିୟରର ୪୧ତମ ଶତକ ହାସଲ କରିଛନ୍ତି। ଆଉ ୮ଟି ଶତକ ଅର୍ଜନ କଲେ ସେ କ୍ରିକେଟ ଆଇକନ୍ ସଚିନ ତେନ୍ଦୁଲକରଙ୍କ ସର୍ବାଧିକ ଦିନିକିଆ ଶତକ ହାସଲ ରେକର୍ଡର ସମକକ୍ଷ ହେବେ। ଏଥି ସହିତ ସେ ୪୦୦୦ ରନ୍ ସଂଗ୍ରହରେ ଦ୍ରୁତତମ ଅଧିନାୟକ ସାବ୍ୟସ୍ତ ହୋଇଛନ୍ତି। ସେ ଅଧିନାୟକ ହିସାବରେ ୬୬ଟି ମ୍ୟାଚ୍ ଖେଳି ଏହି ମାଇଲଖୁଣ୍ଟ ଅତିକ୍ରମ କରିଛନ୍ତି। ଚତୁର୍ଥ ଭାରତୀୟ ଅଧିନାୟକ ଭାବେ ସେ ଏହି ସଫଳତା ପାଇଛନ୍ତି। ଏହାପୂର୍ବରୁ ମହେନ୍ଦ୍ର ସିଂ ଧୋନୀ, ମହମ୍ମଦ ଆଝାରୁଦ୍ଦିନ ଓ ସୌରଭ ଗାଙ୍ଗୁଲି ଅଧିନାୟକ ହିସାବରେ ଏହି ମାଇଲଖୁଣ୍ଟ ଅତିକ୍ରମ କରିଛନ୍ତି। ଏଥିପାଇଁ ସେ ୨୭ ରନ ଅବଶ୍ୟକ କରୁଥିଲେ। ତେବେ ସେ ୯୫ଟି ବଲର ସମ୍ମୁଖୀନ ହୋଇ ୧୬ ଚୌକା ଓ ୧ ଛକା ସହ ଦ୍ରୁତ ୧୨୩ ରନର ଶତକୀୟ ପାଳି ଖେଳି ସ୍ପିନର ଆଡାମ ଜାମ୍ପାଙ୍କ ବଲ୍‌ରେ ବୋଲ୍ଡ ହୋଇ ପ୍ୟାଭିଲିୟନ ଫେରିଥିଲେ। ମାତ୍ର ୬୩ଟି ଇନିଂସରେ କୋହଲି ୪ ହଜାର ରନ ସଂଗ୍ରହ କରି ଏବି ଡିଭିଲର୍ସ (୭୭ ଇନିଂସ)ଙ୍କୁ ପଛରେ ପକାଇ ଦ୍ରୁତତମ ଖେଳାଳି ସାବ୍ୟସ୍ତ ହୋଇଛନ୍ତି।

### ଭାରତ-ଅଷ୍ଟ୍ରେଲିଆ ମ୍ୟାଚ୍ ସ୍କୋରବୋର୍ଡ

**ଅଷ୍ଟ୍ରେଲିଆ ଇନିଂସ**

ଫିଞ୍ଚ୍-ଏଲ୍‌ବିଡବ୍ଲ୍ୟୁ-କୁଲ୍‌ଦୀପ-୯୩
ଖ୍ୱାଜା-କ-ବୁମ୍‌ରା-ବୋ-ସାମି-୧୦୪
ମାକ୍ସୱେଲ-ରନ୍‌ଆଉଟ(ଜାଡେଜା/ଧୋନୀ)-୪୭
ମାର୍ଶ-କ-ଶଙ୍କର-ବୋ-କୁଲ୍‌ଦୀପ-୭
ଷ୍ଟୋଇନିସ୍-ନଟ ଆଉଟ୍-୩୧
ହ୍ୟାଣ୍ଡସ୍କମ୍ବ-ଏଲ୍‌ବିଡବ୍ଲ୍ୟୁ-କୁଲ୍‌ଦୀପ-୦
ଆଲେକ୍ସ କାରେ-ନଟ୍ ଆଉଟ-୨୧
ଅତିରିକ୍ତ-୧୦
ମୋଟ : (୫୦ ଓଭର, ୫ ଉଇକେଟ) ୩୧୩।
ଉଇକେଟ ପତନ: ୧/୧୯୩, ୨/୨୩୯, ୩/୨୫୮, ୪/୨୬୩, ୫/୨୬୩)।
ବୋଲିଂ (ଭାରତ)
ସାମି ୧୦-୦-୫୨-୧
ବୁମ୍‌ରା ୧୦-୦-୫୩-୦
ଜାଡେଜା ୧୦-୦-୬୪-୦
କୁଲ୍‌ଦୀପ ୧୦-୦-୬୪-୩
ଶଙ୍କର ୮-୦-୪୪-୦
କେଦାର ୨-୦-୩୨-୦।

**ଭାରତ ଇନିଂସ**

ଧାୱନ-କ-ମାକ୍ସୱେଲ-ବୋ-ରିଚାର୍ଡସନ-୧
ରୋହିତ-ଏଲ୍‌ବିଡବ୍ଲ୍ୟୁ- କୁମିନ୍ସ-୧୪
କୋହଲି-ବୋ-ଜାମ୍ପା-୧୨୩
ରାୟୁଡୁ-ବୋ-କୁମିନ୍ସ-୨
ଧୋନୀ-ବୋ-ଜାମ୍ପା-୨୬
କେଦାର-ଏଲ୍‌ବିଡବଲ୍ୟୁ-ଜାମ୍ପା-୨୬
ଶଙ୍କର-କ-ରିଚାର୍ଡସନ-ବୋ-ଲିଅନ-୩୨
ଜାଡେଜା-କ-ମାକ୍ସୱେଲ-ବୋ-ରିଚାର୍ଡସନ-୨୪
କୁଲଦୀପ୍-କ-ଫିଞ୍ଚ୍-ବୋ-କୁମିନ୍ସ-୧୦
ସାମି-କ-କୁମିନ୍ସ-ବୋ-ରିଚାର୍ଡସନ-୮
ବୁମ୍‌ରା-ନଟ୍ ଆଉଟ୍-୦
ଅତିରିକ୍ତ-୧୫
ମୋଟ : (୪୮.୨ ଓଭର, ଅଲ୍‌ଆଉଟ୍) ୨୮୧।
ଉଇକେଟ ପତନ: ୧/୧୧, ୨/୧୫, ୩/୨୭, ୪/୮୬, ୫/୧୭୪, ୬/୨୧୯, ୭/୨୫୧, ୮/୨୭୩, ୯/୨୮୧, ୧୦/୨୮୧।
ବୋଲିଂ (ଅଷ୍ଟ୍ରେଲିଆ)
କୁମିନ୍ସ ୮.୨-୧-୩୭-୩
ରିଚାର୍ଡସନ ୯-୨-୩୭-୩
ଷ୍ଟୋଇନିସ୍ ୬-୦-୩୯-୦
ଲିଅନ ୧୦-୦-୫୭-୧
ଜାମ୍ପା ୧୦-୦-୭୦-୩
ମାକ୍ସୱେଲ ୫-୦-୩୦-୦ ।

### ପ୍ରଥମ ଶତକ ହାସଲ କରିବାରେ ବୟସ୍କ ଅଷ୍ଟ୍ରେଲୀୟ ଖେଳାଳି

- ୩୩ ବର୍ଷ ୧୨୯ ଦିନ ଆଡାମ ଭୋଗସ୍ ୧୧୨* ବନାମ ୱେଷ୍ଟଇଣ୍ଡିଜ,ଏମ୍‌ସିଜି, ୨୦୧୩
- ୩୨ ବର୍ଷ ୮୦ ଦିନ ଉସ୍‌ମାନ ଖ୍ୱାଜା ୧୦୪ ବନାମ ଭାରତ, ରାଞ୍ଚି, ୨୦୧୯
- ୩୨ ବର୍ଷ ୭୯ ଦିନ ବ୍ରାଡ ହଜ ୧୨୩ ବନାମ ନେଦରଲାଣ୍ଡ୍ସ ବାସେଟେର, ୨୦୦୭
- ୩୨ ବର୍ଷ ୪୪ଦିନ ଡେଭିଡ ହସି ୧୧୧ ବନାମ ସ୍କଟଲାଣ୍ଡ, ଏଡିନବର୍ଗ, ୨୦୦୯

### ଭାରତ ବିପକ୍ଷରେ ଭାରତରେ ସର୍ବାଧିକ ଓପନିଂ ପାର୍ଟନରଶିପ୍

- ୨୩୫ ଗ୍ୟାରୀ କର୍ଷ୍ଟେନ-ହର୍ଶେଲ ଗିବ୍ସ, କୋଚି, ୨୦୦୦
- ୨୩୧ ଆରୋନ ଫିଞ୍ଚ୍-ଡେଭିଡ ୱାର୍ନର, ବେଙ୍ଗାଲୁରୁ, ୨୦୧୭
- ୨୧୨ ଜେଫ୍ ମାର୍ଶ- ଡେଭିଡ ବୁନ୍, ଜୟପୁର, ୧୯୮୬
- ୧୯୩ ଆରୋନ ଫିଞ୍ଚ୍-ଉସ୍‌ମାନ ଖ୍ୱାଜା, ରାଞ୍ଚି, ୨୦୧୯

### ରାଞ୍ଚିରେ ଉଚ୍ଚତମ ସ୍କୋର

- ୩୧୩/୫ ଅଷ୍ଟ୍ରେଲିଆ ବନାମ ଭାରତ, ୨୦୧୯
- ୨୯୫/୮ ଅଷ୍ଟ୍ରେଲିଆ ବନାମ ଭାରତ, ୨୦୧୩

## ରାଜୀବ, ସେନ୍ଥିଲଙ୍କ ପ୍ରଭାବୀ ପ୍ରଦର୍ଶନ



ଚେନ୍ନାଇ, ୮ ।୩(ପି.ଟି.): ମାଲେସିଆର ସେପଙ୍ଗ ଇଣ୍ଟରନ୍ୟାଶନାଲ ସର୍କିଟରେ ଏସିଆ ରୋଡ୍ ରେସିଂ ଚାମ୍ପିୟନଶିପ୍ (ଏଆର୍‌ଆର୍‌ସି)ର ପ୍ରଥମ ରାଉଣ୍ଡ ଶନିବାର ଆରମ୍ଭ ହେବ। ୨୦୧୯ ସିଜନର ଏହି ପ୍ରଥମ ରାଉଣ୍ଡରେ ୭ ଦେଶର ୨୫ ରାଇଡର ଭାଗନେବାର କାର୍ଯ୍ୟକ୍ରମ ରହିଛି। ଏହି ସମ୍ମାନଜନକ ରେସ୍ ପାଇଁ ଇଦିମିତ୍ସୁ ହୋଣ୍ଡା ରେସିଂ ଇଣ୍ଡିଆ ଟିମ୍ ନିଜକୁ ପ୍ରସ୍ତୁତ କରିଛି। ଦଳର ୨ ଦିନିଆ ପ୍ରି-ସିଜନ ଟେଷ୍ଟ ଗୁରୁବାର ସଫଳତାର ସହ ଶେଷ ହୋଇଛି। ହୋଣ୍ଡା ରେସିଂ ଇଣ୍ଡିଆ ଟିମ୍‌ର ଅଭିଜ୍ଞ ରାଜୀବ ସେଥୁ ଓ ଯୁବ ରାଇଡର ସେନ୍ଥିଲ କୁମାର ପ୍ରି-ସିଜନ ଟେଷ୍ଟରେ ସେମାନଙ୍କ ଟାଇମିଂରେ ଉନ୍ନତି ଆଣିଛନ୍ତି।

## ପାର୍ବତୀଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା

କଟକ ଅଫିସ,୮।୩

ପଞ୍ଜାବର ସଙ୍ଗ୍ରୁରସ୍ଥିତ ୱାର ହିରୋଜ ଷ୍ଟାଡିୟମରେ ଅନୁଷ୍ଠିତ ଇଣ୍ଡିଆନ ଗ୍ରାଁ ପି ଟ୍ରାକ ଆଣ୍ଡ ଫିଲ୍ଡ ପ୍ରତିଯୋଗିତାରେ ୨ଟି ପଦକ ଜିତିଥିବା ଓଡ଼ିଶାର ପାର୍ବତୀ ସେଠୀ ଶୁକ୍ରବାର ପ୍ରତ୍ୟାବର୍ତ୍ତନ କରିଛନ୍ତି। କଟକ ରେଳଷ୍ଟେସନରେ ପାର୍ବତୀଙ୍କୁ ଭବ୍ୟ ସ୍ୱାଗତ ଜଣାଯିବା ସହ ସମ୍ବର୍ଦ୍ଧିତ କରାଯାଇଥିଲା । ପ୍ରତିଯୋଗିତାର ଡିସକସ ବିଭାଗରେ ପାର୍ବତୀ ଗୋଟିଏ ରୌପ୍ୟ ଓ ଗୋଟିଏ ବ୍ରୋଞ୍ଜ ପଦକ ଜିତିଥିଲେ । ସମ୍ବର୍ଦ୍ଧନା ଅବସରରେ ରେଳ ବିଭାଗର ବରିଷ୍ଠ ଅଧିକାରୀ ରାଜା କୁମାର, ସୁରେଶ ବେହେରା, ସେଖ ରହିମତୁଲ୍ଲା ଉପସ୍ଥିତ ଥିଲେ । ଏହାଛଡ଼ା ଅନ୍ୟ ଆଥଲେଟ ଶିବାନୀ ଓରାମ, ଶୁଭ୍ରଦୀପା ବିଶ୍ୱାଳ, ମଲି ସୋରେନ ପ୍ରମୁଖ ଉପସ୍ଥିତ ଥିଲେ ।

## ସିଧାସଳଖ ବିଶ୍ୱକପ୍ ଖେଳିବେ ସ୍ମିଥ, ୱାର୍ନର

**ମେଲବୋର୍ନ,୮।୩**

ପୂର୍ବତନ ଅଷ୍ଟ୍ରେଲିଆନ ଅଧିନାୟକ ଷ୍ଟିଭ ସ୍ମିଥ ଓ ଡେଭିଡ୍ ୱାର୍ନର କୌଣସି ଅନ୍ତର୍ଜାତୀୟ ମ୍ୟାଚ୍ ନ ଖେଳି ସିଧାସଳଖ ବିଶ୍ୱକପ୍ ଖେଳିବେ। ବିଶ୍ୱକପ୍ ପୂର୍ବରୁ ବାସନ୍ଦାଦେଶ ଶେଷ ହେଲା ପରେ ମଧ୍ୟ ସେମାନଙ୍କୁ ପାକିସ୍ତାନ ବିପକ୍ଷ ଦିନିକିଆ ସିରିଜ୍‌ରେ ଖେଳିବାକୁ ସୁଯୋଗ ମିଳିବ ନାହିଁ। ଦୁଇ ଖେଳାଳିଙ୍କ ଉପରୁ ବାସନ୍ଦ ହଟିବା ପରେ ଅଷ୍ଟ୍ରେଲିଆ ୟୁଏଇଠାରେ ପାକିସ୍ତାନ ବିପକ୍ଷରେ ଦୁଇଟି ମ୍ୟାଚ୍ ଖେଳିବାର କାର୍ଯ୍ୟସୂଚୀ ଅଛି। ହେଲେ ସ୍ମିଥ ଓ ୱାର୍ନରଙ୍କୁ ପାକିସ୍ତାନ ସିରିଜ୍ ଲାଗି ଘୋଷିତ ୧୫ ଜଣିଆ ଅଷ୍ଟ୍ରେଲିଆ ଦଳରୁ ସାମିଲ କରାଯାଇନାହିଁ। ଏହାର ଅର୍ଥ ଉଭୟ ଅଷ୍ଟ୍ରେଲିଆନ୍ ଖେଳାଳିଙ୍କୁ ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ)ରେ ଫର୍ମ ଫେରିପାଇବାକୁ ଉଦ୍ୟମ କରିବାକୁ ପଡ଼ିବ। ଅଷ୍ଟ୍ରେଲିଆର ମୁଖ୍ୟ ଚୟନକର୍ତ୍ତା ଟ୍ରେଭର ହନ୍ସ କହିଛନ୍ତି ସ୍ମିଥ ଓ ୱାର୍ନରଙ୍କ ଉପରୁ ଚଳିତ ମାସ ୨୮ ତାରିଖରେ ବାସନ୍ଦ ହଟିବ। କିନ୍ତୁ କହୁଣି ଜନିତ ଆହତ ସମସ୍ୟା ଯୋଗୁ ତାଙ୍କୁ ବିଶ୍ରାମ ଦିଆଯାଇଛି।

## ରାଜ୍ୟ ବାହୁକୁସ୍ତି ୧୭ରେ

**ଭୁବନେଶ୍ୱର, ୮।୩(କ୍ରୀଡ଼ା ପ୍ରତିନିଧି)**

ରାଜ୍ୟ ବାହୁକୁସ୍ତି ସଂଘ(ଅଲ୍ ଓଡ଼ିଶା ଆର୍ମ ରେସଲିଂ ଆସୋସିଏଶନ) ଆନୁକୂଲ୍ୟରେ ରାଜ୍ୟ ବାହୁକୁସ୍ତି ପ୍ରତିଯୋଗିତାର ୪୦ତମ ସଂସ୍କରଣ ଚଳିତମାସ ୧୭ ତାରିଖରେ ଉତ୍କଳ କରାଟେ ସ୍କୁଲ ପରିସରରେ ଅନୁଷ୍ଠିତ ହେବ। ଏହି ସମ୍ମାନଜନକ ପ୍ରତିଯୋଗିତାରେ ରାଜ୍ୟର ବିଭିନ୍ନ ଜିଲାରୁ ୨୦୦ରୁଊର୍ଦ୍ଧ୍ୱପ୍ରତିଯୋଗୀଅଂଶଗ୍ରହଣକରିବାକାର୍ଯ୍ୟକ୍ରମରହିଛି। ୧୯୭୭ରୁ ପ୍ରତିଷ୍ଠା ହୋଇଥିବା ଓଡ଼ିଶାର ଏକମାତ୍ର ବାହୁକୁସ୍ତି ସଂଘ ଆଗାମୀ ରାଜ୍ୟ ପ୍ରତିଯୋଗିତାରୁ ଜାତୀୟ ପ୍ରତିଯୋଗିତା ପାଇଁ ଦଳ ମନୋନୟନ କରିବ। ରାଜ୍ୟର ଯେକୌଣସି ବ୍ୟାୟାମଶାଳାର କ୍ରୀଡ଼ାବିତ୍(ମହିଳା/ପୁରୁଷ) ଏହି ପ୍ରତିଯୋଗିତାରେ ଅଂଶଗ୍ରହଣ କରିପାରିବେ। ୧୭ ତାରିଖ ସକାଳ ୯ଟାରୁ ୧୦ଟା ମଧ୍ୟରେ ପ୍ରତିଯୋଗୀମାନେ ଉତ୍କଳ କରାଟେ ସ୍କୁଲଠାରେ ୫୦ ଟଙ୍କା ଦେଇ ନାମ ପଞ୍ଜୀକରଣ କରିବାପରେ ପ୍ରତିଯୋଗିତାରେ ଭାଗନେଇପାରିବେ ବୋଲି ରାଜ୍ୟ ବାହୁକୁସ୍ତି ସଂଘର ସମ୍ପାଦକ ଡ. ହରିପ୍ରସାଦ ପଟ୍ଟନାୟକ ପ୍ରକାଶ କରିଛନ୍ତି।









Printed and Published by Tathagata Satpathy on behalf of Navajat Printers & Media Pvt. Ltd.& Printed at Navajat Printers, B/4, Bareipali, Sambalpur, Editor - Tathagata Satpathy ସମ୍ପାଦକ–ତଥାଗତ ସତପଥୀ

■ ବେଲପାହାଡ଼ କପ୍ ସର୍ବ ଭାରତୀୟ କ୍ରିକେଟ ଟୁର୍ନାମେଣ୍ଟ

# ରାଞ୍ଚି ରେଲୱେ, ଲିଓ ୟୁଥ୍ ବିଜୟୀ

**ବେଲପାହାଡ଼,୮।୩ (ଡ଼ି.ଏନ୍.ଏ.)**

ଝାରସୁଗୁଡ଼ା ଜିଲା ଟିଆର୍ଏଲ ଷ୍ଟାଡ଼ିୟମରେ ଲିଓ ୟୁଥ ଆସୋସିଏଶନ ପକ୍ଷରୁ ଚାଲିଥିବା ବେଲପାହାଡ଼ କପ୍ ସର୍ବଭାରତୀୟ କ୍ରିକେଟ ଟୁର୍ନାମେଣ୍ଟର ଷଷ୍ଠ ଦିବସରରେ ଶୁକ୍ରବାର ରାଞ୍ଚି ରେଲୱେ ଓ ବ୍ରଜରାଜନଗର ବିସିଏ ମଧ୍ୟରେ ପ୍ରଥମ ମ୍ୟାଚ୍ ଅନୁଷ୍ଠିତ ହୋଇଥିଲା । ରାଞ୍ଚି ଦଳ ପ୍ରଥମେ ବ୍ୟାଟିଂ ଆରମ୍ଭ କରି ନିର୍ଦ୍ଧାରିତ ୨୦ ଓଭରରେ ୯ ଉଇକେଟ ହରାଇ ୧୯୨ ରନ୍ ସଂଗ୍ରହ କରିଥିଲା । ଏହାର ଜବାବରେ ବ୍ରଜରାଜନଗର ବିସିଏ ଦଳ ୧୩.୨ ଓଭରରେ ୯ ଉଇକେଟ ହରାଇ ମାତ୍ର ୬୩ ରନ୍ ସଂଗ୍ରହ କରିବାକୁ ସକ୍ଷମ ହୋଇଥିଲା । । ରାଞ୍ଚି ଦଳର କୁଲଦୀପ ଶର୍ମା ୩୪ ବଲରେ ୫୪ ରନ୍ ଏବଂ ଅନୁରାଗ ସଞ୍ଜୟ ୨୦ ବଲରେ ୩୭ ରନ୍ କରିଥିଲେ । ସେହିପରି ବ୍ରଜରାଜନଗରର ବୋଲର ଆକାଶ ସିଂ ବିପକ୍ଷ ରାଞ୍ଚି ଦଳର ୨ଟି ଉଇକେଟ ଏବଂ ରାଞ୍ଚି ଦଳର ବୋଲର ବିନୀତ ପାଣ୍ଡେ ବ୍ରଜରାଜନଗର ଦଳର ୩ ଉଇକେଟ ନେଇଥିଲେ । ପ୍ରଥମ ମ୍ୟାଚ୍‌ରେ ରାଞ୍ଚି ଦଳର କୁଲଦୀପ ଶର୍ମାଙ୍କୁ ମ୍ୟାନ୍ ଅଫ୍ ଦି ମ୍ୟାଚ୍ ଘୋଷଣା କରାଯାଇଛି ।

ଦ୍ୱିତୀୟ ମ୍ୟାଚ୍ ବେଲପାହାଡ଼ର ଲିଓ ୟୁଥ ଆସୋସିଏଶନ ଓ ବ୍ରଜରାଜନଗରର ଆମ୍ବିଶନ କ୍ଲବ ମଧ୍ୟରେ ଅନୁଷ୍ଠିତ ହୋଇଥିଲା । ଏଥିରେ ଆମ୍ବିଶନ ଦଳ ପ୍ରଥମେ ବ୍ୟାଟିଂ ଆରମ୍ଭ କରି ୧୮.୫ ଓଭରରେ ସମସ୍ତ ଉଇକେଟ ହରାଇ ମୋଟ ୭୦ ରନ୍ ସଂଗ୍ରହ କରିଥିଲା । ଲିଓ ୟୁଥ ଆସୋସିଏଶନ ୭.୩ ଓଭରରେ ୨ ଉଇକେଟ ହରାଇ ୭୧ ରନ ସଂଗ୍ରହ କରିବା ସହିତ ସହଜ ଭାବେ ନିଜର ବିଜୟ ଲକ୍ଷ୍ୟକୁ ହାସଲ କରିପାରିଥିଲା । ଲିଓ ୟୁଥ୍‌ର ବୋଲର ସାଗର ରାଉତ ୩.୫ ଓଭରରେ ୧୧ ରନ ଦେଇ ଆମ୍ବିଶନ ଦଳର ୩ ଉଇକେଟ ଏବଂ ଆମ୍ବିଶନ ଦଳର ବୋଲର୍ ଆଜାଦ ଖାନ ୩ ଓଭରରେ ୩୨ ରନ୍ ଦେଇ ଲିଓ ୟୁଥ ଦଳର ଗୋଟିଏ ଉଇକେଟ ଧରାଶାୟୀ କରିଥିଲେ । ୨୩ ବଲରେ ୪୦ ରନ କରିଥିବା ଲିଓ ୟୁଥ ଦଳର ବ୍ୟାଟ୍ସମ୍ୟାନ ସୁଶାନ୍ତ ଲେଙ୍କାଙ୍କୁ ମ୍ୟାନ ଅଫ୍ ଦି ମ୍ୟାଚ୍ ଘୋଷଣା କରାଯାଇଛି।

# କୂଅରେ ପଡ଼ି ଯୁବକଙ୍କ ମୃତ୍ୟୁ

**ପାଇକମାଳ, ୮।୩ (ଡି.ଏନ.ଏ)**

ପାଇକମାଳ ବ୍ଲକ ବିଜାଡିହି ଗ୍ରାମରେ ଜଣେ ଯୁବକ ନିଜ କ୍ଷେତରେ ଥିବା କୂଅରେ ପଡି ମୃତ୍ୟୁବରଣ କରିଛନ୍ତି। ମୃତକ ହେଲେ ଲୋକେଶ ସାହୁ (୨୩) । ସେ ଶୁକ୍ରବାର ମହୁଲ ଗୋଟାଇବା ପାଇଁ ନିଜ କ୍ଷେତକୁ ଯାଇଥିଲେ। ପ୍ରାୟ ୮ଟାରେ ଗୋଡ ହାତ ଧୋଇବା ପାଇଁ ନିକଟସ୍ଥ ଜମିରେ ଥିବା କୂଅରେ ପାଣି କାଢୁଥିବା ସମୟରେ ପଡିଯାଇଥିଲେ । ନିକଟରେ ଥିବା ଲୋକମାନେ ଉଦ୍ଧାର କରି ପଦ୍ମପୁର ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏ ନେଇ ପାଇକମାଳ ଥାନାରେ ଏକ ଅପମୃତ୍ୟୁ ମାମଲା (ନଂ.୩/୧୯) ରୁଜୁ ହୋଇଛି ।




## ବାଇକ୍ ଦୁର୍ଘଟଣାରେ ଜଣେ ମୃତ

**ପୁରୁଣାକଟକ, ୮।୩(ଡି.ଏନ.ଏ)**

ବୌଦ୍ଧ ଜିଲା ପୁରୁଣାକଟକ ଧଳପୁର ଛକରେ ଶୁକ୍ରବାର ଏକ ବାଇକ ଦୁର୍ଘଟଣାରେ ଜଣଙ୍କ ମୃତ୍ୟୁ ଘଟିଛି । ମୃତକ ହେଲେ ରାମ୍ଭିକଟା ଗ୍ରାମର ଭାଗିରଥି ସେଠୀ । ପୁରୁଣାକଟକ ପୋଲିସ ଏ ନେଇ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି । ଶୁକ୍ରବାର ସକାଳେ ପୁରୁଣାକଟକ ବିଦ୍ୟୁତ୍ ବିଭାଗରେ ଲ୍ୟାଡର ମ୍ୟାନ ଭାବେ କାର୍ଯ୍ୟରତ ଭାଗିରଥି ନିଜ ବାଇକ (ନଂ.ଓଡି୨୭/୦୦୬୩) ଯୋଗେ ଚାରିଛକ ପଟୁ ନିଜ ଘର ରାମ୍ଭିକଟାକୁ ଯାଉଥିଲେ । ଏହି ସମୟରେ ସେ କୌଣସି କାରଣରୁ ଭାରସାମ୍ୟ ହରାଇ ପୁରୁଣାକଟକ ବଜାରର ଧଳପୁର ଛକରେ ଦୁର୍ଘଟଣାଗ୍ରସ୍ତ ହୋଇଥିଲେ। ତାଙ୍କୁ ଗୁରୁତର ଅବସ୍ଥାରେ ପୁରୁଣାକଟକ ମେଡିକାଲରେ ଭର୍ତ୍ତି କରାଯାଇଥିଲା। ସେଠାରେ ତାଙ୍କର ମୃତ୍ୟୁ ଘଟିଥିଲା।











"ଅନ୍ୟର ସମୃଦ୍ଧିରେ ଯେ ଆନନ୍ଦ ପ୍ରକାଶ କରେ, ସେ ସେହି ସମୃଦ୍ଧିରେ ହିଁ ଭାଗୀଦାର ହୋଇଥାଏ।

- ମେରି ଆଣ୍ଟିନ

**ସଂକ୍ଷେପରେ**

## ବ୍ୟବସାୟିକ ପ୍ରତିଷ୍ଠାନରୁ ଲୁଟ୍

**ବରପାଲି, ୮।୩ (ଡି.ଏନ.ଏ)-** ବରପାଲି ସହରର ସିନେମା ହଲ ନିକଟରେ ଥିବା ଏକ ବ୍ୟବସାୟିକ ପ୍ରତିଷ୍ଠାନରୁ ଶୁକ୍ରବାର ଲୁଟ୍ ହୋଇଛି। କିଛି ମାସ ହେଲା ଆନ୍ଧ୍ର ଅଞ୍ଚଳର ଜଣେ ବ୍ୟବସାୟୀ ବରପାଲି ଆସି ଏକ ବ୍ୟବସାୟିକ ପ୍ରତିଷ୍ଠାନ ଖୋଲିଥିଲେ। ସେ ଶସ୍ତାରେ ବିଭିନ୍ନ ସାମଗ୍ରୀ ଦେବ ବୋଲି କହି ଗ୍ରାହକମାନଙ୍କଠାରୁ ଅଗ୍ରୀମ ଲକ୍ଷାଧିକ ଟଙ୍କା ନେଇଥିଲେ। ମାତ୍ର ଶୁକ୍ରବାର ଉକ୍ତ ବ୍ୟବସାୟିକ ପ୍ରତିଷ୍ଠାନ ବନ୍ଦ ଥିବାରୁ ଲୋକଙ୍କ ସନ୍ଦେହ ହୋଇଥିଲା । ଏଥିରେ ଉତ୍ୟକ୍ତ ଲୋକେ ଦୋକାନ ଭାଙ୍ଗି ବିଭିନ୍ନ ସାମଗ୍ରୀ ଲୁଟ୍ କରିଥିଲେ । ବରପାଲି ପୋଲିସ ଖବର ପାଇ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଚଳାଇଛି ।

### ସିମେଣ୍ଟ କାରଖାନା ଶ୍ରମିକଙ୍କୁ ସରକାରଙ୍କ ନିର୍ଦ୍ଧାରିତ ହାରରେ ପାରିଶ୍ରମିକ ମିଳୁନି

# ଶ୍ରମ ଅଧିକାରୀଙ୍କ ଅଫିସ ଆଗରେ ବିକ୍ଷୋଭ

**ବରଗଡ଼ ଅଫିସ୍, ୮।୩**

ଏସିସି ପରିଚାଳିତ ବରଗଡ଼ ସିମେଣ୍ଟ କାରଖାନା କର୍ତ୍ତୃପକ୍ଷ ଏଠାରେ କାର୍ଯ୍ୟରତ ଶ୍ରମିକଙ୍କୁ ସରକାରଙ୍କ ନିର୍ଦ୍ଧାରିତ ହାରରେ ପାରିଶ୍ରମିକ ପ୍ରଦାନ କରୁ ନ ଥିବା ଅଭିଯୋଗ ହୋଇଛି। ଏଭଳି ଅଭିଯୋଗ ନେଇ ଶୁକ୍ରବାର ସ୍ଥାନୀୟ ଇଡ଼କଲ ସିମେଣ୍ଟ ମଜଦୁର ସଂଘ ବରଗଡ଼ ଜିଲା ଶ୍ରମ ଅଧିକାରୀଙ୍କ ଅଫିସ ଆଗରେ ବିକ୍ଷୋଭ ପ୍ରଦର୍ଶନ କରିଥିଲା। ଏଥିରେ ସଂଘର ଶତାଧିକ ଶ୍ରମିକ ସାମିଲ ଥିଲେ।

ପ୍ରକାଶ ଯେ, ଓଡ଼ିଶା ସରକାରଙ୍କ ଗେଜେଟ୍ ନୋଟିଫିକେଶନ ନଂ. ୪୩୧୨୦୮ ତା ୩୦।୧୦।୨୦୧୮ କ୍ରମେ ଶ୍ରମିକଙ୍କ ଦୈନିକ ପାରିଶ୍ରମିକ ନିର୍ଦ୍ଧାରଣ କରାଯାଇଛି। ଏହି କ୍ରମରେ ଶ୍ରମିକ (ଅନସ୍କିଲ୍ଡ)ଙ୍କ ପାରିଶ୍ରମିକ ୨୦୦, ଶ୍ରମିକ (ସେମି ସ୍କିଲ୍ଡ)ଙ୍କ ପାରିଶ୍ରମିକ ୨୨୦ରୁ ୩୨୦ ଟଙ୍କା, ଶ୍ରମିକ(ସ୍କିଲ୍ଡ) ୨୪୦ରୁ ୩୭୦ ଟଙ୍କା, ଶ୍ରମିକ (ହାଇ ସ୍କିଲ୍ଡ) ୨୬୦ରୁ ୪୩୦ ଟଙ୍କା ଧାର୍ଯ୍ୟ କରାଯାଇଛି। ସେହିପରି ସରକାର ଶ୍ରମିକଙ୍କୁ ଭିଡ଼ିଏ ବାବଦକୁ ମୋଟ୍ ୨୪ଟଙ୍କା ୩୦ ପଇସା ଦେବାର ବ୍ୟବସ୍ଥା କରିଛନ୍ତି।



ବରଗଡ଼ ଜିଲା ଶ୍ରମ ଅଧିକାରୀଙ୍କ ଅଫିସ ଆଗରେ ଶ୍ରମିକମାନେ ବିକ୍ଷୋଭ କରୁଛନ୍ତି।

କିନ୍ତୁ ବରଗଡ଼ ସିମେଣ୍ଟ କାରଖାନା କର୍ତ୍ତୃପକ୍ଷ ଏଠାରେ କାର୍ଯ୍ୟରତ ଶ୍ରମିକଙ୍କୁ ଭିଡ଼ିଏ ବାବଦକୁ ସେମାନଙ୍କ ପ୍ରାପ୍ୟ ୨୪ ଟଙ୍କା ୩୦ ପଇସା କାଟି ଦେଉଥିବା ଶ୍ରମିକମାନେ ଅଭିଯୋଗ କରିଛନ୍ତି। ତେବେ ଶ୍ରମିକଙ୍କ ପ୍ରତି କାରଖାନା କର୍ତ୍ତୃପକ୍ଷଙ୍କ ଏଭଳି ମନୋଭାବ ନେଇ ବାରମ୍ଵାର ଜିଲାପାଳ, ଜିଲା ଶ୍ରମ ଅଧିକାରୀଙ୍କ କାର୍ଯ୍ୟାଳୟକୁ ଆସିଥିଲେ ମଧ୍ୟ ଏପର୍ଯ୍ୟନ୍ତ କୌଣସି ସୁଫଳ ମିଳି ନ ଥିବା ଇଡ଼କଲ ସିମେଣ୍ଟ ମଜଦୁର ସଂଘ ଅଭିଯୋଗ କରିଛି। ଫଳରେ ଏହାର ପ୍ରତିବାଦରେ ସେମାନେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ ଏବଂ ସେମାନଙ୍କୁ ପ୍ରାପ୍ୟ ଭିଡ଼ିଏ ଟଙ୍କା ଦିଆ ନ ଗଲେ ଆଗକୁ ଆନ୍ଦୋଳନକୁ ଆହୁରି ବ୍ୟାପକ କରାଯିବ ବୋଲି ସଂଘ ପକ୍ଷରୁ ଚେତାବନୀ ଦିଆଯାଇଛି।

## ସ୍କୁଲ ପିଲାଙ୍କ ପାଇଁ ଆରୋ ୱାଟର ପ୍ୟୁରିଫାୟାର ବ୍ୟବସ୍ଥା

**ବୌଦ୍ଧ,୮।୩ (ସ୍ୱ.ପ୍ର.)**

ବୌଦ୍ଧ ଡିଷ୍ଟିଲାରୀ ପ୍ରାଇଭେଟ୍ ଲିଃ. (ବି.ଡି.ପି.ଏଲ୍) ପକ୍ଷରୁ ହରଭଙ୍ଗା ବ୍ଲକ ଅଧୀନ ୪ଟି ସ୍କୁଲ୍‌ରେ ସୋଲାର ଆରୋ ୱାଟର ପ୍ୟୁରିଫାୟାର ଲଗାଯାଇଛି । ଜିଲା ଶିକ୍ଷା ଅଧିକାରୀ କରୁଣାକର ଭୂୟାଁ, ବ୍ଲକ ଶିକ୍ଷା ଅଧିକାରୀ ସନାତନ ଗାହାଣ ଏବଂ ବିଡିପିଏଲର ମୁଖ୍ୟ ପରିଚାଳନା ଅଧିକାରୀ ଗୋପୀନାଥ ପାଢ଼ିଙ୍କ ଉପସ୍ଥିତିରେ ବିଦ୍ୟାଳୟ ଗୁଡ଼ିକରେ ପିଉରିଫାୟର ଉଦ୍‌ଘାଟନ କରାଯାଇଛି। ରାମ୍ଭିକଟା, ଭରତାପୁର, ସମ୍ଭୋଟ ଏବଂ ଶ୍ୟାମସୁନ୍ଦରପୁର ଏହିପରି ଚାରିଟି ଗାଁର ବିଦ୍ୟାଳୟରେ ପ୍ରାୟ ୮୦୦ ଛାତ୍ରୀଛାତ୍ରଙ୍କୁ ବିଶୁଦ୍ଧ ପାନୀୟଜଳ ଯୋଗାଇଦେବା ଲକ୍ଷ୍ୟରେ ଏହି ପଦକ୍ଷେପ ଗ୍ରହଣ କରାଯାଇଛି ।

## ମେସେଜ୍ ଆସୁଛି, ଟଙ୍କା ଆସୁନି

**ପଦ୍ମପୁର, ୮।୩ (ଡି.ଏନ.ଏ**

ବରଗଡ଼ ଜିଲାରେ କାଳିଆ ଯୋଜନାରେ ଅନେକ ଚାଷୀଙ୍କ ମୋବାଇଲକୁ ଖାତାରେ ୫ହଜାର ଟଙ୍କା ପ୍ରେରଣ କରାଯାଉଛି ବୋଲି ମେସେଜ ଆସୁଛି। ହେଲେ ଟଙ୍କା ଆସୁନି। ଚାଷୀ ଯେତେବେଳେ ବ୍ୟାଙ୍କକୁ ଯାଉଛନ୍ତି, ନିରାଶ ହୋଇ ଫେରୁଛନ୍ତି ବୋଲି ଅଭିଯୋଗ ହେଉଛି। ପଦ୍ମପୁର ବ୍ଲକ ଦହିଗାଁ ଗ୍ରାମ ପଞ୍ଚାୟତର ବ୍ରାହ୍ମଣଡିହି ଗ୍ରାମର କୁମର ମେହେର ଜଣେ ଭିନ୍ନକ୍ଷମ ଚାଷୀ। ତାଙ୍କ ମୋବାଇଲ ଫୋନକୁ ଆସିଥିଲା ଏହି ମେସେଜ। ଏ ଭିତରେ ସେ ଦୁଇଥର ତାଙ୍କ ବ୍ୟାଙ୍କ ଜମାଖାତା ଦେଖି ସାରିଛନ୍ତି। ମାତ୍ର ନିରାଶ ହୋଇଛନ୍ତି। ସମାନ ଅବସ୍ଥା ଏହି ଗ୍ରାମର କ୍ଷୁଦ୍ରଚାଷୀ କଙ୍ଗାଲୁ ମେହେର ଓ ତୁଳସୀ ପ୍ରସାଦ ପାତ୍ରଙ୍କର।

ଏହା କିଛି ଉଦାହରଣ ମାତ୍ର। ଅନେକ ହିତାଧିକାରୀ ଏପର୍ଯ୍ୟନ୍ତ ଏହି ଯୋଜନାର ଲାଭ ପାଇନାହାନ୍ତି।

**କାଳିଆ ଯୋଜନା**

ସେହିପରି ଦର୍ଲିଗୁଡା ଗ୍ରାମରେ ପ୍ରଥମ ପର୍ଯ୍ୟାୟରେ ୧୦୯ ଜଣ ଚାଷୀଙ୍କ ନାଁ ତାଲିକାରେ ପ୍ରକାଶିତ ହୋଇଥିଲା। ମାତ୍ର ଏଥିରୁ ୩ଜଣଙ୍କ ବ୍ୟାଙ୍କ ଜମା ଖାତାରେ ୫ ହଜାର ଟଙ୍କା ପଡିଛି। ଭୂମିହୀନମାନଙ୍କୁ କାଳିଆ ଯୋଜନାରେ ଜୀବିକା ପ୍ରଶିକ୍ଷଣ କାର୍ଯ୍ୟକ୍ରମ ରହିଛି। ମାତ୍ର ଏହି ଗାଁର ଜଗବନ୍ଧୁ ପାଣ୍ଡେ, ଅର୍ଜୁନ ସୁନା, ଲାଲସାହେବ ନାଗ ପ୍ରମୁଖ କହିଛନ୍ତି ଯେ, ବର୍ତ୍ତମାନ ସୁଦ୍ଧା ସେମାନଙ୍କୁ କିଛି ସୂଚନା କିମ୍ବା ପ୍ରଶିକ୍ଷଣ ମିଳିପାରି ନାହିଁ। ଏ ସମ୍ପର୍କରେ ସ୍ଥାନୀୟ ଗ୍ରାମ ପଞ୍ଚାୟତ ନିର୍ବାହୀ ଅଧିକାରୀ କିମ୍ବା ନିୟୋଜିତ ହୋଇଥିବା ନୋଡାଲ ଅଫିସରଙ୍କ ପାଖରେ ମଧ କିଛି ସ୍ପଷ୍ଟ ସୂଚନା ନ ଥିବା କହିଛନ୍ତି। ପ୍ରଶାସନ ଏଥିପ୍ରତି ଦୃଷ୍ଟିଦେବା ସହ ଯୋଜନାର ସୁଫଳ ଯେପରି ଚାଷୀ ପାଇପାରିବେ ସେଥିପ୍ରତି ଦୃଷ୍ଟିଦେବାକୁ ଦାବି ହେଉଛି।

## ସୋହେଲାରେ ଅନ୍ତର୍ଜାତୀୟ ମହିଳା ଦିବସ

**ସୋହେଲା, ୮।୩ (ଡି.ଏନ.ଏ.)**

ବରଗଡ ଜିଲା ସୋହେଲାସ୍ଥିତ ସାଂସ୍କୃତିକ ଭବନଠାରେ ଶୁକ୍ରବାର ତାଲୁକ ଆଇନ ସେବା ସମିତି ତରଫରୁ ଅନ୍ତର୍ଜାତୀୟ ମହିଳା ଦିବସ ପାଳନ କରାଯାଇଥିଲା। ଆଇନ ସେବା ସମିତିର ଅଧ୍ୟକ୍ଷା ତଥା ପ୍ରଥମ ଶ୍ରେଣୀ ଜୁଡିସିଆଲ ମାଜିଷ୍ଟ୍ରେଟ ଶାନ୍ତା ସାମଲ ଏଥିରେ ଅଧ୍ୟକ୍ଷତା କରି ନାରୀମାନଙ୍କ ଅଧିକାର ତଥା ବିଭିନ୍ନ ଆଇନ ନାରୀମାନଙ୍କୁ କିପରି ସାହାଯ୍ୟ କରୁଛି ସେ ନେଇ ଅତି ସରଳ ଭାବରେ ବୁଝାଇଥିଲେ। ମଞ୍ଚାସୀନ ଥିଲେ ଓକିଲ ମିର୍ଜା ଆକବର ବେଗ, ପ୍ରମୋଦ କୁମାର ସାହୁ ଓ ସୁଶାନ୍ତ ପାଣିଗ୍ରାହୀ, ସମନ୍ୱିତ ଶିଶୁ ବିକାଶ ଯୋଜନାର ସିଡିପିଓ ରାସେଶ୍ୱରୀ ସାହୁ। ଅତିଥିମାନେ ସେମାନଙ୍କ ବକ୍ତବ୍ୟରେ ନାରୀମାନଙ୍କ ସପକ୍ଷରେ ଥିବା ଆଇନର ବିଭିନ୍ନ ଦିଗ, ଏହି ଦିବସ କେବେଠାରୁ ଓ କାହିଁକି ପାଳନ କରାଯାଏ କହିଥିଲେ। ମହିଳାମାନେ କିପରି ସ୍ୱାବଲମ୍ବୀ ଭାବରେ ଜୀବନଯାପନ କରି ପାରିବେ।

ବିଭିନ୍ନ କାର୍ଯ୍ୟକ୍ଷେତ୍ରରେ ଦକ୍ଷତାର ସହ ଅଗ୍ରଣୀ ଭୂମିକା ନେଇ କାର୍ଯ୍ୟ ସମ୍ପାଦନ କରିବେ ସେ ନେଇ ମଞ୍ଚାସୀନ ଅତିଥିମାନେ ବୁଝାଇଥିଲେ। ଶେଷରେ ଆଡଭୋକେଟ ମିର୍ଜା ଆକବର ବେଗ ଧନ୍ୟବାଦ ଦେଇଥିଲେ। ଏଥିରେ ଅଙ୍ଗନଓ୍ୱାଡି କର୍ମୀ ତଥା ବିଭିନ୍ନ ସ୍ୱୟଂ ସହାୟକ ଗୋଷ୍ଠୀର ମହିଳାମାନେ ଯୋଗଦେଇଥିଲେ। ସଭା ପରେ ଦୁର୍ଗାମନ୍ଦିର ପରିସରରୁ ଶୋଭାଯାତ୍ରା ବାହାରି ସହର ପରିକ୍ରମା କରିଥିଲା।




ମହିଳାମାନେ ଶୋଭାଯାତ୍ରାରେ ସହର ପରିକ୍ରମା କରୁଛନ୍ତି।

## ବାଣିଗୋଛା–ତଳଗାଁ ରାସ୍ତା ମରଣଯନ୍ତା

**ବୌଦ୍ଧ,୮।୩ (ସ୍ୱ.ପ୍ର)**

ବୌଦ୍ଧ ଜିଲା ହରଭଙ୍ଗା ବ୍ଲକର ତଳଗାଁ ପଞ୍ଚାୟତର ବାଣିଗୋଛା–ତଳଗାଁ ରାସ୍ତା ଏବେ ମରଣଯନ୍ତା ପାଲଟିଛି । ପଞ୍ଚାୟତର ଗ୍ରାମଗୁଡିକକୁ ଯିବାକୁ ହେଲେ ଖୋର୍ଦ୍ଧା–ବଲାଙ୍ଗୀର ଜାତୀୟ ରାଜପଥ–୫୭ ର ବାଣିଗୋଛାଠାରୁ ଯିବାକୁ ପଡିଥାଏ। ଏହି ରାସ୍ତା ହିଁ ଉକ୍ତ ପଞ୍ଚାୟତବାସୀଙ୍କ ଏକମାତ୍ର ରାସ୍ତା ଅଟେ । ବାଣିଗୋଛା ଠାରୁ ତଳଗାଁ ପର୍ଯ୍ୟନ୍ତ ୧୫ କିମି ରାସ୍ତା ଅତି ଶୋଚନୀୟ ହୋଇପଡିଛି । ଉକ୍ତ ରାସ୍ତା ଗ୍ରାମ୍ୟ ଉନ୍ନୟନ ବିଭାଗ ଅଧୀନରେ ଥିବାବେଳେ ପ୍ରତିବର୍ଷ ଉକ୍ତ ରାସ୍ତାରେ ଲକ୍ଷ ଲକ୍ଷ ଟଙ୍କା ବ୍ୟୟ କରି ରାସ୍ତା ନିର୍ମାଣ କରାଯାଉଛି । କିନ୍ତୁ ନିମ୍ନମାନର କାମ ଯୋଗୁ ରାସ୍ତା ସାରା ଖାଲଖମା ସହ ରାସ୍ତା ଉପରେ ପଥର ଖଣ୍ଡ ପଡିରହିଥିବାରୁ ଯାତ୍ରୀମାନେ ନାହି ନ ଥିବା ହଇରାଣ ହେଉଛନ୍ତି। ଉକ୍ତ ରାସ୍ତାରେ ପ୍ରତ୍ୟହ ୪/୫ଟି ଯାତ୍ରୀବାହୀ ବସ୍ ଏବଂ ବହୁ ଛୋଟ ଗାଡି ବିପଦସଙ୍କୁଳ ଭାବେ ଚଳାଚଳ କରୁଛି । ଅଞ୍ଚଳବାସୀ ଏ ନେଇ ଜିଲା ପ୍ରଶାସନ ଓ ସ୍ଥାନୀୟ ଜନପ୍ରତିନିଧିଙ୍କ ଦୃଷ୍ଟି ଆର୍କଷଣ କରିବା ସହ ଆନ୍ଦୋଳନ କରିଥିଲେ ମଧ୍ୟ କୌଣସି ସୁଫଳ ମିଳିନାହିଁ । ପ୍ରଶାସନ ତୁରନ୍ତ ଏଥିପ୍ରତି ଦୃଷ୍ଟି ଦେବାକୁ ଅଞ୍ଚଳବାସୀ ଦାବି କରିଛନ୍ତି ।

## ବିଶ୍ୱ ମହିଳା ଦିବସ ପାଳିତ

**ପାଇକମାଲ, ୮।୩ (ଡି.ଏନ.ଏ)**

ପାଇକମାଲ ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ଶୁକ୍ରବାର ବିଶ୍ୱ ମହିଳା ଦିବସ ପାଳିତ ହୋଇଯାଇଛି । ଏଥିରେ ବ୍ଲକ ଅଧ୍ୟକ୍ଷ ଅଲତାଫ ମହମ୍ମଦ ମୁଖ୍ୟଅତିଥି, ବିଡିଓ ସଦାଶିବ ନାଏକ ମୁଖ୍ୟବକ୍ତା, ପାଇକମାଲ ସରପଞ୍ଚ ଧବଳେଶ୍ୱର ସାହୁ ସମ୍ମାନିତ ଅତିଥି ଭାବେ ଯୋଗଦାନ କରିଥିଲେ । ଏହି ଉପଲକ୍ଷେ ସ୍ୱୟଂ ସହାୟକ ଗୋଷ୍ଠୀର ମହିଳାମାନେ ଏକ ଶୋଭାଯାତ୍ରାରେ ବାହାରି ପାଇକମାଲ ସହର ପରିକ୍ରମା କରିଥିଲେ । ସେହିପରି ସୁରୁଙ୍ଗିଦାଦର ଠାରେ ଗନ୍ଧମାର୍ଦ୍ଦନ ସଞ୍ଚୟ ଓ ମାସ୍‌ର ମିଳିତ ଆନୁକୁଲ୍ୟରେ ବିଶ୍ୱ ମହିଳା ଦିବସ ପାଳନ କରାଯାଇଥିଲା । ଜିଲା ପରିଷଦ ସଭ୍ୟ ବିଶ୍ୱନାଥ ବାଗ ମୁଖ୍ୟଅତିଥି, ଆଞ୍ଚଳିକ କୃଷକ ସଙ୍ଗଠନ ସଭାପତି ନୃସିଂହ ବନଛୋର ମୁଖ୍ୟବକ୍ତା, ସରପଞ୍ଚ ରମ୍ଭା ତାଣ୍ଡି, ଶରତ ତାଣ୍ଡି ସମ୍ମାନିତ ଅତିଥି ଭାବେ ଯୋଗଦେଇ ବିଶ୍ୱ ମହିଳା ଦିବସ ଉପରେ ଆଲୋଚନା କରିଥିଲେ। ଏଥିରେ ବରତୁଣ୍ଡା ଓ ଜାମସେଠରେ ମହିଳାମାନେ ଯୋଗଦାନ କରିଥିଲେ। କେଶବ ଡନସନା, ଦିଗେଶ୍ୱର କପାଟ, ଫକିର ନାଏକ, ଦୁର୍ଯ୍ୟୋଧନ ବିଶି ପ୍ରମୁଖ ସହଯୋଗ କରିଥିଲେ । ଶେଷରେ ରେବତୀ ରାଉତ ଧନ୍ୟବାଦ ଅର୍ପଣ କରିଥିଲେ ।



ମହିଳାମାନେ ପାଇକମାଲ ବଜାର ପରିକ୍ରମା କରୁଛନ୍ତି।

## ଟ୍ରକରେ ପିଟିହେଲା ବସ୍, ୨୦ ଗୁରୁତର

**ସରଣ୍ଡା,୮।୩ (ଡି.ଏନ.ଏ)**

ବରଗଡ଼ ଜିଲା ଅତାବିରା ଥାନା ଅନ୍ତର୍ଗତ ଗୋଡ଼ଭଗା ଓ ସରଣ୍ଡା ଛକ ମଝିରେ ଥିବା ସତୀଜୋର ବ୍ରିଜ ନିକଟରେ ଶୁକ୍ରବାର ରାତ୍ରି ପ୍ରାୟ ସାଢ଼େ ୭ଟାରେ ଏକ ଯାତ୍ରୀବାହୀ ବସ୍ (ନଂ.ଓଆର୧୫ପି/୩୫୦୦) ଦୁର୍ଘଟଣାଗ୍ରସ୍ତ ହୋଇଛି । ଉକ୍ତ ବସ୍ ସମ୍ମୁଖରେ ଯାଉଥିବା ଅନ୍ୟ ଏକ ଟ୍ରକ (ନଂ.ଏମଏଚ୧୨ଏମଭି/୪୨୨୧)ର ପଛପଟେ ପିଟିହେବା ଯୋଗୁ ଉକ୍ତ ଯାତ୍ରୀବାହୀ ବସ୍‌ରେ ଥିବା ୨୦ଜଣ ଗୁରୁତର ଆହତ ହୋଇଛନ୍ତି । ସମସ୍ତ ଆହତଙ୍କୁ ଚିକିତ୍ସା ପାଇଁ ଭୀମସାର, ବୁର୍ଲା ଡାକ୍ତରଖାନାକୁ ପଠାଯାଇଛି । ଆହତମାନଙ୍କ ସମ୍ପୂର୍ଣ୍ଣ ପରିଚୟ ମିଳି ନ ଥିବାବେଳେ ସେମାନେ ସମ୍ବଲପୁର ଜିଲା ହୀରାକୁଦ ଅଞ୍ଚଳର ବୋଲି ସୂଚନା ମିଳିଛି। ଉକ୍ତ ଯାତ୍ରୀବାହୀ ବସ୍‌ରେ ହୀରାକୁଦ ଦାରାସିଂ ପଡ଼ାର ପ୍ରାୟ ୪୦ଜଣ ବରାତି ପାଇଁ ବରଗଡ଼ ଅଞ୍ଚଳକୁ ଆସିଥିଲେ । ବରାତି ସାରି ଫେରିବା ବାଟରେ ଯାତ୍ରୀବାହୀ ବସ୍‌ଟି ଦ୍ରୁତବେଗରେ ଯାଉଥିବା ଯୋଗୁ ସମ୍ମୁଖରେ ଯାଉଥିବା ଅନ୍ୟ ଏକ ଟ୍ରକ ପଛପଟେ ପିଟି ହୋଇଥିଲା । ଫଳରେ ବସ୍‌ର ସମ୍ମୁଖ ଭାଗ ସମ୍ପୂର୍ଣ୍ଣ ଚୂରମାର୍ ହୋଇଯାଇ ଥିବାବେଳେ ସେଥିରେ ଯାତ୍ରୀମାନେ ଆହତ ହୋଇଥିଲେ । ସ୍ଥାନୀୟ ଲୋକେ ସେମାନଙ୍କୁ ଉଦ୍ଧାର କରି ବୁର୍ଲା ଡାକ୍ତରଖାନା ପଠାଇଥିଲେ । ଅନ୍ୟପଟେ ଏହି ଦୁର୍ଘଟଣା ଯୋଗୁ ରାସ୍ତାଜାମ୍ ହୋଇଥିଲା ଏବଂ କିଛି ସମୟ ଧରି ଗାଡ଼ି ଚଳାଚଳ ମଧ୍ୟ ବାଧାପ୍ରାପ୍ତ ହୋଇଥିଲା । ଅତାବିରା ଓ ଗୋଡ଼ଭଗା ପୋଲିସ, ଦମକଳ ବାହିନୀ ପ୍ରମୁଖ ଘଟଣାସ୍ଥଳକୁ ପହଞ୍ଚି ପରିସ୍ଥିତିକୁ ଆୟତ୍ତ କରିଥିଲେ ।



ଦୁର୍ଘଟଣାଗ୍ରସ୍ତ ଯାତ୍ରୀବାହୀ ବସ୍ ।

## ସାଇବର ଅପରାଧ ଉପରେ ଆଲୋଚନାଚକ୍ର



ସାଇବର କ୍ରାଇମ ଉପରେ ଆଲୋଚନା ଚାଲିଛି ।

**ପାଇକମାଲ, ୮।୩ (ଡି.ଏନ.ଏ)**

ପାଇକମାଲ ବ୍ଲକ ମାଣ୍ଡୋସିଲ ଡିଗ୍ରୀ କଲେଜରେ ସାଇବର ଅପରାଧ ଉପରେ ଏକ ଆଲୋଚନାଚକ୍ର ଶୁକ୍ରବାର କଲେଜ ଅଧକ୍ଷ ବିନୟ ରଞ୍ଜନ ପଣ୍ଡାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ପରିଚାଳକ ସୁଶାନ୍ତ କୁମାର ବଢ଼େଇ ଓ ରୋହିଣୀ ପାଣ୍ଡେ ଯୋଗଦେଇ ବର୍ତ୍ତମାନ ଚାରିଆଡେ ସାଇବର ଅପରାଧ ବଢୁଥିବାରୁ ଏହା ଉପରେ ଧ୍ୟାନ ଦେବା ଓ ସଜାଗ ରହିବା ପାଇଁ ପରାମର୍ଶ ଦେଇଥିଲେ । ଅନସୂୟା ବେହେରା ଓ ନିରାକାର ରାଉତ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । ନୀଳିମା ସାହୁ ଓ ଶ୍ରଦ୍ଧାଞ୍ଜଳି ପଧାନ ଛାତ୍ରୀଛାତ୍ରମାନଙ୍କୁ ସାଇବର ଅପରାଧ ଉପରେ ଦିଗ୍‌ଦର୍ଶନ ଦେଇଥିଲେ । ସ୍ୱପ୍ନା ସାହୁ ଧନ୍ୟବାଦ ଅର୍ପଣ କରିଥିଲେ ।

## ଜୁଇରେ କାନ୍ଦୁଛି ଜିଅନ୍ତା ଶବ ନାଟକ ମଞ୍ଚସ୍ଥ

**ଜହ୍ନାପଙ୍କ, ୮।୩ (ଡି.ଏନ.ଏ)**

ବୌଦ୍ଧ ବ୍ଲକ ପଦ୍ମନପୁର ପଞ୍ଚାୟତ ଅନ୍ତର୍ଗତ ଗୋଛାପଡା ବାବା ଭୁବନେଶ୍ୱର ନାଟ୍ୟ ସଂସଦ ଦ୍ୱାରା ତଥା ସୁଶାନ୍ତ କୁମାର ମିଶ୍ରଙ୍କ ନିର୍ଦ୍ଦେଶିତ ସାମାଜିକ ନାଟକ 'ଜୁଇରେ କାନ୍ଦୁଛି ଜୀଅନ୍ତା ଶବ' ମଞ୍ଚସ୍ଥ ହୋଇଛି । ଏହି ଅବସରରେ ଆୟୋଜିତ ଉଦଘାଟନୀ ସଭାରେ ଓଡିଶା ବିଧାନସଭାର ବାଚସ୍ପତି ପ୍ରଦୀପ କୁମାର ଅମାତ ମୁଖ୍ୟଅତିଥି, ମୁଣ୍ଡାପଡା ସରପଞ୍ଚ ବିଦ୍ୟାଧର ସ୍ୱାଇଁ ମୁଖ୍ୟବକ୍ତା, ମୁଣ୍ଡିପଦର ସରପଞ୍ଚ ଅନ୍ତର୍ଯାମୀ ସାହୁ, ଗ୍ରାମ କମିଟି ସଭାପତି ସୁନୀଲ ଚନ୍ଦ୍ର ବାରିକ, ପୂର୍ବ ୱାର୍ଡ ସଭ୍ୟ ସନ୍ତୋଷ ଦାସ, ୱାର୍ଡ ସଭ୍ୟ ଉତ୍ସବ ଷାଣ୍ଢ, ବିଜୟ ରଣା ପ୍ରମୁଖ ସମ୍ମାନିତ ଅତିଥି ଭାବେ ମଞ୍ଚାସୀନ ଥିଲେ । ପ୍ରଧାନ ଶିକ୍ଷକ ଅରବିନ୍ଦ ମହାକୁଳ ଅଧ୍ୟକ୍ଷତା କରିଥିବା ବେଳେ ଶ୍ରୀକାନ୍ତ ବାରିକ ଧନ୍ୟବାଦ ଅର୍ପଣ କରିଥିଲେ । ଭୂମିକାରେ ପ୍ରଦୀପ ବାରିକ, ପ୍ରଦୀପ ପ୍ରଧାନ, ବାସୁଦେବ, ରଞ୍ଜିତ, ରଶ୍ମି, ଜ୍ୟୋତି, ଶ୍ରୀକାନ୍ତ, ପ୍ରମୋଦ, ମାନସ, ରାକେଶ, ଅମିତ, ସୁଜିତ, ସଞ୍ଜୀବ, ନୀର, ଶଶି, ଆଦିତ୍ୟ, ସୁବଳ, ଦନାୟକ, ରାଜୀବ, ବୀର, କୁନ୍ତି, ଜୟନ୍ତ, ସଞ୍ଜୁ ଓ କଣ୍ଢେଇ ପ୍ରମୁଖ ଅଭିନୟ କରିଥିଲେ ।

## ବ୍ଲକସ୍ତରୀୟ ଆଶା, ଗାଁ କଲ୍ୟାଣ ସମିତି ସମ୍ମିଳନୀ

**ପାଇକମାଲ, ୮।୩ (ଡି.ଏନ.ଏ)**

ପାଇକମାଲ ଧର୍ମଶାଳା ଠାରେ ବୁକ୍ରାମୁଣ୍ଡା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ତରଫରୁ ବ୍ଲକସ୍ତରୀୟ ଆଶା ଓ ଗାଁ କଲ୍ୟାଣ ସମିତି ସମ୍ମିଳନୀ ଶୁକ୍ରବାର ଅନୁଷ୍ଠିତ ହୋଇଛି। ଏଥିରେ ବିଡିଓ ସଦାସିବ ନାଏକ ମୁଖ୍ୟଅତିଥି ଭାବେ ଯୋଗଦେଇଥିବା ବେଳେ ଡା. ନାରାୟଣ ପଶାୟତ ସଭାପତିତ୍ୱ କରିଥିଲେ । ଜନସ୍ୱାସ୍ଥ୍ୟ ସମ୍ପ୍ରସାରଣ ଅଧିକାରୀ ରବିନ୍ଦ୍ର ମୋହନ ଦାସ ଓ ବ୍ଲକ କାର୍ଯ୍ୟକ୍ରମ ପରିଚାଳକ ବିଜୟ ସରାଫ ସଭା ପରିଚାଳନା କରିଥିଲେ। ସମ୍ମିଳନୀରେ ପାଇକମାଲ ବ୍ଲକର ସମସ୍ତ ମହିଳା ପରିଦର୍ଶିକା ଏଲଏସ ଦିଦି, ପୁରୁଷ ସ୍ୱାସ୍ଥ୍ୟକର୍ମୀ, ଗାଁ କଲ୍ୟାଣ ସମିତି ସଭାପତି, ଆବାହିକା ଓ ଆଶାକର୍ମୀମାନେ ଯୋଗଦାନ କରିଥିଲେ । ଅତିଥି ମାନେ ସମିତିକୁ ଆସୁଥିବା ଟଙ୍କାର ସୁବିନିଯୋଗ ଉପରେ ଦିଗ୍‌ଦର୍ଶନ ଦେଇଥିଲେ । ଜିଲା ସ୍ୱାସ୍ଥ୍ୟ ସମିତି ତରଫରୁ ଚେରଙ୍ଗାଝାଞ୍ଜି ଗାଁ କଲ୍ୟାଣ ସମିତିକୁ ଦଶ ହଜାର ଟଙ୍କା ପ୍ରଦାନ କରାଯାଇଥିଲା । ଚଳିତ ବର୍ଷର ଶ୍ରେଷ୍ଠ ବିଶ୍ୱାସ କାର୍ଯ୍ୟକ୍ରମ ସଞ୍ଚାଳନ ପାଇଁ ବଇଦପାଲି ଗ୍ରାମକୁ ପୁରସ୍କୃତ କରାଯାଇଥିଲା । ଶ୍ରେଷ୍ଠ ଆଶା ହିସାବରେ ଲଳିତା ଭୋଇ, ହେମବତୀ ସେଠ ଓ ସଜନା ଜାଲକୁ ପୁରସ୍କୃତ କରାଯାଇଥିଲା ।

# ମହିଳାମାନେ ପ୍ରେରଣାର ସ୍ରୋତ

**ମନମୁଣ୍ଡା, ୮।୩ (ଡି.ଏନ.ଏ)**

ମନମୁଣ୍ଡା ଗ୍ରାମ ପଞ୍ଚାୟତ କାର୍ଯ୍ୟାଳୟ ସଭାଗୃହରେ ଶୁକ୍ରବାର ମହିଳା ଦିବସ ପାଳିତ ହୋଇଯାଇଛି । ସ୍ଥାନୀୟ ସରପଞ୍ଚ ମିନାକ୍ଷୀ ସାହୁଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି ସଭାରେ ଇନ୍ଦିରା ବାଳିକା ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷୟିତ୍ରୀ ରଞ୍ଜିତା ହୋତା ମୁଖ୍ୟଅତିଥି, ଖବରଦାତା ବବିତା ହୋତା ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ । ସମାଜ ସଂସ୍କାର, ଦେଶର ପ୍ରଗତି ପଛରେ ତୃଣମୂଳସ୍ତରରୁ ମହିଳାମାନଙ୍କ ପ୍ରଚ୍ଛନ୍ନ ଅବଦାନ ରହିଛି। ବିଭିନ୍ନ ପ୍ରକାର ଦୁର୍ନୀତି, ଅରାଜକତା ବିରୁଦ୍ଧରେ ପୁରୁଷ ଅପେକ୍ଷା ମହିଳାମାନେ ଆଗଭର ହୋଇ ଆସୁଥିବା ସ୍ୱାଗତଯୋଗ୍ୟ ପଦକ୍ଷେପ ବୋଲି ସରପଞ୍ଚ ସାହୁ ତାଙ୍କ ଭାଷଣରେ କହିଥିଲେ । ଯେତେବେଳେ ଯତ୍ନ, ସେବା, ଭଲପାଇବା, ଚିନ୍ତା କରିବା, ସାହସ ଓ ଶକ୍ତି, ବିଶ୍ୱାସ–ଭରସା ଓ ପ୍ରତିଶ୍ରୁତିବଦ୍ଧତା, ସ୍ୱପ୍ନ ଓ ଦୂରଦୃଷ୍ଟିର କଥା ଆସେ ସେତେବେଳେ ମହିଳାମାନଙ୍କ କଥା ମନେପଡେ । ସେହି ସମୟରେ ମହିଳାମାନେ ପ୍ରେରଣାର ସ୍ରୋତ ହୋଇଥାନ୍ତି ବୋଲି ମୁଖ୍ୟଅତିଥି ପ୍ରଧାନଶିକ୍ଷୟତ୍ରୀ ହୋତା ନିଜ ବକ୍ତବ୍ୟରେ ଆଲୋକପାତ କରିଥିଲେ ।

**ବୌଦ୍ଧ, (ସ୍ୱ.ପ୍ର):** ବୌଦ୍ଧ ସହରର ଟାଉନହଲ ଠାରେ ଶୁକ୍ରବାର ଜିଲାସ୍ତରୀୟ ଆନ୍ତର୍ଜାତୀୟ ମହିଳା ଦିବସ ପାଳିତ ହୋଇଯାଇଛି । ଏହି ଅବସରରେ ଅତିରିକ୍ତ ଜିଲାପାଳ ରମାକାନ୍ତ ସେଠୀ ମୁଖ୍ୟଅତିଥି, ଜିଲା ଶିଶୁ ମଙ୍ଗଳ ସମିତି ଅଧକ୍ଷ ସାକ୍ଷୀଗୋପାଳ ପ୍ରଧାନ, ସ୍ନେହଲତା ପୁରୋହିତ, ଜିଲା ସମାଜ ମଙ୍ଗଳ ଅଧିକାରୀ ଲକ୍ଷପତି ଭୋଇ, ବିଜୟଲକ୍ଷ୍ମୀ ମିରିଣ୍ଡା, ବୌଦ୍ଧ ସିଡିପିଓ ମିନତି ଦେଓ, କଣ୍ଟାମାଳ ସିଡିପିଓ ଜ୍ୟୋସ୍ନାରାଣୀ ପାଢୀ, ହରଭଙ୍ଗା ସିଡିପିଓ ହରପ୍ରିୟା ମେହେର ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ । ଏହି ଅବସରରେ ସକାଳେ ମହିଳା ମାନଙ୍କ ଦ୍ୱାରା ଏକ ସଚେତନତା ରାଲି ଜିଲାପାଳଙ୍କ ପୁରୁଣା କାର୍ଯ୍ୟାଳୟ ଠାରୁ ଟାଉନହଲ ପର୍ଯ୍ୟନ୍ତ ଯାଇଥିଲା । ଏହାକୁ ଜିଲାପାଳ ସୀତାଂଶୁ କୁମାର ରାଉତ ସବୁଜ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ । କାର୍ଯ୍ୟକ୍ରମରେ ସ୍ୱୟଂ ସହାୟିକା ଦଳ, ଆଶା କର୍ମୀ, ଅଙ୍ଗନଓ୍ୱାଡି କର୍ମୀ, ଶିଶୁଯତ୍ନ ଅନୁଷ୍ଠାନର ଛାତ୍ରୀ ଏବଂ ଜିଲାସ୍ତରୀୟ ଅଧିକାରୀମାନେ ଯୋଗ ଦେଇଥିଲେ ।




ଅନ୍ତର୍ଜାତୀୟ ମହିଳା ଦିବସ ଅବସରରେ ବାହାରିଥିବା ରାଲି।



ଶ୍ରଦ୍ଧାରୁ ଶାନ୍ତି ସୃଷ୍ଟି ହୁଏ। ଆତ୍ମ ସମୀକ୍ଷା କର, ନିରାଡ଼ମ୍ବର ହୁଅ। ବିବେକ ଓ ବିଚାର ଅସ୍ତ୍ରକୁ ପାଖେ ପାଖେ ରଖ। ତୁମର ବିଜୟ ସୁନିଶ୍ଚିତ।
- ସତ୍ୟସାଇ ବାବା



## ସଂକ୍ଷେପରେ

### ଆଲୋଚନାଚକ୍ର, କବିତା ପାଠୋତ୍ସବ

ଜାମଟିକ୍ରା, ୮।୩ (ଡି.ଏନ.ଏ)- ଅତାବିରା ବ୍ଲକ ସନ୍ଧ୍ୟା ତାରା ସାହିତ୍ୟ ସଂସଦ ତରଫରୁ ମାସିକ ଆଲୋଚନା ଚକ୍ର ଓ କବିତା ପାଠୋତ୍ସବ ଲରମ୍ବାଠାରେ ଗୁରୁବାର ଅନୁଷ୍ଠିତ ହୋଇଛି । ସାହିତ୍ୟ ସଂସଦ ସଭାପତି ନବୀନ ମିଶ୍ରଙ୍କ ପୌରୋହିତ୍ୟରେ ସାହିତ୍ୟିକ ମନୋଜ ପଧାନ ଅତିଥି ଭାବେ ଯୋଗଦେଇ ସାମ୍ପ୍ରତିକ ସମାଜରେ ଦେଖାଯାଉଥିବା ଅପସଂସ୍କୃତିକୁ ମଣିଷ ଆପଣେଇ ନେଉଛି ଏବଂ ସାହିତ୍ୟଠାରୁ ଦୂରେଇ ଯାଇ ନାନା କୁକର୍ମରେ ଲିପ୍ତ ହୋଇପଡୁଛି ବୋଲି ତାଙ୍କ ବକ୍ତବ୍ୟରେ କହିଥିଲେ । କବି ମନୀଷ କର୍ଣ୍ଣ ବକ୍ତା ଭାବେ ଯୋଗ ଦେଇଥିଲେ । ସାହିତ୍ୟ ସଂସଦ ସମ୍ପାଦକ ବିଜୟ ଚାନ୍ଦ ବିବରଣୀ ପାଠ କରିଥିଲେ । ଶେଷରେ କବିତା ପାଠୋତ୍ସବ ହୋଇଥିଲା । ଏଥିରେ ୨୦ଜଣ କବୟିତ୍ରୀ ଓ କବି ନିଜ ନିଜ କବିତା ପଠନ କରିଥିଲେ । ଶେଷରେ ବିନୋଦିନୀ ସା ଧନ୍ୟବାଦ ଅର୍ପଣ କରିଥିଲେ ।

### କୋଶଳ ସାହିତ୍ୟ କଳାପଟା ଉନ୍ମୋଚିତ

ପଦ୍ମପୁର, ୮।୩ (ଡି.ଏନ.ଏ.)- ପଦ୍ମପୁର ଅନ୍ତର୍ଗତ ବୁବୁଡା ସାଂସ୍କୃତିକ ଅନୁଷ୍ଠାନ ଦ୍ୱାରା କୋଶଳି ସାହିତ୍ୟ କଳାପଟାକୁ ପଦ୍ମପୁର ବିଧାୟକ ପ୍ରଦୀପ ପୁରୋହିତ ଉନ୍ମୋଚନ କରିଛନ୍ତି। କଳାପଟା ସାହିତ୍ୟର ସମ୍ପାଦକ ଯୁବ କବି ସୁରେନ୍ଦ୍ର ମେହେରଙ୍କ ସଂଯୋଜନା ଅନୁଷ୍ଠିତ ଏହି ଉତ୍ସବରେ ଯୁବ ତାରକା ସାଂସ୍କୃତିକ ପରିଷଦର ସଭାପତି ପ୍ରକାଶ ଚିନ୍ଦା, ନିହିର ସମ୍ପାଦକ ଭଗବାନ ମଲ୍ଲିକ, ଉପଦେଷ୍ଟା ରାଜେନ୍ଦ୍ର ମହାନ୍ତି, କିଶୋର ଚନ୍ଦ୍ର ଦାଶ ପ୍ରମୁଖ ଯୋଗଦେଇଥିଲେ । କାର୍ଯ୍ୟକ୍ରମ ଶେଷରେ ସମ୍ପାଦକ ସୁରେନ୍ଦ୍ର ମେହେର ଧନ୍ୟବାଦ ଅର୍ପଣ କରିଥିଲେ।

ଆଜି କ'ଣ କେଉଁଠି ସ୍ତମ୍ଭରେ କୌଣସି କାର୍ଯ୍ୟକ୍ରମ ସ୍ଥାନିତ କରିବାକୁ ଚାହୁଁଥିଲେ ସମ୍ପୂର୍ଣ୍ଣ ବିବରଣୀ ସହ ନିକଟସ୍ଥ ପ୍ରତିନିଧି କିମ୍ବା ଧରିତ୍ରୀ ମୁଖ୍ୟ କାର୍ଯ୍ୟାଳୟ ସହ ଯୋଗାଯୋଗ କରନ୍ତୁ।

### ଭାଲୁପତ୍ରା କାର୍ଟୁନ ବୋମା ବିସ୍ଫୋରଣ ଘଟଣା

# ୯ ମାସ ପରେ ବି ପୋଲିସ ହାତ ଖାଲି

ସରଣ୍ଡା, ୮।୩ (ଡି.ଏନ.ଏ.)

୨୦୧୮ ଜୁଲାଇ ୭ତାରିଖରେ ବରଗଡ଼ ଜିଲା ଅତାବିରା ଥାନା ଭାଲୁପତ୍ରା ଗ୍ରାମରେ ସଂଘଟିତ କାର୍ଟୁନ ବୋମା ବିସ୍ଫୋରଣ ଘଟଣାକୁ ବୁଧବାର ୯ମାସ ପୂରିଛି। ପୋଲିସ ଏହି ଘଟଣାର ତଦନ୍ତ କରୁଥିଲେ ମଧ୍ୟ ଏଯାଏ ରହସ୍ୟ ଉନ୍ମୋଚନ କରିପାରିନାହିଁ। ସେପଟେ ଅଭିଯୁକ୍ତ ଧରାପଡି ନ ଥିବାରୁ ବିସ୍ଫୋରଣର ଶିକାର ହୋଇଥିବା ପରିବାର ଭୟଭୀତ ଅବସ୍ଥାରେ ରହିଛନ୍ତି। ଅଭିଯୁକ୍ତ ଗିରଫ ହୋଇ ନ ଥିବାରୁ ଏବେ ବି ତାଙ୍କ ଜୀବନ ପ୍ରତି ବିପଦ ରହିଛି । ୪ ମାସ ପୋଲିସ ସୁରକ୍ଷା କର୍ମୀ ନିୟୋଜିତ କରିବା ପରେ ତାକୁ ପରେ ହଟାଇ ଦିଆଯାଇଛି । ବିସ୍ଫୋରଣରେ ଆହତ ନାଗଭୂଷଣଙ୍କ ବାମ ଆଖି ନଷ୍ଟ ହୋଇଥିବାରୁ ଆଉ ଚାଷ କାର୍ଯ୍ୟ କରି ପାରୁନାହାନ୍ତି । ସରକାରଙ୍କ ପକ୍ଷରୁ ଚିକିତ୍ସା ଖର୍ଚ୍ଚ ଯୋଗାଇ ଦିଆଯିବ ବୋଲି ପ୍ରତିଶ୍ରୁତି ଦିଆଯାଇଥିଲେ ମଧ୍ୟ ଟଙ୍କାଟିଏ ବି ମିଳିନାହିଁ । ଆଗକୁ ପିଲାମାନଙ୍କ ପଢା ସହ ତାଙ୍କ ଚିକିତ୍ସା ଖର୍ଚ୍ଚକୁ ନେଇ ସେମାନେ ଚିନ୍ତିତ ଥିବା ନାଗଭୂଷଣଙ୍କ ସ୍ତ୍ରୀ ସନ୍ଧ୍ୟାରାଣୀ ପ୍ରକାଶ କରିଛନ୍ତି।



ଭାଲୁପତ୍ରା କାର୍ଟୁନ ବୋମା ବିସ୍ଫୋରଣରେ ଆଖି ହରାଇଥିବା ନାଗଭୂଷଣ ପତ୍ନୀଙ୍କ ସହ।

### ସେମାନଙ୍କ ମୁହଁରୁ...

"ସ୍ଥାନୀୟ ପୋଲିସ ଜାଣିଶୁଣି ଏଠାରେ ଅପରାଧ ବଢ଼ାଉଛି । ଏ ଅଞ୍ଚଳରେ ଜୁଆ, ସଟ୍ଟା, ମଦ କାରବାର ବଢ଼ିବାରେ ଲାଗିଛି । ୯ମାସ ମଧ୍ୟରେ ଏପରି ୩ଟି ବିସ୍ଫୋରଣ ଅତାବିରା ଥାନା ଅଞ୍ଚଳରେ ହୋଇଥିବା ସତ୍ତ୍ୱେ ପୋଲିସ ଅଭିଯୁକ୍ତମାନଙ୍କୁ ଗିରଫ କରିବାରେ ବିଫଳ ହେବା ଦୁଃଖଦାୟକ । ଏହାର ଉଚ୍ଚସ୍ତରୀୟ ତଦନ୍ତ ହେଲେ ସତ୍ୟାସତ୍ୟ ଜଣାପଡ଼ିବ ଏବଂ ଆଗାମୀ ଦିନରେ କ୍ରାଇମ୍ ରୋକି ହେବ ।

-ମିଳନ ସେଠ୍, ଭାଜପା ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ

"ଏତେ ବଡ଼ ଘଟଣା ଘଟିଥିବା ସତ୍ତ୍ୱେ ଆଜି ଯାଏଁ କେହି ଧରା ନ ପଡ଼ିବା ସରକାର ଓ ତାଙ୍କ ପୋଲିସ ପୁରାପୂରି ଅପାରଗ ବୋଲି ଜାଣିବା କଥା । ଏହି ଘଟଣାର ତଦନ୍ତ କ୍ରାଇମବ୍ରାଞ୍ଚ ଅଥବା ସିବିଆଇକୁ ହସ୍ତାନ୍ତର କରାଯାଉ । ଅଭିଯୁକ୍ତ ଗିରଫ ନ ହେଲେ କଂଗ୍ରେସ ରାଜରାସ୍ତାକୁ ଓହ୍ଲାଇବ ।

-ନିହାର ରଞ୍ଜନ ମହାନନ୍ଦ, ପୂର୍ବତନ ବିଧାୟକ

"ଏହି ଘଟଣା ବହୁ ଦୁଃଖଦାୟକ । ଗ୍ରାମାଞ୍ଚଳକୁ ଆସି ଏପରି ଭାବେ କ୍ରାଇମ୍ କରିବା ଯୋଗୁ ଜନଜୀବନ ପ୍ରତି ବିପଦ ବଢ଼ୁଛି ।

-ଡ଼. ପ୍ରଭାସ ସିଂ, ଏମ୍‌ପି

"ଏସ୍‌ଡ଼ିପିଓ ଓ ଅତାବିରା ଆଇଆଇସିଙ୍କ ସହ ଭାଲୁପତ୍ରା ବୋମା ବିସ୍ଫୋରଣ ଘଟଣା ଉପରେ ଆଲୋଚନା ହେବ । ଆହତ ନାଗଭୂଷଣ ମୁହଁ ଖୋଲୁ ନ ଥିବାରୁ ତଦନ୍ତ ଆଗକୁ ବଢ଼ିପାରୁନାହିଁ । ଆପରାଧିକ କାର୍ଯ୍ୟରେ ସମ୍ପୃକ୍ତ ଅଭିଯୁକ୍ତଙ୍କୁ ନିଶ୍ଚୟ ଗିରଫ କରାଯିବ ।

-ମୁକେଶ କୁମାର ଭାମୁ, ବରଗଡ଼ ଏସ୍‌ପି



## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଦୂର ପରବତ ସୁନ୍ଦର**
**ଦୂର ବନ୍ଧୁ ସୁନ୍ଦର ।**

ପର୍ବତ ଦୂରରୁ ଭାରି ଶାଗୁଆ, ଗଛପତ୍ର ଭରି ରହିଥିବା ଭଳି ସୁନ୍ଦର ଦିଶେ । କିନ୍ତୁ ପାଖକୁ ଗଲେ କେତେ ଖାଲ ଖାବୁଡ଼ା, ଟାଙ୍ଗରା ପଥୁରିଆ, ନାନା ଜାତି ହିଂସ୍ର ଜୀବଜନ୍ତୁ ଥିବା ଇତ୍ୟାଦି ଜଣାପଡ଼େ। ସେହିପରି ଦୂରବନ୍ଧୁ କଦବା କ୍ୱଚିତ ଘରକୁ ଆସନ୍ତି। ତାଙ୍କ ଭଲ ମନ୍ଦ ତଥା ତାଙ୍କ ଘରର ଗୁମର ସହଜରେ ଜଣା ପଡ଼ି ନ ଥାଏ। ଦୂରରେ ରହିଥିବା ହେତୁ ଉକ୍ତ ବନ୍ଧୁଙ୍କ ସ୍ୱଭାବ, ବ୍ୟବହାର ବେଶ୍ ସୁନ୍ଦର ବା ଭଲ ଲାଗୁଥିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

**ଦିଆକୁ ଦିଆ**
**ଅଦିଆକୁ ଦୁଆର ଦିଆ ।**

ଦେବା ଲୋକକୁ ସମସ୍ତେ ସ୍ୱାଗତ କରିଥାନ୍ତି। କିଛି ଅସୁବିଧାର ସମ୍ମୁଖୀନ ହେଲେ ଦେଉଥିବା ବ୍ୟକ୍ତି ପ୍ରତି ସମବେଦନା ଜ୍ଞାପନ କରିଥାନ୍ତି। ଭଲରେ ମନ୍ଦରେ ସାହାଯ୍ୟ କରିବାକୁ ଆଗେଇ ଆସିଥାନ୍ତି। କିନ୍ତୁ ଯିଏ କେବେ ଦିଏ ନାହିଁ, ଦେବାକଥା ପଡ଼ିଲେ ମୁହଁ ବୁଲାଇଦିଏ ତାକୁ କେହି କେବେ ପସନ୍ଦ କରି ନ ଥାନ୍ତି। ପରୋପକାରୀ ହୋଇ ନ ଥିବା ହେତୁ ତାଙ୍କ ପ୍ରତି କେହି ସହାନୁଭୂତି ଦେଖାଇବାକୁ ଉଚିତ ମଣୁ ନ ଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ରୂଢ଼ି ପ୍ରୟୋଗ
-ଏ.କେ. ମିଶ୍ର ପବ୍ଲିଶର୍ସ ପ୍ରା.ଲି.



ଧାରଣାରତ ମହିଳାଙ୍କୁ ଶୁଭେଚ୍ଛା ଜଣାଉଛନ୍ତି ।

## ହକ୍ ଦାବିକଲେ ମହିଳା

ବରଗଡ଼ ଅଫିସ୍,୮।୩

ଶୁକ୍ରବାର ଥିଲା ଅନ୍ତର୍ଜାତୀୟ ମହିଳା ଦିବସ । ବିଭିନ୍ନ ସ୍ଥାନରେ ସଭା, ସମିତି, ଶୋଭାଯାତ୍ରା ମାଧ୍ୟମରେ ଏହି ଦିବସକୁ ପାଳନ କରାଯାଇଥିଲା । ମାତ୍ର ବରଗଡ଼ ଜିଲାପାଳ ଅଫିସ ଆଗରେ ଭୂମିହୀନ ପରିବାରର ମହିଳାମାନେ ନିଜର ହକ୍ ଅର୍ଥାତ୍ ଭୂମି ଅଧିକାର ଦାବି ନେଇ ଏହି ଦିବସରେ ଧାରଣାରେ ବସିଥିଲେ । ଧାରଣା ଚତୁର୍ଥ ଦିବସରେ ପହଞ୍ଚିଥିଲେ ମଧ୍ୟ ଶୁକ୍ରବାର ମହିଳା ଦିବସ ଥିବାରୁ ଧାରଣାରେ ଶତାଧିକ ଭୂମିହୀନ ପରିବାରର ମହିଳାମାନେ ସାମିଲ ହୋଇଥିଲେ । ଜୟ କୋଶଳ ଭୂମିହୀନ ସଂଗ୍ରାମ ସମିତି ପକ୍ଷରୁ ଚାଲିଥିବା ଏହି ଧାରଣାରେ ସମିତିର ଆବାହକ ରମେଶ ମହାପାତ୍ର, ଭବାନୀ ପ୍ରସାଦ ସାହୁ, ମେରିୟମ ବାର୍ଲା, ବାସନ୍ତୀ ବନଛୋର, ଖୁସନମା ବେଗମ, ପବିତ୍ର ଦେହେରୀ, ବ୍ରହ୍ମଚାରୀ ବେହେରା ପ୍ରମୁଖ ନେତୃତ୍ୱ ନେଉଛନ୍ତି । ପଶ୍ଚିମ ଓଡ଼ିଶା କୃଷକ ସଙ୍ଗଠନ ସମନ୍ୱୟ ସମିତିର ଆବାହକ ଲିଙ୍ଗରାଜ ଧାରଣାସ୍ଥଳକୁ ପହଞ୍ଚି ଧାରଣାରତ ମହିଳାଙ୍କୁ ଶୁଭେଚ୍ଛା ଜଣାଇଥିଲେ ।

# ୧୫ରୁ ଆମରଣ ଅନଶନ, ନାଇଁହେଲେ ଆତ୍ମାହୁତି

ଝାରବନ୍ଧ, ୮।୩ (ଡି.ଏନ.ଏ)

**ନିଏ ପାଏବାରୁ ବଁଚିତ ମଙ୍ଗଳ**

ଆଇନର ଆଶ୍ରେ ନେଇ ଗଲା ୫ ବଛର ହେଲା ଧରଯ୍ ଧରି ଟାକିଛନ୍। ତାରିଖ ଉପରେ ତାରିଖ ହେଉଛେ। ଇ ଅଫିସରୁ ସେ ଅଫିସ ନରଦି ନରଦି ଶେଷେ ନିରାଶ ହେବାକେ ପଡ଼ିଛେ, ଦିନୁ ଦିନ୍‌କେ ମାନସିକ୍ ସଁତୁଲନ ହରେଇ ବସୁଛନ୍। ଏନ୍‌ତାଥି ଏସପି ଅଫିସ ଆଘେ ଆମରଣ ଅନଶନ କରି ଆତ୍ମାହୁତି ଦେବାକେ ସେ ଥଏ କରିଛନ୍। ଏନ୍‌ତା ଗୁଟେ ଘଟନା ଘଟିଛେ ବରଗଡ଼ ଜିଲା ଝାରବନ୍ଧ ବ୍ଲକ ଜାମପାଲି ଗାଁର ଝନେ ଯୁବକ ମଙ୍ଗଳ ପ୍ରସାଦ ପ୍ରଧାନକଁର ପକ୍ଷେ। ଇ ବାବ୍‌ଦେ ସେ ମାନବାଧିକାର କମିଶନର, ଆରଡିସି ସମ୍ବଲପୁର, ଜିଲାପାଳ ବରଗଡ଼, ମୁଖ୍ୟମନ୍ତ୍ରୀ ଆର ଏସପି ବରଗଡ଼କୁଁ ଲିଖିତ ଜନେଇଛନ୍।

ସୂଚନା ହିସାବେ ଗଲା ୨୦୧୫ରେ ତାକର ରୟତି ଜମିରେ ଘର ତିଆରି କରୁଥିଲେ। ଘରଟା ଅଧାପନତରିଆ ହେଇଥିଲାବେଲେ ତାକର ଘର ଆଘର ସରବ୍‌ସାଧାରନ୍ ରାସ୍‌ତାକେ ଗାଁର ଲତା ସୁନା ଆର ତାକର ଆପନେ ପୁରନ ସୁନା ଯୋରଜବରାନ ଦଖଲ କରିଛନ୍। ଦୁଇ ମାଏଝି ମୁନୁଷ୍ ରାସ୍‌ତାଟାକେ ପୂରାପୂରି ବଁଦ୍ କରିଦେବାର ଲାଗି ପ୍ରଧାନ ଘରଭିତିରକେ ଯାଇଆସି ନାଇଁପାରବାର। ସେ ସମିଆରୁ ମଙ୍ଗଳ ଥାନା ଆର ରାଜସ୍ୱ ବିଭାଗରେ ଅଭିଯୋଗ କରିଥିଲେ। ପଦ୍ମପୁର ଉପଜିଲାପାଳକଁର ନିରଦେଶରେ ଝାରବନ୍ଧ ତହସିଲଦାର ସେ ଠାନ୍‌ଟାକେ ସରବ୍‌ସାଧାରନ୍ ଜାଗା ବଲି ଚିନ୍‌ହଁଟ କରିଛନ୍। ଚିନ୍‌ହଁଟ ହେଲା ଉତାରୁ ୪ ଥର ଜବରଦଖଲ ଉଛେଦ ଲାଗି ନିରଦେଶ ହେଇଛେ। ହେଲେ ଉପଜିଲାପାଳକଁର ନିରଦେଶ କାଯ୍‌କାରୀ ନାଇଁହେବାର। କେଭେ ରାଜସ୍ୱ ବିଭାଗ ପାସେ ସମିଆ ନାଇଁ ତ ଆର କେଭେ ପୁଲିସ ପାସେ ସମିଆ ନାଇଁ ବଲି ମଙ୍ଗଳକୁଁ ଫିରେଇ ଦିଆଯାଉଛେ। ବଡ଼ଭାରି ହିସାବେ ପୁଲିସ ଅସହଯୋଗ କରୁଥିବାର କହିଛନ୍ ମଙ୍ଗଳ। ରାଜସ୍ୱ ବିଭାଗ ତରଫୁ ଜବରଦଖଲ ଉଛେଦ ଲାଗି ପୁଲିସକେ ଚିଠି ହେଇଥିଲେ ବି ପୁଲିସ ମୁହୁଁ ମୁଡ଼ି ଆଇନ୍ କାନୁନକେ ଅସନ୍‌ମାନ କରୁଥିବାର ଚରଚା ହେଉଛେ। ଏନ୍‌ତାଥି ମଙ୍ଗଳ ଉପେ ଶୁଇନ୍ ହେଇ ଆଏବାର ୧୫ ତାରିଖରୁ ଆମରଣ ଅନଶନ କରବାର ସଂଗେ ନାଇଁହେଲେ ଆତ୍ମାହୁତି ଦେମି ବଲି ସେ କହିଛନ୍।

# ପାନୀୟଜଳ ପ୍ରକଳ୍ପ ଉନ୍ନତୀକରଣର ଶୁଭାରମ୍ଭ

ବରଗଡ଼ ଅଫିସ୍, ୮।୩

ବରଗଡ଼ ବ୍ଲକ ଅଡ଼ଗାଁଠାରେ ପୁରୁଣା ପାନୀୟଜଳ ପ୍ରକଳ୍ପର ମରାମତି ଓ ଉନ୍ନତିକରଣ କାର୍ଯ୍ୟର ଶୁଭାରମ୍ଭ ହୋଇଛି। ଜିଲା ଯୋଜନା କମିଟି ଅଧ୍ୟକ୍ଷ ତଥା ବରଗଡ଼ ବିଧାୟକ ଦେବେଶ ଆଚାର୍ଯ୍ୟ ମୁଖ୍ୟଅତିଥି ଭାବେ ଯୋଗଦେଇ ଏହାର ଶୁଭାରମ୍ଭ କରିଥିଲେ । ସ୍ଥାନୀୟ ସରପଞ୍ଚ ରୀତା ସୁନାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ବରଗଡ଼ ବ୍ଲକ ଅଧ୍ୟକ୍ଷା ମଞ୍ଜୁ ପଣ୍ଡା, ବିଜେଡ଼ି ନେତା ଆନନ୍ଦ ପୂଜାରୀ, ଗଜରାଜ ବିଶି, ମୀନକେତନ ମଲ୍ଲିକ, ଦୁର୍ଗା ଭୋଇ, ନେପାଳ ପଟେଲ, କଳାକାହ୍ନୁ ପ୍ରଧାନ, ସପ୍ତା ପାତ୍ର ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦାନ କରିଥିଲେ । ସ୍ଥାନୀୟ ବିଜୁ ଯୁବ ବାହିନୀର ସଭ୍ୟାମାନେ କାର୍ଯ୍ୟକ୍ରମ ପରିଚାଳନାରେ ସକ୍ରିୟ ଅଂଶଗ୍ରହଣ କରିଥିଲେ ।



ପାନୀୟଜଳ ପ୍ରକଳ୍ପ ଉନ୍ନତୀକରଣ କାର୍ଯ୍ୟର ଶୁଭାରମ୍ଭ କରାଯାଉଛି।

# ଦରମା ଦାବିରେ ବିଦ୍ୟୁତ୍ କର୍ମଚାରୀଙ୍କ ଅନଶନ

ବରଗଡ଼ ଅଫିସ୍,୮।୩

ବରଗଡ଼ ସେକ୍ସନ-୨ ଅଧୀନରେ କାର୍ଯ୍ୟରତ ୪ଜଣ ବିଦ୍ୟୁତ୍ କର୍ମଚାରୀଙ୍କୁ ଦରମା ଦିଆଯାଉ ନ ଥିବା ଅଭିଯୋଗ ହୋଇଛି । ଏହାର ପ୍ରତିବାଦରେ ଦରମାରୁ ବଞ୍ଚିତ କର୍ମଚାରୀ ହେମସାଗର ଦୀପ, ଦେବାଶିଷ ବାଙ୍କ, ଭକ୍ତ ଭୋଇ ଏବଂ ମନବୋଧ ବେହେରା ସେକ୍ସନ-୨ ଅଫିସ ସମ୍ମୁଖରେ ଅନଶନରେ ବସିଛନ୍ତି। ଅଭିଯୋଗ ଅନୁଯାୟୀ, ଗତ ୨୦୧୮ ମସିହା ଜୁନ ୭ତାରିଖରୁ ସେମାନଙ୍କୁ ବରଗଡ଼ ସେକ୍ସନ-୨ ଅଧୀନରେ କାମ କରିବା ପାଇଁ ନିଯୁକ୍ତି ଦିଆଯାଇଥିଲା। ସେତେବେଳେ ଏମାନେ ତତ୍କାଳୀନ ସେକ୍ସନ ଅଫିସରଙ୍କୁ ନିଯୁକ୍ତି ପତ୍ର ପ୍ରଦାନ କରି କାର୍ଯ୍ୟ ଆରମ୍ଭ କରିଥିଲେ। ତେବେ ନିଯୁକ୍ତି ସମୟରେ ଥିବା ସେକ୍ସନ ଅଫିସରଙ୍କ ବୀରମହାରାଜପୁର ବଦଳି ହେବା ପରେ ଅନ୍ୟ ଜଣେ ସେକ୍ସନ ଅଫିସ ତାଙ୍କ ସ୍ଥାନରେ ଅବସ୍ଥାପିତ ହୋଇଥିଲେ ଏବଂ ସେହିଦିନଠାରୁ ସେମାନଙ୍କ ଦରମା ମିଳିପାରି ନ ଥିବା ବିଦ୍ୟୁତ କର୍ମଚାରୀମାନେ ଅଭିଯୋଗ କରିଛନ୍ତି । ଏପରିକି ସେମାନଙ୍କୁ ଠିକ୍ ଭାବେ କାମରେ ନିୟୋଜନ କରାଯାଉନାହିଁ। ଅନ୍ୟପଟେ ସିଡ଼ି ନେବା, ଆଣିବା, ଟ୍ରାନ୍ସଫର୍ମର ସଜାଡ଼ିବା, ଗଛ କାଟିବାରେ ସେମାନଙ୍କୁ ନିୟୋଜିତ କରାଯାଉଛି ବୋଲି ସମ୍ପୃକ୍ତ ବିଦ୍ୟୁତ କର୍ମଚାରୀମାନେ ଅଭିଯୋଗ କରିଛନ୍ତି । ଫଳରେ ସେମାନଙ୍କୁ କାମରେ ଠିକ୍‌ଭାବେ ନିୟୋଜିତ କରିବା ସହିତ ପ୍ରାପ୍ୟ ପ୍ରଦାନ କରିବାରୁ ସେମାନେ ଦାବି କରିଛନ୍ତି। ଏ ସମ୍ପର୍କରେ ୱେସ୍କୋର ନିର୍ବାହୀ ଯନ୍ତ୍ରୀ ବିଭୂତି ଭୂଷଣ ଶତପଥୀଙ୍କୁ ପଚାରିବାରୁ ସେ କହିଥିଲେ, ସମ୍ପୃକ୍ତ ୪ ଜଣ କର୍ମଚାରୀ ଆଉଟସୋର୍ସିଂରେ ଅନ୍ୟ ଏକ ସଂସ୍ଥା ଦ୍ୱାରା ନିଯୁକ୍ତି ପାଇଛନ୍ତି। ଏହି କଥା ଜିଲା ଶ୍ରମ ଅଧିକାରୀଙ୍କ କାର୍ଯ୍ୟାଳୟକୁ ମଧ୍ୟ ପହଞ୍ଚିଛି। ଫଳରେ ଆଇନ ଅନୁଯାୟୀ ଯେଭଳି ପଦକ୍ଷେପ ନିଆଯିବା କଥା, ତାହା ନିଶ୍ଚିତ ଭାବେ କରାଯିବ ବୋଲି ସେ କହିଥିଲେ ।



ଅନଶନରେ ବସିଥିବା ବିଦ୍ୟୁତ୍ କର୍ମଚାରୀମାନେ ।

### ସଁକଟରେ ୪ ବଛରିଆ ଛୁଆର ଜୀବନ୍

# ଅଜନା ରୋଗ୍‌ରେ ପୀଡ଼ିତ ରିକ୍‌ସା

ଅତାବିରା, ୮।୩ (ଡି.ଏନ.ଏ)

ଭେଡ଼େନ ବ୍ଲକ ମାନୁପୁର ପଁଚେତ୍ କମଗାଁର ରାଜକୁମର ନାଏକଙ୍କର ସାନ ଝି ରିକ୍‌ସା(୪)। ସେ ଜନମ ପରେ କେହେନ୍‌ସି ଗୁଟେ ଅଜନା ରୋଗ୍‌ରେ ପୀଡ଼ିତ ହେଇ ଖଟେ ପଡ଼ିରହିଛନ୍। ପରିବାରଟା ନିହାତି ଗରିବ୍ ହେଇଥିଲାବେଲେ ସବୁବେଲେ ଅଭାବ ଅନାଟନ ଲାଗି ରହୁଛେ। ଏନ୍‌ତାଥି ରାଜକୁମର ଝି' ରିକ୍‌ସାର ଚିକିତ୍ସା ଠିକ୍‌ରେ କରେଇ ନାଇଁପାରବାର। ଧାର ଉଧାର କରି ଯାହାପାରଲେ ଚିକିତ୍ସା କରି ନିରାଶ ହେଇଯାଇଛନ୍। ଏହେଦେ ପରିବାରଟା ନିଜର ଭାଏଗ୍‌କେ ଆଦ୍‌ରି ଝି'ର ଦୁଖ୍ ଦେଖୁଛନ୍।

୨୦୧୪ ସାଲେ ରିକ୍‌ସା ଯେତେବେଲେ ଜନମ୍ ହେଲେ ପରିବାରରେ ଖୁସିର ଲହର ଖେଲିଯାଇଥିଲା। ହେଲେ ପଛେ ରିକ୍‌ସା ଯେତେବେଲେ ରୋଗ୍‌ରେ ପଡ଼ଲେ ପରିବାର ଲୁକ୍‌କର ମୁହୁଁରୁ ପାଏନ୍ ଉଡ଼୍‌ରିଗଲା। ରାଜକୁମରଙ୍କର ପରିବାର କହେଲେ ମାଏକିନା ସତ୍ୟଭାମା(୩୬), ଝି' ଲିଜା(୧୮), ପୁଓ ନିପୁନ(୧୦) ଆର ବୁର୍‌ଧା ମା' ବିଶାଖା(୭୫)କୁଁ ନେଇ ସୁଖର ସଁସାର। ନିଜର ଜମିବାଡ଼ି, ଘରଦୁଆର ନାଇଁଥିବାର ଲାଗି ପରିବାରଟା ପଡ଼ିଶା ଘରେ ଆଶ୍ରେ ନେଇଛନ୍। ସଖାଲ ପାଏଲେ ଦୁଇ ମାଏଝି ମୁନୁଷ ବାହା ଜାଂଗଲ ମାଜି ପରିବାରର ପେଟ ପାଲୁଛନ୍। ସରକାରୀ ସାହାଯ୍ କହେଲେ ପରିବାର ରାଶନ କାର୍ଡରେ ପାଉଥିବାର ୩୫ କେ.ଜି. ଚାଉଲ। ସେନ୍‌ତା ରାଜକୁମର ୨୦୧୮ ସାଲେ ବିଜୁ ପକ୍କାଘର ଯୋଜନାରେ ଘରଖଁଡ଼େ ପାଇଛନ୍ ସତ୍, ହେଲେ ସେଟା ବି କେହେନ୍‌ସି କାରନ୍‌ରୁ ଦରଖଁଡ଼ିଆ ହେଇ ପଡ଼ିରହିଛେ। ଏନ୍‌ତାଥି ଝି'ର ଚିକିତ୍ସା କରବାକେ ରାଜକୁମର ପାସେ ସମ୍‌ବଲ ନାଇଁ। ଥାନୀୟ ପରଶାସନ ଇ ଗରିବ୍ ପରିବାର ଉପରେ ଦୁରୁଷ୍‌ଟି ଦେଇ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ବୀମା ଯୋଜନାରେ ସାମିଲ କରବାର ସଂଗେ ରିକ୍‌ସାକେ ଚିକିତ୍ସା ସାହାଯ୍ ଯୁଗେଇ ଦେବାକେ ସାଧାରନରେ ଦାବି ହେଉଛେ। ଇ ବାବ୍‌ଦେ ଭେଡ଼େନ ବ୍ଲକ ବିଡିଓକୁଁ ପଚରାଲାରୁ ସରକାରୀ ହିସାବେ ଯାହା ହେଇପାରବା ମୁଇଁ ସାହାଯ୍ ଯୁଗେଇ ଦେମି ଆର କମଗାଁକେ ନିଜେ ଯାଇ ଇ ଦୁଖି ପରିବାରକେ ଭେଟମି ବଲି ସେ କହିଥିଲେ।



ଅଜନା ରୋଗ୍‌ରେ ପୀଡ଼ିତ ରିକ୍‌ସା ଅଈର କୁଲେ ବସିଛନ୍।

# ୧୦ ଏସ୍‌ଏଚ୍‌ଜିକୁ ମିଳିଲା ଋଣ ସହାୟତା

ବରଗଡ଼ ଅଫିସ୍,୮।୩

ଆନ୍ତର୍ଜାତୀୟ ମହିଳା ଦିବସ ଅବସରରେ ଶୁକ୍ରବାର ବରଗଡ଼ ବ୍ଲକ ଅନ୍ତର୍ଗତ ଗୋବିନ୍ଦପୁରରେ ୧୦ଟି ସ୍ୱୟଂ ସହାୟକ ଗୋଷ୍ଠୀର ମହିଳାଙ୍କୁ ୧ପ୍ରତିଶତ ସୁଧରେ ୨ଲକ୍ଷ ଟଙ୍କା ଲେଖାଏଁ ଋଣ ପ୍ରଦାନ କରାଯାଇଛି। ଉକ୍ତ କାର୍ଯ୍ୟକ୍ରମରେ ବ୍ୟାଙ୍କ ଅଫ ବରୋଦାର ରିଜିଓନାଲ ମ୍ୟାନେଜର ଅରବିନ୍ଦ କାଲା ମୁଖ୍ୟଅତିଥି, ସିନିୟର ବ୍ରାଞ୍ଚ ମ୍ୟାନେଜର ମହେଶ କୁମାର ସିଂ, ରାଜ୍ୟ ସମବାୟ ସଂଘ ନିର୍ଦ୍ଦେଶକ ପ୍ରଫୁଲ୍ଲ କୁମାର ନାଏକ, ମିଶନ ଶକ୍ତିର ବ୍ଲକ ସଂଯୋଜକ ବାବାଜୀ ସାମଲ, ଲୋନ୍ ଅଧିକାରୀ ରବି କୁମାର, ଜନସମ୍ପର୍କ ଅଧିକାରୀ ସମ୍ବିତ ମହାନ୍ତି, ମିଶନ ଶକ୍ତି, ବରଗଡ଼ର ସଭାନେତ୍ରୀ ଝରଣା ଦାଶ, ସମିତି ସଭ୍ୟ ଅଞ୍ଜଳି ବିଶି ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦାନ କରିଥିଲେ । ମାଁ ସରସ୍ୱତୀ, ଜୟ ମାଁ ଲକ୍ଷ୍ମୀ, ମାଁ ସମଲେଶ୍ୱରୀ, ଜୟ ଦୁର୍ଗା, ବୈଷ୍ଣୋଦେବୀ, ମାଁ ଶାରଳା, ଶୁଭଦର୍ଶିନୀ, ଜୟ ଜଗନ୍ନାଥ ଆଦି ଏସଏଚଜିକୁ ଚେକ୍ ମାଧ୍ୟମରେ ଋଣ ପ୍ରଦାନ କରାଯାଇଥିଲା ।




ଋଣ ସହାୟତା ପ୍ରଦାନ କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥିବୃନ୍ଦ ।



ସବୁ ବାଧାବିଘ୍ନ ଅତିକ୍ରମ କରି ଓ କଠିନ ପରିଶ୍ରମ ପରେ ଅନ୍ୟମାନେ ଯେଉଁଠି ପହଞ୍ଚି ପାରନ୍ତି, ସେହି ଚିନ୍ତାରାଜ୍ୟରେ ଯିଏ ବାସ କରନ୍ତି ତାଙ୍କୁ ହିଁ ମୁଁ ବଡ଼ ବୋଲି ମନେ କରେ।
- ଆର. ଡବ୍ଲ୍ୟୁ. ଇମରସନ



## ସଂକ୍ଷେପରେ

### ଅଙ୍ଗନୱାଡି କେନ୍ଦ୍ରରେ ତାଲା ପକାଇଲେ ଏସ୍ଏଚ୍ଜି ମହିଳା

**ଉଲୁଣ୍ଡା, ୮।୩(ଡି.ଏନ.ଏ.):** ସୁବର୍ଣ୍ଣପୁର ଜିଲା ଉଲୁଣ୍ଡା ବ୍ଲକ ସଦର ପଞ୍ଚାୟତ ବଡାଲି ଗ୍ରାମର ଦୁଇଟି ଯାକ ଅଙ୍ଗନୱାଡି କେନ୍ଦ୍ରରେ ଗୁରୁବାର ତାଲା ପକାଇଛନ୍ତି ଉକ୍ତ ଗ୍ରାମର ସ୍ୱୟଂ ସହାୟକ ଗୋଷ୍ଠୀର ମହିଳା। ଫଳରେ ଉକ୍ତ ଦୁଇ କେନ୍ଦ୍ରର ୨୫ଜଣ ଶିଶୁ ସେବା ପାଇବାରୁ ବଞ୍ଚିତ ହୋଇଛନ୍ତି। ସୂଚନା ଅନୁସାରେ ବଲାଙ୍ଗୀର ପଥରଚେପାରେ ରାଜ୍ୟ ସରକାରଙ୍କ ମହିଳା ମିଶନ ଶକ୍ତି କାର୍ଯ୍ୟକ୍ରମରେ ସାମିଲ ହେବା ପାଇଁ ପ୍ରଶାସନ ତରଫରୁ ଗାଁରେ ଥିବା ଏସ୍ଏସଜି ମହିଳାମାନଙ୍କୁ ୩ଦିନ ପୂର୍ବରୁ ସୂଚନା ଦିଆଯାଇଥିଲା। ମାତ୍ର ବଡାଲି ଗ୍ରାମରେ ଥିବା ୧୩ଏସ୍ଏସଜିର ୧୩୦ଜଣ ମହିଳାଙ୍କୁ କାର୍ଯ୍ୟକ୍ରମରେ ସାମିଲ କରାଇବା ନେଇ ଅଙ୍ଗନୱାଡି କର୍ମୀମାନେ କୌଣସି ପଦକ୍ଷେପ ନେଇ ନ ଥିଲେ। ଫଳରେ ସେମାନେ ଉତ୍କ୍ଷିପ୍ତ ହୋଇ ଉଭୟ ଅଙ୍ଗନୱାଡି କେନ୍ଦ୍ରରେ ତାଲା ପକାଇଥିଲେ। ଏ ନେଇ ଉଲୁଣ୍ଡା ସିଡିପିଓ ତ୍ରିଲୋତମା ନାଏକଙ୍କୁ ପଚରାଯିବାରୁ ଉକ୍ତ ଗ୍ରାମର ଅଙ୍ଗନୱାଡି କର୍ମୀ ଏସଏସଜି ମହିଳାଙ୍କର ତାଲିକା ନିର୍ଦ୍ଧାରିତ ସମୟ ପୂର୍ବରୁ ଦେଇ ନ ପାରିବାରୁ ସେମାନଙ୍କୁ ମୁଖ୍ୟମନ୍ତ୍ରୀଙ୍କ ମହିଳା ମିଶନ ଶକ୍ତି କାର୍ଯ୍ୟକ୍ରମରେ ସାମିଲ କରାଯାଇପାରି ନ ଥିଲା ବୋଲି ସଫେଇ ଦେଇଛନ୍ତି। ତେବେ ସିଡିପିଓ ଆସି ଆଲୋଚନା ନ କରିବା ପର୍ଯ୍ୟନ୍ତ ଅଙ୍ଗନୱାଡି କେନ୍ଦ୍ରରୁ ତାଲା ଖୋଲାଯିବ ନାହିଁ ବୋଲି ଗ୍ରାମର ମହିଳାମାନେ ପ୍ରକାଶ କରିଛନ୍ତି।



### ଘରପଟ୍ଟା ଦାବିରେ ତହସିଲ ଘେରାଉ

**ଉଲୁଣ୍ଡା, ୮।୩(ଡି.ଏନ.ଏ.) :** ସୁବର୍ଣ୍ଣପୁର ଜିଲା ଉଲୁଣ୍ଡା ବ୍ଲକ ଚଡେଇପଙ୍କ ପଞ୍ଚାୟତର ଲକ୍ଷ୍ମଣପୁର ଗ୍ରାମବାସୀ ଶୁକ୍ରବାର ଘରପଟ୍ଟା ଦାବିନେଇ ତହସିଲ ଅଫିସ ଘେରାଉ କରିଥିଲେ। ସୂଚନା ଅନୁସାରେ ଗ୍ରାମବାସୀ ଦୀର୍ଘ ୩୯ ବର୍ଷହେବ ଜବରଦଖଲ କରି ରହିଆସୁଛନ୍ତି। ହେଲେ ସରକାର ବାରମ୍ବାର ଉଚ୍ଛେଦ କରିବା ପାଇଁ ନୋଟିସ କରୁଛନ୍ତି। ଏହାକୁ ବିରୋଧ କରି ଗ୍ରାମବାସୀ ହାଇକୋର୍ଟର ଦ୍ୱାରସ୍ଥ ହୋଇଥିଲେ। ହାଇକୋର୍ଟ ଉଲୁଣ୍ଡା ତହସିଲଦାରଙ୍କୁ ତଦନ୍ତ କରି ପଟ୍ଟା ଦେବା ପାଇଁ ନିର୍ଦ୍ଦେଶ ଦେଇଥିଲେ। ହେଲେ ଗ୍ରାମବାସୀଙ୍କୁ ପଟ୍ଟା ନ ମିଳିବାରୁ ସେମାନେ ବାଧ୍ୟ ହୋଇ ତହସିଲ ଅଫିସ ଘେରାଉ କରିଥିଲେ। ପରେ ଏକ ଦାବିପତ୍ର ତହସିଲଦାର ନୀଳାମ୍ବର ମହାନନ୍ଦଙ୍କୁ ପ୍ରଦାନ କରିଥିଲେ। ଦାବିପତ୍ର ପ୍ରଦାନବେଳେ ସୁରଜ ବାଘ, ଆଇନଜୀବୀ ରାଧାକାନ୍ତ ମହାକୁରଙ୍କ ସମେତ ବହୁ ଗ୍ରାମବାସୀ ଉପସ୍ଥିତ ଥିଲେ।

# ସମ୍ପୂର୍ଣ୍ଣ ହେବ ସୁବର୍ଣ୍ଣପୁର ରିଂ ରୋଡ

## ମିସିଂ ଲିଙ୍କର ଟେଣ୍ଡର ଆହ୍ୱାନ କଲା ପୂର୍ତ୍ତ ବିଭାଗ

**ସୋନପୁର,୮।୩(ନି.ପ୍ର.)**

ସୁବର୍ଣ୍ଣପୁର ରିଂ ରୋଡ କାର୍ଯ୍ୟ ପୁଣି ଆରମ୍ଭ ହେବ। ଅସମ୍ପୂର୍ଣ୍ଣ ଥିବା କୁମ୍ଭାରପଡାରୁ ଦଶମତିଘାଟ(ମିସିଂ ଲିଙ୍କ) ୩୯୩ ମିଟର ପୋର୍ଟାଲ ଫ୍ରେମ୍ ବ୍ରିଜ୍ ହେବ। ନଦୀକୂଳ ସଂକୀର୍ଣ୍ଣ ଓ ପଥୁରିଆ ଥିବାରୁ ପାର୍ଶ୍ୱରେ କଂକ୍ରିଟ୍ ରିଟେନିଂ ୱାଲ ନିର୍ମାଣ କରାଯିବ। ଏଥିପାଇଁ କାହାରିକୁ ବିସ୍ଥାପିତ ହେବାକୁ ପଡିବ ନାହିଁ। ନୂତନ ଡିଜାଇନ ପରେ ଭୁବନେଶ୍ୱରସ୍ଥିତ ପୂର୍ତ୍ତ ବିଭାଗର ମୁଖ୍ୟଯନ୍ତ୍ରୀ(ରାସ୍ତା)ଙ୍କ କାର୍ଯ୍ୟାଳୟ ପକ୍ଷରୁ ବୁଧବାର ୫୦କୋଟି ଟଙ୍କାର ଟେଣ୍ଡର ଆହ୍ୱାନ କରାଯାଇଛି। ପୁରାତନ ସଂସ୍କୃତି ସମ୍ପନ୍ନ ସହରବାସୀଙ୍କ ପାଇଁ ଏହି ଖବର ଖୁସି ଆଣି ଦେଇଛି । ପୋର୍ଟାଲ ଫ୍ରେମ୍ ବ୍ରିଜ୍ ପାଇଁ ୫୮କୋଟି ଟଙ୍କାର ବ୍ୟୟ ଅଟକଳ ପୂର୍ବରୁ ମଞ୍ଜୁର ହୋଇଥିଲା। ରାଜ୍ୟ ଜଳସମ୍ପଦ ବିଭାଗ ଏଥିପାଇଁ ପ୍ରଥମ ପର୍ଯ୍ୟାୟରେ ୮ କୋଟି ୮୦ଲକ୍ଷ ଟଙ୍କା ଯୋଗାଇ ଦେଇଥିଲେ। ଡିସେମ୍ବର ମାସରେ ତେଲ ଜଳସେଚନ ବିଭାଗର ନିର୍ବାହୀ ଯନ୍ତ୍ରୀ, ସୁବର୍ଣ୍ଣପୁର ପୂର୍ତ୍ତ ବିଭାଗର ନିର୍ବାହୀ ଯନ୍ତ୍ରୀଙ୍କୁ ଏହି ଟଙ୍କା ଟ୍ରାନ୍ସଫର କରିଥିଲେ। ଡିଜାଇନ ପ୍ରସ୍ତୁତ ପାଇଁ ଭୁବନେଶ୍ୱର ପୂର୍ତ୍ତ ଓ ଗୃହ ନିର୍ମାଣ ବିଭାଗ(ଡିଜାଇନ)ର ଅଧିକ୍ଷଣ ଯନ୍ତ୍ରୀ ଇଂ ଅନିଲ ତ୍ରିପାଠୀ ଡିସେମ୍ବର ୨୯ ତାରିଖରେ କ୍ଷେତ୍ରୀୟ ପରିଦର୍ଶନ ସହ ମାପ ନେଇଥିଲେ।



ଅସମ୍ପୂର୍ଣ୍ଣ ଥିବା ରିଂ ରୋଡ ।

ସହରକୁ ମହାନଦୀ ଓ ତେଲନଦୀର ବନ୍ୟା ଦାଉରୁ ରକ୍ଷା କରିବା ଓ ଟ୍ରାଫିକ୍ ସମସ୍ୟାର ସମାଧାନ ଲକ୍ଷ୍ୟରେ ୨୦୧୧ ମସିହାରୁ ଆରମ୍ଭ ହୋଇଥିଲା ବହୁ ପ୍ରତିକ୍ଷିତ ରିଂ ରୋଡ ନିର୍ମାଣ କାର୍ଯ୍ୟ। ମହାନଦୀ ପାଶର୍ବରେ ୫.୧୧୮କିଲୋମିଟର ଓ ତେଲନଦୀ ବ୍ରିଜ୍ ଉପରମୁଣ୍ଡରୁ ୧କିଲୋମିଟର ରାସ୍ତା ନିର୍ମାଣ ସକାଶେ ଯୋଜନା ଥିଲା। ଦୁଇଟି ପର୍ଯ୍ୟାୟରେ ୧୧କୋଟିରୁ ଉର୍ଦ୍ଧ ଟଙ୍କା ଖର୍ଚ୍ଚ ହୋଇଥିଲା। କୁମ୍ଭାର ପଡାରୁ ଦଶୋମତି ଘାଟ ପଯର୍ୟନ୍ତ ୧୧୦୦ ମିଟର ବ୍ୟତୀତ ବାକି ମାଟି ବନ୍ଧ କାମ ଓ ସହରର ବଳକା ଜଳ ନିଷ୍କାସନ ପାଇଁ ସିଡି କାମ ସରିଥିଲା। ଏହି ସ୍ଥାନଟି ସଂକୀର୍ଣ୍ଣ ଓ ପଥୁରିଆ ହୋଇଥିବାରୁ ନଦୀପାର୍ଶ୍ୱରେ ମାଟି ବନ୍ଧ ଦେବା ଅସୁରକ୍ଷିତ ବୋଲି ଉଚ୍ଚ କ୍ଷମତା ସମ୍ପନ୍ନ ବୈଷୟିକ କମିଟି ମତ ଦେଇଥିଲେ । ତେବେ କେଉଁ ଡିଜାଇନରେ ନିର୍ମାଣ କାଯର୍ୟ ହେବ ତାହା ସ୍ଥିର ହେଇପାରି ନଥିଲା । ଫଳରେ ତୃତୀୟ ପର୍ଯ୍ୟାୟ ଅନୁଦାନ ଆସି ନ ଥିଲା। ଗତ ୪ବର୍ଷ ଧରି କାମ ବନ୍ଦ ରହିଲା । ଗଣମାଧ୍ୟମରେ ବାରମ୍ବାର ଖବର ପ୍ରକାଶ ପାଇଥିଲା। ସ୍ଥାନୀୟ ବିଧାୟକ ନିରଞ୍ଜନ ପୂଜାରୀ ଜଳସମ୍ପଦ ବିଭାଗର ମନ୍ତ୍ରୀ ହେବା ପରେ ଉକ୍ତ କାର୍ଯ୍ୟ ସମ୍ପୂର୍ଣ୍ଣ ପାଇଁ ପ୍ରଥମ ପଦକ୍ଷେପ ସ୍ୱରୂପ ଜଳସମ୍ପଦ ବିଭାଗର ଏହି ପ୍ରକଳ୍ପକୁ ପୂର୍ତ୍ତ ବିଭାଗକୁ ହସ୍ତାନ୍ତର କଲେ। ନବବର୍ଷ ଅବ୍ୟବହିତ ପୂର୍ବରୁ ପୋର୍ଟାଲ ବ୍ରିଜ୍ ପାଇଁ ଡିଜାଇନ୍ ମଞ୍ଜୁର ସହ ସରକାରଙ୍କ ପକ୍ଷରୁ ଅନୁଦାନ ଆସିଥିଲା। ପୂର୍ବରୁ ମାଟିକାମ ସରିଥିବା ରିଂ ରୋଡର ମହାନଦୀ ବ୍ରିଜ୍‌ରୁ ୧୫୦୦ ମିଟର ଓ ତେଲନଦୀ ବ୍ରିଜ୍‌ରୁ ୨୪୦୦ ମିଟର ରାସ୍ତା ପିଚୁ ପାଇଁ ବ୍ୟବସ୍ଥା କଲେ। ଟେଣ୍ଡର ପ୍ରକ୍ରିୟା ପରେ ୩ କୋଟି ୩ ଲକ୍ଷ ୯୭ ହଜାର ଟଙ୍କା ବ୍ୟୟରେ ମହାନଦୀ ବ୍ରିଜ୍ ପଟୁ ଦେଢ କିଲୋମିଟର ଓ ୮ କୋଟି ୩ଲକ୍ଷ ଟଙ୍କା ବ୍ୟୟରେ ତେଲନଦୀ ବ୍ରିଜ୍ ପଟୁ ରାମେଶ୍ୱର ପର୍ଯ୍ୟନ୍ତ ମାଟି ରାସ୍ତା ପିଚୁ ସହ ପ୍ରସସ୍ଥ କାର୍ଯ୍ୟ ଏବେ ଆରମ୍ଭ ହୋଇଛି । ଗତ ଦଶନ୍ଧି ମଧ୍ୟରେ ସହରର ଜନସଂଖ୍ୟା ବୃଦ୍ଧି ଘଟିଛି । ତେଣୁ ଭବିଷ୍ୟତରେ ରିଂ ରୋଡ ସୁବର୍ଣ୍ଣପୁର ସହରର ଲାଇଫ ଲାଇନ ହେବ ବୋଲି ଆଶା କରାଯାଉଛି ।

# ଆର୍‌ସିଏମ୍‌ଏସ୍ ଜମିକୁ ଜାଲିଆତି କରି ବିକ୍ରି ଅଭିଯୋଗ

**ଡୁଙ୍ଗୁରିପାଲି, ୮।୩(ଡି.ଏନ.ଏ.)**

ଡୁଙ୍ଗୁରିପାଲିରେ ସରକାରଙ୍କ ତରଫରୁ ବଲାଙ୍ଗୀର ଆର୍‌ସିଏମ୍‌ଏସ୍ ନିଜସ୍ୱ ନାମରେ ଏକ ଜମି କିଣି ଡୁଙ୍ଗୁରିପାଲି ଆର୍‌ସିଏମ୍‌ଏସ୍‌କୁ ବାଣିଜ୍ୟ ପରିଚାଳନା ପାଇଁ ହସ୍ତାନ୍ତର କରିଥିଲେ। ହେଲେ ଉକ୍ତ ଜମିକୁ ଜନୈକ ବ୍ୟକ୍ତି ଜାଲିଆତି କରି ଅନ୍ୟ ଜଣଙ୍କୁ ବିକ୍ରି କରିଥିବା ରାମପୁର ତହସିଲଦାରଙ୍କ ନିକଟରେ ଡୁଙ୍ଗୁରିପାଲି ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଅଭିଯୋଗ ଅନୁଯାୟୀ ଡୁଙ୍ଗୁରିପାଲିର ଚଳନ୍ତି ବନ୍ଦୋବସ୍ତ ଖାତା ନଂ ୨୦୭, ପ୍ଲଟ ନଂ ୯୦୧ ରକବା ଏ୧.୦୯୦ଡି ଜମିକୁ ଜମିର ପୂର୍ବ ମାଲିକ ବାଙ୍କା ମେହେର ଡୁଙ୍ଗୁରିପାଲିର ଦିର୍ଯୁ ପଧାନଙ୍କୁ ୧୯୫୮ ମସିହାରେ ବିକ୍ରି କରିଥିଲେ। ପୁଣି ଦିର୍ଯୁ ୧୯୬୨ରେ ଉକ୍ତ ଜମିକୁ ବଲାଙ୍ଗୀର ଆର୍‌ସିଏମ୍‌ଏସ୍‌କୁ ଚିରସ୍ଥାୟୀ ବିକ୍ରି ଦଲିଲ ସମ୍ପାଦନା କରିଥିଲେ। ପରେ ବଲାଙ୍ଗୀର ଆର୍‌ସିଏମ୍‌ଏସ୍ ଡୁଙ୍ଗୁରିପାଲି ଆର୍‌ସିଏମ୍‌ଏସ୍‌କୁ ବାଣିଜ୍ୟ ପରିଚାଳନା କରିବା ପାଇଁ ଉକ୍ତ ଜମିକୁ ହସ୍ତାନ୍ତର କରିଥିଲେ। ଉକ୍ତ ଜାଗାରେ ଆର୍‌ସିଏମ୍‌ଏସ୍ ତରଫରୁ କୋଠା ନିର୍ମାଣ କରି ନିଜେ ତଥା ଅନ୍ୟାନ୍ୟ ବ୍ୟକ୍ତି ବିଶେଷ ଓ ସଂସ୍ଥାଙ୍କୁ ବ୍ୟବସାୟ କରିବାର ସୁଯୋଗ ଦେଇ ପରିଚାଳନା କରିଆସୁଛି। ଉକ୍ତ ଜମିର ପୂର୍ବ ମାଲିକାନା ପରିବର୍ତ୍ତନ କରି ଆର୍‌ସିଏମ୍‌ଏସ୍ ନାମରେ ପଟ୍ଟା କରିବା ପାଇଁ ଗତ ୧୯୯୪ ଫେବୃୟାରରେ ଆରସିଏମଏସ ତରଫରୁ ଦରଖାସ୍ତ କରାଯାଇଥିଲା। ପୁଣି ଗତ ୨୦୧୬ ସେପ୍ଟେମ୍ବରରେ ସ୍ଥାୟୀ ରେକର୍ଡଭୁକ୍ତ କରିବା ପାଇଁ ଆର୍‌ସିଏମ୍‌ଏସ୍ ସମ୍ପାଦକ ସମ୍ବଲପୁର ଚକବନ୍ଦୀ ସହକାରୀ କମିଶନରଙ୍କଠାରେ ଆବେଦନ କରିଥିଲେ। ହେଲେ ଆଜି ପର୍ଯ୍ୟନ୍ତ ଜମିର ପଟ୍ଟା ଆର୍‌ସିଏମ୍‌ଏସ୍ ନାମରେ ନ ହୋଇ ତାହା ବିଚାରାଧୀନ ଅଛି। ହେଲେ ଉପନିବନ୍ଧକ ଉକ୍ତ ଜାଗାର ସ୍ଥିତାବସ୍ଥାକୁ କେଉଁ ଆଧାରରେ ଗତ ଫେବୃୟାରୀ ୨୭ରେ ବାଙ୍କା ମେହେରଙ୍କ ଉତ୍ତରାଧିକାରୀ ବୋଲାଉଥିବା ଜନୈକ ବ୍ୟକ୍ତି ଅନ୍ୟ ଜଣଙ୍କ ନାମରେ ବିକ୍ରୟ ନାମା ରେଜେଷ୍ଟ୍ରିଭୁକ୍ତ କରିଛନ୍ତି ବୋଲି ଗ୍ରାମବାସୀ ଅଭିଯୋଗ କରିଛନ୍ତି। ତହସିଲଦାର ଏହି ଘଟଣାର ତଦନ୍ତ କରି ୨୭।୨।୧୯ର ରେଜେଷ୍ଟ୍ରିକୁ ବେଆଇନ ଘୋଷଣା କରିବାକୁ ଆର୍‌ସିଏମ୍‌ଏସ୍ ସଭାପତି ଦେବକାନ୍ତ ବିଶ୍ୱାଳଙ୍କ ସମେତ ଡୁଙ୍ଗୁରିପାଲି ଗ୍ରାମବାସୀ ଦାବି କରିଛନ୍ତି। ଏହାର ତଦନ୍ତ କରି ନ୍ୟାୟ ପ୍ରଦାନ କରା ନ ଗଲେ ଆନ୍ଦୋଳନ କରାଯିବ ବୋଲି ଗ୍ରାମବାସୀ ଜଣାଇଛନ୍ତି। ଏ ନେଇ ତହସିଲଦାର ସଚ୍ଚିଦାନନ୍ଦ ହନୁମାନଙ୍କୁ ପଚାରିବାରୁ ଯେଉଁ ଜାଗା ବିକ୍ରି ହୋଇଛି ତାହା ବାଙ୍କା ମେହେର ନାମରେ ମାଲପାଣି କିସମରେ ଅଛି । ଉତ୍ତରାଧିକାରୀ କାଗଜପତ୍ର ଠିକ୍ ଥିବାରୁ ରେଜିଷ୍ଟ୍ରି କରାଯାଇଛି ବୋଲି କହିଥିଲେ।

# ରାଷ୍ଟ୍ର ନିର୍ମାଣରେ ଶିକ୍ଷୟିତ୍ରୀ ଶିକ୍ଷକଙ୍କ ଗୁରୁଦାୟିତ୍ୱ ରହିଛି

**ସୋନପୁର,୮।୩(ନି.ପ୍ର.)**

ଶିଶୁଙ୍କୁ ଉତ୍ତମ ନାଗରିକ ଭାବେ ଗଢି ତୋଳିବା ପାଇଁ ଶିକ୍ଷୟିତ୍ରୀଶିକ୍ଷକଙ୍କ ଗୁରୁ ଦାୟିତ୍ୱ ରହିଛି । ତେଣୁ ରାଷ୍ଟ୍ର ନିର୍ମାଣରେ ଶିକ୍ଷକଙ୍କ ଭୂମିକା ସବୁଠୁ ଗୁରୁତ୍ୱପୂର୍ଣ୍ଣ ବୋଲି ସୁକାନ୍ତି ଇଣ୍ଟରନ୍ୟାଶନାଲ ସ୍କୁଲର ତୃତୀୟ ବାର୍ଷିକ ଉତ୍ସବରେ ଅତିଥିବୃନ୍ଦ ମତପ୍ରକାଶ କରିଛନ୍ତି। ବିଦ୍ୟାଳୟ ଅଧକ୍ଷା ତଥା ସମ୍ପାଦିକ କମଳିନୀ ତ୍ରିପାଠୀଙ୍କ ଅଧକ୍ଷତାରେ ଶୁକ୍ରବାର ସନ୍ଧ୍ୟାରେ ଅନୁଷ୍ଠିତ ସଭାରେ ଏସ୍‌ପି ଦେବୀପ୍ରସାଦ ଦାଶ ମୁଖ୍ୟ ଅତିଥିଭାବେ ଯୋଗଦେଇଥିଲେ। ସେ ତାଙ୍କ ବକ୍ତବ୍ୟରେ କହିଥିଲେ ଯେ, ପରୀକ୍ଷାରେ କେବଳ ଭଲ ନମ୍ବର ରଖିବା ଛାତ୍ରୀଛାତ୍ରଙ୍କର ଏକମାତ୍ର ଲକ୍ଷ୍ୟ ହେବା ଉଚିତ ନୁହେଁ। ସମାଜରେ ଭଲ ମଣିଷଟିଏ ହେବା ବଡକଥା। ଶିଶୁ ବଡ ହେଲା ପରେ ସମାଜ ତାକୁ ଯାହା ଦେଇଛି ସେ ତାର ପରିଶୋଧ କରିବା ଉଚିତ ବୋଲି କହିଥିଲେ। ବ୍ଲକ ଶିକ୍ଷା ଅଧିକାରୀ ଘନଶ୍ୟାମ ମେହେର ସମ୍ମାନିତ ଅତିଥିଭାବେ ଯୋଗଦେଇ ଶିଶୁର ଅନ୍ତର୍ନିହିତ ଶକ୍ତିର ବିକାଶ ପାଇଁ ଉତ୍ତମ ପରିବେଶ ଆବଶ୍ୟକ ବୋଲି କହିଥିଲେ। ଅବସରପ୍ରାପ୍ତ ପ୍ରାଧ୍ୟାପକ ଡ. ଜ୍ୟୋତିରଞ୍ଜନ ବହିଦାର ମୁଖ୍ୟବକ୍ତାଭାବେ ଯୋଗଦେଇ ବିନା ଗୁରୁରେ ଉତ୍କର୍ଷ ସାଧନା ସହଜ ନୁହେଁ। ତେବେ ଶିଶୁଙ୍କୁ ସ୍ୱାଧୀନ ଭାବେ ଚିନ୍ତା କରିବା ପାଇଁ ସୁଯୋଗ ମିଳିବା ମିଳିବା ଉଚିତ୍। ଅଭିଭାବକ ଓ ଶିକ୍ଷୟିତ୍ରୀ ଶିକ୍ଷକ ଶିଶୁଙ୍କୁ ଏ ଦିଗରେ ଉତ୍ସାହିତ କରନ୍ତୁ। ଚିନ୍ତା କରିବା ପାଇଁ ଶିଶୁଙ୍କୁ ସୁଯୋଗ ମିଳିଲେ ସେ ତାକୁ ନିଶ୍ଚିତ ହାସଲ କରି ପାରିବ ବୋଲି ଡ. ବହିଦାର କହିଥିଲେ। ଏକାଡେମିକ୍ ମୁଖ୍ୟ ଜିତେନ୍ଦ୍ର ସୁନା ମଞ୍ଚାସୀନ ଥିଲେ। ଶିକ୍ଷୟିତ୍ରୀ ସ୍ମିତା ସାହୁ ଅତିଥି ପରିଚୟ ପ୍ରଦାନ କରିଥିଲେ। ସହକାରୀ ଶିକ୍ଷକ ପରମାନନ୍ଦ ମହାନନ୍ଦ ଧନ୍ୟବାଦ ପ୍ରଦାନ କରିଥିଲେ।



ନବୋଦୟ ଟ୍ୟାଲେଣ୍ଟ ପରୀକ୍ଷାରେ ସ୍ୱର୍ଣ୍ଣ ପଦକ ଜିତିଥିବା ୮ ଛାତ୍ରଙ୍କୁ ବାର୍ଷିକ ଉତ୍ସବରେ ପୁରସ୍କୃତ କରାଯାଉଛି ।

### 'ନାରୀ ଅବଳା ନୁହେଁ'

**ଅମରପାଲି, ୮।୩ (ଡି.ଏନ.ଏ.)**

ବୀରମହାରାଜପୁର ବ୍ଲକ ସୁବଳୟାସ୍ଥିତ କସ୍ତୁରବା ଗାନ୍ଧୀ ଆବାସିକ ବିଦ୍ୟାଳୟରେ ମହିଳା ଦିବସ ପାଳିତ ହୋଇଯାଇଛି। ପ୍ରଧାନଶିକ୍ଷୟିତ୍ରୀ ଯାଜ୍ଞସିନୀ ବେହେରାଙ୍କ ଅଧକ୍ଷତାରେ ଅନୁଷ୍ଠିତ ସଭାରେ ଜିଲା ପରିଷଦ ସଭ୍ୟା ଗାୟତ୍ରୀ ପାଣିଗ୍ରାହୀ ମୁଖ୍ୟଅତିଥିଭାବେ ଯୋଗଦେଇ ମହିଳା ଦିବସର ତାତ୍ପର୍ଯ୍ୟ ଉପରେ ମତ ଉପସ୍ଥାପନ କରିଥିଲେ। ନାରୀ ଅବଳା ନୁହେଁ, ପ୍ରତ୍ୟେକ କାର୍ଯ୍ୟରେ ପୁରୁଷଙ୍କ ସହ ସମକକ୍ଷ ବୋଲି କହିଥିଲେ। ଶିକ୍ଷୟିତ୍ରୀ ବିଜୟପ୍ରମିତା ରାଉତ, ଶିକ୍ଷକ ସୁରେନ୍ଦ୍ର ପ୍ରସାଦ ପାଢ଼ୀ, ନିହାର ରଞ୍ଜନ ମିଶ୍ର, ଅରୁଣ ସିଂ ପ୍ରମୁଖ ମହିଳା ଦିବସ ଉପରେ ମତ ରଖିଥିଲେ।

### ପ୍ରାଥମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ

**ସୋନପୁର,୮।୩(ନି.ପ୍ର.)**

ସୋନପୁର ମଝିପଡା ପ୍ରାଥମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନ ଶିକ୍ଷୟିତ୍ରୀ ବିନୋଦିନୀ ପଣ୍ଡାଙ୍କ ଅଧକ୍ଷତାରେ ଅନୁଷ୍ଠିତ ସଭାରେ ବିଇଓ ଘନଶ୍ୟାମ ମେହେର ମୁଖ୍ୟ ଅତିଥିଭାବେ ଯୋଗଦେଇ ଛାତ୍ରୀଛାତ୍ର ଭଲ ପାଠ ପଢିବା ସହ ନୃତ୍ୟ, ସଙ୍ଗୀତ ଓ ଖେଳକୁଦରେ ମନୋନିବେଶ କରିବାକୁ ପରାମର୍ଶ ଦେଇଥିଲେ। ସମ୍ମାନିତ ଅତିଥି ପ୍ରାକ୍ତନ ପୌରପାଳ କଇରୁ ସ୍ୱାଇଁ, ମ୍ୟୁନିସିପାଲିଟିର ପ୍ରାକ୍ତନ ଅଧକ୍ଷା ସିମନ୍ତିନୀ ନାଏକ, ପର୍ଶୁରାମ ମିଶ୍ର ଓ ପରିଚଳନା କମିଟି ସଭାପତି ସୁନୀଲ ସାହୁ ଯୋଗ ଦେଇଥିଲେ।

### ଅନ୍ତର୍ଜାତୀୟ ମହିଳା ଦିବସରେ ସଚେତନତା ସଭା

# ଅଜ୍ଞତା ହଟିଲେ ଅଧିକାର ଅପହଞ୍ଚ ନୁହେଁ

**ବୀରମହାରାଜପୁର, ୮।୩(ଡି.ଏନ.ଏ.)**

ସାମ୍ବିଧାନିକ ବିଧି ବ୍ୟବସ୍ଥା ଅନୁଯାୟୀ ମହିଳାମାନଙ୍କ ସଶକ୍ତିକରଣ ସକାଶେ ସରକାର ବିଭିନ୍ନ ଯୋଜନା କାର୍ଯ୍ୟକାରୀ କରୁଥିଲେ ସୁଦ୍ଧା ସଚେତନତା ଅଭାବରୁ ଆଶାଜନକ ସଫଳତା ଉପଲବ୍ଧ ହୋଇପାରୁ ନାହିଁ । ସେହିପରି ମହିଳାଙ୍କ ନ୍ୟାୟିକ ଅଧିକାର ଅକ୍ଷୁର୍ଣ୍ଣ ରଖିବାକୁ ବହୁ ଆଇନ ପ୍ରଣୟନ କରାଯାଇଥିବା ବେଳେ ଅଜ୍ଞତା ଯୋଗୁଁ ତାହା ଅପହଞ୍ଚ ହୋଇପଡିଛି । ଏପରିସ୍ଥଳେ ପ୍ରତ୍ୟେକ ମହିଳା ସେମାନଙ୍କ ଅଧିକାର ସମ୍ପର୍କରେ ସଚେତନ ରହିବା ଜରୁରୀ ବୋଲି ଆଇନସେବା ସମିତି ଦ୍ୱାରା ଆୟୋଜିତ ଏକ ସଚେତନତା ସଭାରେ ବକ୍ତବ୍ୟ ରଖି ଏଥିରେ ଯୋଗଦେଇଥିବା ଅତିଥିଗଣ ମତପୋଷଣ କରିଥିଲେ । ଶୁକ୍ରବାର ଅନ୍ତର୍ଜାତୀୟ ମହିଳା ଦିବସ ପାଳନ ଉପଲକ୍ଷେ ବୀରମହାରାଜପୁର ମୈତ୍ରୀସଦନଠାରେ ଏକ ସଭା ଅନୁଷ୍ଠିତ ହୋଇଥିଲା । ଆଇନସେବା ସମିତି ଅଧକ୍ଷ ତଥା ବରିଷ୍ଠ ଦେୱାନୀ ଏବଂ ସହକାରୀ ଦୌରାଜଜ୍ ଅବକାଶ ଚୌଧୁରୀ ଏଥିରେ ସଭାପତିତ୍ୱ କରି ମହିଳାଙ୍କ ନିମନ୍ତେ ଉପଲବ୍ଧ ହେଉଥିବା ଆଇନ ସହାୟତା ଏବଂ ସୁବିଧା ସୁଯୋଗ ସମ୍ପର୍କରେ ସୂଚନା ଦେଇଥିଲେ। ସମ୍ମାନୀତ ଅତିଥି ଭାବେ ଯୋଗଦେଇ ଏସଡିଜେଏମ ବବିତା ଦାଶ ଆଇନର ବିଭିନ୍ନ ଦିଗ ଉପରେ ଆଲୋଚନା କରିଥିଲେ। ଆଦର୍ଶ ଥାନାର ଆଇଆଇସି ପ୍ରଭା ଧନ ନିର୍ଯ୍ୟାତିତା ମହିଳାଙ୍କ ପାଇଁ ରହିଥିବା ବିବିଧ ଆଇନ ସମ୍ପର୍କରେ ଆଲୋକପାତ କରିବା ସଙ୍ଗେସଙ୍ଗେ ପାରିବାରିକ ବୁଝାମଣା ଭିତ୍ତିରେ ମାମଲାର ସମାଧାନ ଉପରେ ଗୁରୁତ୍ୱାରୋପ କରିଥିଲେ । ବାର ଆସୋସିଏଶନ୍‌ର ସଭାପତି ସ୍ୱୟମ୍ଭୁନାଥ ଖଣ୍ଡଗିରୀ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ଆଇନଜୀବୀ ସନ୍ତୋଷ କୁମାର ଚାନ୍ଦ ଓ ମନୋଜ କୁମାର ମେହେର ପ୍ରସଙ୍ଗଭିତ୍ତିକ ବକ୍ତବ୍ୟ ରଖିଥିଲେ। ଶେଷରେ ଆଡଭୋକେଟ ସୁରେନ୍ଦ୍ର କୁମାର ତ୍ରିପାଠୀ ଧନ୍ୟବାଦ ଅର୍ପଣ କରିଥିଲେ।




ମହିଳା ଦିବସ ପାଳନ ସଭାରେ ମଞ୍ଚାସୀନ ଅତିଥିବୃନ୍ଦ।

# ଭାରତ ବିକାଶ ବିଦ୍ୟା ମନ୍ଦିରର ବାର୍ଷିକ ଉତ୍ସବ

**ବିନିକା/ସିଂଘିଯୁବା, ୮।୩(ଡି.ଏନ୍.ଏ.)**

ବିନିକା ବ୍ଲକ ମହାଦେବପାଲି ଭାରତ ବିକାଶ ବିଦ୍ୟା ମନ୍ଦିରର ବାର୍ଷିକ ଉତ୍ସବ ଗୁରୁବାର ରାତିରେ ଉଦ୍‌ଯାପତି ହୋଇଯାଇଛି । ବିଦ୍ୟାଳୟ ସଭାପତି ମୁରଲୀଧର ବଡମାଳୀଙ୍କ ଅଧକ୍ଷତାରେ ଅନୁଷ୍ଠିତ ସଭାରେ ଅତିଥିଭାବେ ପୂର୍ବତନ ଶିକ୍ଷା ନିରୀକ୍ଷକ ବାସୁଦେବ ପୂଜାହାରୀ, ଶିକ୍ଷାବିତ୍ ତୀର୍ଥବାସୀ ପଣ୍ଡା, କୋଶଳ ଆବାସିକ ସ୍କୁଲ ସୋନପୁର ପ୍ରଧାନ ଆଚାର୍ଯ୍ୟ ପରମାନନ୍ଦ ନାଏକ ପ୍ରମୁଖ ଯୋଗଦେଇଥିଲେ।

ସ୍କୁଲ ସମ୍ପାଦକ ପ୍ରସନ୍ନ ମେହେର ସ୍ୱାଗତ ଭାଷଣ ଦେଇଥିବାବେଳେ ପ୍ରଧାନ ଶିକ୍ଷୟିତ୍ରୀ ରମିଲା ସାହୁ ବାର୍ଷିକ ବିବରଣୀ ପାଠ କରିଥିଲେ । ମଞ୍ଚ ପରିଚାଳନା ଶୁଭଶ୍ରୀ ପଧାନ ଏବଂ ଧନ୍ୟବାଦ ଅର୍ପଣ କରିଥିଲେ ସଞ୍ଜୟ କୁମାର ସାହୁ କରିଥିଲେ । ଏହି ଅବସରରେ ବିଭିନ୍ନ ପ୍ରତିଯୋଗିତାର କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା । ଏହା ପରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଶିତ ହୋଇଥିଲା।

# ସମାଜ ସୁଧାରିବାରେ ବରିଷ୍ଠ ନାଗରିକଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ

**ବୀରମହାରାଜପୁର, ୮।୩ (ଡି.ଏନ୍.ଏ.)**

ବରିଷ୍ଠ ନାଗରିକମାନେ ଆମର ସମ୍ପତ୍ତି। ସମାଜ ସୁଧାରିବା ଦିଗରେ ସେମାନଙ୍କ ବଳିଷ୍ଠ ଭୂମିକା ରହିଛି। ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ଉପଖଣ୍ଡର ବରିଷ୍ଠ ନାଗରିକ ସଂଗଠନର ତ୍ରୟୋଦଶତମ ବାର୍ଷିକ ଉତ୍ସବରେ ଅତିଥିମାନେ ଏହି ମତ ରଖିଛନ୍ତି। ସଂଘର ବୀରମହାରାଜପୁରସ୍ଥିତ କାର୍ଯ୍ୟାଳୟ ପରିସରରେ ଆୟୋଜିତ କାର୍ଯ୍ୟକ୍ରମରେ ସଭାପତି ଭଗବାନ ମିଶ୍ର ପୌରୋହିତ୍ୟ କରିଥିଲେ। ଏଥିରେ ବୀରମହାରାଜପୁର ଉପଜିଲାପାଳ ସୁବ୍ରତ କୁମାର ବେହେରା ମୁଖ୍ୟ ଅତିଥି ଏବଂ ଉପଖଣ୍ଡ ପୋଲିସ ଅଧିକାରୀ ଧିରୋଜ ଚପୋଦାର ସମ୍ମାନୀତ ଅତିଥି ଭାବରେ ଯୋଗଦେଇ ସୁସ୍ଥ ଓ ସମୃଦ୍ଧ ସମାଜ ଗଠନରେ ବରିଷ୍ଠ ନାଗରିକମାନଙ୍କ ଭୂମିକା ଉପରେ ଆଲୋକପାତ କରିଥିଲେ। ଏହି ଅବସରରେ ପୋଲିସ ପ୍ରଶାସନ ପକ୍ଷରୁ ଦ୍ୱିତୀୟ ପର୍ଯ୍ୟାୟରେ ୧୭ଜଣ ବରିଷ୍ଠ ନାଗରିକଙ୍କୁ ପରିଚୟପତ୍ର ବଣ୍ଟନ କରାଯାଇଥିଲା। ଅନ୍ୟପକ୍ଷରେ ବରିଷ୍ଠ ନାଗରିକ ସଂଘ ପକ୍ଷରୁ ଉତ୍ସବ ପାଇଁ ଖର୍ଚ୍ଚ ହେବାକୁ ଥିବା ସମସ୍ତ ଅର୍ଥରାଶି ସମ୍ପ୍ରତି ଦେଶ ମାତୃକା ପାଇଁ ପ୍ରାଣବଳି ଦେଇଥିବା ଦୁଇ ଓଡିଆ ଯବାନଙ୍କ ପରିବାରଙ୍କୁ ପ୍ରଦାନ କରିବା ପାଇଁ ଉପଜିଲାପାଳଙ୍କ ନିକଟରେ ଦିଆଯାଇଛି। ଉତ୍ସବ ପ୍ରାରମ୍ଭରେ ସଂଗଠନର ସମ୍ପାଦକ ପ୍ରଶାନ୍ତ ଷଡଙ୍ଗୀ ବାର୍ଷିକ ବିବରଣୀ ପାଠ କରିଥିବା ବେଳେ ଉପସଭାପତି ଧ୍ରୁବ ଚରଣ ଦାଶ ଧନ୍ୟବାଦ ଅର୍ପଣ କରିଥିଲେ। ପରେ ଶ୍ରୀନିବାସ ନାୟକଙ୍କ ଦ୍ୱାରା ପୁରାଣ ପାଠ କରାଯିବା ସହ ସ୍ଥାନୀୟ ଜଗନ୍ନାଥ ମନ୍ଦିରରେ ସାମୂହିକ ଅନ୍ନପ୍ରସାଦ ସେବନ କରାଯାଇଥିଲା।

### ଆନ୍ତର୍ଜାତିକ ମହିଳା ଦିବସ

# ନାରୀ ସଶକ୍ତ ହେଲେ ସୁସ୍ଥ ସମାଜ ଗଠନ ସମ୍ଭବ

- ୬ ଅଙ୍ଗନୱାଡି କର୍ମୀ, ୩ ଏସଏଚଜି ମହିଳା ପୁରସ୍କୃତ
- ବାହାରିଲା ସଚେତନତା ଶୋଭାଯାତ୍ରା

**ସୋନପୁର,୮।୩(ନି.ପ୍ର)**

ଏକ ସୁସ୍ଥ ଓ ସମୃଦ୍ଧ ସମାଜ ଗଠନରେ ମହିଳାମାନଙ୍କର ଭୂମିକା ସବୁଠୁ ଗୁରୁତ୍ୱପୂର୍ଣ୍ଣ। ତେଣୁ ଉପଯୁକ୍ତ ଶିକ୍ଷା ସହିତ ନାରୀମାନଙ୍କୁ ଆର୍ଥିକ, ସାମାଜିକ କ୍ଷେତ୍ରରେ ସଶକ୍ତ କରିବା ଆବଶ୍ୟକ ବୋଲି ସୁବର୍ଣ୍ଣପୁର ଜିଲା ପ୍ରଶାସନ ପକ୍ଷରୁ ଆୟୋଜିତ ଆନ୍ତର୍ଜାତିକ ମହିଳା ଦିବସ ଅବସରରେ ଶୁକ୍ରବାର ମତପ୍ରକାଶ ପାଇଛି। ଜିଲାପାଳ ମଧୁସୂଦନ ମିଶ୍ର ମୁଖ୍ୟ ଅତିଥିଭାବେ ଯୋଗଦେଇ ମହିଳା ଓ ପୁରୁଷ ଗୋଟିଏ ମୁଦ୍ରାର ଦୁଇଟି ପାର୍ଶ୍ୱ । ମହିଳା ବିନା ପୁରୁଷ ଅସ୍ତିତ୍ୱ ଶୂନ ବୋଲି କହିଥିଲେ। ପିଡି ଡିଆରଡିଏ ସୂର୍ଯ୍ୟନାରାୟଣ ଦାଶ ସମ୍ମାନିତ ଅତିଥିଭାବେ ଯୋଗଦେଇ କହିଥିଲେ ଯେ, ପୁରୁଷମାନଙ୍କଠାରୁ ନାରୀ କୌଣସି ଗୁଣରେ କମ୍ ନୁହନ୍ତି। ସେମାନେ ବିଭିନ୍ନ କ୍ଷେତ୍ରରେ ନିଜର ଉତ୍କର୍ଷତା ଦେଖାଇ ସାରିଛନ୍ତି। ଜିଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ସରୋଜ କୁମାର ନାୟକ ଦେଶର ସୁଦୀର୍ଘ ସାଂସ୍କୃତିକ ଇତିହାସରେ ନାରୀ କେବେ ବି ପୁରୁଷ ସହିତ ସମତୁଲ ଜୀବନ ବଞ୍ଚିନି ବୋଲି ମତ ଦେଇଥିଲେ। ଏନଏଚଏମ ଡିପିଏମ ଡ. ମୌସୁମୀ ମିଶ୍ର ଅନ୍ୟତମ ସମ୍ମାନିତ ଅତିଥିଭାବେ ଯୋଗଦାନ କରି ପୁରୁଷ ପ୍ରାଧାନ୍ୟ ସମାଜରେ ମହିଳା ଆଜି ଆଉ ଦୁର୍ବଳା ହୋଇ ରହିନାହିଁ ବୋଲି କହିଥିଲେ। ଜିଲା ସମାଜ ମଙ୍ଗଳ ଅଧିକାରିଣୀ ପୁଷ୍ପାଞ୍ଜଳି ମହାପାତ୍ର ସଭାରେ ସଂଯୋଜନା କରିଥିଲେ। ପ୍ରୋଗ୍ରାମ ଅଫିସର ଅନିତା ଗୁରୁ, ଶାନ୍ତି ମଞ୍ଜରୀ ମିଶ୍ର, ଜିଲା ଶିଶୁ ସୁରକ୍ଷା ଅଧିକାରୀ ଚତୁର୍ଭୁଜ ଦାଶ, ଜିଲାର ସମସ୍ତ ସିଡିପିଓ, ଅଙ୍ଗନୱାଡି ସୁପରଭାଇଜର, ଶିକ୍ଷୟିତ୍ରୀ ଶିକ୍ଷକ, ଏଏନଏମ ପ୍ରଶିକ୍ଷଣ କେନ୍ଦ୍ରର ଛାତ୍ରୀ, ମିଶନ ଶକ୍ତିର କର୍ମଚାରୀ ଉପସ୍ଥିତ ଥିଲେ। ସୋନପୁର ସିଡିପିଓ ନିବେଦିତା ସରାଫ ଧନ୍ୟବାଦ ପ୍ରଦାନ କରିଥିଲେ। ଏହି ଅବସରରେ ଉଲ୍ଲେଖନୀୟ କାର୍ଯ୍ୟ ପାଇଁ ୬ ଜଣ ଅଙ୍ଗନୱାଡି କର୍ମୀ, ୩ଟି ସ୍ୱୟଂ ସହାୟକ ଗୋଷ୍ଠୀର ମହିଳାଙ୍କୁ ପୁରସ୍କାର ଓ ମାନପତ୍ର ପ୍ରଦାନ କରାଯାଇଥିଲା। ସକାଳେ ଏକ ସଚେତନତା ଶୋଭାଯାତ୍ରା ବ୍ଲକ ଛକରୁ ବାହାରି ଜିଲାପାଳଙ୍କ କାର୍ଯ୍ୟାଳୟ ନିକଟରେ ପହଞ୍ଚିଥିଲା ।




ସୁବର୍ଣ୍ଣପୁରରେ ଜିଲା ଆଇନ ସେବା ପ୍ରାଧିକରଣ ପକ୍ଷରୁ ଅନୁଷ୍ଠିତ ଆଇନ ସଚେତନତା ରାଲି ।

ସେହିପରି ଆଇନ ସେବା ପ୍ରାଧିକରଣ ପକ୍ଷରୁ ବିକଳ୍ପ ବିବାଦ ସମାଧାନ କେନ୍ଦ୍ର ସଭାଗୃହଠାରେ ବିଶ୍ୱ ମହିଳା ଦିବସ ପାଳିତ ହୋଇଯାଇଛି। ଜିଲା ଦୌରାଜଜ୍ ରାଜ କୁମାର ସାହୁ ମୁଖ୍ୟ ଅତିଥିଭାବେ ଯୋଗଦାନ କରି ସାମାଜିକ ସଙ୍କଟ ସମ୍ପର୍କରେ ମତପ୍ରକାଶ କରିଥିଲେ। ଅତିରିକ୍ତ ଜିଲା ଦୌରାଜଜ୍ ଶ୍ୱେତା ମିଶ୍ର ନାରୀ ସର୍ବଶକ୍ତିର ଉତ୍ସ ବୋଲି କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସବ୍‌ଜଜ ସନ୍ଦିପ କୁମାର ପଟ୍ଟନାୟକ, ରେଜିଷ୍ଟ୍ରାର ସୀମା ତ୍ରିପାଠୀ, ଜେଏମ୍‌ଏଫସି ଅଙ୍କିତା ଶର୍ମା, ଅତିରିକ୍ତ ଏସ୍‌ପି ରମେଶ ଚନ୍ଦ୍ର ପାଣିଗ୍ରାହୀ, ସରକାରୀ ଓକିଲ ବ୍ୟୋମକେଶ ଦାଶ, ଆଇନଜୀବୀ ବାବୁଲାଲ ଦାଶ ପ୍ରମୁଖ ମହିଳା ସଶକ୍ତୀକରଣ ଓ ମହିଳା ସୁରକ୍ଷା ସମ୍ପର୍କିତ ଆଇନ ସମ୍ପର୍କରେ ଆଲୋଚନା କରିଥିଲେ। କୋର୍ଟ ମ୍ୟାନେଜର ଅଚ୍ୟୁତାନନ୍ଦ ସାମନ୍ତରା, ବିନ୍ଦୁସାର ମହାପାତ୍ର ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ବିଦ୍ୟାଳୟ ଓ କଲେଜର ଛାତ୍ରୀମାନେ ଉପସ୍ଥିତ ଥିଲେ।



ପ୍ରତ୍ୟେକ ଅପରାଧ ପାଇଁ ମାନବ ଚଳିତ ଦଣ୍ଡବିଧାନ ରହିଥାଏ, କିନ୍ତୁ ପ୍ରତ୍ୟେକ ପାପ ପାଇଁ ଭଗବାନ ହିଁ ଦଣ୍ଡ ଦେଇଥାନ୍ତି କିମ୍ବା ନିଜର ବିବେକ ଦଣ୍ଡଦିଏ।

-ସ୍ୱାମୀ ଚିଦାନନ୍ଦ ସରସ୍ୱତୀ

## ସଂକ୍ଷେପରେ

### ଟ୍ରାଫିକ୍ ଛକରେ ସିସି ଟିଭି କ୍ୟାମେରା ଉଦ୍‌ଘାଟିତ

**ବଲାଙ୍ଗୀର ଅଫିସ, ୮।୩:** ବଲାଙ୍ଗୀର ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖ କଚେରି ଛକରେ ଲଗାଯାଇଥିବା ସିସି ଟିଭିକୁ ଗୁରୁବାର ଏମ୍‌ପି କଳିକେଶ ନାରାୟଣ ସିଂଦେଓ ଉଦ୍‌ଘାଟନ କରିଛନ୍ତି। ଏହି ଜିଲାପାଳ ଅରିନ୍ଦମ ଡାକୁଆ, ଏସ୍‌ପି କେ. ଶିବା. ସୁବ୍ରମଣି, ପୌରାଧକ୍ଷା ସନ୍ତୋଷିନୀ ବେହେରା, ଉପାଧକ୍ଷା ଲିପିଶ୍ରୀ ସାଏ, ଯୁବନେତା ଅର୍କେଶ ନାରାୟଣ ସିଂଦେଓ ଉପସ୍ଥିତ ଥିଲେ। ଏହି ଛକରେ ବର୍ତ୍ତମାନ ୩ଟି ସିସି ଟିଭି କ୍ୟାମେରା ଲଗାଯାଇଛି। ଏଠାରେ ସିସି ଟିଭି ଲଗାଯିବା ଦ୍ୱାରା ଟ୍ରାଫିକ୍ ନିୟନ୍ତ୍ରଣ ସୁଚାରୁରୂପେ ସମ୍ପାଦନ କରିବାରେ ସହାୟକ ହେବ ବୋଲି କୁହାଯାଇଛି। ଏହି ଅବସରରେ ଏହି ଛକରେ ଏମ୍‌ପି ସିଂଦେଓ ବୈଦ୍ୟୁତିକ ଟ୍ରାଫିକ୍ ନିୟନ୍ତ୍ରଣ ବ୍ୟବସ୍ଥାର ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ। ସିସି ଟିଭି ଲାଗିବା ଫଳରେ ଲୋକେ ସଚେତନ ହେବେ ଓ ଟ୍ରାଫିକ୍ ସଚେତନତା ବଢ଼ିବ ବୋଲି ଏମପି ସିଂଦେଓ କହିଥିଲେ। ଏଥିସକାଶେ ଏମପି ତାଙ୍କ ଲ୍ୟାଡରୁ ୨୭ ଲକ୍ଷ ଟଙ୍କାର ଅନୁଦାନ ଦେଇଥିବା ସୂଚନା ଦେଇଥିଲେ। ଏଥିରେ ସହରରେ ବିଭିନ୍ନ ଛକରେ ୫୨ଟି ସିସି ଟିଭି କ୍ୟାମେରା ଓ ୨ଟି ବୈଦ୍ୟୁତିକ ଟ୍ରାଫିକ୍ ନିୟନ୍ତ୍ରଣ ବ୍ୟବସ୍ଥା ଲାଗିବ ବୋଲି ସେ ସୂଚନା ଦେଇଥିଲେ।

### ନିର୍ମାଣ ଶ୍ରମିକଙ୍କ ସମାବେଶ

**ପାଟଣାଗଡ, ୮।୩(ଡି.ଏନ.ଏ.):** ପାଟଣାଗଡ ଗଡଭିତର ପଡିଆରେ ଓଡିଶା କୋଠାବାଡି ଓ ଅନ୍ୟାନ୍ୟ ନିର୍ମାଣ ଶ୍ରମିକ କଲ୍ୟାଣ ବୋର୍ଡ ତରଫରୁ ପାଟଣାଗଡ, ବେଲପଡା ଏବଂ ଖପ୍ରାଖୋଲ ବ୍ଲକର ପ୍ରାୟ ଏକ ହଜାରରୁ ଉର୍ଦ୍ଧ୍ୱ ନିର୍ମାଣ ଶ୍ରମିକଙ୍କୁ ସାଇକେଲ ବଣ୍ଟନ କରାଯାଇଛି। ପାଟଣାଗଡ ବଢେଇ ମିସ୍ତ୍ରୀ ସଂଘ ଦ୍ୱାରା ଆୟୋଜିତ ଶ୍ରମିକ ସମାବେଶରେ ମୁଖ୍ୟ ଅତିଥିଭାବେ ଏମ୍‌ପି କଳିକେଶ ନାରାୟଣ ସିଂଦେଓ ଯୋଗଦେଇ ସାଇକେଲ ବଣ୍ଟନ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ସଭାରେ ପଶ୍ଚିମାଞ୍ଚଳ ମିଳିତ ଶ୍ରମିକ କର୍ମଚାରୀ ମଞ୍ଚର କାର୍ଯ୍ୟକାରୀ ସଭାପତି ନିରଞ୍ଜନ ବିଶି, ବଢେଇ ମିସ୍ତ୍ରୀ ସଂଘ ସଭାପତି ସୁନୀଲ ଗୋୟଲ, ଜିଲା ପରିଷଦ ସଭ୍ୟ ବିଜୟ ପ୍ରଧାନୀ ପ୍ରମୁଖ ମଞ୍ଚାସୀନ ଥିଲେ। ସଂଘ ଉପସଭାପତି ଚନ୍ଦ୍ରମଣି ଶବର ସଭା ପରିଚାଳନା କରିଥିଲେ। ଶ୍ରମ ଓ ନିୟୋଜନ ବିଭାଗ ତରଫରୁ ଡେପୁଟି ଲେବର କମିଶନର ସରୋଜ କୁମାର ରଞ୍ଜିତ, ଜିଲା ଶ୍ରମ ଅଧିକାରୀ ସୁରେଶ କୁମାର ବେହେରା, ଶ୍ରମ ସଂଯୋଜକ ବସନ୍ତ କୁମାର ବାହିନୀପତି, ଲେବର ଇନ୍ସପେକ୍ଟର ନିରଞ୍ଜନ ଭୁୟାଁ ପ୍ରମୁଖ ସାଇକେଲ ବଣ୍ଟନ କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ।

### ଆଜି କ'ଣ କେଉଁଠି

ସ୍ତମ୍ଭରେ କୌଣସି କାର୍ଯ୍ୟକ୍ରମ ସ୍ଥାନିତ କରିବାକୁ ଚାହୁଁଥିଲେ ସମ୍ପୂର୍ଣ୍ଣ ବିବରଣୀ ସହ ନିକଟସ୍ଥ ପ୍ରତିନିଧି କିମ୍ବା ଧରିତ୍ରୀ ମୁଖ୍ୟ କାର୍ଯ୍ୟାଳୟ ସହ ଯୋଗାଯୋଗ କରନ୍ତୁ।

# ମନ୍ଦିରରେ କଳାକନା ବୁଲାଇଲେ ଦୁର୍ବୃତ୍ତ

**ବଲାଙ୍ଗୀର ଅଫିସ, ୮।୩**



ରୁପ ମୁକୁଟ ଚୋରି ହୋଇଥିବା ମା' ଦୁର୍ଗା ଓ ପାର୍ବତୀଙ୍କ ମୂର୍ତ୍ତି। ସିସି ଟିଭି କ୍ୟାମେରାରେ କଏଦ ଚୋର। ୨୦୦ ମିଟର ଦୂରରେ ଫିଙ୍ଗାଯାଇ ଥିବା ଦାନବାକ୍ସ।

- ପାର୍ବତୀଙ୍କ ସୁନାଚେନ, ରୁପା ମୁକୁଟ ଚୋରି
- ମା' ଦୁର୍ଗାଙ୍କ ରୁପା ମୁକୁଟ ନେଇଗଲେ
- ୨ ଦାନବାକ୍ସ ଭାଙ୍ଗି ଟଙ୍କା ଲୁଟି ନେଲେ

ବଲାଙ୍ଗୀର ଜିଲାରେ ଚୋରି ଡ଼କାୟତି ଘଟଣା ଦିନକୁ ଦିନ ବଢ଼ିବାରେ ଲାଗିଛି। ଚୋରମାନେ ଭଗବାନଙ୍କ ମନ୍ଦିରରୁ ଚୋରି କରିବାକୁ ମଧ୍ୟ ପଛେଇ ନାହାନ୍ତି। ଗୁରୁବାର ବିଳମ୍ବିତ ରାତିରେ ବଲାଙ୍ଗୀର ସଦର ଥାନା ଅନ୍ତର୍ଗତ ଖୁଜେନପାଲି ଗାଁରେ ଥିବା ଧବଳେଶ୍ୱର ବାବା ଶିବ ମନ୍ଦିରରୁ ଚୋରି ହୋଇଛି। ଶୁକ୍ରବାର ସକାଳେ ପୂଜକ ପୂଜାର୍ଚ୍ଚନା ପାଇଁ ଆସିବା ସମୟରେ ମନ୍ଦିରର ତାଲା ଭଙ୍ଗା ଯାଇଥିବା ଦେଖିଥିଲେ। ମନ୍ଦିର ଭିତରକୁ ଯାଇ ଦେଖିବା ବେଳକୁ ଦେବୀ ପାର୍ବତୀଙ୍କ ରୂପା ମୁକୁଟ ଏବଂ ସୁନା ଚେନ ନ ଥିଲା। ଏଥି ସହିତ ମନ୍ଦିର ନିକଟରେ ଥିବା ରାମ ମନ୍ଦିର ଏବଂ ଦୁର୍ଗା ମନ୍ଦିରର ତାଲା ଭାଙ୍ଗି ମା' ଦୁର୍ଗାଙ୍କ ରୂପା ମୁକୁଟ ମଧ୍ୟ ଚୋରି କରି ନେଇଛନ୍ତି ଦୁର୍ବୃତ୍ତ। ଦୁଇଟି ଯାକ ମନ୍ଦିରର ଦାନବାକ୍ସକୁ ଭାଙ୍ଗି ଟଙ୍କା ଲୁଟି ନେବା ପରେ ଦୁଇ ଶହ ମିଟର ଦୂରରେ ଫିଙ୍ଗି ଦିଆଯାଇଛି। ଖବର ପାଇ ସଦର ଥାନା ଅଧିକାରୀ ଏବଂ ଟ୍ରେନିଂରେ ଥିବା ଆଇପିଏସ ଅଫିସର ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଥିଲେ। ସାଇଣ୍ଟିଫିକ ଟିମ ଓ ଡଗ୍ ସ୍କାଡ ଫିଙ୍ଗର ପ୍ରିଣ୍ଟ ଏବଂ ବିଭିନ୍ନ ପ୍ରକାର ସୁରାଗ ସଂଗ୍ରହ କରିଛନ୍ତି। ମନ୍ଦିରରେ ପାଞ୍ଚଟି ସିସି ଟିଭି କ୍ୟାମେରା ଲାଗିଥିବା ବେଳେ ଜଣେ ଚୋରର ଚେହେରା କଏଦ ହୋଇଛି। ପ୍ରାୟ ୪୦ବର୍ଷର ଜଣେ ଲୋକ ମୁଣ୍ଡରେ ଟୋପି ପିନ୍ଧି ମନ୍ଦିର ଭିତରୁ ରାତି ୧୨.୫୦ରେ ବାହାରୁ ଥିବା ସିସି ଟିଭିରୁ ଜଣା ପଡୁଛି। ଜଣେ ମନ୍ଦିରକୁ ପଶିଥିବା ବେଳେ ଅନ୍ୟ ଚୋରମାନେ ବାହାରେ ଥାଇପାରନ୍ତି ବୋଲି ସନ୍ଦେହ କରାଯାଉଛି। ମନ୍ଦିରରୁ ଚୋରି ଯୋଗୁ ଶୁକ୍ରବାର ପୂଜାପଦ୍ଧତି ବନ୍ଦ ରହିଥିଲା। ପରେ ମନ୍ଦିରକୁ ପ୍ରତିଷ୍ଠା କରିବା ପରେ ପୁଣି ପୂଜାର୍ଚ୍ଚନା କରାଯାଇଥିଲା ବୋଲି ମନ୍ଦିରର ବରିଷ୍ଠ ସଦସ୍ୟ ବିକ୍ରମାନନ୍ଦ ବହିଦାର ସୂଚନା ଦେଇଛନ୍ତି। ଭକ୍ତଙ୍କ ଭାବାବେଗ ସହିତ ଖେଳାଯାଇଥିବାରୁ ଶୀଘ୍ର ଚୋରକୁ ଧରିବା ପାଇଁ ସ୍ଥାନୀୟ ଲୋକେ ଦାବି କରିଛନ୍ତି। ଦାନବକ୍ସରେ କେତେ ଟଙ୍କା ଥିଲା ତାହା ଜଣାପଡି ନାହିଁ।

### ମହିଳା ସଶକ୍ତ ହେଲେ ଉନ୍ନତି ସମ୍ଭବ

**କଣ୍ଟାବାଞ୍ଜି, ୮।୩(ଡି.ଏନ.ଏ.)**

ତାଲୁକ ଆଇନ ସେବା କମିଟୀ କଣ୍ଟାବାଞ୍ଜି ଦ୍ୱାରା ସ୍ଥାନୀୟ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ପରିସରରେ ଶୁକ୍ରବାର ବିଶ୍ୱ ମହିଳା ଦିବସ ପାଳିତ ହୋଇଛି। ଉପସ୍ଥିତ ମହିଳାମାନଙ୍କୁ ବିଭିନ୍ନ ପ୍ରକାର ଆଇନ ସହାୟତା ସହିତ ଅଧିକାର ଉପରେ ସଚେତନ କରାଯାଇଛି। ମହିଳାମାନେ କିପରି ନିଜର ହକ୍ ସାବ୍ୟସ୍ତ କରିପାରିବେ ତାହା ଉପରେ ଆଲୋଚନା କରାଯାଇଥିଲା। ସ୍ଥାନୀୟ ସିଭିଲ କୋର୍ଟ ତାଲୁକ ଆଇନ ସହାୟତ କମିଟି ଚେୟାରମ୍ୟାନ ତଥା ଅତିରିକ୍ତ ଜିଲା ଦୌରାଜଜ ଦାମୋଦର ରଥ, ସବ୍‌ଜଜ ପ୍ରଦୀପ କୁମାର ବେହେରା, ଜେଏମଏଫସି ସୁମନ ଜେନା ଯୋଗଦେଇ ମହିଳାମାନଙ୍କ ଆଇନ ସହାୟତା ଉପରେ ସୂଚନା ଦେଇଥିଲେ। ବରିଷ୍ଠ ଆଇନଜୀବୀ ବିଷ୍ଣୁପ୍ରସାଦ ଶର୍ମା, ଅଶୋକ କୁମାର ଦାସ ଓ ମହିଳା ଆଇନଜୀବୀ ଅଞ୍ଜଳିପ୍ରଭା ରାଏ ବକ୍ତବ୍ୟ ରଖିଥିଲେ। ଅଶୋକ ଦାସ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ଜିଲା ଆଇନ ସେବା ପ୍ରାଧିକରଣର ସଚେତନତା ଶୋଭାଯାତ୍ରା

**ବଲାଙ୍ଗୀର ଅଫସ, ୮।୩**

ବଲାଙ୍ଗୀର ସିଭିଲ କୋର୍ଟ ସମ୍ମିଳନୀ କକ୍ଷରେ ଜିଲା ଆଇନ ସେବା ପ୍ରାଧିକରଣ ଆନୁକୂଲ୍ୟରେ ଆନ୍ତର୍ଜାତିକ ମହିଳା ଦିବସ ପାଳିତ ହୋଇଯାଇଛି। ଆଇନ ସେବା ପ୍ରାଧିକରଣ ଅଧ୍ୟକ୍ଷ ତଥା ଜିଲା ଦୌରାଜଜ୍ ଚିତ୍ତରଞ୍ଜନ ମହାପାତ୍ର ସଭାରେ ଅଧ୍ୟକ୍ଷତା କରି ଦିବସ ପାଳନର ତାତ୍ପର୍ଯ୍ୟ ସମ୍ପର୍କରେ ସୂଚନା ଦେଇଥିଲେ। ବିଭିନ୍ନ ଘଟଣାରେ ପୀଡିତ ମହିଳାଙ୍କ ନିମନ୍ତେ ଥିବା ଯୋଜନା ସଂକ୍ରାନ୍ତୀୟ ଆଇନଗତ ଦିଗ ଉପରେ ସେ ଆଲୋଚନା କରିଥିଲେ। ସ୍ଥାୟୀ ଲୋକ ଅଦାଲତ ଅଧ୍ୟକ୍ଷ ଧିରେନ୍ଦ୍ର କୁମାର ପଟ୍ଟନାୟକ ମହିଳାମାନଙ୍କ ନିମନ୍ତେ ଉଦ୍ଦିଷ୍ଟ ଆଇନ ସହାୟତା ସମ୍ପର୍କରେ ବକ୍ତବ୍ୟ ରଖିଥିଲେ। ଅତିରିକ୍ତ ଜିଲା ଦୌରାଜଜ୍ ତଥା ସ୍ୱତନ୍ତ୍ର ଜଜ୍ ଭିଜିଲାନ୍ସ ଶ୍ୟାମସୁନ୍ଦର ଦାସ, ପରିବାର ଅଦାଲତ ଜଜ୍ ଲଲାଟେନ୍ଦୁ ଜେନା, ପ୍ରଥମ ଅତିରିକ୍ତ ଜିଲା ଦୌରାଜଜ୍ ଅନୀତା ସାହୁ ପ୍ରମୁଖ ଦୃଷ୍ଟାନ୍ତ ମାଧ୍ୟମରେ ଏକ ତାତ୍ୱିକ ବକ୍ତବ୍ୟ ପ୍ରଦାନ କରିଥିଲେ। ଶେଷରେ ଜିଲା ଆଇନ ସେବା ପ୍ରାଧିକରଣର ସଚିବ ଆଶାପୂର୍ଣ୍ଣା ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ। ଏହି ସଚେତନତା ସଭାରେ ମୁଖ୍ୟ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ ସୁମିତା ଜେନା, ସିଭିଲ ଜଜ୍ ସିନିୟର ପ୍ରଭାକର ଗାଣ୍ଡିଆ, ଅତିରିକ୍ତ ସିଭିଲ ଜଜ୍ ସିନିୟର ଶ୍ରୀମୟୀ ଆଚାର୍ଯ୍ୟ, ସିଭିଲ ଜଜ୍ ଜୁନିୟର ସସ୍ମିତା ନାଏକ, ସିଭିଲ ଜଜ୍ ସୌରଭ ପୁରୋହିତ, ସିଭିଲ ଜଜ୍ ଦିଲୀପ ବାରିକ, ସ୍ୱତନ୍ତ୍ର ବିଚାର ବିଭାଗୀୟ ମାଜିଷ୍ଟ୍ରେଟ ରମେଶ ଚନ୍ଦ୍ର ରାୟଗୁରୁ, ସିଭିଲ ଜଜ୍ ଅବିନାଶ ନନ୍ଦ, ଡିଏସ୍‌ପି ପୁରୁଷୋତ୍ତମ ସେଠୀ, ଅତିରିକ୍ତ ସିଡିଏମ୍‌ଓ ଡା. ଜ୍ଞାନବ୍ରତ ମହାନ୍ତି, ଜିଲା ଶିଶୁ ସୁରକ୍ଷା ଅଧିକାରୀ ଦିଗାମ୍ବର କର, ଜିଲା ଆଇନ ସେବା କର୍ମକର୍ତ୍ତା, ସ୍ୱେଚ୍ଛାସେବୀ, ଆଇନଜୀବୀ ପ୍ରମୁଖ ଉପସ୍ଥିତ ଥିଲେ।




ଜିଲା ଆଇନ ସେବା ପ୍ରାଧିକରଣ ପକ୍ଷରୁ ବାହାରିଥିବା ସଚେତନତା ଶୋଭାଯାତ୍ରା।

### ଘରପଟ୍ଟା ଦାବିରେ ତହସିଲ ଘେରାଉ

**ଉଲୁଣ୍ଡା, ୮।୩(ଡି.ଏନ.ଏ.)**

ଉଲୁଣ୍ଡା ବ୍ଲକ ଚଡେଇପଙ୍କ ପଞ୍ଚାୟତର ଲକ୍ଷ୍ମଣପୁର ଗ୍ରାମବାସୀ ଶୁକ୍ରବାର ଘରପଟ୍ଟା ଦାବିନେଇ ତହସିଲ ଅଫିସ ଘେରାଉ କରିଥିଲେ। ସୂଚନା ଅନୁସାରେ ଗ୍ରାମବାସୀ ଦୀର୍ଘ ୩୯ ବର୍ଷହେବ ଜବରଦଖଲ କରି ରହିଆସୁଛନ୍ତି। ହେଲେ ସରକାର ବାରମ୍ବାର ଉଚ୍ଛେଦ କରିବା ପାଇଁ ନୋଟିସ କରୁଛନ୍ତି। ଏହାକୁ ବିରୋଧ କରି ଗ୍ରାମବାସୀ ହାଇକୋର୍ଟରେ ଦ୍ୱାରସ୍ଥ ହୋଇଥିଲେ। ହାଇକୋର୍ଟ ଉଲୁଣ୍ଡା ତହସିଲଦାରଙ୍କୁ ତଦନ୍ତ କରି ପଟ୍ଟା ଦେବା ପାଇଁ ନିର୍ଦ୍ଦେଶ ଦେଇଥିଲେ।

## ରାଜ୍ୟସ୍ତରୀୟ ନାଟବାଦୀ ୨୩ରୁ

**ବଲାଙ୍ଗୀର ଅଫିସ, ୮।୩**

ସାଇଟ ସାଂସ୍କୃତିକ ପରିଷଦ ସଦାଇପାଲିର ଆୟୋଜନରେ ମାର୍ଚ୍ଚ ୨୩ରୁ ୩୧ତାରିଖ ପର୍ଯ୍ୟନ୍ତ ବଲାଙ୍ଗୀର ପଲ୍ଲିଶ୍ରୀ ବିହାରସ୍ଥିତ ରାଧାକୃଷ୍ଣମଣ୍ଡପଠାରେ ଆୟୋଜିତ ହେବ ଅଷ୍ଟମ ରାଜ୍ୟସ୍ତରୀୟ ନାଟବାଦୀ ଓ ଗୀତିନାଟ୍ୟ ପ୍ରତିଯୋଗିତା। ଏହି ଅବସରରେ ମର୍ଯ୍ୟାଦାଜନକ କୋଶଳ ଗୌରବ ଭାଷା ସାହିତ୍ୟ ସମ୍ମାନ ଲେଖିକା ତଥା କୋଶଳି ଭାଗବତର ଅନୁବାଦିକା କମଳିନୀ ପଣ୍ଡାଙ୍କୁ ଓ କୋଶଳ ଗୌରବ ନାଟ୍ୟ ସମ୍ମାନ ବୌଦ୍ଧର ନାଟ୍ୟକାର ଦୀଲିପ କୁମାର ମହାନ୍ତିଙ୍କୁ ପ୍ରଦାନ କରିବାକୁ ମନୋନୀତ କରାଯାଇଛି। ପ୍ରତ୍ୟେକ ବର୍ଷ ପରି ଚଳିତ ବର୍ଷ ମଧ୍ୟ ପଶ୍ଚିମ ଓଡିଶାର ବିଭିନ୍ନ ଜିଲାରୁ ଆଞ୍ଚଳିକ ଭାଷାର ୧୫ଗୋଟି ନାଟକ ନିର୍ବାଚିତ କରାଯାଇ ପ୍ରତିଯୋଗିତା ନିମନ୍ତେ ମଞ୍ଚସ୍ଥ କରାଯିବାକୁ ନିଷ୍ପତ୍ତି କରାଯାଇଛି। ଗତ ବର୍ଷଠାରୁ ଆରମ୍ଭ ହୋଇଥିବା ଲୀଳା ନାଟକ ପ୍ରତିଯୋଗିତା ଚଳିତ ବର୍ଷ ମଧ୍ୟ ଆଠଟି ଦଳଙ୍କୁ ନେଇ ଆୟୋଜିତ ହେବ। ଶୁକ୍ରବାର ସ୍ଥାନୀୟ ସାମ୍ବାଦିକ ଭବନଠାରେ ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ ନାଟବାଦୀର ଅଧ୍ୟକ୍ଷ ହରିନାରାୟଣ ପୂଜାରୀ ଓ ସଭାପତି ଡ. ଶ୍ରୀକର ମିଶ୍ର ଏହି ସୂଚନା ଦେଇଛନ୍ତି। ଖବରଦାତା ସମ୍ମିଳନୀରେ ଅନ୍ୟମାନଙ୍କ ମଧ୍ୟରେ ସାଇଟ ସାଂସ୍କୃତିକ ପରିଷଦର ସମ୍ପାଦକ ଇଂ. ନାରାୟଣ ପ୍ରସାଦ ମିଶ୍ର, ନିର୍ଦ୍ଦେଶକ ତଥା ଅଧ୍ୟାପକ ପ୍ରଶାନ୍ତ ଖମାରୀ, ସଂଯୋଜକ ପ୍ରହଲ୍ଲାଦ ଦର୍ଜୀ ଉପସ୍ଥିତ ଥିଲେ। ଆବାହକ ହିମାଂଶୁ ଶେଖର ପାଢ଼ୀ ଧନ୍ୟବାଦ ଅର୍ପଣ କରିଥିଲେ।




ଶିଶୁଉଦ୍ୟାନଠାରେ ପୌରାଧକ୍ଷା ସନ୍ତୋଷିନୀ ବେହେରା ବକ୍ତବ୍ୟ ଦେଉଛନ୍ତି (ବାମ)। ୱାର୍ଡ ନମ୍ବର ୭ ରାମେଶ୍ୱର ନଗରଠାରେ ମହିଳାମାନେ କେକ୍ କାଟୁଛନ୍ତି।

### ଅନ୍ତର୍ଜାତୀୟ ମହିଳା ଦିବସ ପାଳିତ

**ଟିକ୍ରାପଡା, ୮।୩ (ଡି.ଏନ.ଏ.)**

ସଇନ୍ତଲା ବ୍ଲକ କୁମ୍ଭାରୀସ୍ଥିତ ଜଗନ୍ନାଥ ମଣ୍ଡପରେ ନେହେରୁ ଯୁବ କେନ୍ଦ୍ର ଓ ସ୍ୱାଗତ ସେବା ସଂଘର ମିଳିତ ଆନୁକୂଲ୍ୟରେ ଅନ୍ତର୍ଜାତୀୟ ମହିଳା ଦିବସ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ସରପଞ୍ଚ ମନୋଜ କଠାର ସଭାରେ ଅଧ୍ୟକ୍ଷତା କରିଥିବା ବେଳେ ଝସକେତନ ରଣା କାର୍ଯ୍ୟକ୍ରମର ସଂଯୋଜନା କରିଥିଲେ। ମୁଖ୍ୟବକ୍ତାଭାବେ ଗୌରଚନ୍ଦ୍ର ରାଜପଲିଆ ଯୋଗଦେଇଥିଲେ। ସମିତି ସଭ୍ୟ ସନ୍ତୋଷିନୀ ସାହୁ, ଗ୍ରାମ ପଞ୍ଚାୟତସ୍ତରୀୟ ସ୍ୱୟଂ ସହାୟକ ମହା ସଂଘ ସଭାନେତ୍ରୀ ଅଞ୍ଜୁ ସାହୁ ସମ୍ମାନିତ ଅତିଥି ରହିଥିଲେ। ୧୨ଟି ସ୍ୱୟଂସହାୟକ ଗୋଷ୍ଠୀର ଶତାଧିକ ମହିଳା ଉପସ୍ଥିତ ଥିଲେ।

ଆନ୍ତର୍ଜାତିକ ମହିଳା ଦିବସ ପାଳିତ

## ମହିଳାଙ୍କ ବିନା ସମୃଦ୍ଧ ସମାଜ ଗଠନ ଅସମ୍ଭବ

**ବଲାଙ୍ଗୀର ଅଫିସ, ୮।୩**

ବଲାଙ୍ଗୀର ସହରସ୍ଥିତ ଶିଶୁ ଉଦ୍ୟାନଠାରେ ଆନ୍ତର୍ଜାତିକ ମହିଳା ଦିବସ ପାଳିତ ହୋଇଯାଇଛି। ପୌର ପରିଷଦ ଅଧ୍ୟକ୍ଷା ସନ୍ତୋଷିନୀ ବେହେରାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ପ୍ରଥମେ ପୁଲୱାମା ଆତଙ୍କବାଦୀ ଆକ୍ରମଣରେ ଶହୀଦ ଯବାନମାନଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଥିଲା। ପରେ ଅଧ୍ୟକ୍ଷା ବେହେରା ତାଙ୍କ ବକ୍ତବ୍ୟରେ ମହିଳା ସଶକ୍ତିକରଣ ଉପରେ କହିଥିଲେ। ସମଗ୍ର ବିଶ୍ୱରେ ମହିଳାମାନେ ଏକ ବଳିଷ୍ଠ ଭୂମିକା ନିର୍ବାହ କରିଆସୁଛନ୍ତି। ମହିଳାଙ୍କ ବିନା ସୁସ୍ଥ ଓ ସମୃଦ୍ଧ ସମାଜ ଗଠନ ହୋଇପାରିବ ନାହିଁ ବୋଲି ସେ କହିଥିଲେ। ଉପାଧ୍ୟକ୍ଷା ଲିପିଶ୍ରୀ ସାଏ, କାଉନସିଲର ସରିତା ଦାସ, ସୁଜାତା ଦାସ, ନୂତନ ସେନ୍ଦ୍ରିଆ, ମମତା ଜେନାଙ୍କ ସହ ବହୁ ଅଙ୍ଗନୱାଡି ଓ ଆଶାକର୍ମୀ ଯୋଗଦେଇଥିଲେ।

ସେହିପରି ୭ ନମ୍ବର ୱାର୍ଡ କାଉନସିଲର ଗୀତାଞ୍ଜଳି ବରାଡଙ୍କ ଅଧ୍ୟକ୍ଷତାରେ ଆନ୍ତର୍ଜାତିକ ମହିଳା ଦିବସ ରାମେଶ୍ୱର ନଗରଠାରେ ପାଳନ କରାଯାଇଥିଲା। ଏହି ଅବସରରେ ମହିଳାମାନେ କେକ୍ କାଟି ଉତ୍ସବ ପାଳନ କରିଥିଲେ। ଏହି ସଭାରେ ପଡାର ମହିଳାମାନେ ବହୁସଂଖ୍ୟାରେ ଉପସ୍ଥିତ ଥିଲେ।

ଅନୁରୂପଭାବେ ମାହେଶ୍ୱରୀ ମହିଳା ଶାଖା ତରଫରୁ ସ୍ୱଧାର ଗୃହ ସାଲେପାଲିଠାରେ ମହିଳା ଦିବସ ପାଳନ କରାଯାଇଥିଲା। ସକାଳୁ ସେଠାରେ ଥିବା ସମସ୍ତ ଅଳିଆ ଆବର୍ଜନା ସଫା କରି ସ୍ୱଚ୍ଛତା କରିଥିଲେ। ପରେ ମାହେଶ୍ୱରୀ ପରିବାରର ସମସ୍ତ ସଦସ୍ୟ ସେଠାକୁ ଯାଇ ଶାଢ଼ୀ, ଡ୍ରେସ୍ ବଣ୍ଟନ କରିଥିଲେ। ସୋନିଆ ବେଜ୍, କରିସ୍ମା ରାଉତ, ବିଷ୍ଣୁପ୍ରିୟା ପାଣି, ସ୍ନିଗ୍ଧାରାଣୀ ରଥ, ପୂଜା ଚୋବେ, କିତ୍ତି କେଶୱାନି, ଇସିକା ଦାସ, ଶୁଭଶ୍ରୀ ଗରୁଡ, ଅଙ୍କୁଶ ପାଣ୍ଡିଆ, ଦିନେଶ ଶର୍ମା, ନିରୋଜ ବକ୍ସି, ପ୍ରିତିଶ ସାହୁ, ସାହିଲ ସିଂ ଗଡତିଆ, ରାଜ ବାଲୁଙ୍କେଶ୍ୱର ନନ୍ଦ, ଦିପକ ଚୋବେ, ରିଙ୍କୁ ମିଶ୍ର ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

## ଅମୃତଧାରା ପ୍ରକଳ୍ପ ଶିଳାନ୍ୟାସ

**ଦେଓଗାଁ, ୮।୩(ଡି.ଏନ.ଏ.)**

### ଏସ୍‌ଏଚ୍‌ଜିଙ୍କୁ ସୋଲାର ଲ୍ୟାମ୍ପ ବଣ୍ଟନ



ଦେଓଗାଁ ବ୍ଲକ ପରିସରରେ ଏସ୍‌ଏଚ୍‌ଜି ଗୋଷ୍ଠୀଙ୍କୁ ମୁଖ୍ୟଅତିଥି ଏମପି କଳିକେଶ ନାରାୟଣ ସିଂଦେଓ ସୋଲାର ଲ୍ୟାମ୍ପ ବଣ୍ଟନ କରୁଛନ୍ତି।

ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକ କାର୍ଯ୍ୟାଳୟ ପରିସରରେ ଶୁକ୍ରବାର ଅପରାହ୍ନରେ ଆନ୍ତର୍ଜାତିକ ମହିଳା ଦିବସ ଅବସରରେ ସ୍ୱୟଂ ସହାୟକ ଗୋଷ୍ଠୀଙ୍କୁ ସୋଲାର ଲ୍ୟାମ୍ପ ବଣ୍ଟନ ତଥା ବ୍ଲକ କାର୍ଯ୍ୟାଳୟ ପରିସରରେ ଏକ ଅମୃତଧାରା ପ୍ରକଳ୍ପର ଶିଳାନ୍ୟାସ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏମପିଙ୍କ ବ୍ଲକ ପ୍ରତିନିଧି ଉମା ଶଙ୍କର ସିଂଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ଏମ୍‌ପି କଳିକେଶ ନାରାୟଣ ସିଂଦେଓ ଯୋଗଦେଇ ବ୍ଲକ ପରିସରରେ ପୂର୍ବତନ ରାଜ୍ୟ ସଭା ସଦସ୍ୟ ଅନଙ୍ଗ ଉଦୟ ସିଂଦେଓଙ୍କ ପାଣ୍ଠି ୩ଲକ୍ଷ ୫୦ ହଜାର ଟଙ୍କା ବ୍ୟୟରେ ଏକ ଅମୃତ ଧାରା ପ୍ରକଳ୍ପର ଶିଳାନ୍ୟାସ କରିଥିଲେ। ପରେ ଅନୁଷ୍ଠିତ ସୋଲାର ଲ୍ୟାମ୍ପ ବଣ୍ଟନ କାର୍ଯ୍ୟକ୍ରମରେ ଯୋଗଦେଇ ବ୍ଲକ ମୁଖ୍ୟାଳୟର କେତେକ ସ୍ୱୟଂ ସହାୟକ ଗୋଷ୍ଠୀଙ୍କୁ ପ୍ରଥମ ପର୍ଯ୍ୟାୟରେ ସୋଲାର ଲ୍ୟାମ୍ପ ବଣ୍ଟନ କରିଥିଲେ। ମୋଟ ୨ହଜାର ସ୍ୱୟଂ ସହାୟକ ଗୋଷ୍ଠୀଙ୍କୁ ନିଜସ୍ୱ ପାଣ୍ଠିରୁ ସୋଲାର ଲ୍ୟାମ୍ପ ପ୍ରଦାନ କରାଯିବ ବୋଲି ଏମପି ସିଂଦେଓ କହିଥିଲେ। ବଲାଙ୍ଗୀର ଜିଲାର ପ୍ରାୟତଃ ସ୍ୱୟଂ ସହାୟକ ଗୋଷ୍ଠୀର ମା'ମାନେ ବଡି ତିଆରିରେ ସିଦ୍ଧହସ୍ତ। ଏଣୁ ପ୍ରତ୍ୟେକ ଏସଏଚଜିଙ୍କୁ ଗ୍ରାଇଣ୍ଡର ବ୍ୟବସ୍ଥା କରିବା ଦିଗରେ ପଦକ୍ଷେପ ନିଆଯିବ ବୋଲି କହିଥିଲେ। ସମ୍ମାନୀତ ଅତିଥିଭାବେ ବିଜେଡି ରାଜ୍ୟ ପରିଷଦ ସଭ୍ୟ ଅର୍କେଶ ନାରାୟଣ ସିଂଦେଓ, ଜିଲା ପରିଷଦ ସଭ୍ୟ ସୁଶୀଲ କୁମାର ଚାନ୍ଦ, ବିଡିଓ ବେର୍ଣ୍ଣାଦତ୍ତ ଲାକ୍ରା, ଜରାସିଂହା ସରପଞ୍ଚ କୁଶମଣି ମେହେର ପ୍ରମୁଖ ଯୋଗଦେଇ ନାରୀ ସଶକ୍ତିକରଣ ଉପରେ ଆଲୋକପାତ କରିଥିଲେ। ମିଶନଶକ୍ତିର ବ୍ଲକ ପ୍ରକଳ୍ପ ସଂଯୋଜକ ଭକ୍ତି ଭୂଷଣ ପଣ୍ଡା ଯୋଗଦେଇ ସ୍ୱୟଂସହାୟକ ଗୋଷ୍ଠୀଙ୍କୁ ସ୍ୱାବଲମ୍ବୀ କରିବା ଦିଗରେ ରାଜ୍ୟ ସରକାରଙ୍କ ବିଭିନ୍ନ ଯୋଜନା ଉପରେ ଆଲୋକପାତ କରିଥିଲେ। ଶେଷରେ ଯୁବନେତା ଶୈଳେନ୍ଦ୍ର କୁମାର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମକୁ ଅନ୍ତର୍ଯ୍ୟାମୀ ଭୋଇ, ଦୟାନିଧି ଖମାରୀ, ହିତେଷ କୁମାର ଦଲାଇ, ବିରେନ ଦଲାଇ, ସଞ୍ଜୟ କୁମାର ହୋତା, ଯୁଗେଶ୍ୱର ସାହୁ, ସୁନ୍ଦର ସାହୁ ସହଯୋଗ କରିଥିଲେ।

## ରୁଦ୍ରକେ ବଁଚାବାର ଚିନ୍‌ତାରେ ଭାଇ ବହେନ୍

**ଲୋଇସିଂହା, ୮।୩(ଡି.ଏନ.ଏ)**



ଛେଉଁଡ଼ ଭାଇ ବହେନ୍‌କର ହାତେ ମା' ଛେଉଁଡ଼ ରୁଦ୍ର।

ବଲାଙ୍ଗୀର ଜିଲା ଆଗଲପୁର ବ୍ଲକ ଖଲିଆପାଲି ଗାଁର ଭାଇ ବହେନ୍ ସନ୍ତୋଷିନୀ ସେଠ(୩୨) ଆର ଅନନ୍ତ ସେଠ(୨୮)କଁର ଦୁଖର ଚେର ଲମ୍‌ତେଲ ଯାଉଛେ। ବହୁତ ବଛର ତଲେ ମା'ବାପ୍‌କେ ହରେଇଛନ୍। ସେନ୍‌ତା ୪ ମାସ୍ ତଲେ ଅନନ୍ତକଁର ମାଏକିନା ଗୁଟେ ପୁଓକେ ଜନମ୍ ଦେଇ ଆରପାରକେ ଚାଲିଗଲେ। ଏନ୍‌ତାଥି ଭାଇବହେନ୍ ୪ ମାସ୍‌ର ଛୁଆକେ ସଁଖ୍‌ଲୁଛନ୍। ଛୁଆଟା ଡବା କ୍ଷୀର ଖାଉଛେ। ହେଲେ ସେ ଇଥିରେ ବୋଧ୍ ନାଇଁ ହେବାର, ଦିନୁ ଦିନ୍‌କେ ଦୁରବଲ ହେଇଯାଉଛେ।

ସୂଚନା ହିସାବେ, ଆଗଲପୁର ବ୍ଲକ ସାଲେଭଟା ପଁଚେତ ଅଧୀନ ଖଲିଆପାଲି ଗାଁ। ଗାଁର ଟିକ୍ରା ପଡ଼ାର ସ୍ୱର୍ଗତ ସୁବିନ ସେଠ ଆର ସୁମିତ୍ରା ସେଠକଁର ୨ ପୁଓ ଆର ଗୁଟେ ଝି। ସୁବିନକଁର ୧୦ ବଛର ତଲେ ଆର ସୁମିତ୍ରାକଁର ୧୯ ବଛର ତଲେ ମୁରତୁ ହେଇଛେ। ସେମାନକର ବଡ଼ଖା ପୁଓ ବିହାତୁରା ହେଇ ନିଜର ପରିବାର ସଂଗେ ଅଲଗେ ରହୁଛନ୍। ସେନ୍‌ତା ଅନନ୍ତ ଗଲା ବଛର ଫେବୃୟାରୀରେ କୁଟୁମଡୁଲାର ରୀତାକୁଁ ବିହା ହେଇଥିଲେ। ସେ ଗଲା ୨୬ ଅକ୍ଟୋବର ୨୦୧୮ରେ ବଲାଙ୍ଗୀର ଭୀମଭୋଇ ମେଡିକାଲରେ ଅପରେଶନ ଉତାରୁ ଗୁଟେ ପୁଓକେ ଜନମ ଦେଇଥିଲେ। ହେଲେ ଅଲପ ସମିଆ ଉତାରୁ ରୀତାର ଦିହି ଖରାପ ହେଲା। ଡାକ୍‌ତର ତାହାକୁ ବୁର୍ଲା ଡାକ୍‌ତରଖାନା ନେବାକେ ପରାମଶ ଦେଲେ। ସେଠାନେ ରୀତା ଚିକିସ୍ସା ହେବାର ଅବସ୍‌ତାରେ ୪ ଦିନ୍ ପରେ ଆଏଁଖ୍ ମୁଜିଦେଲେ। ଏନ୍‌ତା ପରିସ୍ଥିତିରେ ଅନନ୍ତ ଆର ସନ୍ତୋଷିନୀକଁର ଉପରେ ଦୁଖର କଲା ବାଦଲ ଛାଇଁଗଲା। କଅଁଲି ଛୁଆକେ କେନ୍‌ଥେଇ ବଁଚାବେ ଦୁଇ ଭାଇ ବହେନ୍ ସେ ଚିନ୍‌ତାରେ ହରମେଶା ଘାରିହେଲେ। ଇଆଡ଼େ ସେମାନକର ଜମିବାଡ଼ି ବଲି କିଛି ନାଇଁ। ପଁଚେତ୍‌ରୁ ମାସିକ ମିଲୁଥିବାର ୧୫ କେ.ଜି. ଚାଉଲ ଆର ଘର ଡିହଖଁଡ଼କ ତାକର ସଁପତି। ଅନନ୍ତ ସଖାଲ ପାଏଲେ କୁଲି ମଜୁରି କରିଯାଉଥିଲା ବେଲେ ବହେନ୍ ସନ୍ତୋଷିନୀ ରୁଦ୍ରର ସେବାଯତନ୍ କରୁଛନ୍। ଅଲପ ରୁଜ୍‌ଗାରରେ ଛୁଆକେ ସବୁଦିନେ ଡବା କ୍ଷୀର ଖୁଆବାର ସମ୍ଭବ ନାଇଁ ହେବାର ବଲି ସେମାନେ କହିଛନ୍। ମଝିରେ ମଝିରେ ଗାଁର ଅଙ୍ଗନୱାଡି, ଆଶା ଦିଦି ଆସି ରୁଦ୍ରର ଦିହପା କଥା ବୁଝି ନିଜର ଦାଇତିଅ ସାରି ଦେଉଛନ୍। ରୀତାର ମୁରତୁ ଉତାରୁ ମମତା ଯୋଜନାର ଟଁକା ମିଲବାରେ ବି ଅସବିଧା ହେଉଛେ। ରୁଦ୍ରର ଚିକିସ୍ସା ଆର ଖାଏଦ୍‌ପାଏନ୍‌ରେ ସମସିଆ ହେଉଥିବାର ସନ୍ତୋଷିନୀ କହିଛନ୍। ଜିଲା ସୁଆସ୍ତିଅ ବିଭାଗ ଆର ଜିଲା ପରଶାସନ ଇ ଦିଗେ ଦୁରୁଷ୍ଟି ଦେଇ ରୁଦ୍ରର ଚିକିସ୍ସା, ଖାଏଦ୍‌ପାଏନର ବେବସ୍‌ତା କରବାର ସଂଗେ ମମତା ଯୋଜନାର ବାକିଆ ଟଁକା ପରିବାରକେ ଯୁଗେଇ ଦେବାକେ ସାଧାରନ୍‌ରେ ଦାବି ହେଉଛେ।

**ରିପୋର୍ଟ: ସୁଶାନ୍ତ ବାରିକ**



ମନ ଭିତରେ ଯଦି ସନ୍ଦେହ ଉପୁଜିଲା, ତେବେ ଅଧିକ ଅଗ୍ରସର ନ ହୋଇ ଟିକିଏ ରହିଯାଅ।

- ଜୋରାଷ୍ଟର

## ସଂକ୍ଷେପରେ

### ନାଳ କଡ଼ରୁ ଅଜଣା ଯୁବତୀଙ୍କ ମୃତଦେହ ଉଦ୍ଧାର

ଲାଞ୍ଜିଗଡ଼,୮।୩(ଡି.ଏନ.ଏ.)

କଳାହାଣ୍ଡି ଜିଲା ଲାଞ୍ଜିଗଡ଼ ବ୍ଲକ ବିଜେପୁର ଥାନା ପୋଖେର ଗାଁ ନିକଟ ଏକ ନାଳକଡ଼ରୁ ଜଣେ ଅଜଣା ଯୁବତୀଙ୍କ କ୍ଷତବିକ୍ଷତ ମୃତଦେହ ବିଜେପୁର ପୋଲିସ ଉଦ୍ଧାର କରିଛି । ଗୁରୁବାର ରାତିରେ କେହି ଯୁବତୀଙ୍କୁ ହତ୍ୟା କିମ୍ବା ବଳାତ୍କାର ପରେ ହତ୍ୟା କରିଥିବା ନେଇ ସନ୍ଦେହ କରାଯାଉଛି । ସ୍ଥାନୀୟ ଲୋକଙ୍କଠାରୁ ଖବର ପାଇ କେସିଙ୍ଗା ଏସ୍‌ଡିପିଓ ଗୁପ୍ତେଶ୍ୱର ଭୋଇ, ଲାଞ୍ଜିଗଡ଼ ଥାନାଧିକାରୀ ଚତୁର୍ଭୁଜ ନାଏକ, ବିଜେପୁର ଥାନାଧିକାରୀ ପ୍ରଶାନ୍ତ କୁମାର କୋଲୁର୍‌ହାସ ପ୍ରମୁଖ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛନ୍ତି । ପାରିପାର୍ଶ୍ୱିକ ପରିସ୍ଥିତିରୁ ଯୁବତୀଙ୍କୁ କେହି ହତ୍ୟା କରିଥାଇ ପାରନ୍ତି ବୋଲି ସନ୍ଦେହ କରାଯାଉଥିଲେ ହେଁ ହତ୍ୟାର କାରଣ ଜଣାପଡିନାହିଁ । ଘଟଣାର ୨୪ ଘଣ୍ଟା ବିତି ଯାଇଥିଲେ ହେଁ ଏଯାଏଁ ମୃତଦେହ ଚିହ୍ନଟ ହୋଇ ନ ଥିବାବେଳେ ଶବ ବ୍ୟବଚ୍ଛେଦ ପରେ ଭବାନୀପାଟଣାସ୍ଥିତ ଶବ ଗୃହରେ ସଂରକ୍ଷିତ କରି ରଖାଯାଇଛି। ସ୍ଥାନୀୟ ଲୋକେ ଏହା ଜଣେ ମହିଳା ମାଓବାଦୀଙ୍କ ମୃତଦେହ ହୋଇଥାଇ ପାରେ ବୋଲି କୁହାକୁହି ହେଉଛନ୍ତି। ଏ ନେଇ ବିଜେପୁର ଥାନାରେ ଏକ ମାମଲା (ନଂ. ୦୨/୨୦୧୯) ରୁଜୁ କରି ତଦନ୍ତ ଚାଲିଥିବା ବେଳେ ଖୁବ୍‌ଶୀଘ୍ର ରହସ୍ୟ ଉପରୁ ପର୍ଦ୍ଦା ହଟିବ ବୋଲି ପୋଲିସ କହିଛି ।

### ଗାଡି ଧକ୍କାରେ ବାଇକ୍ ଆରୋହୀ ମୃତ, ଡ୍ରାଇଭର ଗିରଫ

କେସିଙ୍ଗା,୮।୩(ଡି.ଏନ.ଏ.)

କଳାହାଣ୍ଡି ଜିଲା କେସିଙ୍ଗା ବ୍ଲକ ଉକ୍ଳେଲା ଗ୍ରାମ ଜାତୀୟ ରାଜପଥ ୨୬ ଢ଼ାବା ନିକଟରେ ଶୁକ୍ରବାର ଚାରି ଚକିଆ ଗାଡି ଧକ୍କାରେ ଜଣେ ବାଇକ୍ ଆରୋହୀଙ୍କ ମୃତ୍ୟୁ ଘଟିଛି । ମୃତକ ହେଲେ କେସିଙ୍ଗା ବ୍ଲକ ମଶାଣିବନ୍ଧ ଗ୍ରାମର ଭକ୍ତବତ୍ସଳ ଜେନା (୩୫) । ଜମ୍ମୁ-କଶ୍ମୀର ବୋର୍ଡରରୁ ଜଣେ ମିଲିଟାରୀ ପରିବାର ଦିଲ୍ଲୀରୁ ସମତା ଟ୍ରେନ ଯୋଗେ ଆସି କେସିଙ୍ଗା ଷ୍ଟେଶନରେ ଶୁକ୍ରବାର ୧୨ଟାରେ ଓହ୍ଲାଇଥିଲେ । ସେଠାରୁ ଏକ ଚାରି ଚକିଆ ଗାଡି (ନଂ.ଓଡି୦୮ଏଚ-୫୭୭୭) ଯୋଗେ ଭବାନୀପାଟଣା ଅଭିମୁଖେ ଯାଉଥିଲେ । ଉକ୍ଳେଲା ଗ୍ରାମ ଜାତୀୟ ରାଜପଥ ୨୬ ଢ଼ାବା ନିକଟରେ ମଶାଣିବନ୍ଧ ଗ୍ରାମର ଭକ୍ତବତ୍ସଳଙ୍କ ଏକ ବାଇକ୍ (ନଂ.ଓଡି ୧୫ଜେ-୮୩୨୮)କୁ ପଛପଟେ ଧକ୍କା ଦେଇଥିଲା। ଢ଼ାବାରେ ଥିବା ଲୋକେ ୧୦୮ ଆମ୍ବୁଲାନ୍ସକୁ ଫୋନ କରିବାରୁ ଘଟଣାସ୍ଥଳରେ ପହଞ୍ଚି ଭବାନୀପାଟଣା ସରକାରୀ ହସ୍ପିଟାଲକୁ ନେଇଥିଲେ। ସେଠାକାର ଡାକ୍ତର ଯୁବକଙ୍କୁ ମୃତ ଘୋଷଣା କରିଥିଲେ। ଗାଡି ମାଲିକ ଆର୍ମି କର୍ମଚାରୀ ସୁଦର୍ଶନ ଛତ୍ରିଆ (୩୮) ତାଙ୍କ ଗାଡିରେ ନିଜ ପରିବାରବର୍ଗ ଓ ଡ୍ରାଇଭରଙ୍କ ସହିତ ଭବାନୀପାଟଣା ଯାଉଥିବାରୁ ଉକ୍ଳେଲା ଗ୍ରାମବାସୀ ଉକ୍ଳେଲା ଏରୋଡ୍ରାମ ନିକଟରେ କାବୁକରି ଡ୍ରାଇଭରଙ୍କୁ ଧରିଥିଲେ। ଗାଡି ମାଲିକ ପରିବାରବର୍ଗଙ୍କୁ ନେଇ ଭବାନୀପାଟଣା ଯାଇଥିବା ବେଳେ ଗାଡି ଡ୍ରାଇଭର ରମେଶ ଭୋଇ (୩୦)ଙ୍କୁ ପୋଲିସ ଗିରଫ କରିଛି ।

## ଆନ୍ତର୍ଜାତିକ ମହିଳା ଦିବସ

# ନାରୀ ବିଶ୍ୱରେ ସବୁ ଶକ୍ତିର ଆଧାର

ନୂଆପଡା ଅଫିସ,୮।୩

ଯୁଗ ଯେତିକି ଆଗକୁ ଯାଇଛି, ଆମେ ଆମର ସଂସ୍କୃତି, ପରମ୍ପରାକୁ ଦୂରେଇ ଦେଉଛୁ । ବିଜ୍ଞାନର ଦୁରୂପ ଯୋଗ ହେଉଛି । ଆମର ମାନସିକ ବିକାର ହେଉଛି । ନାରୀ ନାରୀର ଶତ୍ରୁ ହେଉଥିବା ଦେଖାଯାଉଛି। ସୋନୋଗ୍ରାଫି ଭଳି ଯନ୍ତ୍ରର ଦୁରୂପଯୋଗ ହେଉଛି । ନାରୀ ପ୍ରତି ସମ୍ମାନର ଆବଶ୍ୟକତା ରହିଛି । ନାରୀ ବିଶ୍ୱର ସବୁ ଶକ୍ତିର ଆଧାର ବୋଲି କୁହାଯାଇଛି । ଶୁକ୍ରବାର ସ୍ଥାନୀୟ ଜିଲା ଆଇନ ସେବା ପ୍ରାଧିକରଣ ଆନୁକୂଲ୍ୟରେ ଆୟୋଜିତ ଆର୍ନ୍ତଜାତିକ ମହିଳା ଦିବସ ଅବସରରେ ବକ୍ତାମାନେ ଯୋଗଦେଇ ଏହା କହିଛନ୍ତି । ଜିଲା ଆଇନ ସେବା ପ୍ରାଧିକରଣର ଅଧ୍ୟକ୍ଷ ତଥା ଜିଲା ଦୌରାଜଜ୍ ଅସୀମ କୁମାର ଦଳ ବେହେରା ସଭାପତିତ୍ୱ କରିଥିବାବେଳେ ଅତିରିକ୍ତ ଜିଲା ଦୌରାଜଜ୍ ମଦନଲାଲ ଖେଡିଆ,




ଆନ୍ତର୍ଜାତିକ ମହିଳା ଦିବସରେ ମଞ୍ଚାସୀନ ଅତିଥିବୃନ୍ଦ।

ସିଜେଏମ ଡ.ଏମ.ଆଇ. ନବି, ରେଜିଷ୍ଟ୍ରାର ରଘୁନନ୍ଦନ ଦାସ, ପବ୍ଲିକ ପ୍ରୋସିକ୍ୟୁଟର ନିର୍ଦ୍ଦଶିନୀ ରଥ, ସିଭିଲ ଜଜ୍ ସିନିୟର ଡିଭିଜନ ସରୋଜିନି ପତି, ଜେଏମଏଫସି ମାନସୀ ପ୍ରଧାନ ପ୍ରମୁଖ ଯୋଗଦେଇଥିଲେ। କାର୍ଯ୍ୟକ୍ରମରେ ଆଇନ ସେବା ପ୍ରାଧିକରଣର ସଚିବ ଅଜିତ ଓତା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଏହି ଅବସରରେ ଅଧ୍ୟକ୍ଷ ଜିଲା ଦୌରାଜଜ୍ ଅସୀମ କୁମାର ଦଳ ବେହେରା କହିଥିଲେ ଯେ, ନାରୀ ଏବଂ ପୁରୁଷ ମଧ୍ୟରେ କୌଣସି ପ୍ରଭେଦ ନାହିଁ। ଆମେ ସଚେତନ ହେବା ଦରକାର। ନାରୀ ଶକ୍ତିର ହୃଦବୋଧ କରିବା ଆବଶ୍ୟକ। ନାରୀ ଅବଳା ଦୁର୍ବଳା ନୁହେଁ । ତାଙ୍କ ପାଖରେ ଅମାପ ଶକ୍ତି ରହିଛି ବୋଲି କହିଥିଲେ। ସେହିଭଳି ସ୍ୱଚ୍ଛପରିବେଶ ଏବଂ ନିଜର ଗୁରୁଦାୟିତ୍ୱ ସମ୍ପର୍କରେ ଅବଗତ କରିଥିଲେ । ସେହିଭଳି ପବ୍ଲିକ ପ୍ରୋସିକ୍ୟୁଟର ରଥ ଆଜିର ମଣିଷ ବିଜ୍ଞାନର ଦୁରୁପଯୋଗ କରୁଛି ବୋଲି କହିଥିଲେ। ମଣିଷର ବିବେକ ଏବଂ ଆତ୍ମା ଯାହାକୁ ଗ୍ରହଣ କରିନାହିଁ । ତାରି ପାଖରେ ଆଇନ ଫେଲ ମାରିଥାଏ ବୋଲି କହିଥିଲେ । ଅତିରିକ୍ତ ଏସପି ସୁନୀଲ କୁମାର ଆଚାର୍ଯ୍ୟ ଝିଅ ଏବଂ ପୁଅ ମଧ୍ୟରେ ରହିଥିବା ପାର୍ଥକ୍ୟ ଉପରେ ବିଭିନ୍ନ ଉଦାହରଣ ଦେଇ ଉପସ୍ଥାପନା କରିଥିଲେ । ଅତିରିକ୍ତ ଜିଲା ଦୌରାଜଜ୍ ଖେଡିଆ ନାରୀ ନାରୀର ଶତ୍ରୁ ନ ହେଉ। ନାରୀ ନାରୀକୁ ସମ୍ମାନ ଦେବାର ଶିଖିବା ଜରୁରୀ ବୋଲି କହିଥିଲେ । କାର୍ଯ୍ୟକ୍ରମ ଶେଷରେ ରେଜିଷ୍ଟ୍ରାର ଦାସ ଧନ୍ୟବାଦ ଦେଇଥିଲେ। କାର୍ଯ୍ୟକ୍ରମରେ ସହରର ବିଭିନ୍ନ ବର୍ଗର ଲୋକ, ବୁଦ୍ଧିଜୀବୀ, ମହିଳା ସଙ୍ଗଠନର ନେତ୍ରୀମାନେ ଯୋଗଦେଇଥିଲେ ।



## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଦୂର ପରବତ ସୁନ୍ଦର
ଦୂର ବନ୍ଧୁ ସୁନ୍ଦର ।**

ପର୍ବତ ଦୂରରୁ ଭାରି ଶାଗୁଆ, ଗଛପତ୍ର ଭରି ରହିଥିବା ଭଳି ସୁନ୍ଦର ଦିଶେ । କିନ୍ତୁ ପାଖକୁ ଗଲେ କେତେ ଖାଲ ଖାବୁଡ଼ା, ଟାଙ୍ଗରା ପଥୁରିଆ, ନାନା ଜାତି ହିଂସ୍ର ଜୀବଜନ୍ତୁ ଥିବା ଇତ୍ୟାଦି ଜଣାପଡ଼େ। ସେହିପରି ଦୂରବନ୍ଧୁ କଦବା କ୍ୱଚିତ ଘରକୁ ଆସନ୍ତି। ତାଙ୍କ ଭଲ ମନ୍ଦ ତଥା ତାଙ୍କ ଘରର ଗୁମର ସହଜରେ ଜଣା ପଡ଼ି ନ ଥାଏ। ଦୂରରେ ରହିଥିବା ହେତୁ ଉକ୍ତ ବନ୍ଧୁଙ୍କ ସ୍ୱଭାବ, ବ୍ୟବହାର ବେଶ୍ ସୁନ୍ଦର ବା ଭଲ ଲାଗୁଥିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

**ଦିଆକୁ ଦିଆ
ଅଦିଆକୁ ଦୁଆର ଦିଆ ।**

ଦେବା ଲୋକକୁ ସମସ୍ତେ ସ୍ୱାଗତ କରିଥାନ୍ତି। କିଛି ଅସୁବିଧାର ସମ୍ମୁଖୀନ ହେଲେ ଦେଉଥିବା ବ୍ୟକ୍ତି ପ୍ରତି ସମବେଦନା ଜ୍ଞାପନ କରିଥାନ୍ତି। ଭଲରେ ମନ୍ଦରେ ସାହାଯ୍ୟ କରିବାକୁ ଆଗେଇ ଆସିଥାନ୍ତି। କିନ୍ତୁ ଯିଏ କେବେ ଦିଏ ନାହିଁ, ଦେବାକଥା ପଡ଼ିଲେ ମୁହଁ ବୁଲାଇଦିଏ ତାକୁ କେହି କେବେ ପସନ୍ଦ କରି ନ ଥାନ୍ତି। ପରୋପକାରୀ ହୋଇ ନ ଥିବା ହେତୁ ତାଙ୍କ ପ୍ରତି କେହି ସହାନୁଭୂତି ଦେଖାଇବାକୁ ଉଚିତ ମଣୁ ନ ଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ରୂଢ଼ି ପ୍ରୟୋଗ
-ଏ.କେ. ମିଶ୍ର ପବ୍ଲିଶର୍ସ ପ୍ରା.ଲି.

# କଳାହାଣ୍ଡି ଜିଲା ପ୍ରାଥମିକ ଶିକ୍ଷକ ସଂଘର ଜରୁରୀ ବୈଠକ

ଭବାନୀପାଟଣା,୮।୩(ଡି.ଏନ.ଏ.)

ସ୍ଥାନୀୟ ପ୍ରାଥମିକ ଶିକ୍ଷକ ଭବନ ପରିସରରେ ଜିଲା ସଭାପତି ମନୋଜ କୁମାର ପାଣିଗ୍ରାହୀଙ୍କ ଅଧ୍ୟକ୍ଷତାରେ ଏକ ଜରୁରୀ ବୈଠକ ଅନୁଷ୍ଠିତ ହୋଇଥିଲା। ଜିଲା ସାଧାରଣ ସମ୍ପାଦକ ଧିରେନ୍ଦ୍ର କୁମାର ପଟ୍ଟନାୟକ ବୈଠକର ଉଦ୍ଦେଶ୍ୟ ସମ୍ପର୍କରେ ଉପସ୍ଥିତ କର୍ମକର୍ତ୍ତାମାନଙ୍କୁ ରାଜ୍ୟ ଫେଡେରେଶନ୍‌ର ଦାବିପତ୍ର ତା ୬।୩।୧୯ ଯାହାକି ରାଜ୍ୟ ସରକାରଙ୍କୁ ମଧ୍ୟାହ୍ନ ଭୋଜନ ବର୍ଜନ କରିବା ସକାଶେ ନିଷ୍ପତ୍ତି ନିଆଯାଇଛି ସେ ସମ୍ପର୍କରେ ମତବ୍ୟକ୍ତ କରିଥିଲେ। ରାଜ୍ୟ ଖାଦ୍ୟ ସୁରକ୍ଷା ଓ ନିରାପତ୍ତା କମିଶନ ଦ୍ୱାରା ମଧ୍ୟାହ୍ନ ଭୋଜନକୁ ନିମ୍ନମାନର ଦର୍ଶାଇ ବିଭିନ୍ନ ଜିଲାର ଶିକ୍ଷକ, ଶିକ୍ଷୟିତ୍ରୀମାନଙ୍କୁ ନିଲମ୍ବନ କରାଯାଇଛି । ଯାହା ରାଜ୍ୟ ଫେଡେରେଶନର ଦୃଷ୍ଟି ଗୋଚର ହୋଇଛି। ଆକ୍ରୋଶମୂଳକ ଭାବେ ଖାଦ୍ୟ ପରୀକ୍ଷା ରିପୋର୍ଟରେ ଚଞ୍ଚକତା କରି ସରକାରଙ୍କ କାର୍ଯ୍ୟାନୁଷ୍ଠାନକୁ ତୁରନ୍ତ ବନ୍ଦ କରିବା ସହ ଖାଦ୍ୟ ପରୀକ୍ଷାର ପ୍ରଣାଳୀକୁ ସାର୍ବଜନୀନ କରିବାକୁ ରାଜ୍ୟ ଫେଡେରେଶନର ମହାସଚିବ ଅମୀୟ ଦାସ ଏବଂ ସଭାପତି ହୃଦାନନ୍ଦ ଦ୍ୱିବେଦୀ ଲିଖିତ ଭାବେ ସରକାରଙ୍କୁ ଜଣାଇଛନ୍ତି। ରାଜ୍ୟ ଫେଡେରେଶନ୍‌ର ନିଷ୍ପତ୍ତିକୁ କଳାହାଣ୍ଡି ଜିଲା ପ୍ରାଥମିକ ଶିକ୍ଷକ ସଂଘ ସମର୍ଥନ ଜଣାଉଛି ବୋଲି ସଭାପତି ମନୋଜ କୁମାର ପାଣିଗ୍ରାହୀ ଓ ସାଧାରଣ ସମ୍ପାଦକ ଧିରେନ୍ଦ୍ର କୁମାର ପଟ୍ଟନାୟକ ଏକ ପ୍ରସ୍ତାବ ଆଗତ କରିଥିଲେ। ଆଗାମୀ ଦିନରେ ଯଦି ରାଜ୍ୟ ଫେଡେରେଶନର ଦାବି ସରକାର ମାନିନେଇ ଶିକ୍ଷକମାନଙ୍କୁ ଏହି ଦାୟିତ୍ୱରୁ ମୁକ୍ତି ଦେଇ କେବଳ ଶିକ୍ଷାଦାନ ଭଳି ମହାନ୍ କାର୍ଯ୍ୟ ସମ୍ପାଦାନ କରିବାର ସୁଯୋଗ ପ୍ରଦାନ କରିବେ ଏବଂ ମଧ୍ୟାହ୍ନ ଭୋଜନ ଭଳି ଏକ ଛାତ୍ରୀଛାତ୍ର ପ୍ରିୟ ଯୋଜନାକୁ ବନ୍ଦ କରିବାର ଚକ୍ରାନ୍ତ କରିବା ପରିବର୍ତ୍ତେ ସମସ୍ତ ଛାତ୍ରଛାତ୍ରୀଙ୍କୁ ଖାଦ୍ୟ ସୁରକ୍ଷା ଭତ୍ତା ବାବଦରେ ସିଧା ସଳଖ ଟଙ୍କା ପ୍ରଦାନ କରିବାକୁ ଫେଡେରେସନ ପକ୍ଷରୁ ଦିଆଯାଇଥିବା ପ୍ରସ୍ତାବକୁ କଳାହାଣ୍ଡି ଜିଲା ପ୍ରାଥମିକ ଶିକ୍ଷକ ସଂଘ ଦୃଢ ସମର୍ଥନ ଜଣାଉଛି ବୋଲି ବୈଠକରେ ନିଷ୍ପତ୍ତି ନିଆଯାଇଥିଲା। ବୈଠକରେ ଶିବପ୍ରସାଦ ଦାସ, ବିରେନ ବାଗ, ପ୍ରେମଚନ୍ଦ୍ର ମହାପାତ୍ର, ଅମରେନ୍ଦ୍ର ପଟ୍ଟନାୟକ, ଯୋଗେଶ୍ୱର ମିଶ୍ର, ପ୍ରମୋଦ ବିଶି, ଅକ୍ଷୟ ପଟ୍ଟନାୟକ, ଦୀପକ ଦାସ, ସୂର୍ଯ୍ୟ ଦାସ, ଶ୍ରୀନିବାସ ଆଚାରୀ, ଦୁର୍ଯ୍ୟୋଧନ ପାଣିଗ୍ରାହୀ, ଦୁର୍ଯ୍ୟୋଧନ ମାଝି, ଜଗଦିଶ ପାଣି, ଉପେନ୍ଦ୍ର ପ୍ରଧାନ ପ୍ରମୁଖଙ୍କ ସହିତ ପ୍ରାଥମିକ ଶିକ୍ଷକ ସଂଘ ବହୁ କର୍ମକର୍ତ୍ତା ଉପସ୍ଥିତ ଥିଲେ।

## ନାବାଳିକାଙ୍କୁ ବିବାହ ପ୍ରତିଶ୍ରୁତି ଦେଇ ପ୍ରତାରଣା, ଥାନାରେ ମାମଲା

ସିନାପାଲି,୮।୩(ଡି.ଏନ.ଏ.)

ନୂଆପଡା ଜିଲା ସିନାପାଲି ଥାନା ଅଧୀନ ଏକ ଗ୍ରାମର ଜଣେ ଯୁବତୀଙ୍କୁ ବିବାହର ପ୍ରଲୋଭନ ଦେଖାଇ ପ୍ରତାରଣା କରିଥିବା ସିନାପାଲି ଥାନାରେ ଅଭିଯୋଗ ହୋଇଛି। ଅଭିଯୋଗ ଅନୁସାରେ କଳାହାଣ୍ଡି ଜିଲା କେଗାଁ ଥାନା ଅଧୀନ ଲେଡେର ଗ୍ରାମର କାଲାନ୍ତ ଭୋଇ ନାମକ ଯୁବକ ସମ୍ପୃକ୍ତ ନାବାଳିକାଙ୍କ ଗ୍ରାମ ନିକଟରେ ଚାଲିଥିବା ବ୍ରିଜ କାମରେ ଶ୍ରମିକ ଭାବେ କାର୍ଯ୍ୟ କରୁଥିଲା । ନାବାଳିକା ମଧ ସେହି ବ୍ରିଜରେ ଶ୍ରମିକ ଭାବେ କାର୍ଯ୍ୟ କରୁଥିଲେ । ଏହା ମଧରେ ଉଭୟଙ୍କ ମଧରେ ପ୍ରେମ ସମ୍ପର୍କ ଗଢ଼ି ଉଠିଥିଲା । ଯୁବକ ଜଣକ ବିବାହିତ ହୋଇ ୩ଟି ଛୁଆ ରହିଥିଲେ ମଧ ସମ୍ପୃକ୍ତା ନାବାଳିକାଙ୍କୁ ବିବାହର ପ୍ରତିଶ୍ରୁତି ଦେଇଥିଲେ । ସେ ଗତ ୧ରୁ ୩ ତାରିଖ ଡାକି ଗ୍ରାମର ନିକଟରେ ଥିବା ଉଦନ୍ତି ନଦୀ କୂଳରେ ନାବାଳିକାଙ୍କୁ ଯୋରଜବରଦସ୍ତି ବାଳତ୍କାର କରିଥିଲା। ସକାଳେ ଆସି ତାଙ୍କୁ ଘରକୁ ନେଇଯିବା ପାଇଁ କହିଥିଲେଙ୍। ହେଲେ ସେ ଆଉ ନେବା ପାଇଁ ଆସି ନ ଥିଲେ। ଶେଷରେ କୌଣସି ଉପାୟ ନ ପାଇ ସିନାପାଲି ଥାନାର ଦ୍ୱାରସ୍ଥ ହୋଇଥିଲା। ଅଭିଯୋଗକୁ ଭିତ୍ତି କରି ସିନାପାଲି ଥାନାରେ ଦଫା ୩୬୩, ୩୭୬ ଆଇପିସି ପୋସ୍କୋ ଆଇନ ଅନୁସାରେ ଏକ ମାମଲା (ନଂ.୩୪/୧୯) ରୁଜୁ କରି ତଦନ୍ତ ଚାଲିଥିବା ସିନାପାଲି ଥାନା ଅଧିକାରୀ ଜ୍ୟୋତିରଞ୍ଜନ ଗୋଡ ପ୍ରକାଶ କରିଛନ୍ତି । ଘଟଣାର ଅଧିକ ତଦନ୍ତ ଚାଲିଥିବା ବେଳେ ଯୁବତୀଙ୍କ ଡାକ୍ତରୀ ମାଇନ ପାଇଁ ପଠାଯାଇଛି। ଯୁବକଙ୍କୁ ଗିରଫ କରିବା ପାଇଁ ଜନାଘନା ଉଦ୍ୟମ ଜାରି ରହିଥିବା ତଦନ୍ତକାରୀ ଅଫିସର କୃଷ୍ଣ ସାହା ପ୍ରକାଶ କରିଛନ୍ତି ।

## ସ୍ତ୍ରୀଙ୍କୁ ଟାଙ୍ଗିଆରେ ହାଣି ହତ୍ୟା ଘଟଣା

# ସ୍ତ୍ରୀଙ୍କ ଚରିତ୍ର ସନ୍ଦେହ କରି ହତ୍ୟା

■ ସ୍ୱାମୀ ଗିରଫ,କୋର୍ଟ ଚାଲାଣ

ଖଡିଆଲ,୮।୩(ଡି.ଏନ.ଏ.)

ନୂଆପଡା ଜିଲା ଖଡିଆଳ ଥାନା ସୁନାରୀସିକୁଆଁ ଗାଁରେ ସ୍ତ୍ରୀଙ୍କୁ ଟାଙ୍ଗିଆରେ ହାଣି ହତ୍ୟା ଘଟଣାରେ ପୋଲିସ ସ୍ୱାମୀଙ୍କୁ ଗିରଫ କରିଛି । ଖଡିଆଳ ପୋଲିସ ଉକ୍ତ ଘଟଣାର ହତ୍ୟାକାରୀ ସ୍ୱାମୀ ମୋତିଲାଲ ଛତ୍ରିଆଙ୍କୁ ବୋଡେନ ଥାନା ଲେସୁନପାଲି ଗାଁରୁ ଗିରଫ କରି ଶୁକ୍ରବାର କୋର୍ଟ ଚାଲାଣ କରିଥିବା ଖଡିଆଳ ଥାନା ପରିସରରେ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ଖଡିଆଳ ଏସଡିପିଓ ବିରଞ୍ଚି ପ୍ରସାଦ ଦେହୁରୀ ସୂଚନା ଦେଇଛନ୍ତି । ଖଡିଆଳ ଥାନା ବହଲପଦର ଗାଁର ଲଏବାନ ଠେଲାଙ୍କ ଖଡିଆଳ ଥାନାରେ କରିଥିବା ଅଭିଯୋଗ ଅନୁସାରେ ତାଙ୍କ ଏକମାତ୍ର ଝିଅ ବାସନ୍ତିଙ୍କୁ ସୁନାରୀସିକୁଆଁର ଟଙ୍କଧର ଛତ୍ରିଆଙ୍କ ମଝିଆ ପୁଅ ମୋତିଲାଲଙ୍କ ସହ ବୈଦିକ ରୀତିନୀତି ଅନୁସାରେ ଗତ ୨୦୧୬ରେ ବିବାହ ହୋଇଥିଲା । ବର୍ତ୍ତମାନ ଦୁହେଁଙ୍କ ଏକ ଶିଶୁ ପୁତ୍ର ଜନ୍ମ ହୋଇ ଏକ ବର୍ଷ ହୋଇଥିବା ବେଳେ ସ୍ତ୍ରୀର ଚରିତ୍ରକୁ ସନ୍ଦେହ କରି ସ୍ୱାମୀ ସ୍ତ୍ରୀଙ୍କ ମଧ୍ୟରେ ଝଗଡା ହୋଇ ଆସୁଥିଲା । ଗୁରୁବାର ପ୍ରାୟ ୧୧ଟାରେ ପରିବାର ଲୋକେ ଏକ ବିବାହ କାର୍ଯ୍ୟରେ ଯୋଗଦେବାକୁ କଳାହାଣ୍ଡି ଜିଲାକୁ ଯାଇଥିବା ବେଳେ ମୋତିଲାଲ ଏବଂ ବାସନ୍ତିଙ୍କ ମଧ୍ୟରେ ଝଗଡ଼ା ହୋଇଥିଲା । ମୋତିଲାଲ ଉତ୍ତ୍ୟକ୍ତ ହୋଇ ଏକ ଟାଙ୍ଗିଆରେ ବାସନ୍ତିଙ୍କ ବେକରେ ଆକ୍ରମଣ କରିଥିଲା । ଘଟଣା ସ୍ଥଳରେ ହିଁ ବାସନ୍ତିଙ୍କ ମୃତ୍ୟୁ ହୋଇଥିବା ବେଳେ ଘରର ଏକ କୋଣରେ ଟାଙ୍ଗିଆକୁ ଲୁଚାଇ ଗାଁ ନିକଟସ୍ଥ ଜଙ୍ଗଲ ଆଡକୁ ଫେରାର ହୋଇଯାଇଥିଲା । ଖବର ପାଇ ଖଡିଆଳ ପୋଲିସ ଘଟଣା ସ୍ଥଳରେ ପହଞ୍ଚି ମୃତଦେହ ସହ ଘର ଭିତରକୁ ଟାଙ୍ଗିଆକୁ ଜବତ କରିଛି । ଏ ନେଇ ଏକ ହତ୍ୟା ମାମଲା (ନଂ. ୪୭/୧୯) ରୁଜୁ କରି ଘଟଣାର ତଦନ୍ତ ଚଳାଇଥିଲା । ବିଶ୍ୱସ୍ତ ସୂତ୍ରରୁ ଖବର ପାଇ ବୋଡେନ ଥାନା ଲେସୁନପାଲି ଗାଁରୁ ହତ୍ୟାକାରୀ ସ୍ୱାମୀ ମୋତିଲାଲଙ୍କୁ ଗିରଫ କରିଥିବା ବେଳେ ଶୁକ୍ରବାର କୋର୍ଟଚାଲାଣ କରିଛି । ଖବରଦାତା ସମ୍ମିଳନୀରେ ଖଡିଆଳ ଏସଡିପିଓଙ୍କ ସମେତ ଇନ୍ସପେକ୍ଟର ପୁଷ୍ପାଞ୍ଜଳି ପ୍ରଧାନ, ଏସଆଇ ଜିତୁ ମୋହନ ବେଶ୍ରା ପ୍ରମୁଖ ଉପସ୍ଥିତ ଥିଲେ ।



ଖବରଦାତା ସମ୍ମିଳନୀରେ ପୋଲିସ ଅଭିଯୁକ୍ତଙ୍କୁ ହାଜର କରିଛି ।

# ମା'ଙ୍କୁ ହତ୍ୟା କରିବା ଅଭିଯୋଗରେ ପୁଅ ଅଟକ

କୋକସରା,୮।୩(ଡି.ଏନ.ଏ.)

କଳାହାଣ୍ଡି ଜିଲା କୋକସରା ଥାନା ଅନ୍ତର୍ଗତ ତୁନଗାଁରେ ଏକ ଅଭାବନୀୟ ଘଟଣା ଘଟିଛି । ମା' ଲଙ୍କା ବେଷ୍ଣା (୬୦)ଙ୍କୁ ଛୁରିରେ ଭୁଷି ପୁଅ ହତ୍ୟା କରିଥିବା ଅଭିଯୋଗ ହୋଇଛି। ଛୁରି ଭୁଷିବାର ୧୦ ଦିନ ପରେ ମା'ଙ୍କ ମୃତ୍ୟୁ ହୋଇଥିବାବେଳେ ପୋଲିସରେ ନ ଜଣାଇ ଶବକୁ ଗାଁ ଲୋକଙ୍କ ସାହାଯ୍ୟରେ ଶୁକ୍ରବାର ଗାଁ ମଶାଣିରେ ପୋତି ଦେଇଥିଲେ। କୌଣସି ସୂତ୍ରରୁ ପୋଲିସ ଖବର ପାଇଁ ଘଟଣାସ୍ଥଳରେ ପହଞ୍ଚି ପୋତାଯାଇଥିବା ଶବ ଜବତ କରି ଘଟଣାସ୍ଥଳରେ ମାଜିଷ୍ଟ୍ରେଙ୍କ ଉପସ୍ଥିତିରେ ଶବ ବ୍ୟବଚ୍ଛେଦ କରି ପୁଣି ପୋତି ଦେଇଥିଲେ । ଏ ନେଇ କୋକସରା ଥାନାରେ ଏକ ହତ୍ୟା ମାମଲା ରୁଜ କରି ହତ୍ୟା ଅଭିଯୋଗରେ ପୁଅଙ୍କୁ ଥାନାରେ ଅଟକ ରଖି ତଦନ୍ତ ଜାରି ରହିଥିବା କୋକସରା ଥାନା ଅଧିକାରୀ ଉତ୍ତମ ସାହୁ ସୂଚନା ଦେଇଛନ୍ତି ।

## ବିଧାୟକଙ୍କ ବିରୋଧରେ ଅସନ୍ତୁଷ୍ଟଙ୍କ ମେଳି ଘଟଣା

# ସପକ୍ଷରେ ବାହାରିଲେ ସରପଞ୍ଚ, ସମିତିସଭ୍ୟ

**ଜୁନାଗଡ ନିର୍ବାଚନମଣ୍ଡଳୀ**

ଜୁନାଗଡ,୮।୩(ଡି.ଏନ.ଏ.)

କଳାହାଣ୍ଡି ଜିଲା ଜୁନାଗଡ ନିର୍ବାଚନ ମଣ୍ଡଳିରେ ଗୁରୁବାର ବିଜେଡିର କିଛି ଗୋଷ୍ଠୀ ବିଧାୟକ କ୍ୟାପ୍‌ଟେନ ଦିବ୍ୟ ଶଙ୍କର ମିଶ୍ରଙ୍କ ବିରୋଧରେ ସ୍ଥାନୀୟ ଆରଏମସି ସଭାଗୃହରେ ଆୟୋଜିତ ଖବରଦାତା ସମ୍ମିଳନୀରେ ବର୍ଷିଥିଲେ। ବିଧାୟକ ସଙ୍ଗଠନକୁ ଅଣଦେଖା କରୁଥିବା ଓ ଜୟ କଳାହାଣ୍ଡି ସଙ୍ଗଠନ ମାଧମରେ ବିଜେଡିକୁ ପରିଚାଳିତ କରୁଥିବା ନେଇ ସେମାନେ ଅଭିଯୋଗ କରିଥିଲେ। ସେହିପରି ବିଧାୟକ ଦଳୀୟ କର୍ମୀଙ୍କୁ କୌଣସି ସଭା, ସମିତିରେ ଡାକୁନାହାନ୍ତି, କର୍ମୀଙ୍କ କଥା ଶୁଣୁ ନାହାନ୍ତି, ନିଜ ଇଚ୍ଛାରେ କାମ କରୁଛନ୍ତି ବୋଲି କହିଥିଲେ। ଜୁନାଗଡ ନିର୍ବାଚନ ମଣ୍ଡଳୀର ସ୍ଥାନୀୟ ଲୋକଙ୍କୁ ବିଧାୟକ ପ୍ରାର୍ଥୀ ଭାବେ ବିଜେଡି ଟିକେଟ ଦେଲେ ସମର୍ଥନ କରିବୁ । ନଚେତ ଦିବ୍ୟ ଶଙ୍କରଙ୍କୁ ଟିକେଟ ଦେଲେ ଦଳରେ ଥାଇ ବିରୋଧ କରିବୁ ବୋଲି ଖୋଲାଖୋଲି ବିରୋଧ କରିଥିଲେ। ଏହାର ଦିନକ ପରେ ଶୁକ୍ରବାର ଜୁନାଗଡ ନିର୍ବାଚନ ମଣ୍ଡଳୀର ଜୁନାଗଡ ଓ ଗୋଲାମୁଣ୍ଡା ବ୍ଲକ ସରପଞ୍ଚ ଓ ସମିତିସଭ୍ୟମାନେ ବିଧାୟକ ସପକ୍ଷରେ ବାହାରିଛନ୍ତି। ବିଧାୟକ କ୍ୟାପଟେନ ଦିବ୍ୟ ଶଙ୍କର ମିଶ୍ର ବିଧାୟକ ହେବା ଦିନଠୁ ନିର୍ବାଚନ ମଣ୍ଡଳୀର ପ୍ରତ୍ୟେକ ପଞ୍ଚାୟତ, ପ୍ରତି ଗାଁ ବିକାଶ ହୋଇଛି। ବିଧାୟକ ମିଶ୍ର ଭଳି ବଳିଷ୍ଠ ନେତୃତ୍ୱ ନେବା ଭଳି କେହି ନେତା ନାହିଁ। ଆଗାମୀ ଦିନରେ ମଧ କେହି ହୋଇପାରିବେ ନାହିଁ ବୋଲି ସେମାନେ ଜୁନାଗଡଠାରେ ଏକ ଖବରଦାତା ସମ୍ମିଳନୀରେ କହିଛନ୍ତି । ଜୁନାଗଡର ସଜ୍ଞା ଜାଣି ନ ଥିବା ଲୋକେ ଜୁନାଗଡିଆଇ ବୋଲାଉଥିବା ଏକ ହାସ୍ୟାସ୍ପଦ ଅଟେ। ଜୁନାଗଡ ନିର୍ବାଚନମଣ୍ଡଳୀରେ ସଦୃଢଥିବା ବିଜେଡି ସଙ୍ଗଠନକୁ କିଛି ତଥାକଥିତ ବିଧାୟକ ଆଶାୟୀ ପ୍ରାର୍ଥୀମାନେ ନିଜ ସ୍ୱାର୍ଥ ପାଇଁ ଭ୍ରଷ୍ଟାଚାର ଓ ଭଣ୍ଡୁର କରିବାକୁ ଚକ୍ରାନ୍ତ କରୁଛନ୍ତି। ଏହି ବିରୋଧୀମାନେ ବିଧାୟକ ମିଶ୍ରଙ୍କୁ ନୁହେଁ ବଂର ମୁଖ୍ୟମନ୍ତ୍ରୀଙ୍କୁ ବିରୋଧ କରୁଛନ୍ତି। ତେଣୁ ଆଗାମୀ ୫ବର୍ଷ ମଧ କ୍ୟାପ୍‌ଟେନ ଦିବ୍ୟ ଶଙ୍କର ମିଶ୍ରଙ୍କୁ ବିଧାୟକ ଭାବେ ନିର୍ବାଚିତ କରିବାକୁ ସରପଞ୍ଚ ଓ ସମିତିସଭ୍ୟମାନେ ଉପସ୍ଥିତ ଗଣମାଧମ ସମ୍ମୁଖରେ ଲୋକଙ୍କୁ ନିବେଦନ କରିଥିଲେ। ଖବରଦାତା ସମ୍ମିଳନୀରେ ମହିଚଲା ସରପଞ୍ଚ ଅଜୟ କୁମାର ବେହେରା, ଭଇଁରୀଗୁଡା ସରପଞ୍ଚ ଲକ୍ଷ୍ମୀଧର ପାତ୍ର, ତଳମଲା ସରପଞ୍ଚ ଦୁଷିଳା ମାଝି, ମାଟିଗାଁ ସରପଞ୍ଚ ଦୁର୍ଯ୍ୟୋଧନ ମାଝି, ଗୌଡଛେଣ୍ଡିଆ ସରପଞ୍ଚ ମଞ୍ଜୁଳା ହାତ, ଧାମନପୁର ସମିତିସଭ୍ୟ ତଥା ବିଜେଡି ଯୁବ ଜିଲା ସାଧାରଣ ସମ୍ପାଦକ ଦିନେଶ ରାଉତ, ବୃନ୍ଦାବାହାଲ ସରପଞ୍ଚ ହେମାଙ୍ଗିନୀ ରାଉତ, ସମିତି ସଭ୍ୟା ଖମାରହଲଦୀ ପଦ୍ମିନୀ ରାଉତ ପ୍ରମୁଖଙ୍କ ସହ ଅନେକ ପଞ୍ଚାୟତ ପ୍ରତିନିଧି ଉପସ୍ଥିତ ଥିଲେ।



ଜୁନାଗଡଠାରେ ଆୟୋଜିତ ଖବରଦାତା ସମ୍ମିଳନୀରେ ସରପଞ୍ଚ, ସମିତିସଭ୍ୟମାନେ ସୂଚନା ଦେଉଛନ୍ତି ।

## ଯୋରାଡୋବରା ସରପଞ୍ଚ ମନମୁଖି କାର୍ଯ୍ୟ କରିବା ଅଭିଯୋଗ

# ଜିଲାପାଳଙ୍କଠାରେ ୱାର୍ଡ ସଭ୍ୟାସଭ୍ୟଙ୍କ ଫେରାଦ

ଭବାନୀପାଟଣା,୮।୩(ଡି.ଏନ.ଏ.)

କଳାହାଣ୍ଡି ଜିଲା କର୍ଲାମୁଣ୍ଡା ବ୍ଲକ ଅନ୍ତର୍ଗତ ଯୋରାଡୋବରା ପଞ୍ଚାୟତ ସରପଞ୍ଚ ନିଳେନ୍ଦ୍ରୀ ବାଗ ବିଭିନ୍ନ ପ୍ରକାର ଦୁର୍ନୀତିରେ ଲିପ୍ତ ହେବା ସହ ୱାର୍ଡ ସଭ୍ୟାସଭ୍ୟମାନଙ୍କୁ ପଚରାଉଚରା ନ କରି ମନମୁଖୀ କାର୍ଯ୍ୟ ଚଳାଇଛନ୍ତି । ତିନି ମାସ ହେଲା ପଞ୍ଚାୟତ ମାସିକ ସଭା ହୋଇନାହିଁ ଏବଂ ସରପଞ୍ଚଙ୍କ ସ୍ୱାମୀ ସମସ୍ତ କାର୍ଯ୍ୟରେ ହସ୍ତକ୍ଷେପ କରୁଛନ୍ତି ବୋଲି ଶୁକ୍ରବାର ଯୋରାଡୋବରା ପଞ୍ଚାୟତ ୧୧ ସଭ୍ୟାସଭ୍ୟ ଜିଲାପାଳଙ୍କଠାରେ ଲିଖିତ ଅଭିଯୋଗ କରିଛନ୍ତି । ଏହି ଅବସରରେ ୱାର୍ଡ ସଭ୍ୟସଭ୍ୟାମାନେ ଏକ ୧୮ ଦଫା ଦାବି ସମ୍ବଳିତ ଦାବିପତ୍ର ଜିଲାପାଳଙ୍କୁ ପ୍ରଦାନ କରିବା ସହ ସରପଞ୍ଚ ନିଳେନ୍ଦ୍ରୀ ବାଗଙ୍କୁ ସରପଞ୍ଚ ପଦବୀରୁ ତୁରନ୍ତ ପଦଚ୍ୟୁତ କରିବା ଏବଂ ତାଙ୍କ ବିରୋଧରେ ଥିବା ଦୁର୍ନୀତିର ତଦନ୍ତ କରିବା ନିମନ୍ତେ ଜିଲାପାଳଙ୍କଠାରେ ଲିଖିତ ଅଭିଯୋଗ କରିଛନ୍ତି । ସେମାନେ ଅଭିଯୋଗ କରିଛନ୍ତି ଯେ, ମାସିକ ବୈଠକ ବ୍ୟତୀତ ସରପଞ୍ଚ କେବେ ମଧ ପଞ୍ଚାୟତ କାର୍ଯ୍ୟାଳୟକୁ ଆସନ୍ତି ନାହିଁ, ସମସ୍ତ ଜନକଲ୍ୟାଣକାରୀ ହିତାଧିକାରୀମାନଙ୍କଠାରୁ ଲାଞ୍ଚ ନେଉଛନ୍ତି । ସମସ୍ତ ପ୍ରକାର ଉନ୍ନୟନ କାର୍ଯ୍ୟ ନିମ୍ନମାନର ହେଉଥିବା ବେଳେ ସରପଞ୍ଚ ଏହାକୁ ନଜର ଅନ୍ଦାଜ କରନ୍ତି, ମାସିକ ବୈଠକରେ ସାଧା କାଗଜରେ ସମସ୍ତ ୱାର୍ଡ ମେମ୍ବରମାନଙ୍କ ଦସ୍ତଖତ ନେଇ ନିଜ ମନମୁତାବକ ପ୍ରସ୍ତାବ ଲେଖନ୍ତି । ପଲ୍ଲୀସଭା ଓ ଗ୍ରାମ ସଭା ହିତାଧିକାରୀ ଚୟନରେ ବ୍ୟାପକ ଅନିୟମିତତା ହେଉଛି, ପଞ୍ଚାୟତ ଦୋକାନ ଗୃହ ଭଡା ଟଙ୍କା ନିଜେ ସରପଞ୍ଚ ସ୍ୱାମୀଙ୍କ ଜରିଆରେ ଅସୁଲି କରି ଆତ୍ମସାତ କରୁଛନ୍ତି । ଏହିଭଳି ୧୮ଟି ଅଭିଯୋଗ ନେଇ ଯୋରାଡୋବରା ପଞ୍ଚାୟତ ୱାର୍ଡ ସଭ୍ୟ ସଚ୍ଚି ସାହୁ, ସବିତା କୁମାର, ପଦ୍ମାବତୀ ସାହୁ, ଗୁଣନିଧି ସାହୁ, ସୁରେନ୍ଦ୍ର ବାଗ, ଯୋଗିନାଥ ସାହୁ କୁନ୍ତଳା ମାଝି, ଯଦୁମଣି ସାହୁ, ଲଳିତା ବାଗ, ଥବିର ମାଝି ଓ ତିଳୋତ୍ତମା ସାହୁ ଆଜି ଜିଲା ପ୍ରଶାସନକୁ ଦାବିପତ୍ର ପ୍ରଦାନ କରିଛନ୍ତି ।



କର୍ଲାମୁଣ୍ଡା ବ୍ଲକ ଯୋରାଡୋବରା ପଞ୍ଚାୟତ ସରପଞ୍ଚଙ୍କ ବିରୋଧରେ ୱାର୍ଡ ସଭ୍ୟାସଭ୍ୟମାନ ଜିଲାପାଳଙ୍କୁ ଫେରାଦ ପାଇଁ ଆସିଛନ୍ତି ।

## ସଂକ୍ଷେପରେ

### ୧୬୫ ହିତାଧିକାରୀଙ୍କୁ ମିଳିଲା ନୂତନ ଭତ୍ତା

ଜୁନାଗଡ,୮।୩(ଡି.ଏନ.ଏ.)
କଳାହାଣ୍ଡି ଜିଲା ଜୁନାଗଡ ବିଜ୍ଞାପିତ ଅଞ୍ଚଳ ପରିଷଦ (ଏନ୍‌ଏସି)ରେ ଶୁକ୍ରବାର ନୂତନ ଭତ୍ତା ବଣ୍ଟନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ସହରର ୧୬୫ଜଣ ବୃଦ୍ଧାବୃଦ୍ଧ, ବିଧବା, ଦିବ୍ୟାଙ୍ଗଙ୍କୁ ମଧୁବାବୁ ପେନସନ୍ ଯୋଜନାରେ ଭତ୍ତା ବଣ୍ଟନ କରାଯାଇଛି। ଜୁନାଗଡ ଏନ୍‌ଏସି କାର୍ଯ୍ୟ ନିର୍ବାହୀ ଅଧିକାରୀ ଈଶ୍ୱର ପୂଝାରୀଙ୍କ ଅଧକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଜୁନାଗଡ ବିଧାୟକ କ୍ୟାପ୍‌ଟେନ ଦିବ୍ୟ ଶଙ୍କର ମିଶ୍ର, ସମ୍ମାନିତ ଅତିଥି ଭାବେ ପୂର୍ବତନ ଏନ୍‌ଏସି ଅଧକ୍ଷା ବିଜୟା ଲକ୍ଷ୍ମୀ କନ୍ଦପାନ, ପୂର୍ବତନ କାଉନସିଲର ମୁକେଶ ଅଗ୍ରୱାଲ, ମହିଚଲା ସରପଞ୍ଚ ଅଜୟ କୁମାର ବେହେରା ପ୍ରମୁଖ ଯୋଗଦେଇଥିଲେ। କାର୍ଯ୍ୟକ୍ରମରେ ଏନ୍‌ଏସି ହିସାବ ରକ୍ଷକ ହିମାଂଶୁ ରଣାଙ୍କ ସମେତ ସଚିନ୍ଦ୍ର ପୂଝାରୀ, କନ୍ଦର୍ପ ଗୁରୁ ସହଯୋଗ କରିଥିଲେ।



### ୨୩ ଜଣଙ୍କୁ ଘରଡିହ ପଟ୍ଟା ବଣ୍ଟନ

ରିଷିଡା,୮।୩(ଡି.ଏନ.ଏ.)
କଳାହାଣ୍ଡି ଜିଲା ରିଷିଡା ରାଜସ୍ୱ ସର୍କଲଠାରେ ଭୂମିହୀନମାନଙ୍କୁ ଘରଡିହ ବଣ୍ଟନ ମେଳା ଅନୁଷ୍ଠିତ ହୋଇଯାଇଛି। କର୍ଲାମୁଣ୍ଡା ତହସିଲଦାର ଅବନୀକାନ୍ତ ସାହୁଙ୍କ ଉପସ୍ଥିତିରେ ରିଷିଡା ଆରଆଇ ସସ୍ମିତା ରଣା ଏହି ରାଜସ୍ୱ ସର୍କଲ ଅଧୀନ ରିଷିଡା, ଗଜବାହାଲ, ପୌରକେଲା ପଞ୍ଚାୟତର ୨୩ଜଣ ଭୂମିହୀନଙ୍କୁ ଘରଡିହ (୪ ଡିସିମିଲ) ପଟ୍ଟା ବଣ୍ଟନ କରିଥିଲେ। ଏଥିରେ ଅତିରିକ୍ତ ରାଜସ୍ୱ ଅଧିକାରୀ ଦିପ୍ତିମୟୀ ବାରିକ, ତହସିଲ କନିଷ୍ଠ କିରାଣୀ ନାଭିଶ୍ୱର ନାଗ ପ୍ରମୁଖ ଉପସ୍ଥିତ ଥିଲେ।

### କୃଷି ବିଭାଗ ପକ୍ଷରୁ କ୍ଷେତ୍ର ଦିବସ ପାଳିତ

କେସିଙ୍ଗା,୮।୩(ଡି.ଏନ.ଏ.)
କଳାହାଣ୍ଡି ଜିଲା କେସିଙ୍ଗା ବ୍ଲକ ଅନ୍ତର୍ଗତ ଉତକେଲା ଗ୍ରାମ ପଞ୍ଚାୟତ ଅଧୀନ କଣ୍ଟାମାଳ ଗ୍ରାମରେ କେସିଙ୍ଗା କୃଷି ବିଭାଗ ପକ୍ଷରୁ ଜାତୀୟ ଖାଦ୍ୟ ନିରାପତ୍ତା ମିଶନ ଯୋଜନା ଅନ୍ତର୍ଗତ କପାହରଡ ଆର୍ନ୍ତରାଷ୍ଟ୍ରର କ୍ଷେତ୍ର ଦିବସ ଶୁକ୍ରବାର ପାଳିତ ହୋଇଯାଇଛି। ଏଥିରେ ମୁଖ୍ୟଅତିଥି ଭାବେ ଭବାନୀପାଟଣାସ୍ଥିତ ଆଞ୍ଚଳିକ ଗବେଷଣା କେନ୍ଦ୍ର ବୈଜ୍ଞାନିକ ଡା. ଭବାନୀଶଙ୍କର ନାୟକ, ଯୁଗ୍ମମାନ ନିୟନ୍ତ୍ରଣ ଅଧିକାରୀ ନିଳକଣ୍ଠ ମେହେର ପ୍ରମୁଖ ଯୋଗଦେଇ ଉପସ୍ଥିତ ଚାଷୀମାନଙ୍କୁ ବୈଷୟିକ ଜ୍ଞାନ କୌଶଳ ବିଷୟରେ ଆଲୋକପାତ କରିଥିଲେ। ଏଥିରେ ସ୍ଥାନୀୟ କୃଷି ଅଧିକାରୀ ମକରଧ୍ୱଜ ନାଏକ, କେସିଙ୍ଗା କୃଷି ଅଧିକାରୀ ବିଶ୍ୱନାଥ ମହାପାତ୍ର ପ୍ରମୁଖ ଉପସ୍ଥିତ ରହି ସଭା କାର୍ଯ୍ୟ ପରିଚାଳନା କରିଥିଲେ।

### ନିୟମଗିରି ସୁରକ୍ଷା ସମିତି ନେତା ଲିଙ୍ଗରାଜଙ୍କ ଗିରଫ ପ୍ରତିବାଦ

# ଜିଲାପାଳଙ୍କ ଅଫିସ ସମ୍ମୁଖରେ ଧାରଣା

### ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ

ଭବାନୀପାଟଣା,୮।୩(ଡି.ଏନ.ଏ.)

କଳାହାଣ୍ଡି ଜିଲା ଲାଞ୍ଜିଗଡ ନିୟମ୍ ସୁରକ୍ଷା ସମିତିର ଅନ୍ୟତମ ନେତା ଲିଙ୍ଗରାଜ ଆଜାଦ୍‌ଙ୍କୁ ଗତ ୬ ତାରିଖରେ ଲାଞ୍ଜିଗଡ ପୋଲିସ ରାଜ୍ୟ ସରକାରଙ୍କ ନିର୍ଦ୍ଦେଶ କ୍ରମେ ୨ଟି ପୁରୁଣା ମାମଲାରେ ଗିରଫ୍ କରିଛି। ଏହି ଘଟଣାର ପ୍ରତିବାଦରେ ଶୁକ୍ରବାର ନିୟମଗିରି ସୁରକ୍ଷା ସମିତି, ସିପିଆଇ, ସିପିଆଇଏମ୍, ସଚେତନ ନାଗରିକ ମଞ୍ଚ, ଏସ୍‌ସି, ଏସଟି, ଓବିସି ଓ ମାଇନୋରିଟି ସଂଗ୍ରାମ ସମିତି, ଏମଏସୱାଇଏଫ ସମେତ ବିଭିନ୍ନ ଗଣ ସଙ୍ଗଠନ ତରଫରୁ କଳାହାଣ୍ଡି ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ପ୍ରତିବାଦ ସଭା ଓ ଧାରଣା ଦିଆଯିବା ସହିତ ୪ ଦଫା ଏକ ସ୍ମାରକପତ୍ର ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ଜିଲାପାଳଙ୍କୁ ପ୍ରଦାନ କରାଯାଇଛି। ନିୟମଗିରି ସୁରକ୍ଷା ସମିତି ଅନ୍ୟତମ ବରିଷ୍ଠ ନେତା ତଥା ଓଡିଶା ଆଦିବାସୀଙ୍କ ଜିବନ ଜିବିକା ଭିଟାମାଟିର ସୁରକ୍ଷା, ନିୟମଗିରି ପର୍ବତମାଳା ଧ୍ୱଂଶ ସଡଜନ୍ତ୍ର ସାମୁହିକ ତଥା ସାମାଜିକ ମୁକାବିଲା କରି ବକସାଇଡ୍ ଖଣି ଖନନକୁ ବିରୋଧ କରୁଥିବା, ପରିବେଶ ସରୁକ୍ଷା ଓ ଚିଟ୍‌ଫଣ୍ଡ କ୍ଷତିଗ୍ରସ୍ତ ଜାମକାରିଙ୍କ ଆନ୍ଦୋଳନରେ ନିଷ୍ଠାର ସହ କାର୍ଯ୍ୟ କରୁଥିବା ନେତା ଲିଙ୍ଗରାଜଙ୍କୁ ୨୦୧୭ ବେଦାନ୍ତ କମ୍ପାନୀ ଘେରାଉ କରାଯିବା ଓ ସେଠାରେ ଗଣ୍ଡଗୋଳ କରିବା ଏବଂ ୨୦୧୯ରେ ତ୍ରିଲୋଚନପୁରଠାରେ ସିଆରପିଏଫ୍ କ୍ୟାମ୍ପ ସ୍ଥାପନ ବିରୋଧରେ ଲୋକଙ୍କୁ ମତାଉଥିବା ଏକ ଅଭିଯୋଗରେ


ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିଭିନ୍ନ ସଙ୍ଗଠନ ପକ୍ଷରୁ ଧାରଣା ଦିଆଯାଇଛି।

ଗତ ୬ ତାରିଖରେ ଲାଞ୍ଜିଗଡ ପୋଲିସ ଗିରଫ୍ କରିବା ଏବଂ ଏହି ୨ଟି ମାମଲାରେ ଆଉ କିଛି ଆନ୍ଦୋଳନକାରିଙ୍କୁ ଗିରଫ କରିବା ଯୋଜନା ଥିବା ପ୍ରତିବାଦରେ ଶୁକ୍ରବାର ବିଭିନ୍ନ ସଙ୍ଗଠନ ତରଫରୁ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ପ୍ରତିବାଦ ସଭା ଓ ଧାରଣା ଦିଆଯିବା ସହିତ ୪ ଦଫାର ଏକ ସ୍ମାରକ ପତ୍ର ରାଜ୍ୟପାଳଙ୍କ ଉଦେଶ୍ୟରେ ଜିଲାପାଳଙ୍କୁ ପ୍ରଦାନ କରାଯାଇଛି। ଏହି ଧାରଣା ଓ ପ୍ରତିବାଦ ସଭାରେ ଏସ୍‌ସି, ଏସଟି, ଓବିସି ଓ ମାଇନୋରିଟି ସଂଗ୍ରାମ ସମିତି ରାଜ୍ୟ ଆବାହକ ସତ୍ୟବାଦୀ ନାଏକ, ସିପିଆଇଏମ୍‌ର ନବକିଶୋର ପଟ୍ଟନାୟକ, ବିଶ୍ୱଜିତ ଚାଟାର୍ଜି, ସିପିଆଇର ଦାମୋଦର ବେହେରା, ସସଚେତନ ନାଗରିକ ମଞ୍ଚର ସତ୍ୟ ମାହାର, ଏମଏସୱାଇଏଫ ଚନ୍ଦ୍ର ହାସ୍ୟ ଜାଲ, ଜିତୁ ଜାକେସିକା, ନିରଞ୍ଜନ ରାଉତ, ରଜନିକାନ୍ତ ମିଶ୍ର ପ୍ରମୁଖ ଯୋଗଦେଇଥିବା ବେଳେ ବିରଞ୍ଚି ମହାନନ୍ଦ ମଞ୍ଚ ପରିଚାଳନା କରିଥିଲେ। ଉପସ୍ଥିତ ଆନ୍ଦୋଳନକାରୀମାନେ ପ୍ରକାଶ କରିଥିଲେ ଯେ ରାଜ୍ୟ ସରକାର ନିୟମଗିରିର ମୂଳ ଆଦିବାସୀଙ୍କୁ ନିଜ ଭିଟାମାଟିରୁ ବିସ୍ଥାପିତ କରୁଥିବା ଚକ୍ରାନ୍ତଙ୍କୁ ଆଜାଦ୍ ଲଗାତାର ଭାବେ ବିରୋଧ କରି ଆସିଥିଲେ। ଏଥି ଯୋଗୁ ରାଜ୍ୟ ସରକାରଙ୍କ ବିରୋଧରେ ପୋଲିସ ନିର୍ବାଚନକୁ ଆଖିଆଗରେ ରଖି ତରବରିଆ ଭାବେ ଆଜାଦଙ୍କୁ ପୁରୁଣା ମାମଲାରେ ଗିରଫ୍ କରିବା ଅତ୍ୟନ୍ତ ଦୁର୍ଭାଗ୍ୟଜନକ ବୋଲି ପ୍ରକାଶ କରିବା ସହିତ ଆଜାଦଙ୍କ ଉପରେ ରୁଜୁ କରାଯାଇଥିବା ମିଥ୍ୟା ମାମଲାକୁ ପ୍ରତ୍ୟାହାର କରିବା ସହିତ ନିସ୍ୱାର୍ଥ ଭାବେ ତାଙ୍କୁ ଜେଲରୁ ମୁକ୍ତ କରିବା, ପଞ୍ଚାୟତ ଅଫିସକୁ ସିଆରପିଏଫ କ୍ୟାମ୍ପ ମୁକ୍ତ କରି ଅଞ୍ଚଳବାସିଙ୍କୁ ପଞ୍ଚାୟତ କାର୍ଯ୍ୟ ଲାଗି ହସ୍ତାନ୍ତ କରିବା, ସମ୍ବିଧାନର ଧାରା ୨୪୪ ଓ ୨୪୪ (୧) ତଥା ପେସା ଆଇନ୍‌କୁ କାର୍ଯ୍ୟକାରୀ କରିବା ସହିତ ନିୟମଗିରି ଅଞ୍ଚଳରେ ଶିକ୍ଷା, ସ୍ୱାସ୍ଥ୍ୟ ଓ ଅନ୍ୟ ମୌଳିକ ସୁବିଧା ଯୋଗାଇଦେବା ପାଇଁ ସ୍ମାରକପତ୍ର ପ୍ରଦାନ କରାଯାଇଥିଲା।

## ବିବାହ ଦିନରେ ପୂଜା ଘରେ ନିଆଁ ଲାଗି ଘର ସମ୍ପୂର୍ଣ୍ଣ ପୋଡ଼ି

କେସିଙ୍ଗା,୮।୩(ଡି.ଏନ.ଏ.)

କଳାହାଣ୍ଡି ଜିଲା କେସିଙ୍ଗା ବ୍ଲକ ଅନ୍ତର୍ଗତ ବାଲସି ଗ୍ରାମ ପଞ୍ଚାୟତ ବୁଡିପଦର ଗ୍ରାମର ଜଗବନ୍ଧୁ ମାଝିଙ୍କ ଘରେ ଶୁକ୍ରବାର ନିଆଁ ଲାଗି ସମ୍ପୂର୍ଣ୍ଣ ପୋଡ଼ି ଯାଇଛି। ବୁଡିପଦର ଗ୍ରାମର ଜଗବନ୍ଧୁଙ୍କ ପୁଅ ବିବାହ ହେବା କାର୍ଯ୍ୟକ୍ରମ ଥିଲା। ଘରେ ଦୀପ, ଧୂପ ଦେଇ ଇଷ୍ଟଦେବତାଙ୍କୁ ପୂର୍ବାହ୍ନ ୧୧ଟାରେ ପୂଜା କରିଥିଲେ। ପରିବାରର ସମସ୍ତେ ବିବାହ କାର୍ଯ୍ୟରେ ଲିପ୍ତଥିଲେ। ପୂଜା ଘରେ ଜଳୁଥିବା ଦୀପରୁ ନିକଟରେ କାଗଜ ପତ୍ରରେ ନିଆଁ ଲାଗି ହଠାତ ଜଳିଯାଇଥିଲା। ବିବାହ ଘରର ଲୋକେ ଧୂଆଁ ବାହାରିବା ଦେଖି ଭିତରେ ଥିବା ପୂଜା ଘରକୁ ପଶି ଦେଖିଲା ବେଳକୁ ପୂଜା ଘରେ ନିଆଁ ଲାଗି ସମ୍ପୂର୍ଣ୍ଣ ନଷ୍ଟ ହୋଇଯାଇଥିଲା। ସମସ୍ତେ ନିଆଁ ଲିଭାଇବା ପାଇଁ ପାଣି ସିଞ୍ଚି ଚେଷ୍ଟା କରିଥିଲେ ସୁଦ୍ଧା କେହି ନିଆଁକୁ ଆୟତ୍ତ କରି ପାରି ନ ଥିଲେ। ଫଳରେ ଜଗବନ୍ଧୁଙ୍କ ପୁଅ ବାହା ଘର ପାଇଁ ରଖାଯାଇଥିବା ଅଢ଼େଇ ଲକ୍ଷ ଟଙ୍କା, ଲୁଗାପଟା, ସୁନା ୨ ଭରି ସମେତ ଘର ସମ୍ପୂର୍ଣ୍ଣ ଭାବେ ପୋଡି ନଷ୍ଟ ହୋଇଯାଇଛି। ଗ୍ରାମବାସୀ କେସିଙ୍ଗାସ୍ଥିତ ଅଗ୍ନିଶମ ବିଭାଗକୁ ମୋବାଇଲ ଯୋଗେ ଯୋଗାଯୋଗ କରିଥିଲେ। କିନ୍ତୁ ଅଗ୍ନିଶମ ବିଭାଗ କର୍ମଚାରୀଙ୍କ ଦମକଳ ଗାଡି ନର୍ଲା ବ୍ଲକ ରାକସି ବୁଡିପଦର ଗ୍ରାମକୁ ଯାଇଥିଲେ। ଫଳରେ ଅଗ୍ନିଶମ ବିଭାଗ କର୍ମଚାରୀମାନେ ପହଞ୍ଚିବାରେ ବିଳମ୍ବ ଯୋଗୁ ନିଆଁ ଲିଭାଇବାରେ ସାହାଯ୍ୟ କରିପାରି ନ ଥିଲେ। ଏ ପଟେ ଜଗବନ୍ଧୁଙ୍କ ପୁଅର ବିବାହ କାର୍ଯ୍ୟ ହେବକି ନାହିଁ ତାହା ସନ୍ଦେହ।


ଘରେ ନିଆଁ ଲାଗି ସମ୍ପୂର୍ଣ୍ଣ ନଷ୍ଟ ହୋଇଛି।

## ଶ୍ରୀରାମକୃଷ୍ଣ ଦେବଙ୍କ ଜୟନ୍ତୀ

ମ.ରାମପୁର,୮।୩(ଡି.ଏନ.ଏ.)

କଳାହାଣ୍ଡି ଜିଲା ମ.ରାମପୁରସ୍ଥିତ ଶ୍ରୀରାମ କୃଷ୍ଣ ଆଶ୍ରମ ପରିସରରେ ଶୁକ୍ରବାର ଶ୍ରୀରାମକୃଷ୍ଣ ଦେବଙ୍କ ୧୮୪ତମ ଜନ୍ମ ଜୟନ୍ତୀ ପାଳିତ ହୋଇଯାଇଛି। ଅନ୍ତେବାସୀ, କର୍ମଚାରୀଙ୍କ ଗହଣରେ ପ୍ରାତଃରେ ହୋମ, ଯଜ୍ଞ କରାହୋଇଥିବା ବେଳେ ପୂର୍ବାହ୍ନ ୧୧ଟା ବେଳେ ଆଧ୍ୟାତ୍ମିକ ଜନସଭା ଆୟୋଜିତ ହୋଇଥିଲା। ଆଶ୍ରମ ସହଯୋଗୀ ସମ୍ପାଦକ ଅଶୋକାନନ୍ଦଙ୍କ ସଭାପତିତ୍ୱରେ ଆୟୋଜିତ ଆଧ୍ୟାତ୍ମିକ ଜନସଭାରେ କଳାହାଣ୍ଡି ଜିଲା ମଙ୍ଗଳ ଅଧିକାରୀ ବୁଦ୍ଧଦେବ ପଣ୍ଡା ମୁଖ୍ୟଅତିଥି ଭାବେ ଯୋଗଦେଇ ଆଧୁନିକ ଶିକ୍ଷା ବ୍ୟବସ୍ଥା ମଧ୍ୟରେ ସନାତନ ଧର୍ମ, ଶ୍ରୀରାମକୃଷ୍ଣଙ୍କ ଜୀବନାଦର୍ଶ ଉପରେ ଆଲୋକପାତ କରିଥିଲେ। ଭବାନୀପାଟଣା ବିବେକାନନ୍ଦ ପବ୍ଲିକ ସ୍କୁଲ ପ୍ରତିଷ୍ଠାତା ତଥା ଅଧକ୍ଷ ଶିବରାମ ନାୟକ ସମ୍ମାନିତ ଅତିଥି, ଆଶ୍ରମିୟ ସାଧୁ ପ୍ରଜ୍ଞାନନ୍ଦ ମୁଖ୍ୟବକ୍ତା, ବିମଳ ଚନ୍ଦ୍ର ସିଂହଦେଓ ଅନ୍ୟତମ ଅତିଥି ଭାବେ ଯୋଗଦେଇ ମାତୃପିତୃ ଭକ୍ତି, ଦେଶପ୍ରେମ, ଶୃଙ୍ଖଳିତ ଜୀବନ ଯାପନ ଆଦି ବିଷୟକ ତଥ୍ୟରେ ଶ୍ରୀରାମକୃଷ୍ଣ ପରମହଂସଙ୍କ ଆଦର୍ଶ, ଜୀବନଚର୍ଯ୍ୟା ଉପରେ ତୁଳାନାତ୍ମକ ଦିଗଦର୍ଶନ ପ୍ରଦାନ କରିଥିଲେ। ଅନ୍ତେବାସୀଙ୍କ ଦ୍ୱାରା ଲିଖିତ ପ୍ରାଚୀର ପତ୍ରିକା ଶିଖାକୁ ମୁଖ୍ୟଅତିଥିଙ୍କ ଦ୍ୱାରା ଉନ୍ମୋଚନ କରାଯାଇଥିଲା। ଆଶ୍ରମୀୟ ସାଧୁଗଣ ଶୁକଦେବା ନନ୍ଦ, ଧିରେଶା ନନ୍ଦ, ପୁରୁଷୋତ୍ତମା ନନ୍ଦ, କର୍ମଚାରୀ ରମାକାନ୍ତ ବେହେରା, ଯୋଶବନ୍ତ ଦାସ ପ୍ରମୁଖଙ୍କ ତତ୍ତ୍ୱାବଧାନରେ ଆଶ୍ରମ ଅନ୍ତେବାସୀଙ୍କ ଦ୍ୱାରା ଘୁମୁରା ନୃତ୍ୟ ପରିବେଷଣ, ଅତିଥି ଚର୍ଯ୍ୟା ଆଦି କାର୍ଯ୍ୟ ସମ୍ପାଦନ ହୋଇଥିଲା। ଗୋବିନ୍ଦ ମହାନ୍ତି ଧନ୍ୟବାଦ ଦେଇଥିଲେ।

## ମା' ଚଣ୍ଡୀଙ୍କ ପୀଠରେ ବୋଦା ବଳି ସହ ଶିବରାତ୍ରି ମେଳା ସମ୍ପନ୍ନ

ମୋହନଗିରି,୮।୩(ଡି.ଏନ.ଏ.)

କଳାହାଣ୍ଡି ଜିଲା ମ.ରାମପୁର ବ୍ଲକ ମୋହନଗିରିଠାରେ ଗତ ୪ ତାରିଖଠାରୁ ୪ ଦିନ ଚାଲିଥିବା ମହାଶିବରାତ୍ରି ମେଳା ୮ ତାରିଖ ସମ୍ପୂର୍ଣ୍ଣ ହୋଇଯାଇଛି। ଜାଗର ଦିନ ଦୂରଦୁରାନ୍ତରରୁ ଆସିଥିବା ହଜାର ହଜାର ଭକ୍ତ ମାନସିକ ପୂରଣ ପାଇଁ ଶିବ ଉପାସନା କରିଥିଲେ। ଏହି ମେଳାର ଅନ୍ୟ ତମ ଆର୍କଷଣ କାଠ ଦୋଳି। ପ୍ରତିବର୍ଷ ଭଳି ଏବର୍ଷ ମଧ ଲୋକେ କାଠ ଦୋଳିର ମଜା ନେଇଥିଲେ। ବିଶେଷ କରି ପାହାଡିଆ ଆଦିବାସୀ ସମ୍ପ୍ରଦାୟର ଯୁବକଯୁବତୀମାନଙ୍କ ଦୋଲି ଗୀତ ସହ କାଠ ଦଳିରେ ଝୁଲିବା ଦର୍ଶକଙ୍କୁ ଆର୍କଶିତ କରିଥିଲା। ସେହିପରି ମନୋରଞ୍ଜନ ପାଇଁ କଣ୍ଢେଇ ନାଚ ଓ ଖୋଲା ମଞ୍ଚରେ ଅପେରାର ମଜା ଲୋକେ ମନ ଭରି ଉପଭୋଗ ଥିଲେ। ଚଳିତବର୍ଷ ୭୦ରୁ ଊର୍ଦ୍ଧ୍ୱ ଭକ୍ତ ମାନସିକ ପୂରଣ ହୋଇଥିବାରୁ ମା' ଚଣ୍ଡୀଙ୍କଠାରେ ବୋଦା ବଳି ଦେଇଥିଲେ। ଏଥି ସହିତ ମେଳା ଉଦ୍‌ଯାପିତ ହୋଇଥିଲା।

## ୫୨ ପରିବାରକୁ ପଟ୍ଟା ବଣ୍ଟନ କଲେ ତହସିଲଦାର

କଲମପୁର,୮।୩(ଡି.ଏନ.ଏ.)

କଳାହାଣ୍ଡି ଜିଲା କଲମପୁର ତହସିଲ କାର୍ଯ୍ୟାଳୟରେ ଶୁକ୍ରବାର ପଟ୍ଟା ବଣ୍ଟନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବ୍ଲକ ଅନ୍ତର୍ଗତ ଦୁଲକିବନ୍ଧ ମୌଜାର ଦୁଲକିବନ୍ଧ ଏବଂ ବର୍ଛି ଗ୍ରାମର ୩୭ଟି ପରିବାର ଏବଂ ବିଜମରା ମୌଜାର ବିଜମରା ଗ୍ରାମର ୧୫ଟି ପରିବାର ଏଭଳି ୫୨ଟି ଭୂମିହିନ ପରିବାରକୁ ତହସିଲଦାର ସ୍ମୃତି ରଞ୍ଜନ ମଲ୍ଲିକ ଘରଡିହ ପଟ୍ଟା ପ୍ରଦାନ କରିଛନ୍ତି। ଶିବିରରେ ମୁଖ୍ୟ କିରାଣି ନିତ୍ୟାନନ୍ଦ ମାଝି, ବରିଷ୍ଠ କିରାଣି ବୈକୁଣ୍ଠ ବାଗ, ସୁବୋଧ ମୁଣ୍ଡ, ଟଙ୍କଧର ମେହେର, ସୁପରଭାଇଜର ଚତୁର୍ଭୂଜ ନାଏକ, କୋର୍ଟ ଅମିନ ଲକ୍ଷ୍ମୀଧର ଦାସ, ସୁନୀଲ ପଟ୍ଟନାୟକ ଉପସ୍ଥିତ ଥିଲେ। ପୂର୍ବରୁ ଲୋକମାନଙ୍କୁ ପଟ୍ଟା ପ୍ରଦାନ କରାଯାଇଥିଲେ ମଧ୍ୟ ଜମି ଚିହ୍ନଟ କରା ଯାଇ ନ ଥିବାରୁ ଏ ଯାଏ ସେମାନେ ସେମାନଙ୍କ ଜମି ପାଇ ପରି ନ ଥିବା ଅଭିଯୋଗ ହେଉଛି। ବିଭାଗୀୟ ଅଧିକାରୀ ଏଥିପ୍ରତି ଦୃଷ୍ଟି ଦେଲେ ଭୂମିହିନ ପରିବାରମାନେ ଉପକୃତ ହୋଇ ପାରନ୍ତେ।


ପଟ୍ଟା ବଣ୍ଟନ କାର୍ଯ୍ୟକ୍ରମରେ ତହସିଲ କର୍ମଚାରୀ ଏବଂ ଅଧିକାରୀମାନଙ୍କ ସହ ହିତାଧିକାରୀବୃନ୍ଦ।

## ବିଭିନ୍ନ ସ୍ଥାନରେ ଅନ୍ତର୍ଜାତୀୟ ମହିଳା ଦିବସ

କର୍ଲାମୁଣ୍ଡା,୮।୩(ଡି.ଏନ.ଏ.)

କଳାହାଣ୍ଡି ଜିଲା କର୍ଲାମୁଣ୍ଡା ବ୍ଲକ ରେଗେଡା ପଞ୍ଚାୟତ ବିଜାପାଟି ଠାରେ ଇଣ୍ଡୋ ଗ୍ଲୋବାଲ ସୋସିଆଲ ସର୍ଭିସ ସୋସାଇଟି (ଆଇଜିଏସଏସଏସ) କର୍ଲାମୁଣ୍ଡା ପକ୍ଷରୁ ବିଶ୍ୱ ମହିଳା ଦିବସ ଶୁକ୍ରବାର ପାଳିତ ହୋଇଯାଇଛି। ଏହି ଅବସରରେ ସାମାଜିକ କର୍ମୀ ପ୍ରଦୀପ କୁମାର ସାହୁ, ଦାପ୍ତା ସଂସ୍ଥାର କର୍ମୀ ସୁବାଶ ଚନ୍ଦ୍ର ପଧାନ, ରେଗେଡା ନାଏବ ସରପଞ୍ଚ ଗୌରୀ ଦୀପ ପ୍ରମୁଖ ଯୋଗଦେଇ ମହିଳା ଦିବସ ପାଳନ ତାପର୍ଯ୍ୟ ବିଷୟରେ ଆଲୋଚନା କରିବା ସହ ପୁଷ୍ଟିକର ଖାଦ୍ୟ ଓ ମହିଳାଙ୍କ ସମ୍ପର୍କରେ ଆଲୋଚନା କରିଥିଲେ। ଏଥିରେ ବିଜାପାଟି ଗାଁର ମହିଳାମାନେ ତାଙ୍କ ଘର ବାରିରେ କାରିଥିବା ବିଭିନ୍ନ ପନିପରିବା ଚାଷ ସମ୍ପର୍କରେ କହିଥିଲେ। ଜଣେ ମହିଳାକୁ ପୃଷଟିକର ଖାଦ୍ୟ ପାଇଁ କେଉଁ କେଉଁ ସାମଗ୍ରୀ ଆବଶ୍ୟକ ପଡିଥାଏ ସେ ସବୁ ଉପରେ ସାମାଜିକ କର୍ମୀ ପ୍ରଦୀପ କୁମାର ସାହୁ ଆଲୋଚନା କରିଥିଲେ।

ଲାଞ୍ଜିଗଡ଼,୮।୩(ଡି.ଏନ.ଏ.)
ଲାଞ୍ଜିଗଡ଼ ବ୍ଲକ ଲାଞ୍ଜିଠାରେ ଅନ୍ତର୍ଜାତୀୟ ମହିଳା ଦିବସ ପାଳିତ ହୋଇଯାଇଛି। ସ୍ୱେଚ୍ଛାସେବୀ ସଂସ୍ଥା ପ୍ରଦାନ ଦ୍ୱାରା ଆୟୋଜିତ ସମାରୋହକୁ ସ୍ୱେଚ୍ଛାସେବୀ ସଂସ୍ଥା ଦାପ୍ତା, ଚେତନା, ଜନସାହାଯ୍ୟ ପ୍ରମୁଖ ସହଯୋଗ କରିଥିଲେ। ଏଥିରେ ମୁଖ୍ୟଅତିଥି ଭାବେ ଆର୍‌ଏସ୍‌ପିଟି ବିଚିତ୍ରାନନ୍ଦ ରଥ, ମୁଖ୍ୟବକ୍ତା ଭାବେ ମହିଳା ସାମାଜିକ କର୍ମୀ ତଥା ବନ୍ଧପାରି ସରପଞ୍ଚ ଫୁଲମେ ମାଝି ଯୋଗ ଦେଇଥିଲେ ୧ ସମ୍ମାନିତ ଅତିଥି ଭାବେ ଦାପ୍ତା ସଂସ୍ଥା ନିର୍ଦ୍ଦେଶକ ରାଜୁ ଶର୍ମା, କୈଳାସ ସାହୁ ପ୍ରମୁଖ ଯୋଗଦେଇଥିଲେ। ଏହି ଅବସରରେ ମହିଳାଙ୍କ ଉପରେ ହେଉଥିବା ଘରୋଇ ହିଂସାକୁ ରୋକିବା ସହ ନିଶା ନିବାରଣ ଉପରେ ବିଷଦ ଆଲୋଚନା କରାଯାଇଥିଲା। ଏଥିରେ ଦୁଇ ହଜାରରୁ ଊର୍ଦ୍ଧ୍ୱ ମହିଳା ସାମିଲ ହୋଇଥିବାବେଳେ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ଉମାକାନ୍ତି ନାଏକ, ଶକୁନ୍ତଳା ମଙ୍ଗରାଜ ଓ ଭାଗ୍ୟବତୀ ସାହୁ। ଏଥିରେ ସଫଳ ଚାଷୀ ମହେଶ୍ୱର ହରିଜନ ନିଜ ସଫଳତାର କାହାଣୀ ବଖାଣିଥିବାବେଳେ ପ୍ରଦାନ ସ୍ୱେଚ୍ଛାସେବୀ ସଂସ୍ଥାର ଆଲୋକ ସ୍ୱାଇଁ, ଶିବୁ, ଆଶୁତୋଷ, ହୃଦାନନ୍ଦ ଓ ମନୋଜ ପ୍ରମୁଖ ସହଯୋଗ କରିଥିଲେ।

ଜୁନାଗଡ,୮।୩(ଡି.ଏନ.ଏ.)
ଜୁନାଗଡ ତହସିଲରେ ଶୁକ୍ରବାର ଆର୍ନ୍ତଜାତୀୟ ମହିଳା ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଅତିଥି ଭାବେ ଜୁନାଗଡ ତହସିଲଦାର ଉପେନ୍ଦ୍ର ଲୁହା ଯୋଗଦେଇ ଉପସ୍ଥିତ ଥିବା ମହିଳା କର୍ମଚାରୀଙ୍କୁ ଆର୍ନ୍ତଜାତୀୟ ମହିଳା ଦିବସର ଶୁଭେଚ୍ଛା ଜଣାଇଥିଲେ। ମହିଳାମାନଙ୍କୁ ସମସ୍ତ କ୍ଷେତ୍ରରେ ଅଗ୍ରାଧିକାର ମିଳିବା ଆବଶ୍ୟକ। ଯଦ୍ୱାରା ମହିଳାମାନେ ନିଜ ଗୋଡରେ ନିଜେ ଛିଡା ହୋଇପାରିବେ। ମହିଳାଙ୍କ ସର୍ବାଙ୍ଗୀନ ଉନ୍ନତିରେ ଦେଶର ଉନ୍ନତି ହୋଇଥାଏ ବୋଲି ତହସିଲଦାର ଲୁହା ମତବ୍ୟକ୍ତ କରିଥିଲେ। କାର୍ଯ୍ୟକ୍ରମରେ ତହସିଲର ସମସ୍ତ କର୍ମଚାରୀ ଉପସ୍ଥିତ ଥିଲେ।


କର୍ଲାମୁଣ୍ଡା ବ୍ଲକ ରେଗେଡା ପଞ୍ଚାୟତ ବିଜାପାଟିଠାରେ ପୁଷ୍ଟିକର ଖାଦ୍ୟ ଖାଇବାକୁ ମହିଳାମାନେ ଶପଥ ନେଉଛନ୍ତି।

## ନିମ୍ନମାନର ସାଇକେଲ, ଷ୍କୁଲ କିଟ୍ ବଣ୍ଟନ ଅଭିଯୋଗ

ଭବାନୀପାଟଣା,୮।୩(ସ୍ୱ.ପ୍ର.)

- କାଗଜପତ୍ର ପଞ୍ଜୀକରଣ ପାଇଁ ଶ୍ରମିକଙ୍କଠୁ ଟଙ୍କା ଆଦାୟ
- ଭିଜିଲାନ୍ସ ତଦନ୍ତ ଦାବି
- ସାଇକେଲ ଗୋଟିଏ, ପାର୍ଟ୍ସ ଲାଗିଛି ଅଲଗା କମ୍ପାନୀର

ରାଜ୍ୟ ସରକାର ନିର୍ମାଣ ଶ୍ରମିକଙ୍କ ପାଇଁ ଅନେକ ଯୋଜନା ପ୍ରଣୟନ କରିଛନ୍ତି। ପଞ୍ଜୀକୃତ ଶ୍ରମିକଙ୍କ ପାଇଁ ୪ ହଜାର ଟଙ୍କାର ସାଇକେଲ, ୪ ହଜାର ଟଙ୍କାର ଯନ୍ତ୍ରପାତି କ୍ରୟ ସହାୟତା (ଷ୍କୁଲ କିଟ୍) ଓ ନିରାପତା ଉପକରଣ ପାଇଁ ୧ ହଜାର ଟଙ୍କାର ହେଲମେଟ୍, ହ୍ୟାଣ୍ଡ ଗ୍ଲୋଭସ୍ ଓ ଯୋତା ଆଦି ମାଗଣାରେ ଦେବାର ବ୍ୟବସ୍ଥା କରିଛନ୍ତି। ତେବେ ଶ୍ରମିକଙ୍କୁ ଏହି ସବୁ ସାମଗ୍ରୀ ପାଇବା ଆଶା ଦେଖାଇ କାଗଜପତ୍ର ପଞ୍ଜୀକରଣ କରିବା ନାମରେ କିଛି ମଧ୍ୟସ୍ଥି (ଦଲାଲ)ମାନେ ୪ ଶହ ଟଙ୍କା ନେଇଥିବା ଅଭିଯୋଗ ହୋଇଛି। ଯାହାକି ସରକାରୀ ନିୟମ ଅନୁଯାୟୀ ବିନା ମୁଲ୍ୟରେ ହେବା କଥା। ସେହିପରି ବିଭାଗୀୟ ଅଧିକାରୀଙ୍କ ସହ ସଲାସୁତୁରା ହୋଇ ବ୍ୟବସାୟୀମାନେ ଅତ୍ୟନ୍ତ ନିମ୍ନମାନର ଓ ସରକାରଙ୍କ ଧାର୍ଯ୍ୟ ଟଙ୍କାଠାରୁ କମ୍ ମୁଲ୍ୟର ସାଇକେଲ, ଷ୍କୁଲ କିଟ୍ ଓ ନିରାପଦ ସାମଗ୍ରୀ ଶ୍ରମିକଙ୍କୁ ବଣ୍ଟନ କରୁଥିବା ଅଭିଯୋଗ ହୋଇଛି। ଏହି ପରିପ୍ରେକ୍ଷୀରେ କଳାହାଣ୍ଡି ଜିଲାରେ ଚଳିତବର୍ଷ ୧୩ଟି ବ୍ଲକର ୩୩୬୪ଜଣ ଶ୍ରମିକଙ୍କୁ ସାଇକେଲ, ୧୮୪୧ ଶ୍ରମିକଙ୍କୁ ଷ୍କୁଲ କିଟ୍ ଓ ନିରାପଦ ସାମଗ୍ରୀ ବଣ୍ଟନ ହେବ ବୋଲି ଶ୍ରମ ବିଭାଗ ପକ୍ଷରୁ ଜଣାପଡିଛି। ଗତ କିଛିଦିନ ହେଲା ଶ୍ରମ ବିଭାଗ ପକ୍ଷରୁ


ସାଇକେଲ ପାଇଥିବା ଶ୍ରମିକମାନେ।

ଜିଲାର ବିଭିନ୍ନ ସ୍ଥାନରେ ନିର୍ମାଣ ଶ୍ରମିକଙ୍କୁ ଶିବିର (କ୍ୟାମ୍ପ) ମାଧ୍ୟମରେ ଏହି ସବୁ ସାମଗ୍ରୀ ବଣ୍ଟନ କରାଯାଉଛି। ଶୁକ୍ରବାର ଜୁନାଗଡ ହାଇସ୍କୁଲ ପଡିଆଠାରେ ଏହି କାର୍ଯ୍ୟକ୍ରମ ହୋଇଥିଲା। ଏଥିରେ ଜୁନାଗଡ ବ୍ଲକର ୧୪୯ଜଣ ଶ୍ରମିକଙ୍କୁ ସାଇକେଲ ଓ ୨୨୭ଜଣ ଶ୍ରମିକଙ୍କୁ ଷ୍କୁଲ କିଟ ଓ ନିରାପଦ ସାମଗ୍ରୀ ବଣ୍ଟନ କରାଯାଇଛି। ଏଠାରେ ଶ୍ରମିକଙ୍କୁ ଦିଆଯାଇଥିବା ସାଇକେଲ ଅତ୍ୟନ୍ତ ନିମ୍ନମାନର ଓ ସରକାରଙ୍କ ଧାର୍ଯ୍ୟ ଟଙ୍କାଠାରୁ କମ୍ ହୋଇଥିବା ଜଣାପଡିଛି। ଯାହାକି ସାଇକେଲକୁ ଦେଖିଲେ ଜଣାପଡେ। ସାଇକେଲ ଗୋଟିଏ ହୋଇଥିବାବେଳେ ଏଠାରେ ଲଗାଯାଇଥିବା ପ୍ରତ୍ୟେକ ପାର୍ଟ୍ସଗୁଡିକ କିନ୍ତୁ ଅଲଗା ଅଲଗା କମ୍ପାନୀର। ଫଳରେ ସାଇକେଲର ମାନକୁ ନେଇ ଏଠାରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ସାଇକେଲ ଯୋଗାଉଥିବା ବ୍ୟବସାୟୀମାନେ ବିଭାଗୀୟ ଅଧିକାରୀଙ୍କ ସହ ସଲାସୁତୁରା ହୋଇ ଅର୍ଥଲାଲସାରେ ଗରୀବ ଶ୍ରମିକଙ୍କୁ ଏପରି ନିମ୍ନମାନର ସାଇକେଲ ଯୋଗାଇଥିବା ଅଭିଯୋଗ ହୋଇଛି। ସେହିପରି ଶ୍ରମିକଙ୍କୁ ଦିଆଯାଇଥିବା ଯନ୍ତ୍ରପାତି କ୍ରୟ ସହାୟତା(ଷ୍କୁଲ କିଟ୍) ଓ ନିରାପତା ଉପକରଣ ମଧ ନିମ୍ନମାନର ଓ ସରକାରଙ୍କ ଧାର୍ଯ୍ୟ ଟଙ୍କାଠାରୁ କମ୍ ହୋଇଥିବା ଜଣାପଡିଛି। ନିର୍ମାଣ ଶ୍ରମିକଙ୍କୁ ବଣ୍ଟନ କରାଯାଇଥିବା ସାଇକେଲ, ଷ୍କୁଲ କିଟ୍ ଓ ନିରାପତା ଉପକରଣ ସାମଗ୍ରୀର ଏକ ଉଚ୍ଚସ୍ତରୀୟ ତଥା ଭିଜିଲାନ୍ସ ତଦନ୍ତ କରାଗଲେ ଏହି ଅନିୟମିତତା ପଦାକୁ ଆସନ୍ତା ବୋଲି ସାଧାରଣରେ ଦାବି ହୋଇଛି। ସେହିପରି ଗରୀବ ଶ୍ରମିକଙ୍କୁ ପଞ୍ଜୀକରଣ ନାମରେ ୪ ଶହ ଟଙ୍କା ଆଦାୟ କରିଥିବା ମଧ୍ୟସ୍ଥି (ଦଲାଲ)ମାନଙ୍କୁ ମଧ ତଦନ୍ତ କରାଯାଇ ତାଙ୍କ ଉପରେ ଦୃଢ କାର୍ଯ୍ୟାନୁଷ୍ଠାନ ନିଆଯିବାକୁ ବୁଦ୍ଧିଜୀବୀ ମହଲରେ ଦାବି ହୋଇଛି। ଏ ନେଇ କାର୍ଯ୍ୟକ୍ରମରେ ଉପସ୍ଥତ ବିଭାଗୀୟ ଅଧିକାରୀ ସଂଗ୍ରାମ କେଶରୀ ଦଳେଇ ଓ ଜୟନ୍ତ କୁମାର ପଣ୍ଡାଙ୍କୁ ପଚାରିବାରୁ ଯଦି ନିମ୍ନମାନର ସାମଗ୍ରୀ ହୋଇଛି ତାହା ହେଲେ ତଦନ୍ତ କରାଯିବ ବୋଲି କହିଥିଲେ। ସେହିପରି ସମ୍ପୃକ୍ତ ଅଧିକାରୀଙ୍କ ଉପସ୍ଥିତିରେ କିଛି ଶ୍ରମିକ କାଗଜପତ୍ର ପାଇଁ ୪ ଶହ ଟଙ୍କା ମଧ୍ୟ ଦେଇଥିବା ଅଭିଯୋଗ କରିଥିଲେ। କିନ୍ତୁ ସମ୍ପୃକ୍ତ ଅଧିକାରୀ ଅତି ହାଲୁକା ଭାବେ ଏହାକୁ ଲିଖିତ ଭାବରେ ଦିଅ କହି ସେଠାରୁ ଚାଲିଯାଇଥିଲେ।

ଧରିତ୍ରୀ
DHARITRI
ସମ୍ବଲପୁର, ଶନିବାର, ୯ ମାର୍ଚ୍ଚ, ୨୦୧୯



ଅନ୍ୟର ସମୃଦ୍ଧିରେ ଯେ ଆନନ୍ଦ ପ୍ରକାଶ କରେ, ସେ ସେହି ସମୃଦ୍ଧିରେ ହିଁ ଭାଗିଦାର ହୋଇଥାଏ।

- ମେରି ଆଣ୍ଟିନ



## ସଂକ୍ଷେପରେ

### କେନ୍ଦ୍ରୀୟ ଦୋଳ ମେଳଣ ସମିତି ବୈଠକ

**ରାଉରକେଲା ଅଫିସ,୮।୩-** କେନ୍ଦ୍ରୀୟ ଦୋଳ ମେଳଣ ସମିତି ରାଉରକେଲା ଆନୁକୂଲ୍ୟରେ ସେକ୍ଟର-୧୫ଠାରେ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଅଧକ୍ଷ ବିଷ୍ଣୁଚରଣ ବିଶ୍ୱାଳ ଅଧକ୍ଷତା କରିଥିଲେ। ଆସନ୍ତା ୨୩ରେ ପାଳନ ହେବାକୁ ଯାଉଥିବା ଦୋଳ ମେଳଣ ଉତ୍ସବକୁ କିପରି ଆକର୍ଷଣୀୟ ଓ ଶାନ୍ତି ଶୃଙ୍ଖଳାରେ କରାଯିବ ସେ ସମ୍ପର୍କରେ ଏହି ବୈଠକରେ ଆଲୋଚନା କରାଯାଇଥିଲା। ଉତ୍ସବକୁ ସରସ ସୁନ୍ଦର କରିବାକୁ ବିଶ୍ୱାଳଙ୍କ ପରାମର୍ଶ କ୍ରମେ ଏକ ସ୍ୱତନ୍ତ୍ର କମିଟି ଗଠନ କରାଯାଇଛି। ଏହାର ସଭାପତି ରୂପେ ଜୟନ୍ତ ମଲ୍ଲିକ ରହିଥିବା ବେଳେ କାର୍ଯ୍ୟକାରୀ ସଭାପତି ଅଛନ୍ତି ପ୍ରମୋଦ ଭଞ୍ଜ। ସେହିଭଳି ଉପସଭାପତି ପଦରେ ପ୍ରମୋଦ ବେହେରା, ଯତୀନ୍ଦ୍ର ପାଣି ଓ ଜଗନ୍ନାଥ ପଣ୍ଡାଙ୍କୁ ମନୋନୀତ କରାଯାଇଛି। ସାଧାରଣ ସମ୍ପାଦକ ଅଛନ୍ତି ଗୌରାଙ୍ଗ ସେଠୀ। କୋଷାଧକ୍ଷ ରୂପେ ପ୍ରଶାନ୍ତ ସାମଲଙ୍କୁ ଚୟନ କରାଯାଇଛି। ସମ୍ପାଦକ ମଣ୍ଡଳୀରେ ପ୍ରତାପ ସ୍ୱାଇଁ , ସଲୀଳ ସାହ, ହେମନ୍ତ ବିଶ୍ୱାଳ, ପ୍ରମୋଦ ପ୍ରଧାନ, ଅନନ୍ତ ସାମଲ, ପୁରୁଷୋତ୍ତମ ବେହେରା, ଶତ୍ରୁଘ୍ନ ମହାନ୍ତି ଓ ପ୍ରଶାନ୍ତ ମହାପାତ୍ର ପ୍ରମୁଖଙ୍କୁ ଗ୍ରହଣ କରାଯାଇଛି।

## ଜିଲା ପ୍ରାଣୀ ଚିକିତ୍ସା ବ୍ୟବସ୍ଥା ବିପର୍ଯ୍ୟସ୍ତ

# ୩ ମାସରେ ମଲେଣି ୨୬୮ ପଶୁ

**ରାଉରକେଲା ଅଫିସ,୮।୩**

ସୁନ୍ଦରଗଡ଼ ଜିଲାରେ ପ୍ରାଣୀ ଚିକିତ୍ସା ବ୍ୟବସ୍ଥା ବିପର୍ଯ୍ୟସ୍ତ ହୋଇ ପଡ଼ିଛି। ବିଭାଗୀୟ ଅଧିକାରୀଙ୍କ ଅଣଦେଖା କାରଣରୁ କେଉଁ ଚିକିତ୍ସା କେନ୍ଦ୍ରକୁ ଡାକ୍ତର ଆସୁ ନାହାଁନ୍ତି ତ ଅନ୍ୟ କେଉଁଠି ପ୍ରାଣୀ ଚିକିତ୍ସା କେନ୍ଦ୍ର ଭୂତକୋଠି ପାଲଟିଛି। ଫଳରେ ପଶୁ ସମ୍ପଦର ବୃଦ୍ଧି ଦୂରେ ଥାଉ ସେମାନଙ୍କ ସୁରକ୍ଷା ନେଇ ଉଦ୍‌ବେଗ ପ୍ରକାଶ କରିଛି ବିଶ୍ୱ ହିନ୍ଦୁ ପରିଷଦ। ଏନେଇ ଶୁକ୍ରବାର ପଶୁ ଅଧିକାର କର୍ମୀ ତଥା ବିଶ୍ୱ ହିନ୍ଦୁ ପରିଷଦର ପଶ୍ଚିମ ଓଡ଼ିଶା ଧର୍ମ ପ୍ରସାର ସମ୍ପାଦକ ଶାନ୍ତନୁ କୁସୁମ ଜିଲା ପ୍ରାଣୀ ଚିକିତ୍ସା ଅଧିକାରୀ ଡାକ୍ତର ପ୍ରତାପ ଖମାରୀଙ୍କ ନିକଟରେ ଅଭିଯୋଗ କରିଛନ୍ତି। ପଶୁ ସମ୍ପଦ ସୁରକ୍ଷା ଦିଗରେ ଅବହେଳା କରୁଥିବା ଡାକ୍ତର ଓ କର୍ମଚାରୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ପାଇଁ ସେ ଦାବି କରିଛନ୍ତି ।

ସୂଚନାଯୋଗ୍ୟ, ସଙ୍ଗଠନ ପକ୍ଷରୁ ପ୍ରାଣୀ ଚିକିତ୍ସା ନେଇ ଏକ ପ୍ରତିନିଧି ମଣ୍ଡଳୀ ପ୍ରଥମେ ବଣାଇ ଉପଖଣ୍ଡରେ ଚାଲିଥିବା ଏଭଳି ଅବହେଳାକୁ ଦର୍ଶାଇଛନ୍ତି। ପରବର୍ତ୍ତୀ ସମୟରେ



ବିଶ୍ୱହିନ୍ଦୁ ପରିଷଦର କର୍ମକର୍ତ୍ତାମାନେ ଜିଲା ପ୍ରାଣୀ ଚିକିତ୍ସା ଅଧିକାରୀଙ୍କ ସହ ଆଲୋଚନାରତ।

- ବିଶ୍ୱ ହିନ୍ଦୁ ପରିଷଦର ଉଦ୍‌ବେଗ
- ଜିଲା ପ୍ରାଣୀ ଚିକିତ୍ସା ଅଧିକାରଙ୍କ ନିକଟରେ ଅଭିଯୋଗ

ଜିଲାର ଅନ୍ୟ ଉପଖଣ୍ଡ ସମ୍ପର୍କରେ ଅନୁଧ୍ୟାନ କରାଯିବ ବୋଲି କୁହାଯାଇଛି। ବିଭାଗୀୟ ଅଧିକାରୀଙ୍କୁ ଅଭିଯୋଗପତ୍ର ଦାଖଲ କରି ଏହାର ପ୍ରତିକାର ଦାବି କରିଛି ପରିଷଦ। ପରିଷଦ ପକ୍ଷରୁ କୁସୁମ ଅଭିଯୋଗ କରିଛନ୍ତି ବଣାଇଁ ଉପଖଣ୍ଡର ଲହୁଣୀପଡା ଓ ଗୁରୁଣ୍ଡିଆ ବ୍ଲକରେ ପ୍ରାଣୀ ଚିକିତ୍ସା ବ୍ୟବସ୍ଥା ଏକ ପ୍ରକାର ବିପର୍ଯ୍ୟସ୍ତ ହୋଇପଡିଛି। ପଶୁ ସଂପଦ ପ୍ରତି ଏଭଳି ଅଣଦେଖା ନେଇ ସେ ଚିନ୍ତା ପ୍ରକଟ କରିଛନ୍ତି। ସେ କହିଛନ୍ତି ପଶୁ ଅଧିକାର ପ୍ରତି ଏଭଳି ଅବହେଳା ପାଇଁ କର୍ତ୍ତୃପକ୍ଷ ସମ୍ପୂର୍ଣ୍ଣ ଭାବେ ଦାୟୀ। ଗୁରୁଣ୍ଡିଆ ବ୍ଲକର ୧୪୫ଟି ରାଜସ୍ୱ ଗ୍ରାମର ୧୩ ହଜାରରୁ ଊର୍ଦ୍ଧ୍ୱ ପ୍ରାଣୀ ଚିକିତ୍ସା ଅବହେଳାର ଶିକାର ହୋଇଛନ୍ତି। ଗତ ୩ ମାସ ମଧ୍ୟରେ ଏହି ବ୍ଲକର ୨୬୮ ପ୍ରାଣୀ ମରିଥିବା ସେ ଅଭିଯୋଗ କରିଛନ୍ତି। ଏ ନେଇ ନିଯୁକ୍ତ ଡାକ୍ତରମାନେ ଚିକିତ୍ସା କେନ୍ଦ୍ର ନିକଟରେ ନ ରହି ଦୂରଦୂରାନ୍ତରେ ସ୍ୱଚ୍ଛନ୍ଦ ରହଣି କରୁଛନ୍ତି। ଏନେଇ ଉପରିସ୍ଥ ଅଧିକାରୀଙ୍କ ନୀରବତା ପ୍ରଶ୍ନବାଚୀ ସୃଷ୍ଟି କରିଛି। ଉପରୋକ୍ତ ଅଞ୍ଚଳରେ ଠିକ ଚିକିତ୍ସା ନ ପାଇ ବର୍ଷକୁ ହାରାହାରି ଶହେରୁ ଊର୍ଦ୍ଧ୍ୱ ପ୍ରାଣୀ ମରୁଛନ୍ତି। ଗତ କିଛିଦିନ ତଳେ ଏହି ଅଞ୍ଚଳର ବିଷ୍ଣୁ ମୁଣ୍ଡାରୀଙ୍କ ୧୫ଟି ଛେଳି ମରିବା ଏକ ଉଦାହରଣ ବୋଲି କୁସୁମ କହିଛନ୍ତି। ପ୍ରତି ବ୍ଲକସ୍ତରରେ ପ୍ରାଣୀ ଚିକିତ୍ସା ବ୍ୟବସ୍ଥା କିପରି ଚାଲିଛି ସେନେଇ ତଦନ୍ତ କରାଯାଉ। ଯେଉଁ ଅଧିକାରୀ ବା କର୍ମଚାରୀ ଏନେଇ ଅବହେଳା କରୁଛନ୍ତି ସେମାନଙ୍କ ପ୍ରତି ଦଣ୍ଡବିଧାନ କରାଯାଉ। ଅନ୍ୟଥା ସଙ୍ଗଠନ ପକ୍ଷରୁ ଆନ୍ଦୋଳନ କରାଯିବ ବୋଲି କୁସୁମ ଚେତାବନୀ ଦେଇଛନ୍ତି। ଏହି ପ୍ରତିନିଧି ଦଳରେ କୁସୁମଙ୍କ ସହ ପରିଷଦର ଜିଲା ଉପସଭାପତି କିଶୋର ପଟେଲ, ନାରୀଶକ୍ତି ମଞ୍ଚର ପ୍ରାନ୍ତ ସମ୍ପାଦିକା ଯଶୋବନ୍ତୀ ବାଗ, ବଜରଙ୍ଗ ଦଳର ଅନିଲ ଚୌଧୁରୀ ଓ ପ୍ରୀତମ୍ ଭୋଇ ପ୍ରମୁଖ ସାମିଲ ଥିଲେ।



ଇସ୍ପାତ ହାଇସ୍କୁଲ ଖେଳପଡ଼ିଆରେ ଜମା ହୋଇଥିବା ଆବର୍ଜନା।

# ଇସ୍ପାତ୍ ହାଇସ୍କୁଲ ଖେଳ ପଡ଼ିଆର ରକ୍ଷଣାବେକ୍ଷଣ ଚିନ୍ତା

**ରାଉରକେଲା ଅଫିସ,୮।୩**

ଲାଠିକଟା ବ୍ଲକ ହାତୀବନ୍ଧା ପଞ୍ଚାୟତ ସୀମା ଉପରବାଲି ନିକଟ ଫର୍ଟିଲାଇଜର ଟାଉନସିପକୁ ଲାଗି ରହିଥିବା ଇସ୍ପାତ୍ ହାଇସ୍କୁଲ ପଡିଆର ସୁରକ୍ଷା ନେଇ ସ୍ଥାନୀୟ ବାସିନ୍ଦା ଚିନ୍ତା ପ୍ରକାଶ କରିଛନ୍ତି। ରକ୍ଷଣାବେକ୍ଷଣ ଅଭାବରୁ ଗତ କିଛି ଦିନ ହେବ ପଡ଼ିଆ ପାର୍ଶ୍ୱ ପାଚେରି ନିକଟରେ ବେପରୁଆ ଆବର୍ଜନା ଢଳା ଯାଉଛି। ପାଚେରି ଭଙ୍ଗାଯାଇ ଇଟା ପଥର ଲୁଟ ଚାଲିଛି। ଏହି ହାଇସ୍କୁଲ ଦୀର୍ଘ ବର୍ଷ ହେବ ବନ୍ଦ ପଡିଥିବା ବେଳେ ଖେଳ ପଡ଼ିଆକୁ ସ୍ଥାନୀୟ ଯୁବକ ବ୍ୟବହାର କରୁଛନ୍ତି। ଫୁଟବଲ, କ୍ରିକେଟ ଭଳି ଖେଳ କସରତ ନେଇ ଏଠାରେ ଭିଡ ଜମୁଛି। ଏହା ବ୍ୟତୀତ କେତେଜଣ ବରିଷ୍ଠ ନାଗରିକ ଓ ମହିଳା ସକାଳୁ ପଡିଆରେ ପ୍ରାତଃ ଭ୍ରମଣ କରିବାକୁ ଆସୁଛନ୍ତି। ଏପରି ଅବସ୍ଥାରେ ଏହାର ଚତୁଃପାର୍ଶ୍ୱରେ ଆବର୍ଜନା ଗଦା ହେବା ସାଧାରଣରେ ଅସନ୍ତୋଷ ସୃଷ୍ଟି କରିଛି । ସମଗ୍ର ଅଞ୍ଚଳରେ ଏହି ପଡିଆର ବିକଳ୍ପ ନ ଥିବା ବେଳେ ଏହାର ରକ୍ଷଣାବେକ୍ଷଣ ପ୍ରତି ଧ୍ୟାନ ଦିଆଯାଉନି । ଉପରିସ୍ଥ ଅଧିକାରୀ ଏ ଦିଗରେ ଦୃଷ୍ଟି ଦେବାକୁ ଦାବି କରାଯାଇଛି।

# ନିଯୁକ୍ତି ଆଶାୟୀଙ୍କ ରାସ୍ତାରେ ଧାରଣା

**ରାଉରକେଲା ଅଫିସ,୮।୩**

ପୂର୍ବ ନିର୍ଦ୍ଧାରିତ ନିଷ୍ପତ୍ତି ଅନୁସାରେ ଶୁକ୍ରବାର ୭୦ ମୌଜା ବିସ୍ଥାପିତ ସଂଘ ପକ୍ଷରୁ ରାଉରକେଲା ଅତିରିକ୍ତ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖ ରାସ୍ତା ଉପରେ ନିଯୁକ୍ତି ଆଶାୟୀ ଧାରଣା ଦେଇଥିଲେ। ଚାକିରି ଆଶାୟୀ ଆରଏସ୍‌ପି ବାସଚ୍ୟୁତ ପୂର୍ବାହ୍ନ ୧୦ଟାରୁ ନେଇ ଅପରାହ୍ନ ୧ଟା ଯାଏ ଏଠାରେ ବସି ରହିଥିଲେ। ପରେ ଏଡିଏମ ଯେଦୁଲା ବିଜୟଙ୍କ ସହ ପ୍ରତିନିଧି ମଣ୍ଡଳୀ ସାକ୍ଷାତ କରି ପ୍ରତିଶ୍ରୁତି ପାଇବା ପରେ ଧାରଣାରୁ ଉଠିଥିଲେ। ବିସ୍ଥାପିତଙ୍କୁ ବାରମ୍ବାର ପ୍ରତାରିତ କରାଯିବା ନେଇ ଏଭଳି ଧାରଣା ପ୍ରଦର୍ଶନ କରିଥିଲେ ବିସ୍ଥାପିତ ପରିବାର। କାଗଜପତ୍ର ଯାଞ୍ଚ ଆଳରେ ଗତ ଏଡିଏମ କିଛି ଦିନ ସମୟ ଗଡାଇବା ପରେ ଅନ୍ୟତ୍ର ବଦଳି ହୋଇ ଚାଲିଗଲେ। ଯାଞ୍ଚ ଶେଷ ହେଲା ନାହିଁ କି ନିଯୁକ୍ତି ମିଳିଲା ନାହିଁ। ଏବେ ନୂଆ ଏଡିଏମଙ୍କୁ ଗୁହାରି ଜଣାଇବାକୁ ଆସି ଆମେ ନିରାଶ ହୋଇଛୁ ବୋଲି କହିଥିଲେ ବିସ୍ଥାପିତ ନେତା। ପୁଣି ଥରେ ଉଚ୍ଚସ୍ତରୀୟ ବୈଠକ ଡକାଇ ଆବଶ୍ୟକୀୟ ପଦକ୍ଷେପ ନିଆଯିବ ବୋଲି ପ୍ରତିଶ୍ରୁତି ମିଳିଛି। ଆଗକୁ ନିର୍ବାଚନ ଆସୁଥିବା ବେଳେ ଏହାକୁ ସରକାର କେତେଦୂର ପାଳନ କରିବେ ସେନେଇ ସନ୍ଦେହ ସୃଷ୍ଟି ହୋଇଛି। ୨୦୧୩ରେ ଏନେଇ ଅନୁଷ୍ଠିତ ଉଚ୍ଚସ୍ତରୀୟ (ଆରପିଡିସି) ବୈଠକରେ ୩ ହଜାର ୭୨୨ଜଣଙ୍କୁ ୩ ମାସ ଭିତରେ ନିଯୁକ୍ତି ପ୍ରତିଶ୍ରୁତି ମିଳିଥିଲା। କୌଣସି କାରଣରୁ ପରବର୍ତ୍ତୀ ଅବସ୍ଥାରେ ସରକାର ଏହାକୁ ପାଳନ କଲେ ନାହିଁ। ଏବେ ପୁରୁଣା ଯାଞ୍ଚ ଆଧାରରେ ବୈଠକ ଅନୁଷ୍ଠିତ ହେଲେ ନିଯୁକ୍ତି ପ୍ରକ୍ରିୟା ସହଜ ହେବ ବୋଲି ସଂଘ ପକ୍ଷରୁ ସଭାପତି ଖାଡା କୁଜୁର, ସୁକରାମ କୁମ୍ଭାର, ପୁରନ ଖାଲକୋ, ବସନ୍ତ କିଷାନ ଓ ତିର୍ଲା ଲାକ୍ରା ପ୍ରମୁଖ ଆଶା ବ୍ୟକ୍ତ କରିଛନ୍ତି।



ନିଯୁକ୍ତି ଆଶାୟୀମାନେ ଧାରଣାରେ ବସିଛନ୍ତି।





ଆର୍‌ଏସ୍‌ପି ଅଧିକାରୀଙ୍କ ଗହଣରେ ରନର୍ସ ଅପ୍ ଦଳ।

# ସେଲ୍ ଅଧକ୍ଷ ଟ୍ରଫି : ଆର୍‌ଏସ୍‌ପି ଦଳ ରନର୍ସ ଅପ୍

**ରାଉରକେଲା ଅଫିସ,୮।୩**

ସେଲ ଅଧକ୍ଷ ଟ୍ରଫି ପ୍ରତିଯୋଗିତାରେ ରାଉରକେଲା ଇସ୍ପାତ କାରଖାନା ଏମଏସଏସ ବିଭାଗର ଡେପୁଟି ମ୍ୟାନେଜର ରିକି ଅଗ୍ରୱାଲ, ନୂତନ ହଟ୍‌ ଷ୍ଟ୍ରିପ ମିଲ ବିଭାଗ ଆସିଷ୍ଟାଣ୍ଟ ମ୍ୟାନେଜର ଅନୁପ ଅଗ୍ରୱାଲ ଓ ଜଳ ପ୍ରବନ୍ଧନ ବିଭାଗ ଜୁନିୟର ମ୍ୟାନେଜର ଦୀପକ ଗର୍ଗଙ୍କୁ ନେଇ ଗଠିତ ଦଳ ଯୁବ ପ୍ରବନ୍ଧକଙ୍କ ନିମନ୍ତେ ଉଦ୍ଦିଷ୍ଟ ସେଲ ଅଧକ୍ଷ ଟ୍ରଫି ପ୍ରତିଯୋଗିତାରେ ଯୁଗ୍ମ ଉପବିଜେତା ହୋଇ କାରଖାନା ନିମନ୍ତେ ଗୌରବ ଆଣିଛନ୍ତି। ଦୁର୍ଗାପୁର ଦଳ ଚମ୍ପିୟନ ହୋଇଥିବା ବେଳେ ଇସ୍କୋ ଇସ୍ପାତ୍ ଓ ରାଉରକେଲା ଇସ୍ପାତ୍ କାରଖାନା ଯୁଗ୍ମ ରନର୍ସ ଅପ୍ ହୋଇଛନ୍ତି। ଏହି ପ୍ରତିଯୋଗିତାରେ ସେଲ୍ ଅଧୀନସ୍ଥ ବିଭିନ୍ନ ୟୁନିଟର ୩୬ଟି ଦଳ ଭାଗ ନେଇଥିଲା। ପ୍ରତିଯୋଗିତାର ସନ୍ଦର୍ଭ ଥିଲା ସେଲ ପଟ୍ଟ ପରିବର୍ତ୍ତନ, ରଣନୀତି ଓ ପଦକ୍ଷେପ। ଏନେଇ ଗତ ୬ରେ ରାଞ୍ଚି ଠାରେ ଆୟୋଜିତ ଏକ ଉତ୍ସବରେ ସେଲ୍ ଅଧକ୍ଷ ଅନୀଲ ଚୌଧୁରୀ ବିଜେତାଙ୍କୁ ଅଭିନନ୍ଦନ ଜଣାଇବା ସହ ସମ୍ବର୍ଦ୍ଧିତ କରିଥିଲେ। ଏଥିରେ ସେଲ ନିର୍ଦ୍ଦେଶକ ମଣ୍ଡଳୀ, ସିଇଓ ବୃନ୍ଦ ଓ ଅନ୍ୟ ବରିଷ୍ଠ ଅଧିକାରୀ ଉପସ୍ଥିତ ଥିଲେ।

# ଚିଟ୍‌ଫଣ୍ଡ ଠକେଇ ଅଭିଯୋଗରେ ୩ ଗିରଫ

**କେନ୍ଦୁଝର ୮।୩ (ସ୍ୱ.ପ୍ର.)**

ଚିଟଫଣ୍ଡ ଠକେଇ ଅଭିଯୋଗରେ କେନ୍ଦୁଝର ଟାଉନ ଥାନା ପୋଲିସ ୩ ଜଣ ବ୍ୟକ୍ତିଙ୍କୁ ଗିରଫ କରିଥିବା ଜଣାପଡିଛି। ଜିଏଚ ମଲ୍‌ଟିଟ୍ରେଡ ପ୍ରାଇଭେଟ ଲିମିଟେଡ ନାମକ ଏକ ସଂସ୍ଥା ଘୁଟୁରୁ ଗ୍ରାମରେ ଅଫିସ ଖୋଲି ଚିଟ୍‌ଫଣ୍ଡ କାରବାର କରୁଥିଲେ। ସଂସ୍ଥାର କର୍ମକର୍ତ୍ତା ଲୋକଙ୍କୁ ଅଧିକ ଲାଭର ପ୍ରଲୋଭନ ଦେଖାଇ କୋଟି କୋଟି ଟଙ୍କା ଜମା ଆକାରରେ ଆଦାୟ କରିଥିଲେ । ପରେ ଏହି ସଂସ୍ଥା ଲୋକଙ୍କୁ ଠକିଥିବା ଜାଣି ଲୋକେ ପୋଲିସରେ ଅଭିଯୋଗ କରିଥିଲେ। ତଦନୁଯାୟୀ ପୋଲିସ ଶୁକ୍ରବାର ଚଢାଉ କରି ସଂସ୍ଥାର ମୁଖ୍ୟ କୁହାଯାଉଥିବା ୩ଜଣଙ୍କୁ ଗିରଫ କରିବା ସହ କେତେକ ଗୁରୁତ୍ୱପୂର୍ଣ୍ଣ କାଗଜପତ୍ର ଜବତ କରିଛି । ଗିରଫ ଅଭିଯୁକ୍ତମାନେ ହେଲେ ଅନ୍ତର୍ଯାମୀ ବେହେରା, ସୁବ୍ରତ ସେଠୀ ଓ ହିମାଂଶୁ ବେହେରା ।

ପୋଲିସ ସୂଚନା ଅନୁଯାୟୀ ଓଡିଶା, ଝାଡ଼ଖଣ୍ଡ, ବିହାର ସମେତ ୧୧ ଟି ରାଜ୍ୟରେ ଏହି ସଂସ୍ଥାର କାର୍ଯ୍ୟାଳୟ ରହିଛି । ୨୦୧୮ଫେବୃୟାରୀ ୨୦୧୮ ରୁ ଏହି ସଂସ୍ଥା କାର୍ଯ୍ୟ ଆରମ୍ଭ କରି ବର୍ଷକ ମଧ୍ୟରେ ପାଖାପାଖି ୫୦ରୁ ୬୦ ହଜାର ଜମାକାରୀଙ୍କ ଠାରୁ ପ୍ରାୟ ୨୬ କୋଟି ଟଙ୍କା ଆଦାୟ କରିଥିବା ପ୍ରାଥମିକ ତଦନ୍ତରୁ ଜଣାପଡିଥିବା ଟାଉନ ଥାନା ଆଇଆଇସି ସୋମନାଥ ଜେନା କହିଛନ୍ତି। ସରକାର ଚିଟଫଣ୍ଡ କାରବାର ରୋକିବା ପାଇଁ କଡାକଡି ଆଇନ ପ୍ରଣୟନ କରିଥିଲେ ମଧ ଏଭଳି ଠକ୍ ସଂସ୍ଥା ଦ୍ୱାରା ଲୋକେ ଠକେଇର ଶୀକାର ହେବାଁ ଚନ୍ତାର କାରଣ ହୋଇଛି ।

# ଯାତ୍ରୀଙ୍କ ଉପରେ ମାଡ଼ିଗଲା ଟ୍ରକ୍, ୩ ମୃତ

**ମର୍ମନ୍ତୁଦ ଦୁର୍ଘଟଣା**



ଦୁର୍ଘଟଣାଗ୍ରସ୍ତ ବସ୍, ଟ୍ରକ୍।

**ବାହାନଗା, ୮।୩(ଡି.ଏନ.ଏ.)**

ବାଲେଶ୍ୱର ଜିଲା ବାହାନଗା ବ୍ଲକ ଖନ୍ତାପଡ଼ାର ୧୬ ନମ୍ବର ଜାତୀୟ ରାଜପଥ ଉପରେ ଗୁରୁବାର ରାତି ପ୍ରାୟ ୧ଟା ବେଳେ ଏକ ମର୍ମନ୍ତୁଦ ଦୁର୍ଘଟଣା ଘଟିଛି। ଭୁବନେଶ୍ୱର ଯାଉଥିବା ବସ୍‌ର ଯାତ୍ରୀମାନେ ରାସ୍ତାକଡ଼ ଦୋକାନରେ ଚା' ପିଉଥିବା ବେଳେ ଦ୍ରୁତ ଗତିରେ ଆସୁଥିବା ଏକ ମାଲ ବୋଝେଇ ଟ୍ରକ୍ ସେମାନଙ୍କ ଉପରେ ମାଡ଼ିଯାଇଥିଲା। ଫଳରେ ବସ୍ ହେଲପର ସମେତ ୩ ଜଣ ଯାତ୍ରୀଙ୍କର ଘଟଣାସ୍ଥଳରେ ମୃତ୍ୟୁ ହୋଇଛି। ଖନ୍ତାପଡ଼ା ଥାନା ପୋଲିସ ପହଞ୍ଚି ଶବ ଜବତ କରିବା ସହିତ ବ୍ୟବଚ୍ଛେଦ ପାଇଁ ବାଲେଶ୍ୱର ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇଛି। ଦୁର୍ଘଟଣା ଘଟାଇଥିବା ଟ୍ରକ୍‌କୁ ପୋଲିସ ଜବତ କରିଛି । ଏ ନେଇ ଥାନାରେ ଏକ ମାମଲା ରୁଜୁ ହୋଇଛି। ଉଦଳା ଅଞ୍ଚଳରୁ ଭୁବନେଶ୍ୱର ଆଡ଼କୁ ଯାଉଥିବା ଘରୋଇ ବସ୍ (ନଂ.ଓଡ଼ି-୦୧ଏ-୮୮୮୮) ଖନ୍ତାପଡ଼ାସ୍ଥିତ ଜାତୀୟ ରାଜପଥ କଡ଼ରେ ଥିବା ଏକ ଚା' ଦୋକାନ ସାମ୍ନାରେ ଆସି ଛିଡ଼ା ହୋଇଥିଲା। ବସ୍ ପଛରେ ଏକ ମିନି ଟ୍ରକ୍ ଥିଲା। ଏହି ସମୟରେ ପଛପଟୁ ଏକ ପଥର ବୋଝେଇ ଟ୍ରକ୍ ଆସି ବସ୍ ପଛରେ ଥିବା ମିନିଟ୍ରକ୍‌କୁ ଜୋରରେ ଧକ୍କା ଦେଇଥିଲା। ଫଳରେ ଟ୍ରକ ଆଗକୁ ମାଡିଯାଇଥିଲା। ବସ୍ ପଛରେ ଟାୟାର ଚେକ୍ କରୁଥିବା ହେଲପର ସତ୍ୟଜିତ୍ ପଟ୍ଟନାୟକ, ଚା' ପିଉଥିବା ଜଣେ ମହିଳା ଯାତ୍ରୀ ଓ ଭୁବନେଶ୍ୱରସ୍ଥିତ ବନ୍ଧୁଘରକୁ ଯାଉଥିବା ଅନ୍ୟ ଜଣେ ବସ୍ ଯାତ୍ରୀ ଚାପି ହୋଇଯାଇଥିଲେ। ମୃତକ ଦୁଇ ଯାତ୍ରୀ ହେଲେ ଉଦଳା ଅଞ୍ଚଳର ବିଷ୍ଣୁପ୍ରିୟା ପୃଷ୍ଟି(୩୮) ଓ ଉତ୍ତରପ୍ରଦେଶର ଲାଲା ଗଞ୍ଜିଆ ଗ୍ରାମର ବିଜେନ୍ଦ୍ର ନିଶାଦ(୪୫)।

## ଆର୍‌ଏମ୍‌ସି ପକ୍ଷରୁ ଅନ୍ତର୍ଜାତୀୟ ମହିଳା ଦିବସ

# ସ୍ୱାବଲମ୍ବୀ ହେବାକୁ ଆହ୍ୱାନ

**ରାଉରକେଲା ଅଫିସ,୮।୩**

ଆନ୍ତର୍ଜାତୀୟ ମହିଳା ଦିବସ ଉପଲକ୍ଷେ ଶୁକ୍ରବାର ରାଉରକେଲା ମହାନଗର ନିଗମ(ଆରଏମ୍‌ସି)ପକ୍ଷରୁ ସ୍ଥାନୀୟ ଉଦିତନଗର ସଭାଗୃହରେ ବିଜୟିନୀ ନାମରେ ଏକ ଉତ୍ସବ ଆୟୋଜନ କରାଯାଇ ଥିଲା। ଏଥିରେ ଅତିଥି ରୂପେ ମହାନଗର ନିଗମ ଉପାୟୁକ୍ତ ଶୁଭ୍ରାଂଶୁଶେଖର ଭୋଇ ଓ ରାଉରକେଲା ସ୍ମାର୍ଟ ସିଟି ଲିଃ. ଉପ କାର୍ଯ୍ୟନିର୍ବାହୀ ଅଧିକାରୀ ନବୀନ ପଟେଲ ଯୋଗ ଦେଇଥିଲେ। ଏଥିରେ ଆରଏମ୍‌ସି ଅଧୀନସ୍ଥ ବିଭିନ୍ନ ସ୍ୱୟଂସହାୟକ ଗୋଷ୍ଠୀ ଓ ନିଗରାନି କମିଟି ସଦସ୍ୟ ଯୋଗ ଦେଇଥିଲେ। ଏହି ଅବସରରେ କେତେକ ସ୍ୱୟଂସହାୟକ ଗୋଷ୍ଠୀ ନିଜ ସଫଳତା ନେଇ ଆଲୋଚନା କରିଥିଲେ। ନିଗରାନି କମିଟିର ୨ଜଣ ସଦସ୍ୟ ସେମାନଙ୍କ କାର୍ଯ୍ୟଶୈଳୀ ସମ୍ପର୍କରେ ଆଲୋଚନା କରି କିପରି ସହରକୁ ବାହ୍ୟ ଶୌଚମୁକ୍ତ କରାଯାଇଛି ସେ ନେଇ କହିଥିଲେ। ଗୋଷ୍ଠୀ ଶୌଚାଳୟ ରକ୍ଷଣାବେକ୍ଷଣ ନେଇ ଦାୟିତ୍ୱ ନେଇଥିବା ୬ ସ୍ୱୟଂସହାୟକ ଗୋଷ୍ଠୀକୁ ଏଥିରେ ସମ୍ମାନୀତ କରାଯାଇଥିଲା। ଏଥିସହ ବିଭିନ୍ନ ବସ୍ତିରେ କାର୍ଯ୍ୟ କରୁଥିବା ୩୧ ନିଗରାନି କମିଟି ସଦସ୍ୟଙ୍କୁ ମାନପତ୍ର ପ୍ରଦାନ କରାଯାଇ ସମ୍ମାନୀତ କରାଯାଇଥିଲା। ମଞ୍ଚାସୀନ ଅତିଥି ନିଜ ବକ୍ତବ୍ୟରେ ଆନ୍ତର୍ଜାତୀୟ ମହିଳା ଦିବସ ପାଳନ ପଛରେ ରହିଥିବା କାରଣ ଓ ଉଦ୍ଦେଶ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। ସରକାରଙ୍କ ବିଭିନ୍ନ ଉନ୍ନୟନମୂଳକ ଯୋଜନାରେ ନିଜକୁ ସାମିଲ କରି ସ୍ୱାବଲମ୍ବୀ ହେବାକୁ ଆହ୍ୱାନ ଦେଇଥିଲେ। ମହିଳାମାନେ ସଚେତନ ହେଲେ ସାମାଜିକ ପରିବର୍ତ୍ତନ ସହ ସହରର ପ୍ରତ୍ୟେକ ୱାର୍ଡ ସ୍ୱଚ୍ଛ ଓ ସୁନ୍ଦର ରହିବ ବୋଲି ଏଥିରେ ମତ ପ୍ରକାଶ ପାଇଥିଲା। କାର୍ଯ୍ୟକ୍ରମ ଶେଷରେ ଆକର୍ଷଣୀୟ ତଥା ଶିକ୍ଷଣୀୟ ନାଟକ ପରିବେଷଣ କରାଯାଇଥିଲା। ଏହି କାର୍ଯ୍ୟକ୍ରମକୁ ଆରଏମ୍‌ସିର ବରିଷ୍ଠ ଗୋଷ୍ଠୀ ସଙ୍ଗଠିକା ସୌଭାଗ୍ୟବତୀ ସାହୁ ପରିଚାଳନା କରିଥିଲେ। ଜାତୀୟ ସହରୀ ଜୀବିକା ମିଶନ ରାଉରକେଲା ଅଧିକାରୀ ପ୍ରିୟବ୍ରତ ମହାପାତ୍ର, ସନ୍ତୋଷ ଭୂୟାଁ, ଗୋଷ୍ଠୀ ସଙ୍ଗଠିକା ନିପାରାଜି ମିଞ୍ଜ, ପ୍ରଜ୍ଞାପାରମିତା ସାହୁ, ପ୍ରୀତିଶମୟୀ ଲେଙ୍କା, ଜୟନ୍ତୀ ପାତ୍ର ଓ ବନ୍ଦନା ଜେନା ପ୍ରମୁଖ ସହଯୋଗ କରିଥିଲେ।



ମହିଳା ଦିବସ ସମାରୋହରେ ସ୍ୱୟଂ ସହାୟିକା ଗୋଷ୍ଠୀ କର୍ମକର୍ତ୍ତାଙ୍କୁ ସମ୍ମାନିତ କରାଯାଉଛି।

# ତାଲୁକ ଆଇନସେବା କମିଟି ପକ୍ଷରୁ ମହିଳା ଦିବସ

**ରାଉରକେଲା ଅଫିସ,୮।୩**

ଆନ୍ତର୍ଜାତୀୟ ମହିଳା ଦିବସ ଉପଲକ୍ଷେ ପାନପୋଷ ତାଲୁକ ଆଇନସେବା କମିଟି ଆନୁକୂଲ୍ୟରେ ଆନ୍ତର୍ଜାତୀୟ ମହିଳା ଦିବସ ସିଭିଲ କୋର୍ଟ ପରିସରରେ ପାଳିତ ହୋଇଯାଇଛି। ଏଥିରେ ପରିବାର ଅଦାଲତ ବିଚାରପତି ସତ୍ୟପୀର ମିଶ୍ର ଅଧକ୍ଷତା କରିଥିଲେ। ଏହି ଅବସରରେ ସେ ମହିଳା ବିଚାରପତି ଓ କର୍ମଚାରୀଙ୍କୁ ଶୁଭେଚ୍ଛା ଜଣାଇ ଥିଲେ। ମହିଳା ସଶକ୍ତିକରଣ, ସୁରକ୍ଷା, ଅଧିକାର ଉପରେ ମିଶ୍ର ଆଲୋକପାତ କରି ସାମାଜିକ ଉତ୍‌ଥାନରେ ଏହାର ଗୁରୁତ୍ୱ ରହିଛି ବୋଲି ମତ ପ୍ରକାଶ କରିଥିଲେ। ପରମ୍ପରା ଓ ବୈଦିକ ଯୁଗରୁ ମାତୃଶକ୍ତିକୁ ପ୍ରାଧାନ୍ୟ ଦେଇ ଆମେ ଆମ ସମାଜକୁ ବଳିଷ୍ଠ କରି ପାରିଛୁ। ନାରୀ ସ୍ୱତନ୍ତ୍ରତା, ସମ୍ମାନ ଓ ସମୃଦ୍ଧି ନେଇ ସେମାନଙ୍କ ଭାଗିଦାରୀକୁ ମିଶ୍ର ଉଚ୍ଚ ପ୍ରଶଂସା କରିଥିଲେ। ଏହି କାର୍ଯ୍ୟକ୍ରମରେ ଏସିଜେଏମ ସଦାଶିବ ଜେନା, ସିଭିଲ ଜଜ(ସିନିୟର ଡିଭିଜନ) ନରେଶ ମହାନ୍ତି, ଏସଡିଜେଏମ ଅଭୟ ଦାସ, ସିଭିଲ ଜଜ(ଜୁନିୟର ଡିଭିଜନ) ସ୍ୱପ୍ନସାଗରିକା ମିଶ୍ର, ଜେଏମ୍‌ଏଫ୍‌ସି(ରୁରାଲ) ବିଶ୍ୱକଳ୍ପିତା ମହାନ୍ତି, ଜେଏମ୍‌ଏଫ୍‌ସି ପରବିନ୍ ମଣ୍ଡଳ ଓ ଲିଙ୍କିପ୍ରିୟା ସାହୁ ପ୍ରମୁଖ ଯୋଗ ଦେଇଥିଲେ। ଏଥିରେ ଓକିଲ ସଂଘ ସଭାପତି ରମେଶ ବଳ, ଅନୁସୂୟା ପଣ୍ଡା, ପବିତ୍ର ଜେନା, ବୈଶାଳୀ ପୃଷ୍ଟି ଓ ଶ୍ରୀକାନ୍ତ ସାମଲ ପ୍ରମୁଖ ଉପସ୍ଥିତ ଥିଲେ।



ଶ୍ରଦ୍ଧାରୁ ଶାନ୍ତି ସୃଷ୍ଟି ହୁଏ। ଆତ୍ମ ସମୀକ୍ଷା କର, ନିରାଡ଼ମ୍ବର ହୁଅ। ବିବେକ ଓ ବିଚାର ଅସ୍ତ୍ରକୁ ପାଖେ ପାଖେ ରଖ। ତୁମର ବିଜୟ ସୁନିଶ୍ଚିତ।
- ସତ୍ୟସାଇ ବାବା



## ସଂକ୍ଷେପରେ

### ଆଲୋଚନାଚକ୍ର, କବିତା ପାଠୋତ୍ସବ

ଜାମଟିକ୍ରା, ୮।୩ (ଡି.ଏନ.ଏ)- ଅତାବିରା ବ୍ଲକ ସନ୍ଧ୍ୟା ତାରା ସାହିତ୍ୟ ସଂସଦ ତରଫରୁ ମାସିକ ଆଲୋଚନା ଚକ୍ର ଓ କବିତା ପାଠୋତ୍ସବ ଲରମ୍ବାଠାରେ ଗୁରୁବାର ଅନୁଷ୍ଠିତ ହୋଇଛି । ସାହିତ୍ୟ ସଂସଦ ସଭାପତି ନବୀନ ମିଶ୍ରଙ୍କ ପୌରୋହିତ୍ୟରେ ସାହିତ୍ୟିକ ମନୋଜ ପଧାନ ଅତିଥି ଭାବେ ଯୋଗଦେଇ ସାମ୍ପ୍ରତିକ ସମାଜରେ ଦେଖାଯାଉଥିବା ଅପସଂସ୍କୃତିକୁ ମଣିଷ ଆପଣେଇ ନେଉଛି ଏବଂ ସାହିତ୍ୟଠାରୁ ଦୂରେଇ ଯାଇ ନାନା କୁକର୍ମରେ ଲିପ୍ତ ହୋଇପଡୁଛି ବୋଲି ତାଙ୍କ ବକ୍ତବ୍ୟରେ କହିଥିଲେ । କବି ମନୀଷ କର୍ଣ୍ଣ ବକ୍ତା ଭାବେ ଯୋଗ ଦେଇଥିଲେ । ସାହିତ୍ୟ ସଂସଦ ସମ୍ପାଦକ ବିଜୟ ଚାନ୍ଦ ବିବରଣୀ ପାଠ କରିଥିଲେ । ଶେଷରେ କବିତା ପାଠୋତ୍ସବ ହୋଇଥିଲା । ଏଥିରେ ୨୦ଜଣ କବୟିତ୍ରୀ ଓ କବି ନିଜ ନିଜ କବିତା ପଠନ କରିଥିଲେ । ଶେଷରେ ବିନୋଦିନୀ ସା ଧନ୍ୟବାଦ ଅର୍ପଣ କରିଥିଲେ ।

### କୋଶଳ ସାହିତ୍ୟ କଳାପଟା ଉନ୍ମୋଚିତ

ପଦ୍ମପୁର, ୮।୩ (ଡି.ଏନ.ଏ.)- ପଦ୍ମପୁର ଅନ୍ତର୍ଗତ ବୁବୁଡା ସାଂସ୍କୃତିକ ଅନୁଷ୍ଠାନ ଦ୍ୱାରା କୋଶଳି ସାହିତ୍ୟ କଳାପଟାକୁ ପଦ୍ମପୁର ବିଧାୟକ ପ୍ରଦୀପ ପୁରୋହିତ ଉନ୍ମୋଚନ କରିଛନ୍ତି। କଳାପଟା ସାହିତ୍ୟର ସମ୍ପାଦକ ଯୁବ କବି ସୁରେନ୍ଦ୍ର ମେହେରଙ୍କ ସଂଯୋଜନା ଅନୁଷ୍ଠିତ ଏହି ଉତ୍ସବରେ ଯୁବ ତାରକା ସାଂସ୍କୃତିକ ପରିଷଦର ସଭାପତି ପ୍ରକାଶ ଚିନ୍ଦା, ନିହିର ସମ୍ପାଦକ ଭଗବାନ ମଲ୍ଲିକ, ଉପଦେଷ୍ଟା ରାଜେନ୍ଦ୍ର ମହାନ୍ତି, କିଶୋର ଚନ୍ଦ୍ର ଦାଶ ପ୍ରମୁଖ ଯୋଗଦେଇଥିଲେ । କାର୍ଯ୍ୟକ୍ରମ ଶେଷରେ ସମ୍ପାଦକ ସୁରେନ୍ଦ୍ର ମେହେର ଧନ୍ୟବାଦ ଅର୍ପଣ କରିଥିଲେ।

ଆଜି କ'ଣ କେଉଁଠି ସ୍ତମ୍ଭରେ କୌଣସି କାର୍ଯ୍ୟକ୍ରମ ସ୍ଥାନିତ କରିବାକୁ ଚାହୁଁଥିଲେ ସମ୍ପୂର୍ଣ୍ଣ ବିବରଣୀ ସହ ନିକଟସ୍ଥ ପ୍ରତିନିଧି କିମ୍ବା ଧରିତ୍ରୀ ମୁଖ୍ୟ କାର୍ଯ୍ୟାଳୟ ସହ ଯୋଗାଯୋଗ କରନ୍ତୁ।

### ପାନୀୟଜଳ ପ୍ରକଳ୍ପ ଉନ୍ନତୀକରଣର ଶୁଭାରମ୍ଭ

ବରଗଡ଼ ଅଫିସ୍, ୮।୩

ବରଗଡ଼ ବ୍ଲକ ଅଡ଼ଗାଁଠାରେ ପୁରୁଣା ପାନୀୟଜଳ ପ୍ରକଳ୍ପର ମରାମତି ଓ ଉନ୍ନତିକରଣ କାର୍ଯ୍ୟର ଶୁଭାରମ୍ଭ ହୋଇଛି। ଜିଲା ଯୋଜନା କମିଟି ଅଧ୍ୟକ୍ଷ ତଥା ବରଗଡ଼ ବିଧାୟକ ଦେବେଶ ଆଚାର୍ଯ୍ୟ ମୁଖ୍ୟଅତିଥି ଭାବେ ଯୋଗଦେଇ ଏହାର ଶୁଭାରମ୍ଭ କରିଥିଲେ । ସ୍ଥାନୀୟ ସରପଞ୍ଚ ରୀତା ସୁନାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ବରଗଡ଼ ବ୍ଲକ ଅଧ୍ୟକ୍ଷା ମଞ୍ଜୁ ପଣ୍ଡା, ବିଜେଡ଼ି ନେତା ଆନନ୍ଦ ପୂଜାରୀ, ଗଜରାଜ ବିଶି, ମୀନକେତନ ମଲ୍ଲିକ, ଦୁର୍ଗା ଭୋଇ, ନେପାଳ ପଟେଲ, କଳାକାହ୍ନୁ ପ୍ରଧାନ, ସପ୍ତା ପାତ୍ର ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦାନ କରିଥିଲେ ।

---

■ ଭାଲୁପତ୍ରା କାର୍ଟୁନ ବୋମା ବିସ୍ଫୋରଣ ଘଟଣା

# ୯ ମାସ ପରେ ବି ପୋଲିସ ହାତ ଖାଲି

ସରଣ୍ଡା, ୮।୩ (ଡି.ଏନ.ଏ.)

୨୦୧୮ ଜୁଲାଇ ୭ତାରିଖରେ ବରଗଡ଼ ଜିଲା ଅତାବିରା ଥାନା ଭାଲୁପତ୍ରା ଗ୍ରାମରେ ସଂଘଟିତ କାର୍ଟୁନ ବୋମା ବିସ୍ଫୋରଣ ଘଟଣାକୁ ବୁଧବାର ୯ମାସ ପୂରିଛି। ପୋଲିସ ଏହି ଘଟଣାର ତଦନ୍ତ କରୁଥିଲେ ମଧ୍ୟ ଏଯାଏ ରହସ୍ୟ ଉନ୍ମୋଚନ କରିପାରିନାହିଁ। ସେପଟେ ଅଭିଯୁକ୍ତ ଧରାପଡି ନ ଥିବାରୁ ବିସ୍ଫୋରଣର ଶିକାର ହୋଇଥିବା ପରିବାର ଭୟଭୀତ ଅବସ୍ଥାରେ ରହିଛନ୍ତି। ଅଭିଯୁକ୍ତ ଗିରଫ ହୋଇ ନ ଥିବାରୁ ଏବେ ବି ତାଙ୍କ ଜୀବନ ପ୍ରତି ବିପଦ ରହିଛି । ୪ ମାସ ପୋଲିସ ସୁରକ୍ଷା କର୍ମୀ ନିୟୋଜିତ କରିବା ପରେ ତାକୁ ପରେ ହଟାଇ ଦିଆଯାଇଛି । ବିସ୍ଫୋରଣରେ ଆହତ ନାଗଭୂଷଣଙ୍କ ବାମ ଆଖି ନଷ୍ଟ ହୋଇଥିବାରୁ ଆଉ ଚାଷ କାର୍ଯ୍ୟ କରି ପାରୁନାହାନ୍ତି । ସରକାରଙ୍କ ପକ୍ଷରୁ ଚିକିତ୍ସା ଖର୍ଚ୍ଚ ଯୋଗାଇ ଦିଆଯିବ ବୋଲି ପ୍ରତିଶ୍ରୁତି ଦିଆଯାଇଥିଲେ ମଧ୍ୟ ଟଙ୍କାଟିଏ ବି ମିଳିନାହିଁ । ଆଗକୁ ପିଲାମାନଙ୍କ ପଢ଼ା ସହ ତାଙ୍କ ଚିକିତ୍ସା ଖର୍ଚ୍ଚକୁ ନେଇ ସେମାନେ ଚିନ୍ତିତ ଥିବା ନାଗଭୂଷଣଙ୍କ ସ୍ତ୍ରୀ ସନ୍ଧ୍ୟାରାଣୀ ପ୍ରକାଶ କରିଛନ୍ତି।



ଭାଲୁପତ୍ରା କାର୍ଟୁନ ବୋମା ବିସ୍ଫୋରଣରେ ଆଖି ହରାଇଥିବା ନାଗଭୂଷଣ ପତ୍ନୀଙ୍କ ସହ।

#### ସେମାନଙ୍କ ମୁହଁରୁ...

"ସ୍ଥାନୀୟ ପୋଲିସ ଜାଣିଶୁଣି ଏଠାରେ ଅପରାଧ ବଢ଼ାଉଛି । ଏ ଅଞ୍ଚଳରେ ଜୁଆ, ସଟ୍ଟା, ମଦ କାରବାର ବଢ଼ିବାରେ ଲାଗିଛି । ୯ମାସ ମଧ୍ୟରେ ଏପରି ୩ଟି ବିସ୍ଫୋରଣ ଅତାବିରା ଥାନା ଅଞ୍ଚଳରେ ହୋଇଥିବା ସତ୍ତ୍ୱେ ପୋଲିସ ଅଭିଯୁକ୍ତମାନଙ୍କୁ ଗିରଫ କରିବାରେ ବିଫଳ ହେବା ଦୁଃଖଦାୟକ । ଏହାର ଉଚ୍ଚସ୍ତରୀୟ ତଦନ୍ତ ହେଲେ ସତ୍ୟାସତ୍ୟ ଜଣାପଡ଼ିବ ଏବଂ ଆଗାମୀ ଦିନରେ କ୍ରାଇମ୍ ରୋକି ହେବ ।

-ମିଳନ ସେଠ୍, ଭାଜପା ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ

"ଏତେ ବଡ଼ ଘଟଣା ଘଟିଥିବା ସତ୍ତ୍ୱେ ଆଜି ଯାଏଁ କେହି ଧରା ନ ପଡ଼ିବା ସରକାର ଓ ତାଙ୍କ ପୋଲିସ ପୁରାପୂରି ଅପାରଗ ବୋଲି ଜାଣିବା କଥା । ଏହି ଘଟଣାର ତଦନ୍ତ କ୍ରାଇମ୍ବ୍ରାଞ୍ଚ ଅଥବା ସିବିଆଇକୁ ହସ୍ତାନ୍ତର କରାଯାଉ । ଅଭିଯୁକ୍ତ ଗିରଫ ନ ହେଲେ କଂଗ୍ରେସ ରାଜରାସ୍ତାକୁ ଓହ୍ଲାଇବ ।

-ନିହାର ରଞ୍ଜନ ମହାନନ୍ଦ, ପୂର୍ବତନ ବିଧାୟକ

"ଏହି ଘଟଣା ବହୁ ଦୁଃଖଦାୟକ । ଗ୍ରାମାଞ୍ଚଳକୁ ଆସି ଏପରି ଭାବେ କ୍ରାଇମ୍ କରିବା ଯୋଗୁ ଜନଜୀବନ ପ୍ରତି ବିପଦ ବଢ଼ୁଛି ।

-ଡ଼. ପ୍ରଭାସ ସିଂ, ଏମ୍ପି

"ଏସ୍‌ଡ଼ିପିଓ ଓ ଅତାବିରା ଆଇଆଇସିଙ୍କ ସହ ଭାଲୁପତ୍ରା ବୋମା ବିସ୍ଫୋରଣ ଘଟଣା ଉପରେ ଆଲୋଚନା ହେବ । ଆହତ ନାଗଭୂଷଣ ମୁହଁ ଖୋଲୁ ନ ଥିବାରୁ ତଦନ୍ତ ଆଗକୁ ବଢ଼ିପାରୁନାହିଁ । ଆପରାଧିକ କାର୍ଯ୍ୟରେ ସମ୍ପୃକ୍ତ ଅଭିଯୁକ୍ତଙ୍କୁ ନିଶ୍ଚୟ ଗିରଫ କରାଯିବ ।

-ମୁକେଶ କୁମାର ଭାମୁ, ବରଗଡ଼ ଏସ୍‌ପି

---



## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଦୂର ପରବତ ସୁନ୍ଦର**
**ଦୂର ବନ୍ଧୁ ସୁନ୍ଦର ।**

ପର୍ବତ ଦୂରରୁ ଭାରି ଶାଗୁଆ, ଗଛପତ୍ର ଭରି ରହିଥିବା ଭଳି ସୁନ୍ଦର ଦିଶେ । କିନ୍ତୁ ପାଖକୁ ଗଲେ କେତେ ଖାଲ ଖାବୁଡ଼ା, ଟାଙ୍ଗରା ପଥୁରିଆ, ନାନା ଜାତି ହିଂସ୍ର ଜୀବଜନ୍ତୁ ଥିବା ଇତ୍ୟାଦି ଜଣାପଡ଼େ। ସେହିପରି ଦୂରବନ୍ଧୁ କଦବା କ୍ୱଚିତ ଘରକୁ ଆସନ୍ତି। ତାଙ୍କ ଭଲ ମନ୍ଦ ତଥା ତାଙ୍କ ଘରର ଗୁମର ସହଜରେ ଜଣା ପଡ଼ି ନ ଥାଏ। ଦୂରରେ ରହିଥିବା ହେତୁ ଉକ୍ତ ବନ୍ଧୁଙ୍କ ସ୍ୱଭାବ, ବ୍ୟବହାର ବେଶ୍ ସୁନ୍ଦର ବା ଭଲ ଲାଗୁଥିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

**ଦିଆକୁ ଦିଆ**
**ଅଦିଆକୁ ଦୁଆର ଦିଆ ।**

ଦେବା ଲୋକକୁ ସମସ୍ତେ ସ୍ୱାଗତ କରିଥାନ୍ତି। କିଛି ଅସୁବିଧାର ସମ୍ମୁଖୀନ ହେଲେ ଦେଉଥିବା ବ୍ୟକ୍ତି ପ୍ରତି ସମବେଦନା ଜ୍ଞାପନ କରିଥାନ୍ତି। ଭଲରେ ମନ୍ଦରେ ସାହାଯ୍ୟ କରିବାକୁ ଆଗେଇ ଆସିଥାନ୍ତି। କିନ୍ତୁ ଯିଏ କେବେ ଦିଏ ନାହିଁ, ଦେବାକଥା ପଡ଼ିଲେ ମୁହଁ ବୁଲାଇଦିଏ ତାକୁ କେହି କେବେ ପସନ୍ଦ କରି ନ ଥାନ୍ତି। ପରୋପକାରୀ ହୋଇ ନ ଥିବା ହେତୁ ତାଙ୍କ ପ୍ରତି କେହି ସହାନୁଭୂତି ଦେଖାଇବାକୁ ଉଚିତ ମଣୁ ନ ଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ରୂଢ଼ି ପ୍ରୟୋଗ
-ଏ.କେ. ମିଶ୍ର ପବ୍ଲିଶର୍ସ ପ୍ରା.ଲି.

---

# ୧୫ରୁ ଆମରଣ ଅନଶନ, ନାଇଁହେଲେ ଆତ୍ମାହୁତି

#### ନିଏ ପାଏବାରୁ ବଂଚିତ ମଙ୍ଗଳ

ଝାରବନ୍ଧ, ୮।୩ (ଡି.ଏନ.ଏ)

ଆଇନର ଆଶ୍ରେ ନେଇ ଗଲା ୫ ବଛର ହେଲା ଧରୟ୍ ଧରି ଟାକିଛନ୍। ତାରିଖ ଉପରେ ତାରିଖ ହେଉଛେ। ଇ ଅଫିସରୁ ସେ ଅଫିସ ନରଦି ନରଦି ଶେଷେ ନିରାଶ ହେବାକେ ପଡ଼ିଛେ, ଦିନୁ ଦିନ୍‌କେ ମାନସିକ୍ ସଁତୁଳନ ହରେଇ ବସୁଛନ୍। ଏନ୍‌ତାଥି ଏସପି ଅଫିସ ଆଘେ ଆମରଣ ଅନଶନ କରି ଆତ୍ମାହୁତି ଦେବାକେ ସେ ଥଏ କରିଛନ୍। ଏନ୍‌ତା ଗୁଟେ ଘଟନା ଘଟିଛେ ବରଗଡ଼ ଜିଲା ଝାରବନ୍ଧ ବ୍ଲକ ଜାମପାଲି ଗାଁର ଝନେ ଯୁବକ ମଙ୍ଗଳ ପ୍ରସାଦ ପ୍ରଧାନକଁର ପକ୍ଷେ। ଇ ବାବ୍‌ଦେ ସେ ମାନବାଧିକାର କମିଶନର, ଆରଡିସି ସମ୍ବଲପୁର, ଜିଲାପାଳ ବରଗଡ଼, ମୁଖ୍ୟମନ୍ତ୍ରୀ ଆର ଏସପି ବରଗଡ଼କୁଁ ଲିଖିତ ଜନେଇଛନ୍।

ସୂଚନା ହିସାବେ ଗଲା ୨୦୧୫ରେ ତାକର ରୟତି ଜମିରେ ଘର ତିଆରି କରୁଥିଲେ। ଘରଟା ଅଧାପନତରିଆ ହେଇଥିଲାବେଲେ ତାକର ଘର ଆଘର ସରବ୍‌ସାଧାରନ୍ ରାସ୍‌ତାକେ ଗାଁର ଲତା ସୁନା ଆର ତାକର ଆପନେ ପୁରନ ସୁନା ଯୋରଜବରାନ ଦଖଲ କରିଛନ୍। ଦୁଇ ମାଏଝି ମୁନୁଷ୍ ରାସ୍‌ତାଟାକେ ପୂରାପୂରି ବଁଦ୍ କରିଦେବାର ଲାଗି ପ୍ରଧାନ ଘରଭିତିରକେ ଯାଇଆସି ନାଇଁପାରବାର। ସେ ସମିଆରୁ ମଙ୍ଗଳ ଥାନା ଆର ରାଜସ୍ୱ ବିଭାଗରେ ଅଭିଯୋଗ କରିଥିଲେ। ପଦ୍ମପୁର ଉପଜିଲାପାଳକଁର ନିରଦେଶରେ ଝାରବନ୍ଧ ତହସିଲଦାର ସେ ଠାନ୍‌ଟାକେ ସରବ୍‌ସାଧାରନ୍ ଜାଗା ବଲି ଚିନ୍‌ହଁଟ କରିଛନ୍। ଚିନ୍‌ହଁଟ ହେଲା ଉତାରୁ ୪ ଥର ଜବରଦଖଲ ଉଛେଦ ଲାଗି ନିରଦେଶ ହେଇଛେ। ହେଲେ ଉପଜିଲାପାଳକଁର ନିରଦେଶ କାଯ୍‌କାରୀ ନାଇଁହେବାର। କେଭେ ରାଜସ୍ୱ ବିଭାଗ ପାସେ ସମିଆ ନାଇଁ ତ ଆର କେଭେ ପୁଲିସ ପାସେ ସମିଆ ନାଇଁ ବଲି ମଙ୍ଗଳକୁଁ ଫିରେଇ ଦିଆଯାଉଛେ। ବଡ଼ଭାରି ହିସାବେ ପୁଲିସ ଅସହଯୋଗ କରୁଥିବାର କହିଛନ୍ ମଙ୍ଗଳ। ରାଜସ୍ୱ ବିଭାଗ ତରଫୁ ଜବରଦଖଲ ଉଛେଦ ଲାଗି ପୁଲିସକେ ଚିଠି ହେଇଥିଲେ ବି ପୁଲିସ ମୁହୁଁ ମୁଡ଼ି ଆଇନ୍ କାନୁନକେ ଅସନ୍‌ମାନ କରୁଥିବାର ଚରଚା ହେଉଛେ। ଏନ୍‌ତାଥି ମଙ୍ଗଳ ଉପେ ଶୂଇନ୍ ହେଇ ଆଏବାର ୧୫ ତାରିଖ୍‌ରୁ ଆମରଣ ଅନଶନ କରବାର ସଂଗେ ନାଇଁହେଲେ ଆତ୍ମାହୁତି ଦେମି ବଲି ସେ କହିଛନ୍।

---

# ବିଭିନ୍ନ ସଙ୍ଗଠନ ତରଫରୁ ଆନ୍ତର୍ଜାତିକ ମହିଳା ଦିବସ ପାଳିତ

ଦେବଗଡ,୮।୩ (ସ୍ୱ.ପ୍ର.)

ଜିଲାର ବିଭିନ୍ନ ସଙ୍ଗଠନ ତରଫରୁ ଶୁକ୍ରବାର ଆନ୍ତର୍ଜାତିକ ମହିଳା ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ବାରକୋଟ ବ୍ଲକର କାଦୋପଡା ପଞ୍ଚାୟତର ମସିନ୍ତା ଗ୍ରାମରେ ସଂଗ୍ରାମୀ ମହିଳା ସଙ୍ଗଠନ ତରଫରୁ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ପ୍ରାଉଟିଷ୍ଟ ବ୍ଲକ ଇଣ୍ଡିଆର ସମାଜ ଆନ୍ଦୋଳନ ସଚିବ ଡୋଳାର ଭୋଇ ଯୋଗଦେଇଥିଲେ। ସାମାଜିକ କର୍ମୀ ହୃଷିକେଶ ସାହୁ, ଜଗନ୍ନାଥ ପେଣ୍ଠେଇ ଉପସ୍ଥିତ ଥିଲେ । ଅତିଥିମାନେ ନିଜ ବକ୍ତବ୍ୟରେ ଆଜିର ସମାଜରେ ମହିଳା କିଭଳି ଭାବରେ ଶୋଷିତ, ନିର୍ଯାତିତ, ଅପମାନିତ ନ ହେବ ତାର ଅଧିକାରରୁ ବଞ୍ଚିତ ନ ହେବା ଆଦି ବିଷୟରେ ଆଲୋଚନା କରିଥିଲେ । ବିଶେଷକରି ଏହି ଦିବସ ଉପଲକ୍ଷେ ଗ୍ରାମରେ ଏକ ଶୋଭାଯାତ୍ରା ପୂର୍ବକ ଭୃଣ ହତ୍ୟା, ଯୌତୁକ ନିର୍ଯାତନା, ନିଶା ନିବାରଣ, ମହିଳାଙ୍କୁ କିଭଳି ସ୍ୱାବଲମ୍ବି କରିବା ସେ ଦିଗରେ ସଚେତନାତ୍ମକ ସ୍ଲୋଗାନ ସହ ଶୋଭାଯାତ୍ରା କରି ଗ୍ରାମ ପରିକ୍ରମା କରାଯାଇଥିଲା। ସେହିପରି ରିଆମାଳର ମହିଳା ସଂଘ ଓ ନେହେରୁ ଯୁବ କେନ୍ଦ୍ରର ମିଳିତ ସହଯୋଗରେ ବିଶ୍ୱ ମହିଳା ସିବସ ପାଳନ କରାଯାଇଥିଲା । ଏଥିରେ ଯୁବ କେନ୍ଦ୍ରର ସଂଯୋଜକ ପ୍ରଦୀପ ବିଶ୍ୱାଳଙ୍କ ସଂଯୋଜନାରେ ସମିତି ସଭ୍ୟା ଗାନ୍ଧୀଚରଣ ନାୟକ ମୁଖ୍ୟଅତିଥି, ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ରମାକାନ୍ତ ପ୍ରଧାନ, ଅଧ୍ୟାପକ ଗୋଲବଦନ ବିଶ୍ୱାଳ, ପୂର୍ବତନ ସରପଞ୍ଚ ଭବାନୀ ବିଶ୍ୱାଳ ପ୍ରମୁଖ ଯୋଗଦେଇ ଏହି ଦିବସର ତାତ୍ପର୍ଯ୍ୟ ତଥା ସମାଜ ଗଠନରେ ମହିଳାଙ୍କର ଭୂମିକା ସମ୍ପର୍କରେ ଆଲୋକପାତ କରିଥିଲେ । ସଂଘର ସଭ୍ୟା ଗୋମତି ପ୍ରଧାନ ଅତିଥି ପରିଚୟ ପ୍ରଦାନ କରିଥିବାବେଳେ ବାସନ୍ତୀ ଦାଶ ଧନ୍ୟବାଦ ଦେଇଥିଲେ ।




ଦେବଗଡ଼ରେ ମହିଳା ଦିବସରେ ଶୋଭାଯାତ୍ରା।

---

ଜିଲା ଆଇନ୍ ସେବା ପ୍ରାଧିକରଣ ପକ୍ଷରୁ ବିଶ୍ୱ ମହିଳା ଦିବସ ପାଳିତ

# ମହାବିଦ୍ୟାଳୟ ପରିସରରେ ଆଇନ୍‌ସାକ୍ଷରତା ଶିବିର



ମହିଳା କଲେଜ ପରିସରରେ ଆୟୋଜିତ ଶିବିରରେ ଉପସ୍ଥିତ ଅତିଥି ବୃନ୍ଦ ଏବଂ ଛାତ୍ରୀ।

ଦେବଗଡ,୮।୩ (ସ୍ୱ.ପ୍ର.)

ଜିଲା ଆଇନ୍ ସେବା ପ୍ରାଧିକରଣ ଦେବଗଡ ତରଫରୁ ବିଶ୍ୱ ମହିଳା ଦିବସ ଶୁକ୍ରବାର ପାଳିତ ହୋଇଯାଇଛି । ଏହି ଅବସରରେ ଦେବଗଡ ଯୁକ୍ତ ୩ ଡିଗ୍ରୀ ମହିଳା ମହାବିଦ୍ୟାଳୟ ପରିସରରେ ନାରୀମାନଙ୍କ ପାଇଁ ଉଦିଷ୍ଟ ବିଭିନ୍ନ ଆଇନ୍ ବିଷୟରେ ଏକ ସାକ୍ଷରତା ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି ଶିବିରରେ ସିଜେଏମ୍ ଇତିଶ୍ରୀ ମାଳବିକା ଭୂୟାଁ, ଜିଲା ଆଇନ୍ ସେବା ପ୍ରାଧିକରଣର ସମ୍ପାଦକ ପ୍ରିୟରଞ୍ଜନ ମିଶ୍ର, ଡିଏସ୍‌ପି. ରବୀନ୍ଦ୍ର କୁମାର ରାଉତ, ପି.ସି. ପି.ଏନ୍.ଡି.ଟି.ର କୋଡିନେଟର୍ ପ୍ରିୟଦର୍ଶିନୀ ବିଶ୍ୱାଳ ଉପସ୍ଥିତ ରହି କଲେଜର ଛାତ୍ରୀମାନଙ୍କୁ ପ୍ରାକ୍ ଗର୍ଭଧାରଣ ଓ ପ୍ରାକ୍ ପ୍ରସୂତି ନିଦାନ କୌଶଳ ( ଲିଙ୍ଗ ଚୟନ ନିଷେଧ) ଅଧିନିୟମ ୧୯୯୪, ପୀଡିତା କ୍ଷତିପୂରଣ ଯୋଜନା ଓ ମହିଳାମାନଙ୍କ ନିମନ୍ତେ ଉଦିଷ୍ଟ ଆଇନ୍ ବିଷୟରେ ଆଲୋକପାତ କରିଥିଲେ। ମିଶ୍ର ଛାତ୍ରୀମାନଙ୍କୁ ବୁଝାଇଥିଲେ ଯେ, ଲିଙ୍ଗ ଚୟନ ଏକ କୁପ୍ରଥା ଯାହାଦ୍ୱାରା ଗର୍ଭସ୍ଥ ଭୃଣର ଲିଙ୍ଗ ନିରୂପଣ କଲାପରେ କନ୍ୟା ଭୃଣଥିଲେ ତାକୁ ନଷ୍ଟ କରିଦିଆଯାଏ । ଏହି ଗର୍ଭ ନିରୂପଣ ପଦ୍ଧତି ର ଅପବ୍ୟବହାର କୁ ରୋକିବା ପାଇଁ ୧୯୯୪ ମସିହାରେ ଏକ ଅଧିନିୟମ ପ୍ରଣୟନ କରାଯାଇଥିଲା । ଏହା ପୁଣି ୨୦୦୨ ମସିହାରେ ସଂଶୋଧିତ ହୋଇ ୨୦୦୩ , ଫେବୃଆରୀ ୧୪ ତାରିଖ ଠାରୁ ପରିବର୍ତ୍ତିତ ଅଧିନିୟମ ରୂପେ ଲାଗୁ ହୋଇ କାର୍ଯ୍ୟ କରୁଛି । ଶିଶୁ ଜନ୍ମ ହେବା ତାରିଖ ଜାଣିବା, କେତୋଟି ଶିଶୁ ଗର୍ଭରେ ଅଛନ୍ତି ଜାଣିବା, ଗର୍ଭଜନିତ ରୋଗ ବିଷୟରେ ଜାଣିବା, ବାରମ୍ବାର ଗର୍ଭପାତର କାରଣ ଜାଣିବା ପାଇଁ ଅଲଟ୍ରାସାଉଣ୍ଡ ବ୍ୟବହାର କରାଯାଏ । କିନ୍ତୁ ଏତଦ୍ ବ୍ୟତୀତ ଅଲଟ୍ରାସାଉଣ୍ଡ ରେଲିଙ୍ଗ ନିରୂପଣ କରି ଗର୍ଭପାତ କରାଇବା ଆଇନ୍‌ଗତ ଦଣ୍ଡନୀୟ। ପ୍ରଥମ ଥର ଦୋଷୀ ସାବ୍ୟସ୍ଥ ବ୍ୟକ୍ତିଙ୍କୁ ୧୦,୦୦୦/- ଟଙ୍କା ଓ ୩ ବର୍ଷ ଜେଲ୍ ଦଣ୍ଡ କରାଯାଏ । ୨ୟ ଥର ଦୋଷ ପାଇଁ ୧ ଲକ୍ଷ ଓ ୫ ବର୍ଷ ଜେଲ୍ ଦଣ୍ଡ ବ୍ୟବସ୍ଥା ଅଛି । ସେହିପରି ଜଣେ ମହିଳାଙ୍କୁ ସୂର୍ଯ୍ୟାସ୍ତ ପରେ ଏବଂ ସୂର୍ଯ୍ୟୋଦୟ ପୂର୍ବରୁ ଗିରଫ କରାଯିବ ନାହିଁ । କୌଣସି ମହିଳାଙ୍କ ଶରୀରର ଡାକ୍ତରୀ ମାଇନା କେବଳ କୌଣସି ପଞ୍ଜିକୃତ ମହିଳା ଡାକ୍ତର ଅଥବା ତାଙ୍କ ତତ୍ତ୍ୱାବଧାନରେ କରାଯିବାର ବ୍ୟବସ୍ଥା ଅଛି। ଉକ୍ତ କାର୍ଯ୍ୟକ୍ରମରେ କଲେଜର ଅଧ୍ୟକ୍ଷା ତନ୍ମୟୀ ମହାନ୍ତିଙ୍କ ସମେତ ଅନ୍ୟ କର୍ମକର୍ତ୍ତା ପ୍ରମୁଖ ବିଶେଷ ସହଯୋଗ କରିଥିଲେ ।

---

ସଁକଟରେ ୪ ବଛରିଆ ଛୁଆର ଜୀବନ୍

# ଅଜନା ରୋଗ୍‌ରେ ପୀଡ଼ିତ ରିକ୍‌ସା

ଅତାବିରା, ୮।୩ (ଡି.ଏନ.ଏ)

ଭେଡ଼େନ ବ୍ଲକ ମାନୁପୁର ପଁଚେତ୍ କମଗାଁର ରାଜକୁମର ନାଏକକଁର ସାନ ଝି ରିକ୍‌ସା(୪)। ସେ ଜନମ ପରେ କେହେନ୍‌ସି ଗୁଟେ ଅଜନା ରୋଗ୍‌ରେ ପୀଡ଼ିତ ହେଇ ଖଟେ ପଡ଼ିରହିଛନ୍। ପରିବାରଟା ନିହାତି ଗରିବ୍ ହେଇଥିଲାବେଲେ ସବୁବେଲେ ଅଭାବ ଅନାଟନ ଲାଗି ରହୁଛେ। ଏନ୍‌ତାଥି ରାଜକୁମର ଝି' ରିକ୍‌ସାର ଚିକିତ୍ସା ଠିକ୍‌ରେ କରେଇ ନାଇଁପାରବାର। ଧାର ଉଧାର କରି ଯାହାପାରଲେ ଚିକିତ୍ସା କରି ନିରାଶ ହେଇଯାଇଛନ୍। ଏହେଦେ ପରିବାରଟା ନିଜର ଭାଏଗ୍‌କେ ଆଦ୍‌ରି ଝି'ର ଦୁଖ୍ ଦେଖୁଛନ୍।

୨୦୧୪ସାଲେ ରିକ୍‌ସା ଯେତେବେଲେ ଜନମ୍ ହେଲେ ପରିବାରରେ ଖୁସିର ଲହର ଖେଲିଯାଇଥିଲା। ହେଲେ ପଛେ ରିକ୍‌ସା ଯେତେବେଲେ ରୋଗ୍‌ରେ ପଡ଼ଲେ ପରିବାର ଲୁକ୍‌କର ମୁହୁଁରୁ ପାଏନ୍ ଉଡ଼୍‌ରିଗଲା। ରାଜକୁମରକଁର ପରିବାର କହେଲେ ମାଏକିନା ସତ୍ୟଭାମା(୩୬), ଝି' ଲିଜା(୧୮), ପୁଓ ନିପୁନ(୧୦) ଆର ବୁଢ଼ୀ ମା' ବିଶାଖା(୭୫)କୁଁ ନେଇ ସୁଖର ସଁସାର। ନିଜର ଜମିବାଡ଼ି, ଘରଦୁଆର ନାଇଁଥିବାର ଲାଗି ପରିବାରଟା ପଡ଼ିଶା ଘରେ ଆଶ୍ରେ ନେଇଛନ୍। ସଖାଲ ପାଏଲେ ଦୁଇ ମାଏଝି ମୁନୁଷ ବାହା ଜାଂଗଲ ମାଜି ପରିବାରର ପେଟ ପାଲୁଛନ୍। ସରକାରୀ ସାହାଯ୍ କହେଲେ ପରିବାର ରାଶନ କାର୍ଡରେ ପାଉଥିବାର ୩୫ କେ.ଜି. ଚାଉଲ। ସେନ୍‌ତା ରାଜକୁମର ୨୦୧୮ ସାଲେ ବିଜୁ ପକ୍କାଘର ଯୋଜନାରେ ଘରଖଁଡ଼େ ପାଇଛନ୍ ସତ୍, ହେଲେ ସେଟା ବି କେହେନ୍‌ସି କାରନ୍‌ରୁ ଦରଖଁଡ଼ିଆ ହେଇ ପଡ଼ିରହିଛେ। ଏନ୍‌ତାଥି ଝି'ର ଚିକିତ୍ସା କରବାକେ ରାଜକୁମର ପାସେ ସମ୍‌ବଲ ନାଇଁ। ଥାନୀୟ ପରଶାସନ ଇ ଗରିବ୍ ପରିବାର ଉପରେ ଦୁରୁଷ୍‌ଟି ଦେଇ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ବୀମା ଯୋଜନାରେ ସାମିଲ କରବାର ସଂଗେ ରିକ୍‌ସାକେ ଚିକିତ୍ସା ସାହାଯ୍ ଯୁଗେଇ ଦେବାକେ ସାଧାରନରେ ଦାବି ହେଉଛେ। ଇ ବାବ୍‌ଦେ ଭେଡ଼େନ ବ୍ଲକ ବିଡିଓକୁଁ ପଚରାଲାରୁ ସରକାରୀ ହିସାବେ ଯାହା ହେଇପାରବା ମୁଇଁ ସାହାଯ୍ ଯୁଗେଇ ଦେମି ଆର କମଗାଁକେ ନିଜେ ଯାଇ ଇ ଦୁଖି ପରିବାରକେ ଭେଟମି ବଲି ସେ କହିଥିଲେ।



ଅଜନା ରୋଗ୍‌ରେ ପୀଡ଼ିତ ରିକ୍‌ସା ଅଈର କୁଲେ ବସିଛନ୍।

---

# ସୌନ୍ଦର୍ଯ୍ୟକରଣ ପାଇଁ ବୃକ୍ଷରୋପଣ

ବେଲପାହାଡ଼,୮।୩ (ଡି.ଏନ୍.ଏ.)

ଝାରସୁଗୁଡ଼ା ଜିଲା ବେଲପାହାଡ଼ ସହରର ସୌନ୍ଦର୍ଯ୍ୟକରଣ ପାଇଁ ଏବେ ମୁଖ୍ୟ ରାସ୍ତା ମଝିରେ ବୃକ୍ଷରୋପଣ କରାଯାଉଛି । ଏହି କ୍ରମରେ ରାସ୍ତା ମଝିରେ ନିର୍ମାଣ ହୋଇଥିବା ଡ଼ିଭାଇଡ଼ରରେ ଫୋକ୍ସଟାଲ ପାମ୍‌ଗଛ ଲଗାଯାଉଛି । ଶୁକ୍ରବାର ଆନ୍ତର୍ଜାତିକ ମହିଳା ଦିବସ ଅବସରରେ ଫାଟକ ନିକଟରେ ବୃକ୍ଷ ରୋପଣ ଅଭିଯାନ ପାଇଁ ଭୂମି ପୂଜା କରାଯାଇଥିଲା । ଏଥିରେ ସାମାଜିକ କର୍ମୀ ରତ୍ନପର୍ଣ୍ଣା ମହାନ୍ତି ଯୋଗଦେଇଥିଲେ । ଉକ୍ତ କାର୍ଯ୍ୟକ୍ରମରେ ପୌରାଧ୍ୟକ୍ଷ ପର୍ଶୁରାମ ସାହୁ, ନିର୍ବାହୀ ଅଧିକାରୀ ଲୋକନାଥ କୁମାର ତିୱାରୀ, ନାରୀ ନେତ୍ରୀ ପାର୍ବତୀ ବେହେରା, କାଉନସିଲର ରଞ୍ଜିତା ବିଶ୍ୱାଳ, ଦିଲୀପ କୁର୍ମୀ ଓ ଟିଆର୍‌ଏଲ କ୍ରୋସାକି ଲୋକସମ୍ପର୍କ ଅଧିକାରୀ ଶଶାଙ୍କ ଦୀକ୍ଷିତଙ୍କ ସମେତ ପୌର କର୍ମଚାରୀ ଯୋଗ ଦେଇଥିଲେ। ଶୁକ୍ରବାର ବେଲପାହାଡ଼ - ଗୁମାଡ଼େରା ମୁଖ୍ୟ ରାସ୍ତା ମଧ୍ୟରେ ପାମ୍ ଗଛ ଲଗାଯାଇଛି । ପ୍ରାୟ ୨୫୦ଟି ପାମ୍‌ଗଛ ଲଗାଯିବ ବୋଲି ପୌର ନିର୍ବାହୀ ଅଧିକାରୀ ପ୍ରକାଶ କରିଛନ୍ତି । ତେବେ ଯେଉଁ କାମ ବର୍ଷାଦିନରେ ହେବା କଥା ତାହା ଏବେ କିପରି କରାଯାଉଛି ବୋଲି ସ୍ଥାନୀୟ ଲୋକେ ପ୍ରଶ୍ନ କରିଛନ୍ତି ।




ବୃକ୍ଷରୋପଣ ପାଇଁ ଭୂମିପୂଜା କରାଯାଉଛି।



ଭବିଷ୍ୟତ ଯେତେ ମନୋହର ହେଲେ ମଧ
ସେଥିରେ ଅଯଥା ଆସ୍ଥା ରଖନାହିଁ।
- ହେନେରୀ ଓ୍ୱର୍ଡ୍ସଓ୍ୱର୍ଥ ଲଙ୍ଗ୍‌ଫେଲୋ।



## ସଂକ୍ଷେପରେ

### ୪ ଚକିଆ ଗାଡି ସହିତ ବାଇକ ଧକ୍କା: ବାଇକ ଆରୋହୀ ଗୁରୁତର

ବାଲିଶଙ୍କରା, ୮।୩ (ଡି.ଏନ.ଏ)- ତଲସରା ଥାନା ଅନ୍ତର୍ଗତ ବାଲିଶଙ୍କରା ଉଚ୍ଚ ବିଦ୍ୟାଳୟ ନିକଟ ରାସ୍ତାରେ ଦୁର୍ଘଟଣା ଘଟିଛି। ୪ ଚକିଆ ଗାଡି ଧକ୍କାରେ ବାଇକ୍ ଆରୋହୀ ଗୁରୁତର ହୋଇ ଚିକିତ୍ସିତ ହେଉଛନ୍ତି। ରେଙ୍ଗାଲ ମୁଣ୍ଡାର ପ୍ରେମାନନ୍ଦ ଚୌହାନ ବାଇକ ଯୋଗେ ସବଡେଗା ପଟକୁ ଯାଉଥିବାବେଳେ ବିପରିତ ପଟୁ ୪ ଚକିଆ ଗାଡି ଧକ୍କା ଦେଇ ଫେରାର ହୋଇଯାଇଛି। ସେ ଗୁରୁତର ହୋଇଛନ୍ତି। ତାଙ୍କୁ ଚିକିତ୍ସା ପାଇଁ ସୁନ୍ଦରଗଡ଼ ଡ଼ାକ୍ତରଖାନା ନିଆଯାଇଛି।

### ଗୋପାଳପୁର ଲ୍ୟାମ୍ପ୍ସର ବାର୍ଷିକ ସାଧାରଣ ସଭା

ହେମଗିର, ୮।୩ (ଡି.ଏନ.ଏ)- ଗୋପାଳପୁର ଲ୍ୟାମ୍ପ୍ସର ବାର୍ଷିକ ସାଧାରଣ ସଭା ପୁଡାଝରିଆଠାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଲ୍ୟାମ୍ପ୍ସର ସ୍ଥାୟୀ ସଭାପତି ହେମନ୍ତ ସାମରଥ ସଭାପତିତ୍ୱ କରିଥିଲେ। ପରିଚାଳନା ନିର୍ଦ୍ଦେଶକ ଶ୍ରବଣ ଗର୍ଡିଆ ବାର୍ଷିକ ବିବରଣୀ ପାଠ କରିଥିଲେ। ଗତ ୨୦୧୮-୧୯ ଆର୍ଥିକ ବର୍ଷର ଆୟବ୍ୟୟର ବିବରଣୀ ପଢ଼ି ଶୁଣାଇବା ପରେ ଆଗାମୀ ୨୦୧୯-୨୦ ବର୍ଷର ଯୋଜନା ସମ୍ପର୍କରେ ଚାଷୀମାନଙ୍କୁ ଅବଗତ କରାଇଥିଲେ। ଚଳିତ ଖରିଫ ଋତୁ ପାଇଁ ଅତିରିକ୍ତ ଦୁଇ କୋଟି ଟଙ୍କାର ଋଣ ଲଗାଣ ପାଇଁ ଧାର୍ଯ୍ୟ କରାଯାଇଛି। ଯେଉଁଥିରେ ଚାଷ ବ୍ୟତୀତ ପାୱାର ଟିଲର୍, ଟ୍ରାକ୍ଟର, ଗୃହଋଣ, ସ୍ୱୟଂ ସହାୟକ ଗୋଷ୍ଠୀଙ୍କୁ ୧ ପ୍ରତିଶତରେ ଋଣ ପ୍ରଦାନ ଭଳି ଅନେକ ଯୋଜନା କରାଯାଇଥିବା ଗର୍ଡିଆ ପ୍ରକାଶ କରିଥିଲେ। ଏଥିରେ ସରପଞ୍ଚ କ୍ଷମାଶୀଳ ମାଝୀ, ଭିଏଡବ୍ଲୁ ମେଘନାଦ ପଟେଲ, ଉପସଭାପତି ଉଷାକରଣ ମାଝୀ, ସଭ୍ୟା ଦେବକୀ ଭୋଏ, ବୈରାଗୀ ନାଏକ, ସନ୍ତୋଷ ମହାକୁଡ, ରଞ୍ଜୁ ମହାକୁଡ, ଚିନ୍ତାମଣି ଚୌଧୁରୀ ପ୍ରମୁଖ ସଭ୍ୟ ଉପସ୍ଥିତ ଥିଲେ। ସେହିପରି ଡୁମଲିଆ, ଗୋପାଳପୁର, ଝୁପୁରୁଙ୍ଗା, ରତନପୁର ପ୍ରଭୃତି ଗ୍ରାମରୁ ପ୍ରାୟ ୨ଶହରୁ ଉର୍ଦ୍ଧ୍ୱ ମହିଳା ଓ ପୁରୁଷ ଚାଷୀ ଉପସ୍ଥିତ ଥିଲେ। କୁବେର ଘୋଷୀ ଧନ୍ୟବାଦ ଦେଇଥିଲେ।

### ରଶି ଦେଇ ଯୁବତୀଙ୍କ ଆତ୍ମହତ୍ୟା

ସୁନ୍ଦରଗଡ଼, ୮।୩ (ଡି.ଏନ୍.ଏ) -ଟାଉନଥାନା ଅନ୍ତର୍ଗତ ରାଜବାଟୀ ଅଞ୍ଚଳରେ ରହୁଥିବା ଜଣେ ଯୁବତୀ ବେକରେ ରଶି ଦେଇ ଆତ୍ମହତ୍ୟା କରିଛନ୍ତି। ଅଞ୍ଜଳି ପ୍ରଧାନ (୧୮) ନାମ୍ନୀ ଏହି ଯୁବତୀ ଜଣକ ଗତ ଗୁରୁବାର ରାତିରେ ନିଜ ଘରେ ବେକରେ ରଶି ଦେଇ ଆତ୍ମହତ୍ୟା ଉଦ୍ୟମ ବେଳେ ପରିବାର ଲୋକେ ତାଙ୍କୁ ଉଦ୍ଧାର କରି ସୁନ୍ଦରଗଡ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ହେଲେ ଶୁକ୍ରବାର ସକାଳେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଥିଲା। ଟାଉନ ଥାନା ପୋଲିସ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ସକାଶେ ପଠାଇ ଏକ ଅପମୃତ୍ୟୁ ମାମଲା ରୁଜୁ କରିଛି।

ଜିଲାସ୍ତରୀୟ ଅନ୍ତର୍ଜାତୀୟ ମହିଳା ଦିବସ ପାଳିତ

# ନାରୀ ସୁରକ୍ଷା ପାଇଲେ ସମାଜ ସୁରକ୍ଷିତ ରହିବ

ସୁନ୍ଦରଗଡ଼, ୮।୩ (ଡି.ଏନ୍.ଏ)

ଯୁଗେ ଯୁଗେ ସମାଜ ବ୍ୟବସ୍ଥାରେ ମହିଳାମାନେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିଆସୁଛନ୍ତି। ପରିବାରଠାରୁ ଆରମ୍ଭ କରି ରାଷ୍ଟ୍ରର ବିକାଶରେ ମହିଳାମାନଙ୍କ ସହଭାଗିତା ରହିଆସିଛି। ଏଣୁ ନାରୀମାନେ ସୁରକ୍ଷା ପାଇଲେ ଦେଶ, ସମାଜ ସୁରକ୍ଷିତ ରହିପାରିବ ବୋଲି ଶୁକ୍ରବାର ସ୍ଥାନୀୟ ବିକାଶ ଭବନଠାରେ ଆୟୋଜିତ ଜିଲାସ୍ତରୀୟ ଅନ୍ତର୍ଜାତୀୟ ମହିଳା ଦିବସ ପାଳନ ସମାରୋହରେ ଯୋଗଦେଇ ଅତିଥିମାନେ ମତବ୍ୟକ୍ତ କରିଛନ୍ତି। ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକ ଭୂମେଶ ଚନ୍ଦ୍ର ବେହେରା ମୁଖ୍ୟ ଅତିଥି ଭାବେ ଯୋଗଦେଇ ପ୍ରଦୀପ ପ୍ରଜ୍ୱଳନ କରି କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ଜିଲା ସାମାଜିକ କଲ୍ୟାଣ ଅଧିକାରୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସମାରୋହରେ ଜିଲାର ବିଭିନ୍ନ ବ୍ଲକର ସିଡିପିଓ, ସୁପରଭାଇଜର, ଅଙ୍ଗନଓ୍ୱାଡି କର୍ମୀ, ଆଶା କର୍ମୀ, ବିଭିନ୍ନ ଶିକ୍ଷାନୁଷ୍ଠାନର ଶିକ୍ଷୟିତ୍ରୀ ଓ ଛାତ୍ରୀମାନେ ଯୋଗଦେଇ କାର୍ଯ୍ୟକ୍ରମର ପ୍ରାରମ୍ଭରେ ସମସ୍ତେ ଏକ ସ୍ୱରରେ ସମାଜରେ ନାରୀମାନଙ୍କ ସୁରକ୍ଷା ପାଇଁ ଶପଥପାଠ କରିଥିଲେ। ବକ୍ତାମାନେ ଏହି ଦିବସ ପାଳନର ତାତ୍ପର୍ଯ୍ୟ ସହ କନ୍ୟା ଭ୍ରୁଣହତ୍ୟା, ମହିଳା ସୁରକ୍ଷା ଆଇନ ବିଷୟରେ ବକ୍ତବ୍ୟ ରଖି ମହିଳାଙ୍କ ସୁରକ୍ଷା ଦିଗରେ ଯତ୍ନବାନ ହେବାକୁ ଆହ୍ୱାନ ଦେଇଥିଲେ। ମାନସିକତାର ପରିବର୍ତ୍ତନ ଉପରେ ତଥା ଚଳିତବର୍ଷର ସ୍ଲୋଗାନ ବାଲାନ୍ସ ଫର ବେଟର ଉପରେ ସମସ୍ତେ ଦୃଷ୍ଟି ଆକର୍ଷଣ କରିଥିଲେ। ସାମାଜିକ କର୍ମୀ ଶୁଭଶ୍ରୀ ରାୟ, ଆଡଭୋକେଟ ସ୍ନେହଲତା ପଟେଲ ସମ୍ମାନିତ ବକ୍ତା ଭାବେ ଯୋଗଦେଇ ସମାଜରେ ମହିଳା ମାନଙ୍କ ସ୍ଥିତି ଓ ସେମାନଙ୍କ ସୁରକ୍ଷା ଦିଗରେ ଆଲୋଚନା କରିଥିଲେ। ବିଭିନ୍ନ ଶିକ୍ଷାନୁଷ୍ଠାରୁ ଆସିଥିବା ଛାତ୍ରୀମାନେ ମଧ୍ୟ ନିଜର ବକ୍ତବ୍ୟ ରଖିଥିଲେ। ଏହି ଅବସରରେ କୃତୀ ଆଶାକର୍ମୀ ଭାବେ ପ୍ରତ୍ୟେକ ବ୍ଲକର ଜଣେ ଲେଖାଏଁ ଆଶାକର୍ମୀଙ୍କୁ ପୁରସ୍କୃତ କରାଯାଇଥିଲା। ସେହିପରି ସାନପତ୍ରାପାଲି ଏସଏଚ୍‌ଜି ଗ୍ରୁପକୁ ଶ୍ରେଷ୍ଠ ଗ୍ରୁପ ଭାବେ ପୁରସ୍କୃତ କରାଯାଇଥିଲା। ଅନ୍ୟାନ୍ୟ ପ୍ରତିଯୋଗିତାରେ ଆଭାଗ୍ରୁପର ସଭ୍ୟମାନେ ପୁରସ୍କୃତ ହୋଇଥିଲେ।




ଅନ୍ତର୍ଜାତୀୟ ମହିଳା ଦିବସ ପାଳନ ଅବସରରେ ଜଣେ ଆଶାକର୍ମୀଙ୍କୁ ପୁରସ୍କୃତ କରାଯାଉଛି।



ଦୁର୍ଘଟଣାଗ୍ରସ୍ତ ସ୍କୋର୍ପିଓ ଗାଡି।

ବାଇକ୍ ଆରୋହୀଙ୍କୁ ବଞ୍ଚାଇବାକୁ ଯାଇ ଦୁର୍ଘଟଣା

## ୯ବର୍ଷର ନାବାଳିକା ଗୁରୁତର

କୁତ୍ରା, ୮।୩ (ଡି.ଏନ.ଏ)

ସୁନ୍ଦରଗଡ ଜିଲା କୁତ୍ରା ଥାନା ଅଧିନ ରାଜ୍ୟ ରାଜପଥ-୧୦ରେ ଅବସ୍ଥିତ ବିରିଙ୍ଗାଟୋଲିଠାରେ ଶୁକ୍ରବାର ଅପରାହ୍ଣରେ ଏକ ବାଇକ ଆରୋହୀକୁ ବଞ୍ଚାଇବାକୁ ଯାଇ ଏକ ସ୍କୋର୍ପିଓ ଗାଡି ଦୁର୍ଘଟଣାଗ୍ରସ୍ତ ହୋଇଛି। ଏଥିରେ ଜ୍ୟୋତି ସିଂ ନାମକ ଜଣେ ୯ବର୍ଷର ନାବାଳିକା ଗୁରୁତର ହୋଇ ଚିକିତ୍ସିତ ହେଉଛନ୍ତି। ଗାଡିରେ ଥିବା ଅନ୍ୟ ତିନି ଜଣଙ୍କୁ ମଧ୍ୟ ଆଘାତ ଲାଗିଥିବା ଜଣାପଡିଛି। ୨ଟା ବେଳେ ଏକ ସ୍କୋର୍ପିଓ ଗାଡି ନଂ. ଓଡି ୧୪ ଏନ- ୬୯୫୨ରେ ବଣ୍ଡେମୁଣ୍ଡା ଥୋପାଡିହି ଗ୍ରାମର ବିଶ୍ୱନାଥ ସିଂ ନିଜ ଶାଳି, ବଡଝିଅ ଓ ସାନ ଝିଅ ଜ୍ୟୋତି ସିଂକୁ ନେଇ ସୁନ୍ଦରଗଡକୁ ଯାଉଥିଲେ। ତାଙ୍କ ଗାଡି ବିରିଙ୍ଗାଟୋଲି ବସଷ୍ଟାଣ୍ଡକୁ ପହଞ୍ଚିବା କ୍ଷଣି ହଠାତ ଏକ ବାଇକ ଚାଳକ ସ୍କୋର୍ପିଓ ଗାଡିର ସମ୍ମୁଖକୁ ଚାଲି ଆସିଥିଲେ। ବାଇକକୁ ବଞ୍ଚାଇବାକୁ ଯାଇ ସ୍କୋର୍ପିଓ ଡ୍ରାଇଭର ହଠାତ ବ୍ରେକ ମାରିଦେବାରୁ ସ୍କୋର୍ପିଓ ଭାରସାମ୍ୟ ହରାଇ ରାସ୍ତାକଡରେ ଥିବା ଡ୍ରେନରେ ଓଲଟି ପଡିଥିଲା। ଫଳରେ ଗାଡିରେ ବସିଥିବା ବିଶ୍ୱନାଥ ସିଂ, ତାଙ୍କ ଶାଳି ଓ ତାଙ୍କ ବଡ ଝିଅଙ୍କୁ ଆଘାତ ଲାଗିଛି। ତାଙ୍କ ସାନ ଝିଅ ଜ୍ୟୋତି ଗାଡିର ଝରକା ବାଟେ ବାହାରକୁ ଛିଟିକି ପଡିଥିଲେ। କୌଣସି ଧାରୁଆ ଜିନିଷ ବାଜିଯିବାରୁ ଜ୍ୟୋତିଙ୍କ ବେକରେ କ୍ଷତହୋଇ ରକ୍ତସ୍ରାବ ହୋଇଥିଲା। ଘଟଣା ଜଣାପଡିଲା ପରେ ସ୍ଥାନୀୟ ଲୋକେ ଜ୍ୟୋତି ସମେତ ସମସ୍ତଙ୍କୁ କୁତ୍ରା ଡାକ୍ତରଖାନାକୁ ପ୍ରାଥମିକ ଚିକିତ୍ସା ପାଇଁ ପଠାଇଥିଲେ। ସେଠାରେ ଡାକ୍ତର ସମସ୍ତଙ୍କୁ ପ୍ରାଥମିକ ଚିକିତ୍ସା କଲା ପରେ ଛାଡ଼ିଥିଲେ। ଜ୍ୟୋତିଙ୍କ ବେକରୁ ରକ୍ତସ୍ରାବ ବନ୍ଦ ନ ହେବାରୁ ତାଙ୍କୁ ଚିକିତ୍ସା ପାଇଁ ରାଉରକେଲା ସ୍ଥିତ ଆର୍‌ଜିଏଚକୁ ସ୍ଥାନାନ୍ତରିତ କରାଯାଇଥିଲା। ଖବର ପାଇ କୁତ୍ରା ପୋଲିସ ଘଟଣାସ୍ଥଳରେ ପହଞ୍ଚି ସ୍କୋର୍ପିଓ ଗାଡିକୁ ଜବତ କରିଥିବା ଜଣାପଡିଛି।

## ଶ୍ରମବିଭାଗ ତରଫରୁ ନିର୍ମାଣ ଶ୍ରମିକଙ୍କୁ ସାଇକେଲ ବଣ୍ଟନ

ସୁନ୍ଦରଗଡ, ୮।୩ (ଡି.ଏନ୍.ଏ)

ସୁନ୍ଦରଗଡ ଶ୍ରମବିଭାଗ ତରଫରୁ ବିଭିନ୍ନ ନିର୍ମାଣ ଶ୍ରମିକ ସଙ୍ଗଠନ ଜରିଆରେ ଚିହ୍ନଟ କରାଯାଇଥିବା ନିର୍ମାଣ ଶ୍ରମିକମାନଙ୍କୁ ଆବଶ୍ୟକୀୟ ଯନ୍ତ୍ରପାତି, ପୋଷାକ, ସାଇକେଲ ବଣ୍ଟନ କରାଯାଇଛି। ଶୁକ୍ରବାର ଏହି ଅବସରରେ ଆୟୋଜିତ ଏକ ଶିବିରରେ ଜିଲା ଉନ୍ନୟନ ପରିଷଦର ଅଧ୍ୟକ୍ଷା କୁସୁମ ଟେଟେ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। ସମ୍ମାନିତ ଅତିଥି ଭାବେ ଜିଲାପରିଷଦ ଅଧ୍ୟକ୍ଷା ଏମା ଏକ୍କା, ପୂର୍ବତନ ସଦର ବିଧାୟକ ଯୋଗେଶ କୁମାର ସିଂ, ତଳସରା ବିଧାୟକ ପ୍ରଫୁଲ୍ଲ ମାଝି, ରାଜଗାଙ୍ଗପୁର ବିଧାୟକ ମଙ୍ଗଳା କିଷାନଙ୍କ ପ୍ରତିନିଧି ଜୟନାରାୟଣ ତ୍ରିପାଠୀ, ଜିଲା ବିଜୁ କୃଷକ ଦଳର ସମ୍ପାଦକ ସୁନୀଲ ମହାପାତ୍ର, ପୂର୍ବତନ ନଗରପାଳ ବେଣୁଧର ତାଣ୍ଡିଆ, ପୂର୍ବତନ ଉପନଗରପାଳ ରଞ୍ଜନା ପଣ୍ଡା, ବରିଷ୍ଠ ବିଜେଡି ନେତା ଜନ୍ମେଜୟ ମହାପାତ୍ର , ଗୋପ ମହାନ୍ତି, ବୀଣା ସାହୁ, ସିପିଆଇନେତା ରାଜେନ୍ଦ୍ର ନାଏକ ପ୍ରମୁଖ ଯୋଗ ଦେଇଥିଲେ। ଜିଲା ଶ୍ରମ ଅଧିକାରୀ ହେମନ୍ତ କୁମାର ପ୍ରଧାନ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

### ଗାଡି ଭଡା ଟଙ୍କା ମାଗିବାରୁ ମାରିଦେଲେ

ନାକଟିଦେଉଳ,୮।୩(ଡି.ଏନ.ଏ.)

ନାକଟିଦେଉଳ ଥାନା ଖାରବେଡ଼ା ଗ୍ରାମର ସୁଶାନ୍ତ ବେହେରାଙ୍କୁ ଗୁରୁବାର ସନ୍ଧ୍ୟାରେ ହତ୍ୟା କରାଯାଇଛି। ସେ ଟ୍ରାକ୍ଟର ଚଳାନ୍ତି। ଗାଡି ଭଡ଼ା ଟଙ୍କା ମାଗିବାରୁ ଦୁଇ ଜଣ ବ୍ୟକ୍ତିଙ୍କ ସହ ତାଙ୍କର ବଚସା ହୋଇଥିଲା। ସେମାନେ ହତ୍ୟା ମରିଛନ୍ତି ବୋଲି ତାଙ୍କ ସ୍ତ୍ରୀ ଡୋଲା ବେହେରା ଥାନାରେ ଅଭିଯୋଗ କରିଛନ୍ତି। ଏ ନେଇ ନାକଟିଦେଉଳ ଥାନାରେ ଏକ ନଂ୨୪/୧୯ ମାମଲା ରୁଜୁ ହୋଇଛି।

## କଳାୟତନ ତରଫରୁ ପଥପ୍ରାନ୍ତ ଚିତ୍ରକଳା କର୍ମଶାଳା



କଳାୟତନ ଛାତ୍ରୀଛାତ୍ର ଛବି ଆଙ୍କୁଛନ୍ତି।

ସୁନ୍ଦରଗଡ଼, ୮।୩ (ଡି.ଏନ୍.ଏ)

ଅନ୍ତର୍ଜାତୀୟ ମହିଳା ଦିବସ ଅବସରରେ ସୁନ୍ଦରଗଡ ଚାରୁ ଓ କାରୁକଳା ମହାବିଦ୍ୟାଳୟ କଳାୟତନ ପକ୍ଷରୁ ସ୍ଥାନୀୟ ଡେଙ୍ଗିଭାଡି ଛକ ଠାରେ ଏକ ଚିତ୍ରକଳା କର୍ମଶାଳା ଅନୁଷ୍ଠିତ ହୋଇଥିଲା। ଏହି ଅବସରରେ ମହାବିଦ୍ୟାଳୟର ଛାତ୍ରୀଛାତ୍ର ଆମ ଦେଶର ବିଭିନ୍ନ କ୍ଷେତ୍ରରେ ବିଶ୍ୱଦରବାରରେ ପ୍ରତିଷ୍ଠିତ ହୋଇ ସୁନାମ ଅର୍ଜନ କରିଥିବା ବିଶିଷ୍ଟ ମହିଳା ପ୍ରତିଭାଙ୍କର ଛବି ଆଙ୍କି ପ୍ରଦର୍ଶିତ କରି ଜନସାଧାରଣଙ୍କ ମନ ମୋହିଥିଲେ। ଡେଙ୍ଗିଭାଡି ଓଲିଭ କ୍ଲବ କର୍ମକର୍ତ୍ତାଙ୍କ ସହଯୋଗରେ ମହାବିଦ୍ୟାଳୟର ଅଧ୍ୟାପକ ସୁଶାନ୍ତ ନାଏକ, କେଦାର ନାଏକ, ବୀରେନ୍ଦ୍ର ସିଂ, ନିରଞ୍ଜନ ପାତ୍ର ପ୍ରମୁଖ ଏହି କର୍ମଶାଳାକୁ ପରିଚାଳନା କରିଥିଲେ। ଅନୁଷ୍ଠାନର ଉପସଭାପତି ଡ. ଦିଲୀପ କୁମାର ହାତୀ, ସମ୍ପାଦକ ଶିଳ୍ପୀ ଶୀତଳ କୁମାର ମହାପାତ୍ର କାର୍ଯ୍ୟକ୍ରମର ସଫଳତା ପାଇଁ ସମସ୍ତ ଛାତ୍ରୀଛାତ୍ର, ଅଧ୍ୟାପକ ଓ ଜନସାଧାରଣଙ୍କୁ ଧନ୍ୟବାଦ ଦେଇଥିଲେ।

## କେନ୍ଦ୍ର ଆଦିବାସୀ ମନ୍ତ୍ରଣାଳୟ ତରଫରୁ ୩ ଦିନିଆ ଆଦି ଉତ୍ସବ ଉଦ୍‌ଯାପିତ



ଆଦି ଉତ୍ସବର ଉଦ୍‌ଯାପନୀ ସନ୍ଧ୍ୟାରେ ପରିବେଷିତ ଆଦିବାସୀ ନୃତ୍ୟ।

ସୁନ୍ଦରଗଡ, ୮।୩ (ଡି.ଏନ୍.ଏ)

କେନ୍ଦ୍ର ଆଦିବାସୀ ମନ୍ତ୍ରଣାଳୟ ଆନୁକୂଲ୍ୟରେ ଭାରତୀୟ ଜନଜାତୀୟ ସହକାରୀ ବିପଣନ ବିକାଶ ସଂଘ (ଟ୍ରାଇବସ ଇଣ୍ଡିଆ) ସହଯୋଗରେ ସ୍ଥାନୀୟ ରଂଗାଢିପା ରାବଣପୋଡି ପଡିଆଠାରେ ଗତ ୩ଦିନ ଧରି ଚାଲିଥିବା ରାଷ୍ଟ୍ରୀୟ ଜନଜାତି ପର୍ବ ଆଦି ମହୋତ୍ସବ ଶୁକ୍ରବାର ସନ୍ଧ୍ୟାରେ ଉଦଯାପିତ ହୋଇଯାଇଛି। ବୁଧବାର କେନ୍ଦ୍ର ଆଦିବାସୀ ବ୍ୟାପାର ମନ୍ତ୍ରୀ ଜୁଏଲ ଓରାମ ଏହି ମହୋତ୍ସବକୁ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିଲେ। ଏହି ମହୋତ୍ସବରେ ୩୦ଟି ଷ୍ଟଲରେ ଓଡିଶା ସମେତ ଝାଡଖଣ୍ଡ ଓ ପଶ୍ଚିମବଙ୍ଗରୁ ଆସିଥିବା ଆଦିବାସୀମାନଙ୍କ ଦ୍ୱାରା ପ୍ରସ୍ତୁତ ହସ୍ତକଳା ଓ ହସ୍ତତନ୍ତ ସାମଗ୍ରୀ ପ୍ରଦର୍ଶନୀ ଓ ବିକ୍ରୟ ମେଳା ଆୟୋଜିତ ହୋଇଥିଲା। ପ୍ରତ୍ୟହ ସକାଳ ୯ଟାରୁ ରାତି ୯ଟା ପର୍ଯ୍ୟନ୍ତ ଆୟୋଜିତ ଏହି ମହୋତ୍ସବରେ ସନ୍ଧ୍ୟାରେ ୫୦ଟି ଆଦିବାସୀ ନୃତ୍ୟ ଦଳ ପାରମ୍ପରିକ ନୃତ୍ୟ ପରିବେଷଣ କରିଥିଲେ।

## ମାନବାଧିକାର ସଙ୍ଗଠନ ତରଫରୁ ଜିଲାପାଳଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା, ଆଲୋଚନା

ସୁନ୍ଦରଗଡ଼, ୮।୩ (ଡି.ଏନ୍.ଏ)

ଅନ୍ତର୍ଜାତୀୟ ମହିଳା ଦିବସ ଅବସରରେ ଭାରତୀୟ ମାନବାଧିକାର ସଙ୍ଗଠନ ସୁନ୍ଦରଗଡ ଶାଖା ତରଫରୁ ଏକ ପ୍ରତିନିଧି ଦଳ ନୂତନ ଜିଲାପାଳ ରଶ୍ମିତା ପଣ୍ଡାଙ୍କୁ ସାକ୍ଷାତ କରି ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ ସମ୍ବର୍ଦ୍ଧନା ଜଣାଇଛନ୍ତି। ଏହି ଅବସରରେ ସଙ୍ଗଠନ ତରଫରୁ ଜିଲାପାଳଙ୍କ ସହିତ ମାନବାଧିକାରର ସୁରକ୍ଷା ନିମନ୍ତେ ଆବଶ୍ୟକ ବିଭିନ୍ନ ପଦକ୍ଷେପ ସମ୍ପର୍କରେ ଆଲୋଚନା ହୋଇଥିଲା। ଏଥିସହିତ ମାନବ ଅଧିକାରର ସୁରକ୍ଷା ସମ୍ବନ୍ଧରେ ଜିଲା ପ୍ରଶାସନର ପ୍ରତିବଦ୍ଧତା ସମ୍ପର୍କରେ ଜିଲାପାଳ ସୂଚନା ଦେଇଥିଲେ। ଏତଦ୍ ବ୍ୟତୀତ କିରେଇସ୍ଥିତ ସୁନ୍ଦରଗଡ ଆଇଟିଟିରେ ଚାଲୁଥିବା ବହିଷ୍କୃତ ଅଧ୍ୟାପକ ଓ କର୍ମଚାରୀମାନଙ୍କର ଆନ୍ଦୋଳନ ଏବଂ ତତ୍‌ଜନିତ ଛାତ୍ରୀଛାତ୍ରଙ୍କର ପାଠପଢାରେ ହେଉଥିବା ସମସ୍ୟା ସମ୍ପର୍କରେ ମଧ୍ୟ ଜିଲାପାଳଙ୍କ ଦୃଷ୍ଟି ଆକର୍ଷଣ କରାଯାଇଥିଲା। ସଙ୍ଗଠନର ସଭାପତି ହରିଶଙ୍କର ସେଠ, ଉପସଭାପତି ରାଜେଶ ଶର୍ମା, ସଦସ୍ୟ ସମସେର ଖାନ୍, ଅଶୋକ ନାଏକ ଓ ଆଇନ ପରାମର୍ଶଦାତା ଯୁବ ଆଇନଜୀବୀ ପ୍ରଣବ କୁମାର ସିଂ ପ୍ରମୁଖ ଏହି ପ୍ରତିନିଧି ଦଳରେ ସାମିଲ ହୋଇ ଜିଲାପାଳଙ୍କ ସହିତ ସାକ୍ଷାତ ଆଲୋଚନା କରିଥିଲେ।



ମାନବାଧିକାର ସଙ୍ଗଠନ ତରଫରୁ ନୂତନ ଜିଲାପାଳଙ୍କୁ ସମ୍ବର୍ଦ୍ଧନା ଜଣାଯାଉଛି।

### ଦୁର୍ବୃତ୍ତଙ୍କ ଆକ୍ରମଣରେ ସାଇକେଲ ଆରୋହୀ ମୃତ

ନାକଟିଦେଉଳ,୮।୩(ଡି.ଏନ.ଏ.)

ନାକଟିଦେଉଳ ଥାନା ଅଧୀନ କେଉଟବେର୍ଣ୍ଣୀ ଗ୍ରାମର ବନମାଳି ରାଉତଙ୍କୁ ଗୁରୁବାର ସନ୍ଧ୍ୟାରେ କେହି ଆକ୍ରମଣ କରିବାକୁ ତାଙ୍କର ମୃତ୍ୟୁ ଘଟିଛି। ସେ ସାଇକେଲରେ ନିଜ ଘରକୁ ଫେରୁଥିଲେ। ଗାଁ ସ୍କୁଲ ନିକଟ ସାମନା ରାସ୍ତାରେ କେହି ତାଙ୍କ ମୁଣ୍ଡକୁ ଆକ୍ରମଣ କରି ଫେରାର ମାରିଥିଲେ। ମୁଣ୍ଡ ଫାଟି ସେ ପଡ଼ିଯାଇଥିଲେ। ରାସ୍ତାରେ ଯାଉଥିବା କିଛି ଲୋକ ରକ୍ତାକ୍ତ ଭାବେ ଦେଖି ଘର ଲୋକଙ୍କୁ ଖବର ଦେଇଥିଲେ।

## ଅନ୍ତର୍ଜାତୀୟ ମହିଳା ଦିବସ ପାଳିତ

ବାଲିଶଙ୍କରା, ୮।୩ (ଡି.ଏନ.ଏ)

ବାଲିଶଙ୍କରା ବ୍ଲକର ସଭା ଗୃହରେ ଅଗ୍ରଣୀ ମିଶନଶକ୍ତି ମହା ସଂଘର ସଭାପତି ଜୟନ୍ତି ଏକ୍କାଙ୍କ ନେତୃତ୍ୱରେ ବାଲିଶଙ୍କରା ବ୍ଲକସ୍ତରୀୟ ମହିଳା ଦିବସ ପାଳିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ବିଧାୟକ ପ୍ରଫୁଲ୍ଲ ମାଝି ଯୋଗଦେଇ ଆନୁଷ୍ଠାନିକ ଭାବେ ଶୁଭାରମ୍ଭ କରିଥିଲେ। ସେ କହିଥିଲେ, ଯେତେବେଳ ପର୍ଯ୍ୟନ୍ତ ମହିଳାଙ୍କୁ ବିକାଶର ସର୍ବୋଚ୍ଚ ସ୍ତରକୁ ପହଞ୍ଚିବାକୁ ଦିଆଯାଇନାହିଁ ସେ ପର୍ଯ୍ୟନ୍ତ ପୁରୁଷମାନେ ସମ୍ପୂର୍ଣ୍ଣ ବିକାଶକୁ ପ୍ରାପ୍ତ କରି ପାରିବେ ନାହିଁ। ସମ୍ମାନିତ ଅତିଥି ଭାବେ ବ୍ଲକ ଅଧକ୍ଷା ତ୍ରିବେଣୀ ମାଝି, ପୂର୍ବତନ ଅଧକ୍ଷା କୁଞ୍ଜଲତା ଭିତ୍ରିଆ, ଜୟନ୍ତୀ ଏକ୍କା, ସଂଯୁକ୍ତା ଦାସ, ସିଡିପିଓ ପ୍ରତିମା ତନ୍ତି, ଅନଙ୍ଗ ପଟେଲ, ଉର୍ମିଳା ବାଗ, ଉମା ବାଙ୍ଗରା, ଯଶୋଦା ପଟେଲ, ଜୟଶ୍ରୀ ଦାସ, ପ୍ରଦୀପ ନନ୍ଦ, ଅନୀଲ ବାଘ ପ୍ରମୁଖ ଯୋଗଦେଇ ନିଜ ବକ୍ତବ୍ୟ ପ୍ରଦାନ କରିଥିଲେ। ପରେ ମହିଳାମାନଙ୍କ ଭିତରେ କୁଇଜ, ହୁଳହୁଳି, ଗୀତ ପ୍ରତିଯୋଗିତା କରାଯାଇଥିଲା। ଏଥିରେ ଉତ୍ତୀର୍ଣ୍ଣ ହୋଇଥିବା ମହିଳାଙ୍କୁ ମାନପତ୍ର ସହିତ ପୁରସ୍କୃତ କରାଯାଇଥିଲା। ପ୍ରଥମରେ ମହିଳାଙ୍କ ଦ୍ୱାରା ସ୍ୱାଗତ ସଙ୍ଗୀତ ପରିବେଷଣ କରାଯାଇଥିଲା। ଶେଷରେ ଅନଙ୍ଗ ପଟେଲ ଧନ୍ୟବାଦ ଦେଇଥିଲେ।



ମହିଳା ଦିବସ ପାଳନ ଅବସରରେ ମଞ୍ଚାସୀନ ଅତିଥି, ବକ୍ତା।

## ମିଶନଶକ୍ତି ଋଣ, ଯୋଜନାର ବୈଶିଷ୍ଟ୍ୟନେଇ ସଚେତନତା ସଭା

ବଡ଼ଗାଁ, ୮।୩ (ଡି.ଏନ.ଏ)

ସୁନ୍ଦରଗଡ ଜିଲା ବଡଗାଁ ସମନ୍ୱିତ ଶିଶୁ ବିକାଶ ଯୋଜନା (ଆଇସିଡିଏସ) କାର୍ଯ୍ୟାଳୟରେ ଶୁକ୍ରବାର ଆନ୍ତର୍ଜାତିକ ମହିଳା ଦିବସ, ମିଶନଶକ୍ତି ଋଣ ଏବଂ ଯୋଜନାର ବୈଶିଷ୍ଟ ଉପରେ ସଚେତନତା ସଭା ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟକ୍ରମରେ ବ୍ଲକ ଅଧକ୍ଷା ପୁଷ୍ପାଞ୍ଜଳି ମିଞ୍ଜ, ବିଡିଓ କ୍ଷେମାନିଧି ଭୋଇ, ସିଡିପିଓ ମିନତୀ ମହାପାତ୍ର, ବିଏସଏସଓ ଅମ୍ବିକା ନାଏକ, ବିପିଏମ ରାଜେଶ କୁମାର କୁଲୁ ଅତିଥି ଭାବେ ଯୋଗଦେଇଥିଲେ। ଏହି କାର୍ଯ୍ୟକ୍ରମରେ ସିଡିପିଓ ମହାପାତ୍ର ମହିଳାମାନେ ଜାତୀୟ, ଅନ୍ତର୍ଜାତୀୟ ସ୍ତରରେ କିପରି ନିଜ ଦକ୍ଷତା ପ୍ରତିପାଦନ କରିପାରିଛନ୍ତି କହିବା ସହିତ ସ୍ୱୟଂ ସହାୟକ ଗୋଷ୍ଠୀମାନଙ୍କୁ ବ୍ୟାଙ୍କ ସହିତ ସଂଯୋଗୀକରଣ ଏବଂ ଋଣ ପ୍ରଦାନରେ ସହାୟତା ଉପରେ ବୁଝାଇଥିଲେ। ୨୦୧୫ ଏପ୍ରିଲ ୧ ପରଠାରୁ ବ୍ୟାଙ୍କରୁ ଋଣ ନେଇ ନିୟମିତ କିସ୍ତି ପରିଶୋଧ କରୁଥିବା ଏସ୍‌ଏଚ୍‌ଜି ଉକ୍ତ ଯୋଜନାରେ ୩ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଋଣ ରାଶି ନେଇପାରିବେ ଓ ଏହା ଉପରେ ବାର୍ଷିକ ୧ ପ୍ରତିଶତ ହାରରେ ସୁଧ ସୁବିଧା ପାଇବେ। ପ୍ରଚଳିତ ସୁଧ ହାରରେ ନିୟମିତ କିସ୍ତି ପରିଶୋଧ କରୁଥିଲେ ରାଜ୍ୟ ସରକାର ବାର୍ଷିକ ୧ପ୍ରତିଶତ ସୁଧରାଶିକୁ ଫେରାଇବା ବ୍ୟବସ୍ଥା ଥିବା ସିଡିପିଓ ସୂଚିତ କରିଥିଲେ। ବିପିଏମ କୁଲୁ ଏସ୍‌ଏଚଜିମାନଙ୍କୁ ଦିଆଯାଉଥିବା ବିଭିନ୍ନ ତାଲିମ ଉପରେ ବୁଝାଇଥିଲେ। ବିଡିଓ ଭୋଇ ମହିଳା ସଶକ୍ତିକରଣର ଆବଶ୍ୟକତା ଓ ଏହା କିପରି ମହିଳାମାନଙ୍କୁ ରୋଜଗାରକ୍ଷମ, ଦକ୍ଷତା ବୃଦ୍ଧି କରିବାରେ ସହାୟକ ହୋଇଛି ବୁଝାଇଥିଲେ। ବ୍ଲକ ଅଧକ୍ଷା ମିଞ୍ଜ, ଏସଏଚଜିମାନେ ନିୟମିତ ସଭା କରିବା, ଠିକ ସମୟରେ ଋଣ ପରିଶୋଧ ଓ ଯୋଜନାର ଲାଭ କିପରି ଉଠାଇବେ ସେ ନେଇ ବୁଝାଇଥିଲେ। ଆନ୍ତର୍ଜାତିକ ମହିଳା ଦିବସ ପାଳନ ଅବସରରେ ବିଭିନ୍ନ ପ୍ରତିଯୋଗିତା ହୋଇଥିଲା। ଝୋଟି ପ୍ରତିଯୋଗିତାରେ ବୁଦନା ଚନ୍ଦ୍ର ହାସିନୀ ଏସଏଚଜିର ସନ୍ତୋଷିନୀ ପ୍ରଧାନ, ପାଣ୍ଡେରପାଲି ଜ୍ୟୋତି ଏସଏଚଜିର ହେମାମାଳିନୀ ନାଏକ, ଶଙ୍ଖ ଫୁଙ୍କିବାରେ ରୂନଗାଁ ରାଜଶ୍ରୀ ଏସଏଚଜିର ସୁପ୍ରଭା ସାରପଟିଆ ଓ ସୁନିତା ଆପଟ, ହୁଳହୁଳିରେ ବଡଗାଁ ବସ୍ତି ସ୍ମୃତି ଏସଏଚଜିର ସନ୍ଧ୍ୟାରାଣୀ ରାଉତ, ବୁଦନା ଚନ୍ଦ୍ରହାସିନୀ ଏସଏଚଜିର ସନ୍ତୋଷିନୀ ପ୍ରଧାନ ଯଥାକ୍ରମେ ପ୍ରଥମ ଓ ଦ୍ୱିତୀୟ ସ୍ଥାନ ପାଇ ପୁରସ୍କୃତ ହୋଇଥିଲେ।



ବ୍ଲକ ଅଧକ୍ଷା ଓ ସିଡିପିଓ ଝୋଟି ପ୍ରତିଯୋଗିତା ଦେଖୁଛନ୍ତି।

ବଡ଼ଗାଁ ଆଇସିଡିଏସ୍